# ପ୍ରଥମ ଏକକ

# ଗଦ୍ୟ

## ଇତିହାସ

ବିଶ୍ୱନାଥ କର

eSikhay.in

## ପ୍ରଶ୍ନାବଳୀ

**(କ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

**ପ୍ର.୧. ମନୁଷ୍ୟତ୍ୱର ବିଶେଷ ଲକ୍ଷଣ କ'ଣ ?**
(ଆତ୍ମଜ୍ଞାନ ଲାଭ, ତତ୍ତ୍ୱନିରୂପଣ ପ୍ରୟାସ, ଅନ୍ତର୍ଦୃଷ୍ଟି, ଈଶ୍ୱର ଚିନ୍ତା) **ଉ.** ତତ୍ତ୍ୱନିରୂପଣ ପ୍ରୟାସ

**ପ୍ର.୨. କେଉଁ ଶ୍ରେଣୀର ମନୁଷ୍ୟ ପୃଥିବୀର ନାନାବସ୍ତୁ ଦର୍ଶନ କରନ୍ତି ଓ ସମ୍ଭୋଗ କରନ୍ତି ?**
(ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ) **ଉ.** ପ୍ରଥମ

**ପ୍ର.୩. କେଉଁ ଶ୍ରେଣୀର ମନୁଷ୍ୟମାନଙ୍କଠାରେ ବସ୍ତୁର ତତ୍ତ୍ୱ ନିରୂପଣ କରିବା ବିଷୟରେ ପ୍ରୟାସ ଦେଖାଯାଏ ନାହିଁ ?**
(ଏକ ଶ୍ରେଣୀ, ଦୁଇ ଶ୍ରେଣୀ, ପଞ୍ଚମ ଶ୍ରେଣୀ, ଅଷ୍ଟମ ଶ୍ରେଣୀ) **ଉ.** ଏକ ଶ୍ରେଣୀ

**ପ୍ର.୪. ଅନନ୍ତ ପ୍ରକୃତି ସାଙ୍ଗରେ କାହାର ନିତ୍ୟ ଯୋଗ ।**
(ମନୁଷ୍ୟ, ଈଶ୍ୱର, ପଶୁ, ପକ୍ଷୀ) **ଉ.** ମନୁଷ୍ୟ

**ପ୍ର.୫. କେଉଁ ସମ୍ବନ୍ଧରୁ ବିଚ୍ଛିନ୍ନ ହେଲେ ମଣିଷ ଜୀବନର ମୂଲ୍ୟ କିଛି ରହେ ନାହିଁ ?**
(ବର୍ତ୍ତମାନ, ଅନନ୍ତ ଅତୀତ, ଆଧ୍ୟାତ୍ମିକ, ବୈଷୟିକ) **ଉ.** ଅନନ୍ତ ଅତୀତ

**ପ୍ର.୬. ପାଦମୂଳରୁ ନିମ୍ନ ଦେଶକୁ ଅବତରଣ କଲେ କ'ଣ ଦେଖିବ ?**
(ନରକଙ୍କାଳ, ଦୁଃଖ, ମନ, ପୃଥିବୀ) **ଉ.** ନରକଙ୍କାଳ

**ପ୍ର.୭. କେଉଁ ରାଷ୍ଟ୍ର ବିପ୍ଳବ କଥା ସ୍ମରଣ କଲେ ଆମ୍ଭମାନଙ୍କର ହୃତ୍‌କମ୍ପ ହୁଏ ?**
(ଅସହଯୋଗ ଆନ୍ଦୋଳନ, ସିପାହୀ ବିଦ୍ରୋହ, ଫରାସୀ ରାଷ୍ଟ୍ରବିପ୍ଳବ, ଭୂଦାନ ଆନ୍ଦୋଳନ)
**ଉ.** ଫରାସୀ ରାଷ୍ଟ୍ରବିପ୍ଳବ

**ପ୍ର.୮. ବର୍ତ୍ତମାନ ମାନବ ସମାଜ ଦେହରେ କେଉଁ ମାନବ ସମାଜର ଭାବରାଶି ନିହିତ ଥିବାର ପ୍ରତ୍ୟକ୍ଷ ହୁଏ ?**
(ସାଂପ୍ରତିକ, ଅତୀତ, ଭାବାନ୍ତର, କାଳାନ୍ତର) **ଉ.** ଅତୀତ

**ପ୍ର.୯. ମାନବର ପ୍ରକୃତ ଉନ୍ନତି କାହା ସଙ୍ଗେ ଘନିଷ୍ଠ ଭାବରେ ସମ୍ବନ୍ଧ ?**
(ସତ୍ୟ, ମିଥ୍ୟା, ପାପ, ପୁଣ୍ୟ) **ଉ.** ସତ୍ୟ

**ପ୍ର.୧୦. ମଣିଷ ଜୀବନର ସମସ୍ତ ଘଟଣାର ଲକ୍ଷ୍ୟ ଓ ଗତି କେଉଁଆଡ଼କୁ ?**
(ଏକ, ଦୁଇ, ଭିନ୍ନ, ବିଭିନ୍ନ) **ଉ.** ଏକ

**ପ୍ର.୧୧. ପ୍ରକୃତ ପକ୍ଷେ ଜଗତର କୌଣସି ଘଟଣା ________ ଶୂନ୍ୟ ନୁହେଁ ?**
(ଭାବ, ଅର୍ଥ, କାମ, ମୋକ୍ଷ) **ଉ.** ଅର୍ଥ

**ପ୍ର.୧୨. ସମାଜର ସମସ୍ତ ବ୍ୟାପାର କାହାର ଅନ୍ତର୍ଭୁକ୍ତ ?**
(ଇତିହାସ, ପୁରାଣ, ବିଜ୍ଞାନ, ଦର୍ଶନ) **ଉ.** ଇତିହାସ

**ପ୍ର.୧୩. ବ୍ୟକ୍ତିଗତ ଜୀବନ ଇତିହାସକୁ ଆମ୍ଭେମାନେ କେଉଁ ଆଖ୍ୟା ପ୍ରଦାନ କରିଥାଉ ?**
(ଆତ୍ମଜୀବନୀ, ଜୀବନଚରିତ, ଆତ୍ମଲିପି, ଜୀବନାୟନ) **ଉ.** ଜୀବନ ଚରିତ

**ପ୍ର.୧୪. ପ୍ରସିଦ୍ଧ ପଣ୍ଡିତ ପ୍ରଚଳିତ ଇତିହାସକୁ ଗଭୀରତା ଶୂନ୍ୟ କେଉଁ ଗଳ୍ପ ବୋଲି କହିଛନ୍ତି ?**
(ଆଇମା ଗଳ୍ପ, ଅସୁର ଅସୁରଣୀ ଗଳ୍ପ, ଗାଳଗଳ୍ପ, ଗ୍ରାମ୍ୟଗଳ୍ପ) **ଉ.** ଗ୍ରାମ୍ୟଗଳ୍ପ

**ପ୍ର.୧୫. ଆମ୍ଭମାନଙ୍କ ଦେଶରେ ଇତିହାସ ବର୍ଣ୍ଣନା ବେଳେ କାହାର ମାତ୍ର ଅତ୍ୟନ୍ତ ଅଧିକ ?**
(ଭାବନା, କଳ୍ପନା, ସ୍ୱପ୍ନ, ବାସ୍ତବତା) **ଉ.** କଳ୍ପନା

**ପ୍ର.୧୬. ପ୍ରାଚୀନ କେଉଁ ଶାସ୍ତ୍ର ଐତିହାସିକ ସତ୍ୟରେ ପରିପୂର୍ଣ୍ଣ ?**
(ଧର୍ମ, ଚିକିତ୍ସା, କାବ୍ୟ, ନାଟ୍ୟ) **ଉ.** ଧର୍ମ

**ପ୍ର.୧୭. ଇତିହାସକୁ କେତେଗୁଡ଼ିଏ ଘଟଣାର ________ ବୋଲି କୁହାଯାଏ ।**
(କଳ୍ପନା, ସମଷ୍ଟି, ପୁରାଣ, ବର୍ଣ୍ଣନା) **ଉ.** ସମଷ୍ଟି

**ପ୍ର.୧୮. ମନୁଷ୍ୟମାନଙ୍କ ମଧ୍ୟରେ ପ୍ରକୃତିଗତ କ'ଣ ବିଦ୍ୟମାନ ।**
(ସୌସାଦୃଶ୍ୟ, ତୁଳନା, ବିଚାର, ବାସ୍ତବତା) **ଉ.** ସୌସାଦୃଶ୍ୟ

**ପ୍ର.୧୯. କେଉଁ ଶିକ୍ଷା ମଣିଷ ପାଇଁ ଅଧିକ ଉପଯୋଗୀ ।**
(ଉପଦେଶାତ୍ମକ ଶିକ୍ଷା, କାଳ୍ପନିକ ଶିକ୍ଷା, ଦୃଷ୍ଟାନ୍ତ ଶିକ୍ଷା, ବର୍ଣ୍ଣନାତ୍ମକ ଶିକ୍ଷା) **ଉ.** ଉପଦେଶାତ୍ମକ ଶିକ୍ଷା

**ପ୍ର.୨୦. 'ପତନ' କଥାଟି କେଉଁ ବ୍ୟକ୍ତିର ମସ୍ତକରେ ଉଜ୍ଜ୍ୱଳାକ୍ଷରେ ଲିଖିତ ହୋଇଅଛି ।**
(ଅହଙ୍କାରୀ, ମିଥ୍ୟାବାଦୀ, ସତ୍ୟବାଦୀ, କାଳ୍ପନିକ) **ଉ.** ଅହଙ୍କାରୀ

**ପ୍ର.୨୧. କେଉଁ ମାନବ ପୃଥିବୀର ବିପରୀତ ଭାବ ଦର୍ଶନ କରି ଅବିଶ୍ୱାସୀ ହୁଏ ।**
(ଧାର୍ମିକ, ବିଶ୍ୱାସୀ, ଅପରିଣାମଦର୍ଶୀ, ପାରଦର୍ଶୀ) **ଉ.** ଅପରିଣାମଦର୍ଶୀ

**ପ୍ର.୨୨. କାହାକୁ ଦ୍ୱିତୀୟ ଶିକ୍ଷକ ବୋଲି କୁହାଯାଇଛି ?**
(ବେଦ, ଇତିହାସ, ବାଇବେଲ, କୋରାନ) **ଉ.** ଇତିହାସ

**ପ୍ର.୨୩. ପ୍ରୟୋଜନୀୟ ବସ୍ତୁ ଲାଭ ପାଇଁ କାହାକୁ କଷ୍ଟ ଓ ଯାତନା ଭୋଗ କରିବାକୁ ପଡ଼ିଛି ?**
(ଈଶ୍ୱର, ପରମପିତା, ମହାପୁରୁଷ, ଅସୁର) **ଉ.** ମହାପୁରୁଷ

**ପ୍ର.୨୪. ଅତୀତର ସନ୍ତାନ ଭବିଷ୍ୟତର କେଉଁ ରୂପରେ ଦଣ୍ଡାୟମାନ ?**
(ପିତା, ମାତା, ଭ୍ରାତା, ଦାତା) **ଉ.** ପିତା

**ପ୍ର.୨୫. କାହାର କାର୍ଯ୍ୟ କଦାପି ଅସମ୍ପନ୍ନ ରହିବ ନାହିଁ ?**
(ବିଧାତା, ଜନତା, ଲୋକତନ୍ତ୍ର, ଗଣତନ୍ତ୍ର) **ଉ.** ଆଦେଶ

**ପ୍ର.୨୬. ବିଧାତା କାହାକୁ ଉଚ୍ଚ ଅଧିକାର ଦିଅନ୍ତି ?**
(ଯୋଗ୍ୟଲୋକ, ନିରକ୍ଷର, ସାକ୍ଷର, ଅଯୋଗ୍ୟ ଲୋକ) **ଉ.** ଯୋଗ୍ୟଲୋକ

**ପ୍ର.୨୭. ଈଶ୍ୱର ଆମ୍ଭମାନଙ୍କ ଦେଶକୁ କେଉଁ ଅନୁରାଗ ହସ୍ତରୁ ଉଦ୍ଧାର କରନ୍ତୁ ?**
(ସରଳ, ବିକୃତ, ଅବସନ୍ନ, ନିଜସ୍ୱ) **ଉ.** ବିକୃତ

**(ଖ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

**ପ୍ର.୧. ସଂସାରରେ ସାଧାରଣତଃ କେତେ ଶ୍ରେଣୀର ମନୁଷ୍ୟ ଦୃଷ୍ଟ ହୁଅନ୍ତି ?**
**ଉ.** ସଂସାରରେ ସାଧାରଣତଃ ଦୁଇ ଶ୍ରେଣୀର ମନୁଷ୍ୟ ଦୃଷ୍ଟ ହୁଅନ୍ତି ।

**ପ୍ର.୨. କେଉଁ ଶ୍ରେଣୀର ମନୁଷ୍ୟ ପୃଥିବୀର ନାନା ବସ୍ତୁ ଦର୍ଶନ କରନ୍ତି ?**
**ଉ.** ଏକ ଶ୍ରେଣୀର ମନୁଷ୍ୟ ପୃଥିବୀର ନାନା ବସ୍ତୁ ଦର୍ଶନ କରନ୍ତି ।

**ପ୍ର.୩. କେଉଁ ଶ୍ରେଣୀର ମନୁଷ୍ୟମାନଙ୍କ ଠାରେ ପୃଥିବୀର କୌଣସି ବସ୍ତୁର ତତ୍ତ୍ୱ ନିରୂପଣର ପ୍ରୟାସ ଦେଖାଯାଏ ନାହିଁ ?**

ଉ. ପ୍ରଥମ ବା ଏକ ଶ୍ରେଣୀର ମନୁଷ୍ୟମାନଙ୍କ ଠାରେ ପୃଥିବୀର କୌଣସି ବସ୍ତୁର ତତ୍ତ୍ୱ ନିରୂପଣର ପ୍ରୟାସ ଦେଖାଯାଏ ନାହିଁ ।

**ପ୍ର.୪. କେଉଁ ଶ୍ରେଣୀର ମନୁଷ୍ୟ ସୂକ୍ଷ୍ମଦୃଷ୍ଟି ସଂପନ୍ନ ଓ ଚିନ୍ତାଶୀଳ ?**

ଉ. ଅପର ଶ୍ରେଣୀର ମନୁଷ୍ୟ ସୂକ୍ଷ୍ମଦୃଷ୍ଟି ସଂପନ୍ନ ଓ ଚିନ୍ତାଶୀଳ ।

**ପ୍ର.୫. କେଉଁ ଶ୍ରେଣୀର ଲୋକମାନଙ୍କ ଦ୍ୱାରା ପୃଥିବୀର ନାନାବିଧ ଉନ୍ନତି ସଂସାଧିତ ହୁଏ ?**

ଉ. ଅପର ଶ୍ରେଣୀର ଲୋକମାନଙ୍କ ଦ୍ୱାରା ପୃଥିବୀର ନାନାବିଧ ଉନ୍ନତି ସଂସାଧିତ ହୁଏ ।

**ପ୍ର.୬. ଚିନ୍ତାଶୀଳତା ସୂକ୍ଷ୍ମଦୃଷ୍ଟି ବା ତତ୍ତ୍ୱ ନିରୂପଣ ପ୍ରୟାସ କାହାର ବିଶେଷ ଲକ୍ଷଣ ?**

ଉ. ଚିନ୍ତାଶୀଳତା ସୂକ୍ଷ୍ମଦୃଷ୍ଟି ବା ତତ୍ତ୍ୱ ନିରୂପଣ ପ୍ରୟାସ ମନୁଷ୍ୟତ୍ୱର ବିଶେଷ ଲକ୍ଷଣ ।

**ପ୍ର.୭. ମାନବ ସମାଜର ବୈଷୟିକ ଓ ଆଧ୍ୟାତ୍ମିକ ଉନ୍ନତି କାହା ପ୍ରଭାବରେ ସଂସାଧିତ ହେଉଛି ?**

ଉ. ଚିନ୍ତାଶୀଳ ସୂକ୍ଷ୍ମଦୃଷ୍ଟି ବା ତତ୍ତ୍ୱ ନିରୂପଣ ପ୍ରଭାବରେ ମାନବ ସମାଜର ବୈଷୟିକ ଓ ଆଧ୍ୟାତ୍ମିକ ଉନ୍ନତି ସଂସାଧିତ ହେଉଛି ।

**ପ୍ର.୮. ମନୁଷ୍ୟ କାହାର ପ୍ରତିକୃତି ?**

ଉ. ମନୁଷ୍ୟ ଅନନ୍ତ ଦେବଙ୍କର ପ୍ରତିକୃତି ।

**ପ୍ର.୯. ପ୍ରକୃତିସ୍ଥ ମନୁଷ୍ୟର ମନ କିପରି ?**

ଉ. ପ୍ରକୃତିସ୍ଥ ମନୁଷ୍ୟର ମନ ନିତ୍ୟ କ୍ରିୟାଶୀଳ ।

**ପ୍ର.୧୦. ଅନନ୍ତ ପ୍ରକୃତି ସଙ୍ଗେ କାହାର ନିତ୍ୟ ଯୋଗ ହୋଇଥାଏ ?**

ଉ. ଅନନ୍ତ ପ୍ରକୃତି ସଙ୍ଗେ ମନୁଷ୍ୟ ମନର ନିତ୍ୟ ଯୋଗ ।

**ପ୍ର.୧୧. ଅନନ୍ତ ଅତୀତ ଓ ଅନନ୍ତ ଭବିଷ୍ୟତ ସଙ୍ଗେ କାହାର ଘନିଷ୍ଠ ଭାବରେ ସମ୍ବନ୍ଧ ?**

ଉ. ଅନନ୍ତ ଅତୀତ ଓ ଅନନ୍ତ ଭବିଷ୍ୟତ ସଙ୍ଗେ ବର୍ତ୍ତମାନର ଜୀବ ହୋଇ ସୁଦ୍ଧା ମଣିଷର ଘନିଷ୍ଠ ସମ୍ବନ୍ଧ ।

**ପ୍ର.୧୨. କେଉଁ ସମ୍ବନ୍ଧରୁ ବିଚ୍ଛିନ୍ନ ହେଲେ ମଣିଷ ଜୀବନର କିଛି ମୂଲ୍ୟ ରହିବ ନାହିଁ ?**

ଉ. ଅନନ୍ତ ଅତୀତ ଓ ଅନନ୍ତ ଭବିଷ୍ୟତ ସମ୍ବନ୍ଧରୁ ବିଚ୍ଛିନ୍ନ ହେଲେ ମଣିଷ ଜୀବନର କିଛି ମୂଲ୍ୟ ରହିବ ନାହିଁ ।

**ପ୍ର.୧୩. ବର୍ତ୍ତମାନ ଯାହାକିଛି ଆମର ନୟନଗୋଚର ହୁଏ, ସମସ୍ତେ କାହାର ସନ୍ତାନ ?**

ଉ. ବର୍ତ୍ତମାନ ଆମର ନୟନଗୋଚର ହେଉଥିବା ସମସ୍ତେ ଅତୀତର ସନ୍ତାନ ।

**ପ୍ର.୧୪. ପାଦମୂଳରୁ ନିମ୍ନ ଦେଶକୁ ଅବତରଣ କଲେ କ'ଣ ଦେଖିବ ?**

ଉ. ପାଦମୂଳରୁ ନିମ୍ନ ଦେଶକୁ ଅବତରଣ କଲେ କେବଳ ନରକଙ୍କାଳ ଦେଖିବ ।

**ପ୍ର.୧୫. ବର୍ତ୍ତମାନର ଅବସ୍ଥା ପ୍ରାପ୍ତି ପାଇଁ ରାଶି ରାଶି କ'ଣ ପତିତ ହୋଇଅଛି ?**

ଉ. ବର୍ତ୍ତମାନର ଅବସ୍ଥା ପ୍ରାପ୍ତି ପାଇଁ ରାଶି ରାଶି ନର ଦେହ ପତିତ ହୋଇଅଛି ।

**ପ୍ର.୧୬. କେଉଁ ରାଷ୍ଟ୍ରବିପ୍ଳବ କଥା ସ୍ମରଣ କଲେ ଆମର ହୃତ୍‌କମ୍ପ ହୁଏ ?**

ଉ. ଫରାସୀ ରାଷ୍ଟ୍ରବିପ୍ଳବ କଥା ସ୍ମରଣ କଲେ ଆମର ହୃତ୍‌କମ୍ପ ହୁଏ ।

**ପ୍ର.୧୭. ଲକ୍ଷ ଲକ୍ଷ ମହାପ୍ରାଣୀଙ୍କ ବିନାଶ ବାର୍ତ୍ତା, ଶ୍ରବଣ କରି ପ୍ରାଣ କ'ଣ ହୁଏ ?**

ଉ. ଲକ୍ଷ ଲକ୍ଷ ମହାପ୍ରାଣୀଙ୍କ ବିନାଶ ବାର୍ତ୍ତା ଶ୍ରବଣ କରି ଦୁଃଖରେ ଶୋକରେ ପ୍ରାଣ ଅବସନ୍ନ ହୋଇପଡ଼େ ।

**ପ୍ର.୧୮. ସମଗ୍ର ଅତୀତ ମାନବ ଜାତିର ରକ୍ତ ଓ ମାଂସରୁ କାହାର ସୃଷ୍ଟି ?**

ଉ. ସମଗ୍ର ଅତୀତ ମାନବ ଜାତିର ରକ୍ତ ଓ ମାଂସରୁ ବର୍ତ୍ତମାନର ମାନବୋନ୍ନତି ସୃଷ୍ଟି ।

**ପ୍ର.୧୯. ବର୍ତ୍ତମାନ ମାନବ ସମାଜ ଦେହରେ ଅତୀତ ମାବନ ସମାଜର କ'ଣ ପ୍ରତ୍ୟକ୍ଷ ହୁଏ ?**

ଉ. ବର୍ତ୍ତମାନ ମାନବ ସମାଜ ଦେହରେ ଅତୀତ ମାନବ ସମାଜର ଭାବରାଶି ନିହିତ ଥିବାର ପ୍ରତ୍ୟକ୍ଷ ହୁଏ।

**ପ୍ର.୨୦. ପରିବର୍ତ୍ତନଶୀଳ ଜଗତରେ ସକଳ ବସ୍ତୁର କ'ଣ ଉପସ୍ଥିତ ହୋଇଅଛି ?**

ଉ. ପରିବର୍ତ୍ତନଶୀଳ ଜଗତରେ ସକଳ ବସ୍ତୁର ରୂପାନ୍ତର ଓ ଭାବାନ୍ତର ଉପସ୍ଥିତ ହୋଇଅଛି ।

**ପ୍ର.୨୧. କାହାର ବିଲୋପ ଅସମ୍ଭବ ?**

ଉ. ମାନବର ପ୍ରକୃତି ଉନ୍ନତି ସତ୍ୟ ସଙ୍ଗେ ଘନିଷ୍ଠ ଭାବରେ ସମ୍ବନ୍ଧିତ, ତାହାର ବିଲୋପ ଅସମ୍ଭବ ।

**ପ୍ର.୨୨. ସତ୍ୟ ସଙ୍ଗେ ବିରୋଧ ଘଟିଲେ କ'ଣ ହେବ ?**

ଉ. ସତ୍ୟ ସଙ୍ଗେ ବିରୋଧ ଯାହାର, ତା'ର ବିନାଶ ଅନିବାର୍ଯ୍ୟ ।

**ପ୍ର.୨୩. କ'ଣ ପୂର୍ବ ଅପେକ୍ଷା ଉଜ୍ଜ୍ୱଳ ଆକାରରେ ପ୍ରତିଭାତ ହୁଏ ?**

ଉ. କେବଳ ବିଶୁଦ୍ଧ ସତ୍ୟଟି, ସାରବସ୍ତୁଟି, ପୂର୍ବାପେକ୍ଷା ଉଜ୍ଜ୍ୱଳତର ଆକାରରେ ପ୍ରତିଭାତ ହୁଏ ।

**ପ୍ର.୨୪. ବ୍ୟକ୍ତିଗତ ଜୀବନ ବିଷୟ ଆଲୋଚନା କଲେ, ଆମ୍ଭେମାନେ କେଉଁ ବିଷୟ ବୁଝିବାକୁ ସମର୍ଥ ହେଉ ?**

ଉ. ବ୍ୟକ୍ତିଗତ ଜୀବନ ବିଷୟ ଆଲୋଚନା କଲେ, ଆମ୍ଭେମାନେ ସମଷ୍ଟିଗତ ଜୀବନ ବା ମାନବଜାତିର ବିଷୟ ବୁଝିବାକୁ ସମର୍ଥ ହେଉ ।

**ପ୍ର.୨୫. ମାନବ ଜୀବନରେ କ'ଣ ଛଡ଼ା ଅଧିକ କିଛି ଦେଖାଯାଏ ନାହିଁ ?**

ଉ. ମାନବ ଜୀବନରେ କେତେଗୁଡ଼ିଏ ଘଟଣାର ସମଷ୍ଟି ଛଡ଼ା ଆଉ ଅଧିକ କିଛି ଦେଖାଯାଏ ନାହିଁ ।

**ପ୍ର.୨୬. ସ୍ଥୂଳଦୃଷ୍ଟି ମାନବ ନିକଟରେ ଜଗତଟା କ'ଣ ?**

ଉ. ସ୍ଥୂଳଦୃଷ୍ଟି ମାନବ ନିକଟରେ ଜଗତଟା କେବଳ ବିରୁଦ୍ଧ ଭାବପୂର୍ଣ୍ଣ ।

**ପ୍ର.୨୭. ଚିନ୍ତାଶୀଳ ମନୁଷ୍ୟ ସର୍ବତ୍ର କ'ଣ ଦର୍ଶନ କରେ ?**

ଉ. ଚିନ୍ତାଶୀଳ ମନୁଷ୍ୟ ସର୍ବତ୍ର ସର୍ବପ୍ରକାର ବିରୋଧ ମଧ୍ୟରେ ସାମଞ୍ଜସ୍ୟ ଦର୍ଶନ କରେ ।

**ପ୍ର.୨୮. କେଉଁ ଦୁଇଜଣ ସମାଜର ଅଙ୍ଗ ଓ ସମାଜ ଉନ୍ନତିର ଉପଯୋଗୀ ?**

ଉ. ଐଶ୍ୱର୍ଯ୍ୟଶାଳୀ ରାଜା ଓ ଦୀନହୀନ କୃଷକ ଉଭୟେ ସମାଜର ଅଙ୍ଗ ଓ ସମାଜ ଉନ୍ନତିର ଉପଯୋଗୀ ।

**ପ୍ର.୨୯. ଜଣେ ମନୁଷ୍ୟକୁ ଜାଣିବାକୁ ହେଲେ ତା'ର କ'ଣ ଜାଣିବା ଆବଶ୍ୟକ ?**

ଉ. ଜଣେ ମନୁଷ୍ୟକୁ ଜାଣିବାକୁ ହେଲେ, ତା'ର ସମଗ୍ର ଜୀବନର ଇତିହାସ ଜାଣିବା ଆବଶ୍ୟକ ।

**ପ୍ର.୩୦. ବ୍ୟକ୍ତିଗତ ଜୀବନର ଇତିହାସକୁ ଆମ୍ଭେମାନେ କେଉଁ ଆଖ୍ୟା ପ୍ରଦାନ କରିଥାଉ ?**

ଉ. ବ୍ୟକ୍ତିଗତ ଜୀବନର ଇତିହାସକୁ ଆମ୍ଭେମାନେ ଜୀବନ ଚରିତ ଆଖ୍ୟା ପ୍ରଦାନ କରିଥାଉ ।

**ପ୍ର.୩୧. ଜାତିର ଇତିହାସକୁ ସେଇ ଜାତିର କ'ଣ ବୋଲାଯାଇପାରେ ?**

ଉ. ଜାତିର ଇତିହାସକୁ ସେଇ ଜାତିର ଜୀବନ ଚରିତ ବୋଲାଯାଇପାରେ ।

**ପ୍ର.୩୨. ପ୍ରଚଳିତ ଇତିହାସକୁ କାହା ସହିତ ତୁଳନା କରାଯାଇଛି ?**

ଉ. ପ୍ରଚଳିତ ଇତିହାସକୁ ଗଭୀରତାଶୂନ୍ୟ ଗ୍ରାମ୍ୟ ଗଳ୍ପ ସହ ତୁଳନା କରାଯାଇଛି ।

**ପ୍ର.୩୩. ପ୍ରଥମାବସ୍ଥାରେ ଇତିହାସର କ'ଣ ନ ଥିଲା ?**

**ଉ.** ପ୍ରଥମାବସ୍ଥାରେ ଇତିହାସର ଅସ୍ତିତ୍ୱ ନ ଥିଲା ।

**ପ୍ର.୩୪. କେଉଁ ଜାତି କଳ୍ପନାପ୍ରିୟ ଭାବରେ ଖ୍ୟାତ ?**

**ଉ.** ହିନ୍ଦୁ ଜାତି କଳ୍ପନାପ୍ରିୟ ଭାବରେ ଖ୍ୟାତ ।

× **ପ୍ର.୩୫. ପ୍ରତ୍ୟେକ ଜାତିର ପ୍ରାଚୀନ ଇତିହାସ କାହାର କଳ୍ପନାମିଶ୍ରିତ ବିବରଣୀ ?**

**ଉ.** ପ୍ରତ୍ୟେକ ଜାତିର ପ୍ରାଚୀନ ଇତିହାସ କେବଳ କେତେଗୁଡ଼ିଏ କ୍ଷମତାଶାଳୀ ବୀରପୁରୁଷଙ୍କର କଳ୍ପନା ମିଶ୍ରିତ ବିବରଣୀ ଅଟେ ।

**ପ୍ର.୩୬. ମନ୍ଦିର ଗୃହରେ ଖୋଦିତ ମୂର୍ତ୍ତି ଓ ଫଳକାଦିରେ ଦେଶର କ'ଣ ଲିଖିତ ହୋଇ ରହିଛି ?**

**ଉ.** ମନ୍ଦିର ଗୃହରେ, ଖୋଦିତ ମୂର୍ତ୍ତି ଓ ଫଳକାଦିରେ ଦେଶର ଓ କାଳର ଇତିହାସ ଉଜ୍ଜ୍ୱଳ ଅକ୍ଷରରେ ଲିଖିତ ହୋଇଅଛି ।

**ପ୍ର.୩୭. ବର୍ତ୍ତମାନ ଯୁଗର ଇତିହାସ ଲିଖନ ପ୍ରଣାଳୀ କିପରି ଓ କାହାର ନିକଟବର୍ତ୍ତୀ ?**

**ଉ.** ବର୍ତ୍ତମାନ ଯୁଗର ଇତିହାସ ଲିଖନ ପ୍ରଣାଳୀ ସ୍ୱତନ୍ତ୍ର ଓ ଆଦର୍ଶର ନିକଟବର୍ତ୍ତୀ ।

**ପ୍ର.୩୮. ବର୍ତ୍ତମାନ ଯୁଗର ଇତିହାସରେ ମାନବଜୀନବର କେଉଁ ବ୍ୟାପାରର ଯୋଗ ହୋଇଅଛି ?**

**ଉ.** ବର୍ତ୍ତମାନ ଯୁଗର ଇତିହାସରେ ମାନବଜୀବନର ସର୍ବବିଧ ବ୍ୟାପାରର ଯୋଗ ରହିଅଛି ।

**ପ୍ର.୩୯. ଇତିହାସ ଯେପରି ଭାବରେ ଲିଖିତ ହେଉ, କାହା ଉପରେ ତା'ର ଉପକାରିତା ବହୁପରିମାଣରେ ନିର୍ଭର କରେ ?**

**ଉ.** ଇତିହାସ ଯେପରି ଭାବରେ ଲିଖିତ ହେଉ, ପଠନ ପ୍ରଣାଳୀ ଉପରେ ତା'ର ଉପକାରିତା ବହୁପରିମାଣରେ ନିର୍ଭର କରେ ।

**ପ୍ର.୪୦. ଉପଦେଶ ଅପେକ୍ଷା କେଉଁ ଶିକ୍ଷା ଅଧିକ ଉପଯୋଗୀ ?**

**ଉ.** ଉପଦେଶ ଅପେକ୍ଷା ଦୃଷ୍ଟାନ୍ତ ଶିକ୍ଷା ଅଧିକ ଉପଯୋଗୀ ।

**ପ୍ର.୪୧. ବିପରୀତ ପଥରେ ଗମନ କଲେ କ'ଣ ହେବ ?**

**ଉ.** ବିପରୀତ ପଥରେ ଗମନ କଲେ କେହି କେବେ ଉନ୍ନତିର ସୋପାନ ଆରୋହଣ କରି ପାରିବନି ।

**ପ୍ର.୪୨. ଅହଙ୍କାରୀର ମସ୍ତକରେ କେଉଁ କଥା ଉଜ୍ଜ୍ୱଳାକ୍ଷରରେ ଲିଖିତ ହୋଇଛି ?**

**ଉ.** ଅହଙ୍କାର ମସ୍ତକରେ ପତନ କଥାଟି ଉଜ୍ଜ୍ୱଳାକ୍ଷରରେ ଲିଖିତ ହୋଇ ରହିଅଛି ।

**ପ୍ର.୪୩. ଇତିହାସ ବଜ୍ରଗମ୍ଭୀର ସ୍ୱରରେ କ'ଣ ଘୋଷଣା କରିଅଛି ?**

**ଉ.** 'ଧର୍ମର ଜୟ, ଅଧର୍ମର ପରାଜୟ' – ଏହି କଥା ଇତିହାସ ବଜ୍ରଗମ୍ଭୀର ସ୍ୱରରେ ଘୋଷଣା କରିଛି ।

**ପ୍ର.୪୪. ଅପରିଣାମଦର୍ଶୀ ମାନବ ପୃଥିବୀର କ'ଣ ଦର୍ଶନ କରି ଅବିଶ୍ୱାସୀ ହୁଏ ?**

**ଉ.** ଅପରିଣାମଦର୍ଶୀ ମାନବ ପୃଥିବୀର ବିପରୀତ ଭାବ ଦର୍ଶନ କରି ଅବିଶ୍ୱାସୀ ହୁଏ ।

**ପ୍ର.୪୫. ଇତିହାସକୁ କେଉଁ ଶିକ୍ଷକ ଭାବରେ ଅଭିହିତ କରାଯାଇଛି ?**

**ଉ.** ଇତିହାସକୁ ଦ୍ୱିତୀୟ ଶିକ୍ଷକ ଭାବରେ ଅଭିହିତ କରାଯାଇଛି ।

ପ୍ର.୪୬. କେଉଁ ବସ୍ତୁ ଲାଭ କରିବା ପାଇଁ ମହାପୁରୁଷମାନଙ୍କୁ କଷ୍ଟ ଓ ଯାତନା ଭୋଗ କରିବାକୁ ପଡ଼ୁଛି ?

ଉ. ପ୍ରତ୍ୟେକ ପ୍ରୟୋଜନୀୟ ବସ୍ତୁ ଲାଭ କରିବା ପାଇଁ ମହାପୁରୁଷମାନଙ୍କୁ କଷ୍ଟ ଓ ଯାତନା ଭୋଗ କରିବାକୁ ପଡ଼ିଛି ।

**ପ୍ର.୪୭. କେଉଁମାନଙ୍କ ସଂପର୍କରେ କିଞ୍ଚିତ ଜ୍ଞାନ/ଲାଭ କରିବା ଉଚିତ୍ ?**

ଉ. ଯେଉଁ ଅତୀତ ଆମ୍ଭମାନଙ୍କୁ ଏତେ ରତ୍ନ ପ୍ରଦାନ କରିଅଛି । ଯେଉଁ ମହିମାନ୍ୱିତ ପୁରୁଷମାନେ ଆମ ଲାଗି ଦେହପାତ କରିଛନ୍ତି ସେମାନଙ୍କ ସଂପର୍କରେ କିଞ୍ଚିତ ଜ୍ଞାନଲାଭ କରିବା ଉଚିତ୍ ।

**ପ୍ର.୪୮. କିଏ ଭବିଷ୍ୟତର ପିତାରୂପେ ଦଣ୍ଡାୟମାନ ?**

ଉ. ଅତୀତର ସନ୍ତାନ ଭବିଷ୍ୟତର ପିତା ରୂପେ ଦଣ୍ଡାୟମାନ ।

**ପ୍ର.୪୯. ପୁତ୍ର ପାଇଁ କ'ଣ ରଖିଯିବା ପିତାର କର୍ତ୍ତବ୍ୟ ନୁହେଁ ?**

ଉ. ପୁତ୍ର ପାଇଁ ପୈତୃକ ସଂପତ୍ତି ରଖିଯିବା କେବଳ ପିତାର କର୍ତ୍ତବ୍ୟ ନୁହେଁ ।

**ପ୍ର.୫୦. ଜାତି ଅଯୋଗ୍ୟ ହେଲେ ତା'ର ଗତି କୁଆଡ଼େ ?**

ଉ. ଜାତି ଅଯୋଗ୍ୟ ହେଲେ ତା'ର ଗତି ରସାତଳକୁ ।

**ପ୍ର.୫୧. ବିଧାତା ଯୋଗ୍ୟତା ଥିବା ଲୋକକୁ କ'ଣ ଦିଅନ୍ତି ?**

ଉ. ବିଧାତା ଯୋଗ୍ୟତା ଥିବା ଲୋକକୁ ଉଚ୍ଚ ଅଧିକାର ଦିଅନ୍ତି ।

**ପ୍ର.୫୨. କେଉଁ ଜାତି କଦାପି ସଭ୍ୟତାର ଉଚ୍ଚତର ସୋପାନ ଆରୋହଣ କରିପାରେ ନାହିଁ ?**

ଉ. ନୀତିହୀନ ଅନୁଦାର ଜାତି କଦାପି ସଭ୍ୟତାର ଉଚ୍ଚତର ସୋପାନ ଆରୋହଣ କରିପାରେ ନାହିଁ ।

**ପ୍ର.୫୩. ମନୁଷ୍ୟର ଅନୁରାଗର କାରଣ କ'ଣ ?**

ଉ. ସ୍ୱଜାତି ସଙ୍ଗେ ନିକଟ ସଂପର୍କ ହିଁ ମନୁଷ୍ୟର ଅନୁରାଗର କାରଣ ।

**ପ୍ର.୫୪. ମନୁଷ୍ୟର କେଉଁ ଅଭାବକୁ ଦୋଷ ବୋଲି କୁହାଯାଇଛି ?**

ଉ. ମନୁଷ୍ୟର ସ୍ୱଜାତି ସହ ନିକଟ ସଂପର୍କର ଅଭାବକୁ ଦୋଷ ବୋଲି କୁହାଯାଇଛି ।

**ପ୍ର.୫୫. କ'ଣ ଦୃଷ୍ଟିଶକ୍ତିକୁ ହ୍ରାସ କରିଦିଏ ?**

ଉ. ବିକୃତ ସ୍ୱଜାତିପ୍ରିୟତା ମଣିଷର ଦୃଷ୍ଟିଶକ୍ତିକୁ ହ୍ରାସ କରିଦିଏ ।

**ପ୍ର.୫୬. କ'ଣ ଅନ୍ୟ ଜାତିର ମହତ୍ତ୍ୱ ଦେଖିବାକୁ ଦିଏ ନାହିଁ ?**

ଉ. ସଂକୀର୍ଣ୍ଣତା ଓ ପରଜାତି ବିଦ୍ୱେଷ ଅନ୍ୟ ଜାତିର ମହତ୍ତ୍ୱକୁ ଦେଖିବାକୁ ଦିଏ ନାହିଁ।

**ପ୍ର.୫୭. କ'ଣ ଉନ୍ନତି ଲାଭର ଉତ୍କୃଷ୍ଟ ସହାୟ ?**

ଉ. ପୂର୍ବ ଗୌରବର ସ୍ମୃତି ଉନ୍ନତି ଲାଭର ଗୋଟିଏ ଉତ୍କୃଷ୍ଟ ସହାୟ ।

**ପ୍ର.୫୮. ପୂର୍ବ ଗୌରବର ସ୍ମୃତି କେବଳ ସ୍ମୃତି ବା ବାକ୍ୟମାତ୍ରାରେ ଅବସ୍ଥିତ କଲେ କ'ଣ ହେବ ବୋଲି କୁହାଯାଇଛି ?**

ଉ. ପୂର୍ବ ଗୌରବର ସ୍ମୃତି ଉନ୍ନତି ଲାଭର ଆବଶ୍ୟକତା ହେଲା ଯେ ପ୍ରାଚୀନ ଗୌରବକୁ ସ୍ମରଣ କରି ହୃଦୟକୁ କିଞ୍ଚିତ ଆଶ୍ୱସ୍ତ କରିବା ।

**ପ୍ର.୫୯. ଈଶ୍ୱର ଆମ୍ଭମାନଙ୍କ ଦେଶକୁ କାହା ହସ୍ତରୁ ଉଦ୍ଧାର କରନ୍ତୁ ବୋଲି କୁହାଯାଇଛି ?**

ଉ. ଈଶ୍ୱର ଆମ୍ଭମାନଙ୍କ ଦେଶକୁ ବିକୃତ ଅନୁରାଗ ହସ୍ତରୁ ଉଦ୍ଧାର କରନ୍ତୁ ।

# ପ୍ରଶ୍ନାବଳୀ

(କ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।

ପ୍ର.୧. କାହାର ସ୍ନିଗ୍ଧ ଉଜ୍ଜ୍ୱଳ କାନ୍ତି ପୁଷ୍ପପୁରରେ ନେତ୍ରୋତ୍ସବ ସୃଷ୍ଟି କରିଛି ?
(ବାରିବାହ, ପ୍ରକୃତି, ଦୂରବନ୍ଧୁ, ଅଳକାପୁରୀ) ଉ. ବାରିବାହ

ପ୍ର.୨. କାହାକୁ ଦୂରବନ୍ଧୁ ବୋଲି ପ୍ରାବନ୍ଧିକ ସମ୍ବୋଧନ କରିଛନ୍ତି ?
(ପୁଷ୍ପପୁର, ବାରିବାହ, ବାତାୟନ, ଶ୍ୟାମଳ, ପୃଥିବୀ) ଉ. ବାରିବାହ

ପ୍ର.୩. ବ୍ୟକ୍ତିଠାରୁ କିଏ ବଡ଼ ବୋଲି ଲେଖକ ଘନକୁ ପ୍ରଶ୍ନ କରିଛନ୍ତି ?
(ଗୋଷ୍ଠୀ, ମଣିଷ, ପଶୁ, ପକ୍ଷୀ) ଉ. ଗୋଷ୍ଠୀ

ପ୍ର.୪. ଜଳର ଅଭାବରେ କେଉଁଠାରେ ହାହାକାର ପଡ଼ିଛି ?
(ପୁଷ୍ପପୁର, ପାଟଳିପୁତ୍ର, କୁସୁମଧ୍ୱଜ, ଉତ୍କଳ) ଉ. ଉତ୍କଳ

ପ୍ର.୫. କେଉଁ ପୁରରେ ସ୍ୱ କର୍ମ ସାରି ଉତ୍କଳ ପଥରେ ଗତି କରିବାକୁ ବାରିଦଙ୍କୁ ଲେଖକ ନିବେଦନ କରିଛନ୍ତି ?
(ଶ୍ରୀ ନଗର, ପୁଷ୍ପପୁର, ମହୋଦଧି, ତୁଙ୍ଗଶିଖରୀ) ଉ. ପୁଷ୍ପପୁର

ପ୍ର.୬. କାହାଠାରେ ବଦାନ୍ୟତାର ମହତ୍ତ୍ୱ ବଢ଼ିଉଠେ ବୋଲି ପ୍ରାବନ୍ଧିକ କହିଛନ୍ତି ?
(ଧନୀ, ଦରିଦ୍ର, ବିତ୍ତଶାଳୀ, ଭୋଗୀ) ଉ. ଦରିଦ୍ର

ପ୍ର.୭. ବନବାସୀ ନାରୀମାନଙ୍କର ଗତିକୁ ପ୍ରାବନ୍ଧିକ କାହା ସହିତ ତୁଳନା କରିଛନ୍ତି ?
(କୁଜୀ ହଂସୀ, ମାତଙ୍ଗିନୀ, ନିର୍ଝରିଣି, ହରିଣୀ) ଉ. କୁଜୀ ହଂସୀ

ପ୍ର.୮. ବନବାସୀମାନେ କାହାର ଅନୁଗ୍ରହ ଲୋଡ଼ନ୍ତି ?
(ବାରିବାହ, ପର୍ବତ, ପ୍ରକୃତି, ବନଲତା) ଉ. ବାରିବାହ

ପ୍ର.୯. ଜଳଦର କୃପାରୁ କେଉଁଠାରେ ନବ ନୀଳିମା ଖେଳିବୁଲିବ ବୋଲି କୁହାଯାଇଛି ?
(ଶାଳିକ୍ଷେତ୍ର, ବନଭୂମି, ମେଘାସନ, ଗନ୍ଧମାର୍ଦନ) ଉ. ଶାଳିକ୍ଷେତ୍ର

ପ୍ର.୧୦.ନିର୍ଝରଣୀ କେଉଁଠାରେ କ୍ରୀଡ଼ାରତ ବତ୍ସତରୀ ପରି ନାଚି ଉଠେ ?
(ଗିରିଦରୀ, ମହୋଦଧି, ସରିତ, ସାଗର) ଉ. ଗିରିଦରୀ

ପ୍ର.୧୧.କେଉଁମାନଙ୍କ ଦ୍ୱାରା ପାଳିତ କଳାପୀର କେକାରେ ବନଭୂମି ପୂର୍ଣ୍ଣ ହେବ ବୋଲି ଲେଖକ କହିଛନ୍ତି ?
(ଭଞ୍ଜନୃପ, ନବତରୁଣୀ, ନବଯୁବକ, ମଦାଳସା) ଉ. ଭଞ୍ଜନୃପ

ପ୍ର.୧୨.ସମ୍ବଲପୁର ଅଞ୍ଚଳର ବଧୂମାନଙ୍କୁ କେଉଁ ଫୁଲ ପରି ହାସ୍ୟମୟୀ ବୋଲି କୁହାଯାଇଛି ?
(ଗୋଲାପ, ଶେଫାଳୀ, ପଦ୍ମ, ମନ୍ଦାର) ଉ. ଶେଫାଳୀ

ପ୍ର.୧୩.ଉତ୍କଳର ଉତ୍ତମାଙ୍ଗ ବୋଲି ପ୍ରାବନ୍ଧିକ କାହାକୁ କହିଛନ୍ତି ?
(ସମ୍ବଲପୁର, କଟକ, ଭୁବନେଶ୍ୱର, ଗଞ୍ଜାମ) ଉ. କଟକ

ପ୍ର.୧୪.କାହାର କୋଳାହଳ ପାଇଁ ନୀଳାଚଳନାଥଙ୍କ କାନରେ ଭକ୍ତର କାତର ଡ଼ାକ ପଡ଼େନାହିଁ ?
(ପ୍ରଭଞ୍ଜନ, ସିନ୍ଧୁ, ଝାଡ଼ବଣ, ଜନତା) ଉ. ସିନ୍ଧୁ

ପ୍ର.୧୫.ସିନ୍ଧୁପାରି ସାଧବର ସ୍ମୃତି-ପୂତ ଭୂମି ବୋଲି କାହାକୁ କୁହାଯାଇଛି ?
(ସମ୍ବଲପୁର, କଟକ, ଜୟପୁର, ଭୁବନେଶ୍ୱର) ଉ. ଜୟପୁର

## (ଖ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।

ପ୍ର.୧. 'ପୁଷ୍ପପୁରରେ ବର୍ଷାବରଣ' ପ୍ରବନ୍ଧରେ ପ୍ରାବନ୍ଧିକ କାହାକୁ ସ୍ୱାଗତ କରିଛନ୍ତି ?
ଉ: 'ପୁଷ୍ପପୁରରେ ବର୍ଷାବରଣ' ପ୍ରବନ୍ଧରେ ପ୍ରାବନ୍ଧିକ ବାରିବାହକୁ (ମେଘ)କୁ ସ୍ୱାଗତ କରିଛନ୍ତି ।

ପ୍ର.୨. ବାରିବାହର ସ୍ନିଗ୍ଧ କଜ୍ଜଳକାନ୍ତି କେଉଁଠାରେ ନେତ୍ରୋତ୍ସବ ସୃଷ୍ଟି କରିଛି ?
ଉ: ବାରିବାହର ସ୍ନିଗ୍ଧ କଜ୍ଜଳକାନ୍ତି ପୁଷ୍ପପୁରରେ ନେତ୍ରୋତ୍ସବ ସୃଷ୍ଟି କରିଛି ।

ପ୍ର.୩. କେଉଁ ପଥରେ ବାରିବାହର ଆଗମନୀ ଶୁଭଶଙ୍ଖ ବାଜି ଉଠିଛି ?
ଉ: ପ୍ରାସାଦ ବାତାୟନ ପଥରେ ବାରିବହର ଆଗମନୀ ଶଙ୍ଖ ବାଜି ଉଠିଛି ।

ପ୍ର.୪. ବହୁଦିନ ପରେ ବାରିବାହର ଶୁଭ ଆଗମନ ଆଦି କେଉଁଠି ମଙ୍ଗଳକର ଓ ମଧୁମୟ ହୋଇଉଠିଛି ?
ଉ: ବହୁଦିନ ପରେ ବାରିବାହର ଶୁଭ ଆଗମନରେ ପୁଷ୍ପପୁର ମଙ୍ଗଳକର ଓ ମଧୁମୟ ହୋଇଉଠିଛି ।

**ପ୍ର.୫. କାହାର ସ୍ପର୍ଶରେ ପୁଷ୍ପପୁର ସଜୀବ ଓ ଶ୍ୟାମଳ ହୋଇଉଠିବ ବୋଲି କୁହାଯାଇଛି ?**

ଉ: ବାରିବାହର ସ୍ପର୍ଶରେ ପୁଷ୍ପପୁର ସଜୀବ ଓ ଶ୍ୟାମଳ ହୋଇଉଠିବ ।

**ପ୍ର.୬. ବାରିବାହର ସ୍ପର୍ଶରେ କେଉଁ ପୁର ସଜୀବ ଓ ଶ୍ୟାମଳ ହୋଇଉଠିବ ବୋଲି ଲେଖକ କହିଛନ୍ତି ?**

ଉ: ବାରିବାହର ସ୍ପର୍ଶରେ ପୁଷ୍ପପୁର ସଜୀବ ଓ ଶ୍ୟାମଳ ହୋଇ ଉଠିବ ବୋଲି ଲେଖକ କହିଛନ୍ତି ।

**ପ୍ର.୭. ବିତାଡ଼ିତ ବିରହୀ ଯକ୍ଷ ବାରିଦକୁ କେଉଁଥିରେ ପୂଜା କରିଥିଲା ?**

ଉ: ବିତାଡ଼ିତ ବିରହୀ ଯକ୍ଷ ବାରିଦକୁ ପୁଷ୍ପ ଅର୍ଘ୍ୟରେ ପୂଜା କରିଥିଲା ।

**ପ୍ର.୮. ଅଳକାପୁରୀରେ ଥିବା ପ୍ରିୟା ପାଖକୁ କିଏ ଉଦନ୍ତ ପଠାଇଥିଲା ?**

ଉ: ଅଳକାପୁରୀରେ ଥିବା ପ୍ରିୟା ପାଖକୁ ବିରହୀ ଯକ୍ଷ ଉଦନ୍ତ ପଠାଇଥିଲା ।

**ପ୍ର.୯. ବିରହୀ ଯକ୍ଷ କାହା ହସ୍ତରେ ଉଦନ୍ତ ପଠାଇଥିଲା ?**

ଉ: ବିରହୀ ଯକ୍ଷ ମେଘ ହାତରେ ଉଦନ୍ତ ପଠାଇଥିଲା ।

**ପ୍ର.୧୦. ବ୍ୟକ୍ତିବିଶେଷର ଲାଭ କ୍ଷତିରେ କିଏ ବିଚଳିତ ହୁଏ ନାହିଁ ?**

ଉ: ବ୍ୟକ୍ତିବିଶେଷର ଲାଭ କ୍ଷତିରେ ଭ୍ରାମ୍ୟମାଣ ଉଦାସୀନା ଧରଣୀ ବିଚଳିତ ହୁଏ ନାହିଁ ।

**ପ୍ର.୧୧. କାହାର ଅଭାବରେ ଉତ୍କଳରେ ହାହାକାର ପଡ଼ିଛି ?**

ଉ: ଜଳ ଅଭାବରେ ଉତ୍କଳରେ ହାହାକାର ପଡ଼ିଛି ।

**ପ୍ର.୧୨. ପୁଷ୍ପପୁରରେ ସ୍ୱକର୍ମସାରି କେଉଁ ପଥରେ ଗତି କରିବାକୁ ବାରିଦକୁ ଲେଖକ ନିବେଦନ କରିଛନ୍ତି ?**

ଉ: ପୁଷ୍ପପୁରରେ ସ୍ୱକର୍ମସାରି ଉତ୍କଳ ପଥରେ ଗତି କରିବାକୁ ବାରିଦକୁ ଲେଖକ ନିବେଦନ କରିଛନ୍ତି ।

**ପ୍ର.୧୩. ଲେଖକ ଧୂମ, ଜ୍ୟୋତି ଓ ସଳିଳ ହୋଇ ଜଳଦ ସହ ମିଶି ବାତାୟନ ପଥରେ ଉଡ଼ିଯାଇ କାହାକୁ ଚିହ୍ନାଇବାକୁ ଇଚ୍ଛା କରିଛନ୍ତି ?**

ଉ: ଲେଖକ ଧୂମ, ଜ୍ୟୋତି ଓ ସଳିଳ ହୋଇ ଜଳଦ ସହ ମିଶି ବାତାୟନ ପଥରେ ଉଡ଼ିଯାଇ ନିଜ ଜନ୍ମଭୂମିକୁ ଚିହ୍ନାଇ ଦେବାକୁ ଇଚ୍ଛା କରିଛନ୍ତି ।

**ପ୍ର.୧୪. ପଥପ୍ରଦର୍ଶକ ବିନା କେଉଁ ଭୂମିକୁ ଚିହ୍ନିବା ପାଇଁ ଜଳଦର ଭ୍ରମ ହେବ ନାହିଁ ବୋଲି କୁହାଯାଇଛି ?**

ଉ: ପଥ ପ୍ରଦର୍ଶନ ବିନା ଭାରତର ସାରଭୂତା ଉତ୍କଳ ଭୂମିକୁ ଚିହ୍ନିବା ପାଇଁ ଜଳଦର ଭ୍ରମ ହେବ ନାହିଁ ବୋଲି କୁହାଯାଇଛି ।

**ପ୍ର.୧୫. ଗୋପାଙ୍ଗନାମାନେ ଅପାଙ୍ଗ ଘନଶ୍ୟାମଙ୍କ ରୂପସୁଧା ପାନ କଲା ପରି ଉତ୍କଳର କୋଟି ନେତ୍ର କାହାର ରୂପସୁଧା ପାନ କରିବେ ବୋଲି ପ୍ରାବନ୍ଧିକ ଭାବିଛନ୍ତି ?**

ଉ: ଗୋପାଙ୍ଗନାମାନେ ଅପାଙ୍ଗ ଘନଶ୍ୟାମଙ୍କ ରୂପସୁଧା ପାନ କଲାପରି ଉତ୍କଳର କୋଟି ନେତ୍ର ଜଳଦର ରୂପ ସୁଧା ପାନ କରିବେ ବୋଲି ପ୍ରାବନ୍ଧିକ ଭାବିଛନ୍ତି ।

**ପ୍ର.୧୬. ଲେଖକ କେଉଁମାନଙ୍କୁ ନିରାଶ ନ କରି ବଦାନ୍ୟତା ଆରମ୍ଭ କରିବାକୁ ଜଳଦକୁ ଅନୁରୋଧ କରିଛନ୍ତି ?**

ଉ: ଲେଖକ ଦରିଦ୍ର ବନବାସୀମାନଙ୍କୁ ନିରାଶ ନ କରି ବଦାନ୍ୟତା ଆରମ୍ଭ କରିବାକୁ ଜଳଦକୁ ଅନୁରୋଧ କରିଛନ୍ତି ।

**ପ୍ର.୧୭. ଶାଳିକ୍ଷେତ୍ର ଦେଖି କେଉଁମାନଙ୍କ ମନ ଆତଙ୍କରେ ଥରି ଉଠୁଥିବ ?**

ଉ: ଶାଳିକ୍ଷେତ୍ର ଦେଖି ବନବାସୀମାନଙ୍କ ମନ ଆତଙ୍କରେ ଥରି ଉଠୁଥିବ ।

**ପ୍ର.୧୮.ଗୋପଲର ଗଳ ଘଣ୍ଟି ଓ ଗୋପାଳର ବେଣୁସ୍ୱନ ଶୁଣି ଜଳଦ କେଉଁ ସ୍ଥାନର ସୀମା ବୋଲି ଜାଣି ପାରିବ ?**

ଉ: ଗୋପଲର ଗଳ ଘଣ୍ଟି ଓ ଗୋପାଳର ବେଣୁସ୍ୱନ ଶୁଣି ଜଳଦ ଗ୍ରାମର ସୀମା ବୋଲି ଜାଣିପାରିବ ।

**ପ୍ର.୧୯. ନବଯୁବକମାନଙ୍କ ବେଣୁସ୍ୱନର ଅନୁକୃତିରେ ଲଳନାକଣ୍ଠର ଐକତାନିକ ଲଳିତସ୍ୱର କାହାକୁ ଭସାଇଦିଏ ?**

ଉ: ନବଯୁବକମାନଙ୍କ ବେଣୁସ୍ୱନର ଅନୁକୃତିରେ ଲଳନା କଣ୍ଠର ଐକତାନିକ ଲଳିତସ୍ୱର ବନଭୂମିକୁ ଭସାଇଦିଏ ।

**ପ୍ର.୨୦. ଉତ୍କଳୀୟ ଲଳନାଙ୍କର ଗତିକୁ କାହା ସହିତ ତୁଳନା କରାଯାଇଛି ?**

ଉ: ବନଭୂମିର ନାରୀମାନଙ୍କର କୁଜୀହଂସୀ ଗତି ପରି ତୁଳନା କରାଯାଇଛି ।

**ପ୍ର.୨୧.କିଏ ମଦାଳସା ହୋଇ ମାତଙ୍ଗିନୀ ପରି ଚାଲନ୍ତି ନାହିଁ ?**

ଉ: ନିଘଞ୍ଚ ବନଭୂମିର ନାରୀମାନେ ମଦାଳସା ହୋଇ ମାତଙ୍ଗିନୀ ପରି ଚାଲନ୍ତି ନାହିଁ ।

**ପ୍ର.୨୨. ବନବାସୀମାନଙ୍କର କାହାର ଅନୁଗ୍ରହ ଆବଶ୍ୟକ ?**

ଉ: ବନବାସୀମାନଙ୍କର ଜଳଦର ଅନୁଗ୍ରହ ଦରକାର ।

**ପ୍ର.୨୩. ଜଳଦକୁ ଅବିରତ ବାରିପାତ କରିବାକୁ ଲେଖକ କାହିଁକି ନିବେଦନ କରିଛନ୍ତି ?**

ଉ: ନିର୍ମଳ ମନ ଓ ମାନବିକତା ଥିବା ବନବାସୀ ଜଳଦର ଅନୁଗ୍ରହ ଦରକାର କରୁଥିବାରୁ ଜଳଦକୁ ଅବିରତ ବାରିପାତ କରିବାକୁ ଲେଖକ ନିବେଦନ କରିଛନ୍ତି ।

**ପ୍ର.୨୪. ଜଳଦର କୃପାହେଲେ ଶାଳିକ୍ଷେତ୍ରରେ କ'ଣ ଖେଳିବୁଲିବ ବୋଲି ଲେଖକ କହିଛନ୍ତି ?**

ଉ: ଜଳଦର କୃପା ହେଲେ ଶାଳିକ୍ଷେତ୍ରରେ ନବନୀଳିମା ଖେଳିବୁଲିବ ବୋଲି ଲେଖକ କହିଛନ୍ତି ।

**ପ୍ର.୨୫. ଜଳଦର କୃପାହେଲେ ନିର୍ଝରିଣୀ କେଉଁଠାରେ କିପରି ନାଚି ଉଠିବ ?**

ଉ: ଜଳଦର କୃପାହେଲେ ନିର୍ଝରିଣୀ ଗିରିଦରୀରେ କ୍ରୀଡ଼ାରତ ବସ୍ୱତରୀ ପରି ନାଚିଉଠିବ ।

**ପ୍ର.୨୬. କଦମ୍ବ ପୁଲକରେ କ'ଣ ହୋଇଉଠିବ ବୋଲି କୁହାଯାଇଛି ?**

ଉ: କଦମ୍ବ ପୁଲକରେ କଣ୍ଟକିତ ହୋଇଉଠିବ ।

**ପ୍ର.୨୭. କୃଷ୍ଣଚୂଡ଼ା କ'ଣ ଦେଖି ନବତରୁଣୀ ପରି ଲଜ୍ଜାରୁଣ ହୋଇପଡ଼ିବ ?**

ଉ: କୃଷ୍ଣଚୂଡ଼ା ନିଜ ତରୁଣ ତନୁକୁ ଦେଖି ନବତରୁଣୀ ପରି ଲଜ୍ଜାରୁଣ ହୋଇପଡ଼ିବ ।

**ପ୍ର.୨୮. କେଉଁ ପ୍ରପାତରେ କ୍ରୀଡ଼ା କରିବାକୁ ଜଳଦକୁ ପ୍ରାବନ୍ଧିକ ନିବେଦନ କରିଛନ୍ତି ?**

ଉ: ଖଣ୍ଡାଧାର ଓ ଦେବଗଡ଼ ପ୍ରପାତରେ କ୍ରୀଡ଼ା କରିବାକୁ ଜଳଦକୁ ପ୍ରାବନ୍ଧିକ ନିବେଦନ କରିଛନ୍ତି ।

**ପ୍ର.୨୯. ମେଘାସନ, ଗନ୍ଧମାର୍ଦ୍ଦନ ଓ ମାଲ୍ୟଗିରିର ମହାବନରେ ଭ୍ରମୁ ଭ୍ରମୁ ଜଳଦର କ'ଣ ହୋଇଯିବ ?**

ଉ: ମେଘାସନ, ଗନ୍ଧମାର୍ଦ୍ଦନ ଓ ମାଲ୍ୟଗିରିର ମହାବନରେ ଭ୍ରମୁଭ୍ରମୁ ଜଳଦ ଏହାର ଅସରନ୍ତି ବିଭବ ଦେଖି ଚକିତ ହୋଇଯିବ ।

**ପ୍ର.୩୦. କେଉଁ ମହାବନରେ ଅସରନ୍ତି ଭଣ୍ଡାର ଲୁଚି ରହିଛି ?**

ଉ: ମେଘାସନ, ଗନ୍ଧମାର୍ଦ୍ଦନ ଓ ମାଲ୍ୟଗିରିର ଗିରିସଙ୍କୁଳ ମହାବନରେ ଅସରନ୍ତି ଭଣ୍ଡାର ଲୁଚି ରହିଛି ।

**ପ୍ର.୩୧. ଦୁଃଖିନୀ ଜନନୀ କାହାର ଭୟରେ ଅସରନ୍ତି ଭଣ୍ଡାର ମହାବନରେ ଲୁଚାଇ ରଖିଛି ?**

ଉ: ଦୁଃଖିନୀ ଜନନୀ ତା' ଅଯୋଗ୍ୟ ସନ୍ତାନମାନଙ୍କ ଭୟରେ ଅସରନ୍ତି ଭଣ୍ଡାର ମହାବନରେ ଲୁଚାଇ ରଖିଛି ।

**ପ୍ର.୩୨. ଉତ୍କଳବାସୀ କେଉଁ ନଦୀ ତୀରରେ ବସି ପିସାସୀ ହୋଇଛନ୍ତି ?**

ଉ: ଉତ୍କଳବାସୀ ଭାଗୀରଥୀ (ଗଙ୍ଗା)ତୀରରେ ଉପରେ ବସି ପିସାସୀ ।

**ପ୍ର.୩୩. ଉତ୍କଳବାସୀ କାହାଉପରେ ବସି ଉପବାସୀ ହୋଇଛନ୍ତି ?**

ଉ: ଉତ୍କଳବାସୀ ରତ୍ନ ସ୍ତୂପ ଉପରେ ବସି ଉପବାସୀ ।

**ପ୍ର.୩୪. ସୂକ୍ଷ୍ମଶାଳୀର ଗନ୍ତାଘର କିଏ ?**

ଉ: ଉତ୍କଳର ପଶ୍ଚିମାଞ୍ଚଳ ସମ୍ବଲପୁର ସୂକ୍ଷ୍ମଶାଳୀର ଗନ୍ତାଘର ।

**ପ୍ର.୩୫. କେଉଁ ନଦୀ ଉପଳ ଶଯ୍ୟାରେ ଯାଉ ଯାଉ ସ୍ୱର୍ଣ୍ଣରେଣୁ ଢ଼ାଳିଦିଏ ?**

ଉ: ତନ୍ୱୀ ମହାନଦୀ ଉପଳ ଶଯ୍ୟାରେ ଯାଉ ଯାଉ ସ୍ୱର୍ଣ୍ଣରେଣୁ ଢ଼ାଳିଦିଏ ।

**ପ୍ର.୩୬. କେଉଁ ଅଞ୍ଚଳର ନରନାରୀମାନଙ୍କୁ ଦୁଃଖ ଦୈନ୍ୟରେ ମଧ୍ୟ ବିଷାଦ କାଳିମା ଛୁଏଁ ନାହିଁ ?**

ଉ: ସମ୍ବଲପୁର ଅଞ୍ଚଳର ନରନାରୀମାନଙ୍କୁ ଦୁଃଖ ଦୈନ୍ୟରେ ମଧ୍ୟ ବିଷାଦ କାଳିମା ଛୁଏଁ ନାହିଁ ।

**ପ୍ର.୩୭. ଉତ୍କଳର ଉତ୍ତମାଙ୍ଗ ବୋଲି ଲେଖକ କାହାକୁ କହିଛନ୍ତି ?**

ଉ: ସୌଧାବଳୀପୂର୍ଣ୍ଣ କଟକକୁ ଉତ୍କଳର ଉତ୍ତମାଙ୍ଗ ବୋଲି ଲେଖକ କହିଛନ୍ତି ।

**ପ୍ର.୩୮. ଗର୍ବିତ ଗଜପତିର ରାଜଧାନୀ ବୋଲି କାହାକୁ କୁହାଯାଇଛି ?**

ଉ: ଗର୍ବିତ ଗଜପତିର ରାଜଧାନୀ ବୋଲି କଟକକୁ କୁହାଯାଇଛି ।

**ପ୍ର.୩୯. କେଉଁଠାରୁ ଅଜେୟ ବାହିନୀ ଝଟିକା ବେଗରେ ଦୁର୍ଗରୁ ଦୁର୍ଗାନ୍ତରକୁ ଗତି କରି ଚାଲୁଥିଲେ ?**

ଉ: ବିଡ଼ାନାସୀ କଟକରୁ ଅଜେୟ ବାହିନୀ ଝଟିକା ବେଗରେ ଦୁର୍ଗରୁ ଦୁର୍ଗକୁ ଗତି କରିଯାଉଥିଲେ ।

**ପ୍ର.୪୦. କେଉଁ କଟକର ସ୍ମୃତି ଆଜି ମୃତ୍ତିକାରେ ଅବଲୁପ୍ତ ?**

ଉ: ବିଡ଼ାନାସୀ କଟକର ସ୍ମୃତି ଆଜି ମୃତ୍ତିକାରେ ଅବଲୁପ୍ତ ।

**ପ୍ର.୪୧. ବାରବାଟୀର ସ୍ଖଳିତ ପ୍ରସ୍ତରରେ କ'ଣ ଆଜିଯାଏ ଲାଗି ରହିଛି ?**

ଉ: ବାରବାଟୀର ସ୍ଖଳିତ ପଥରରେ ବିଡ଼ାନାସୀ କଟକର ସ୍ମୃତି ଓ କୀର୍ତ୍ତି ଆଜିଯାଏ ଲାଗି ରହିଛି ।

**ପ୍ର.୪୨. କେଉଁ ରାଜାଙ୍କ ମହାକୀର୍ତ୍ତି ଚିତ୍ରୋତ୍ପଳାର ମେଖଳା ପରି ଦିଶୁଛି ?**

ଉ: ମର୍କତ କେଶରୀଙ୍କର ମହାକୀର୍ତ୍ତି ଚିତ୍ରୋତ୍ପଳାର ମେଖଳା ପରି ଦିଶୁଛି ।

**ପ୍ର.୪୩. କେଉଁଠାରେ ଉତ୍କଳର କବି, ଜ୍ଞାନୀ, ଗୁଣୀ ଓ କର୍ମୀ ଉଜାଗର ରହି ଜ୍ଞାନଦୀପ ଜାଳିଥିଲେ ?**

ଉ: କଟକଠାରେ ଉତ୍କଳର କବି, ଜ୍ଞାନୀ, ଗୁଣୀ ଓ କର୍ମୀ ଉଜାଗର ରହି ଜ୍ଞାନଦୀପ ଜାଳିଥିଲେ ।

**ପ୍ର.୪୪. କାହାକୁ ସ୍ମୃତିର ଶ୍ମଶାନ ବୋଲି କୁହାଯାଇଛି ?**

ଉ: ପ୍ରାଚୀନ ଉତ୍କଳର ଅନ୍ୟତମ ରାଜଧାନୀ ମନ୍ଦିରମାଳିନୀ ଭୁବନେଶ୍ୱରକୁ ସ୍ମୃତିର ଶ୍ମଶାନ ବୋଲି କୁହାଯାଇଛି ।

**ପ୍ର.୪୫. କିଏ ଉତ୍କଳଭୂମିର ମାନଦଣ୍ଡ ପରି ଦଣ୍ଡାୟମାନ ବୋଲି ଲେଖକ କହିଛନ୍ତି ?**

ଉ: ଭୁବନେଶ୍ୱରର ଉତ୍କଳ ମହୀର ମାନଦଣ୍ଡ ପରି ଦଣ୍ଡାୟମାନ ।

**ପ୍ର.୪୬. ବାରିବାହ ବେଳାଭୂମିର ଶ୍ୟାମଳ ପଥରେ ଯିବାବେଳେ କେଉଁମାନେ ତା'ର ସ୍ୱାଗତ ପାଇଁ ବାହାରି ଆସିବେ ବୋଲି କୁହାଯାଇଛି । ?**

ଉ: ବାରିବାହ ବେଳାଭୂମିର ଶ୍ୟାମଳ ପଥରେ ଯିବାବେଳେ ପଲ୍ଲୀବାଳାମାନେ ତା'ର ସ୍ୱାଗତ ପାଇଁ ବାହାରି ଆସିବେ ।

**ପ୍ର.୪୭. ଲେଖକ କାହାକୁ ଭୁବନ ମୋହନ ବୋଲି କହିଛନ୍ତି ?**

ଉ: ଉତ୍କଳର ଅନ୍ୟତମ କୀର୍ତ୍ତି କୋଣାର୍କକୁ ଲେଖକ ଭୁବନ ମୋହନ ବୋଲି କହିଛନ୍ତି ।

**ପ୍ର.୪୮. କିଏ ମ୍ଳାନ ଓ ଛିନ୍ନ ହୋଇ ବିଜନ ବେଳାରେ ପଡ଼ିରହିଛି ?**

ଉ: କୋଣାର୍କ ମନ୍ଦିର ମ୍ଳାନ ଓ ଛିନ୍ନ ହୋଇ ବିଜନ ବେଳାରେ ପଡ଼ିରହିଛି ।

**ପ୍ର.୩୩. ଉତ୍କଳବାସୀ କାହାଉପରେ ବସି ଉପବାସୀ ହୋଇଛନ୍ତି ?**

ଉ: ଉତ୍କଳବାସୀ ରତ୍ନ ସ୍ତୂପ ଉପରେ ବସି ଉପବାସୀ ।

**ପ୍ର.୩୪. ସୂକ୍ଷ୍ମଶାଳୀର ଗନ୍ତାଘର କିଏ ?**

ଉ: ଉତ୍କଳର ପଶ୍ଚିମାଞ୍ଚଳ ସମ୍ବଲପୁର ସୂକ୍ଷ୍ମଶାଳୀର ଗନ୍ତାଘର ।

**ପ୍ର.୩୫. କେଉଁ ନଦୀ ଉପଳ ଶଯ୍ୟାରେ ଯାଉ ଯାଉ ସ୍ୱର୍ଣ୍ଣରେଣୁ ଢ଼ାଳିଦିଏ ?**

ଉ: ତନ୍ୱୀ ମହାନଦୀ ଉପଳ ଶଯ୍ୟାରେ ଯାଉ ଯାଉ ସ୍ୱର୍ଣ୍ଣରେଣୁ ଢ଼ାଳିଦିଏ ।

**ପ୍ର.୩୬. କେଉଁ ଅଞ୍ଚଳର ନରନାରୀମାନଙ୍କୁ ଦୁଃଖ ଦୈନ୍ୟରେ ମଧ୍ୟ ବିଷାଦ କାଳିମା ଛୁଏଁ ନାହିଁ ?**

ଉ: ସମ୍ବଲପୁର ଅଞ୍ଚଳର ନରନାରୀମାନଙ୍କୁ ଦୁଃଖ ଦୈନ୍ୟରେ ମଧ୍ୟ ବିଷାଦ କାଳିମା ଛୁଏଁ ନାହିଁ ।

**ପ୍ର.୩୭. ଉତ୍କଳର ଉତ୍ତମାଙ୍ଗ ବୋଲି ଲେଖକ କାହାକୁ କହିଛନ୍ତି ?**

ଉ: ସୌଧାବଳୀପୂର୍ଣ୍ଣ କଟକକୁ ଉତ୍କଳର ଉତ୍ତମାଙ୍ଗ ବୋଲି ଲେଖକ କହିଛନ୍ତି ।

**ପ୍ର.୩୮ .ଗର୍ବିତ ଗଜପତିର ରାଜଧାନୀ ବୋଲି କାହାକୁ କୁହାଯାଇଛି ?**

ଉ: ଗର୍ବିତ ଗଜପତିର ରାଜଧାନୀ ବୋଲି କଟକକୁ କୁହାଯାଇଛି ।

**ପ୍ର.୩୯. କେଉଁଠାରୁ ଅଜେୟ ବାହିନୀ ଝଟିକା ବେଗରେ ଦୁର୍ଗରୁ ଦୁର୍ଗାନ୍ତରକୁ ଗତି କରି ଚାଲୁଥିଲେ ?**

ଉ: ବିଡ଼ାନାସୀ କଟକରୁ ଅଜେୟ ବାହିନୀ ଝଟିକା ବେଗରେ ଦୁର୍ଗରୁ ଦୁର୍ଗକୁ ଗତି କରିଯାଉଥିଲେ ।

**ପ୍ର.୪୦. କେଉଁ କଟକର ସ୍ମୃତି ଆଜି ମୃତ୍ତିକାରେ ଅବଲୁପ୍ତ ?**

ଉ: ବିଡ଼ାନାସୀ କଟକର ସ୍ମୃତି ଆଜି ମୃତ୍ତିକାରେ ଅବଲୁପ୍ତ ।

**ପ୍ର.୪୧. ବାରବାଟୀର ସ୍ଖଳିତ ପ୍ରସ୍ତରରେ କ'ଣ ଆଜିଯାଏ ଲାଗି ରହିଛି ?**

ଉ: ବାରବାଟୀର ସ୍ଖଳିତ ପଥରରେ ବିଡ଼ାନାସୀ କଟକର ସ୍ମୃତି ଓ କୀର୍ତ୍ତି ଆଜିଯାଏ ଲାଗି ରହିଛି ।

**ପ୍ର.୪୨. କେଉଁ ରାଜାଙ୍କ ମହାକୀର୍ତ୍ତି ଚିତ୍ରୋତ୍ପଳାର ମେଖଳା ପରି ଦିଶୁଛି ?**

ଉ: ମର୍କତ କେଶରୀଙ୍କର ମହାକୀର୍ତ୍ତି ଚିତ୍ରୋତ୍ପଳାର ମେଖଳା ପରି ଦିଶୁଛି ।

**ପ୍ର.୪୩. କେଉଁଠାରେ ଉତ୍କଳର କବି, ଜ୍ଞାନୀ, ଗୁଣୀ ଓ କର୍ମୀ ଉଜାଗର ରହି ଜ୍ଞାନଦୀପ ଜାଳିଥିଲେ ?**

ଉ: କଟକଠାରେ ଉତ୍କଳର କବି, ଜ୍ଞାନୀ, ଗୁଣୀ ଓ କର୍ମୀ ଉଜାଗର ରହି ଜ୍ଞାନଦୀପ ଜାଳିଥିଲେ ।

**ପ୍ର.୪୪. କାହାକୁ ସ୍ମୃତିର ଶ୍ମଶାନ ବୋଲି କୁହାଯାଇଛି ?**

ଉ: ପ୍ରାଚୀନ ଉତ୍କଳର ଅନ୍ୟତମ ରାଜଧାନୀ ମନ୍ଦିରମାଳିନୀ ଭୁବନେଶ୍ୱରକୁ ସ୍ମୃତିର ଶ୍ମଶାନ ବୋଲି କୁହାଯାଇଛି ।

**ପ୍ର.୪୫. କିଏ ଉତ୍କଳଭୂମିର ମାନଦଣ୍ଡ ପରି ଦଣ୍ଡାୟମାନ ବୋଲି ଲେଖକ କହିଛନ୍ତି ?**

ଉ: ଭୁବନେଶ୍ୱରର ଉତ୍କଳ ମହୀର ମାନଦଣ୍ଡ ପରି ଦଣ୍ଡାୟମାନ ।

**ପ୍ର.୪୬. ବାରିବାହ ବେଳାଭୂମିର ଶ୍ୟାମଳ ପଥରେ ଯିବାବେଳେ କେଉଁମାନେ ତା'ର ସ୍ୱାଗତ ପାଇଁ ବାହାରି ଆସିବେ ବୋଲି କୁହାଯାଇଛି । ?**

ଉ: ବାରିବାହ ବେଳାଭୂମିର ଶ୍ୟାମଳ ପଥରେ ଯିବାବେଳେ ପଲ୍ଲୀବାଳାମାନେ ତା'ର ସ୍ୱାଗତ ପାଇଁ ବାହାରି ଆସିବେ ।

**ପ୍ର.୪୭. ଲେଖକ କାହାକୁ ଭୁବନ ମୋହନ ବୋଲି କହିଛନ୍ତି ?**

ଉ: ଉତ୍କଳର ଅନ୍ୟତମ କୀର୍ତ୍ତି କୋଣାର୍କକୁ ଲେଖକ ଭୁବନ ମୋହନ ବୋଲି କହିଛନ୍ତି ।

**ପ୍ର.୪୮. କିଏ ମ୍ଳାନ ଓ ଛିନ୍ନ ହୋଇ ବିଜନ ବେଳାରେ ପଡ଼ିରହିଛି ?**

ଉ: କୋଣାର୍କ ମନ୍ଦିର ମ୍ଳାନ ଓ ଛିନ୍ନ ହୋଇ ବିଜନ ବେଳାରେ ପଡ଼ିରହିଛି ।

# ତିନି ଡୁଣ୍ଡରେ

ଡ. ଭୁବନେଶ୍ୱର ବେହେରା

**ପ୍ରାବନ୍ଧିକ ପିରିଚିତି :**

ଜଣେ ସଫଳ ଗାଳ୍ପିକ, ପ୍ରାବନ୍ଧିକ ଓ ରମ୍ୟରଚନାକାର ଭାବରେ ସୁପରିଚିତ ଡକ୍ଟର ଭୁବନେଶ୍ୱର ବେହେରା । ସେ ଏକାଧାରରେ ଜଣେ ଇଞ୍ଜିନିୟର ଓ ସାହିତ୍ୟିକ । ଆଧୁନିକ ପର୍ବର ପ୍ରବନ୍ଧ ସାହିତ୍ୟରେ ଫକୀରମୋହନୀୟ ଧାରା ଓ ଗୋପାଳ ପ୍ରହରାଜଙ୍କ ସରସ ଗଦ୍ୟଧାରାର ସଫଳ ରୂପକାର ଭୁବନେଶ୍ୱର ବେହେରା । ଆଧୁନିକ ମଣିଷର ରୀତିନୀତି, ଚାଲିଚଳଣ, ମନସ୍ତତ୍ତ୍ୱ, ଶିକ୍ଷା, ସଭ୍ୟତା ପ୍ରଭୃତି ବିଭିନ୍ନ ବିଷୟକୁ ଉପଜୀବ୍ୟ କରି ପ୍ରବନ୍ଧ ରଚନା କରିବାରେ ବେହେରା ସିଦ୍ଧହସ୍ତ । ସରସ ଗଦ୍ୟ ଶୈଳୀର ପ୍ରୟୋଗବାଦୀ ସ୍ରଷ୍ଟା ଭାବରେ ସେ ଯଶସ୍ୱୀ । ବୃତ୍ତିରେ ଇଞ୍ଜିନିୟର ହେଲେ ମଧ୍ୟ ସାହିତ୍ୟ ସାଧନା ଥିଲା ତାଙ୍କର ପ୍ରବୃତ୍ତି । ପରିପକ୍ୱ ବିଚାରବୁଦ୍ଧିରେ ତାଙ୍କ ସୃଷ୍ଟିସମ୍ଭାର ଋଦ୍ଧିମନ୍ତ । ତାଙ୍କ ପ୍ରବନ୍ଧ ସରସ ଓ ସୁଖପାଠ୍ୟ, ଭାଷା ବଳିଷ୍ଠ, ତୀବ୍ର ସାମାଜିକ ବ୍ୟଙ୍ଗ ବିଦ୍ରୂପରେ ପରିପୂର୍ଣ୍ଣ ଓ ଆକର୍ଷଣୀୟ ଗଦ୍ୟଶୈଳୀ ରଚିତ ପ୍ରବନ୍ଧଗୁଡ଼ିକ ପାଠକର ମନକୁ ଭାରାକ୍ରାନ୍ତ ନକରି ଉଲ୍ଲସିତ କରିଥାଏ । ଆଜିର ଜୀବନଧାରା ସହିତ ଜଡ଼ିତ ଲୋକ ବିଶ୍ୱାସ, ପୌରାଣିକ ଆଖ୍ୟାନ, ଇତିହାସ ଓ ରଢ଼ି ପ୍ରଭୃତି ପ୍ରସଙ୍ଗ ନେଇ ସାଂପ୍ରତିକ ଜୀବନର ବିଶ୍ଳେଷଣ କରନ୍ତି । ସାଧାରଣ ମଣିଷର କଥୋପକଥନ ଶୈଳୀରେ ଓ ଗଳ୍ପ ଛଳରେ ଜୀବନର ବହୁ ଜଟିଳ ସମସ୍ୟାକୁ ହୃଦୟସ୍ପର୍ଶୀ ଭାଷାରେ ପ୍ରକାଶ କରନ୍ତି ।

ଏହି ପ୍ରତିଭାବାନ ଲେଖକ ୧୯୧୫ ମସିହାରେ କଳାହାଣ୍ଡି ଜିଲ୍ଲାର କାଶିବାହାଲ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । କର୍ମମୟ ଜୀବନରେ ଜଣେ ଦକ୍ଷ ଇଞ୍ଜିନିୟର, ଶିକ୍ଷାବିତ୍ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ଭାବରେ କାର୍ଯ୍ୟଭାର ଗ୍ରହଣ କରିଥିଲେ । ଅବସର ପରେ ସାହିତ୍ୟ ଚର୍ଚ୍ଚା ହିଁ ତାଙ୍କର ମୁଖ୍ୟ କାର୍ଯ୍ୟ ଥିଲା । ସାହିତ୍ୟର ବିଭିନ୍ନ ବିଭାଗରେ ସେ ଲେଖନୀ ଚାଳନା କରିଛନ୍ତି । ତାଙ୍କ ପ୍ରକାଶିତ ଗ୍ରନ୍ଥଗୁଡ଼ିକ ମଧ୍ୟରେ 'ଶୁଣ ପରୀକ୍ଷ' 'କହି ନଜାଣେ', 'କଥା ଓ ଲଥା', 'ଫର ଫର ଉଡ଼େ ପତାକା କାନି', 'ସହାବସ୍ଥାନ', 'ପଶ୍ଚିମ ଆଫ୍ରିକାରେ ଓଡ଼ିଆ ଢ଼ିଙ୍କି ପ୍ରଭୃତି ପ୍ରଧାନ । 'ଶୁଣ ପରୀକ୍ଷ' ଗ୍ରନ୍ଥ ପାଇଁ ସେ ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି ।

# ପ୍ରଶ୍ନାବଳୀ

**(କ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

**ପ୍ର.୧. ଶାସନ ପଦ୍ଧତିଗୁଡ଼ିକ ମଧ୍ୟରେ କେଉଁ ଶାସନ ହିଁ ସର୍ବୋତ୍କୃଷ୍ଟ ।**
(ଏକଛତ୍ରବାଦ, ଗଣତନ୍ତ୍ର, ରାଜତନ୍ତ୍ର, ସାମ୍ୟବାଦ) — ଉ. ଗଣତନ୍ତ୍ର

**ପ୍ର.୨. କେଉଁମାନଙ୍କ ଦ୍ୱାରା ପ୍ରଚଳିତ ଶାସନ ହିଁ ଗଣତନ୍ତ୍ରର ପ୍ରଧାନ ଓ ପ୍ରକୃତ ବିଶେଷତ୍ୱ ବୋଲି କୁହାଯାଇପାରେ ?**
(ଗଣଙ୍କ, ଜଣଙ୍କ, ରାଜାଙ୍କ, ମନ୍ତ୍ରୀଙ୍କ) — ଉ. ଗଣଙ୍କ

**ପ୍ର.୩. ଗଣତନ୍ତ୍ର ଶାସନରେ ଲୋକେ କାହାକୁ ଶାସନ କରନ୍ତି ।**
(ପ୍ରଜାଙ୍କୁ, ରାଜାଙ୍କୁ, ନିଜେ ନିଜକୁ, ନିଜେ ଅନ୍ୟକୁ) — ଉ. ନିଜେ ନିଜକୁ

**ପ୍ର.୪. କେଉଁ ଶାସନରେ ଶାସକ ଓ ଶାସିତ ଏକ ଓ ଅଭିନ୍ନ ।**
(ଗଣତନ୍ତ୍ର, ଜଣତନ୍ତ୍ର, ସମୂହତନ୍ତ୍ର, ବ୍ୟକ୍ତିତନ୍ତ୍ର) — ଉ. ଗଣତନ୍ତ୍ର

**ପ୍ର.୫. କେଉଁ ଶାସନରେ ପ୍ରଭୁ କିମ୍ବା ଦାସ, ଶୋଷକ କିମ୍ବା ଶୋଷିତର କଳ୍ପନା କରାଯାଇ ନପାରେ ।**
(ସମଷ୍ଟିଗତ, ବ୍ୟକ୍ତିଗତ, ଗଣତନ୍ତ୍ର, ସ୍ୱାଧୀନ) — ଉ. ଗଣତନ୍ତ୍ର

**ପ୍ର.୬. ଭାରତରେ ସାମାଜିକ ନ୍ୟାୟର ସ୍ୱରୂପ କିପରି ?**
(ଲଙ୍କାରେ ହରି ଶବ୍ଦ ପରି, ଢୋଲ ଭିତରେ ମୂଷାପରି, ବାପରାଣ ଢେଙ୍କିଗିଳି ପରି, ଉଷୁନା ଧାନ ଗଜା ହେବାପରି) — ଉ. ଲଙ୍କାରେ ହରି ଶବ୍ଦ ପରି

**ପ୍ର.୭. କୁସଂସ୍କାର ପୂର୍ଣ୍ଣ ସାଧାରଣ ଶିକ୍ଷା ବିହୀନ ସମାଜରେ କେଉଁ ଅଧିକାର ଚିଲିକା ମାଛପରି ସ୍ୱପ୍ନିଳ ଓ ଦୁଷ୍ପ୍ରାପ୍ୟ ।**
(ବ୍ୟକ୍ତିଗତ ଅଧିକାର, ସଂପତ୍ତିଗତ ଅଧିକାର, ଭୋଟଦାନ ଅଧିକାର, ସାମାଜିକ ଅଧିକାର)
ଉ. ବ୍ୟକ୍ତିଗତ ଅଧିକାର

ପ୍ର.୮. ଗଣତନ୍ତ୍ରରେ ଜନତାର ଶାସନ କିପରି ହେବା ସ୍ୱାଭାବିକ ।
(ପରୋକ୍ଷ, ପ୍ରତ୍ୟକ୍ଷ, ସ୍ୱପ୍ନିଳ, ଦୁଃଷ୍ପ୍ରାପ୍ୟ) ଉ. ପରୋକ୍ଷ

ପ୍ର.୯. ଗଣତନ୍ତ୍ରର ମେରୁଦଣ୍ଡ କ'ଣ ?
(ଲୋକପ୍ରତିନିଧି ମନୋନୟନ, ଏକକ ମନୋନୟନ, ଏକଛତ୍ରବାଦ, ସାମ୍ରାଜ୍ୟବାଦ)
ଉ. ଲୋକପ୍ରତିନିଧି ମନୋନୟନ

ପ୍ର.୧୦. ଶାସନ ସମ୍ବନ୍ଧୀୟ ଜ୍ଞାନର ସୁଶିକ୍ଷିତ ଭୋଟ ଦାତାମାନେ କ'ଣ ହେବା ପାଇଁ ଉପଯୁକ୍ତ ।
(ଲୋକ ପ୍ରତିନିଧି, ପ୍ରଶାସକ, ଅଧକ୍ଷ, ମନ୍ତ୍ରୀ) ଉ. ଲୋକ ପ୍ରତିନିଧି

ପ୍ର.୧୧. ଅଧିକାର ତଥା କର୍ତ୍ତବ୍ୟଜ୍ଞାନ ସମ୍ବନ୍ଧରେ ଅଜ୍ଞ ଦେଶର ଜନତା ଉପରେ ଗୁଣ ଅପେକ୍ଷା କ'ଣ ବିଶେଷ କାମ କରେ ?
(ପ୍ରୋପାଗଣ୍ଡା, ଘୋଷଣା, ରାଜକୀୟ ଢଙ୍ଗ, ସାଧୁତା) ଉ. ପ୍ରୋପାଗଣ୍ଡା

ପ୍ର.୧୨. 'ବିରାଡ଼ି ବୈଷ୍ଣବ'ମାନେ ଶାସନ କ୍ଷମତା ପାଇବା ଲୋଭରେ କ'ଣ ହେବାକୁ ବାହାରି ପଡ଼ନ୍ତି ?
(ଭଡ଼ାଟିଆ ଲୋକ, ପ୍ରତିଦ୍ୱନ୍ଦ୍ୱୀ, ଜନତାର ପ୍ରତିନିଧି, ଶାସକ) ଉ. ଜନତାର ପ୍ରତିନିଧି

ପ୍ର.୧୩. କାହାକୁ ଦେଖି ଗୋସେଇଁଙ୍କ ଦେହରୁ ଗମ୍‌ଗମ୍ ଝାଳ ବୋହିଗଲା ।
(ରାଧୁ, ପାଣୁ, ଅଗାଧୁ, ସାଧୁ) ଉ. ପାଣୁ

ପ୍ର.୧୪. କେତେବର୍ଷ ନ ପୂରିଲେ ତମର ବୁଦ୍ଧିହୁଏ ନାହିଁ ବୋଲି ଗୋସେଇଁ ମହାରାଜ ପାଣୁକୁ କହିଛନ୍ତି ।
(୮୦, ୫୦, ୬୦, ୭୦) ଉ. ୬୦

ପ୍ର.୧୫. କାହାକୁ ଦେଖି ପୁରୋହିତଙ୍କ ଛାତିରେ ପବନ ଅଟକି ଗଲା ?
(ରାଧୁ, ଅଗାଧୁ, ଶ୍ୟାମ, ଦାମ) ଉ. ରାଧୁ

ପ୍ର.୧୬. ଚାରିହାତ ଠେଙ୍ଗାଧରି ଥିବା ବିରାଟକାୟ ପୁରୁଷଟି କିଏ ?
(ଅଗାଧୁ, ରାଧୁ, ମଧୁ, ଫଗୁ) ଉ. ଅଗାଧୁ

ପ୍ର.୧୭. ଆଜିର ଶିକ୍ଷିତ ଭୋଟଦାତାମାନେ ଭୋଟ ଦେବାକୁ କ'ଣ ହୋଇଥା'ନ୍ତି ?
(ଉଦାସୀନ, ତତ୍ପର, ସଚେତନ, ଅଚେତନ) ଉ. ଉଦାସୀନ

ପ୍ର.୧୮. ଆଜିର ଜନତାଜନାର୍ଦ୍ଦନ କାହାପରି ଓଠ ଚାଟି ତରାଜୁ ଧରିଥିବା ପ୍ରତିନିଧିମାନଙ୍କୁ ଅନାଇ ରହିଛନ୍ତି ?
(ଦୁଇ ବିରାଡ଼ି, ଦୁଇ ମାଙ୍କଡ଼, ଦୁଇ ଭାଲୁ, ଦୁଇ ଡିନିଁତୁଣ୍ଡ) ଉ. ଦୁଇ ବିରାଡ଼ି

ପ୍ର.୧୯. ଗଣତନ୍ତ୍ର ଶାସନ ହିଁ ________ ଶାସନ ଏଥିରେ ସନ୍ଦେହ ନାହିଁ ।
(ଶ୍ରେଷ୍ଠ, କନିଷ୍ଠ, ଅଦରକାରୀ, ଦରକାରୀ) ଉ. ଶ୍ରେଷ୍ଠ

ପ୍ର.୨୦. ଗଣତନ୍ତ୍ର ଶାସନରେ ଆମର ଆଜି ଏ ଅବସ୍ଥା ପାଇଁ କିଏ ଦାୟୀ ?
(ଦେଶ, ଜନତା, ଆମେ, ଆପଣମାନେ) ଉ. ଆମେ

## (ଖ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।

ପ୍ର.୧. ଗଣତନ୍ତ୍ର ସଂପର୍କରେ ଅନେକ କ'ଣ କୁହନ୍ତି ?
ଉ. ଶାସନ ପଦ୍ଧତିଗୁଡ଼ିକ ମଧ୍ୟରେ ଗଣତନ୍ତ୍ର ହିଁ ସର୍ବୋତ୍କୃଷ୍ଟ ଶାସନ ବୋଲି ଅନେକ କୁହନ୍ତି ।

ପ୍ର.୨. 'ଗଣତନ୍ତ୍ର' କାହାକୁ କୁହାଯାଏ ?
ଉ. 'ଗଣଙ୍କ ଦ୍ୱାରା', 'ଗଣଙ୍କ ପାଇଁ', 'ଗଣଙ୍କର' ଶାସନକୁ ଗଣତନ୍ତ୍ର କୁହାଯାଏ ।

**ପ୍ର.୩: ଗଣତନ୍ତ୍ରର ପ୍ରକୃତ ଓ ପ୍ରଧାନ ବିଶେଷତ୍ୱ କ'ଣ ?**

ଉ. ଗଣତନ୍ତ୍ରର ପ୍ରକୃତି ଓ ପ୍ରଧାନ ବିଶେଷତ୍ୱ ହେଉଛି ଗଣଙ୍କ ଦ୍ୱାରା ଶାସନ ।

**ପ୍ର.୪. କେଉଁ ଶାସନରେ ଲୋକେ ନିଜେ ନିଜକୁ ଶାସନ କରନ୍ତି ?**

ଉ. ଗଣତନ୍ତ୍ର ଶାସନରେ ଲୋକେ ନିଜେ ନିଜକୁ ଶାସନ କରନ୍ତି ।

**ପ୍ର.୫. ଗଣତନ୍ତ୍ର ଶାସନରେ କିଏ ଏକ ଓ ଅଭିନ୍ନ ?**

ଉ. ଗଣତନ୍ତ୍ର ଶାସନରେ ଶାସକ ଓ ଶାସିତ ଏକ ଓ ଅଭିନ୍ନ ।

**ପ୍ର.୬. ଭାରତରେ ସାମାଜିକ ନ୍ୟାୟ ପରିକଳ୍ପନା କିପରି ମନେହୁଏ ?**

ଉ. ଭାରତରେ ଛୁଆଁ ଅଛୁଆଁର ଭେଦଭାବ ଏତେ ଯେ ସାମାଜିକ ନ୍ୟାୟ ଲଙ୍କାରେ ହରି ଶବ୍ଦ ପରି ।

**ପ୍ର.୭. ଗଣତନ୍ତ୍ରରେ କେଉଁମାନେ ସିଧାସଳଖ ଭାବରେ ଶାସନକର୍ତ୍ତା ହୁଅନ୍ତି ?**

ଉ. ଗଣତନ୍ତ୍ରରେ ଜନତାର ପ୍ରତିନିଧିମାନେ ସିଧାସଳଖ ଭାବରେ ଶାସନକର୍ତ୍ତା ହୁଅନ୍ତି ।

**ପ୍ର.୮. ଲୋକ ପ୍ରତିନିଧି ମନୋନୟନକୁ ଗଣତନ୍ତ୍ରର କ'ଣ ବୋଲି କୁହାଯାଏ ?**

ଉ. ଲୋକ ପ୍ରତିନିଧି ମନୋନୟନକୁ ଗଣତନ୍ତ୍ରର ମେରୁଦଣ୍ଡ ବୋଲି କୁହାଯାଏ ।

**ପ୍ର.୯. ନାଗରିକ ଅଧିକାର ତଥା ପ୍ରତିନିଧି ବାଛିବାର ଗୁରୁତ୍ୱ ସମ୍ବନ୍ଧରେ ସଚେତନ ଦେଶର ଲୋକମାନେ କେଉଁ ଜ୍ଞାନରେ ସୁଶିକ୍ଷିତ ?**

ଉ. ନାଗରିକ ଅଧିକାର ତଥା ପ୍ରତିନିଧି ବାଛିବାର ଗୁରୁତ୍ୱ ସମ୍ବନ୍ଧରେ ସଚେତନ ଦେଶର ଲୋକମାନେ ଶାସନ ସମ୍ବନ୍ଧୀୟ ଜ୍ଞାନରେ ସୁଶିକ୍ଷିତ ।

**ପ୍ର.୧୦. ଯେଉଁ ଦେଶର ଜନତା ନିଜ ଅଧିକାର ଓ କର୍ତ୍ତବ୍ୟଜ୍ଞାନ ସମ୍ବନ୍ଧରେ ଅଜ୍ଞ ସେଠାରେ କ'ଣ ବିଶେଷ ଭାବରେ କାମ କରେ ।**

ଉ. ଯେଉଁ ଦେଶର ଜନତା ନିଜ ଅଧିକାର ଓ କର୍ତ୍ତବ୍ୟ ଜ୍ଞାନ ସମ୍ବନ୍ଧରେ ଅଜ୍ଞ, ସେଠାରେ ଗୁଣ ଅପେକ୍ଷା ପ୍ରୋପାଗଣ୍ଡା ହିଁ ବିଶେଷ ଭାବରେ କାମ କରେ ।

**ପ୍ର.୧୧. ଭଲମନ୍ଦ ଚିହ୍ନିବାର ଯୋଗ୍ୟତା ଯେଉଁଠାରେ ନାହିଁ ସେଠାରେ ମୁଖ୍ୟତଃ କାହାର ଜୟ ହୁଏ ?**

ଉ. ଭଲମନ୍ଦ ଚିହ୍ନିବାର ଯୋଗ୍ୟତା ଯେଉଁଠାରେ ନାହିଁ ସେଠାରେ ମୁଖ୍ୟତଃ ପ୍ରୋପାଗଣ୍ଡାର ହିଁ ଜୟ ହୁଏ ।

**ପ୍ର.୧୨. ଆଗନ୍ତୁକଙ୍କୁ ଚିହ୍ନିପାରି ଥତମତ ଗଳାରେ ପୁରୋହିତ କ'ଣ ପଚାରିଥିଲେ ?**

ଉ. ଆଗନ୍ତୁକଙ୍କୁ ଚିହ୍ନିପାରି ଥତମତ ଗଳାରେ ପୁରୋହିତ 'ପାଣ୍ଡୁ କିରେ ?' ବୋଲି ପଚାରିଲେ ।

**ପ୍ର.୧୩. ଗୋସେଇଁଙ୍କୁ କିଏ ଛେଳିଟିଏ ଦାନ ଦେଇଥିଲେ ?**

ଉ. ଗୋସେଇଁଙ୍କୁ ଯଜମାନ ଛେଳିଟିଏ ଦାନ ଦେଇଥିଲେ ।

**ପ୍ର.୧୪. କାହାକୁ ଦେଖି ଗୋସେଇଁ ଘାବରେଇ ଯାଇଥିଲେ ?**

ଉ. ପାଣ୍ଡୁକୁ ଦେଖି ଗୋସେଇଁ ଘାବରେଇ ଯାଇଥିଲେ ।

**ପ୍ର.୧୫. ଗୋସେଇଁଙ୍କ ଆଗରେ ହଠାତ୍ ଆବିର୍ଭାବ ହୋଇଥିବା ବିରାଟକାୟ ପୁରୁଷଟି କିଏ ଥିଲା ?**

ଉ. ଗୋସେଇଁଙ୍କ ଆଗରେ ହଠାତ୍ ଆବିର୍ଭାବ ହୋଇଥିବା ବିରାଟକାୟ ପୁରୁଷଟି ପାଖ ଗାଁର ଅଗାଧୁ ।

**ପ୍ର.୧୬. ଆଜି ଆମ ଦେଶରେ ଅଗଣିତ ପାଣ୍ଡୁ, ରାଧୁ ଓ ଅଗାଧୁ କେଉଁ ଉଦ୍ଦେଶ୍ୟରେ ବାହାରିଛନ୍ତି ?**

ଉ. ଆଜି ଆମ ଦେଶରେ ଅଗଣିତ ପାଣ୍ଡୁ, ରାଧୁ ଓ ଅଗାଧୁ ଛେଳିକୁ କୁକୁର, କୁକୁରକୁ ଛେଳି କରିବା ଉଦ୍ଦେଶ୍ୟରେ ବାହାରିଛନ୍ତି ।

**ପ୍ର.୧୭. ଅନେକ କ୍ଷେତ୍ରରେ ପାଣ୍ଡୁ, ରାଧୁ ଓ ଅଗାଧୁମାନଙ୍କର ଜୟ ହେବାର କାରଣ କ'ଣ ?**

ଉ. ଅନେକ କ୍ଷେତ୍ରରେ ପାଣ୍ଡୁ, ରାଧୁ ଓ ଅଗାଧୁମାନଙ୍କର ଜୟ ହେବାର କାରଣ ଶିକ୍ଷିତ ଭୋଟଦାତାମାନେ ଉଦାସୀନ ରହୁଛନ୍ତି ।

**ପ୍ର.୧୮. ଗୁଣହୀନ ଓ ନୀତିହୀନ ପ୍ରତିନିଧିମାନେ କିପରି କ୍ଷମତା ପାଉଛନ୍ତି ?**

ଉ. ଗୁଣହୀନ ଓ ନୀତିହୀନ ପ୍ରତିନିଧିମାନେ ପ୍ରଚାର ଶକ୍ତି ବଳରେ କ୍ଷମତା ପାଉଛନ୍ତି ।

**ପ୍ର.୧୯. ଗୁଣହୀନ ଓ ନୀତିହୀନ ପ୍ରତିନିଧିମାନେ ବିବାଦୀ ଜନତାଙ୍କ ମଧ୍ୟରେ କେଉଁ ନ୍ୟାୟରେ ସୁବିଧା ବାଣ୍ଟୁଛନ୍ତି ?**

ଉ. ଗୁଣହୀନ ଓ ନୀତିହୀନ ପ୍ରତିନିଧିମାନେ ବିବାଦୀ ଜନତାଙ୍କ ମଧ୍ୟରେ ମାଙ୍କଡ଼ ଦୁଇ ବିରାଡ଼ିଙ୍କୁ ପିଠା ବାଣ୍ଟିଲା ନ୍ୟାୟରେ ସୁବିଧା ବାଣ୍ଟୁଛନ୍ତି ।

**ପ୍ର.୨୦. ଜନତା ଜନାର୍ଦ୍ଦନ କାହା ପରି ଓଠ ଚାଟି ପ୍ରତିନିଧିମାନଙ୍କୁ ଅନାଇ ରହୁଛନ୍ତି ?**

ଉ. ଜନତା ଜନାର୍ଦ୍ଦନ ଦୁଇ ବିରାଡ଼ିଙ୍କ ପରି ଖାଲି ଓଠ ଚାଟି ପ୍ରତିନିଧିମାନଙ୍କୁ ଅନାଇ ରହୁଛନ୍ତି ।

**ପ୍ର.୨୧. ନେତାମାନଙ୍କର ରାଜନୈତିକ ପଟ୍ଟ ପରିବର୍ତ୍ତନ ପରେ କେଉଁ ଖେଳ ଆରମ୍ଭ ହୁଏ ?**

ଉ. ନେତାମାନଙ୍କର ରାଜନୈତିକ ପଟ୍ଟ ପରିବର୍ତ୍ତନ ପରେ ବାଉଁଶ ରାଣୀ ଖେଳ ଆରମ୍ଭ ହୁଏ ।

**ପ୍ର.୨୨. ମେଣ୍ଢାଶାଳ ଭିତରେ ଗଧିଆ କେଉଁ ପୋଷାକରେ ରହେ ?**

ଉ. ଗଧିଆ ମେଣ୍ଢାଶାଳରେ ମେଣ୍ଢା ପୋଷାକରେ ରହେ ।

**ପ୍ର.୨୩. କେଉଁ ଶାସନ ଶ୍ରେଷ୍ଠ ଶାସନ ବୋଲି ଲେଖକ କହିଛନ୍ତି ?**

ଉ. ଗଣତନ୍ତ୍ର ଶାସନ ଶ୍ରେଷ୍ଠ ଶାସନ ବୋଲି ଲେଖକ କହିଛନ୍ତି ।

**ପ୍ର.୨୪. ଗଣତନ୍ତ୍ରରେ ଆମର ଆଜିର ଅବସ୍ଥା ପାଇଁ କାହାକୁ ଦାୟୀ କରାଯାଇଛି ?**

ଉ. ଗଣତନ୍ତ୍ରରେ ଆମର ଆଜିର ଅବସ୍ଥା ପାଇଁ ଆମ ନିଜକୁ ହିଁ ଦାୟୀ କରାଯାଇଛି ।

**ପ୍ର.୨୫. ଗଣଶିକ୍ଷା ଓ ଗଣଚେତନାର ଅଭାବ ଥିବାଯାଏ କାହାର ସଫଳତା ଆଶା କରିବା ବିଡ଼ମ୍ବନା ?**

ଉ. ଗଣଶିକ୍ଷା ଓ ଗଣଚେତନାର ଅଭାବ ଥିବାଯାଏ ଗଣତନ୍ତ୍ରର ସଫଳତା ଆଶା କରିବା ବିଡ଼ମ୍ବନା ।

## (ଗ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର। ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଠିକ୍ ଉତ୍ତର ପାଇଁ ୧ ନମ୍ବର ।

**ପ୍ର.୧. ଶାସନ କହିଲେ କ'ଣ ବୁଝାଏ ?**

ଉ. ପ୍ରବନ୍ଧ – ତିନି ତୁଣ୍ଡରେ

ପ୍ରାବନ୍ଧିକ – ଭୁବନେଶ୍ୱର ବେହେରା

ଶାସନ କହିଲେ ଶାସନ ବା ଲୋକଙ୍କ ଉପରେ ଶାସନକୁ ହିଁ ବୁଝାଏ । ନିଜ ସ୍ତ୍ରୀ ପିଲାଛୁଆଙ୍କ ଉପରେ ମାଲିକାନା ଜାହିର କରିବା ଶାସନ ନୁହେଁ ।

**ପ୍ର.୨. ଗଣତନ୍ତ୍ର ଶାସନ କହିଲେ କ'ଣ ବୁଝାଏ ?**

ଉ. ପ୍ରବନ୍ଧ – ତିନି ତୁଣ୍ଡରେ

ପ୍ରାବନ୍ଧିକ – ଭୁବନେଶ୍ୱର ବେହେରା

ଗଣତନ୍ତ୍ର ଶାସନ କହିଲେ ଗଣଙ୍କ ଦ୍ୱାରା, ଗଣଙ୍କ ପାଇଁ, ଗଣଙ୍କର ଶାସନକୁ ହିଁ ବୁଝାଏ ।

# ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା

ଗୋଲୋକ ବିହାରୀ ଧଳ

## ପ୍ରାବନ୍ଧିକ ପରିଚିତି (୧୯୨୧-୧୯୭୪)

ସ୍ୱାଧୀନତା ପରବର୍ତ୍ତୀ ପ୍ରବନ୍ଧ ସାହିତ୍ୟରେ ଜଣେ ଉଚ୍ଚକୋଟୀର ପ୍ରାବନ୍ଧିକ ଭାବରେ ସ୍ୱର୍ଗତ ଗୋଲୋକ ବିହାରୀ ଧଳ ଅତ୍ୟନ୍ତ ସ୍ମରଣୀୟ । ଭାଷା, ସାହିତ୍ୟ, ସଂସ୍କୃତି, ଶିକ୍ଷା, ଶିକ୍ଷକ, ଜାତୀୟ ମୂଲ୍ୟବୋଧ ଆଦି ଜାତୀୟ ସ୍ତରର ବିଭିନ୍ନ ସମସ୍ୟାକୁ କେନ୍ଦ୍ରକରି ତାଙ୍କ ପ୍ରବନ୍ଧ ସାହିତ୍ୟ ସମୃଦ୍ଧ । କେବଳ ଜାତୀୟ ସମସ୍ୟାକୁ ଉତ୍‌ଥାପନ କରି ସେ ସନ୍ତୁଷ୍ଟ ହୋଇନାହାନ୍ତି । ତାହାର ନିରାକରଣ ଓ ସମାଧାନ ଦିଗରେ ବଳିଷ୍ଠ ଯୁକ୍ତି ବାଢ଼ିଛନ୍ତି । ସେ ଥିଲେ ନିର୍ଭୀକ ଓ ସ୍ପଷ୍ଟବାଦୀ। ଯାହା ଠିକ୍ ବୋଲି ମନେ କରୁଥିଲେ ଦ୍ୱିଧାହୀନ ଭାବରେ ତାହା ବ୍ୟକ୍ତ କରୁଥିଲେ । ତାଙ୍କ ପ୍ରବନ୍ଧର ଭାଷା ପ୍ରଭାବଶାଳୀ ଓ ଶୈଳୀ ବଳିଷ୍ଠ ।

ଶ୍ରୀଯୁକ୍ତ ଧଳ କେବଳ ପ୍ରବନ୍ଧ ସାହିତ୍ୟରେ ତାଙ୍କର ପରିଚୟ ସୃଷ୍ଟି କରିନାହାନ୍ତି; ଅଧିକନ୍ତୁ ଜଣେ ବିଶିଷ୍ଟ ଭାଷାତତ୍ତ୍ୱବିତ୍, ଅନୁବାଦକ ଓ ଭ୍ରମଣକାହାଣୀକାର ଭାବରେ ବେଶ୍ ସୁପରିଚିତ । ସର୍ବ ଭାରତୀୟ ସ୍ତରରେ ଜଣେ ସୁଖ୍ୟାତ ଭାଷାବିତ୍ ଭାବରେ ବହୁ ଗର୍ବ ଗୌରବର ଅଧିକାରୀ ହୋଇଛନ୍ତି ସେ । 'ଭାଷାଶାସ୍ତ୍ର ସମ୍ବନ୍ଧୀୟ ପୁସ୍ତକଗୁଡ଼ିକ ମଧ୍ୟରେ 'ଧ୍ୱନି ବିଜ୍ଞାନ ଭାଷାଶାସ୍ତ୍ର' ପରିଚୟ, ଇଂରାଜୀ ଉଚ୍ଚାରଣ ଶିକ୍ଷା, ମଣିଷର ଭାଷା ଆଦି ପ୍ରଧାନ । ଅନୁବାଦ ପୁସ୍ତକଗୁଡ଼ିକ ମଧ୍ୟରେ ଗୋଦାନ, ପ୍ରେମଚାନ୍ଦ ଗଳ୍ପମାଳା, ଗବନ, ଭାରତ ମୋର ଘର, କେନେଡ଼ିଙ୍କ ଜୀବନୀ ଇତ୍ୟାଦି ତାଙ୍କୁ ଜଣେ ସଫଳ ଅନୁବାଦର ପ୍ରତିଷ୍ଠା ଆଣିଦିଏ । ଲଣ୍ଡନ ଚିଠି, ଆମେରିକା ଅନୁଭୂତି, ଗଙ୍ଗାରୁ ଗୋଦାବରୀ ଭଳି ଭ୍ରମଣ କାହାଣୀ ପୁସ୍ତକ ତାଙ୍କ ସାରସ୍ୱତ ପ୍ରତିଭାର ସ୍ୱାକ୍ଷର ବହନ କରେ ।

ଏହି ବିଶିଷ୍ଟ ସାହିତ୍ୟିକଙ୍କର ଜନ୍ମ ୧୯୨୧ ମସିହାରେ ଢ଼େଙ୍କାନାଳ ଜିଲ୍ଲାର ଗଞ୍ଜେଇଉଡ଼ିଅ ଗ୍ରାମରେ ହୋଇଥିଲା ଏବଂ ତିରୋଧାନ ଘଟିଥିଲା ୧୯୨୪ ମସିହାରେ ।

## ପ୍ରଶ୍ନାବଳୀ

(କ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।

ପ୍ର.୧. ଆଞ୍ଚଳିକସଭାର କେଉଁ ବିଷୟକୁ ସବା ଉପରେ ବିଚାର ପାଇଁ ରଖାଯାଇଥିଲା ।
(ଶିକ୍ଷା, କୃଷି, ବାଣିଜ୍ୟ, ଶିଳ୍ପ) ଉ. କୃଷି

ପ୍ର.୨. 'ଶିକ୍ଷା'କୁ ଜିଲ୍ଲା ପରିଷଦ ସଭାର କେଉଁ କ୍ରମରେ ବିଚାର ବିଷୟ ଭାବରେ ରଖାଯାଇଥିଲା ?
(ସବା ଉପର, ମଧ୍ୟଭାଗ, ସବାତଳ, ଅନ୍ୟାନ୍ୟ) ଉ. ସବାତଳ

ପ୍ର.୩. ମଣିଷମାନଙ୍କୁ ପ୍ରଥମେ ଶିକ୍ଷାରେ ସଜାଡ଼ି ତା'ପରେ ତାକୁ କେଉଁ କଥା କହିଲେ ସେ ବୁଝିପାରିବ ?
(ଧର୍ମ, ପୁରାଣ, ଗବେଷଣା, ଯୋଜନା) ଉ. ଯୋଜନା

ପ୍ର.୪. ଲେଖକ ଆଜିକାଲିର ଯୁଗକୁ କେଉଁ ଯୁଗ ବୋଲି କହିଛନ୍ତି ?
(ବିଜ୍ଞାନ ଯୁଗ, ଉନ୍ନୟନ ଯୁଗ, ଯୋଜନା ଯୁଗ, ବିଶେଷଜ୍ଞ ଯୁଗ) ଉ. ଯୋଜନା ଯୁଗ

ପ୍ର.୫. ନିରକ୍ଷରତା ପାଇଁ ଉନ୍ନୟନ ପଛରେ ପଡ଼ିଛି ବୋଲି ଜାତିସଂଘ ତାଙ୍କ କେଉଁ ରିପୋର୍ଟରେ କହିଛନ୍ତି ?
(ଶିକ୍ଷା ରିପୋର୍ଟ, ବାର୍ଷିକ ରିପୋର୍ଟ, ଯୋଜନା ରିପୋର୍ଟ, ବିକାଶର ରିପୋର୍ଟ) ଉ. ଶିକ୍ଷା ରିପୋର୍ଟ

ପ୍ର.୬. କେଉଁ ମହାଦେଶର ନିରକ୍ଷରତା ସବୁଠୁ ବଡ଼ ସମସ୍ୟା ?
(ଏସିଆ, ୟୁରୋପ, ଆମେରିକା, ଆଫ୍ରିକା) ଉ. ଏସିଆ

ପ୍ର.୭. ଯୋଜନା ଅର୍ଥବିଭାଗଙ୍କ ବିଚାରକୁ ଆସିଲେ ପ୍ରଥମେ ଆଘାତ କେଉଁ ବିଭାଗ ଉପରେ ପଡ଼େ ?
(ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ନଗରଉନ୍ନୟନ) ଉ. ଶିକ୍ଷା,

ପ୍ର.୮. ବିଶେଷଜ୍ଞମାନଙ୍କର କେଉଁ ଦେଶରେ ବିଶେଷ ମୂଲ୍ୟ ନାହିଁ ?
(ଆମେରିକା, ଭାରତ, ଇଂଲଣ୍ଡ, ଜାପାନ) ଉ. ଭାରତ

ପ୍ର.୯. ଭାରତ ବର୍ଷରେ ସବୁକଥା କେଉଁମାନଙ୍କ ଦ୍ୱାରା ନିୟନ୍ତିତ ହୁଏ ?
(କମିଶନର, ବିଶେଷଜ୍ଞ, ଗବେଷକ, ଶାସକ) ଉ. ଶାସକ

ପ୍ର.୧୦. "ବିଶେଷଜ୍ଞମାନଙ୍କୁ ବିଶେଷ ସମ୍ମାନ ମିଳୁନାହିଁ ବୋଲି ଭାରତୀୟ ଛାତ୍ରମାନେ ଆମେରିକା ଛାଡ଼ି ଆସିବାକୁ ଚାହୁଁ ନାହାଁନ୍ତି"- କେଉଁ କାଗଜରେ ଏହା ପ୍ରକାଶ ପାଇଥିଲା ?
(ସଣ୍ଡେ ଷ୍ଟାଣ୍ଡାର୍ଡ଼, ଇଲଷ୍ଟ୍ରେଟେଡ଼ ଉଇକ୍ଲି, ଟେଲିଗ୍ରାଫ, ଟାଇମସ୍ ଅଫ ଇଣ୍ଡିଆ) ଉ. ସଣ୍ଡେ ଷ୍ଟାଣ୍ଡାର୍ଡ

ପ୍ର.୧୧. ଶିକ୍ଷାର କେଉଁ କଥା ନ ରୋକିଲେ ଆମର ଅବସ୍ଥା ଶୋଚନୀୟ ହେବ ବୋଲି କୁହାଯାଇଛି ?
(ଅଧୋଗତି, ଉର୍ଦ୍ଧ୍ୱଗତି, ବିପରୀତ ଗତି, ଦୁର୍ଗତି) ଉ. ଅଧୋଗତି

ପ୍ର.୧୨. ଶିକ୍ଷା କମିଶନ ଅନ୍ୟାନ୍ୟ ବିଷୟ ଅପେକ୍ଷା କାହାପ୍ରତି ବିଶେଷ ଦୃଷ୍ଟି ଦେବାକୁ ଲେଖକ ଅନୁରୋଧ କରିଛନ୍ତି ?
(ପରୀକ୍ଷା ପଦ୍ଧତି, ଶିକ୍ଷା ପଦ୍ଧତି, ପାଠ୍ୟ ପୁସ୍ତକ, ନୋଟ ବହି) ଉ. ପରୀକ୍ଷା ପଦ୍ଧତି

ପ୍ର.୧୩. 'ସତ୍ୟ ହୋଇଥିଲେ ସାଙ୍ଘାତିକ' ନାମରେ ଉପାଗ୍ର ଲେଖା କେଉଁ କାଗଜରେ ପ୍ରକାଶିତ ହୋଇଥିଲା ?
(ସମାଜ, କଳିଙ୍ଗ, ପ୍ରଜାତନ୍ତ୍ର, ବାଲେଶ୍ୱର ସମ୍ବାଦ ବାହିକା) ଉ. କଳିଙ୍ଗ

ପ୍ର.୧୪. ଯେଉଁ ଦେଶରେ ମୌଳିକ ପୁସ୍ତକ ଲେଖା ହୋଇପାରିବ ନାହିଁ, ସେ ଦେଶରେ କାହାର ସ୍ଫୁରଣ ହୋଇପାରିବ ନାହିଁ ?
(ମୌଳିକ ଜ୍ଞାନ, ପ୍ରକୃତ ଗଣତନ୍ତ୍ର, ମୌଳିକ ଚିନ୍ତା, ଉଚିତ୍ ଶିକ୍ଷା) ଉ. ମୌଳିକ ଚିନ୍ତା

ପ୍ର.୧୫. ଆନ୍ଧ୍ର ପ୍ରଦେଶର ଛାତ୍ରଟିଏ କ'ଣ ବିକି ଦଶହଜାର ଟଙ୍କା ଲାଭ ଉଠାଇଥିଲା ବୋଲି କୁହାଯାଇଛି ?
(ନୋଟବହି, ପ୍ରଶ୍ନପତ୍ର, ପ୍ରଶ୍ନର ଉତ୍ତର, ଖାତା-କଲମ) ଉ. ପ୍ରଶ୍ନପତ୍ର

ପ୍ର.୧୬. ବିଶ୍ୱବିଦ୍ୟାଳୟର ଗୋଟିଏ ପରୀକ୍ଷାରେ ପାସ୍ କରିଥିବା ପିଲାଙ୍କ କେତେଭାଗ ଅବୈଧ ଆଚରଣରେ ଦଣ୍ଡିତ ହୋଇଥିଲେ ?
(ଏକ ତୃତୀୟାଂଶ, ଦୁଇ ତୃତୀୟାଂଶ, ତିନି ତୃତୀୟାଂଶ, ସମୁଦାୟ) ଉ. ଏକ ତୃତୀୟାଂଶ

ପ୍ର.୧୭. ହୀରାକୁଦ ବନ୍ଧରୁ ପାଣି ଝରିଲା ପରି ସାରା ବର୍ଷଯାକ କ'ଣ ଆସ୍ତେ ଆସ୍ତେ ବାହାରୁଛି ?
(ଛୁଟି ତାଲିକା, ଛାତ୍ର ଧର୍ମଘଟ, ପରୀକ୍ଷା ଫଳ, ଶ୍ରେଣୀ ନିର୍ଘଣ୍ଟ) ଉ. ପରୀକ୍ଷା ଫଳ

ପ୍ର.୧୮. ଆଗେ ମାଟ୍ରିକ୍ୟୁଲେସନ ପାସ୍ କରି ଲୋକେ କେଉଁ କାମ ଚଳାଇ ଦେଉଥିଲେ ?
(ମାଜିଷ୍ଟ୍ରେଟ୍, ଇନିସ୍ପେକ୍ଟର, ତହସିଲଦାର, ବି.ଡ଼ି.ଓ) ଉ. ମାଜିଷ୍ଟ୍ରେଟ୍

ପ୍ର.୧୯. କାହାର ବୋଧହୁଏ ଆଜିକାଲି ପାଠସଙ୍ଗେ କିଛି ସମ୍ପର୍କ ନାହିଁ ବୋଲି ଲେଖକ କହିଛନ୍ତି ?
(ଛାତ୍ରର, ଶିକ୍ଷକର, ଅକ୍ଷରର, କଲେଜର) ଉ. ଅକ୍ଷରର

ପ୍ର.୨୦. ବ୍ରିଟିଶମାନେ କାହାକୁ ତୋପ କରି ଦେଖାଇ ଜାପାନୀ ଶତ୍ରୁଙ୍କୁ ଏ ଦେଶରୁ ଘଉଡ଼ାଇଥିଲେ ?
(ନଡ଼ିଆଗଛ, ଗୁଆଗଛ, ତାଳଗଛ, ଶାଳଗଛ) ଉ. ତାଳଗଛ

**(ଖ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

ପ୍ର.୧. ଜିଲ୍ଲା ପରିଷଦ ପରିଚାଳିତ ଆଞ୍ଚଳିକ ସଭାର ପ୍ରଥମ ବିଷୟ ଭାବରେ ବିଚାର ହେବା ପାଇଁ କେଉଁ ବିଷୟକୁ ରଖାଯାଇଥିଲା ?

ଉ. ଜିଲ୍ଲା ପରିଷଦ ପରିଚାଳିତ ଆଞ୍ଚଳିକ ସଭାର ପ୍ରଥମ ବିଷୟ ଭାବରେ ବିଚାର ହେବା ପାଇଁ କୃଷି ବିଷୟ ରଖାଯାଇଥିଲା ।

ପ୍ର.୨. ଜିଲ୍ଲା ପରିଷଦ ପରିଚାଳିତ ସଭାର ଶେଷ ବିଚାର ବିଷୟ କ'ଣ ଥିଲା ?

ଉ. ଜିଲ୍ଲା ପରିଷଦ ପରିଚାଳିତ ସଭାର ଶେଷ ବିଚାର ବିଷୟ ଶିକ୍ଷା ।

ପ୍ର.୩. ସରକାରଙ୍କ ଯୋଜନା ନବୁଝିବାର କାରଣ କ'ଣ ?

ଉ. ସରକାରଙ୍କ ଯୋଜନା ନବୁଝିବାର କାରଣ ହେଉଛି ସାଧାରଣ ଲୋକଙ୍କର ବିଶେଷ ଶିକ୍ଷା ନାହିଁ ।

ପ୍ର.୪. ମାଟିକୁ ପାଗ କରି ସେଥିରେ କ'ଣ ପୋତିଲେ ଚଞ୍ଚଳ ଗଛ ଧରେ ?

ଉ. ମାଟିକୁ ପାଗ କରି ସେଥିରେ ମଞ୍ଜି ପୋତିଲେ ଚଞ୍ଚଳ ଗଛ ଧରେ ।

ପ୍ର.୫. ପଡ଼ିଆରେ ଫସଲ ବୁଣିଲେ କ'ଣ ହେବ ?

ଉ. ପଡ଼ିଆ ଭୂଇଁରେ ଫସଲ ବୁଣିଲେ ଗୋରୁ ଚରିଯାନ୍ତି ।

**ପ୍ର.୬. ମଣିଷ ମନକୁ ପ୍ରଥମେ କେଉଁଥିରେ ସଜାଡ଼ି ପରେ ଯୋଜନା କଥା କହିବା ଉଚିତ୍ ?**

ଉ. ମଣିଷ ମନକୁ ପ୍ରଥମେ ଶିକ୍ଷାରେ ସଜାଡ଼ି ପରେ ଯୋଜନା କଥା କହିବା ଉଚିତ୍ ।

**ପ୍ର.୭. ଲୋକମାନେ କ'ଣ ହୋଇଥିବାରୁ ଉନ୍ନୟନ କାର୍ଯ୍ୟ ପଛରେ ପଡ଼ିଛି ବୋଲି ଜାତିସଂଘ ତାଙ୍କ ଶିକ୍ଷା ରିପୋର୍ଟରେ କହିଛନ୍ତି ?**

ଉ. ଜାତିସଂଘ ତାଙ୍କ ଶିକ୍ଷା ରିପୋର୍ଟରେ ଲୋକମାନେ ଅଶିକ୍ଷିତ ହୋଇଥିବାରୁ ଉନ୍ନୟନ କାର୍ଯ୍ୟ ପଛରେ ପଡ଼ିଛି ବୋଲି କହିଛନ୍ତି ।

**ପ୍ର.୮. ଭାରତର ଲୋକେ ପାଠ ପଢ଼ିସାରିଲାପରେ କେଉଁଠୁ ଛାଡ଼ିଆସିବାକୁ ଚାହୁଁନାହାନ୍ତି ?**

ଉ. ଭାରତର ଲୋକେ ପାଠ ପଢ଼ିସାରିଲାପରେ ଆମେରିକାରୁ ଛାଡ଼ିଆସିବାକୁ ଚାହୁଁନାହାନ୍ତି ।

**ପ୍ର.୯. ଭାରତରେ କେଉଁମାନଙ୍କର ବିଶେଷ ମୂଲ୍ୟ ନାହିଁ ?**

ଉ. ଭାରତରେ ବିଶେଷଜ୍ଞମାନଙ୍କର ବିଶେଷ ମୂଲ୍ୟ ନାହିଁ ।

**ପ୍ର.୧୦. ବମ୍ବେରୁ ବାହାରୁଥିବା କାଗଜଟିର ନାମ କ'ଣ ?**

ଉ. ବମ୍ବେରୁ ବାହାରୁଥିବା କାଗଜଟିର ନାମ ସଣ୍ଡେ ଷ୍ଟାଣ୍ଡାର୍ଡ଼ ।

**ପ୍ର.୧୧. "ସଣ୍ଡେ ଷ୍ଟାଣ୍ଡାର୍ଡ଼" କାଗଜରେ କେଉଁ ଶୀର୍ଷକରେ ଅଗ୍ରଲେଖା ପ୍ରକାଶିତ ହୋଇଥିଲା ?**

ଉ. "ସଣ୍ଡେ ଷ୍ଟାଣ୍ଡାର୍ଡ଼" କାଗଜରେ 'ଶାସକ ଓ ବିଶେଷଜ୍ଞ' ଶୀର୍ଷକରେ ଅଗ୍ରଲେଖ ପ୍ରକାଶିତ ହୋଇଥିଲା ।

**ପ୍ର.୧୨. ଭାରତବର୍ଷରେ କେଉଁମାନଙ୍କୁ ବିଶେଷ ସମ୍ମାନ ମିଳୁନାହିଁ ?**

ଉ. ବିଶେଷଜ୍ଞମାନଙ୍କୁ ସମ୍ମାନ ମିଳୁନାହିଁ ବୋଲି ଭାରତର ଛାତ୍ରମାନେ ଆମେରିକା ଛାଡ଼ିଆସିବାକୁ ଚାହୁଁନାହାନ୍ତି ।

**ପ୍ର.୧୩. ଆମେରିକାରେ ପଢୁଥିବା ଭାରତୀୟ ଛାତ୍ର ଭାରତର କେଉଁ ସମ୍ମାନାସ୍ପଦ ବ୍ୟକ୍ତିଙ୍କ ସହିତ ସମାନ ଦରମା ଦେଲେ ଫେରିବେ ବୋଲି କହିଥିଲେ ?**

ଉ. ଆମେରିକାର ପଢୁଥିବା ଭାରତୀୟ ଛାତ୍ର ଭାରତର ଜଣେ ସମ୍ମାନାସ୍ପଦ ବ୍ୟକ୍ତି ଗଭର୍ଣ୍ଣରଙ୍କ ସହିତ ସମାନ ଦରମା ହେଲେ ଫେରିବେ ବୋଲି କହିଥିଲେ ।

**ପ୍ର.୧୪. ଭାରତ ସରକାର ଶିକ୍ଷା କମିଶନ ବସାଇ କ'ଣ ନିରୀକ୍ଷଣ କରୁଛନ୍ତି ?**

ଉ. ଭାରତ ସରକାର ଶିକ୍ଷା କମିଶନ ବସାଇ ଭାରତୀୟ ପରିସ୍ଥିତିର ନିରୀକ୍ଷଣ କରୁଛନ୍ତି ।

**ପ୍ର.୧୫. ଶିକ୍ଷା ରାଜ୍ୟରେ ବର୍ତ୍ତମାନ କେଉଁ ଅବସ୍ଥା ଆସି ପହଞ୍ଚିଛି ?**

ଉ. ଶିକ୍ଷା ରାଜ୍ୟରେ ବର୍ତ୍ତମାନ ଏକ ନିରୂପାୟ ଅବସ୍ଥା ଆସି ପହଞ୍ଚିଛି ।

**ପ୍ର.୧୬. ଆମ ଦେଶରେ ପରୀକ୍ଷା ପଦ୍ଧତିରେ ଛାତ୍ରର କ'ଣ ନିର୍ଦ୍ଧାରଣ କରିବା କଷ୍ଟ ?**

ଉ. ଆମ ଦେଶରେ ପରୀକ୍ଷା ପଦ୍ଧତିରେ ଛାତ୍ରର ଗୁଣାତ୍ମକ ମୂଲ୍ୟ ନିର୍ଦ୍ଧାରଣ କରିବା କଷ୍ଟ ।

**ପ୍ର.୧୭. 'କଳିଙ୍ଗ'-ଖବରକାଗଜ କେଉଁ ଶୀର୍ଷକରେ ଉପାଗ୍ର ଲେଖି ପରୀକ୍ଷା କ୍ଷେତ୍ରରେ ଅବୈଧ ଆଚରଣ ବିଷୟରେ ସୂଚନା ଦେଇଥିଲା ?**

ଉ. 'କଳିଙ୍ଗ' ଖବରକାଗଜ 'ସତ୍ୟ ହୋଇଥିଲେ ସାଙ୍ଘାତିକ' ଶୀର୍ଷକରେ ଉପାଗ୍ର ଲେଖି ପରୀକ୍ଷା କ୍ଷେତ୍ରରେ ଅବୈଧ ଆଚରଣ ବିଷୟରେ ସୂଚନା ଦେଇଥିଲେ ।

**ପ୍ର.୧୮. ଆଜିକାଲି ଛାତ୍ରମାନେ ପାଠପଢ଼ା କଥା ଯେତିକି ଜାଣୁଛନ୍ତି ତା' ଠାରୁ ଅଧିକ କାହା ବିଷୟରେ ଜାଣୁଛନ୍ତି ?**

ପ୍ର.୩୨. କାହା ବଳରେ ଆମେ ଅନ୍ୟ ଦେଶମାନଙ୍କ ସହିତ ସମାନ ହୋଇପାରିବା ?

ଉ. ପାଠ ବଳରେ ଆମେ ଅନ୍ୟ ଦେଶ ସହିତ ସମାନ ହୋଇପାରିବା ।

ପ୍ର.୩୩. ଶିକ୍ଷାକୁ କେଉଁସ୍ଥାନ ଦେଲେ ଅବସ୍ଥାର ପରିବର୍ତ୍ତନ ହୋଇପାରିବ ବୋଲି ଲେଖକ ବିଚାର କରିଛନ୍ତି ?

ଉ. ଶିକ୍ଷାକୁ ଶୀର୍ଷସ୍ଥାନ ଦେଲେ ଅବସ୍ଥାର ପରିବର୍ତ୍ତନ ହୋଇପାରିବ ।

## (ଗ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଉତ୍ତର ପାଇଁ ୧ ନମ୍ବର ରହିବ ।

ପ୍ର.୧. ଜିଲ୍ଲାପରିଷଦ ପରିଚାଳିତ ସଭାର ସବା ଉପର ଏବଂ ସବା ତଳ ବିଚାର ବିଷୟ କ'ଣ ଥିଲା ?

ଉ. ପ୍ରବନ୍ଧ – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା

ପ୍ରାବନ୍ଧିକ – ଗୋଲୋକ ବିହାରୀ ଧଳ

ଜିଲ୍ଲାପରିଷଦ ପରିଚାଳିତ ସଭାର ସବା ଉପର କୃଷି ଏବଂ ସବା ତଳ ବିଚାର ବିଷୟ ଶିକ୍ଷା ଥିଲା ।

ପ୍ର.୨. ଆଜିକାଲି ସମସ୍ତେ ପାଠ ପଢ଼ିସାରିବା ପର୍ଯ୍ୟନ୍ତ ଯୋଜନା ପକାଇ ରଖିଲେ କ'ଣ ହେବ ?

ଉ. ପ୍ରବନ୍ଧ – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା

ପ୍ରାବନ୍ଧିକ – ଗୋଲୋକ ବିହାରୀ ଧଳ

ଆଜିକାଲି ସମସ୍ତେ ପାଠ ପଢ଼ିସାରିବା ପର୍ଯ୍ୟନ୍ତ ଯୋଜନା ପକାଇ ରଖିଲେ ବହୁତ ପଛରେ ପଡ଼ିଯିବା ।

ପ୍ର.୩. ମଣିଷର ମନକୁ ପ୍ରଥମେ ଶିକ୍ଷାରେ ସଜାଡ଼ି କେଉଁ କଥା କହିଲେ ସେ ବୁଝିପାରିବ ?

ଉ. ପ୍ରବନ୍ଧ – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା

ପ୍ରାବନ୍ଧିକ – ଗୋଲୋକ ବିହାରୀ ଧଳ

ମଣିଷର ମନକୁ ପ୍ରଥମେ ଶିକ୍ଷାରେ ସଜାଡ଼ି ତା'ପରେ ତାକୁ ଯୋଜନା କଥା କହିଲେ ସେ ବୁଝିପାରିବ ।

ପ୍ର.୪. ଏସିଆର ଅଧିକାଂଶ ଦେଶର ସବୁଠୁ ବଡ଼ ସମସ୍ୟା କ'ଣ ?

ଉ. ପ୍ରବନ୍ଧ – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା

ପ୍ରାବନ୍ଧିକ – ଗୋଲୋକ ବିହାରୀ ଧଳ

ଏସିଆର ଅଧିକାଂଶ ଦେଶର ସବୁଠୁ ବଡ଼ ସମସ୍ୟା ହେଲା ଲୋକମାନେ ଅଶିକ୍ଷିତ ନିରକ୍ଷର ଅଟନ୍ତି ।

ପ୍ର.୫. ଲୋକମାନେ ଅଶିକ୍ଷିତ ଓ ନିରକ୍ଷର ହେଲେ କ'ଣ ହେବ ?

[illegible] ।

ଉ. ପ୍ରବନ୍ଧ – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା

ପ୍ରାବନ୍ଧିକ – ଗୋଲୋକ ବିହାରୀ ଧଳ

ଲୋକମାନେ ଅଶିକ୍ଷିତ ନିରକ୍ଷର ହେଲେ ଉନ୍ନୟନ କାର୍ଯ୍ୟ ପଛରେ ପଡ଼ିଯିବ ।

ପ୍ର.୬. 'ଇଲଷ୍ଟ୍ରେଟେଡ଼୍ ଉଇକ୍ଲି'ରେ ଲେଖାଯାଇଥିବା ଅସଲ କଥାଟି କ'ଣ ଥିଲା ?

ଉ. ପ୍ରବନ୍ଧ – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା

ପ୍ରାବନ୍ଧିକ – ଗୋଲୋକ ବିହାରୀ ଧଳ

ଇଲଷ୍ଟ୍ରେଟେଡ଼୍ ଉଇକ୍ଲିରେ ଲେଖାଯାଇଥିବା ଅସଲ କଥାଟି ହେଲା ଭାରତରେ ବିଶେଷଜ୍ଞମାନଙ୍କର ବିଶେଷ ମୂଲ୍ୟ ନାହିଁ ।

# ଦ୍ୱିତୀୟ ଏକକ

# ପଦ୍ୟ

## ବଡ଼ପଣ

**ଡ. ରାଧାନାଥ ରାୟ**

**କବି ପରିଚୟ (୧୮୪୮–୧୯୦୮) :**

ମଧ୍ୟଯୁଗୀୟ ଓଡ଼ିଆ କାବ୍ୟସୁନ୍ଦରୀଙ୍କ ଲାସ୍ୟମୟୀ ଝଙ୍କାର ଯେଉଁ ସମୟରେ କ୍ରମଶଃ ନିଷ୍ପ୍ରଭ ହୋଇ ଆସୁଥିଲା, ଯେଉଁ ସମୟରେ କ୍ରମଶଃ ନିଷ୍ପ୍ରଭ ହୋଇଆସୁଥିଲା, ଯେଉଁ ସମୟରେ ଉତ୍କଳର ଜନ ସମାଜ ଶିକ୍ଷା, ଶାସନ, ବାଣିଜ୍ୟ, ଶିଳ୍ପ ଓ ରାଜନୀତି ପ୍ରଭୃତି ସାମାଜିକ ବିକାଶର ଅନୁନ୍ନତ ସ୍ତରରେ ଅବସ୍ଥାନ କରୁଥିଲେ, ପଡ଼ୋଶୀ ଅଣଓଡ଼ିଆମାନଙ୍କ ଦ୍ୱାରା ଓଡ଼ିଆ ଭାଷା ଓ ସାହିତ୍ୟର ବିଲୋପ ସାଧନ ନିମିତ୍ତ ଯେତେବେଳେ ପ୍ରବଳ ଉଦ୍ୟମ ଚାଲିଥିଲା ଏବଂ ଓଡ଼ିଶା ପ୍ରଦେଶକୁ ଖଣ୍ଡ ବିଖଣ୍ଡିତ କରି ଏହାର ଅସ୍ତିତ୍ୱ ଲୋପକରିବା ନିମିତ୍ତ ଅପଚେଷ୍ଟା ଚାଲିଥିଲା, ଓଡ଼ିଶାର ଏହିପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଯୁଗପ୍ରବର୍ତ୍ତକ କବିବର ରାଧାନାଥ ରାୟଙ୍କ ଆବିର୍ଭାବ ଏହି ଦେଶର ସାରସ୍ୱତ ରାଜ୍ୟରେ ଏକ ଉଲ୍ଲେଖଯୋଗ୍ୟ ବିଷୟ ।

**(କ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

**ପ୍ର.୧. "କେଶରୀ ଔରସେ ତୁମ୍ଭେ ସିନା ଶ୍ୱାନ" – ଏହା କାହାକୁ କୁହାଯାଇଛି ?**
(ଦରବାରରେ ଯୋଗ ଦେଇଥିବା ରାଜାମାନଙ୍କୁ, ସାମନ୍ତ ଚନ୍ଦ୍ରଶେଖରଙ୍କୁ, ଇଂରେଜ ସାହେବମାନଙ୍କୁ, କବି ରାଧାନାଥଙ୍କୁ)
**ଉ.** ଦରବାରରେ ଯୋଗ ଦେଇଥିବା ରାଜାମାନଙ୍କୁ

**ପ୍ର.୨. ବହ୍ନି ଶିଖା ପରି ଊର୍ଦ୍ଧ୍ୱଗାମୀ କିଏ ଥିଲେ ?**
(ସାମନ୍ତ ଚନ୍ଦ୍ରଶେଖର, ଉତ୍କଳର ଗଜପତି, ଉତ୍କଳର ସେନାପତି, ବକ୍ସି ଜଗବନ୍ଧୁ) **ଉ:** ସାମନ୍ତ ଚନ୍ଦ୍ରଶେଖର

**ପ୍ର.୩. କବି ରାଧାନାଥ ଦରବାରରେ ଯୋଗ ଦେଇଥିବା ରାଜାମାନଙ୍କର ପିତୃଗଣଙ୍କୁ ପରମ ଉଦାର ବୋଲି କାହିଁକି କହିଛନ୍ତି ?**
(ସେମାନେ ସୁଶାସକ ଥିଲେ, ଶକ୍ତିଶାଳୀ ଯୋଦ୍ଧା ଥିଲେ, ରାଜ୍ୟକୁ ଏକ ପରିବାର ମନେ କରୁଥିଲେ, ଦୋଷୀ ପ୍ରଜାଙ୍କୁ ଦଣ୍ଡ ଦେଉ ନ ଥିଲେ)
**ଉ:** ରାଜ୍ୟକୁ ଏକ ପରିବାର ମନେ କରୁଥିଲେ

**ପ୍ର.୪. କବିଙ୍କ ସମୟରେ ରାଜା ଓ ପ୍ରଜାଙ୍କ ସଂପର୍କ କିପରି ଥିଲା ?**
(ଶୁଆଶାରୀ ପରି, ବାଜ-ପାରା ପରି, ସିଂହ-ଶଶକ ପରି, ପିତା-ପୁତ୍ର ପରି) **ଉ:** ବାଜ-ପାରା ପରି

**ପ୍ର.୫. ଦରବାରୀ ରାଜାମାନେ ପ୍ରଜାମାନଙ୍କୁ କିପରି ଭୟଭୀତ କରୁଥିଲେ ?**
(ବେତମାଡ଼ ଦେଇ, କର ଆଦାୟ କରି, ବିଦେଶୀ ବନ୍ଧୁକ ଦେଖାଇ, ବନ୍ଦୀ କରି)
**ଉ:** ବିଦେଶୀ ବନ୍ଧୁକ ଦେଖାଇ

**ପ୍ର.୬. ଦରବାରରେ ଯୋଗ ଦେଇଥିବା ରାଜାମାନଙ୍କର ସର୍ବସ୍ୱ କ'ଣ ଥିଲା ?**
(ଧନସମ୍ପତ୍ତି, ସୁନା, ଗନ୍ତାଘର, ସୈନ୍ୟ ସାମନ୍ତ)
**ଉ:** ଗନ୍ତାଘର

**ପ୍ର.୭. ଦୁଃଖୀରଙ୍କିଙ୍କୁ ଶୋଷଣ କରି ରାଜାମାନେ ବିଦେଶୀଙ୍କୁ କ'ଣ ଖୁଆଇଥିଲେ ?**
(ଘିଅ ଅଟା, ଛାଟ ମୁଣ୍ଡା, କୁକ୍କୁଟାଣ୍ଡ, ଖୁଦକୁଣ୍ଡା)
**ଉ:** କୁକ୍କୁଟାଣ୍ଡ

**ପ୍ର.୮. ରାଜାମାନେ କିପରି ନିଜର ମାଲଖାନା ପୂର୍ଣ୍ଣ କରୁଥିଲେ ?**
(ପ୍ରଜାମାନଙ୍କ ଧନ ଅପହରଣ କରି, ଜରିମାନା କରି, ବ୍ରିଟିଶ ସରକାରଙ୍କୁ ଠାରୁ କରଜ କରି, ଭୂସମ୍ପତ୍ତି ବିକ୍ରି କରି)
**ଉ:** ଜରିମାନା କରି

**ପ୍ର.୯. ଧନ ଅର୍ଜନର ସଫଳତା କେଉଁଠି ଥାଏ ?**
(ଖାଇପିଇ ଆରାମ କରିବାରେ, ବିଳାସ ବ୍ୟସନରେ ବ୍ୟୟ କରିବାରେ, ସୁବ୍ୟୟରେ, ଅନ୍ୟକୁ ଦାନ କରିବାରେ)
**ଉ:** ସୁବ୍ୟୟରେ

**ପ୍ର.୧୦. ବିଶ୍ୱ ବିଜୟୀ ଆଲେକ୍‌ଜାଣ୍ଡାର ସମୁଦ୍ର କୂଳରେ ପହଞ୍ଚି କାହିଁକି କାନ୍ଦି ପକାଇଥିଲେ ?**
(ଯୁଦ୍ଧକରି କ୍ଳାନ୍ତ ହୋଇ ଯାଇଥିବାରୁ, ଜୟ କରିବାକୁ ଆଉ ରାଜ୍ୟ ନ ଥିବାରୁ, ପୁରୁଙ୍କ ସହିତ ହାରି ଯିବାରୁ, ରୋଗଗ୍ରସ୍ତ ହୋଇ ଯାଇଥିବାରୁ)
**ଉ:** ଜୟ କରିବାକୁ ଆଉ ରାଜ୍ୟ ନ ଥିବାରୁ

**ପ୍ର.୧୧. "ଆସିଥିଲି ଫେରିଗଲି ଶୂନ୍ୟ ହସ୍ତେ" – ଉକ୍ତିଟି କାହାର ?**
(ଉତ୍କଳର ଗଜପତି, ବିଶ୍ୱବିଜୟୀ ଆଲେକ୍‌ଜାଣ୍ଡାର, ସାମନ୍ତ ଚନ୍ଦ୍ରଶେଖର, ଜଣେ ସାଧାରଣ ପ୍ରଜାର)
**ଉ: ବିଶ୍ୱବିଜୟୀ ଆଲେକଜାଣ୍ଡାର**

**ପ୍ର.୧୨. ଭଙ୍ଗାମାଠିଆରୁ ପାଣି ବୋହିଯିବା ପରି ମଣିଷ ଜୀବନରୁ କ'ଣ ସରିଯାଏ ?**
(ବଳ, ଆୟୁ, ଧନ, ଯୌବନ) **ଉ: ଆୟୁ**

**ପ୍ର.୧୩. ମୃତ୍ୟୁ ବହୁ ଦୂରରେ ଅଛି ବୋଲି ମନେକରି ଯିଏ ହସୁଥାଏ ତା'ର କିପରି ଗତି ଘଟେ ?**
(ହସି ହସି ମୃତ୍ୟୁ ତା' ପଛରେ ଆସି ବସିଯାଏ, ତା' ଜୀବନ ଦୀର୍ଘସ୍ଥାୟୀ ହୋଇଯାଏ, ମୃତ୍ୟୁ ଭୟ ଲୋପ ପାଇଯାଏ, ଆନନ୍ଦରେ ରହେ) **ଉ: ହସି ହସି ମୃତ୍ୟୁ ତା' ପଛରେ ଆସି ବସିଯାଏ**

**ପ୍ର.୧୪. ଆୟୁ ବଢ଼ିଗଲେ ଜୀବନରେ ମାୟାର ପ୍ରଭାବ କିପରି ହୁଏ ବୋଲି କହିଛନ୍ତି ?**
(ଛାୟା ପରି ବଢ଼ିଯାଏ, ବ୍ୟକ୍ତି ନିର୍ଲିପ୍ତ ହୋଇଯାଏ, ମାୟାର ଆକର୍ଷଣ ରହେନାହିଁ, ମାୟା କମିଯାଏ)
**ଉ: ଛାୟା ପରି ବଢ଼ିଯାଏ**

**ପ୍ର.୧୫. ବିଧାତା ଧର୍ମରୂପକ ପୋତ ଗଢ଼ିଛନ୍ତି କାହିଁକି ?**
(ସଂସାର ବାରିଧିକୁ ଅତିକ୍ରମ କରିବା ପାଇଁ, ଧର୍ମହୀନ ବ୍ୟକ୍ତିକୁ ଧର୍ମ ସଂପର୍କରେ ସଚେତନ କରିବା ପାଇଁ, ଧର୍ମର ପ୍ରଶ୍ନ କରିବା ପାଇଁ, ରାଜ୍ୟ ଶାସନ କରିବା ପାଇଁ) **ଉ: ସଂସାର ବାରିଧିକୁ ଅତିକ୍ରମ କରିବା ପାଇଁ**

## (ଖ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।

**ପ୍ର.୧. 'ବଡ଼ପଣ' କବିତା ରାଧାନାଥଙ୍କ କେଉଁ କାବ୍ୟରୁ ଆସିଅଛି ?**
**ଉ.** 'ବଡ଼ପଣ' କବିତା ରାଧାନାଥଙ୍କ ଦରବାର କାବ୍ୟରୁ ଆସିଅଛି ।

**ପ୍ର.୨. ଦରବାରରେ ଯୋଗ ଦେଇଥିବା ରାଜା ଓ ଜମିଦାରମାନେ କ'ଣ ବିକି ଭାଙ୍ଗି ଖାଉଥିଲେ ?**
**ଉ.** ଦରବାରରେ ଯୋଗ ଦେଇଥିବା ରାଜା ଓ ଜମିଦାରମାନେ ପୂର୍ବପୁରୁଷର ଅମ୍ଳାନ କୀର୍ତ୍ତି, ଯଶ ଆଦିକୁ ବିକ୍ରି ଭାଙ୍ଗି ଖାଉଥିଲେ ।

**ପ୍ର.୩. କିଏ ବହ୍ନି ଶିଖାପରି ସଦା ଉର୍ଦ୍ଧ୍ୱଗାମୀ ଥିଲେ ?**
**ଉ.** ଆଗକାଳରେ ଉତ୍କଳର ସ୍ୱାମୀମାନେ ବହ୍ନିଶିଖା ପରି ସଦା ଉର୍ଦ୍ଧ୍ୱଗାମୀ ଥିଲେ ।

**ପ୍ର.୪. ବହ୍ନି ଶିଖାର ଧର୍ମ କ'ଣ ?**
**ଉ.** ବହ୍ନି ଶିଖାର ଧର୍ମ ହେଲା ଉର୍ଦ୍ଧ୍ୱଗାମୀ ହେବା ।

**ପ୍ର.୫. ଜଳଧାରାର ଧର୍ମ କ'ଣ ?**
**ଉ.** ଜଳଧାରାର ଧର୍ମ ନିମ୍ନଗାମୀ ବା ଅଧୋଗତି ।

**ପ୍ର.୬. ପୂର୍ବ ରାଜାମାନଙ୍କର ବଂଶଧର ହୋଇ ଆଜିର ରାଜା ଜମିଦାରମାନଙ୍କର କିପରି ଅବସ୍ଥା ହୋଇଛି ?**
**ଉ.** ପୂର୍ବ ରାଜାମାନଙ୍କର ବଂଶଧର ହୋଇ ଆଜିର ରାଜା ଜମିଦାରମାନଙ୍କର ବାଜପାରା ଅବସ୍ଥା ହୋଇଛି ।

**ପ୍ର.୭. ଦରବାରରେ ଯୋଗ ଦେଇଥିବା ରାଜାଙ୍କର ପିତୃଗଣ କିପରି ଥିଲେ ?**
**ଉ.** ଦରବାରରେ ଯୋଗ ଦେଇଥିବା ରାଜାଙ୍କର ପିତୃଗଣ ପରମ ଉଦାର ଥିଲେ ।

**ପ୍ର.୮. କେଉଁମାନେ ରାଜ୍ୟକୁ ପରିବାର ପରି ମନେ କରୁଥିଲେ ?**
**ଉ.** ପିତୃଗଣମାନେ ରାଜ୍ୟକୁ ନିଜ ପରିବାର ପରି ମନେ କରୁଥିଲେ ।

ପ୍ର.୯. ଏବେ ରାଜା ଓ ପ୍ରଜାଙ୍କ ସଂପର୍କ କିପରି କୁହାଯାଇଛି ?

ଉ. ଏବେ ରାଜା ଓ ପ୍ରଜାଙ୍କ ସଂପର୍କ ବାଜପାରା ପରି ।

ପ୍ର.୧୦. ରାଜଭୋଗର ଅଭିଳାଷ ପ୍ରଜାଙ୍କଠାରୁ କ'ଣ କାଢ଼ି ନେଲା ?

ଉ. ରାଜଭୋଗର ଅଭିଳାଷ ପ୍ରଜାଙ୍କଠାରୁ ଶ୍ରମାର୍ଜିତ ଗ୍ରାସ କାଢ଼ିନେଲା ।

ପ୍ର.୧୧. ଦେଶୀ ହୋଇ ରାଜାମାନେ କେଉଁ ବିଦେଶୀ ନୀତି ଅବଲମ୍ବନ କରୁଥିଲେ ?

ଉ. ଦେଶୀ ହୋଇ ରାଜାମାନେ ନିର୍ମମ ବିଦେଶୀ ସର୍ବଶୋଷୀ ନୀତି ଅବଲମ୍ବନ କରୁଥିଲେ ।

ପ୍ର.୧୨. ପ୍ରଜାଙ୍କ ଚିତ୍ତକୁ ପୂର୍ବ ରାଜାମାନେ କିପରି ବାନ୍ଧିଥିଲେ ?

ଉ. ପ୍ରଜାଙ୍କ ଚିତ୍ତକୁ ପୂର୍ବ ରାଜାମାନଙ୍କ ବାତ୍ସଲ୍ୟ ପରି ବାନ୍ଧିଥିଲେ ।

ପ୍ର.୧୩. କିଏ ବିଦେଶୀ ସଙ୍ଗିନରେ ପ୍ରଜାମାନଙ୍କୁ ଭୟଭୀତ କରୁଥିଲେ ?

ଉ. ରାଜା ଗର୍ବୀ ଦେଶୀ ସଙ୍ଗିନରେ ପ୍ରଜାମାନଙ୍କୁ ଉତ୍ସାହିତ କରୁଥିଲେ ।

ପ୍ର.୧୪. ଆଜିର ରାଜାମାନଙ୍କର ସର୍ବସ୍ୱ କ'ଣ ?

ଉ. ଆଜିର ରାଜାମାନଙ୍କର ସର୍ବସ୍ୱ ଗନ୍ତାଘର ।

ପ୍ର.୧୫. ଆଜିର ରାଜଧର୍ମ କିପରି ?

ଉ. ଆଜିର ରାଜଧର୍ମ ପ୍ରଜାଧନ କୁହାଯାଏ ।

ପ୍ର.୧୬. କବି କେଉଁମାନଙ୍କୁ କାନକୁହା ବୋଲି କହିଛନ୍ତି ?

ଉ. କବି ମନ୍ତ୍ରୀମାନଙ୍କୁ କାନକୁହା ବୋଲି କହିଛନ୍ତି ।

ପ୍ର.୧୭. ଦୁଃଖୀରଙ୍କିଙ୍କୁ ତଣ୍ଡି ରାଜାଗଣ ବିଦେଶୀଙ୍କୁ କ'ଣ ଖୁଆଉଥିଲେ ?

ଉ. ଦୁଃଖୀରଙ୍କିମାନଙ୍କୁ ତଣ୍ଡୀ ରାଜାଗଣ କୁକୁଟାଣ୍ଡ ଖୁଆଉଥିଲେ ।

ପ୍ର.୧୮. କାଣ୍ଡପୃଷ୍ଠ ହୁଣ୍ଡା କାହାକୁ କୁହାଯାଇଛି ?

ଉ. କାଣ୍ଡ ପୃଷ୍ଠ ହୁଣ୍ଡା ବୋଲି ଶସ୍ୟ ବ୍ୟବସାୟୀଙ୍କୁ କୁହାଯାଇଛି ।

ପ୍ର.୧୯. ପ୍ରଜାଙ୍କ ମଧ୍ୟରେ କିଏ ପାପବୁଦ୍ଧିକୁ ମନାସୁଥିଲେ ?

ଉ. ପ୍ରଜାଙ୍କ ମଧ୍ୟରେ ରାଜା ପାପବୁଦ୍ଧିକୁ ମନାସୁଥିଲେ ।

ପ୍ର.୨୦. ରାଜାମାନେ କିପରି ନିଜର ମାଲଖାନା ଭରୁଥିଲେ ?

ଉ. ରାଜାମାନେ ଜରିମାନା କରି ଧନଦ୍ୱାରା ନିଜର ମାଲଖାନା ଭରୁଥିଲେ ।

ପ୍ର.୨୧. କେଉଁ ଚିନ୍ତା ବିନା ରାଜାମାନଙ୍କର ଅନ୍ୟ ଚିନ୍ତା ନ ଥିଲା ?

ଉ. ଧନଚିନ୍ତା ବିନା ରାଜାମାନଙ୍କର ଅନ୍ୟ କୌଣସି ଚିନ୍ତା ନଥିଲା ।

ପ୍ର.୨୨. ଜାଗ୍ରତ ଓ ସ୍ୱପ୍ନରେ ରାଜାମାନଙ୍କଠାରେ କେଉଁ ଲାଳସା ଜାତ ହେଉଥିଲା ?

ଉ. ଜାଗ୍ରତ ଓ ସ୍ୱପ୍ନରେ ରାଜାମାନଙ୍କଠାରେ ଧନ ଉପାର୍ଜନ ଲାଳସା ଜାତ ହେଉଥିଲା ।

ପ୍ର.୨୩. ଧର୍ମର ସାଫଲ୍ୟ କେଉଁଥିରେ ଥାଏ ?

ଉ. ଧର୍ମ ଅର୍ଜନର ସୁଫଳ ସୁବ୍ୟୟରେ ହୋଇଥାଏ ।

ପ୍ର.୨୪. କିଏ ଧନକୁ ଜଗି ବସିଥାଏ ?

ଉ. ଯକ୍ଷ ଧନକୁ ଜଗି ବସିଥାଏ ।

ପ୍ର.୨୫. ରାଧାନାଥ କାହାକୁ ସ୍କନ୍ଦର ବୋଲି କହିଛନ୍ତି ?

ଉ. ରାଧାନାଥ ଆଲେକଜାଣ୍ଡରଙ୍କୁ ସ୍କନ୍ଦର ବୋଲି କହିଛନ୍ତି ।

**ପ୍ର.୨୬. ସନ୍ଦର କାହିଁକି କାନ୍ଦୁଥିଲେ ?**

ଉ. କ୍ଷିଣିବାକୁ ଧରା ଖଣ୍ଡ ନଥିବାରୁ ସନ୍ଦର କାନ୍ଦୁଥିଲେ ।

**ପ୍ର.୨୭. ଆସିଥିଲି ଫେରିଗଲି ଶୂନ୍ୟ ହସ୍ତେ – କିଏ କହିଛନ୍ତି ?**

ଉ. 'ଆସିଥିଲି ଫେରିଗଲି ଶୂନ୍ୟ ହସ୍ତେ' ଏହା ଆଲେକଜାଣ୍ଡାର କହିଛନ୍ତି ।

**ପ୍ର.୨୮. ଲକ୍ଷ୍ୟଶୋଷି ବୋଲି କାହାକୁ କୁହାଯାଇଛି ?**

ଉ. ଲକ୍ଷଲକ୍ଷ ଲୋକଙ୍କର ଶୋଷଣକର୍ତ୍ତାଙ୍କୁ ଲକ୍ଷ୍ୟ ଶୋଷି ବୋଲି କୁହାଯାଇଛି ।

**ପ୍ର.୨୯. ରାଜା ଓ ଜମିଦାରମାନେ କାହିଁକି ପ୍ରଜାଙ୍କୁ ଶୋଷଣ କରନ୍ତି ?**

ଉ. ଗଣିକା, ଓକିଲ, ଛାମୁଆ ଆଦିଙ୍କୁ ପୋଷିବା ଲାଗି ରାଜା ଓ ଜମିଦାର ପ୍ରଜାଙ୍କୁ ଶୋଷଣ କରନ୍ତି ।

**ପ୍ର.୩୦. ପାପ ବିତ୍ତ କିପରି ଅର୍ଜିତ ହୁଏ ?**

ଉ. ପ୍ରଜାରକ୍ତ, ସ୍ୱେଦ ଓ ଲୋତକରେ ପାପବିତ୍ତ ଅର୍ଜିତ ହୁଏ ।

**ପ୍ର.୩୧. ଭଙ୍ଗାମାଠିଆରୁ ପାଣି ବୋହିଗଲା ପରି କ'ଣ ପ୍ରତିକ୍ଷଣରେ ବୋହି ଯାଉଅଛି ?**

ଉ. ଭଙ୍ଗା ମାଠିଆରୁ ପାଣି ବୋହି ଗଲାପରି ଆୟୁ ପ୍ରତିପକ୍ଷରେ ବୋହି ଯାଉଅଛି ।

**ପ୍ର.୩୨. କାଳ କିପରି ?**

ଉ. କାଳ (ମୃତ୍ୟୁ) ହେଉଛି ବଡ଼ କ୍ରୁର ଏବଂ ବଡ଼ ଅବିଶ୍ୱାସୀ ।

**ପ୍ର.୩୩. କାହାକୁ ଅବିଶ୍ୱାସୀ ବୋଲି କୁହାଯାଇଛି ?**

ଉ. କାଳକୁ (ମୃତ୍ୟୁ) ଅବିଶ୍ୱାସୀ ବୋଲି କୁହାଯାଇଛି ।

**ପ୍ର.୩୪. କିଏ ହଠାତ୍ ଆସି ହାବୁଡ଼ିଯିବ ବୋଲି କୁହାଯାଇଛି ?**

ଉ. ଅପ୍ରତ୍ୟାଶିତ ଭାବେ କାଳ ଆସି ହାବୁଡ଼ି ଯିବ ।

**ପ୍ର.୩୫. କାହା ପଛରେ କାଳ ଲୁଚି ବସିଥାଏ ?**

ଉ. ଦୂରବର୍ତ୍ତୀ ଜାଣି (ବହୁତ ଡେରିଭାବି) କାଳକୁ ଯେ ଅନାଇ ହସେ ତା' ପଛରେ କାଳ ଆସି ଆଗ ବସିଥାଏ ।

**ପ୍ର.୩୬. ଛାୟା କେତେବେଳେ ବଢ଼ିଯାଏ ?**

ଉ. ଆୟୁ ସୂର୍ଯ୍ୟ ଯେତେବେଳେ ଅସ୍ତ ହୁଏ ମାୟାର ଛାୟା ସେତେବେଳେ ବୃଦ୍ଧି ପାଏ ।

**ପ୍ର.୩୭. ରାଧାନାଥ ମାୟାକୁ କାହା ସହିତ ତୁଳନା କରିଛନ୍ତି ?**

ଉ. ରାଧାନାଥ ମାୟାକୁ ଛାୟା ସହିତ ତୁଳନା କରିଛନ୍ତି ।

**ପ୍ର.୩୮. ମାୟାର ଚେର ଭେଦିଗଲେ କି କ୍ଷତି ହୁଏ ?**

ଉ. ମାୟାର ଚେର ତଳେ ଯେତିକି ବଢ଼ିଥାଏ ଅନ୍ତତଃ ସେତେ ଉପାଡ଼ିବାକୁ ରଗଡ଼ିଥାଏ । ଅର୍ଥାତ୍ ଯମଯନ୍ତ୍ରଣା ସେତିକି ବଢ଼ିଥାଏ ।

**ପ୍ର.୩୯. ଅନ୍ତକ କିଏ ?**

ଉ. ଅନ୍ତକ ହେଉଛି ଯମ । ଏହା ମଣିଷର ଅନ୍ତ ଘଟାଇଥାଏ ।

**ପ୍ର.୪୦. ବେଳ ଥାଉଁ କ'ଣ ଅର୍ଜନ କରିବାକୁ କବି ପରାମର୍ଶ ଦେଇଛନ୍ତି ?**

ଉ. ବେଳ ଥାଉଁଥାଉଁ ଧର୍ମ ଅର୍ଜନ କରିବାକୁ କବି ପରାମର୍ଶ ଦେଇଛନ୍ତି ।

**ପ୍ର.୪୧. ସଂସାରରେ ଜନ୍ମଫଳରୁ କ'ଣ ମିଳେ ?**

ଉ. ସଂସାରରେ ଜନ୍ମଫଳରୁ ବଡ଼ପଣ ମିଳେ ।

**ପ୍ର.୪୨. ବଡ଼ପଣ କିପରି ଚିରସ୍ଥାୟୀ ହୁଏ ?**

ଉ. ବଡ଼ପଣ ଧର୍ମଦ୍ୱାରା ଚିରସ୍ଥାୟୀ ହୁଏ ।

**ପ୍ର.୪୩. ବିଧାତା କି ପୋତ ଗଢ଼ିଛନ୍ତି ?**

ଉ. ବିଧାତା ଧର୍ମର ପୋତ ଗଢ଼ିଛନ୍ତି ।

**ପ୍ର.୪୪. ଭଗବାନ କାହିଁକି ଧର୍ମର ପୋତ ଗଢ଼ିଛନ୍ତି ?**

ଉ. ସଂସାର ରୂପକ ବାରିଧିରୁ ପାର ହେବାପାଇଁ ଭଗବାନ ଧର୍ମର ପୋତ ଗଢ଼ିଛନ୍ତି ।

**ପ୍ର.୪୫. ସଂସାରକୁ କବି କାହା ସହିତ ତୁଳନା କରିଛନ୍ତି ?**

ଉ. ସଂସାରକୁ କବି ବାରିଧି ସହିତ ତୁଳନା କରିଛନ୍ତି ।

**ପ୍ର.୪୬. ସଂସାରରେ ମହତପଣିଆ କ'ଣ ?**

ଉ. ସଂସାରରେ ମହତପଣିଆ ହେଉଛି ଧର୍ମ । ଜନ୍ମଗ୍ରହଣ କରି କର୍ମ ଅନୁସାରେ ଧର୍ମ ଅର୍ଜନ କରିବା ମଣିଷର ମନୁଷ୍ୟତ୍ୱ ।

**ପ୍ର.୪୭. ସଂସାରର ସବୁ ବଡ଼ପଣକୁ କବି କ'ଣ ବୋଲି କହିଛନ୍ତି ?**

ଉ. ସଂସାରର ସବୁ ବଡ଼ପଣକୁ ତୁଚ୍ଛସାର ବଡ଼ବଣ ବା 'ଅଢ଼େଇ ଦିନିଆ' ବୋଲି କହିଛନ୍ତି ।

**ପ୍ର.୪୮. ଦ୍ୱିଲୋକ ସାଧନୀ ବୋଲି କବି କାହାକୁ କହିଛନ୍ତି ?**

ଉ. ଦ୍ୟୁଲୋକରେ ଯାହା ସାଧିତ ହୋଇଥାଏ ଅର୍ଥାତ୍ ସ୍ୱର୍ଗଲୋକ ଓ ମର୍ତ୍ତ୍ୟଲୋକରେ ଯେଉଁ ସୁକାର୍ଯ୍ୟରୂପକ ବଡ଼ପଣ ଦ୍ୱାରା ଅର୍ଜନ କରାଯାଏ ।

**ପ୍ର.୪୯. କେଉଁ ବଡ଼ପଣରେ ମତି ବଳାଇବାକୁ କବି ପରାମର୍ଶ ଦେଇଛନ୍ତି ?**

ଉ. କବି ତୁଚ୍ଛସାର ବଡ଼ପଣରୁ ବା ଲାଳସାରୁ ମତି ବଳାଇବାକୁ କବି ପରାମର୍ଶ ଦେଇଛନ୍ତି ।

**ପ୍ର.୫୦. କେଉଁଥିରେ ମନ ଦେବାପାଇଁ କବି ରାଜାମାନଙ୍କୁ ପରାମର୍ଶ ଦେଇଛନ୍ତି ?**

ଉ. ଯେଉଁ ବଡ଼ପଣ ଦ୍ୟୁଲୋକରେ ହିତ ସାଧନ କରେ ଏବଂ ଯାହା ପାଖରେ ଅନ୍ତକର ବଜ୍ରଦାନ୍ତ କାମ କରେ ନାହିଁ । କାଳ ଯାହାର ପାଖ ମାଡ଼ିପାରେ ନାହିଁ । ସେହି ଧର୍ମ ଦ୍ୱାରା ଅର୍ଜିତ ବଡ଼ପଣରେ ମନଦେବା ପାଇଁ ରାଜାମାନଙ୍କୁ ପରାମର୍ଶ ଦେଇଛନ୍ତି ।

**ପ୍ର.୫୧. ନିଜେ ଉଚ୍ଚ ହୋଇ କ'ଣ ଲାଭ କରିବା ପାଇଁ କବି ରାଜାମାନଙ୍କୁ ପରାମର୍ଶ ଦେଇଛନ୍ତି ?**

ଉ. ନିଜେ ଉଚ୍ଚ ହୋଇ ଉଚ୍ଚତର ଗତି ଲାଭକରିବା ପାଇଁ କବି ରାଜାମାନଙ୍କୁ ପରାମର୍ଶ ଦେଇଛନ୍ତି ।

## (ଗ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର। ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଉତ୍ତର ପାଇଁ ୧ ନମ୍ବର ରହିବ ।

**ପ୍ର.୧. କବି ରାଧାନାଥ କେଉଁମାନଙ୍କୁ "କେଶରୀ ଔରସେ ଶ୍ୱାନ" ବୋଲି କହିଛନ୍ତି ?**

ଉ. କବି – ରାଧାନାଥ ରାୟ

କବିତା – ବଡ଼ପଣ

କଟକର ବାରବାଟୀଠାରେ ପଠାଣୀ ସାମନ୍ତଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଏକ ଦରବାର ବସିଥିଲା । ଏହି ଦରବାରରେ ଉପସ୍ଥିତ ଓଡ଼ିଶାର ବିଭିନ୍ନ ଗଡ଼ଜାତର ରାଜା, ଜମିଦାରମାନଙ୍କୁ ଲକ୍ଷ୍ୟ କରି କେଶରୀ ଔରସେ ଶ୍ୱାନ ବୋଲି କବି ରାଧାନାଥ କହିଛନ୍ତି ।

# ତପସ୍ୱିନୀର ପତ୍ର


✍ ଗଙ୍ଗାଧର ମେହେର

ଗଙ୍ଗାଧର ମେହେର


**କବି ପରିଚୟ :**

ଉତ୍କଳର ବରପୁତ୍ର, ସାହିତ୍ୟ ସାଧକ ଗଙ୍ଗାଧରଙ୍କ ଜୀବନ, ଉତ୍କଳର ଅଗଣିତ ଜନଜୀବନର ଜୀବନ ଚିତ୍ର ଭଳି ନିହାତି ସାଧାରଣ । ଦରିଦ୍ରତା ପଙ୍କପୂର୍ଣ୍ଣ ଜୀବନ ସରୋବରରୁ ଜାତ ହୋଇଥିଲା ସ୍ୱର୍ଗୀୟ ରଙ୍ଗାଜୀବ କବି ଗଙ୍ଗାଧରଙ୍କ ସୁକୁମାର ସାହିତ୍ୟ ସରୋଜ । ତାଙ୍କ ଜୀବନର ପରିଧିରେ ହିମାଳୟର ତୁଙ୍ଗିମା, ନବୋଦିତ ରବିଙ୍କର ରଙ୍ଗିମା ବା ନୀଳଜଳଧିର କମନୀୟ ଭଙ୍ଗିମା ପ୍ରକାଶ ପାଇନାହିଁ । ସାଧାରଣ ପରିବେଶରେ ସେ ଜନ୍ମଗ୍ରହଣ କରି ପରିବର୍ଦ୍ଧିତ ହୋଇଥିଲେ ହେଁ ନିଜର ସାରସ୍ୱତ ସାଧନା ବଳରେ ସେ ହୋଇଥିଲେ ଅସାଧାରଣ, ଅସାମାନ୍ୟ ପ୍ରତିଭାର ଅଧିକାରୀ ଏପରିକି ଆଧୁନିକ ଶିକ୍ଷାରେ ଶିକ୍ଷିତ ହୋଇଥିବା ସେ ସମୟର ପ୍ରଭାବଶାଳୀ କବି ପଣ୍ଡିତଙ୍କର ସେ ସସ୍ନେହ ଦୃଷ୍ଟି ଆକର୍ଷଣ କରିଥିଲେ । ଅଳ୍ପପାଠୀ ଏହି ତନ୍ତୁବାୟ କବି ଜୀବନ ଓ ଜୀବିକାର ଜଟିଳତାରେ ଛନ୍ଦିହୋଇ ମଧ୍ୟ ଭୁଲି ନ ଥିଲେ ବାଣୀ ଆରାଧନା । ଦେବୀ କୃପାମୟୀ ସରସ୍ୱତୀଙ୍କ ଅପାର କରୁଣାରୁ କବିତା ରଚନା ତାଙ୍କ ପକ୍ଷେ ହୋଇ ପଡ଼ିଥିଲା ସହଜ ଓ ସ୍ୱାଭାବିକ୍ । ତାଙ୍କ ସାହିତ୍ୟରେ ଥିବା ଭାଷାର ସରଳତା ଓ କମନୀୟତା, ଭାବର ସ୍ୱଚ୍ଛତା ଓ ପ୍ରକାଶ ଭଙ୍ଗୀରେ ଆଡ଼ମ୍ବର ଶୂନ୍ୟତା ତାଙ୍କ ବ୍ୟକ୍ତିତ୍ୱର ଏକ ଏକ ଅପରୂପ ଚିତ୍ରପଟ । ଗଙ୍ଗାଧରଙ୍କ କାବ୍ୟର କଥାବସ୍ତୁ ପ୍ରାଚୀନ କିନ୍ତୁ ଆଧୁନିକ ରୁଚି ଓ ଚିନ୍ତା ବିଜଡ଼ିତ ତାଙ୍କ ଭାବରାଜି ନୀତି ଓ ଆଦର୍ଶର କଠୋର ଶୃଙ୍ଖଳା ଶାସିତ ହୋଇଥିଲେ ମଧ୍ୟ ବିବିଧ ମାନବୀୟ ଦୁର୍ବଳତାକୁ ସେ ପରିହାର କରିପାରି ନାହାନ୍ତି । ଏତତ୍ ବ୍ୟତୀତ ପ୍ରକୃତିର ଜୀବନ୍ତ ଓ ତଟସ୍ଥ ବର୍ଣ୍ଣନା ପ୍ରଦାନ କରିବାରେ ଗଙ୍ଗାଧର ସମଗ୍ର ଓଡ଼ିଆ ସାହିତ୍ୟରେ ଅନନ୍ୟ ଥିଲେ । ବହିଃ ପ୍ରକୃତି ସହିତ ଅନ୍ତଃ ପ୍ରକୃତିରେ ମନୋଜ୍ଞ ସମନ୍ୱୟ ଓ ପ୍ରକୃତିର ମାନବାୟନ ଗଙ୍ଗାଧରଙ୍କ ରଚନାକୁ ଆଜି ମଧ୍ୟ ସୁଖପାଠ୍ୟ କରିରଖିଛି ।

# ପ୍ରଶ୍ନାବଳୀ

(କ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।

ପ୍ର.୧. ଶରଣବତ୍ସଳ – ଧ୍ୱଜରିପୁ – ଗଜାଙ୍କୁଶ – ଏଥିରେ ଧ୍ୱଜ ଶବ୍ଦର ଅର୍ଥ ?
(ରକ୍ଷକ, ପତାକା, ଶତ୍ରୁ, ମିତ୍ର) ଉ: ପତାକା

ପ୍ର.୨. 'ନବବାମା' ବୋଲି କବି କାହାକୁ କହିଛନ୍ତି ?
(ସୀତା, ସୁନାର ସୀତା, ନବବିବାହିତା ଦ୍ୱିତୀୟାପତ୍ନୀ, ରୁକ୍ମିଣୀ) ଉ: ନବବିବାହିତା ଦ୍ୱିତୀୟାପତ୍ନୀ

ପ୍ର.୩. ରାମଚନ୍ଦ୍ରଙ୍କର ସଦ୍‌ଗୁଣାବଳୀ ଶତଗୁଣିତ ହେଉଥିବ କାହିଁକି ?
(ସୀତାଙ୍କ ସ୍ମୃତିକୁ ମନେ ପକାଇ, ଲବକୁଶଙ୍କ ପରିଚୟ ପାଇ, ମୁଗ୍ଧ ନବ ବଧୂକୁ ମୁଗ୍ଧ କରିବା ପାଇଁ, ଋଷିମାନଙ୍କୁ ଆନନ୍ଦ ପ୍ରଦାନ କରିବା ପାଇଁ) ଉ: ମୁଗ୍ଧ ନବ ବଧୂକୁ ମୁଗ୍ଧ କରିବା ପାଇଁ

ପ୍ର.୪. ତାପସଙ୍କ ଅଶାନ୍ତି ନାଶକ ବୋଲି କାହାକୁ କୁହାଯାଇଛି ?
(ରାମଚନ୍ଦ୍ର, ରାବଣ, ସୀତା, ବାଲ୍ମୀକି) ଉ: ରାମଚନ୍ଦ୍ର

ପ୍ର.୫. ସୀତା ରାମଚନ୍ଦ୍ରଙ୍କୁ ଚିଠି ଲେଖି କ'ଣ ମାଗିଥିଲେ ?
(ପୁଅ ଦୁହିଁଙ୍କୁ ରାଜଭୋଗ ପ୍ରଦାନ କରିବାପାଇଁ, ନବପ୍ରଣୟିନୀଙ୍କୁ ବାହାର କରିଦେବା ପାଇଁ, ନବପ୍ରଣୟିନୀ କେଉଁ ଘୋର ତପସ୍ୟା କରି କେଉଁ ମନ୍ତ୍ର ଜପ କରି ରାମଚନ୍ଦ୍ରଙ୍କୁ ବର ରୂପେ ପାଇଲେ ଜଣାଇବା ପାଇଁ, ତାଙ୍କ ଦୋଷ କ୍ଷମା କରିଦେବା ପାଇଁ) ଉ: ନବପ୍ରଣୟିନୀ କେଉଁ ଘୋର ତପସ୍ୟା କରି କେଉଁ ମନ୍ତ୍ର ଜପ କରି ରାମଚନ୍ଦ୍ରଙ୍କୁ ବର ରୂପେ ପାଇଲେ ଜଣାଇବା ପାଇଁ ।

ପ୍ର.୬. ସୀତାଙ୍କ ପୁତ୍ରଦ୍ୱୟ କିପରି ଜନନୀଙ୍କ ଜୀବନ କନ୍ଦାଉଥିଲେ ?
(ପରସ୍ପର ମଧ୍ୟରେ କଳହ କରି, ବୀଣା ସହକାରେ ରାମାୟଣ ଗାନ କରି, ରାମଚନ୍ଦ୍ରଙ୍କ କଥା ମନେ ପକାଇ, ପିତାଙ୍କ ପରିଚୟ ପଚାରି)
ଉ: ବୀଣା ସହକାରେ ରାମାୟଣ ଗାନ କରି

ପ୍ର.୭. ତରୁଲତାଗଣ କ'ଣ ଶୁଣି ଅଥୟ ହୁଅନ୍ତି ?
(ସୀତାଙ୍କ କ୍ରନ୍ଦନ, ଲବ-କୁଶଙ୍କ ରାମାୟଣଗାନ, ଋଷିମାନଙ୍କର ଓଁକାର ଧ୍ୱନି, ଋଷିକୁମାରମାନଙ୍କର ବେଦଧ୍ୱନି)
ଉ: ଲବ-କୁଶଙ୍କ ରାମାୟଣଗାନ

ପ୍ର.୮. ସୀତାଙ୍କ ଶିଶୁଦ୍ୱୟଙ୍କ ମନ କ'ଣ ପାଇଁ ସେମାନଙ୍କୁ ଆକର୍ଷିତ କରି ନେଉଥିଲା ?
(ରାମଚନ୍ଦ୍ରଙ୍କ ପଦ ପଙ୍କଜ ଦର୍ଶନ କରିବା ପାଇଁ, ରାଜା ରାମଙ୍କ ନିକଟରେ ରାମାୟଣଗାନ କରିବାପାଇଁ, ମାତାଙ୍କ ପ୍ରତି ହୋଇଥିବା ଅନ୍ୟାୟର ପ୍ରତିଶୋଧ ନେବାପାଇଁ, ଅଯୋଧ୍ୟା ଯାଇ ନିଜର ପିତାଙ୍କୁ ପରିଚୟ ଦେବା ପାଇଁ)
ଉ: ରାମଚନ୍ଦ୍ରଙ୍କ ପଦ ପଙ୍କଜ ଦର୍ଶନ କରିବା ପାଇଁ

ପ୍ର.୯. କ'ଣ ଶୁଣି ସୀତାଙ୍କର ହୃଦୟ ହାଣି ହୋଇଯାଉଥିଲା ?
(ଶିଶୁଦ୍ୱୟଙ୍କ କ୍ରନ୍ଦନ, ରାମଚନ୍ଦ୍ରଙ୍କ ଗତ ଦୁଃଖର କାହାଣୀ, ଜନକଙ୍କ ଅସୁସ୍ଥତା, ରାମଚନ୍ଦ୍ରଙ୍କ ଅଶ୍ୱମେଧ ଯଜ୍ଞ)
ଉ: ରାମଚନ୍ଦ୍ରଙ୍କ ଗତ ଦୁଃଖର କାହାଣୀ

ପ୍ର.୧୦. ରାମଚନ୍ଦ୍ର ସୀତାଙ୍କ ପ୍ରେମକୁ କାହିଁକି ସ୍ୱପ୍ନ ମନେ କରିବେ ବୋଲି ସୀତା ଲେଖିଛନ୍ତି ?
(ନବ ପ୍ରଣୟିନୀର ମୁଖଦର୍ଶନ କରି, ରାଜକାର୍ଯ୍ୟରେ ବ୍ୟସ୍ତ ରହି, ପୁତ୍ରଦ୍ୱୟଙ୍କ ପରିଚୟ ପାଇ, ରାମାୟଣର କଥା ଶ୍ରବଣ କରି)
ଉ: ରାମାୟଣର କଥା ଶ୍ରବଣ କରି

ପ୍ର.୧୧. ସୀତା ପତ୍ର ଲେଖୁଥିଲାବେଳେ କିଏ ହସି ହସି ପହଞ୍ଚିଲେ ?
(ବାଲ୍ମୀକି, ସଖୀ, ଲବକୁଶ, ରାମଙ୍କ ଦୂତ)
ଉ: ଲବକୁଶ

## (ଖ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।

ପ୍ର.୧. ତପସ୍ୱିନୀ କିଏ ?
ଉ: ତପସ୍ୱିନୀ ହେଉଛନ୍ତି ସତୀ ସୀତା ।

ପ୍ର.୨. 'ତପସ୍ୱିନୀର ପତ୍ର' କାହା ଉଦ୍ଦେଶ୍ୟରେ ଲିଖିତ ?
ଉ: 'ତପସ୍ୱିନୀର ପତ୍ର' ପ୍ରଭୁ ରାମଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ ଲିଖିତ ହୋଇଛି ।

ପ୍ର.୩. ଶରଣବତ୍ସଳ ବୋଲି କବି କାହାକୁ କହିଛନ୍ତି ?
ଉ: ଶରଣାଗତଙ୍କୁ ନିଜର ସନ୍ତାନପରି ସ୍ନେହ ପ୍ରଦାନ କରୁଥିବାରୁ ପ୍ରଭୁ ରାମଚନ୍ଦ୍ରଙ୍କୁ କବି ଏଠାରେ ଶରଣବତ୍ସଳ ବୋଲି କହିଛନ୍ତି ।

ପ୍ର.୪. ଦୁଃଖ ଗିରିର ବଜ୍ର କିଏ ?
ଉ: ମର୍ଯ୍ୟାଦାପୁରୁଷ ପ୍ରଭୁ ରାମଚନ୍ଦ୍ର ଦୁଃଖ ଗିରିର ବଜ୍ର ଅଟନ୍ତି ।

ପ୍ର.୫. ଦୀନ ଭିଖାରୁଣୀ ବୋଲି କାହାକୁ କୁହାଯାଏ ?
ଉ: ନିର୍ବାସିତା ସତୀ ସୀତାଙ୍କୁ ଦୀନ ଭିକାରୁଣୀ ବୋଲି କୁହାଯାଇଛି ?

ପ୍ର.୬. ରାଜରାଜେଶ୍ୱର କିଏ ?
ଉ: ରାଜରାଜେଶ୍ୱର ହେଉଛନ୍ତି ପ୍ରଭୁ ରାମଚନ୍ଦ୍ର ।

**ପ୍ର.୭. ମହାଯଜ୍ଞରେ କିଏ ଦୀକ୍ଷିତ ହୋଇଥିବେ ବୋଲି କୁହାଯାଇଛି ?**

ଉ: ମହାଯଜ୍ଞରେ ପ୍ରଭୁ ରାମଚନ୍ଦ୍ର ଦୀକ୍ଷିତ ହୋଇଥିବେ ।

**ପ୍ର.୮. ନବ ବାମା ବୋଲି କାହାକୁ କୁହାଯାଇଛି ?**

ଉ: ରାମଙ୍କ ନବବିବାହିତା ଦ୍ୱିତୀୟା ପତ୍ନୀଙ୍କୁ ନବବାମା ବୋଲି କୁହାଯାଇଛି ।

**ପ୍ର.୯. ଯଜ୍ଞକାଳରେ ମହାରାଜାଙ୍କ ବାମଭାଗରେ କିଏ ଶୋଭା ପାଉଥିବେ ବୋଲି ସୀତା ପତ୍ର ଲେଖିଛନ୍ତି ?**

ଉ: ଯଜ୍ଞକାଳରେ ମହାରାଜାଙ୍କ ବାମ ଭାଗରେ ତାଙ୍କ ନବ ବିବାହିତା ଦ୍ୱିତୀୟା ପତ୍ନୀ ଶୋଭା ପାଉଥିବେ ବୋଲି ସୀତା ପତ୍ର ଲେଖିଛନ୍ତି ।

**ପ୍ର.୧୦. ଯଜ୍ଞ କାଳରେ ରାମଚନ୍ଦ୍ରଙ୍କ ସଦ୍‌ଗୁଣ କାହିଁକି ବଢ଼ିଯାଉଥିବ ?**

ଉ: ନବବଧୂଙ୍କୁ ଶତଗୁଣରେ ମୁଗ୍‌ଧ କରିବାପାଇଁ ସକଳ ସଦ୍‌ଗୁଣର ଅଧିକାରୀ ରାମଚନ୍ଦ୍ରଙ୍କ ଅନେକ ମହତ୍ କାର୍ଯ୍ୟ କରୁଥିବେ ।

**ପ୍ର.୧୧. କିଏ ମୁଗ୍‌ଧ ହେବ ବୋଲି ସୀତା ଭାବିଛନ୍ତି ?**

ଉ: ମୁଗ୍‌ଧ ବଧୂ ମୁଗ୍‌ଧ ହେବ ବୋଲି ସୀତା ଭାବିଛନ୍ତି ।

**ପ୍ର.୧୨. ମହାଯଜ୍ଞରେ ମହାରାଜା ରାମଚନ୍ଦ୍ର କ'ଣ ପ୍ରଦାନ କରୁଥିବେ ?**

ଉ: ମହାଯଜ୍ଞରେ ମହାରାଜା ରାମଚନ୍ଦ୍ର ଅମାପଧନ ରତ୍ନ ଓ ପାଟବସ୍ତ୍ରମାନ (କ୍ଷୌମବସ୍ତ୍ର) ଦାନ ଦେଉଥିବେ ।

**ପ୍ର.୧୩. ଦାନ ବାରିଧି ବୋଲି ସୀତା କାହାକୁ ସମ୍ବୋଧନ କରିଛନ୍ତି ?**

ଉ: ରାମଚନ୍ଦ୍ର ହେଉଛନ୍ତି ଦୟାଳୁ ପୁରୁଷ, ସେ ଦୟାର ବାରିଧି । ସୀତା ରାମଚନ୍ଦ୍ରଙ୍କୁ ଦାନ-ବାରିଧି ବୋଲି ସମ୍ବୋଧନ କରିଛନ୍ତି ।

**ପ୍ର.୧୪. ତପସ୍ୱୀମାନଙ୍କର ଅଶାନ୍ତି ନାଶକ କିଏ ?**

ଉ: ତପସ୍ୱୀମାନଙ୍କର ଅଶାନ୍ତି ନାଶକ ହେଉଛନ୍ତି ପୁରୁଷୋତ୍ତମ ପ୍ରଭୁ ରାମଚନ୍ଦ୍ର ।

**ପ୍ର.୧୫. କେଉଁମାନଙ୍କୁ ରାଜା ରାମଚନ୍ଦ୍ରଙ୍କର କିଛି ଅଦେୟ ନଥିଲା ?**

ଉ: ତାପସମାନଙ୍କୁ (ଋଷିମାନଙ୍କର) ରାଜା ରାମଚନ୍ଦ୍ରଙ୍କର କିଛି ଅଦେୟ ନଥିଲା ।

**ପ୍ର.୧୬. 'ମୋତେ ନ କରିବ ହେୟ' କେଉଁ ପ୍ରସଙ୍ଗରେ କୁହାଯାଇଛି ?**

ଉ: ମୁନିଋଷିଙ୍କୁ ଦାନ କରିବାପାଇଁ ପ୍ରଭୁ ରାମଚନ୍ଦ୍ର ସର୍ବଦା ମୁକ୍ତହସ୍ତ । ସେହିପରି ସୀତା ହେଉଛନ୍ତି ଜଣେ ତପସ୍ୱିନୀ ଏବଂ ତାଙ୍କର ଭିକ୍ଷାକୁ ପୂରଣ କରିବାପାଇଁ ରାମଚନ୍ଦ୍ର ହେୟ ମନେ କରିବେ ନାହିଁ ବୋଲି ସେ ଆଶାପୋଷଣ କରିଛନ୍ତି ।

**ପ୍ର.୧୭. ଜନତା ଭକ୍ତି ସହକାରେ କାହାକୁ ଦେଖୁଥିବେ ?**

ଉ: ଜନତା ଭକ୍ତିପୂତ ଭାବରେ ରାମଙ୍କ ବାମାଙ୍ଗରେ ବସିଥିବା ନବପରିଣିତା ଦ୍ୱିତୀୟା ପତ୍ନୀଙ୍କୁ ଦର୍ଶନ କରି ଆନନ୍ଦିତ ହେଉଥିବେ ।

**ପ୍ର.୧୮. ସୀତା ରାମଚନ୍ଦ୍ରଙ୍କୁ କ'ଣ ଜଣାଇ ଦେବାକୁ ଲେଖିଥିଲେ ?**

ଉ: ସୀତା ରାମଚନ୍ଦ୍ରଙ୍କ ପାଖରୁ ଜାଣିବା ପାଇଁ ଚାହିଁଛନ୍ତି ଯେ ନବବିବାହିତା ମହିମାମୟୀ ନାରୀଟି କେଉଁ ପ୍ରକାର ତପ ଆଚରଣ କରିଥିଲା ଓ କେଉଁଠାରେ କେତେ କାଳ କେଉଁ ମନ୍ତ୍ର ଜପକରିଥିଲା ତାହା ଜାଣିବା ପାଇଁ ଲେଖିଥିଲେ ।

**ପ୍ର.୧୯. ଅତ୍ୟନ୍ତ ଅବୋଧ ବୋଲି ସୀତା କାହାକୁ କହିଛନ୍ତି ?**

ଉ: ବାଲ୍ମୀକି ଆଶ୍ରମରେ ଜନ୍ମ ନେଇଥିବା ଯମଜ ସନ୍ତାନ ଲବ ଓ କୁଶ ଅତ୍ୟନ୍ତ ଅବୋଧ ଶିଶୁ ବୋଲି ସୀତା କହିଛନ୍ତି ।

**ପ୍ର.୨୦. ସୀତାଙ୍କ ପୁତ୍ରମାନଙ୍କର କେଉଁ ଭାଗ୍ୟ ନାହିଁ ବୋଲି କୁହାଯାଇଛି ?**

ଉ: ସୀତାଙ୍କର ପୁତ୍ରମାନଙ୍କର ଜନ୍ମକାଳରୁ ପିତାଙ୍କ କୋଳରେ ବସିବାର ସୌଭାଗ୍ୟ ସେମାନଙ୍କର ନାହିଁ । ପିତାଙ୍କର ସ୍ନେହ, ଶ୍ରଦ୍ଧାରୁ ମଧ୍ୟ ସେମାନେ ଅତ୍ୟନ୍ତ ନିଷ୍ଠୁର ଭାବରେ ବଞ୍ଚିତ ।

**ପ୍ର.୨୧. ସୀତାଙ୍କ ପୁତ୍ରମାନେ କିପରି ଜନନୀର ଜୀବନ କନ୍ଦାଉଥିଲେ ?**

ଉ: ବାଲ୍ମୀକି ବିରଚିତ ରାମାୟଣକୁ ପୁତ୍ରଦ୍ୱୟ ବୀଣାଜୀଣା କଣ୍ଠରେ ଗାନ କରି ଜନନୀର ଜୀବନ କନ୍ଦାଉଥିଲେ ।

**ପ୍ର.୨୨. ସୀତାଙ୍କ ପୁତ୍ରମାନେ କେଉଁ ବାଦ୍ୟ ସହାୟତାରେ ରାମାୟଣ ଗାଉଥିଲେ ?**

ଉ: ସୀତାଙ୍କ ପୁତ୍ରମାନେ ବୀଣାଯନ୍ତ୍ର ସହାୟତାରେ ସୁମଧୁର ଲାଳିତ୍ୟ ସ୍ୱରରେ ରାମାୟଣ ଗାନ କରୁଥିଲେ ।

**ପ୍ର.୨୩. ତରୁଲତା ଗଣ କ'ଣ ଶୁଣି ଅଥୟ ହୁଅନ୍ତି ବୋଲି ସୀତା ଲେଖିଛନ୍ତି ?**

ଉ: ରାମାୟଣର କାହାଣୀହିଁ ସୀତାଙ୍କର ଜୀବନର କରୁଣ କାହାଣୀ । ସେହି ଅଭୁଲା ଅଧ୍ୟାୟଗୁଡ଼ିକୁ ଶୁଣି ସୀତା ଦଗ୍ଧୀଭୂତ ହୁଅନ୍ତି । ସେହି କରୁଣ ପରିବେଶ ବ୍ୟକ୍ତିର ଆଖିକୁ ଅଶ୍ରୁସିକ୍ତ କରେ । ସେ ଦୁଃଖରେ ବୃକ୍ଷଲତା ସମଗ୍ର ବନ ପ୍ରକୃତି ଅଥୟ ହୁଅନ୍ତି ବୋଲି ଲେଖିଛନ୍ତି ।

**ପ୍ର.୨୪. ଶିଶୁପୁତ୍ର ଦ୍ୱୟ କାହା ସହିତ ଅଯୋଧ୍ୟା ଯାଉଥିଲେ ?**

ଉ: ଶିଶୁପୁତ୍ର ଦ୍ୱୟ ବାଲ୍ମୀକି ମହର୍ଷିଙ୍କ ସହିତ ଅଯୋଧ୍ୟା ଯାଉଥିଲେ ।

**ପ୍ର.୨୫. କେଉଁଥିରେ ମୁଗ୍ଧ ହୋଇ ସୀତାଙ୍କ ଶିଶୁପୁତ୍ର ଦ୍ୱୟ ମହର୍ଷିଙ୍କ ସହିତ ଯାଉଥିଲେ ?**

ଉ: ରାମାୟଣରେ ବର୍ଣ୍ଣିତ ରାମଚନ୍ଦ୍ରଙ୍କର ଖ୍ୟାତି ଓ ବୀରତ୍ୱରେ ମୁଗଧ ହୋଇ ଲବ ଓ କୁଶ ବାଲ୍ମୀକି ମହର୍ଷିଙ୍କ ସହିତ ଯାଉଥିଲେ ।

**ପ୍ର.୨୬. ସୀତାଙ୍କ ଶିଶୁପୁତ୍ର ଦ୍ୱୟଙ୍କ ମନ କ'ଣ ପାଇଁ ଆକର୍ଷିତ ହୋଇଥିଲା ?**

ଉ: ପରମପୁରୁଷ ରାମଚନ୍ଦ୍ରଙ୍କ ଅଶେଷ ଖ୍ୟାତି, ଯଶ, ବୀରତ୍ୱ ତଥା ଗରିମାରେ ସ୍ୱତଃ ଆକର୍ଷିତ ହୋଇଯାଇଛନ୍ତି ରକ୍ତର ଚୁମ୍ବକୀୟ ଶକ୍ତିରେ । ରାମଚନ୍ଦ୍ରଙ୍କ ପଦ ପଙ୍କଜ ଦର୍ଶନ କରିବା ପାଇଁ ସେମାନେ ଉତ୍କଣ୍ଠିତ ଥିଲେ ।

**ପ୍ର.୨୭. ସୀତାଙ୍କ ହୃଦୟ କେଉଁଥିରେ ହାଣି ହେଉଥିଲା ?**

ଉ: ରାମାୟଣରେ ବର୍ଣ୍ଣିତ ରାମସୀତାଙ୍କ ଦୁଃଖଦ ଜୀବନର ଅଶ୍ଳୀଳ କାହାଣୀ ଶୁଣି ହୃଦୟ ହାଣି ହେଉଥିଲା ।

**ପ୍ର.୨୮. ବୈଦେହୀର ସ୍ମୃତି କିପରି ମନେ ପଡ଼ିବ ବୋଲି ସୀତା ଲେଖିଛନ୍ତି ?**

ଉ: ବାଲ୍ମୀକି ରଚିତ ରାମାୟଣକୁ ଲବ ଓ କୁଶଙ୍କ ଠାରୁ ଶ୍ରବଣ କଲେ ସ୍ମୃତି ମନେ ପଡ଼ିବା କଥା ସୀତା ଲେଖିଛନ୍ତି ?

**ପ୍ର.୨୯. କାହିଁକି ରାମଚନ୍ଦ୍ର ସୀତାଙ୍କ ପ୍ରେମକୁ ସ୍ୱପ୍ନ ପରି ମନେ କରିବେ ?**

ଉ: ବୀଣାଜୀଣା କଣ୍ଠରେ ଲବକୁଶଠାରୁ ରାମାୟଣ ଶ୍ରବଣ କରି ରାମଚନ୍ଦ୍ର ଯଦି ବୈଦେହୀଙ୍କର ସ୍ମୃତିରେ ବ୍ୟଥିତ ହୁଅନ୍ତି ତେବେ ନବବଧୂର ସୌନ୍ଦର୍ଯ୍ୟମୟୀ ମୁଖଦର୍ଶନ କରି ସେ ସ୍ୱପ୍ନପରି ଭୁଲିଯିବେ ଦୁଃଖିନୀ ବୈଦେହୀଙ୍କୁ ।

**ପ୍ର.୩୦. ହୃଦୟ ବିକଳରେ ପତ୍ର ଲେଖୁଥିଲା ବେଳେ ପତ୍ରଟି କାହାଦ୍ୱାରା ଧୋଇ ହୋଇଯାଉଥିଲା ?**

ଉ: ହୃଦୟ ବିକଳରେ ପତ୍ର ଲେଖୁଥିଲାବେଳେ ପତ୍ରଟି ଅଶ୍ରୁ ସଜଳ ଭାବାବେଗରୁ ବିଗଳିତ ଆଖି ଲୁହରେ ପତ୍ର ଧୋଇ ହୋଇଯାଉଥିଲା ।

ପ୍ର.୩୧. କାହାକୁ ଦେଖି ସୀତାଙ୍କ ପତ୍ର ଲିଖନ ବନ୍ଦ ହୋଇଗଲା ?

ଉ: ଲବକୁଶଙ୍କୁ ଦେଖି ସୀତାଙ୍କ ପତ୍ର ଲିଖନ ବନ୍ଦ ହୋଇଗଲା ।

**(ଗ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଉତ୍ତର ପାଇଁ ୧ ନମ୍ବର ରହିବ ।**

ପ୍ର.୧. ରାମଚନ୍ଦ୍ରଙ୍କଠାରେ ବିଦୂଷମାନେ କ'ଣ ଦେଖିଥା'ନ୍ତି ?

ଉ. କବି – ଗଙ୍ଗାଧର ମେହେର    କବିତା - ତପସ୍ୱିନୀର ପତ୍ର

କବିତା – ତପସ୍ୱିନୀର ପତ୍ର    କବି - ଗଙ୍ଗାଧର ମେହେର,

ପୁରୁଷୋତ୍ତମ ଶ୍ରୀରାମ ହେଉଛନ୍ତି ଶରଣାଗତର ରକ୍ଷାକବଚ । ଶତ୍ରୁରୂପକ ଗଜର ଅଙ୍କୁଶ ସଦୃଶ ଓ ଦୁଃଖରୂପକ ପର୍ବତ ପାଇଁ ସେ ହେଉଛନ୍ତି ବଜ୍ର ସଦୃଶ । ବିଦୂଷମାନେ ଶ୍ରୀରାମଚନ୍ଦ୍ରଙ୍କଠାରେ ଏହା ଦେଖିଥା'ନ୍ତି ।

ପ୍ର.୨. 'ଦୀନ ଭିଖାରୁଣୀ ଦୂରୁ ନତଶିରେ ବନ୍ଦେ' କିଏ କାହାକୁ ବନ୍ଦନା କରୁଛି ?

ଉ. କବି – ଗଙ୍ଗାଧର ମେହେର

କବିତା – ତପସ୍ୱିନୀର ପତ୍ର

ସତୀସୀତା ବହୁଦରର ଶରଣ ବତ୍ସଳ ପ୍ରଭୁ ରାମଚନ୍ଦ୍ରଙ୍କୁ ବନ୍ଦନା କରୁଛି ।

# ବନ୍ଦୀର ବିରହ ବ୍ୟଥା

**ଌ ଗୋପବନ୍ଧୁ ଦାସ**

**କବି ପରିଚୟ :**

ଉତ୍କଳମଣି ଗୋପବନ୍ଧୁ ଦାସ ଓଡ଼ିଶାର ଜନସାଧାରଣଙ୍କ ପାଇଁ ଏକ ଅବିସ୍ମରଣୀୟ ବ୍ୟକ୍ତିତ୍ୱଭାବେ ଚିର ପ୍ରତିଷ୍ଠିତ । ସେବା ତ୍ୟାଗ ଓ କରୁଣାର ମୂର୍ତ୍ତିମନ୍ତ ବିଗ୍ରହ ଗୋପବନ୍ଧୁ ଉତ୍କଳ ଜନତାର ଅତି ଆପଣାର ସୁହୃଦ୍ ଭାବେ ବନ୍ୟା, ବାତ୍ୟା ଓ ଦୁର୍ଭିକ୍ଷର ଚିରସହଚର ଥିଲେ । ସେ ଥିଲେ ଏକ ପରିପୂର୍ଣ୍ଣ ବ୍ୟକ୍ତିତ୍ୱ । ସଂସ୍କୃତି, ସାହିତ୍ୟ, ରାଜନୀତି ଓ ଶିକ୍ଷାକ୍ଷେତ୍ରରେ ମଧ୍ୟ ସେ ଅଗ୍ରଣୀ ଥିଲେ । ତେଣୁ ତାଙ୍କୁ ଆଦରରେ 'ଉତ୍କଳମଣି' ନାମରେ ସମ୍ବୋଧନ କରାଯାଉଥିଲା । ପୁରୀ ଜିଲ୍ଲାର ସତ୍ୟବାଦୀ ନିକଟରେ ଥିବା ସୁଆଣ୍ଡୋ ଗ୍ରାମରେ ୧୮୭୭ ଖ୍ରୀଷ୍ଟାବ୍ଦରେ ସେ ଜନ୍ମ ଲାଭ କରିଥିଲେ ଓ ୧୯୨୮ ଖ୍ରୀଷ୍ଟାବ୍ଦରେ ପବିତ୍ର ନେତ୍ରୋତ୍ସବ ଦିନ ତାଙ୍କର ମହାପ୍ରୟାଣ ହୋଇଥିଲା । ସାକ୍ଷୀଗୋପାଳର ବକୁଳ ବନରେ ସେ ଶିକ୍ଷକ ଜୀବନ ଆରମ୍ଭ କରି ସେହିଠାରୁ ନିଜର ଦେଶପ୍ରେମ, ଜାତି ପ୍ରୀତି, ସେବା ଓ ସାହିତ୍ୟ ଜୀବନ କ୍ରମ ବିକାଶ କରିଥିଲେ । ଦେଶପ୍ରେମକୁ ଆଧାର କରି ସେ ହେଲେ କବି ଓ ସାହିତ୍ୟିକ ତାଙ୍କର ଅଧିକାଂଶ ସାହିତ୍ୟ ଦେଶଭକ୍ତି ଓ ଜାତିପ୍ରୀତିର ପୃଷ୍ଠଭୂମିରେ ଋଦ୍ଧିମନ୍ତ । ଗୋପବନ୍ଧୁଙ୍କ ସାହିତ୍ୟ ସୃଷ୍ଟି ମଧ୍ୟରେ 'ବନ୍ଦୀର ଆତ୍ମକଥା' 'କାରାକବିତା', 'ଧର୍ମପଦ' ଓ ଗୋ-ମାହାତ୍ମ୍ୟ ପ୍ରଭୃତି ଉଲ୍ଲେଖଯୋଗ୍ୟ । 'ସତ୍ୟବାଦୀ' ପତ୍ରିକା ସଂପାଦନ ଓ 'ସମାଜ' ପତ୍ରିକା ପ୍ରଚଳନ ପାଇଁ ଗୋପବନ୍ଧୁ ଉତ୍କଳବାସୀଙ୍କ ନିକଟରେ ଅବିସ୍ମରଣୀୟ । ଆଲୋଚ୍ୟ 'ବନ୍ଦୀର ବିରହ ବ୍ୟଥା' କବିତାଟି ଗୋପବନ୍ଧୁଙ୍କ 'କାରାକବିତା' ସଂକଳନରୁ ସଂଗୃହୀତ । ୧୯୨୩-୨୪ ମସିହାରେ ବିହାରର ହଜାରିବାଗ୍ ଜେଲରେ ବନ୍ଦୀ ଥିଲାବେଳେ ଏହି କବିତାଟି ଲେଖିଥିଲେ । କବିତାରେ କବି ବାହ୍ୟ ପ୍ରକୃତି ସହ ଅନ୍ତଃ ପ୍ରକୃତିର ସମନ୍ୱୟ କବିତାଟିକୁ ଅଧିକ ମର୍ମସ୍ପର୍ଶୀ କରିପାରିଛି ।

## ପ୍ରଶ୍ନାବଳୀ

(କ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।

ପ୍ର.୧. "ନାନାରଙ୍ଗ ଚନ୍ଦ୍ର ଆତପେ ଆଚ୍ଛାଦିତ ଅମ୍ବର" ଏଠାରେ ଅମ୍ବରର ଅର୍ଥ ______ ?

( ଲୁଗା, ଚାନ୍ଦୁଆ, ଆକାଶ, ସୂର୍ଯ୍ୟ) ଉ: ଆକାଶ

ପ୍ର.୨. ସୂର୍ଯ୍ୟାସ୍ତ ସମୟରେ ଗଛଗୁଡ଼ିକର ଛାଇ ଲମ୍ବିଯାଇ ଥିବାରୁ କବି କ'ଣ କଳ୍ପନା କରୁଛନ୍ତି ?

(ଗଛମାନେ ଅନ୍ଧାରକୁ ଜାବୁଡ଼ି ଧରିଛନ୍ତି, ଗଛମାନେ ସୂର୍ଯ୍ୟଙ୍କୁ ପାଦରେ ପ୍ରମାଣ କରୁଛନ୍ତି, ଗଛମାନେ ଗର୍ବରେ ଫୁଲି ଉଠୁଛନ୍ତି, ପରାଧୀନତା ପରି ଅନ୍ଧକାର ବ୍ୟାପି ଯାଉଛି)

ଉ: ଗଛମାନେ ସୂର୍ଯ୍ୟଙ୍କୁ ପାଦରେ ପ୍ରମାଣ କରୁଛନ୍ତି

ପ୍ର.୩. ସୂର୍ଯ୍ୟାସ୍ତକାଳୀନ ମୃଦୁ ସମୀରଣକୁ କବି କାହା ସହିତ ତୁଳନା କରିଛନ୍ତି ?

(ପତିପତ୍ନୀର କଳହ, ପ୍ରେମ ଅସ୍ୱଷ୍ଟଗିର, ନାୟକ ନାୟିକାର ମିଳନ, ପ୍ରେମିକର ଭର୍ତ୍ସନା) ଉ: ପ୍ରେମ ଅସ୍ୱଷ୍ଟଗିର

**ପ୍ର.୪. ସନ୍ଧ୍ୟାକାଳୀନ ମୃଦୁସମୀରଣରେ ସୂର୍ଯ୍ୟ ପ୍ରେମିକାର କାନରେ କ'ଣ କହୁଥିଲେ ?**
(ଶୀଘ୍ର ଫେରିଆସିବି, ଆଉ ଫେରିବିନି, ବିରହ ଅବିସମ୍ବାଦିତ, ଫେରିବାର ବିଳମ୍ବ ହେବ)
**ଉ:** ଶୀଘ୍ର ଫେରିଆସିବି

**ପ୍ର.୫. ଅନୁଭବିର ନେତ୍ରରେ କ'ଣ ଦେଖାଯାଏ ?**
(ପ୍ରେମିକାର ଲାସ୍ୟ, ପ୍ରେମିକାର ସ୍ୱୀକୃତି, ପ୍ରେମିକର ଆନନ୍ଦଭିତରେ ବିଷାଦ ରେଖା, ପ୍ରେମିକର ଅହଙ୍କାର)
**ଉ:** ପ୍ରେମିକାର ଆନନ୍ଦଭିତରେ ବିଷାଦ ରେଖା

**ପ୍ର.୬. ବନ୍ଦୀ ଗୋପବନ୍ଧୁଙ୍କ ପ୍ରାଣରେ କେଉଁ ଦୃଶ୍ୟ କଷ୍ଟ ଦେଉଥିଲା ?**
(ଅନ୍ୟ ଜଣେ ବନ୍ଦୀ ପ୍ରତି ଅତ୍ୟାଚାର, ସନ୍ଧ୍ୟାର ବିରହ ଦୃଶ୍ୟ, ଅସ୍ତକାଳୀନ ସୂର୍ଯ୍ୟର ସ୍ନିଗ୍ଧକିରଣ, ନୀଡ଼ବାହୁଡ଼ା ପକ୍ଷୀମାନଙ୍କ ଆଗମ ଦୃଶ୍ୟ)
**ଉ:** ଅସ୍ତକାଳୀନ ସୂର୍ଯ୍ୟର ସ୍ନିଗ୍ଧକିରଣ।

**ପ୍ର.୭. ପ୍ରଣୟ ପୀୟୂଷରେ କ'ଣ ମିଶିଛି ?**
(ମିଳନ ଅମୃତ, ବିରହର ବିଷ, ପ୍ରତିକ୍ରିୟାର ହଳାହଳ, ନିର୍ଯାତନାର କୁଟିଳତା) **ଉ:** ବିରହର ବିଷ

**ପ୍ର.୮. କବିଙ୍କ ତାପିତ ଅନ୍ତରରେ କିପରି ସାନ୍ତ୍ୱନା ଆସିବ ବୋଲି ସେ ମନେ କରୁଛନ୍ତି ?**
(ଜେଲ ଭିତରେ ରହିଲେ, ମୁକ୍ତି ପାଇଗଲେ, ପ୍ରକୃତି ମଧ୍ୟରେ ସମହୃଦ ବେଦନା ଦେଖିଲେ, ସିପାହି ତାଙ୍କୁ ଜେଲ ଭିତରେ ଆବଦ୍ଧ ନ କଲେ)
**ଉ:** ପ୍ରକୃତି ମଧ୍ୟରେ ସମହୃଦ ବେଦନା ଦେଖିଲେ

**ପ୍ର.୯. ଗୋପବନ୍ଧୁଙ୍କ ଅବରୋଧରେ ସମୟ କ'ଣ ଥିଲା ?**
(ସକାଳ, ମଧ୍ୟାହ୍ନ, ଗୋଧୂଳି କାଳ, ରାତି)
**ଉ:** ଗୋଧୂଳି କାଳ

**ପ୍ର.୧୦. ଯମଦୂତ ବୋଲି କବି କାହାକୁ କହିଛନ୍ତି ?**
(ଜେଲର ସିପାହିଙ୍କୁ, ସହବନ୍ଦୀଙ୍କୁ, ଇଂରେଜ ଶାସକଙ୍କୁ, ଗଡ଼ଜାତ ରାଜାଙ୍କୁ) **ଉ:** (କ) ଜେଲର ସିପାହି

## (ଖ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।

**ପ୍ର.୧. 'ବନ୍ଦୀର ବିରହ ବ୍ୟଥା' କବିତା ଗୋପବନ୍ଧୁଙ୍କ କେଉଁ ସଂକଳନରୁ ଆସିଛି ?**
ଉ. 'ବନ୍ଦୀର ବିରହ ବ୍ୟଥା' କବିତା ଗୋପବନ୍ଧୁଙ୍କ 'କାରା କବିତା' ସଂକଳନରୁ ଆସିଛି ।

**ପ୍ର.୨. ବସନ୍ତ ସମୟ କିପରି ?**
ଉ. ବସନ୍ତ ସମୟ ମଧୁର ।

**ପ୍ର.୩. ବିଦାୟ ସୂର୍ଯ୍ୟର ଆକାଶ କେଉଁଥିରେ ଆଚ୍ଛାଦିତ ବୋଲି ଗୋପବନ୍ଧୁ କହିଛନ୍ତି ?**
ଉ. ବିଦାୟୀ ସୂର୍ଯ୍ୟର ଆକାଶ ନାନା ରଙ୍ଗରେ ଚନ୍ଦ୍ର ଆତପ ଆଚ୍ଛାଦିତ ବୋଲି ଗୋପବନ୍ଧୁ କହିଛନ୍ତି ।

**ପ୍ର.୪. ବିଦାୟ ବେଳାରେ ପକ୍ଷୀମାନଙ୍କର ଗାନ କିପରି ?**
ଉ. ବିଦାୟ ବେଳାରେ ପକ୍ଷୀମାନଙ୍କର ଗାନ କରୁଣ ।

**ପ୍ର.୫. ଆସନ୍ନସନ୍ଧ୍ୟାରେ ତରୁ ଓ ଗିରିର ବିସ୍ତାରିତ ଛାୟା କାହାପାଦରେ ପ୍ରଣାମ କରୁଥିଲେ ?**
ଉ. ଆସନ୍ନ ସନ୍ଧ୍ୟାରେ ତରୁ ଓ ଗିରିର ବିସ୍ତାରିତ ଛାୟା ସୂର୍ଯ୍ୟଙ୍କ ପାଦରେ ପ୍ରଣାମ କରୁଥିଲେ ।

**ପ୍ର.୬. ପ୍ରଣାମର ପ୍ରତିକ୍ରିୟାରେ ସୂର୍ଯ୍ୟ ତରୁଗିରିଙ୍କୁ କ'ଣ ଦାନ କରୁଥିଲେ ?**
ଉ. ପ୍ରଣାମର ପ୍ରତିକ୍ରିୟାରେ ସୂର୍ଯ୍ୟ ସେମାନଙ୍କୁ ହେମବରଣୀ ପାଟ ଦାନ କରୁଥିଲେ ।

**ପ୍ର.୭. ସନ୍ଧ୍ୟାକାଳୀନ ସୂର୍ଯ୍ୟ କେଉଁଠି ବସି ହସୁଥିଲେ ବୋଲି କୁହାଯାଇଛି ?**
ଉ. ସନ୍ଧ୍ୟାକାଳୀନ ସୂର୍ଯ୍ୟ ଉଚ୍ଚ ଆସନରେ ବସି ହସୁଥିଲେ ।

**ପ୍ର.୨୩. ବିରହକୁ କବି କାହା ସହିତ ତୁଳନା କରିଛନ୍ତି ?**

ଉ. ବିରହକୁ କବି ବିଷ ସହିତ ତୁଳନା କରିଛନ୍ତି ।

**ପ୍ର.୨୪. କେଉଁ ବିଷରେ କବିଙ୍କ ପରାଣ ଘାରୁଛି ବୋଲି କହିଛନ୍ତି ?**

ଉ. ବିରହ-ବିଷମ ବିଷରେ କବିଙ୍କ ପରାଣ ଘାରିଛି ବୋଲି କହିଛନ୍ତି ।

**ପ୍ର.୨୫. ଆପଣାର ବିରହ ବେଦନାକୁ କବି କେଉଁଠାରେ ଦେଖିଛନ୍ତି ?**

ଉ. ଆପଣାର ବିରହ ବେଦନାକୁ କବି ବିଶ୍ୱ ପ୍ରକୃତିରେ ଦେଖିଛନ୍ତି ।

**ପ୍ର.୨୬. କବିଙ୍କ ତାପିତ ଅନ୍ତର କିପରି ସାନ୍ତ୍ୱନା ଲାଭ କରିଛି ?**

ଉ. କବିଙ୍କ ତାପିତ ଅନ୍ତର ବିଶ୍ୱ ପ୍ରକୃତି ଦେଖିଲେ ଶାନ୍ତ୍ୱନା ଲାଭ କରିଛି ।

**ପ୍ର.୨୭. ବନ୍ଦୀଶାଳାର ଅବରୋଧ ସମୟ କେଉଁ ସମୟ ଥିଲେ ?**

ଉ. ବନ୍ଦୀଶାଳାର ଅବରୋଧର ସମୟ ଗୋଧୂଳିକାଳ ।

**ପ୍ର.୨୮. ସୂର୍ଯ୍ୟ ଆକାଶରେ ରଡ ରଡ ହେଉଥିବାରୁ କବି ସିପାହିକୁ କ'ଣ ଅନୁରୋଧ କରିଛନ୍ତି ?**

ଉ. ସୂର୍ଯ୍ୟ ଆକାଶରେ ରଡ ରଡ ହେଉଥିବାରୁ କବି ସିପାହିକୁ ଆଉ ଟିକେ କାରାପ୍ରାଙ୍ଗଣରେ ବୁଲିବି ବୋଲି ଅନୁରୋଧ କରିଛନ୍ତି ।

**ପ୍ର.୨୯. ଯମଦୂତ ବୋଲି କବି କାହାକୁ କହିଛନ୍ତି ?**

ଉ. ଯମଦୂତ ବୋଲି କବି ଜେଲର ସିପାହିକୁ କହିଛନ୍ତି ।

**ପ୍ର.୩୦. ନିଜର ମର୍ଯ୍ୟାଦା ଜଗି ଶେଷରେ କବି କ'ଣ କରିବେ ବୋଲି କହିଛନ୍ତି ?**

ଉ. ନିଜର ମର୍ଯ୍ୟାଦା ଜଗି ଶେଷରେ କବି ଜେଲ୍ ଭିତରେ ପ୍ରବେଶ କରିବେ ବୋଲି କହିଛନ୍ତି ।

## (ଗ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର। ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଉତ୍ତର ପାଇଁ ୧ ନମ୍ବର ରହିବ ।

**ପ୍ର.୧. 'ବନ୍ଦୀର ବିରହ ବ୍ୟଥା' କବିତା ଗୋପବନ୍ଧୁ କେଉଁ ଜେଲରେ ଥିବାବେଳେ ଲେଖିଥିଲେ ?**

ଉ. କବି - ଗୋପବନ୍ଧୁ ଦାସ

କବିତା - ବନ୍ଦୀର ବିରହ ବ୍ୟଥା

'ବନ୍ଦୀର ବିରହ ବ୍ୟଥା' କବିତା ଗୋପବନ୍ଧୁ ହଜାରିବାଗ ଜେଲ୍‌ରେ ଥିଲାବେଳେ ଲେଖିଥିଲେ ।

**ପ୍ର.୨. ସୂର୍ଯ୍ୟଙ୍କର ବିଦାୟକାଳୀନ ଦୃଶ୍ୟ କିପରି ?**

ଉ. କବି - ଗୋପବନ୍ଧୁ ଦାସ

କବିତା - ବନ୍ଦୀର ବିରହ ବ୍ୟଥା

ସୂର୍ଯ୍ୟଙ୍କର ବିଦାୟକାଳୀନ ଦୃଶ୍ୟ ଅତ୍ୟନ୍ତ ଦୁଃଖଦ । ସୂର୍ଯ୍ୟ ଅସ୍ତ ହେବା ସମୟରେ ଦିଗ ଲାଲ ରଙ୍ଗରେ ରଚିତ ହୋଇଥାଏ । ଦଳ ଦଳ ହୋଇ ପକ୍ଷୀମାନେ ଉଡ଼ିଯାଇଥାନ୍ତି । ବୃକ୍ଷଗୁଡ଼ିକ କାୟା ବିସ୍ତାର କରିଥାନ୍ତି ।

**ପ୍ର.୩. ସନ୍ଧ୍ୟାକାଳୀନ ତରୁଗିରିର ବିସ୍ତାରିତ ଛାୟାକୁ କବି କାହା ସହିତ ତୁଳନା କରଛନ୍ତି ?**

ଉ. କବି - ଗୋପବନ୍ଧୁ ଦାସ

କବିତା - ବନ୍ଦୀର ବିରହ ବ୍ୟଥା

ସନ୍ଧ୍ୟାକାଳୀନ ତରୁଗିରିର ବିସ୍ତାରିତ ଛାୟାକୁ କବି ଅନୁରକ୍ତ ଭୃତ୍ୟ ସମ୍ରାଟ ମସ୍ତକରେ ମୁକୁଟ ବାନ୍ଧିବା ପ୍ରସଙ୍ଗରେ ତୁଳନା କରିଛନ୍ତି ।

# ପିଙ୍ଗଳାର ଅଭିସାର

ଡ. ରାଧାମୋହନ ଗଡ଼ନାୟକ

**କବି ପରିଚୟ :**

ଓଡ଼ିଆ ସାହିତ୍ୟର ସୁଯୋଗ୍ୟ ସାରସ୍ୱତ ସ୍ରଷ୍ଟା କବି ରାଧାମୋହନ ଗଡ଼ନାୟକ ୧୯୧୧ ମସିହାରେ ଅନୁଗୁଳର କଲଣ୍ଡାପାଳ ଠାରେ ଜନ୍ମଗ୍ରହଣ କରି ୨୦୦୦ ମସିହାରେ ଇହଧାମ ପରିତ୍ୟାଗ କରିଥିଲେ । ଛନ୍ଦକବି ଭାବେ ଗାଥା କବିତାର ପ୍ରତିଭାଧର ସ୍ରଷ୍ଟାରୂପେ ସେ ଓଡ଼ିଆ ସାହିତ୍ୟରେ ସାରସ୍ୱତ ଯୋଗ୍ୟ ଅଟନ୍ତି । ସବୁଜ ଯୁଗର ସମସାମୟିକ କବି ରୂପେ ସେ ସାରସ୍ୱତ ଯୋଗ୍ୟ ଅଟନ୍ତି। ସବୁଜ ଯୁଗର ସମସାମୟିକ କବି ରୂପେ ସେ ପରିଚିତ ଥିଲେ ମଧ୍ୟ ଜଣେ ସ୍ୱାଧୀନଚେତା ରୋମାଣ୍ଟିକ୍ ସ୍ରଷ୍ଟାରୂପେ ସେ ଚିରସ୍ମରଣୀୟ; ତେବେ ଗାଥାକବିତା ରଚନା କ୍ଷେତ୍ରରେ ଗଡ଼ନାୟକ ଜଣେ ଅପ୍ରତିଦ୍ୱନ୍ଦୀ ସ୍ରଷ୍ଟା ଥିଲେ କହିଲେ ଅତ୍ୟୁକ୍ତି ହେବ ନାହିଁ । ଓଡ଼ିଆ ସାହିତ୍ୟରେ ଛନ୍ଦର ନୂତନତ୍ୱ ସୃଷ୍ଟି କରିବାରେ ସେ ଅଦ୍ୱିତୀୟ ସ୍ରଷ୍ଟା ଥିଲେ । ତାଙ୍କ କବିତାର ଭାଷା, ଭାବ ଓ ସାଙ୍ଗୀତିକତାର ଅପୂର୍ବ ସମନ୍ୱୟ ଥିଲା । ଜଣେ ବାସ୍ତବବାଦୀ ସ୍ରଷ୍ଟାରୂପେ ସ୍ୱଦେଶପ୍ରେମ, ଜାତୀୟ ଚେତନା ମାନବିକତା ପ୍ରଭୃତି ତାଙ୍କ ସ୍ରଷ୍ଟା ମାନସର ଅନ୍ୟତମ ଉପାଦାନ ଥିଲା।

କବି ଗଡ଼ନାୟକଙ୍କ ସାହିତ୍ୟ ସୃଷ୍ଟି ମଧ୍ୟରେ ଶାମୁକାର ସ୍ୱପ୍ନ, ସ୍ମରଣିକା, ଉତ୍କଳିକା, କାବ୍ୟନାୟିକା, ଧୂସର ଭୂମିକା ପଶୁପକ୍ଷୀର କାବ୍ୟ, ସୂର୍ଯ୍ୟ ଓ ଅନ୍ଧକାର ପ୍ରଭୃତି ଅନ୍ୟତମ ଅଟେ । କବି ତାଙ୍କର ସୂର୍ଯ୍ୟ ଓ ଅନ୍ଧକାର ସଙ୍କଳନ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ହୋଇଥିଲେ । ପାରମ୍ପରିକ ରୀତିରେ ସୁରୁଚିପୂର୍ଣ୍ଣ ସରସ ଛନ୍ଦର ସାହିତ୍ୟ ରଚନା ପାଇଁ ଗଡ଼ନାୟକ ସୁପ୍ରସିଦ୍ଧ ଥିଲେ ।

**କବିତାର ପୃଷ୍ଠପୀଠିକା :**

ଭକ୍ତ କବି ଜଗନ୍ନାଥ ଦାସଙ୍କ ରଚିତ ଭାଗବତର ଏକାଦଶ ସ୍କନ୍ଧର ନବମ ଅଧ୍ୟାୟରେ ପିଙ୍ଗଳା ବେଶ୍ୟା ପ୍ରସଙ୍ଗ ବର୍ଣ୍ଣିତ ହୋଇଛି । ଉକ୍ତ ଅଧ୍ୟାୟରେ ଅବଧୂତ ନୃପନାଥ ଯଦୁ ପିଙ୍ଗଳା ବେଶ୍ୟା ପ୍ରସଙ୍ଗରେ କହିଛନ୍ତି । ଏକଦା ପିଙ୍ଗଳା ସଜବାଜ ହୋଇ ରାତ୍ରିରେ ଜଣେ ଧନୀକୁ ଅପେକ୍ଷାକରି ବସିଥାଏ । ପିଙ୍ଗଳାର ଘର ବିଦେଇ ନଗରରେ । ସେ ଟଙ୍କା ଆଶାରେ ଧନୀ ବ୍ୟକ୍ତିକୁ ଚାହିଁବସିଥାଏ । ନିଜର ଦେହକୁ ସୁବେଶ କରାଇ ବସ୍ତ୍ର ଭୂଷଣ ଗନ୍ଧ ସହ ସେ ସୁନ୍ଦର ହେଲା । ଯେତେ ବ୍ୟକ୍ତି ଅଳପ ଧନ ଆଣି ଆସିଲେ ତେଣୁ ସେ ଗ୍ରହଣ ନ କରି ଦ୍ୱାରମୁହଁରେ ଧନୀ ବ୍ୟକ୍ତିକୁ ଅପେକ୍ଷା କରିଥିଲା । ଶେଷରେ ଧନୀ ବ୍ୟକ୍ତି ନ ଆସିବାରୁ ତା'ର ମନରେ ବିକାର ସୃଷ୍ଟି ହେଲା । ସେ ମନେ ମନେ ଭାବିଲା ସେତିକି ସମୟ ମୋ ପ୍ରାଣନାଥଙ୍କୁ ଭଜିଥିଲେ ମୋର ପୂର୍ବ ପାତକ ସବୁ କ୍ଷୟ ହୋଇଥା'ନ୍ତି । ସବୁ ଆଶାକୁ ତେଜ୍ୟ କରି ହରିଙ୍କ ଚରଣରେ କାୟମନ ବାକ୍ୟ ଲଗାଇବା ପାଇଁ ଦୃଢ଼ସଂକଳ୍ପ କରିଥିଲା । ଶେଷରେ ସେ ଘୋର ବନଝର ଭ୍ରମି ଭ୍ରମି ଶ୍ରୀହରିଙ୍କ ଚରଣାରବିନ୍ଦରେ ଶରଣ ପଶିଥିଲା । ଅବଧୂତ ୨୪ ଗୁରୁଙ୍କ ମଧ୍ୟରେ ପିଙ୍ଗଳାକୁ ଅନ୍ୟତମ ଗୁରୁ ବୋଲି ଗ୍ରହଣ କରିଥିଲେ ।

## ପ୍ରଶ୍ନାବଳୀ

**(କ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

**ପ୍ର.୧. ପିଙ୍ଗଳା କିଏ ?**
(ପଲ୍ଲୀବଧୂ, କୁଳବଧୂ, ବାରବଧୂ, ନବବଧୂ) **ଉ:** ବାରବଧୂ

**ପ୍ର.୨. ପିଙ୍ଗଳା ଆଉ କେଉଁ ଦୀପ ଜାଳିବ ନାହିଁ ?**
(ସଂଜ ଦୀପ, ପୂଜା ଦୀପ, ଜ୍ଞାନ ଦୀପ, କେଳୀ ଦୀପ) **ଉ:** କେଳୀଦୀପ

**ପ୍ର.୩. ପିଙ୍ଗଳା ରସିକ ନାଗରମାନଙ୍କୁ କି ଅଭିନୟ ଦେଖାଉଥିଲା ?**
(ପୀରତିର ଅଭିନୟ, ଛଳନାର ଅଭିନୟ, ସ୍ତ୍ରୀ ର ଅଭିନୟ, ବାନ୍ଧବୀର ଅଭିନୟ) **ଉ:** ପୀରତିର ଅଭିନୟ

**ପ୍ର.୪. ମରତ ପଥର ଅମରବନ୍ଧୁ ଅନ୍ତର ବିମୋହନ – କାହା ଉଦ୍ଦେଶ୍ୟରେ କୁହାଯାଇଛି ?**
(ପିଙ୍ଗଳାର ପ୍ରେମିକ, ଧନୀକ ଯୁବକ, ରସିକ ନାଗର, ପରମପୁରୁଷ) **ଉ:** ପରମପୁରୁଷ

**ପ୍ର.୫. ମୁକ୍ତା କେଉଁଠି ଫଳେ ?**
(ଶୁକ୍ତି ଗର୍ଭରେ, ସାଗର ଗର୍ଭରେ, ଧରିତ୍ରୀ ଗର୍ଭରେ, ପଦ୍ମ ଗର୍ଭରେ) **ଉ:** ଶୁକ୍ତି ଗର୍ଭରେ

**ପ୍ର.୬. କେଉଁ ମାଳା ଦରକାର ନାହିଁ ବୋଲି ପିଙ୍ଗଳା କହିଛି ?**
(ମଣିକାଞ୍ଚନ ମାଳା, ମରକତ ମାଳା, ବନପୁଷ୍ପର ମାଳା, ମଲ୍ଲୀମାଳା) **ଉ:** ମଣିକାଞ୍ଚନ ମାଳା

**ପ୍ର.୭. ସଚେତନ ପିଙ୍ଗଳାର ଅଙ୍ଗପୁଲକକୁ କାହା ସହିତ ତୁଳନା କରାଯାଇଛି ?**
(ପ୍ରସ୍ଫୁଟିତ ପଦ୍ମ, ବରଷାର ନୀପ, କୋରକିତ କେତକୀ, ବିକଶିତ ମଲ୍ଲୀ) **ଉ:** ବରଷାର ନୀପ

**ପ୍ର.୮. ଆତ୍ମଜ୍ଞାନ ଲାଭ ପରେ ପିଙ୍ଗଳା କାହାପରି ଛୁଟିଯିବା ପାଇଁ ଚାହିଁଛି ?**
(ମୁକ୍ତ ଚାରିଣୀ ତଟିନୀ, ବରଷାର ଧାରା, ଧୀର ସମୀରଣ, ଦକ୍ଷିଣା ପବନ) **ଉ:** ମୁକ୍ତଚାରିଣୀ ତଟିନୀ

**ପ୍ର.୯. ପିଙ୍ଗଳା କେଉଁ ନଗରର ନଟୀ ଥିଲା ?**
(ଅବନ୍ତୀ, ଉଜ୍ଜୟିନୀ, ବିଦେହ, କୋଶଳ) **ଉ:** ବିଦେହ

**ପ୍ର.୧୦. ପ୍ରେମର ସନ୍ୟାସିନୀ ବୋଲି କବି କାହାକୁ କହିଛନ୍ତି ?**

(ମଧୁମତୀ, ପିଙ୍ଗଳା, ଆମ୍ରପଲ୍ଲୀ, ମଧୁବ୍ରତା) **ଉ: ପିଙ୍ଗଳା**

**ପ୍ର.୧୧. ଉତ୍ତରିତ ପିଙ୍ଗଳା କେଉଁଠି ଶୋଇବ ବୋଲି କହିଛି ?**

(ଧରଣୀର ତୃଣ ତଳ୍ପରେ, ଫୁଲ ଶଯ୍ୟାରେ, ତୂଳି ତଳ୍ପ ଶଯ୍ୟାରେ, ପଥରର ଚଟାଣରେ)

**ଉ: ଧରଣୀର ତୃଣ ତଳ୍ପରେ**

**ପ୍ର.୧୨. ପୁଣ୍ୟ ମର୍ତ୍ତ୍ୟଭୂମିରେ ପିଙ୍ଗଳା କ'ଣ ସାଜିଛି ?**

(ପତିତା, ନେତ୍ରୀ, ସାମ୍ରାଜ୍ଞୀ, ଗୃହିଣୀ) **ଉ: ପତିତା**

## (ଖ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।

**ପ୍ର.୧. ପିଙ୍ଗଳାର ଅଭିସାର କବିତାର କବି କିଏ ?**

ଉ. ପିଙ୍ଗଳାର ଅଭିସାର କବିତାର କବି ରାଧାମୋହନ ଗଡ଼ନାୟକ ।

**ପ୍ର.୨. କେଉଁ ପୁରାଣର ଉପାଖ୍ୟାନ ଆଧାରରେ 'ପିଙ୍ଗଳାର ଅଭିସାର' କବିତାଟି ରଚିତ ହୋଇଛି ?**

ଉ. ଭାଗବତର ଏକାଦଶ ସ୍କନ୍ଧ ନବମ ଅଧ୍ୟାୟ ପିଙ୍ଗଳା ବେଶ୍ୟା ଉପାଖ୍ୟାନ ଆଧାରରେ 'ପିଙ୍ଗଳାର ସୂର୍ଯ୍ୟ' କବିତାଟି ରଚିତ ହୋଇଛି ।

**ପ୍ର.୩. ପିଙ୍ଗଳା କେଉଁ ନଗରୀରେ ବାସ କରୁଥିଲା ?**

ଉ. ପିଙ୍ଗଳା ବିଦେହୀ ନଗରୀରେ ବାସ କରୁଥିଲା ।

**ପ୍ର.୪. ବାରବଧୂ ବୋଲି କବି କାହାକୁ କହିଛନ୍ତି ?**

ଉ. ପିଙ୍ଗଳାକୁ ବାରବଧୂ ବୋଲି କବି କହିଛନ୍ତି ।

**ପ୍ର.୫. ପିଙ୍ଗଳାର ମନରେ କାହିଁକି ବିରାଗ ଆସିଥିଲା ?**

ଉ. ପିଙ୍ଗଳା ବେଶ୍ୟା ସମ୍ଭ୍ରାନ୍ତ ଧନୀ ଯୁବକକୁ ସାରାରାତି ଉଜାଗର ରହି ଅପେକ୍ଷା କରିଛି । କିନ୍ତୁ ସେ ଆସିନଥିବାରୁ ପିଙ୍ଗଳା ମନରେ ବିରାଗ ଜାତ ହୋଇଛି ।

**ପ୍ର.୬. ଦିବ୍ୟ ପରମଧନ ବୋଲି କାହାକୁ କୁହାଯାଇଛି ?**

ଉ. ଭଗବାନ ପରମପୁରୁଷଙ୍କୁ ଦିବ୍ୟ ପରମଧନ ବୋଲି କୁହାଯାଇଛି ।

**ପ୍ର.୭. ମରତ ପଥର ଅମର ବନ୍ଧୁ କିଏ ?**

ଉ. ପରମପୁରୁଷ ମରତ ପଥର ଅମର ବନ୍ଧୁ ।

**ପ୍ର.୮. ପିଙ୍ଗଳାର ପଙ୍କିଳ ଜୀବନରେ କ'ଣ ଫୁଟିଛି ?**

ଉ. ପିଙ୍ଗଳାର ପଙ୍କିଳ ଜୀବନରେ ଶତଦଳ ପ୍ରସ୍ଫୁଟିତ ହୋଇଛି ।

**ପ୍ର.୯. ପିଙ୍ଗଳାର କାହିଁକି ଧନ ସଂପଦ ଲୋଡ଼ାନାହିଁ ବୋଲି କହିଛି ?**

ଉ. ମୋ ପ୍ରାଣ ନାଥ ଛନ୍ତି ପାଶେ। ମୁହିଁ ନ ଦେଖି ଗୋଇ ବସେ । ତେଣୁ ଧନ ସମ୍ପତ୍ତି ସକଳ ପ୍ରାଚୁର୍ଯ୍ୟ ରୂପଯୌବନ ଲୋଡ଼ା ନାହିଁ ବୋଲି କହିଛି ।

**ପ୍ର.୧୦. ରସିକ ନାଗରମାନେ ଆଉ କାହିଁକି ପିଙ୍ଗଳା ପାଖକୁ ଆସିବେ ନାହିଁ ବୋଲି କୁହାଯାଇଛି ?**

ଉ. ପିଙ୍ଗଳା ଭିନ୍ନ ପଥର ପ୍ରାଣୀ ହୋଇଯାଇଛି । ସେ ଆଉ ବେଶ୍ୟା ନୁହେଁ । ତେଣୁ ରସିକ ନାଗରକୁ ନ ଆସିବା କଥା ପିଙ୍ଗଳା କହିଛି ।

**ପ୍ର.୧୧. ମଧୁର ଲଗ୍ନରେ ଆକାଶରେ କିଏ ହସୁଥିଲେ ?**

ଉ. ମଧୁର ଲଗ୍ନରେ ଆକାଶରେ ଇନ୍ଦୁ ହସୁଥିଲା ।

**ପ୍ର.୧୨. 'ଶୁଭ୍ର, ଜୋଛନା ଶିରୀ' କେଉଁଠି ଉଛୁଳି ପଡୁଥିଲା ?**

ଉ. ଶୁଭ୍ର, ଜୋଛନା ଶିରୀ ଦଶଦିଗରୁ ଉଛୁଳି ପଡୁଥିଲା ।

**ପ୍ର.୧୩. ପିଙ୍ଗଳାର ଅଙ୍ଗର ପୁଲକକୁ କାହା ସହିତ ତୁଳନା କରାଯାଇଛି ?**

ଉ. ପିଙ୍ଗଳାର ଅଙ୍ଗ ପୁଲକକୁ ନୀପ ତୁଲ୍ୟ ତୁଳନା କରାଯାଇଛି ।

**ପ୍ର.୧୪. ଜୀବନ ଯମୁନାରେ କିପରି ଜୁଆର ଆସେ ?**

ଉ. ଜୀବନ ଯମୁନାରେ ଉଜାଣି ଜୁଆର ଆସେ ।

**ପ୍ର.୧୫. ପ୍ରେମର ଧନକୁ କିପରି ଭେଟିବ ବୋଲି ପିଙ୍ଗଳା କହିଛି ?**

ଉ. ଶତ ବନ ଗିରି ବିସ୍ତାର ବୁଲି ପ୍ରେମର ଧନକୁ ଭେଟିବବୋଲି ପିଙ୍ଗଳା କହିଛି ।

**ପ୍ର.୧୬. ମୁକ୍ତଚାରିଣୀ ତଟିନୀ ବୋଲି କାହାକୁ କୁହାଯାଇଛି ?**

ଉ. ମୁକ୍ତଚାରିଣୀ ତଟିନୀ ବୋଲି ପିଙ୍ଗଳାକୁ କୁହାଯାଇଛି ।

**ପ୍ର.୧୭. ପ୍ରେମର ସନ୍ୟାସିନୀ କିଏ ?**

ଉ. ପିଙ୍ଗଳା ପ୍ରେମର ସନ୍ୟାସିନୀ ।

**ପ୍ର.୧୮. ପିଙ୍ଗଳା ତା' ପାପର କଳୁଷ କାଳିମା କିପରି ଧୋଇବ ବୋଲି ଭାବୁଛି ?**

ଉ. ତିକ୍ତ ଲୋତକ ଜଳରେ ପିଙ୍ଗଳା ତା' ପାପର କଳୁଷ କାଳିମା ଧୋଇବ ବୋଲି ଭାବୁଛି ।

**ପ୍ର.୧୯. ପିଙ୍ଗଳା ପ୍ରିୟତମକୁ କିପରି ଧୂପ ଆରତି ଦେବ ?**

ଉ. ପିରତୀ ଅନଳ ଜାଳି ପ୍ରିୟତମକୁ ଧୂପ ଆରତି ଦେବ।

**ପ୍ର.୨୦. ପିଙ୍ଗଳା ମୁରଲୀର ଗୀତ କେଉଁଠି ଶୁଣିବ ବୋଲି କବି କହିଛନ୍ତି ?**

ଉ. ପିଙ୍ଗଳା ମୁରଲୀର ଗୀତ ଗଗନ ଭୁବନ ପବନ ଶୁଣିବ ବୋଲି କବି କହିଛନ୍ତି ।

**ପ୍ର.୨୧. ଜ୍ୟୋତ୍ସା ନିଶିର ପୁଲକରେ ପିଙ୍ଗଳା କ'ଣ ପିଇବ ବୋଲି କବି କହିଛନ୍ତି ?**

ଉ. ଜ୍ୟୋତ୍ସ୍ନା ନିଶିର ପୁଲକରେ ପିଙ୍ଗଳା ବନ୍ଧୁର ହାସ ସୁଧା ପିଇବ ବୋଲି କବି କହିଛନ୍ତି ।

**ପ୍ର.୨୨. ପ୍ରେମପାଗଳିନୀ ପିଙ୍ଗଳା କ'ଣ ଭୁଲିଯିବ ବୋଲି କହିଛି ?**

ଉ. ପ୍ରେମ ପାଗଳିନୀ ପିଙ୍ଗଳା ଅସାର ପ୍ରେମକୁ ଭୁଲିଯିବା କଥା କହିଛି ।

**ପ୍ର.୨୩. ସଚେତନ ପିଙ୍ଗଳା କେଉଁଠି ଆନନ୍ଦରେ ଶୋଇପାରିବ ବୋଲି କହିଛି ?**

ଉ. ସଚେତନ ପିଙ୍ଗଳା ତୃଣ ତଳପ ଭରସେ ଆନନ୍ଦରେ ଶୋଇ ପାରିବ ବୋଲି କହିଛି ।

**ପ୍ର.୨୪. କାହାର ସ୍ୱପ୍ନ ଦେଖି ପିଙ୍ଗଳା ଆନନ୍ଦରେ ଆଖି ବୁଜିବ ବୋଲି କହିଛି ।**

ଉ. ବନ୍ଧୁର ସ୍ୱପ୍ନ ଦେଖି ପିଙ୍ଗଳା ଆନନ୍ଦରେ ଆଖି ବୁଜିବ ।

**ପ୍ର.୨୫. ପିଙ୍ଗଳାର ସ୍ୱପ୍ନ ଦେଖି ଆଖି ବୁଜିବାବେଳେ କେଉଁମାନେ ସାକ୍ଷୀ ରହିଥିବେ ?**

ଉ. ପିଙ୍ଗଳାର ସ୍ୱପ୍ନ ମିଳନରେ ଚନ୍ଦ୍ର, ତପନ, ଗଗନ, ଭୂବନ ଇତ୍ୟାଦି ସାକ୍ଷୀ ରହିଥିବେ।

**ପ୍ର.୨୬. 'ସରଗର ଅମର କନ୍ୟା' ବୋଲି କବି କାହାକୁ କହିଛନ୍ତି ?**

ଉ. ସରଗର ଅମର କନ୍ୟା ବୋଲି କବି ପିଙ୍ଗଳାକୁ କହିଛନ୍ତି ।

**ପ୍ର.୨୭. କିଏ ପତିତାର ଜୀବନ ବିତାଉଥିଲା ?**

ଉ. ପିଙ୍ଗଳା ପତିତାର ଜୀବନ ବିତାଉଥିଲା ।

**ପ୍ର.୨୮. ଅମୃତ ପିଇବା ପାଇଁ ଆସିଥିଲି ବୋଲି କିଏ କହିଛି ?**

ଉ. ଅମୃତ ପିଇବା ପାଇଁ ଆସିଥିଲି ବୋଲି ପିଙ୍ଗଳା କହିଛି ।

**ପ୍ର.୨୯. ମଧୁର ମୁରଲୀର ଧ୍ୱନିରେ କିଏ ପିଙ୍ଗଳାକୁ ଡ଼ାକୁଥିଲେ ?**

ଉ. ମଧୁର ମୁରଲୀର ଧ୍ୱନିରେ ଶ୍ରୀକୃଷ୍ଣ ପିଙ୍ଗଳାକୁ ଡ଼ାକୁଥିଲେ ।

**ପ୍ର.୩୦. ପତିତପାବନ ବନ୍ଧୁ ବୋଲି କବି କାହାକୁ କହିଛନ୍ତି ?**

ଉ. ପତିତପାବନ ବନ୍ଧୁ ବୋଲି ବିଶ୍ୱପରଶ ମଣି ବୋଲି କବି କହିଛନ୍ତି ।

**ପ୍ର.୩୧. ବିଶ୍ୱ-ପରଶମଣି –କାହାକୁ କୁହାଯାଇଛି ?**

ଉ. ବିଶ୍ୱ- ପରଶମଣି ପତିତପାବନ ଭଗବାନଙ୍କୁ କୁହାଯାଇଛି ।

**ପ୍ର.୩୨. ପତିତପାବନଙ୍କ ପୁଣ୍ୟ ସ୍ପର୍ଶରେ ପିଙ୍ଗଳାର କ'ଣ ହେବ ବୋଲି କୁହାଯାଇଛି ?**

ଉ. ପତିତପାବନଙ୍କ ପୁଣ୍ୟ ସ୍ପର୍ଶରେ ପିଙ୍ଗଳାର ଅଙ୍ଗ ଅମୃତରେ ମଣ୍ଡିତ ହେବ।

**ପ୍ର.୩୩. ବିଦାୟ ବେଳାରେ ପିଙ୍ଗଳା ବିଦେହୀବାସୀଙ୍କୁ କ'ଣ ଭୁଲିଯିବା ପାଇଁ ଅନୁରୋଧ କରିଛି ?**

ଉ. ବିଦାୟ ବେଳାର ପିଙ୍ଗଳା ବିଦେହୀବାସୀଙ୍କୁ ମୋତେ ଭୁଲିଯିବା ପାଇଁ ଅନୁରୋଧ କରିଛି ।

## (ଗ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର। ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଉତ୍ତର ପାଇଁ ୧ ନମ୍ବର ରହିବ ।

**ପ୍ର.୧. ପିଙ୍ଗଳା କାହିଁକି ପୀରତିର ଅଭିନୟ କରିବ ନାହିଁ ବୋଲି କହିଛି ?**

ଉ. କବି – ରାଧାମୋହନ ଗଡ଼ନାୟକ

କବିତା – ପିଙ୍ଗଳାର ଅଭିସାର

ପିଙ୍ଗଳା ଆଉ ପତିତା ନୁହେଁ । ସେ ବିଦେହର ନଟୀ ନୁହେଁ। ସେ ବୀର ବିଳାସିନୀ ନୁହେଁ । ସେ ଭିନ୍ନ ଜଗତର ନାରୀଟିଏ । ସେ ପରମେଶ୍ୱରଙ୍କୁ ପାଇବା ପାଇଁ ଆଶାପୋଷଣ କରିଛି । ତେଣୁ ସେ ଆଉ ପୀରତିର ଅଭିନୟ କରିବ ନାହିଁ ବୋଲି କହିଛି ।

**ପ୍ର.୨. "ରିକ୍ତ ଏ ମୋର ଶୁକ୍ତିଗରଭେ ଫଳିଛି ମୁକ୍ତାଫଳ" କେଉଁ ପ୍ରସଙ୍ଗରେ କୁହାଯାଇଛି ?**

ଉ. କବି – ରାଧାମୋହନ ଗଡ଼ନାୟକ

କବିତା – ପିଙ୍ଗଳାର ଅଭିସାର

ପିଙ୍ଗଳାର ହୃଦୟ କାମନାରୁ ଜହ୍ନ ଓହରି ଯାଇଛି । ସେ ଉପଲବ୍ଧି କରିଛି ମୋ ପରମେଶ୍ୱର ପ୍ରାଣରେ ଅଛନ୍ତି । ତେଣୁ ତା'ର ଶରୀର ରିକ୍ତ ଥିଲା । ଆଜି ତାକୁ ଶୁକ୍ତି ଗର୍ଭରେ ମୁକ୍ତାଫଳ ଫଳିବା ପରି ପିଙ୍ଗଳାର ହୃଦୟରେ ମୁକ୍ତାଫଳ ଫଳିଛି । ପିଙ୍ଗଳା ସଂପୂର୍ଣ୍ଣ ଭାବେ କାମନା ରୂପକ ପାପରୁ ମୁକ୍ତ ହୋଇଛି । ଏହି ପ୍ରସଙ୍ଗ ପିଙ୍ଗଳାକୁ ଲକ୍ଷ୍ୟ କରି କୁହାଯାଇଛି ।

**ପ୍ର.୩. ପିଙ୍ଗଳାର ଚେତନା ଜାଗ୍ରତ ହେବାରୁ ସେ ଆଉ କ'ଣ ଲୋଡ଼ା ନାହିଁ ବୋଲି କହିଛି ?**

ଉ. କବି – ରାଧାମୋହନ ଗଡ଼ନାୟକ

କବିତା – ପିଙ୍ଗଳାର ଅଭିସାର

ପିଙ୍ଗଳାର ଚେତନା ଜାଗ୍ରତ ହେବାରୁ ସେ ଆଉ ଧନ, ମହାର୍ଘ୍ୟ ମଣି, କାଞ୍ଚନ, ବିଳାସ କୁଞ୍ଜ, ଚାରୁ ଚିତ୍ରଶାଳା ଲୋଡ଼ା ନାହିଁ ବୋଲି କହିଛି ।

# ବାର୍ତ୍ତା

ଡ଼. ସଚ୍ଚିଦାନନ୍ଦ ରାଉତରାୟ

## କବି ପରିଚିତି (୧୯୧୬-୨୦୦୪) :

କବି ସଚ୍ଚିଦାନନ୍ଦ ରାଉତରାୟ ଅତ୍ୟାଧୁନିକ ଓଡ଼ିଆ କାବ୍ୟ ସାହିତ୍ୟରେ ଜଣେ ଅଗ୍ରଗାମୀ ସ୍ରଷ୍ଟି ଭାବେ ପରିଚିତ ଓ ସମ୍ମାନିତ । ସବୁଜ ସାହିତ୍ୟ ଠାରୁ ଓଡ଼ିଆ କାବ୍ୟ- କବିତାରେ ଗଢ଼ି ଆସିଥିବା ରୋମାଣ୍ଟିକ୍ ଓ ଭାବପ୍ରବଣତାର ଭାବଧାରା, ଯେଉଁ ଭାବଧାରା ସହିତ କାବ୍ୟ ଜୀବନର ପ୍ରଥମ ପର୍ଯ୍ୟାୟରେ ଶ୍ରୀ ରାଉତରାୟ ତାଙ୍କ ଆଧୁନିକ କାବ୍ୟ କବିତା ଧାରାରେ ଆଂଶିକ ଓ ଆତ୍ମିକ ଉଭୟ ଦିଗରେ ଚେତନା ଓ ନୂତନ ଦିଗ୍‌ଦର୍ଶନ ସଫଳ ଭାବେ ଦେବାରେ ଯଶସ୍ୱୀ ହୋଇଛନ୍ତି । ଏଣୁ ଯଥାର୍ଥରେ କବି ରାଉତରାୟ ଆଧୁନିକ ଓଡ଼ିଆ କବିତାରେ ଏକ ନୂତନ ଯୁଗ ଓ ନୂତନ ଆସ୍ୱାଦନା ଆଣିବାରେ ପ୍ରଶଂସାର ପାତ୍ର । ଶ୍ରୀ ରାଉତ ରାୟଙ୍କ ଲେଖକ ଜୀବନ କଲିକତାରେ କଲେଜରେ ଅଧ୍ୟୟନ କରୁଥିବାବେଳେ ଆରମ୍ଭ ହୁଏ । ଅଧ୍ୟୟନ କାଳରେ ସେ 'ଚିତ୍ରଗ୍ରୀବ' ନାମକ ଏକ ଉପନ୍ୟାସ ରଚୟିତାଭାବେ ଜଣାଶୁଣା । ଏହି ଉପନ୍ୟାସରେ ତତ୍କାଳୀନ କଲିକତାରେ ଅଧ୍ୟୟନ କରୁଥିବା ଯୁବ ଜନସୁଲଭ ଭାବପ୍ରବଣତା, ବିପ୍ଳବ ମନୋଭାବର ଚିତ୍ର ଦେଖିବାକୁ ମିଳେ । ଏହାପରେ ରାଉତରାୟ ଆଉ ଉପନ୍ୟାସ ଲେଖି ନାହାଁନ୍ତି । ଓଡ଼ିଆ ସାହିତ୍ୟରେ ଶ୍ରୀ ରାଉତରାୟ ବିଶେଷଭାବେ ଜଣେ ପ୍ରତିଷ୍ଠିତ ଆଧୁନିକ କବି ଭାବେ ମାନ୍ୟତାପ୍ରାପ୍ତ । ସେ ତାଙ୍କ କବିତା ସଂକଳନ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସାହିତ୍ୟ

ପ୍ର.୪. ହୀନ ଦାସତ୍ୱ ବିରୁଦ୍ଧରେ ଦୃଢ଼ ଓ ରୂଢ଼ ହୋଇ କ'ଣ କରିବାକୁ କବି କହିଛନ୍ତି ?

ଉ. ହୀନ ଦାସତ୍ୱ ବିରୁଦ୍ଧରେ ଦୃଢ଼ ଓ ରୂଢ଼ ହୋଇ ପ୍ରତିଶୋଧ କରିବାକୁ କବି କହିଛନ୍ତି ।

ପ୍ର.୫. ଆଜିର ମାନବ ପୁତ୍ରକୁ ଦୀପ୍ତ କଣ୍ଠରେ ପଚାରିବା ପାଇଁ କ'ଣ ଆସିଛି ?

ଉ. ମାନବ ପୁତ୍ରକୁ ଦୀପ୍ତ କଣ୍ଠରେ ଆଜି ପଚାରିବା ପାଇଁ ସମୟ ଆସିଛି ।

ପ୍ର.୬. ସମୟ ଦୀପ୍ତ କଣ୍ଠରେ ଆଜି ପଚାରିବା ପାଇଁ କାହାକୁ କହିଛି ?

ଉ. ସମୟ ଦୀପ୍ତ କଣ୍ଠରେ ଆଜି ମାନବପୁତ୍ରକୁ ପଚାରିବା ପାଇଁ କହିଛି ।

ପ୍ର.୭. ଦୀପ୍ତ କଣ୍ଠରେ ସମୟ ଆଜିର ମଣିଷକୁ କ'ଣ ପଚାରୁଛି ?

ଉ. ଦୀପ୍ତ କଣ୍ଠରେ ସମୟ ଆଜିର ମଣିଷକୁ ଲୌହକାରାଗାର କାହିଁକି ଥିଲା ବୋଲି ପ୍ରଶ୍ନ ପଚାରୁଛି ।

ପ୍ର.୮. ଯୁଗ ଯୁଗ ଧରି ମାନବ ଆତ୍ମାକୁ କିଏ ପୀଡ଼ା ଦେଇଛି ?

ଉ. ଯୁଗ ଯୁଗ ଧରି ଭୀମ ଅତ୍ୟାଚାର ମାନବ ଆତ୍ମାକୁ ପୀଡ଼ା ଦେଇଛି ।

ପ୍ର.୯. କେଉଁ ବିଷୟରେ କୈଫିୟତ ମାଗିବାର ବେଳ ଉପସ୍ଥିତ ହୋଇଛି ?

ଉ. ଆଜି କୈଫିୟତ ମାଗିବାର ବେଳ ଉପସ୍ଥିତ ହୋଇଛି ।

ପ୍ର.୧୦. ଶତାବ୍ଦୀର ସିଂହଦ୍ୱାରରୁ ଦୂତ କାହାର ବର ଆସିଛି ?

ଉ. ଶତାବ୍ଦୀର ସିଂହଦ୍ୱାରରୁ ଦୂତ ଦେବତାର ବର ଆଣିଛି ।

ପ୍ର.୧୧. କବି କାହାକୁ ଭସ୍ମ ହୁଅ ବୋଲି କହିଛନ୍ତି ?

ଉ. କବି ମନୁଷ୍ୟ ପୁତ୍ରକୁ ଦଗ୍‌ଧ ହୁଅ ଭସ୍ମହୁଅ ବୋଲି କହିଛନ୍ତି ।

ପ୍ର.୧୨. "କୀଟ ସମ ହୁଅ ନିଷ୍ପେଷିତ" କାହା ପ୍ରସଙ୍ଗରେ କୁହାଯାଇଛି ?

ଉ. ମନୁଷ୍ୟ ପୁତ୍ରମାନେ କୀଟସମ ନିଷ୍ପେସିତ ହେଉଛନ୍ତି ।

ପ୍ର.୧୩. କବି କାହାର ଉଚ୍ଛେଦ ଓ ନିର୍ମୂଳ କରିବାକୁ କହିଛନ୍ତି ?

ଉ. ପୀଡ଼ନରୁ ଉଚ୍ଛେଦ ଓ ନିର୍ମୂଳ କରିବାକୁ କବି କହିଛନ୍ତି।

ପ୍ର.୧୪. କାହାପରି ପ୍ରତିଶୋଧ ନେବାକୁ କବି ପ୍ରବର୍ତ୍ତାଇଛନ୍ତି ?

ଉ. ଶ୍ୟେନ ପରି ପ୍ରତିଶୋଧ ନେବାକୁ କବି ପ୍ରବର୍ତ୍ତାଇଛନ୍ତି ।

ପ୍ର.୧୫. ଭସ୍ମ ମଧ୍ୟରୁ କି ଦୀକ୍ଷା ଲାଭ କରିବା ପାଇଁ କବି ଉପଦେଶ ଦେଇଛନ୍ତି ?

ଉ. ଉତ୍ପୀଡ଼ନ ଧନ୍ୟ ହେଉ ବୋଲି କବି ଉପଦେଶ ଦେଇଛନ୍ତି ।

ପ୍ର.୧୬. କବି କାହାର ଜୟ ହେଉ ବୋଲି କହିଛନ୍ତି ?

ଉ. ପୀଡ଼ନ ଏବଂ କ୍ରୁଶ ସାଧନାର ଜୟହେଉ ବୋଲି କବି କହିଛନ୍ତି ।

## (ଗ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଉତ୍ତର ପାଇଁ ୧ ନମ୍ବର ରହିବ ।

ପ୍ର.୧. ଭବିଷ୍ୟତର କି ବାର୍ତ୍ତା ଧରି ଦୂତ ଆସିଛି ?

ଉ. କବି - ସଚ୍ଚିଦାନନ୍ଦ ରାଉତରାୟ

କବିତା - ବାର୍ତ୍ତା

ଭବିଷ୍ୟତର ବଞ୍ଚିବାର ସମ୍ଭାବନା ନେଇ ସମୟ ରୂପକ ଦୂତ ଆସିଛି ।

# ତୃତୀୟ ଏକକ

# ଗଳ୍ପ

## ସଭ୍ୟ ଜମିଦାର

ଫକୀରମୋହନ ସେନାପତି

**ଗାଳ୍ପିକ ପରିଚୟ :**

ଆଧୁନିକ ଓଡ଼ିଶାର ବରପୁତ୍ର ହେଉଛନ୍ତି ବ୍ୟାସକବି ଫକୀରମୋହନ ସେନାପତି । ସେ ସରସ୍ୱତୀ ଫକୀରମୋହନ ଭାବରେ ପରିଚିତ । ଆଧୁନିକ ଓଡ଼ିଆ ସାହିତ୍ୟର ନବନିର୍ମାତା ଫକୀରମୋହନ ବହୁ ଗୌରବର ଅଧିକାରୀ । ସେ ଏକାଧାରରେ ଥିଲେ ଅନୁବାଦକ, ପାଠ୍ୟପୁସ୍ତକ ପ୍ରଣେତା, ଭ୍ରମଣବୃତ୍ତାନ୍ତର ଲେଖକ, ପ୍ରାବନ୍ଧିକ, ଆତ୍ମଜୀବନୀ ଲେଖକ, କବି ଓ କଥାକାର । ସେ ଉଭୟ ଉପନ୍ୟାସ ଓ ଗଳ୍ପ କ୍ଷେତ୍ରରେ ପ୍ରସିଦ୍ଧି ଅର୍ଜନ କରିଛନ୍ତି । ଓଡ଼ିଆ ସାହିତ୍ୟର ପ୍ରଥମ ଗଳ୍ପ 'ରେବତୀ' (୧୯୯୮)ର ସେ ସ୍ରଷ୍ଟା । ସେହିପରି ଆଧୁନିକ ଓଡ଼ିଆ କଥାସାହିତ୍ୟର ପ୍ରଥମ ବାସ୍ତବଧର୍ମୀ ଉପନ୍ୟାସ 'ଛ'ମାଣ ଆଠଗୁଣ୍ଠ'ର ସେ ଔପନ୍ୟାସିକ । ଓଡ଼ିଶାର ସାମାଜିକ ଜୀବନକୁ ନେଇ ତାଙ୍କ କ୍ଷୁଦ୍ରଗଳ୍ପ ଏବଂ ଉପନ୍ୟାସ ଗଢ଼ିଉଠିଛି । ନାରୀଶିକ୍ଷା, ବାଲ୍ୟବିବାହ, କନ୍ୟାସୁନା ଓ ଧାର୍ମିକ ଶଠତା ତଥା ମହାଜନୀ ଶୋଷଣକୁ ଭିତ୍ତିକରି ତାଙ୍କ ଗଳ୍ପର ବସ୍ତୁବିନ୍ୟାସ ଘଟିଛି । ଏହାବ୍ୟତୀତ ଇଂରାଜୀ ଶିକ୍ଷାପ୍ରାପ୍ତ ଯୁବକ ଯୁବତୀଙ୍କ ସ୍ୱେଚ୍ଛାଚାରିତା ପ୍ରତି ସେ ବ୍ୟଙ୍ଗ ଓ ବିଦ୍ରୂପ କରିଛନ୍ତି । ବସ୍ତୁବିନ୍ୟାସରେ ବୈଚିତ୍ର୍ୟ ସୃଷ୍ଟି ତାଙ୍କ ଅପୂର୍ବ ଗଳ୍ପ ରଚନାର ଦକ୍ଷତାର ପରିଚୟ ।

## ପ୍ରଶ୍ନାବଳୀ

(କ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ପ୍ରଶ୍ନର ମୂଲ୍ୟ ୧ ନମ୍ବର, ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ ।

ପ୍ର.୧. କଲିକତା ଆମଦାନି ମାଲ ମଧ୍ୟରେ କିଏ ପ୍ରଧାନ ଥିଲା ?
ସବାଇଘାସ, ଧୂଆଁପତ୍ର, ହଳଦୀପତ୍ର, ତେଜପତ୍ର ।

ଉ: ଧୂଆଁପତ୍ର

ପ୍ର.୨. ମହାଜନ ବାବୁ ବଳରାମ ବଳଙ୍କର ଘର ଓଡ଼ିଶାର କେଉଁ ଅଞ୍ଚଳରେ ?
ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, କେନ୍ଦୁଝର ।

ଉ: ଯାଜପୁର

ପ୍ର.୩. ମହାଜନ ବଳରାମ ଜଣେ ସଉଦାଗରଠାରୁ କେଉଁ ମୋହର କିଣିଥିଲେ ?
କାବୁଲୀ, ଆକବରୀ, ବର୍ଦ୍ଧମାନୀ, ସାହାଜାହାନୀ ।

ଉ: ଆକବରୀ

ପ୍ର.୪. ବାବୁ ବଳରାମଙ୍କ ଚାକରର ନାମ କ'ଣ ଥିଲା ?
ଗୋବିନ୍ଦା, ମାଧିଆ, ପଦିଆ, ବିଦିଆ ।

ଉ: ବିଦିଆ

ପ୍ର.୫. କେଉଁ ହୁକାରେ ବାବୁ ବଳରାମ ଗୁଡ଼ାଖୁ ପିଅନ୍ତି ?
ରୂପାବନ୍ଧା, ସୁନାବନ୍ଧା, ପିତଳବନ୍ଧା, ତମ୍ବାବନ୍ଧା ।

ଉ: ରୂପାବନ୍ଧା

ପ୍ର.୬. କଲିକତାକୁ ଠିକ୍ କେଉଁଖଣି ବୋଲି କୁହାଯାଇଛି ?

ହରିଲୁଟ୍ ଖଣି, ଚୋରାଖଣି, ତଣ୍ଟିକଟା ଖଣି, ଗଣ୍ଠିକଟା ଖଣି ।

ଉ: ଗଣ୍ଠିକଟା ଖଣି

ପ୍ର.୭. ବାବୁ ବଳରାମ କେବଳ କେଉଁ ବ୍ରାହ୍ମଣ ହାତରୁ ଖାଉଥାନ୍ତି ?

ଓଡ଼ିଆ, ବଙ୍ଗାଳୀ, ବିହାରୀ, କାଶି ।

ଉ: ଓଡ଼ିଆ

ପ୍ର.୮. ଗୋପାଳର ନାଁ 'ବାବୁ ଗୋପାଳଚନ୍ଦ୍ର ମହାପାତ୍ର' ବୋଲି କିଏ ଲେଖୁଥାଏ ?

ମୋହରୀର, ଗୁମାସ୍ତା, ମୁହୁରୀ, ମେନେଜର ।

ଉ: ଗୁମାସ୍ତା

ପ୍ର.୯. ମହାପାତ୍ରେ, ବାବୁ ବଳରାମଙ୍କ ବ୍ୟବସାୟର କେତେ ଅଂଶୀଦାର ଥିଲେ ?

ଚାରିପଣୀ, ଆଠପଣୀ, ଦୁଇପଣୀ, ଛଅପଣୀ ।

ଉ: ଚାରିପଣୀ

ପ୍ର.୧୦. ଦେବୀ ଓଝା କିଏ ?

ସରପଞ୍ଚ, ୱାର୍ଡ଼ମେମ୍ବ. ଅବଧାନ, ଦୋକାନୀ ।

ଉ: ଅବଧାନ

ପ୍ର.୧୧. 'କୁସଂସ୍କାର-ବିମର୍ଦ୍ଦିନୀ' ସଭାର ଅଧିବେଶନ କେଉଁଦିନ ହୋଇଥାଏ ?

ରବିବାର, ସୋମବାର, ମଙ୍ଗଳବାର, ଗୁରୁବାର ।

ଉ: ମଙ୍ଗଳବାର (କୁସଂସ୍କାର ବିମର୍ଦ୍ଦିନୀ-ମଙ୍ଗଳବାର)

ପ୍ର.୧୨. ଶନିବାର ଦିନ କେଉଁ ସଭାର ଅଧିବେଶନ ହୋଇଥାଏ ?

ନାରୀ ମଙ୍ଗଳ କାରିଣୀ, ନାରୀ ସ୍ୱାଧୀନତା ବିବର୍ଦ୍ଧନୀ, ନାରୀ ସଶକ୍ତିକାରିଣୀ, କୁସଂସ୍କାର ବିମର୍ଦ୍ଦିନୀ ।

ଉ: ନାରୀ ସ୍ୱାଧୀନତା ବିବର୍ଦ୍ଧନୀ (ଶନିବାର - ନାରୀ ସ୍ୱାଧୀନତା ବିବର୍ଦ୍ଧନୀ)

ପ୍ର.୧୩. କେଉଁ ବେକାରୀରେ ଗୋପାଳଚନ୍ଦ୍ରଙ୍କର ମୃତ୍ୟୁ ହୋଇଥିଲା ?

ବସନ୍ତ, ଯକ୍ଷ୍ମା, ସନ୍ନିପାତ, ଝାଡ଼ାବାନ୍ତି ।

ଉ: ସନ୍ନିପାତ

ପ୍ର.୧୪. 'ଗଙ୍ଗାଲାଭ' ବୋଇଲେ କ'ଣ ବୁଝ ?

ବ୍ରତ, ପୁଣ୍ୟ, ସ୍ନାନ, ମୃତ୍ୟୁ ।

ଉ: ମୃତ୍ୟୁ

ପ୍ର.୧୫. ଯାହାର ଧନ, ଜ୍ଞାନ ଅଛି, ସେ କ'ଣ କଲେ ତା' ଜୀବନ ଧିକ ହୋଇଯାଏ ବୋଲି ସଭାରେ କୁହାଯାଇଥିଲା ?

ଘରେ ବସି ରହିଲେ, ବ୍ୟବସାୟ କଲେ, ଚାକିରି କଲେ, ବେକାର ହୋଇଗଲେ ।

ଉ: ଚାକିରି କଲେ

ପ୍ର.୧୬. କେଉଁ ନାମ ଶୁଣି 'ନୂଆ ଜମିଦାର'ଙ୍କ ମନ ଭାରି ଖୁସି ହୋଇଥିଲା ?

ସଭା, ସ୍କୁଲ, ଗାଆଁ, ଜମିଦାରୀ ।

ଉ: ସଭା

**ପ୍ର.୧୭. ତାଲୁକ କିଣାଠାରୁ ରଙ୍ଗାଧର ମହାନ୍ତି କେଉଁ କାମରେ ଥିଲେ ?**

ମୁଖ୍ୟ ଗୁମାସ୍ତା, ଛାମୁକରଣ, ଶେଠ ପାଞ୍ଜିଆ, ଗଦି ସରକାର ।

ଉ: ଶେଠ ପାଞ୍ଜିଆ

**ପ୍ର.୧୮. ତାଲୁକ ମଧ୍ୟରେ କେଉଁ ଗ୍ରାମଟି ସବୁଠାରୁ ବଡ଼ ଥିଲା ?**

ମଦନପୁର, ମାନପୁର, ନରଣପୁର, ଶ୍ୟାମପୁର ।

ଉ: ଶ୍ୟାମପୁର

**ପ୍ର.୧୯. 'ନୂଆ ଜମିଦାର'ବାବୁ ଶ୍ୟାମପୁର ଗ୍ରାମରେ କେଉଁ ଲୋକଙ୍କୁ ଖୋଜି ବସିଥିଲେ ?**

ଶିକ୍ଷିତ ବେକାର, ଶିକ୍ଷିତ ସମାଜସେବୀ, ଶିକ୍ଷିତ ସମାଜ-ସଂସ୍କାରକ, ଶିକ୍ଷିତ କୁସଂସ୍କାର ବର୍ଜିତ ।

ଉ: ଶିକ୍ଷିତ କୁସଂସ୍କାର ବର୍ଜିତ ।

**ପ୍ର.୨୦. ଏ ଦେଶର ଦୁଃଖଦୁର୍ଦ୍ଦଶାର କାରଣ ଲୋଡ଼ିଲେ ତାହା କେଉଁପରି ଜଣାଯିବ ବୋଲି ନୂଆ ଜମିଦାର ବକ୍ତୃତାରେ କହିଥିଲେ ?**

ଡାହାଣୀ ଆଲୁଅ, ସଂଜ ଆଲୁଅ, ଆତସବାଜୀ ଆଲୁଅ, ଲଣ୍ଠନ ଆଲୁଅ, ଦିନ ଆଲୁଅ ।

ଉ: ଦିନ ଆଲୁଅ

**ପ୍ର.୨୧. ସୁଶିକ୍ଷିତ ଜମିଦାର ମହୋଦୟଙ୍କ ପ୍ରସ୍ତାବକୁ କିଏ ଦ୍ବିତୀୟ କରିଥିଲେ ?**

ଗାହ୍ଲବ ପଟ୍ଟନାୟକ, ବହ୍ଲଭ ରାୟ, ହରିବୋଲ ପଟ୍ଟନାୟକ, ରଙ୍ଗାଧର ମହାନ୍ତି ।

ଉ: ହରିବୋଲ ପଟ୍ଟନାୟକ

**ପ୍ର.୨୨. 'ନୂଆ ଜମିଦାର'ଙ୍କ ବିବାହ ପାଇଁ କେଉଁଠାରେ କନ୍ୟା ଠିକ୍ ହୋଇଥିଲା ?**

କଟକ, କଲିକତା, ବାଲେଶ୍ବର, ଯାଜପୁର ।

ଉ: କଲିକତା

**ପ୍ର.୨୩. କନ୍ୟାପିତା ମକ୍ରା ମଳିକ ଆସାମ ଚା' ବଗିଚାରେ ପଦୋନ୍ନତି ପାଇ ଶେଷରେ କ'ଣ ହୋଇଥିଲା ?**

ଖାନସମା, ବବୁଚି, କୁଲିସର୍ଦ୍ଦାର, ମେନେଜର ।

ଉ: ଖାନସମା

**ପ୍ର.୨୪. ସାଆନ୍ତାଣୀଙ୍କର ବିଶ୍ବାସୀ ପୋଇଲି କିଏ ?**ଅଧୀ

ଫୁଲ, କନି, ରାଧୀ, ପଦୀ ।

ଉ: ପଦୀ

**ପ୍ର.୨୫. କୁମ୍ଭୀର କ'ଣ ଖୋଜିଥାଏ ବୋଲି କୁହାଯାଇଛି ?**

ଲୁଣି ପାଣି, କାଦୁଆ ପାଣି, ଗୋଳିଆ ପାଣି, ପଙ୍କୁଆ ପାଣି ।

ଉ: ଗୋଳିଆ ପାଣି

**(ଖ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉତ୍ତରଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

**ପ୍ର.୧. କଲିକତା ବଡ଼ବଜାରରେ ବାବୁ ବଳରାମଙ୍କର ପରିଚୟ କ'ଣ ଥିଲା ?**

ଉ: କଲିକତା ବଡ଼ବଜାରରେ ବାବୁ ବଳରାମଙ୍କର ଗଦିଆନ୍ ମହାଜନ୍ କାରବାର ଥିଲା ।

**ପ୍ର.୨. 'ଦୋକ୍ତା' କାରବାର କାହାସହ ସମାନ ବୋଲି ମହାଜନେ କହିଥା'ନ୍ତି ?**

ଉ: 'ଦୋକ୍ତା' କାରବାର ଗୋଖର ସାପ ଖେଳାଇବା ସହ ସମାନ ଥିଲା ବୋଲି ମହାଜନ କହିଥାନ୍ତି ।

**ପ୍ର.୩. କଲିକତା ମାଲ୍ ଆମଦାନି ରପ୍ତାନି କେଉଁଥିରେ ହେଉଥିଲା ?**

ଉ: କଲିକତା ମାଲ୍ ଆମଦାନୀ ରପ୍ତାନୀ ବାଲେଶ୍ୱର ଜାହାଜରେ ହେଉଥିଲା ।

**ପ୍ର.୪. ବଳରାମ ବଳଙ୍କର ଓଡ଼ିଶାରେ କାହିଁକି ନାମଡ଼ାକ ଥିଲା ?**

ଉ: ବଳରାମ ବଳଙ୍କର ଓଡ଼ିଶାରେ ଧୂଆଁପତ୍ର କିଣାବିକା ପାଇଁ ନାମଡାକ ଥିଲା ।

**ପ୍ର.୫. କଲିକତାରେ କେତେବେଳେ ତୋପ ପଡ଼େ ବୋଲି କୁହାଯାଇଛି ?**

ଉ: କଲିକତାରେ କୁକୁଡ଼ା ଡାକ ଆଗରୁ ତୋପ ପଡ଼େ ବୋଲି କୁହାଯାଇଛି ।

**ପ୍ର.୬. କପାଳିଆ ଲୋକକୁ କ'ଣ ମିଳିଥାଏ ବୋଲି କୁହାଯାଇଛି ?**

ଉ: କପାଳିଆ ଲୋକକୁ ଲକ୍ଷ୍ମୀ ଆଲିଙ୍ଗନ କରନ୍ତି ବୋଲି କୁହାଯାଇଛି ।

**ପ୍ର.୭. କେଉଁଦିନରୁ ଦିନକୁ ଦିନ ଗୋପାଳର ଘର ବଢୁଥିଲା ?**

ଉ: ମୋହର ଖୋଜି ଆଣିଦେବା ଦିନଠାରୁ ଦିନକୁ ଦିନ ଗୋପାଳର ଘର ବଢୁଥିଲା ।

**ପ୍ର.୮. କେଉଁ କଥା ଗୋପାଳ ବେଶ୍ ଜାଣିଗଲାଣି ବୋଲି କୁହାଯାଇଛି ?**

ଉ: ମାଲ୍ କିଣାବିକା କଥା ଗୋପାଳ ବେଶ୍ ଜାଣିଗଲାଣି ବୋଲି କୁହାଯାଇଛି ।

**ପ୍ର.୯. ଗୋପାଳ, ବେପାରରେ ବାବୁ ବଳରାମଙ୍କର କ'ଣ ପରି ଥିଲା ?**

ଉ: ଗୋପାଳ, ବେପାରରେ ବାବୁ ବଳରାମଙ୍କର ଡାହାଣ ହାତପରି ଥିଲା ।

**ପ୍ର.୧୦. ଗଦିରେ ଗୋପାଳର ଡାକନାମ କ'ଣ ହୋଇଥିଲା ?**

ଉ: ଗଦିରେ ଗୋପାଳର ଡାକନାମ ବାବୁ ଗୋପାଳଚନ୍ଦ୍ର ମହାପାତ୍ର ହୋଇଥିଲା ।

**ପ୍ର.୧୧. ବେପାରରେ ଲାଭ କେଉଁ ଜାଗାରେ ବୋଲି ମହାପାତ୍ରେ, ମହାଜନ ବଳଙ୍କୁ କହିଛନ୍ତି ?**

ଉ: ବେପାରରେ ଲାଭ ବିକା ଜାଗାରେ ନୁହେଁ କିଣା ଜାଗାରେ ବୋଲି ମହାପାତ୍ରେ ମହାଜନ ବଳଙ୍କୁ କହିଛନ୍ତି ।

**ପ୍ର.୧୨. ଗଦିର କେଉଁସବୁ କଥା ମହାପାତ୍ରଙ୍କ ହାତରେ ଥିଲା ?**

ଉ: ଗଦିର ସବୁ ମାମଲତି ତହବିଲ ଚାବି ମହାପାତ୍ରଙ୍କ ହାତରେ ଥିଲା ।

**ପ୍ର.୧୩. 'ବଳେ', ତୁନି ହୋଇ ଗଦିରେ କ'ଣ କରିଥା'ନ୍ତି ବୋଲି କୁହାଯାଇଛି ?**

ଉ: 'ବଳେ' ତୁନି ହୋଇ ଗଦିରେ ମାଳି ଗଡ଼ାଉଥାନ୍ତି ବୋଲି କୁହାଯାଇଛି ।

**ପ୍ର.୧୪. ମହାପାତ୍ରଙ୍କଠାରୁ ଅବଧାନେ କେତେଟଙ୍କା ପୁରସ୍କାର ପାଇଥିଲେ ?**

ଉ: ମହାପାତ୍ରଙ୍କ ଠାରୁ ଅବଧାନେ ପାଞ୍ଚଟଙ୍କା ପୁରସ୍କାର ପାଇଥିଲେ ।

**ପ୍ର.୧୫. ବଳିବାବୁ ମହାଜନ ଗଦି ସାଙ୍ଗରେ କାହାର କାରବାର ଥିଲା ?**

ଉ: ବଳିବାବୁ ମହାଜନ ଗଦି ସାଙ୍ଗରେ ଇଂରାଜୀ ସୌଦାଗର ହାଉସମାନଙ୍କର କାରବାର ଥିଲା ।

**ପ୍ର.୧୬. ଗଦିର ସରକାର କେଉଁଠାରେ ରାଜୀବବାବୁଙ୍କ ନାମ ଲେଖାଇ ଦେଇ ଆସିଥିଲେ ?**

ଉ: ଗଦିର ସରକାର କଲିକତା ଏଣ୍ଡ୍ରୁ ଏକାଡ଼େମୀରେ ରାଜୀବବାବୁଙ୍କ ନାମ ଲେଖାଇଦେଇ ଆସିଥିଲେ ।

**ପ୍ର.୧୭. କେଉଁ କଥାଟା କଲିକତାର ନିୟମ ବୋଲି କୁହାଯାଇଛି ?**

ଉ: ସଭାର ସମସ୍ତ ବ୍ୟୟ ସମ୍ପାଦକଙ୍କର ବୋଲି କଥାଟା କଲିକତାର ନିୟମ ବୋଲି କୁହାଯାଇଛି ।

**ପ୍ର.୧୮. ପିତାଙ୍କ ମୃତ୍ୟୁରେ କେଉଁ କଥାଟା କୁସଂସ୍କାର ବୋଲି ରାଜୀବଲୋଚନ କହିଛନ୍ତି ?**

ଉ: ପିତାଙ୍କ ମୃତ୍ୟୁପରେ ବ୍ରାହ୍ମଣ ଡାକି ଶ୍ରାଦ୍ଧ କରିବା କୁସଂସ୍କାର ବୋଲି ରାଜୀବ ଲୋଚନ କହିଛନ୍ତି ।

ପ୍ର.୧୯. ଗୋପାଳ ଚନ୍ଦ୍ର ମହାପାତ୍ର ତିଆରି କରିଥିବା ମନ୍ଦିରର କେଉଁ ମୂର୍ତ୍ତି ସ୍ଥାପିତ ହୋଇଥିଲା ?

ଉ: ଗୋପାଳଚନ୍ଦ୍ର ମହାପାତ୍ର ତିଆରି କରିଥିବା ମନ୍ଦିରରେ ରାଧାକୃଷ୍ଣ ଯୁଗଳ ମୂର୍ତ୍ତି ସ୍ଥାପିତ ହୋଇଥିଲା ।

ପ୍ର.୨୦. କେଉଁ ସଂସ୍ଥାରୁ ଯେପରି ବ୍ୟବସ୍ଥା ଆସିବ ସେପରି ବିଭା ହେବ ବୋଲି କୁହାଯାଇଛି ?

ଉ: ସଂକ୍ଷେପଣୀ ସଭାରୁ ଯେପରି ବ୍ୟବସ୍ଥା ଆସିବ, ସେପରି ବିଭା ହେବ ବୋଲି କୁହାଯାଇଛି ।

ପ୍ର.୨୧. କଲିକତା ଗୋଟିଏ ବିଚିତ୍ର ଜାଗା ବୋଲି କାହିଁକି କୁହାଯାଇଛି ?

ଉ: କଲିକତା ଗୋଟିଏ ବିଚିତ୍ର ଜାଗା ବୋଲି କହିବାର ତାତ୍ପର୍ଯ୍ୟ ହେଲା- ଟଙ୍କା କାଢ଼, ମା'ବାପ ଛଡ଼ା ସବୁ ମିଳିବ ।

ପ୍ର.୨୨. କଲିକତାର ମହାଜନ ସଭ୍ୟ ଜମିଦାରଙ୍କୁ ଦଶ ହଜାର ଟଙ୍କା କରଜ ଦେଇଥିଲେ କିପରି ?

ଉ: କଲିକତାର ମହାଜନ ସଭ୍ୟ ଜମିଦାରଙ୍କୁ ଜମିଦାରୀ ଲେଖି ଦଶହଜାର ଟଙ୍କା କରଜ ଦେଇଥିଲେ ।

ପ୍ର.୨୩. ପୁଅ-ବୋହୂ ହାତ ଧରାଧରି ହୋଇ କୁଆଡ଼େ ବାହାରିଥିବାର କୁହାଯାଇଛି ?

ଉ: ପୁଅବୋହୂ ହାତ ଧରାଧରି ହୋଇ ମା'ସାଆନ୍ତାଣୀଙ୍କ ସହ ଦେଖା କରିବାକୁ ବାହାରିଥିବାର କୁହାଯାଇଛି ।

ପ୍ର.୨୪. ମା'ସାଆନ୍ତାଣରୀ କେଉଁ କଥା ଶୁଣି ଚମକି ପଡ଼ି ଠିଆ ହୋଇଗଲେ ?

ଉ: ଲେଡ଼ି ଜୋତା କଥା ଶୁଣି ମାଆ ସାଆନ୍ତାଣୀ ଚମକିପଡ଼ି ଠିଆ ହୋଇଗଲେ ।

ପ୍ର.୨୫. ମା' ସାଆନ୍ତାଣୀ ଘରୁ ବାହାରିଯାଇ କେଉଁଠି ରହିଥିବାର ସମ୍ବାଦ ଆସିଥିଲା ?

ଉ: ମାଆ ସାଆନ୍ତାଣୀ ଘରୁ ବାହାରିଯାଇ ମାତାମଠରେ ରହିଥିବାର ସମ୍ବାଦ ଆସିଥିଲା ।

ପ୍ର.୨୬. ବୋହୂ-ସାଆନ୍ତାଣୀଙ୍କୁ କେଉଁ ନାମରେ ଡାକିବାକୁ ଜମିଦାରବାବୁ ଚାହୁଁଥିଲେ ?

ଉ: ବୋହୂ ସାଆନ୍ତାଣୀଙ୍କୁ ମିସେସ୍ ମହାପାତ୍ର ନାମରେ ଡାକିବାକୁ ଜମିଦାର ଚାହୁଁଥିଲେ ।

ପ୍ର.୨୭. ଗୋରୁଗୁହ କେଉଁଠି ଢଳାଯାଇଛି ଶୁଣି ଜମିଦାରବାବୁ ଖପା ହୋଇଗଲେ ?

ଉ: ଗୋରୁ ଗୁହ ବବୁର୍ଚ୍ଚିଖାନାରେ ଢଳାଯାଇଛି ଶୁଣି ଜମିଦାର ବାବୁ ଖପ୍ପା ହୋଇଥିଲେ ।

ପ୍ର.୨୮. ମିଷ୍ଟର ଓ ମିସେସ୍ ମହାପାତ୍ର ଘରେ ଆଉ ରହିପାରିଲେ ନାହିଁ କାହିଁକି ?

ଉ: ମିଷ୍ଟର ଓ ମିସେସ୍ ମହାପାତ୍ରଙ୍କ ଜମିଦାରୀ ନିଲାମ ହେଲାପରେ ଘରେ ଆଉ ରହିପାରିଲେ ନାହିଁ ।

ପ୍ର.୨୯. ଜମିଦାରବାବୁ ପାଞ୍ଚ ଛ' ବର୍ଷ ପରେ କ'ଣ କରୁଥିବାର ଶୁଣାଯାଇଥିଲା ?

ଉ: ଜମିଦାରବାବୁ ପାଞ୍ଚ-ଛଅ ବର୍ଷ ପରେ ଆସାମରେ ଖାନସମାଗିରି କରୁଥିବାର ଶୁଣାଯାଇଥିଲା ।

ପ୍ର.୩୦. ବୋହୂ-ସାଆନ୍ତାଣୀଙ୍କ ପ୍ରକୃତ ନାମ କ'ଣ ଥିଲା ?

ଉ: ବୋହୂ ସାଆନ୍ତାଣୀଙ୍କ ପ୍ରକୃତ ନାମ ନୟନତାରା ଦୁଃଖପାଶୋରା ।

**(ଗ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଦୁଇଟି ବାକ୍ୟରେ ଉତ୍ତର ଲେଖ । ଲେଖା ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଉତ୍ତର ପାଇଁ ୧ ନମ୍ବର ।**

ପ୍ର.୧. ଧୂଆଁପତ୍ର କାରବାର ସଂପର୍କରେ କ'ଣ କୁହାଯାଇଛି ?

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

କଲିକତା ଆମଦାନୀ ମାଲ୍ ମଧ୍ୟରେ ଧୂଆଁପତ୍ର ପ୍ରଧାନ । ଏହି ଧୂଆଁପତ୍ର କଲିକତାରୁ ଆସି ବାଲେଶ୍ୱର ବନ୍ଦରରେ ପହଞ୍ଚେ । ସେ ସ୍ଥାନରୁ ଶଗଡ଼ରେ ଉତ୍କଳକୁ ଚାଲାଣ ହୁଏ ।

ପ୍ର.୨. ଗୋପାଳ କିପରି କଲିକତା ଯାଇଥିଲା ?

# ପତାକା ଉତ୍ତୋଳନ

**-- ସୁରେନ୍ଦ୍ର ମହାନ୍ତି**

**ଲେଖକ ପରିଚିତି :**

ଆଧୁନିକ ଓଡ଼ିଆ ସାହିତ୍ୟରେ ସୁରେନ୍ଦ୍ର ମହାନ୍ତି ଜଣେ ପ୍ରସିଦ୍ଧ କଥାକାର । ସେ ଏକାଧାରରେ ଜଣେ ଔପନ୍ୟାସିକ, ଗାଳ୍ପିକ, ସମାଲୋଚକ ଓ ବିଶିଷ୍ଟ କଥାଶିଳ୍ପୀ । ସେ ବିଶେଷ କରି କଥା ସାହିତ୍ୟରେ ଜଣେ ଖ୍ୟାତନାମା ସ୍ରଷ୍ଟା । ତାଙ୍କର କୃତି ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଏବଂ ସାରଳା ପୁରସ୍କାର ଲାଭ କରିଥିଲେ । ତାଙ୍କ କ୍ଷୁଦ୍ର ଗଳ୍ପଗୁଡ଼ିକ ମଧ୍ୟରେ ମହାନଗରୀର ରାତ୍ରି, କୃଷ୍ଣଚୂଡ଼ା, ରୁଟି ଓ ଚନ୍ଦ୍ର, ଶେଷ କବିତା, ସବୁଜ ପତ୍ର ଓ ଧୂସର ଗୋଲାପ, ମରାଳର ମୃତ୍ୟୁ, ଦୁଇ ସୀମାନ୍ତ, ମହା ନିର୍ବାଣ, ଓଃ କାଲ୍‌କାଟା, ମାଂସର କୋଣାର୍କ, ଯଦୁବଂଶ ଓ ଅନ୍ୟାନ୍ୟ ଗଳ୍ପ, ରାଜଧାନୀ ଓ ଅନ୍ୟାନ୍ୟ ଗଳ୍ପ ପ୍ରଭୃତି ପ୍ରଧାନ । ସେ ଜଣେ ବିଶିଷ୍ଟ ଔପନ୍ୟାସିକ । ନୀଳଶୈଳ, ଶତାବ୍ଦୀର ସୂର୍ଯ୍ୟ, ହଂସ ଗୀତି, କୁଳବୃଦ୍ଧ, ନୀଳାଦ୍ରିବିଜୟ, ଅଚଳାୟତନ, କାଳାନ୍ତର, ନେତିନେତି, କୃଷ୍ଣାବେଣୀରେ ସନ୍ଧ୍ୟା, ଆଜୀବକର ଅଟ୍ଟହାସ ପ୍ରଭୃତି ତାଙ୍କର ଉପନ୍ୟାସ । ସାହିତ୍ୟ ସମୀକ୍ଷା, ଓଡ଼ିଆ ସାହିତ୍ୟର ଆଦିପର୍ବ, ଓଡ଼ିଆ ସାହିତ୍ୟର ମଧ୍ୟପର୍ବ ଓ ଉତ୍ତର ମଧ୍ୟପର୍ବ, ଫକୀରମୋହନ ସାହିତ୍ୟ ସମୀକ୍ଷା, ସାହିତ୍ୟ ଓ ସମାଜ, ଓଡ଼ିଆ ସାହିତ୍ୟର କ୍ରମବିକାଶ ପ୍ରଭୃତି ସମାଲୋଚନା ଗ୍ରନ୍ଥର ସେ ସ୍ରଷ୍ଟା । 'ଶେଷ ସ୍ୱପ୍ନ' ତାଙ୍କର ସ୍ୱପ୍ନରଚନାର ଏକ ନମୁନା । ପଥ ଓ ପୃଥିବୀ ତାଙ୍କର ଆତ୍ମଜୀବନୀ ଚରିତ ।

# ପ୍ରଶ୍ନାବଳୀ

**(କ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ପ୍ରଶ୍ନର ମୂଲ୍ୟ ୧ ନମ୍ବର, ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ ।**

**ପ୍ର.୧. 'ପତାକା ଉତ୍ତୋଳନ' ଗଳ୍ପଟି କେଉଁ ଦିବସର କଥା କହିଛି ?**
୧୫ ଅଗଷ୍ଟ ୧୯୪୭, ୧୬ ଅଗଷ୍ଟ ୧୯୪୭, ୧୪ ଅଗଷ୍ଟ ୧୯୪୭, ୨୬ ଜାନୁୟାରୀ ୧୯୫୦ ।

ଉ: ୧୪ ଅଗଷ୍ଟ ୧୯୪୭

**ପ୍ର.୨. ସୋମନାଥ ମହାପାତ୍ର କେଉଁ ଉପାଧି ପାଇଥିଲେ ?**
ରାୟଚୌଧୁରୀ, ରାୟବାହାଦୂର, ରାୟସାହେବ, ରାୟମହାପାତ୍ର ।

ଉ: ରାୟବାହାଦୂର

**ପ୍ର.୩. 'ଜୟ ସ୍ୱାଧୀନ ଭାରତ କି ଜୟ' ଧ୍ୱନି ରାୟବାହାଦୂରଙ୍କୁ କିପରି ବିଦ୍ଧ କରୁଥିଲା ?**
ବନ୍ଧୁକ ଗୁଳି ରୂପେ, ସୁତୀକ୍ଷ୍ଣ ଶର ରୂପେ, ସୁତୀକ୍ଷ୍ଣ ଶଳାକା ରୂପେ, ସୁତୀକ୍ଷ୍ଣ ଛୁରୀକା ରୂପେ ।

ଉ: ସୁତୀକ୍ଷ୍ଣ ଶଳାକା ରୂପେ

**ପ୍ର.୪. ବାହାରର କେଉଁ କଥା ଘର ଭିତରର ପ୍ରତ୍ୟେକ ଅନ୍ଧକାର କୋଣକୁ ଥରାଇ ଦେଉଥିଲା ?**
ଗଣ୍ଡଗୋଳ, ସ୍ଲୋଗାନ, କୋଳାହଳ, ହୋହଲ୍ଲା ।

ଉ: କୋଳାହଳ

**ପ୍ର.୫. ପଟୁଆରର ଅଗ୍ରଣୀ କିଏ ଥିଲେ ?**
ବିଜୟ, [redacted] ସଞ୍ଜୟ, ମୃତ୍ୟୁଞ୍ଜୟ ।

ଉ: ବିଜୟ

**ପ୍ର.୬. କେଉଁଟି ରାୟବାହାଦୂରଙ୍କର ଏକାନ୍ତ ନିଜସ୍ୱ ଥିଲା ବୋଲି କୁହାଯାଇଛି ?**
ଭେଲଭେଟ୍ ବାକ୍ସ, ଡ୍ରୟର ଚେଷ୍ଟ, ଚାବିଲେନ୍ଥା, ସନନ୍ଦପତ୍ର ।

ଉ: ଡ୍ରୟର ଚେଷ୍ଟ

**ପ୍ର.୭. ରାୟବାହାଦୂର ଡ୍ରୟର ଭିତରୁ କାହା ଫଟୋଗ୍ରାଫ୍ କାଢ଼ିଥିଲେ ?**
[redacted], ଅକ୍ଷୟ, ବିଜୟ, ଅରୁଣ ।

ଉ: ଅରୁଣ ।

**ପ୍ର.୮. କାହା ଉପରେ ଗୋଟାଏ ହଳଦିଆ ଆସ୍ତରଣ ମାଡ଼ିଯାଇଥିଲା ବୋଲି କୁହାଯାଇଛି ?**
ସନନ୍ଦପତ୍ର, ମେଡ଼ାଲ, ଫଟୋଗ୍ରାଫ, ଭେଲଭେଟ୍ ବାକ୍ସ ।

ଉ: ସନନ୍ଦପତ୍ର

**ପ୍ର.୯. ରାୟବାହାଦୂର ପଢୁଥିବା ସନନ୍ଦଟି ତାଙ୍କୁ କେଉଁ ସାଲରେ ପ୍ରଦତ୍ତ ହୋଇଥିଲା ?**
୧୯୨୫, ୧୯୨୭, ୧୯୨୯, ୧୯୨୩

ଉ: ୧୯୨୩

**ପ୍ର.୧୦. କେଉଁ ବିପ୍ଳବ ପରେ ଭାରତର ଜାତୀୟ ଆନ୍ଦୋଳନରେ ଏକ ନୂତନ ସ୍ପନ୍ଦନ ଦେଖାଦେଇଥିଲା ?**
ଚଉରୀଚଉରା, ଜାଲିଓ୍ୱାନାବାଗ, ଓ୍ୱାଧା, ସାବରମତୀ ।

ଉ: ଚଉରୀଚଉରା

ପ୍ର.୧୧. ମନୁଷ୍ୟର ଜନ୍ମଗତ ଦାବି ବୋଲି କାହାକୁ କୁହାଯାଇଛି ?

ପବିତ୍ରତା, ମହନୀୟତା, ସ୍ୱାଧୀନତା, ମାନବିକତା ।

ଉ: ସ୍ୱାଧୀନତା

ପ୍ର.୧୨. ରାୟବାହାଦୂର ଅରୁଣକୁ କେଉଁଥିରେ ଆଘାତ କରିଥିଲେ ?

ବନ୍ଧୁକ, ଲାଠି, ବୁଟ୍, ଚାବୁକ ।

ଉ: ଚାବୁକ

ପ୍ର.୧୩. ରାୟବାହାଦୂରଙ୍କ ପୁତ୍ରବଧୂର ନାମ କ'ଣ ଥିଲା ?

ଅପର୍ଣ୍ଣା, ସୁପର୍ଣ୍ଣା, ସୁକନ୍ୟା, ଋତୁପର୍ଣ୍ଣା ।

ଉ: ଅପର୍ଣ୍ଣା

ପ୍ର.୧୪. କିଏ କମଳନୟନର ନୀଳୋତ୍ପଳରେ ଦେବୀ ଆରାଧନା କରିଥିଲେ ?

ଶ୍ରୀକୃଷ୍ଣ, ଶ୍ରୀରାମଚନ୍ଦ୍ର, ଶ୍ରୀଗୋବିନ୍ଦ, ଶ୍ରୀଚୈତନ୍ୟ

ଉ: ଶ୍ରୀରାମଚନ୍ଦ୍ର

ପ୍ର.୧୫. ଜନତାଙ୍କ ଫ୍ଲାଗଷ୍ଟାଫ୍ ଭାଙ୍ଗି କ'ଣ ଚିରି ଦେଇଥିଲେ ?

ନେସନାଲ ଜାକ୍, ଫେଡ଼େରାଲ ଜାକ୍, ୟୁନିୟନ ଜାକ୍, ଷ୍ଟେଟ୍‌ସ ଜାକ୍ ।

ଉ: ୟୁନିୟନ ଜାକ୍

ପ୍ର.୧୬. ଘର ଭିତରେ କାହାର ଶବ୍ଦ ଶୁଣି ରାୟବାହାଦୂର ହଠାତ୍ ଚମକି ଉଠିଲେ ?

ଘଣ୍ଟାଧ୍ୱନି, ଶଙ୍ଖଧ୍ୱନି, ପୂଜା ଆଳତି, ହୁଳହୁଳି ।

ଉ: ଶଙ୍ଖଧ୍ୱନି

ପ୍ର.୧୭. ହେମମାଳୀ କେତେବର୍ଷ ଧରି ଏମିତି କାନ୍ଦ କାନ୍ଦି ନଥିଲେ ବୋଲି କୁହାଯାଇଛି ?

ପନ୍ଦର, କୋଡ଼ିଏ, ପଚିଶ, ବାଇଶି ।

ଉ: ପଚିଶ

ପ୍ର.୧୮. ରାତିସାରା କେଉଁଥିରେ ମାତି ବିଜୟ ଘରକୁ ଫେରିଥିଲା ?

ସ୍ୱାଧୀନତା ଆନ୍ଦୋଳନ, ଜନତାଙ୍କ ଉତ୍ସବ, ମୁକ୍ତି ସଂଗ୍ରାମ, ସ୍ୱାଧୀନତା ଉତ୍ସବ ।

ଉ: ସ୍ୱାଧୀନତା ଉତ୍ସବ

ପ୍ର.୧୯. ବିଜୟ କାହାକୁ ବ୍ରିଟିଶର ଗୋଲାମ ବୋଲି ବିଜୟ କହିଛି ?

ଆଇଙ୍କୁ, ଜେଜେଙ୍କୁ, ଭାଇଙ୍କୁ, ବିଦ୍ରୋହୀଙ୍କୁ ।

ଉ: ଜେଜେଙ୍କୁ

ପ୍ର.୨୦. ସୋମନାଥ ଶେଷରେ କାହାକୁ ଆଶୀର୍ବାଦ କରିଥିଲେ ?

ଅପର୍ଣ୍ଣାକୁ, ହେମମାଳୀକୁ, ଅରୁକୁ, ବିଜୁକୁ ।

ଉ: ବିଜୁକୁ ।

(ଖ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।
ଗୋଟିଏ ବାକ୍ୟରେ ଉତ୍ତର ଲେଖ ।

ପ୍ର.୧. କାହାର ଐକ୍ୟତାନରେ ରାୟବାହାଦୂରଙ୍କ ଛାଇ ନିଦ ଭାଙ୍ଗିଯାଇଥିଲା ?

ଉ : ହଠାତ୍ ଶଙ୍ଖ, ଘଣ୍ଟା, ହୁଳହୁଳି ଓ ତୋପ ପ୍ରଭୃତିର ଐକ୍ୟତାନରେ ରାୟବାହାଦୂରଙ୍କ ଛାଇ ନିଦ ଭାଙ୍ଗିଯାଇଥିଲା ।

ପ୍ର.୨. ରାତିର ଶାନ୍ତି ନିରବ ମୁହୂର୍ତ୍ତ କେଉଁ ଧ୍ୱନି ଭିତରେ ଚଞ୍ଚଳ ହୋଇଉଠିଥିଲା ?

ଉ : 'ଜୟ ସ୍ୱାଧୀନ ଭାରତ କି ଜୟ' ଧ୍ୱନିରେ ଚଞ୍ଚଳ ହୋଇଉଠିଥିଲା ।

ପ୍ର.୩. ଝରକା କବାଟ ବନ୍ଦ କରି କାହାକୁ ରୁଦ୍ଧ କରିହୁଏନା ବୋଲି କୁହାଯାଇଛି ?

ଉ : ସ୍ୱର୍ଦ୍ଧିତ ଜୟନାଦକୁ ଝରକା କବାଟ ବନ୍ଦ କରି ରୁଦ୍ଧ କରିହୁଏନା ବୋଲି କୁହାଯାଇଛି ।

ପ୍ର.୪. ବିଜୟ କାହାର ପୁତ୍ର ଥିଲା ?

ଉ : ବିଜୟ ଅରୁଣର ପୁତ୍ର ଥିଲା ।

ପ୍ର.୫. ଅରୁଣର ଫଟୋଖଣ୍ଡିକ କେଉଁଠି ସୁରକ୍ଷିତ ଥିଲା ?

ଉ : ଭେଲଭେଟ ବାକ୍ସରେ ଅରୁଣର ଫଟୋ ଖଣ୍ଡିକ ସୁରକ୍ଷିତ ଥିଲା ।

ପ୍ର.୬. ଅରୁଣର ପରିଚ୍ଛଦ କାହାପରି ଥିଲା ?

ଉ : ସତ୍ୟାଗ୍ରହୀର ପରିଚ୍ଛଦ ପରି ଅରୁଣର ପରିଚ୍ଛଦ ଥିଲା ।

ପ୍ର.୭. ରାୟବାହାଦୂର ତଳୁ ଫଟୋଟିକୁ ଉଠାଇ ନେଇ କ'ଣ କଲେ ?

ଉ : ରାୟ ବାହାଦୂର ତଳୁ ଫଟୋଟିକୁ ଉଠାଇନେଇ ପୁଣି ଭେଲଭେଟ୍ ବାକ୍ସରେ ରଖିଦେଲେ ।

ପ୍ର.୮. ରାୟବାହାଦୂରଙ୍କ ଆଖି ଆଗରେ କିଏ ହଠାତ୍ କ'ଣ ଟାଣି ଦେଇଗଲା ପରି ଲାଗିଲା ?

ଉ : ରାୟ ବାହାଦୂରଙ୍କ ଆଖି ଆଗରେ କିଏ ହଠାତ୍ କୁହୁଡ଼ିର ଗୋଟିଏ ପର୍ଦ୍ଦା ଟାଣି ଦେଇଗଲା ପରି ଲାଗିଲା ।

ପ୍ର.୯. ପଚିଶ ବର୍ଷ ତଳେ ରାୟବାହାଦୂର କେଉଁ ପଦବୀରେ ଥିଲେ ?

ଉ : ପଚିଶ ବର୍ଷ ତଳେ ରାୟବାହାଦୂର ଅସ୍ଥାୟୀ ସବଇନ୍ସପେକ୍ଟର ପଦବୀରେ ଥିଲେ ।

ପ୍ର.୧୦. 'ବନ୍ଦେ ମାତରମ୍'ର ପରବର୍ତ୍ତୀ ପାଦଟି କ'ଣ ?

ଉ : ସୁଜଳାଂ ସୁଫଳାଂ ମଳୟଜ ଶୀତଳମ୍ ।

ପ୍ର.୧୧. କାହା କଣ୍ଠରେ "ବନ୍ଦେ ମାତରମ୍" ସଙ୍ଗୀତର ଆବୃତ୍ତି ଶୁଣି ରାୟବାହାଦୂର ଚମକି ପଡ଼ିଥିଲେ ?

ଉ : ଅରୁଣ କଣ୍ଠରେ "ବନ୍ଦେ ମାତରମ୍" ସଙ୍ଗୀତର ଆବୃତ୍ତି ଶୁଣି ରାୟବାହାଦୂର ଚମକି ପଡ଼ିଲେ ।

ପ୍ର.୧୨. କେଉଁ କଥା ସ୍ୱୀକାର କରିବ ନାହିଁ ବୋଲି ଅରୁଣ କହିଛି ?

ଉ : ଅନ୍ୟାୟ ଆଦେଶ ସ୍ୱୀକାର କରିବ ନାହିଁ ବୋଲି ଅରୁଣ କହିଛି ।

ପ୍ର.୧୩. କେଉଁ ସୁରରେ ରାତିର ମୁହୂର୍ତ୍ତଗୁଡ଼ିକ ଅନୁରଣିତ ହୋଇ ଉଠିଥିଲା ?

ଉ : ଲକ୍ଷ ଝିଙ୍କାରି କଣ୍ଠରେ ରାତିର ମୁହୂର୍ତ୍ତଗୁଡ଼ିକ ଅନୁରଣିତ ହୋଇଉଠିଥିଲା ।

ପ୍ର.୧୪. ପୁଲିସ୍ ସାହେବଙ୍କୁ ରାୟବାହାଦୂର ନାଟକୀୟ ଭଙ୍ଗୀରେ କ'ଣ ଜଣାଇଥିଲେ ?

ଉ : ପୁଲିସ୍ ସାହେବଙ୍କୁ ରାୟ ବାହାଦୁର ନାଟକୀୟ ଭଙ୍ଗୀରେ କୁର୍ଣ୍ଣିସ ଜଣାଇଥିଲେ ।

**ପ୍ର.୧୫. କେଉଁଠି ଖରାପଡ଼ି ଚକ୍ ଚକ୍ କରୁଥିବାର କୁହାଯାଇଛି ?**

ଉ : ବନ୍ଧୁକର ବାୟୋନେଟ୍‌ରେ ଖରା ପଡ଼ି ଚକ୍ ଚକ୍ କରୁଥିବାର କୁହାଯାଇଛି ।

**ପ୍ର.୧୬. ରାୟବାହାଦୁର କ୍ଷିପ୍ତ ପରି ଚିତ୍କାର କରି କ'ଣ କହିଥିଲେ ?**

ଉ : ହଟୋ ହଟୋ ଶାଲେ ଲୋକ ।

**ପ୍ର.୧୭. ପଟୁଆରରେ ଆସୁଥିବା ଜନତା କେଉଁକଥା କହି କୁହାଟୁଥିଲା ?**

ଉ : ବନ୍ଦେ ମାତରମ୍ ।

**ପ୍ର.୧୮. ଶୋଭାଯାତ୍ରାରେ ଆସୁଥିବା ଜନତା କିପରି ଭୀଷଣ ଓ ଭୟଙ୍କର ହୋଇ ଉଠିଥିଲା ?**

ଉ : ଝଞ୍ଜାକାନ୍ତ ସମୁଦ୍ର ପରି ଜନତା ଭୀଷଣ ଓ ଭୟଙ୍କର ହୋଇ ଉଠିଥିଲା ।

**ପ୍ର.୧୯. ସୋମନାଥ ପ୍ରକୃତରେ କ'ଣ ଚାହିଁଥିଲେ ?**

ଉ : ସୋମନାଥ ପ୍ରକୃତରେ ଫାଙ୍କା ଆବାଜ କରିବାକୁ ଚାହିଁଥିଲେ ।

**ପ୍ର.୨୦. ସୋମନାଥଙ୍କ ପିସ୍ତଲ ଗୁଳି ଫୁଟିଲା ପରେ କ'ଣ ଘଟିଥିଲା ?**

ଉ : ଅରୁଣର ରକ୍ତାକ୍ତ ଶବ ତଳେ ଖସିପଡ଼ିଥିଲା ।

**ପ୍ର.୨୧. ହେମାମାଳୀ କେଉଁ ଅବସ୍ଥାରେ ତଳେ ମୂର୍ଚ୍ଛିତା ହୋଇ ପଡ଼ିଥିଲେ ?**

ଉ : ହେମମାଳୀ ଆବେଗ ଓ ଉତ୍ତେଜନାରେ ତଳେ ମୂର୍ଚ୍ଛିତା ହୋଇ ପଡ଼ିଗଲେ ।

**ପ୍ର.୨୨. କେଉଁ ପତାକା ଏଠି ଉଡ଼ିପାରିବ ନାହିଁ ବୋଲି ବିଜୁ ଜେଜେଙ୍କୁ କହିଥିଲା ?**

ଉ : ୟୁନିୟନ ଜାକ୍ ପତାକା ଏଠି ଉଡ଼ିପାରିବ ନାହିଁ ବୋଲି ବିଜୁ ଜେଜେଙ୍କୁ କହିଥିଲା ।

**ପ୍ର.୨୩. ବିଜୟ ଝୁଙ୍କିପଡ଼ି ରାୟବାହାଦୁରଙ୍କୁ କେଉଁ କଣ୍ଠରେ ଡାକିଥିଲା ?**

ଉ : ବିଜୟ ଝୁଙ୍କିପଡ଼ି ଅପରାଧୀ କଣ୍ଠରେ ରାୟବାହାଦୁରଙ୍କୁ ଡାକିଥିଲା ।

**ପ୍ର.୨୪. ବିଜୟ କିପରି ପ୍ରଭାତର ସୂର୍ଯ୍ୟୋଦୀପ୍ତ ଆକାଶ ଆଡ଼େ ଚାହିଁ ରହିଥିଲା ?**

ଉ : ବିଜୟ ପ୍ରାଣହୀନ ପାଷାଣ ପରି ଚାହିଁ ରହିଥିଲା ପ୍ରଭାତର ସୂର୍ଯ୍ୟୋଦୀପ୍ତ ଆକାଶ ଆଡ଼େ ।

**ପ୍ର.୨୫. ସ୍ୱାଧୀନ ଭାରତର ତ୍ରିରଙ୍ଗ ପତାକା କେଉଁ ପଟ୍ଟଭୂମିରେ ଫରଫର ହୋଇ ଉଡୁଥିଲା ?**

ଉ : ସ୍ୱାଧୀନ ଭାବରେ ତ୍ରିରଙ୍ଗ ପତାକା ଭାଦ୍ର ଆକାଶର ମେଘହୀନ, ସୁନୀଳ ପଟ୍ଟଭୂମି ଉପରେ ଫରଫର ଉଡୁଥିଲା ।

## (ଗ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ପ୍ରଶ୍ନର ମୂଲ୍ୟ ୨ ନମ୍ବର ।

**ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଠିକ୍ ଉତ୍ତର ପାଇଁ ୧ ନମ୍ବର ରହିବ ।**

**ପ୍ର.୧. ବାହାରର ଜୟଧ୍ୱନି ଶୁଣି ରାୟବାହାଦୁର କ'ଣ କରିଥିଲେ ।**

ଉ : ଗଳ୍ପ – ପତାକା ଉତ୍ତୋଳନ
ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ବାହାରର ଜୟ ଧ୍ୱନି ଶୁଣି ରାୟବାହାଦୁର ଝରକା କବାଟ ସବୁ ବନ୍ଦ କରିଦେଇଥିଲେ ।

# ରୂପନାରାୟଣ ସାହା

**✍ ଅଖିଳମୋହନ ପଟ୍ଟନାୟକ**

**ଗାଳ୍ପିକ ପରିଚୟ:**

ଅଖିଳ ମୋହନ ପଟ୍ଟନାୟକ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପ ସାହିତ୍ୟରେ ଜଣେ ଖ୍ୟାତନାମା ଗାଳ୍ପିକ । ସେ ମନୁଷ୍ୟ ଜୀବନର ସଙ୍ଘର୍ଷମୟ ବାସ୍ତବତାକୁ ଏବଂ ସାମ୍ୟବାଦୀ ଚିନ୍ତାଧାରାକୁ ଗଳ୍ପରୂପ ଦେଇଛନ୍ତି । ତାଙ୍କ କାହାଣୀ ରହସ୍ୟମୟ ଏବଂ ଦାର୍ଶନିକ । କଥାର ଚାତୁରୀରେ ରହିଛି ନାଟକୀୟତା ଏବଂ ଗୀତିମୟତା । ଜଣେ ରୁଚିପୂର୍ଣ୍ଣ ସମ୍ଭ୍ରାନ୍ତଗାଳ୍ପୀକ ହେଉଛନ୍ତି ଅଖିଳମୋହନ ପଟ୍ଟନାୟକ । ସେ ଏକାଧାରରେ ଜଣେ ଆଇନଜୀବୀ ଏବଂ କଥାକାର । ୧୯୨୭ମସିହାରେ ତାଙ୍କର ଜନ୍ମ ଏବଂ ୧୯୮୨ ମସିହାରେ ମାତ୍ର ୫୫ ବୟସରେ ଇହଲୀଳା ସମ୍ୱରଣ କରିଥିଲେ । ତାଙ୍କର ଗଳ୍ପ ପ୍ରତିନିଧି ଶ୍ରେଣୀୟ । ଝଡ଼ର ଇଗଲ୍ ଓ ଧରଣୀର କୃଷ୍ଣସାର, ଓ ଅନ୍ଧଗଳି, ନଦୀର ନାମ ଗଣତନ୍ତ୍ର ପ୍ରଥମ ଓ ଶେଷପ୍ରଭୃତି ତାଙ୍କର ଉଲ୍ଲେଖଯୋଗ୍ୟ ଗଳ୍ପଗ୍ରନ୍ଥ । 'ଭ୍ରମଣକାହାଣୀ' ଭାବରେ 'ଅନ୍ୟଦେଶ' ଓଡ଼ିଆ ସାହିତ୍ୟାରେ ଏକ ସ୍ମରଣୀୟ ଭ୍ରମଣ ବୃତ୍ତାନ୍ତ । ଆଲୋଚିତ ଗଳ୍ପ 'ରୂପନାରାୟଣ ସାହା' ତାଙ୍କର 'ଝଡ଼ର ଇଗଲ ଓ ଧରଣୀର କୃଷ୍ଣସାର' ଗଳ୍ପ ଗ୍ରନ୍ଥରୁ ଆନୀତ ।

**ପ୍ର.୫. ଗୋଧୂଳି ଓ ଗଙ୍ଗାଜୀ– ଉଭୟଙ୍କୁ କ'ଣ ବୋଲି କୁହାଯାଇଛି ?**
ମାନମୟୀ, ପ୍ରେମମୟୀ, ରହସ୍ୟମୟୀ, ଭାବମୟୀ ।
ଉ: ଭାବମୟୀ

**ପ୍ର.୬. ଗଙ୍ଗାର କେଉଁ ରଙ୍ଗର ପାଣି ଲାଲେ-ଲାଲ୍ ଲାଗୁଥିଲା ?**
ପେସ୍ତା, ଗହମ, ବାଜରା, ବାଦାମ୍ ।
ଉ: ଗହମ

**ପ୍ର.୭. ନୌକାର ପାଲ କେତେ ଫଣା ବାସୁକୀ ପରି ନଇଁଯାଇ ଉପରକୁ ଉଠିଥିବ ବୋଲି କୁହାଯାଇଛି ?**
ସପ୍ତଫଣା, ଶତଫଣା, ସହସ୍ର ଫଣା, ସହସ୍ରାଧିକ ଫଣା ।
ଉ: ସହସ୍ର ଫଣା

**ପ୍ର.୮. ଅଶୋକଙ୍କ ବାପା ବନାରସରେ କି ଚାକିରି କରିଥିଲେ ?**
ପୋଲିସ ଅଫିସର, ମିଲିଟାଣୀ ମେଜର, ପ୍ରଫେସର, ମିଲିଟାରୀ ଡାକ୍ତର ।
ଉ: ମିଲିଟାଣୀ ଡାକ୍ତର

**ପ୍ର.୯. କାହାର ଅଦୃଶ୍ୟ ଇଙ୍ଗିତରେ ନୌକା ଘାଟରେ ଲାଗିଥିଲା ?**
ମାଝିର, କର୍ପୋରେସନର, ପୋଲିସଷ୍ଟେସନର, ମାଜିଷ୍ଟ୍ରେଟଙ୍କର ।
ଉ: କର୍ପୋରେସନର

**ପ୍ର.୧୦. କିଏ ଇଂରାଜୀ ଭାଷାରେ ବିରକ୍ତି ପ୍ରକଟ କରି କହିଥିଲେ– 'ଇଡ଼ିୟଟ' ?**
ବାପା ବଡ଼ଭାଇ, ଦାଦା, ମାଁଆ ।
ଉ: ଦାଦା

**ପ୍ର.୧୧. ରାମ୍‌ନଗର ଦେଖିସାରି ଗଙ୍ଗାପାର ହେଉଥିବାର ଲକ୍ଷ ବେଳେ ଅଶୋକଙ୍କ ବୟସ କେତେ ଥିଲା ?**
ବାର, ଏକାର, ଦଶ, ଆଠ ।
ଉ: ଦଶ

**ପ୍ର.୧୨. ଅଶୋକର ପିଠି ଉପରେ ମାଷ୍ଟରଜୀଙ୍କ ବଡ଼ପାପୁଲି କିପରି କମ୍ପି ଉଠିଥିଲା ?**
ଦେବଦାରୁପତ୍ର ପରି, ବରପତ୍ର ପରି, କଦଳୀପତ୍ର ପରି, ଅଶ୍ୱତ୍ଥପତ୍ର ପରି ।
ଉ: ଅଶ୍ୱତ୍ଥପତ୍ର ପରି

**ପ୍ର.୧୩. ମାଷ୍ଟରଜୀ କେତେଟଙ୍କା ଦରମାରେ ଅଶୋକର ଟ୍ୟୁସନମାଷ୍ଟର ଥିଲେ ?**
ପାଞ୍ଚଟଙ୍କା, ଛଅଟଙ୍କା, ସାତଟଙ୍କା, ଦଶଟଙ୍କା ।
ଉ: ପାଞ୍ଚଟଙ୍କା

**ପ୍ର.୧୪. ମାଷ୍ଟରଜୀଙ୍କ ପ୍ରତିଟି ତନ୍ତ୍ରୀ, ପ୍ରତିଟି ରେଣୁକୁ ଉଜ୍ଜୀବିତ କରି କିଏ ନିଜକୁ ପ୍ରକାଶ କରୁଥିଲା ?**
ବିବେକ, ବିଚାର, ଜ୍ଞାନ, ସତ୍ୟ ।
ଉ: ସତ୍ୟ

**ପ୍ର.୧୫. ମାଷ୍ଟରଜୀଙ୍କ ନାସିକା କେଉଁପରି ଥିଲା ବୋଲି କୁହାଯାଇଛି ?**
ପିକଚଞ୍ଚୁ ପରି, ଚିଲଚଞ୍ଚୁ ପରି, କାକଚଞ୍ଚୁ ପରି, ଶୁକଚଞ୍ଚୁ ପରି ।
ଉ: ଶୁକଚଞ୍ଚୁ ପରି

**ପ୍ର.୧୬. ଅଶୋକଙ୍କର ଡାକନାମ କ'ଣ ଥିଲ ?**

ମନ୍ନୁ, ମୁନ୍ନା, ଚିନ୍ନା, କାହ୍ନା ।

ଉ: ମୁନ୍ନା

**ପ୍ର.୧୭. କାହାର ନାମ ମନ୍ନୁ ଦିଆ ଯାଇଥିଲା ?**

କୁକୁର ଛୁଆର, ବଣିଛୁଆର, ପାତି ମାଙ୍କଡ଼ ଛୁଆର, ପୋଷା ବିଲେଇ ଛୁଆର ।

ଉ: ପାତି ମାଙ୍କଡ଼ ଛୁଆର ।

**ପ୍ର.୧୮. ମାତାଜୀଙ୍କ ହାତ ତିଆରି କେଉଁ ଖାଦ୍ୟ ଥରେ ସେ ଖାଇଛି ସେ ଜୀବନସାରା ଭୁଲି ପାରିବନି ବୋଲି କୁହାଯାଇଛି ?**

ପଡୁଡ଼ି, ଉପମା, ସନ୍ଦେଶ, ହାଲୁଆ ।

ଉ: ହାଲୁଆ

**ପ୍ର.୧୯. ଉତ୍ତର ଭାରତ ବ୍ୟାପୀ ପ୍ରାଥମିକ ଶିକ୍ଷକ ଧର୍ମଘଟରେ ମାଷ୍ଟରଜୀ କ'ଣ ଥିଲେ ?**

ବିଦ୍ରୋହୀ, ସମର୍ଥକ, ପୁରୋଧା, ପଳାତକ ।

ଉ: ପୁରୋଧା

**ପ୍ର.୨୦. ଧର୍ମଘଟ ବେଳେ ମାଷ୍ଟରଜୀଙ୍କ ଦରମା କେତେ ଥିଲା ?**

ପନ୍ଦର ଟଙ୍କା, ତେର ଟଙ୍କା, ଏଗାର ଟଙ୍କା, ଦଶ ଟଙ୍କା ।

ଉ: ତେର ଟଙ୍କା

**ପ୍ର.୨୧. ମାଷ୍ଟରଜୀଙ୍କୁ କେଉଁ ରୋଗ ହୋଇଥିଲା ବୋଲି ଡାକ୍ତର କହିଥିଲେ ?**

ପ୍ଲୁରେସି, ଡିସେଣ୍ଟ୍ରି, ଡାଏବେଟିକ୍, ନିମୋନିଆ ।

ଉ: ପ୍ଲୁରେସି

**ପ୍ର.୨୨. ମାଷ୍ଟରଜୀଙ୍କ ପୁଅର ନାମ କ'ଣ ଥିଲା ?**

ରାମ ଗୋପାଳ, ରାମଦୁଲାଳ, ରାମସରନ୍, ରାମ ମନୋହର ।

ଉ: ରାମସରନ୍

**ପ୍ର.୨୩. ମାଷ୍ଟରଜୀଙ୍କ ସ୍ତ୍ରୀ ନାମ କ'ଣ ଥିଲା ?**

ରୂପା, ସୁନା, ହୀରା, ପଦ୍ମା ।

ଉ: ରୂପା

**ପ୍ର.୨୪. ମାଷ୍ଟରଜୀ ତାଙ୍କ କାହାଣୀରେ କେଉଁ ସିଂହ କଥା କହୁଥିଲେ ?**

ଚେକୋସ୍ଲୋଭିଆର, ଆଲେକ୍‌ଜାଣ୍ଡ୍ରିଆର, ଆଣ୍ଡ୍ରୋସିଲିସ୍‌ର, କାଲିଫର୍ଣ୍ଣିଆର ।

ଉ: ଆଣ୍ଡ୍ରୋସିଲିସ୍‌ର

**ପ୍ର.୨୫. କାହାର ଭୀରୁ ସଙ୍କୁଚିତ ବିବେକ ନେଇ ଅଶୋକ ରାସ୍ତାରେ ଚାଲିଥିଲେ ?**

ହତ୍ୟାକାରୀର, ପ୍ରଶାସକର, ବିଶ୍ୱାସଘାତକର, ଅତିବେକାର ।

ଉ: ହତ୍ୟାକାରୀର

**ପ୍ର.୨୬. ଏ ଜାତିକୁ କ'ଣ ନୂଆକରି ଦେବାକୁ ମାଟ୍ରେରଜୀ କହୁଥିବା ପରି ଅଶୋକର ମନେ ହୋଇଛି ?**

ପ୍ରାଥମିକ ଶିକ୍ଷା, ଉପଯୁକ୍ତ ଶିକ୍ଷା, ନୈତିକ ଶିକ୍ଷା, ମାଧମି ଶିକ୍ଷା ।

ଉ: ପ୍ରାଥମିକ ଶିକ୍ଷା

**ପ୍ର.୨୭. ଏ ଜାତି ଧୀରେ ଧୀରେ କାହା କୁଣ୍ଡଳିର ଶୀତ-ଶଯ୍ୟାର ଚଞ୍ଚଳ ହୋଇ ଉଠିବ ବୋଲି କୁହାଯାଇଛି ?**

ଗୋଖର, ଅଜଗର, ଅହିରାଜ, ଶଙ୍ଖଚୂଡ଼ ।

ଉ: ଅହିରାଜ

**(ଖ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉତ୍ତରଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

**ପ୍ର.୧. ବନାରସ ରାସ୍ତାରେ ଲୋକଙ୍କ ଧାଡ଼ି କେଉଁପରି ଲାଗୁଥିଲା ବୋଲି କୁହାଯାଇଛି ?**

ଉ: ବନାରସ ରାସ୍ତାରେ ଲୋକଙ୍କ ଧାଡ଼ି ଯେମିତି ଜମାଟ ବାନ୍ଧିଯାଇଛି ବରଫପରି ସେପରି ଲାଗୁଥିଲା ।

**ପ୍ର.୨. ରୂପ-ପିପାସୀ ନାଗରିକଙ୍କ ତୀର୍ଥ କିଏ ?**

ଉ: ଡାଲ୍‌ମଣ୍ଡି ରୂପପିପାସୀ ନାଗରିକଙ୍କ ତୀର୍ଥ ।

**ପ୍ର.୩. ଗଙ୍ଗାର ଲାଲେ-ଲାଲ୍ ପାଣି ମୁକ୍ତକେଶୀ ଦ୍ରୌପଦୀଙ୍କ କେଉଁ ଦୃଶ୍ୟ ପରି ମନେହୋଇଛି ?**

ଉ: ଗଙ୍ଗାର ଲାଲେଲାଲ୍ ପାଣି ମୁକ୍ତକେଶୀ ଦ୍ରୌପଦୀଙ୍କ ବେଣୀବନ୍ଧନପରି ମନେ ହୋଇଛି ।

**ପ୍ର.୪. ବହୁ ଯାତ୍ରୀବାହୀ ନୌକା କେଉଁପରି ଗଙ୍ଗାର ଏ କୂଳରୁ ସେ କୂଳକୁ ଯାତାୟତ କରୁଥିବାର କୁହାଯାଇଛି ?**

ଉ: ବହୁ ଯାତ୍ରୀବାହୀ ନୌକା ଉଜ୍ଜ୍ୱଳ ଚକ୍ରବାଳର ପଟ୍ଟଭୂମିରେ ସିଲିହଟ୍ ଛବିପରି ଗଙ୍ଗାର ଏ କୂଳରୁ ସେକୂଳକୁ ଯାତାୟତ କରୁଥିବାର କୁହାଯାଇଛି ।

**ପ୍ର.୫. ହରିଶ୍ଚନ୍ଦ୍ରଘାଟ ପରେ ନୌକା କେଉଁ ଘାଟରେ ପହଞ୍ଚିବ ବୋଲି କୁହାଯାଇଛି ?**

ଉ: ହରିଶ୍ଚନ୍ଦ୍ର ଘାଟ ପରେ ନୌକା ଦଶାଶ୍ୱମେଧ ଘାଟରେ ପହଞ୍ଚିବ ବୋଲି କୁହାଯାଇଛି ।

**ପ୍ର.୬. ମାଝିର ଭାଷା କେଉଁସବୁ ଭାଷାର ମିଶାମିଶି ଭାଷା ଥିଲା ?**

ଉ: ମାଝିର ଭାଷା ହିନ୍ଦୀ, ମୈଥିଳୀ ଆଉ ଭୋଜପୁରୀ ଭାଷାର ମିଶାମିଶି ଭାଷା ଥିଲା ।

**ପ୍ର.୭. ହର୍ ଆଦ୍‌ମିକୋ କେତେ ଟ୍ୟାକ୍ସ ଲଗାଯାଏଗା ବୋଲି ମାଝି କହିଛି ?**

ଉ: ହର୍ ଆଦ୍‌ମିକୋ ଏକ୍ ରୁପିୟା ଟ୍ୟାକ୍ସ ଲଗାଯାଏଗା ବୋଲି ମାଝି କହିଛି ।

**ପ୍ର.୮. ସୁବିଧାବାଦୀ ସାନ ଭଉଣୀ ଖନେଇ ଖନେଇ କ'ଣ କହିଥିଲା ?**

ଉ: ସୁବିଧାବାଦୀ ସାନଭଉଣୀ ଖନେଇ ଖନେଇ କହିଥିଲା- ବାପା, ଭାଇର ଆଉ ପ୍ୟାଣ୍ଟ କିଣାହେବନି ।

**ପ୍ର.୯. ଜେଜେମା'ଙ୍କର କେଉଁ ଆଦେଶ ପିଲାଦିନେ ଅଶୋକ ଅମାନ୍ୟ କରିଥିଲା ?**

ଉ: ଜେଜେମା'ଙ୍କର ଅଫିମପାଇଁ ଖେଳ ଛାଡ଼ି ବଜାରକୁ ଯିବାପାଇଁ ଆଦେଶ ପିଲାଦିନେ ଅଶୋକ ଅମାନ୍ୟ କରିଥିଲା ।

**ପ୍ର.୧୦. ଆର୍ଦ୍ର, ବାଷ୍ପାକୁଳ କଣ୍ଠରେ କ'ଣ ମିଶି ମାଷ୍ଟରଜୀଙ୍କ କଣ୍ଠସ୍ୱର ଅଦ୍‌ଭୁତ ଶୁଣାଯାଉଥିଲା ?**

ଉ: ଆର୍ଦ୍ର ବାଷ୍ପାକୁଳ କଣ୍ଠରେ ଉତ୍ତେଜନା ମିଶି ମାଷ୍ଟରଜୀଙ୍କ କଣ୍ଠସ୍ୱର ଅଦ୍ଭୁତ ଶୁଣାଯାଉଥିଲା ।

**ପ୍ର.୧୧. ଗତାୟୁ ଗୋଧୂଳିର ସେଇ ଲଗ୍ନରେ ଅଶୋକ ପ୍ରଥମଥର ପାଇଁ କ'ଣ ଅନୁଭବ କରିଥିଲେ ?**

ଉ: ଗତାୟୁ ଗୋଧୂଳିର ସେଇ ଲଗ୍ନରେ ଅଶୋକ ପ୍ରଥମଥର ପାଇଁ ସତ୍ୟର ପ୍ରଚଣ୍ଡ ଅସ୍ତିତ୍ୱ ଅନୁଭବ କରିଥିଲା ।

**ପ୍ର.୧୨. ତୁହାଇ ତୁହାଇ କେଉଁକଥା ଅଶୋକଙ୍କ ମନ ଭିତରେ ଉତୁରି ପଡୁଥିଲା ?**

ଉ: ତୁହାଇ ତୁହାଇ ଶୈଶବର ସ୍ମୃତି ଅଶୋକଙ୍କ ମନ ଭିତରେ ଉତୁରି ଉଠୁଥିଲା ।

**ପ୍ର.୧୩. ମାଷ୍ଟରଜୀଙ୍କ ଦୁଇଟି ଶିଷ୍ୟଙ୍କ ନାମ କ'ଣ ଥିଲା ?**

ଉ: ମାଷ୍ଟରଜୀଙ୍କ ଦୁଇଟି ଶିଷ୍ୟଙ୍କ ନାମ ମୁନ୍ନା, ମନ୍ନୁ ।

**ପ୍ର.୧୪. ମାଷ୍ଟରଜୀ କେତେକେବେଳେ ଡରି ଅସ୍ଥିର ହୋଇଥା'ନ୍ତି ?**

ଉ: ମାଷ୍ଟର୍‌ଜୀ ମନ୍ନୁ (ମାଙ୍କଡ଼)କୁ ଦେଖିଲେ ଡରି ଅସ୍ଥିର ହୋଇଥାନ୍ତି ।

**ପ୍ର.୧୫. କେଉଁ ପୋଷାକରେ ମାଷ୍ଟରଜୀ ତାଙ୍କୁ ଚିହ୍ନି ପାରିବେନି ବୋଲି ଅଶୋକ ଆଶଙ୍କା କରିଥିଲେ ?**

ଉ: ସୁଟ୍ ଆଉ ଟାଇ ପୋଷାକରେ ମାଷ୍ଟରଜୀ ତାଙ୍କୁ ଚିହ୍ନିପାରିବେନି ବୋଲି ଅଶୋକ ଆଶଙ୍କା କରିଥିଲା ।

**ପ୍ର.୧୬. ମାଷ୍ଟରଜୀଙ୍କୁ ଚଟକରି ଚିହ୍ନିନେବା ପରେ ଅଶୋକ ପ୍ରଥମେ କ'ଣ କରିବେ ବୋଲି କହିଛନ୍ତି ?**

ଉ: ମାଷ୍ଟର୍‌ଜୀଙ୍କୁ ଚଟ୍‌କରି ଚିହ୍ନିନେବା ପରେ ଅଶୋକ ପ୍ରଥମେ ମଥାନତ କରି ପାଦଧୂଳି ନେଇ କୃତଜ୍ଞତା ଜଣାଇବ ବୋଲି ଭାବିଥିଲା ।

**ପ୍ର.୧୭. ପୋଷ୍ଟ ଅଫିସର ସାମ୍ନାରେ ଦୁଇଟି ରାସ୍ତା ଦୁଇଆଡ଼କୁ କିପରି ବାଙ୍କିଯାଇଛି ବୋଲି କୁହାଯାଇଛି ?**

ଉ: ପୋଷ୍ଟ ଅଫିସ୍‌ର ସାମ୍ନାରେ ଦୁଇଟି ରାସ୍ତା ଦୁଇଆଡ଼କୁ ଏକ ଯୂପକାଷ୍ଠପରି ବାଙ୍କିଯାଇଛି ବୋଲି କୁହାଯାଇଛି ।

**ପ୍ର.୧୮. ପିଣ୍ଡା ଉପରେ ଗପ ଜମେଇଥିବା କେଇଜଣଙ୍କୁ ଅଶୋକ କ'ଣ ପଚାରିଥିଲେ ?**

ଉ: ପିଣ୍ଡା ଉପରେ ଗପ ଜମେଇଥିବା କେଇଜଣଙ୍କୁ ଅଶୋକ ପଚାରିଥିଲା ଯେ– କହିପାରିବେ କି, ରୂପନାରାୟଣଜୀ କେଉଁଠି ରୁହନ୍ତି ?

**ପ୍ର.୧୯. "ରୂପନାରାୟଣକି ସୋନେକା ଦୁକାନ୍" କେଉଁଠି ଥିଲା ବୋଲି କୁହାଯାଇଛି ?**

ଉ: ରୂପନାରାୟଣ କି ସୋନେକି ଦୁକାନ କେଉଁଠି ଥିଲା ବୋଲି ପ୍ରଶ୍ନରେ 'ମେରେ ଖିଆଲ୍ ନେହିଁ' ବୋଲି କୁହାଯାଇଛି ।

**ପ୍ର.୨୦. କେଉଁ ଆଖିର ଏକ୍‌ସରେ ଦେଇ ରିକ୍‌ସାବାଲା ଅଶୋକଙ୍କ ଅଭ୍ୟନ୍ତରକୁ ଦେଖିବାକୁ ଚେଷ୍ଟା କରୁଥିଲା ?**

ଉ: ପେଚୁଆ ଆଖିର ଏକ୍ସରେ ଦେଇ ରିକ୍ସାବାଲା ଅଶୋକଙ୍କ ଅଭ୍ୟନ୍ତରକୁ ଦେଖିବାକୁ ଚେଷ୍ଟା କରୁଥିଲା ।

**ପ୍ର.୨୧. ମନୁଷ୍ୟ କଥାକହିବା ଅପେକ୍ଷା କେଉଁଥିରେ ଯଥେଷ୍ଟ ବେଶି ପ୍ରକାଶ କରିପାରେ ?**

ଉ: ମନୁଷ୍ୟ କଥା କହିବା ଅପେକ୍ଷା ନୀରବ ରହିବାରେ ଯଥେଷ୍ଟ ବେଶୀ ପ୍ରକାଶ କରିପାରେ ।

**ପ୍ର.୨୨. କେଉଁଥିରେ ତାଙ୍କର ଗୋଟାଏ ବଡ଼ ସମାଧାନ ହୋଇଯାଇଛି ବୋଲି ମାଷ୍ଟରଜୀ ଅଶୋକଙ୍କୁ କହିଥିଲେ ?**

ଉ: 'ସ୍ତ୍ରୀ ମରିଯାଇଛି' ଗୋଟାଏ ବଡ଼ ସମାଧାନ ହୋଇଯାଇଛି ବୋଲି ମାଷ୍ଟରଜୀ ଅଶୋକଙ୍କୁ କହିଥିଲେ ।

**ପ୍ର.୨୩. ଝାଙ୍କ କାଶରେ ମାଷ୍ଟରଜୀଙ୍କର କ'ଣ ଦୋହଲି ଯାଇଥିଲା ?**

ଉ: ଝାଙ୍କ କାଶରେ ମାଷ୍ଟରଜୀଙ୍କର ଜୀର୍ଣ୍ଣକଙ୍କାଳ ଦୋହଲିଯାଇଥିଲା ।

**ପ୍ର.୨୪. ବଡ଼ ପିଲାଦିନୁ 'ରାମସରନ୍' ଉପରେ କ'ଣ ପଡ଼ିଗଲା ବୋଲି କୁହାଯାଇଛି ?**

ଉ: ବଡ଼ ପିଲାଦିନୁ ରାମସରନ୍ ଉପରେ ଅନେକ ଦାୟିତ୍ୱ ପଡ଼ିଗଲା ବୋଲି କୁହାଯାଇଛି ।

**ପ୍ର.୨୫. କାହାର ଆକାଶ ଉପରେ ଅନ୍ଧାର ଜମି ଆସିଛି ବୋଲି କୁହାଯାଇଛି ?**

ଉ: ସଦର ବଜାର ଆକାଶ ଉପରେ ଅନ୍ଧାର ଜମିଆସିଛି ବୋଲି କୁହାଯାଇଛି ।

**ପ୍ର.୨୬. କେଉଁଥିରେ ମାଷ୍ଟରଜୀଙ୍କର ଅସାଧାରଣ ଦକ୍ଷତା ଥିଲା ?**

ଉ: କାହାଣୀ କହିବାରେ ଅସାଧାରଣ ଦକ୍ଷତା ଥିଲା ମାଷ୍ଟରଜୀଙ୍କର ।

**ପ୍ର.୨୭. କାହାଣୀର ପ୍ରତ୍ୟେକଟି ଚରିତ୍ରକୁ ମାଷ୍ଟରଜୀ କ'ଣ କରି ପାରୁଥିଲେ ?**

ଉ: କାହାଣୀର ପ୍ରତ୍ୟେକଟି ଚରିତ୍ରକୁ ମାଷ୍ଟରଜୀ ଆଖି ଆଗରେ ଜୀବନ୍ତ କରି ତୋଳିଧରି ପାରୁଥିଲେ ।

**ପ୍ର.୨୮. ଏଇ ବିଶ୍ୱର ବିରାଟ ବହି ଉପରେ କାହାଙ୍କ ହୃଦପଦ୍ମର ସ୍ପନ୍ଦନ ଅଶୋକ ଶୁଣିପାରିଛନ୍ତି ?**

ଉ: ବହୁ ବିଚିତ୍ର ମନୁଷ୍ୟ ନାୟକ ନାୟିକାର ହୃତ୍‌ପଦ୍ମର ସ୍ପନ୍ଦନ ଅଶୋକ ଶୁଣିପାରିଛନ୍ତି ।

ପ୍ର.୨୯. କର୍ପୋରେସନ କର୍ମଚାରୀ କ'ଣ କରୁଥିବାର କୁହାଯାଇଛି ?

ଉ: କର୍ପୋରେସନ୍ କର୍ମଚାରୀ ଆଲୁଅ ଜାଳିବାକୁ ସିଡ଼ିରେ ଚଢ଼ି ସଜାଡୁ ଥିବାର କୁହାଯାଇଛି ।

ପ୍ର.୩୦. ପଳା ପଳା କରି କିରାସିନି ମାପି ଦେଉଥିବା ବୃଦ୍ଧାଟିର ବୟସ କେତେ ଥିଲା ?

ଉ: ପଳା ପଳା କରି କିରାସିନି ମାପିଦେଉଥିବା ବୃଦ୍ଧାଟିର ବୟସ ସତୁରୀ ଉପରେ ।

ପ୍ର.୩୧. "କୈସାଲ ହୁଆ ଦିମାକ ବିଗଡ୍ ଗୈ"- କାହାକୁ ଲକ୍ଷ୍ୟ କରି ଏହା କୁହାଯାଇଛି ?

ଉ: 'କୈସାଲ୍ ହୁଆ ଦିମାକ୍ ବିଗଡ୍ ଗୈ' ଏହା ମାତାଜୀକୁ ଲକ୍ଷ୍ୟକରି କୁହାଯାଇଛି ।

ପ୍ର.୩୨. କ୍ୟାଣ୍ଟନ୍‌ମେଣ୍ଟ ରୋଡ଼ର କେଉଁ ରାସ୍ତାରେ ଅଶୋକ ଧୀରେ ଧୀରେ ପାଦ ଗଣି ଗଣି ଚାଲୁଥିଲେ ।

ଉ: କ୍ୟାଣ୍ଟନ୍‌ମେଣ୍ଟ ରୋଡର ସଦରବଜାର ବନାରସ ରାସ୍ତାରେ ଅଶୋକ ଧିରେ ଧିରେ ପାଦ ଗଣି ଗଣି ଚାଲୁଥିଲେ ।

**(ଗ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଦୁଇଟି ବାକ୍ୟରେ ଉତ୍ତର ଲେଖ । ଲେଖା ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଉତ୍ତର ପାଇଁ ୧ ନମ୍ବର ।**

ପ୍ର.୧. କାଶୀ ବିଶ୍ୱନାଥ ମନ୍ଦିରର ରାସ୍ତା ସମ୍ପର୍କରେ କ'ଣ ବର୍ଣ୍ଣନା କରାଯାଇଛି ?

ଉ. ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକା – ଅଖିଳମୋହନ ପଟ୍ଟନାୟକ

କାଶୀ ବିଶ୍ୱନାଥ ମନ୍ଦିରର ରାସ୍ତା ନାତିପ୍ରଶସ୍ତ । ସେହି ରାସ୍ତାରୁ ବାହାରିଛି ସଂକୀର୍ଣ୍ଣ ଉପକଣ୍ଠ ।

ପ୍ର.୨. ଡାଲ୍‌ମଣ୍ଡିର ସନ୍ଧ୍ୟା ସମ୍ପର୍କରେ କ'ଣ କୁହାଯାଇଛି ?

ଉ. ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

'ଡାଲ୍‌ମୁଣ୍ଡି' ସଂନ୍ଧ୍ୟାରେ ସହସ୍ରାଧିକ ବାରଙ୍ଗନାର ଆଶ୍ରୟଦାତା ।

ପ୍ର.୩. କେଉଁ ଆଖିନେଇ ଅଶୋକ ଆଉଥରେ ଗଙ୍ଗା-ଗୋଧୂଳିର କରୁଣ ଏକାଙ୍କିକା ଦେଖୁଥିଲେ ?

ଉ. ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

କୌତୂହଳୀ ଆଖି ନେଇ ଅଶୋକ ଆଉଥରେ ଗଙ୍ଗା ଗୋଧୂଳିର କରୁଣ ଏକାଙ୍କିକା ଦେଖୁଥିଲେ ।

ପ୍ର.୪. ଉଜ୍ଜ୍ୱଳ ଚକ୍ରାବାଳର ପଟ୍ଟଭୂମିରେ ଯାତ୍ରୀବାହୀ ନୌକାଗୁଡ଼ିକ ସମ୍ପର୍କରେ କ'ଣ କୁହାଯାଇଛି ?

ଉ. ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ସିଲିହଟ୍ ଛବି ପରି ଉଜ୍ଜ୍ୱଳ ଚକ୍ରବାଳର ପଟ୍ଟଭୂମିରେ ଯାତ୍ରୀବାହୀ ନୌକାଗୁଡ଼ିକ ଯାତାୟାତ କରୁଥିବା ସଂପର୍କରେ କୁହାଯାଇଛି ।

ପ୍ର.୫. ଅଶୋକଙ୍କ ପୁରାତନ ଅନୁଭୂତିର ରୋମନ୍ଥନ କିପରି ଅନୁଭୂତ ହେଉଥିଲା ?

ଉ. ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ଅନୁଭୂତିର ସମୁଦ୍ର ମନ୍ଥନରେ ବହୁ ପୁରାତନ ସ୍ମୃତିର ବୁଦ୍‌ବୁଦ୍ ଭାସିଉଠିଛି ଅଶୋକଙ୍କ ଅନୁଭୂତି ମଧ୍ୟ ଦେଇ ।

ପ୍ର.୬. ପବନର ପ୍ରତିକୂଳରେ ମାଝି କ'ଣ କରୁଥିଲା ?

# ଆକାଶ କଇଁଚ

ମନୋଜ ଦାସ

**ଗାଳ୍ପିକଙ୍କ ପରିଚୟ:**

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପ–ସାହିତ୍ୟରେ ଗାଳ୍ପିକ ମନୋଜ ଦାସ ଜଣେ ଉଚ୍ଚକୋଟୀର କଥାକାର । ତାଙ୍କ ଅଧିକାଂଶ ଗଳ୍ପରେ ସେ ଆତ୍ମସଚେତନ । ଅନୁଭୂତି ପ୍ରବଣ ବ୍ୟକ୍ତି ମାନସରେ ଅବଚେତନ ସ୍ତରକୁ ସେ ଅତ୍ୟନ୍ତ ନିପୁଣତାର ସହିତ ଅଙ୍କନ କରିଅଛନ୍ତି । ଭାରତୀୟ ତଥା ଆନ୍ତର୍ଜାତିକ ଗଳ୍ପ-ସାହିତ୍ୟ କ୍ଷେତ୍ରରେ ଅଦ୍ୟାପି ପରିସ୍ଫୁଟ ହୋଇଥିବା ସମସ୍ତ ବିକାଶକୁ ଗାଳ୍ପିକ ମନୋଜ ଦାସ ତାଙ୍କର ପ୍ରାୟ ସମସ୍ତ ଗଳ୍ପରେ ଅତ୍ୟନ୍ତ ଦକ୍ଷତା ଓ କୁଶଳତାର ସହିତ ଫୁଟାଇପାରିଛନ୍ତି । ତାଙ୍କର ପ୍ରତ୍ୟେକ ଗଳ୍ପ ପୂର୍ବବର୍ତ୍ତୀ ସମସ୍ତ ଗଳ୍ପଠାରୁ ଅଧିକ ପ୍ରାବଣ୍ୟ ଓ ପ୍ରୌଢ଼ତାର ସଙ୍କେତ ବହନ କରିଥାଏ । ଓଡ଼ିଆ ଗଳ୍ପରେ ନୂତନ ଚିନ୍ତାଧାରା ଓ ନବୀନ ରୁଚିର ଆସ୍ୱାଦ ପରିବେଷଣରେ ତାଙ୍କର ଶିଳ୍ପ ଗୌରବ ସର୍ବାଧିକ ବୋଲି ମନେହୁଏ । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଜଣେ ଶକ୍ତିଶାଳୀ ଗଳ୍ପ-ଲେଖକରୂପ କେବଳ ଓଡ଼ିଶାରେ ନୁହେଁ, ସର୍ବଭାରତୀୟ ସ୍ତରରେ ସୁଦ୍ଧା ତାଙ୍କର ଯଶସ୍ୱିତାର ପ୍ରମାଣ ମିଳିଛି । ଗଳ୍ପର ସୀମିତ ପରିସର ମଧ୍ୟରେ ମଣିଷର ଦମ୍ଭ ଓ ଅହଂକାରକୁ ସ୍ନେହଶୀଳ ବ୍ୟଙ୍ଗ ମାଧ୍ୟମରେ ସେ ସଜାଡ଼ିନେବାର ପ୍ରଯତ୍ନ କରିଛନ୍ତି ଏବଂ ତା'ର ଅସହାୟତାକୁ ଆତ୍ମୀୟତାର ସ୍ୱରରେ ବେଶ୍ ସମ୍ବେଦନଶୀଳ କରି ପ୍ରକାଶ କରିଛନ୍ତି । ପ୍ରାଚୀନ କାହାଣୀରୁ ଉପାଦାନ ସଂଗ୍ରହ କରି ତହିଁରେ ଅନ୍ତର୍ନିହିତ ଥିବା ଜୀବନର ସତ୍ୟକୁ ଉଦ୍‌ଘାଟନ କରିବା ହେଉଛି ମନୋଜଙ୍କ ଅନ୍ୟତମ ବିଶେଷତ୍ୱ । ସହଜ ସରଳ ଭାଷା ସହ ଲଘୁ ହାସ୍ୟରସର ଛଟା ତାଙ୍କ ଗଳ୍ପଗୁଡ଼ିକୁ ଅତ୍ୟନ୍ତ ସଫଳ କରିପାରିଛି ।

ଗାଳ୍ପିକ ନିଜର ବଳିଷ୍ଠ ରଚନା ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ସାହିତ୍ୟ ଭାରତୀ ସମ୍ମାନ, ଅତିବଡ଼ି ଜଗନ୍ନାଥ ଦାସ ସମ୍ମାନ, ଶାରଳା ପୁରସ୍କାର ପଦ୍ମଶ୍ରୀ ଉପାଧି ସହିତ ଅନେକ ଅନୁଷ୍ଠାନ ତରଫରୁ ସମ୍ମାନିତ ଓ ପୁରସ୍କୃତ ହୋଇଛନ୍ତି ।

## ପ୍ରଶ୍ନାବଳୀ

(କ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ। ପ୍ରଶ୍ନର ମୂଲ୍ୟ ୧ ନମ୍ବର । ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟ ଠିକ୍ ଉତ୍ତର ବାଛି ଲେଖ ।

ପ୍ର.୧. ସରୋବରରେ ରହୁଥିବା କଚ୍ଛପଟିର ନାମ କ'ଣ ଥିଲା ?
(ଚିତ୍ରଗ୍ରୀବ, କମ୍ବୁଗ୍ରୀବ, ମଣିଗ୍ରୀବ, ଶଂଖଗ୍ରୀବ) ଉ. କମ୍ବୁଗ୍ରୀ

ପ୍ର.୨. କମ୍ବୁଗ୍ରୀବ କ'ଣ ଥିବାରୁ ତା' ପରିବେଶ ତାକୁ ସନ୍ତୁଷ୍ଟ କରିପାରୁନଥିଲା ?
(ଉଚ୍ଚଭିଳାଷୀ, ଉଚ୍ଚକାଙ୍କ୍ଷୀ, କଳ୍ପନାଶ୍ରୟୀ, ଭାବପ୍ରବଣ) ଉ. ଉଚ୍ଚାକାଙ୍କ୍ଷ

ପ୍ର.୩. କଚ୍ଛପଟି କୂଳକୁ ଉଠିଯାଇ କେଉଁଥିରେ ବିଚରଣ କରୁଥାଏ ?
(ଶିଶିର ବିନ୍ଦୁରେ, ଘାସଫୁଲରେ, ମୃଦୁସମୀରଣରେ, ସବୁଜ ଉପତ୍ୟକାରେ) ଉ. ମୃଦୁସମୀରଣରେ

ପ୍ର.୪. କଚ୍ଛପଟି ଆଖିବୁଜି କେଉଁଠି ଭଳିକିଭଳି ଅଜବ ଦୃଶ୍ୟ ଦେଖେ ?
(ବିମୁଗ୍ଧ କଳ୍ପଲୋକରେ, ବର୍ଷଣମୁଖର ସନ୍ଧ୍ୟାରେ, ସ୍ୱଚ୍ଛ ସରୋବରରେ, ସାତରଙ୍ଗୀ ଇନ୍ଦ୍ରଧନୁରେ)
ଉ. ବିମୁଗ୍ଧ କଳ୍ପଲୋକରେ

ପ୍ର.୫. କେତେବେଳେ ଦୁଇଗୋଟି ହଂସ ସରୋବରରେ ଉପନୀତ ହେଉଥିଲେ
(ଶୀତଋତୁ, ଶରତଋତୁ, ବସନ୍ତଋତୁ, ବର୍ଷାଋତୁ) ଉ. ବର୍ଷାଋତୁ

ପ୍ର.୬. ଖଣ୍ଡିଏ କାଠିର ଦୁଇ ପ୍ରାନ୍ତକୁ କିଏ କାମୁଡ଼ି ଧରିଥିଲେ ?
(ବିକଟ ଓ କମ୍ବୁଗ୍ରୀବ, କମ୍ବୁଗ୍ରୀବ ଓ ସଙ୍କଟ, ବିକଟ ଓ ସଙ୍କଟ, ମଣିଗ୍ରୀବ ଓ ବିକଟ) ଉ. ବିକଟ ଓ ସଙ୍କଟ

ପ୍ର.୭. "ପରୀକ୍ଷା ସଫଳ" ବୋଲି କିଏ କହିଥିଲା ?
(ସଙ୍କଟ, ବିକଟ, କମ୍ବୁଗ୍ରୀବ, ଚିତ୍ରଗ୍ରୀବ) ଉ. ବିକଟ

ପ୍ର.୮. ଶୂନ୍ୟରେ ଥିବା ଯାଏ ମୁହଁ ନଖୋଲିବାକୁ କିଏ କମ୍ବୁଗ୍ରୀବକୁ ଚେତେଇ ଦେଇଥିଲା ?
(ସଙ୍କଟ, ବିକଟ, ମର୍କଟ, ସୁଗ୍ରୀବ) ଉ. ସଙ୍କଟ

ପ୍ର.୯. ଆକାଶରେ ଭବିଷ୍ୟତ ଅନ୍ଧକାର ବୋଲି କିଏ କହିଛି ।
(ଚିଲ, ବଗ, କାଉ, ବକ) ଉ. କାଉ

ପ୍ର.୧୦. ହଂସମାନେ ବିଶ୍ୱାସଘାତକ ବୋଲି କିଏ କହିଛି ?
(ବତାସୀ, ଘରଚଟିଆ, ଚିଲ, ବକ) ଉ. ବକ

ପ୍ର.୧୧. କେଉଁ ଶବ୍ଦଟି କମ୍ବୁଗ୍ରୀବ ଗଳାଧଃକରଣ କରିଦେଇଥିଲା ?
(ଆଃ, ବୁଦ୍ଧୁ, ବୋକା, ମୂର୍ଖ) ଉ. ବୁଦ୍ଧୁ

ପ୍ର.୧୨. ରାଜା ଉଡ଼ନ୍ତ କଚ୍ଛପଟିକୁ ଦେଖି କ'ଣ କହିଥିଲେ ?
(ଆଶ୍ଚର୍ଯ୍ୟ, ଅଦ୍ଭୁତ, ବିଚିତ୍ର, ଅସାଧାରଣ) ଉ. ବିଚିତ୍ର

ପ୍ର.୧୩. ତାଙ୍କ ରାଜ୍ୟରେ କିଏ ଉଡ଼ିଯିବାର ଦେଖାଯାଏ ବୋଲି ବିଦେଶୀ ରାଜଦୂତ କହିଥିଲେ ?
(ଠେକୁଆ, ଶିଆଳ, ଘୁଷୁରି, ମଇଁଷି) ଉ. ଘୁଷୁରି

ପ୍ର.୧୪. ବିଦେଶୀ ରାଜଦୂତଙ୍କ ରାଜ୍ୟରେ କେଉଁଭଳି ବୃହଦାକାର ବିହଙ୍ଗମାନେ ଅଛନ୍ତି ବୋଲି ସେ କହିଥିଲେ ?
(ମଇଁଷି, ଗଣ୍ଡା, ଜଳହସ୍ତୀ, ଜିରାଫ) ଉ. ମଇଁଷି

ପ୍ର.୧୫. କେତେ ବର୍ଷରେ ଥରେ ଶୂନ୍ୟରୁ କଚ୍ଛପ ବୃଷ୍ଟିହୁଏ ବୋଲି କୁହାଯାଇଛି ?
(ଶହେ, ଲକ୍ଷେ, ଅଯୁତ, ସହସ୍ର) ଉ. ସହସ୍ର

ପ୍ର.୧୬. କଚ୍ଛପମାଂସ କାହାର ଅଯୋଗ୍ୟ ବୋଲି ମହାପଣ୍ଡିତେ କହିଥିଲେ ?
(ଦେବ ମଣୋହି, ରାଜ ମଣୋହି, ସାଧାରଣ ମଣୋହି, ଜନ ମଣୋହି) ଉ. ରାଜ ମଣୋହି

ପ୍ର.୧୭. କାହା ଆଡ଼କୁ ଦୃଷ୍ଟିପାତ କରି ରାଜାଙ୍କର ଗୋଟିଏ ଚକ୍ଷୁ ଝଟକି ଉଠିଥିଲା ?
(ବିହଙ୍ଗ, ହଂସ, କଚ୍ଛପ, ମଇଁଷି) ଉ. କଚ୍ଛପ

ପ୍ର.୧୮. ସେନାପତି କେଉଁ ରୋଗରୁ ମୁକ୍ତି ପାଇବା ପାଇଁ ଫାଳେ କଚ୍ଛପ ମାଂସ ଖାଇବାକୁ କହିଥିଲେ ?
(ଶ୍ୱାସ, ଆମାଶୟ, ନିମୋନିଆ, ଗଣ୍ଠିବାତ) ଉ. ଗଣ୍ଠିବାତ

ପ୍ର.୧୯. ଶୂନ୍ୟରୁ ଖସିଲାବେଳେ କଚ୍ଛପଟି କେଉଁ ଶବ୍ଦ ଉଚ୍ଚାରଣ କରିଥିଲା ?
(ଗର୍ବୀ, ପଙ୍ଗୁ, ବୁଦ୍ଧୁ, ଲୋଭୀ) ଉ. ବୁଦ୍ଧୁ

ପ୍ର.୨୦. କେଉଁ ବ୍ୟାଧିରୁ ସେ ମୁକ୍ତ ହେବା ଜରୁରୀ ବୋଲି ରାଜା କହିଥିଲେ ?
(ଅହଂକାରୀ, ଲୋଭୀ, ପୃଥୁଳକାୟ, ବୁଦ୍ଧୁ) ଉ. ବୁଦ୍ଧୁ

ପ୍ର.୨୧. ରାଜାଙ୍କ କୋଳରେ ପାଚକର ସହକାରୀ କ'ଣ ବିଛାଇ ଦେଇଥିଲା ?
(ଚିତ୍ରିତ ସତରଞ୍ଜି, ମନ୍ତ୍ରୀଙ୍କ ପଗଡ଼ି, ରାଜାଙ୍କ ଉତ୍ତରୀୟ, ମଖମଲ ଚାଦର) ଉ. ମନ୍ତ୍ରୀଙ୍କ ପଗଡ଼ି

ପ୍ର.୨୨. ରାଜାଙ୍କ ଧମକ କେଉଁଭଳି ସଭାସଦ୍‌ମାନଙ୍କ କୋହ - କାନ୍ଦଣାକୁ ନିସ୍ତବ୍ଧ କରଦେଇଥିଲା ?
(ବୁଲଡ୍ରୋଜର, ଟ୍ରାକ୍ଟର, ଶଗଡ଼, ମଟରଗାଡ଼ି) ଉ. ବୁଲଡ୍ରୋଜର

ପ୍ର.୨୩. ତାଙ୍କ ରାଜ୍ୟର ମଇଁଷି ଆକାରର ବିହଙ୍ଗକୁ କେତେ ନେଇଆସିବାକୁ ରାଜା, ବିଦେଶୀ ରାଜଦୂତଙ୍କୁ ନିର୍ଦ୍ଦେଶ ଦେଇଥିଲେ ?
(ଚାରୋଟି, ହଳେ, ଗୋଟିଏ, ପାଞ୍ଚଟି) ଉ. ହଳେ

ପ୍ର.୨୪. ମହତକାର୍ଯ୍ୟ ବୋଲି ରାଜା କେଉଁ କାର୍ଯ୍ୟକୁ ଇଙ୍ଗିତ କରିଛନ୍ତି ?
(ଶିକାର, ବୈଦେଶିକ ସମ୍ପର୍କ, ରାଜୋତ୍ସବ, ଯୁଦ୍ଧ ) ଉ. ଯୁଦ୍ଧ

**(ଖ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

ପ୍ର.୧. କମ୍ବୁଗ୍ରୀବକୁ କେଉଁ ପରିବେଶ ସନ୍ତୁଷ୍ଟ କରିପାରୁନଥିଲା ?

ଉ: କମ୍ବୁଗ୍ରୀବକୁ ସ୍ୱଚ୍ଛ ସରୋବର ଏବଂ ସବୁଜ ଉପତ୍ୟକା ସନ୍ତୁଷ୍ଟ କରିପାରୁନଥିଲା ।

ପ୍ର.୨. କଚ୍ଛପଟି କାହିଁକି ନିଜ ଭାଗ୍ୟକୁ ଧିକ୍‌କାର କରିଥାଏ ?

ଉ: କଚ୍ଛପ ବିହଙ୍ଗଟିଏ ନହୋଇ କଚ୍ଛପ ହୋଇଥିବାରୁ ନିଜ ଭାଗ୍ୟକୁ ଧିକ୍‌କାର କରିଥାଏ ।

ପ୍ର.୩. କେଉଁମାନଙ୍କ ମଧ୍ୟରେ ତର୍କସଭା ହେବାର କମ୍ବୁଗ୍ରୀବ ଦେଖୁପାରୁଥିଲା ?

ଉ: ଗୀତବୋଲିପାରୁଥିବା ଗଛଲତା, ମେଘମାଳା ଭିତରୁ ସିଧାସଳଖ ଝରିଆସୁଥିବା ସାତରଙ୍ଗୀ ନଦୀ, ପ୍ରଶସ୍ତ ସଦନରେ ଏକତ୍ରିତ ସ୍ୱନାମଧନ୍ୟ ନର ଓ ବାନରବର୍ଗ ମଧ୍ୟରେ ଲାଙ୍ଗୁଳର ଉପଯୋଗିତା ସମ୍ପର୍କରେ ତର୍କସଭା ହେବାର କମ୍ବୁଗ୍ରୀବ ଦେଖୁପାରୁଥିଲା ।

ପ୍ର.୪. କେଉଁଠିକୁ ଯିବା ମାର୍ଗରେ ଦୁଇଗୋଟିଏ ହଂସ ସରୋବରଟିରେ ସପ୍ତାହେ ବିଶ୍ରାମ ନେଉଥିଲେ ?

ଉ: ପର୍ବତଶ୍ରେଣୀ ସେପାରିସ୍ଥ ଏକ ବୃହତ୍ତର ସରୋବରକୁ ଯିବା ମାର୍ଗରେ ସେମାନେ ସେଠାରେ ସପ୍ତାହେ ବିଶ୍ରାମ କରୁଥିଲେ ।

ପ୍ର.୫. ହଂସଯୁଗଳ କେଉଁ ସମ୍ପର୍କରେ ଅବହିତ ଥିଲେ ?

ଉ: ହଂସଯୁଗଳ କଚ୍ଛପର ଅନୁସନ୍ଧିତ୍ସା ସମ୍ପର୍କରେ ଅବହିତ ଥିଲେ ।

ପ୍ର.୬. ଅର୍ଦ୍ଧକୋଶ ଅତିକ୍ରମ କଲାପରେ ହଂସ-ଯୁଗଳ ଓ କଚ୍ଛପ କେଉଁଠି ଅବତରଣ କରିଥିଲେ ।

ଉ: ଅର୍ଦ୍ଧକୋଶ ଅତିକ୍ରମ କଲାପରେ ହଂସଯୁଗଳ ଏକ ଅନଚ୍ଚ ପାହାଡ଼ ଉପରେ ଅବତରଣ କଲେ ।

ପ୍ର.୭. ମୃଦୁହାସ୍ୟ ସହକାରେ ବିକଟ କ'ଣ ବ୍ୟକ୍ତ କରିଥିଲା ?

ଉ: ମୃଦୁହାସ୍ୟ ସହକାରେ ବିକଟ "ପରୀକ୍ଷା ସଫଳ" ବୋଲି ବ୍ୟକ୍ତ କରିଥିଲା ।

ପ୍ର.୮. କଚ୍ଛପ ଉତ୍କଣ୍ଠିତ ଭାବରେ କ'ଣ ପ୍ରଶ୍ନ କରିଥିଲା ?

ଉ: "ଏତିକି ମାତ୍ର କରିବା ପାଇଁ ଅବତରଣ କରିବା କ'ଣ ଦରକାର ଥିଲା ?" ଏହି ପ୍ରଶ୍ନ କଚ୍ଛପ ଉତ୍କଣ୍ଠିତ ଭାବରେ ପ୍ରଶ୍ନ କରିଥିଲା ।

ପ୍ର.୯. କମ୍ବୁଗ୍ରୀବ କିପରି ଚତୁର୍ଦ୍ଦିଗ ନିରୀକ୍ଷଣ କରିଲାଗିଥିଲା ?

ଉ. ବିସ୍ମୟ ଓ ପୁଲକରେ କମ୍ବୁଗ୍ରୀବ ଚତୁର୍ଦ୍ଦିଗ ନିରୀକ୍ଷଣ କରିଲାଗିଥିଲା ।

ପ୍ର.୧୦. କଚ୍ଛପ ଗଦ୍‌ଗଦ୍ କଣ୍ଠରେ କ'ଣ କହିଥିଲା ?

ଉ. "ଇତିହାସରେ ପ୍ରଥମ କଚ୍ଛପ ମହାକାଶଚାରୀ ଭାବରେ ମୋ ନାମ ଅମର ରହିବ"- ଏହି କଥା କଚ୍ଛପ ଗଦ୍ ଗଦ୍ କଣ୍ଠରେ କହିଲା ।

ପ୍ର.୧୧. ଆକାଶର ଅକଳ୍ପନୀୟ ଦୃଶ୍ୟ ଦେଖି କେଉଁପକ୍ଷୀ ବିମୂଢ଼ ପାଲଟି ଯାଇଥିଲେ ?

ଉ. ଘରଚଟିଆ ଓ ବତାସୀ ଭଳି ସାଧାରଣ ପକ୍ଷୀମାନେ ଆକାଶର ଏହି ଅକଳ୍ପନୀୟ ଦୃଶ୍ୟ ଦେଖି ବିମୂଢ଼ ପାଲଟି ଯାଇଥିଲେ ।

ପ୍ର.୧୩. ନିରାଶାବାଦୀ ପକ୍ଷୀ ଭାବେ କିଏ ଜଣାଶୁଣା ?

ଉ. ଗୋଟିଏ କାଉ ନିରାଶାବାଦୀ ପକ୍ଷୀଭାବେ ବେଶ ଜଣାଶୁଣା ।

ପ୍ର.୧୪. 'ବକ' ଟିଏ କ'ଣ ମନ୍ତବ୍ୟ ଦେଇଥିଲା ?

ଉ. ହଂସମାନେ ଯୁଗେ ଯୁଗେ ବିଶ୍ୱାସଘାତକ - ଏହି ମନ୍ତବ୍ୟ ବକ ଦେଇଥିଲା ।

ପ୍ର.୧୫. ଆକାଶମାର୍ଗୀୟ ଅଭିନବ ଘଟଣାଟି ପ୍ରଥମେ କାହାର ଦୃଷ୍ଟିଗୋଚର ହୋଇଥିଲା ?

ଉ. କେତେଜଣ ଗାଈଆଳ ଟୋକାଙ୍କର ଏହି ଆକାଶମାର୍ଗୀୟ ଅଭିନବ ଘଟଣାଟି ପ୍ରଥମେ ଦୃଷ୍ଟିଗୋଚର ହୋଇଥିଲା ।

ପ୍ର.୧୬. ଟୋକାମାନେ କେଉଁଠାରେ ଅଟକି ଯିବାକୁ ବାଧ ହୋଇଥିଲେ ?

ଉ. ନଈତୀର ଠାରେ ଟୋକାମାନେ ଅଟକିଯିବାକୁ ବାଧ ହୋଇଥିଲେ ।

ପ୍ର.୧୭. ହଂସମାନେ ବେଶି ଉପରକୁ ଉଠିପାରୁ ନଥିଲେ କାହିଁକି ?

ଉ. କମ୍ବୁଗ୍ରୀବର ଓଜନ ଯୋଗୁଁ ହଂସମାନେ ବେଶି ଉପରକୁ ଉଠି ପାରୁନଥିଲେ ।

ପ୍ର.୧୮. ବୃଦ୍ଧଜଣକ କାହାସହ ନୌକାରେ ଫେରୁଥିଲେ ?

ଉ. ବୃଦ୍ଧଜଣକ ଏକ ତରୁଣୀ ଭାର୍ଯ୍ୟା ସହ ନୌକାରେ ଫେରୁଥିଲେ ।

ପ୍ର.୧୯. ବୃଦ୍ଧଜଣକ ମୁକୁଟ ସହ ଉଠି ଠିଆ ହେଲାବେଳେ କ'ଣ ଘଟିଥିଲା ?

ଉ. ବୃଦ୍ଧଜଣକ ମୁକୁଟ ସହ ଉଠି ଠିଆ ହେଲାବେଳେ ନିଜର ଭାରସାମ୍ୟ ହରାଇ ପଡ଼ିଯାଇଛନ୍ତି ।

ପ୍ର.୨୦. "ବୁଦ୍ଧୁ" ବୋଲି କହି ଆସୁଥିବା କମ୍ବୁଗ୍ରୀବ ତା'ର ଉଦ୍‌ଗତ ଶବ୍ଦଟିକୁ କ'ଣ କଲା ?

ଉ. "ବୁଦ୍ଧୁ" ବୋଲି କହି ଆସୁଥିବା କମ୍ବୁଗ୍ରୀବ ତା'ର ଉଦ୍‌ଗତ ଶବ୍ଦଟିକୁ ଗଳାଧଃକରଣ କରିଦେଲା ।

ପ୍ର.୨୧. ତାଙ୍କ ରାଜ୍ୟରେ ଘୁଷୁରି ଉଡ଼ାଇନେବା କେଉଁମାନଙ୍କର ସଉକ ବୋଲି ବିଦେଶୀ ରାଜଦୂତ କରିଥିଲେ ?

ଉ. ତାଙ୍କ ରାଜ୍ୟରେ ଘୁଷୁରି ଉଡ଼ାଇନେବା ମଇଁଷିମାନଙ୍କର ସଉକ ବୋଲି ବିଦେଶୀ ରାଜଦୂତ କରିଥିଲେ ।

ପ୍ର.୨୨. ସଭାସଦ୍‌ବର୍ଗ କାହିଁକି ଶଙ୍କି ଯାଇଥିଲେ ?

ଉ. କମ୍ବୁଗ୍ରୀବ ସଶବ୍ଦେ ରାଜନଅର ଛାତ ଉପରେ ପଡ଼ିଲାରୁ ସଭାସଦ୍‌ବର୍ଗ ଶଙ୍କି ଯାଇଥିଲେ ।

ପ୍ର.୨୩. ରାଜା, ମହାପଣ୍ଡିତଙ୍କୁ କ'ଣ ପ୍ରଶ୍ନ କରିଥିଲେ ?

ଉ. ଶୂନ୍ୟରୁ ପଡ଼ିଥିବା କଚ୍ଛପର ପତନ ସମ୍ପର୍କରେ ଭବିଷ୍ୟବାଣୀ କାହିଁକି ମହାପଣ୍ଡିତ କରିନଥିଲେ, ରାଜା ଏହି କଥା ପ୍ରଶ୍ନ କରିଛନ୍ତି ।

ପ୍ର.୨୪. କଚ୍ଛପ ଆଡ଼କୁ ଦୃଷ୍ଟିପାତ କରିବାରୁ ରାଜାଙ୍କର କ'ଣ ହୋଇଥିଲା ?

ଉ. କଚ୍ଛପ ଆଡ଼କୁ ଦୃଷ୍ଟିପାତ କରିବାରୁ ରାଜାଙ୍କ ଅନ୍ତତଃ ଗୋଟିଏ ଚକ୍ଷୁ ଝଟକି ଉଠିଲା ।

ପ୍ର.୨୫. କଚ୍ଛପ କାହାକୁ ମିଳିବ ବୋଲି ରାଜା କହିଥିଲେ ?

ଉ. "ଯାହାର ସର୍ବାଧିକ ପ୍ରୟୋଜନ, କଚ୍ଛପ ତାହାକୁ ହିଁ ମିଳିବ ବୋଲି ରାଜା କହିଥିଲେ ।"

ପ୍ର.୨୬. ଗମ୍ଭୀର ମୌନତା ଭିତରେ ସଭାସଦ୍‌ବର୍ଗ କ'ଣ କରିଥିଲେ ?

ଉ. ଗମ୍ଭୀର ମୌନତା ଭିତରେ ସଭାସଦବର୍ଗ ପରସ୍ପର ପ୍ରତି ଘନ ଘନ ଦୃକପାତ କରିବାକୁ ଲାଗିଲେ ।

ପ୍ର.୨୭. ରାଜା ହଠାତ୍ କାନ୍ଦିଉଠି କ'ଣ କହିଥିଲେ ?

ଉ. ରାଜା ହଠାତ୍ କାନ୍ଦିଉଠି କହିଲେ – "ବାକି ରହିଲି ମୁଁ ଅର୍ଥାତ୍ ମୁଁ ହିଁ ବୁଦ୍ଧୁ ।"

ପ୍ର.୨୮. ସଭାସଦବର୍ଗଙ୍କ କାନ୍ଦ ଅବ୍ୟାହତ ଥାଉଁ ଥାଉଁ ରାଜା କ'ଣ କହିଥିଲେ ?

ଉ. ସଭାସଦ୍‌ବର୍ଗଙ୍କ କାନ୍ଦ ଅବ୍ୟାହତ ଥାଉଁ ତାଉଁ ରାଜା ଗଭୀର ମନୋଯୋଗ ସହକାରେ ପାତଟି ଖାଲି କରିଦେଲେ ।

ପ୍ର.୨୯. ରାଜାଙ୍କ ଧମକ ସଦାସଦ୍‌ମାନଙ୍କର କ'ଣ କରିଥିଲା ?

ଉ. ରାଜାଙ୍କ ଧମକ ସଦାସଦମାନଙ୍କର ଭଳି ସଭାସଦ୍‌ମାନଙ୍କ କୋହକାନ୍ଦଣାରୁ ମାଡ଼ି ମକଚି ନିସ୍ତବ୍ଧ କରିଦେଲା ।

ପ୍ର.୩୦. ସେନାପତି ଗଣ୍ଠିବାତ ଭୋଗିବାର କାରଣ କ'ଣ ବୋଲି ରାଜା କହିଛନ୍ତି ?

ଉ. ଦୀର୍ଘକାଳ ହେବ ଯୁଦ୍ଧ ଭଳି କୌଣସି ମହତ କାର୍ଯ୍ୟରେ ହାତ ନ ଦେଇଥିବାରୁ ସେନାପତିଙ୍କ ଗଣ୍ଠିବାତ ରୋଗ ହୋଇଛି ବୋଲି ରାଜା କହିଛନ୍ତି ।

## (ଗ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର। ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଠିକ୍ ଉତ୍ତର ପାଇଁ ୧ ନମ୍ବର ରହିବ।

ପ୍ର.୧. ସମୟ ସମୟରେ କମ୍ବୁଗ୍ରୀବ କୂଳକୁ ଉଠିଯାଇ କ'ଣ କରେ ?

ଉ. ଗଳ୍ପ – ଆକାଶ କଇଁଛ

ଗାଳ୍ପିକ – ମନୋଜ ଦାସ

ସମୟ ସମୟେ କମ୍ବୁଗ୍ରୀବ ସରୋବର କୂଳକୁ ଉଠିଯାଇ ମୃଦୁ ସମୀରଣରେ ବିଚରଣ କରୁଥାଏ ତ କେତେବେଳେ ଲତାପତ୍ର ଦେହରୁ ଶିଶିରବିନ୍ଦୁଟିଏ ଚାଟିଦିଏ ପୁଣି କେତେବେଳେ ଘାସ ଫୁଲଟିଏ ଚୋବାଇ ପକାଇଥାଏ ।

# (ଗ) ବ୍ୟାକରଣ

## ୧. ରୂଢ଼ିକୁ ବାକ୍ୟରେ ପ୍ରୟୋଗ :

ପ୍ରତି ଭାଷାରେ କେତେକ ପଦସଂହତି ଥାଏ । ଏହି ପଦସଂହତି ଅନ୍ତର୍ଗତ ପ୍ରତ୍ୟେକ ଶବ୍ଦ ଆଭିଧାନିକ ଅର୍ଥରେ ବ୍ୟବହୃତ ହୁଏ ନାହିଁ । ଏଗୁଡ଼ିକ ବିଶିଷ୍ଟ ଅର୍ଥରେ ବ୍ୟବହୃତ ହୁଅନ୍ତି । ଏହାଦ୍ୱାରା ସାହିତ୍ୟିକ ଅଭିବ୍ୟକ୍ତି ସରସ ହୁଏ । ଯୁଗଯୁଗରୁ ଏଗୁଡ଼ିକ ସ୍ୱତନ୍ତ୍ର ବ୍ୟଞ୍ଜନା ନେଇ ସୃଷ୍ଟି ହୋଇଛନ୍ତି । ଏଗୁଡ଼ିକୁ ରୂଢ଼ି ପ୍ରୟୋଗ ବୋଲି କୁହାଯାଏ । ରୂଢ଼ି ପ୍ରୟୋଗ ସାଧାରଣତଃ ତିନି ପ୍ରକାର ଯଥା –

(i) କ୍ରିୟାହୀନ ରୂଢ଼ି – (ଯେଉଁ ପଦସଂହତିରେ କ୍ରିୟାପଦ ନଥାଏ)

(ii) କ୍ରିୟାଯୁକ୍ତ ରୂଢ଼ି – (ଯେଉଁ ପଦ ସଂହତିରେ କ୍ରିୟାପଦ ଥାଏ)

(iii) ତୁଳନାତ୍ମକ ରୂଢ଼ି – (ଯେଉଁ ପଦ ସଂହତିରେ ଉପମା ବାଚକ ପଦର ବ୍ୟବହାର ଦେଖାଯାଏ)

(୧) ଝିଅଦେବା – (ବିବାହରେ କନ୍ୟାଦାନ କରିବା)
ରାମବାବୁ ତାଙ୍କ ଝିଅକୁ ଗୋଟିଏ ଜମିଦାର ଘରେ ଦେଇଛନ୍ତି ।

(୨) କାନ ଦେବା – (ଶୁଣିବା)
ତାଙ୍କ କଥାରେ କାନ ଦିଅନାହିଁ ।

(୩) ଖୁଣ୍ଟା ଦେବା – (ଅପବାଦ ଦେବା)
ସମସ୍ତଙ୍କ ନାଁରେ ଖୁଣ୍ଟାଦେବା ଅସହଣିର ଅଭ୍ୟାସ ।

(୪) କଥା ଦେବା – (ପ୍ରତିଶ୍ରୁତି ଦେବା)
ସେ ମୋତେ ସାହାଯ୍ୟ କରିବେ ବୋଲି କଥା ଦେଇଛନ୍ତି ।

(୫) ହାତ ଧରିବା – (ବିଭା ହେବା)
ରାମ ସୀତାଙ୍କର ହାତ ଧରିଲେ ।

(୬) ନିଆଁ ଧରିବା – (ନିଆଁ ଲାଗିବା)
ଓଦା କାଠଗୁଡ଼ିକ ନିଆଁ ଧରୁନାହିଁ ।

(୭) କଥା ଧରିବା – (ଅପମାନିତ ବୋଧ କରିବା)
ତୁମେ ମୋ କଥା ଧରିବ ନାହିଁ ।

(୮) କ୍ରିୟା ଧରିବା – (ଅନ୍ତେଷ୍ଟି କାର୍ଯ୍ୟ କରିବା)
ସାଧାରଣତଃ ବଡ଼ ପୁଅ ବାପାର କ୍ରିୟା ଧରେ ।

(୯) ହାତ ଉଠାଇବା – (ମାଡ଼ ଦେବା)
ତୁ କାହିଁକି ମୋ ଝିଅକୁ ହାତ ଉଠାଇଲୁ ?

(୧୦) ଚାନ୍ଦା ଉଠିବା – (ମିଳିବା)
କେତେ ଟଙ୍କା ଚାନ୍ଦା ଉଠିଲା ?

(୧୧) ପ୍ରଥା ଉଠିବା – (ଲୋପ ହେବା)
ବହୁକାଳରୁ ବାଲ୍ୟ ବିବାହ ପ୍ରଥା ଉଠିଗଲାଣି ।

(୧୨) ନାକକାନ କାଟିବା – (ଜବତ କରିବା)
ପୁଲିସ୍ ଚୋରା ବେପାରୀର ନାକ କାନ କାଟି ଦେଲେ ।

(୧୩) ଟେରି କାଟିବା – (କେଶ ବିନ୍ୟାସ କରିବା)
ଆଃ ! ସେ କି ସୁନ୍ଦର ଟେରି କାଟିଛି ।
(୧୪) କାଳକାଟିବା – (କାଳ ଯାପନ କରିବା)
ବୁଢ଼ାଦିନେ ବହି ପଢ଼ି ପଢ଼ି ତାଙ୍କ କାଳ କାଟୁଛି ।
(୧୫) ମାଡ଼ ଖାଇବା – (ପ୍ରହାର ପାଇବା)
ବିଚରା ପିଲାଟି ବହୁତ ମାଡ଼ ଖାଇଲାଣି ।
(୧୬) ଖାପ ଖାଇବା – (ମାନିବା)
ଏହି କବାଟ ସେ ଘରକୁ ଖାପ ଖାଉ ନାହିଁ ।
(୧୭) ଦିଅଁ ଖାଇ ଖଟୁଲି ଖାଇବା – (ସବୁ ଆତ୍ମସାତ୍ କରିବା)
ମହାଜନ କିଛି ନବୁଝିବାରୁ ଗୁମାସ୍ତା ଦିଅଁ ଖାଇ ଖଟୁଲି ଖାଇଲାଣି ।
(୧୮) କଥା ଚଳିବା – (କାର୍ଯ୍ୟକାରୀ ହେବା)
ତୁମ କଥା ଏଠି ଚଳିବ ନାହିଁ
(୧୯) ମାଗିଚଳିବା – (ଜୀବିକା ନିର୍ବାହ କରିବା)
ସେ ଭିକ ମାଗି ଚଳେ ।
(୨୦) ମଜା ଦେଖିବା – (ଆନନ୍ଦ ଅନୁଭବ କରିବା)
(୨୧) ଦୋଷ ଦେଖିବା – (ଦୋଷ ଖୋଜି ବାହାର କରିବା)
(୨୨) କଥା ପକାଇବା – (ଆପତ୍ତି ଉଠାଇବା)
କାଶ୍ମୀରକୁ ଭାରତଠାରୁ ଅଲଗା କରିବା ପାଇଁ ପାକିସ୍ଥାନ ଜାତିସଂଘରେ କଥା ପକାଇଛି ।
(୨୩) ନିଅଁ ପକାଇବା – (ଘରକାମ ଆରମ୍ଭ କରିବା)
କୋଠାଘରଟିଏ ତୋଳିବା ପାଇଁ ସେ ଆଜି ମିସ୍ତ୍ରୀ ଡାକି ନିଅଁ ପକାଇଛି ।
(୨୪) ପିଠିରେ ପଡ଼ିବା – (ସାହାଯ୍ୟ କରିବା)
ଏବେ କିଏ ତୋ ପିଠିରେ ପଡ଼ିବ ମୁଁ ଦେଖିବି ।
(୨୫) ଭଲ ପଡ଼ିବା – (ମେଳ ରହିବା)
ବିଜୟର ମୋର ଭଲ ପଡ଼େ ।
(୨୬) ପାଣିରେ ପଡ଼ିବା – (ବୁଡ଼ିବା)
ଖରାଦିନେ ମଇଁଷିପଲ ପାଣିରେ ପଡ଼ନ୍ତି ।
(୨୭) ଯତି ପଡ଼ିବା – (ଖାପ ଖୁଆଇ ଚଳିବା)
ରମେଶ ସହ ରାମବିହାରୀର ଭଲ ଯତି ପଡ଼ିଛି ।
(୨୮) ମାନ ବୁଡ଼ିବା – (ତଳେ ପଡ଼ିବା)
ରଘୁ ସକାଶେ ଘରର ମାନ ମହତ ବୁଡ଼ିଲା ।
(୨୯) ଟାଣ ଭାଙ୍ଗିବା – (ଦୃଢ଼ତା ନଷ୍ଟ ହେବା)
କାର୍ଯ୍ୟରେ ଅସଫଳ ହୋଇ ତାଙ୍କର ଟାଣ ଭାଙ୍ଗିଗଲା ।
(୩୦) ଘର ଭାଙ୍ଗିବା – (ପରିବାରରେ କଳି ସୃଷ୍ଟିକରିବା)
ଚକରା ଗୋଟିଏ ଘରଭଙ୍ଗା ଲୋକ ।

(୩୧) ମନ ଭାଙ୍ଗିବା – (ମନରେ ବିରକ୍ତି ଆସିବା)
ତାଙ୍କ ମନ ଭାଙ୍ଗି ଗଲାଣି ।

(୩୨) ବଳ ଭାଙ୍ଗିବା – (ଦୁର୍ବଳ ହେବା)
ବୁଢ଼ା ହେବାରୁ ଶ୍ୟାମର ବଳ ଭାଙ୍ଗିଗଲାଣି ।

(୩୩) ଆଖି ମାରିବା – (ଆଖି ଦ୍ୱାରା ଠାରିବା)
ପୁରୁଷୋତ୍ତମଙ୍କ ଗଳାରେ ବରଣମାଳା ପକାଇ ଦେବା ପାଇଁ ପଦ୍ମାବତୀଙ୍କୁ ମନ୍ତ୍ରୀ ମହାଶୟ ଆଖି ମାରିଦେଲେ ।

(୩୪) ମନ ମାରିବା – (ବିଷଣ୍ଣ ହେବା)
ମାଧବୀ ଆଜି ମନ ମାରିଛି ।

(୩୫) ପଟି ମାରିବା – (ଠକିବା)
ଟୁକୁନା ବଣିଆ ଶାରଦା ବୋଉଙ୍କୁ ଭଲ ସୁନା ଦେବ ବୋଲି କହି ପଟି ମାରିଦେଲା ।

(୩୬) କଥା ରଖିବା – (ଅନୁରୋଧ ରକ୍ଷା କରିବା)
ସେ ମୋ କଥା ରଖିଲେ ନାହିଁ ।

(୩୭) ଆଖି ରଖିବା – (ନଜର ପକାଇବା)
ମୁଁ ବିଦେଶକୁ ଯାଇଛି । ତୁମେ ମୋର ଘର ଆଡ଼େ ଟିକେ ଆଖି ରଖିଥିବ ।

(୩୮) ନାଁ ରଖିବା – (କୃତିତ୍ୱ ଅର୍ଜନ କରିବା)
ରାମ ତା ବାପାଙ୍କର ନାଁ ରଖିଲା ।

(୩୯) ପେଟ ଲାଗିବ – (ଶୁଖିଯିବା)
ଉପାସରେ ତା ପେଟ ଲାଗିଗଲାଣି ।

(୪୦) ନାଁ କରିବା – (ନାଁ ଅର୍ଜନ କରିବା)
ଯଦୁବାବୁ ବୈଜ୍ଞାନିକ ଭାବରେ ବହୁତ ନାଁ କରିଛନ୍ତି ।

(୪୧) ମାନ କରିବା – (ଅଭିମାନ କରିବା)
ଅଶୋକ ସାଧୁ ଉପରେ ମାନ କରି ତା' ଘରକୁ ଯାଉନାହିଁ ।

(୪୨) କଥା ରହିବା – (କଥା ଅନୁସାରେ କାମ କରିବା)
ମୋ କଥା ରହିଲା ନାହିଁ ।

(୪୩) ନାଁ ରହିବା – (ଖ୍ୟାତି ରହିବା)
ତା'ର କାଳ କାଳକୁ ନାଁ ରହିଯିବ ।

(୪୪) ମୁଣ୍ଡ ରହିବା – (ପ୍ରାଣ ରହିବା)
ମଣିମା ! ମୁଣ୍ଡ ରହିଲେ ତୁଣ୍ଡ କହିବ ।

(୪୫) ମୁଣ୍ଡକୁ ହାତ ପାଇବା – (ସ୍ୱାବଲମ୍ବୀ ହେବା)
ତା' ମୁଣ୍ଡକୁ ହାତ ପାଇଲାଣି ।

(୪୬) ମନକୁ ପାଇବା – (ପସନ୍ଦ ହେବା)
କଥାଟା ମନକୁ ପାଉଛି ।

(୪୭) ଆଖି ଦେଖାଇବା – (ଡରାଇବା)
ସେହି ଦୁଷ୍ଟ ପିଲାକୁ ଟିକେ ଆଖି ଦେଖାଅ ।

(୪୮) ଆଖି ପକାଇବା – (ଲୋଭଗ୍ରସ୍ତ ହେବା)
ସେ ମୋ ଜମି ଉପରେ ଆଖି ପକାଉଛନ୍ତି ।

(୪୯) ଆଖି ପକାଇବା – (ଖୋଜିବା)
ମୋ ଝିଅ ବାହାଘର ପାଇଁ ଟିକେ ବର ଉପରେ ଆଖି ପକାଉଥାଅ ।

(୫୦) ଆଖି ଠାରିବା – (ଇସାରା ଦେବା)
ମୋ ସାଙ୍ଗ ମୋତେ ଯିବା ପାଇଁ ଆଖି ଠାରିଲା ।

(୫୧) ଆଖି ବୁଜିବା – (ମରିବା)
ଅଶୀବର୍ଷ ବୟସରେ ସେ ଆଖି ବୁଜିଲା ।

(୫୨) ମୁହଁଦେବା – (ପ୍ରଶ୍ରୟ ଦେବା)
ପିଲାଙ୍କୁ ମୁହଁ ଦେଲେ ସେମାନେ ଉଦ୍ଧତ ହୋଇଯାଆନ୍ତି ।

(୫୩) ମୁହଁ ଭାଙ୍ଗିବା – (ଟାଣ ଭାଙ୍ଗିଦେବା)
ଶାଶୂ ବୋହୂର ମୁହଁ ଭାଙ୍ଗିଦେଲା ।

(୫୪) ହାତ କରିବା – (ବଶ କରିବା)
ଚୌକିଦାରଙ୍କୁ ହାତ କରି ଚୋର ଖସି ପଳାଇଲା ।

(୫୫) ହାତ ଉଧାରି – (ଧାର କରିବା)
ସେ ହାତ ଉଧାରି ପ୍ରାୟ ଲକ୍ଷେ ଟଙ୍କା କରିସାରିଲେଣି ।.

(୫୬) ହାତ ଧରିବା – (ଅନୁରୋଧ କରିବା)

(୫୭) କାମରେ ହାତ ଦେବା – (କାର୍ଯ୍ୟରେ ମନୋନିବେଶ କରିବା)
ଯେ ଯେଉଁ କାମରେ ହାତ ଦିଅନ୍ତି, ସଫଳ ହୁଅନ୍ତି ।

(୫୮) ମୁଣ୍ଡରେ ହାତ ଦେବା – (କ'ଣ କରିବେ ଜାଣି ନ ପାରିବା)
ବାପାରେ ଘରଦ୍ୱାର ଭାଙ୍ଗିଯିବାରୁ ଅଲେଖ ବାବୁ ମୁଣ୍ଡରେ ହାତ ଦେଇ ବସିଛନ୍ତି ।

(୫୯) ଗୋଡ଼ କାଢ଼ିବା – (ପଳାଇବା)
ଯେଉଁ ଝିଅ ଘରୁ ଗୋଡ଼ କାଢ଼ିଲା, ତାକୁ କ'ଣ ଆଉ ରଖିହେବ ?

(୬୦) ଗୋଡ଼ ଦେବା – (ପହଞ୍ଚିବା)
ମୁଁ ତାଙ୍କ ଘରେ ଗୋଡ଼ ଦେବା ମାତ୍ରେ ସେ ଖୁସି ହୋଇଯାଆନ୍ତି ।

(୬୧) ନିଜ ଗୋଡ଼କୁ ଚାହିଁବା – (ନିଜର ଭୁଲ ଦେଖିବା)
ଗୋଦରୀ ଲୋ, ନିଜ ଗୋଡ଼କୁ ଅନା ।

(୬୨) କାନଦେବା – (କଥା ଶୁଣିବା)
ରାଧୁଆଟା ତାହା ମିଛ କହେ । ତା'କଥାରେ କାନ ଦିଅନାହିଁ । ସବୁବେଳେ ଗୁରୁଜୀଙ୍କ କଥାକୁ କାନ ଦେବା ଉଚିତ୍ ।

(୬୩) ପିଠିରେ ପଡ଼ିବା – (ସହାୟ ହେବା)
ବିପଦରେ ପିଠିରେ ପଡ଼ିବା ଲୋକ ହିଁ ପ୍ରକୃତ ବନ୍ଧୁ ।

(୬୪) ପିଠିରେ ଛୁରୀ ଭୁଷିବା – (ଗୁପ୍ତରେ କ୍ଷତି କରିବା)
ଦାମକୁ ସାବଧାନ । ସେ ଚିକ୍କଣ କଥା କହିବ, କିନ୍ତୁ ପିଠିରେ ଛୁରୀ ଭୁଷିଦେବ ।

(୬୫) ଛାତି ପତାଇବା – (ସାହସର ସହ ବିପଦର ସମ୍ମୁଖୀନ ହେବା)
ପାଣ୍ଡବଙ୍କ ପ୍ରତି ବିପଦ ଆସିବାର ଦେଖି ଭୀମ ଛାତି ପତାଇଲେ ।

(୬୬) ଛାତିକୁ ପଥର କରିବା – (ପ୍ରତିକୂଳ ପରିସ୍ଥିତିରେ ଦୃଢ଼ ରହିବା)
ସଂସାରରେ ତିଷ୍ଠିବାକୁ ହେଲେ ଛାତିକୁ ପଥର କରିବାକୁ ହେବ ।

(୬୭) ପେଟ ଚିହ୍ନିବା – (ଯତ୍ନ କରିବା)
ସାନ୍ତାଣୀ ଥିଲେ ଜଣେ ଦେବୀ । ସେ ଦୁଃଖୀରଙ୍କାଙ୍କ ପେଟ ଚିହ୍ନୁ ଥିଲେ ।

(୬୮) ମନକୁ ପାଇବା – (ମନୋନୀତ ହେବା)
ଝିଅଟି ତାଙ୍କର ମନକୁ ପାଇଛି ।

(୬୯) ମନ ଛାଡ଼ିଯିବା – (ବିରକ୍ତି ଆସିବା)
ସେ ମୋତେ ବାରମ୍ବାର ହଇରାଣ କରିବାକୁ ମୋର ତା' ଠାରୁ ମନଛାଡ଼ି ଗଲାଣି ।

(୭୦) ମନ ଘର ଧରିବା – (ବିବ୍ରତ ହେବା)
ମକଦ୍ଦମାରେ ଘାଣ୍ଟି ହୋଇ ତାଙ୍କ ମନ ଘର ଧରିଲାଣି ।

(୭୧) ମନ ଦେବା – (ମନଯୋଗୀ ହେବା)
ପାଠପଢ଼ାରେ ମନ ଦିଅ ।

(୭୨) ମନ ମାରିବା – (ଦୁଃଖିତ ହେବା)
ସେ କାହିଁକି ମନକୁ ମାରି ବସିଛି ?

(୭୩) କଣ୍ଟାଯିବା – (ଶତ୍ରୁ ଶେଷ ହେବା)
ହରିଆ ମଲା, ମୋର କଣ୍ଟାଗଲା ।

(୭୪) କଣ୍ଟା କାଢ଼ିବା – (ଶତ୍ରୁକୁ ନିପାତ କରିବା)
କଣ୍ଟାରେ କଣ୍ଟା କାଢ଼ । (ଶତ୍ରୁକୁ ଶତ୍ରୁଦ୍ୱାରା ନିପାତ କର)

(୭୫) ଅକଲଗୁଡୁମ୍ – (ବୁଦ୍ଧିବଣା ହେବା)
ହଠାତ୍ ବିପଦରେ ପଡ଼ିଲେ ଅନେକଙ୍କର ଅକଲ ଗୁଡୁମ୍ ହୋଇଯାଏ ।

(୭୬) ଅଲଣା କଥା – (ମୂଲ୍ୟହୀନ କଥା)
ମୁଁ ତୁମର ସେ ଅଲଣା କଥା ଶୁଣିବାକୁ ଚାହେଁ ନାହିଁ ।

(୭୭) ଅନ୍ଧାର ଲଉଡ଼ି – (ଅସହାୟର ସାହା)
ଶ୍ରୀକୃଷ୍ଣ ମାତା ଯଶୋଦାଙ୍କର ଅନ୍ଧାର ଲଉଡ଼ି ଥିଲେ ।

(୭୮) ଅହି ନକୁଳ ସଂପର୍କ – (ଘୋର ଶତ୍ରୁତା)
ରାମ ଓ ଶ୍ୟାମ ଦୁଇଭାଇଙ୍କ ମଧ୍ୟରେ ଅହିନକୁଳ ସଂପର୍କ ରହିଛି ।

(୭୯) ଅଣ୍ଟା ଭିଡ଼ିବା – (ସାହସ ବାନ୍ଧିବା)
ସମସ୍ତେ ମିଳିମିଶି ଅଣ୍ଟା ଭିଡ଼ିଲେ ଆମେ ବାତ୍ୟାବିଧ୍ୱସ୍ତ ଗ୍ରାମକୁ ପୁଣି ଠିଆ କରିଦେଇପାରିବା ।

(୮୦) ଅଠାକାଠିରେ ପଡ଼ିବା – (ବଡ଼ ବିପଦ)
ସେ ସମସ୍ତଙ୍କୁ ଲଗାଇ ଖସିଯାଉଥିଲେ । ଏବେ ନିଜେ ଅଠାକାଠିରେ ପଡ଼ିଛନ୍ତି ।

(୮୧) ଅକାଳକୁଷ୍ମାଣ୍ଡ – (ନିତାନ୍ତ ଅଯୋଗ୍ୟ)
ଗୋଲୋକ ବାବୁଙ୍କ ସାନପୁଅ ଗୋଟାଏ ଅକାଳ କୁଷ୍ମାଣ୍ଡ

(୮୨) ଆଖି ପକାଇବା – (ଲୋଲୁପ ଦୃଷ୍ଟି ପକାଇବା)
ହରିବାବୁ ଗରିବ ଶ୍ୟାମର ଜମି ଖଣ୍ଡିକ ଉପରେ ଆଖି ପକାଇଛନ୍ତି ।

(୮୩) ଆଖି ରଖିବା – (ଲକ୍ଷ୍ୟ ରଖିବା)
ଦୁର୍ନୀତି ନିବାରଣ ବିଭାଗ ଲାଞ୍ଚଖୋର କର୍ମଚାରୀଙ୍କ ଉପରେ ଆଖି ରଖିଛନ୍ତି ।

(୮୪) ଆଖି ବୁଜିବା – (ମରିବା)
ଆଖି ବୁଜିବା ପୂର୍ବରୁ ଭୀଷ୍ମ ଯୁଧିଷ୍ଠିରଙ୍କୁ ରାଜନୀତି ସଂପର୍କରେ କହିଥିଲେ ।

(୮୫) ଆକାଶ କୁସୁମ – (ଅସମ୍ଭବ କଥା)
ତୋର ଯୋଜନା ମୋତେ ଆକାଶ କୁସୁମ ପରି ଲାଗୁଛି ।

(୮୬) ଆଖି ଦେଖାଇବା – (ରାଗିବା)
ମୋତେ ଆଖି ଦେଖାଇଲେ ମୁଁ ଡରିଯିବି ନାହିଁ ।

(୮୭) ଆଖି ଦେବା – (ଯତ୍ନ କରିବା)
ପିଲାଟା ଉପରେ ଟିକିଏ ଆଖି ଦେବା ପାଇଁ ମୁଁ ତାଙ୍କୁ ଅନୁରୋଧ କରୁଛି ।

(୮୮) ଆଖି ରଖିବା – (ହାସଲ କରିବା ପାଇଁ ଉଦ୍ଦେଶ୍ୟ ରଖିବା)
ରାମ ଶ୍ୟାମର ଜମି ଖଣ୍ଡିକ ଉପରେ କେଉଁ କାଳରୁ ଆଖି ରଖିଛି ।

(୮୯) ଆଖି ପାଇବା – (ପସନ୍ଦ ହେବା)
ତୋର ମନୋନୀତ ଲୋକଙ୍କୁ ମୁଁ ଦେଖିଲି । ବେଶ୍ ଆଖି ପାଇଲା ।

(୯୦) ଆଖି ଛୁଇଁବା – (ରାଣ ଖାଇବା)
କଥା କଥାକେ ଆଖି ଛୁଇଁବା ଓ ନିଜକୁ ନିର୍ଦ୍ଦୋଷ ବୋଲି ସଫେଇ ଦେବା ତାଙ୍କର ପୁରୁଣା ଅଭ୍ୟାସ ।

(୯୧) ଆଲୁଦୋଷ – (କିଛି ବଦ୍‌ଗୁଣ)
ଗୋପାଳ ବାବୁଙ୍କର ଗୋଟିଏ ବଡ଼ ଆଲୁଦୋଷ ଅଛି ।
ବସ୍‌ରେ ବସିବା ମାତ୍ରେ ଘୁମେଇବେ ।

(୯୨) ଆଖିରେ ଧୂଳିଦେବା – (କୌଶଳରେ ଠକିବା)
ପକେଟ୍‌ମାରୁ ମୋ ଆଖିରେ ଧୂଳି ଦେଇ କୋଉ ଛଟକରେ ମନିପର୍ସଟା ନେଇଗଲା, ମୁଁ ମୋଟେ ଜାଣିପାରିଲିନି ।

(୯୩) ଆଖି ଖୋସି ହୋଇଯିବା – (ଅତ୍ୟଧିକ ଆଶ୍ଚର୍ଯ୍ୟହେବା)
ବାପିର ବେପରୁଆ ଗାଡ଼ିଚଳା ଦେଖି ମୋର ଆଖି ଖୋସି ହୋଇଗଲା ।

(୯୪) ଇନ୍ଦ୍ରଚନ୍ଦ୍ର ନ ମାନିବା – (ଅବଜ୍ଞା କରିବା)
ସାଧୁ ପାଖରେ ପଇସା ହୋଇଯିବାରୁ ସେ ଇନ୍ଦ୍ର ଚନ୍ଦ୍ର ମାନୁ ନାହିଁ ।

(୯୫) ଉତ୍ତମ ମଧ୍ୟମ – (ପ୍ରହାର)
ରାମ ବାପାଙ୍କଠାରୁ ଭଲ କରି ପାନେ ଉତ୍ତମ ମଧ୍ୟମ ପାଇଲା ।

(୯୬) ଓଳିଆରୁ ଗଜା – (ଜନ୍ମରୁ ନୁଆଁଣିଆଁ)
ସେ ତ ଓଳିଆରୁ ଗଜା, ତାକୁ ଶିଖାଇବ କ'ଣ ।

(୯୭) କୁହାମୁଣ୍ଡା କପିଳା – (କଥା କହେ, କାମ କରେ ନାହିଁ)
ତା' ନାଁ କପିଳ, ସେ ଗୋଟିଏ କୁହାମୁଣ୍ଡା କପିଳା । ତା' ଦେଇ ଖଡ଼ା ସିଝିବ ନାହିଁ ।

(୯୮) କପାଳ ଫାଟିବା – (ସର୍ବନାଶ ହେବା)
ବାଟରେ ଚୋର ଦଳ ସବୁ ଲୁଟି ନେବା ଫଳରେ ତା'ର କପାଳ ଫାଟିଲା ସିନା ।

(୯୯) କାଠ ହୋଇଯିବା – (କାତର ହେବା)

ବସ୍‌ଟା ନଈ ଭିତରକୁ ଖସି ପଡ଼ିବାର ଦେଖି ସେ କାଠ ହୋଇଗଲେ ।

(୧୦୦) କୁହୁଡ଼ି ପହଁରିବା – (ବୃଥା ପରିଶ୍ରମ)

ଓଡ଼ିଆ ଭାଷାକୁ ଲୋପ କରିବା ପାଇଁ ଦଳେ କୁଚକ୍ରୀ ଏକଦା କୁହୁଡ଼ି ପହଁରିଥିଲେ ।

(୧୦୧) କଳାକନା ବୁଲାଇବା – (ସର୍ବନାଶ କରିବା)

ଗତରାତିରେ ଚୋରମାନେ ଗୁରୁଚରଣ ବାବୁଙ୍କ ଘରେ କଳା କନା ବୁଲାଇ ଦେଇଛନ୍ତି ।

(୧୦୨) କଥା ପକାଇବା – (ପ୍ରସ୍ତାବ ଦେବା)

ସେ ମୋତେ ସାହାଯ୍ୟ କରିବେ ବୋଲି କଥା ଦେଇଛନ୍ତି ।

(୧୦୩) କପାଳ ପୋଡ଼ିବା – (ଦୁର୍ଦ୍ଦଶାଗ୍ରସ୍ତ ହେବା)

ଚୋରି ପରେ ଘରପୋଡ଼ି । କପାଳ ପୋଡ଼ିଲେ ଏମିତି ଘଟେ ।

(୧୦୪) କରଡ଼ି ଜଳିବା – (ଖୁବ୍‌ଭୋକ ଲାଗିବା)

ଓ ପାସରେ ମୋର କରଡ଼ି ଜଳୁଛି । ଏତେବେଳେ ତୋ ଭାଷଣ ଶୁଣିବାକୁ ମୁଁ ପ୍ରସ୍ତୁତ ନୁହେଁ ।

(୧୦୫) କାନ ଦେବା – (ଧ୍ୟାନ ଦେବା)

ତାର ଅବାନ୍ତର କଥାକୁ କାନ ଦେବା ପାଇଁ ମୋ ପାଖରେ ସମୟ ନାହିଁ ।

(୧୦୬) ଖିଅ କାଢ଼ିବା – (ଆଳ ବାହାର କରିବା)

ସାବିନାନୀ କଥା କିଏ ନ ଜାଣେ, କୌଣସି ମତେ ଖିଅ କାଢ଼ି ସେ କଳିଆ କରି ବସିବ ।

(୧୦୭) ଗୋଟିଏ ଚାଉଳରେ ଗଢ଼ା – (ନିଖୁଣ / ସୁନ୍ଦର)

ଶୁଭାବାବୁଙ୍କ ଝିଅଟି ଗୋଟିଏ ଚାଉଳରେ ଗଢ଼ା ।

(୧୦୮) ଗୋବର ଗଣେଶ – (ଗଜ ମୂର୍ଖ)

ସେ ଗୋଟାଏ ଗୋବର ଗଣେଶ । ତା' ଦେଇ କିଛି ହେବନି ।

(୧୦୯) ଘର ଢିଙ୍କି କୁମ୍ଭୀର – (ନିଜ ଲୋକ ଶତ୍ରୁ)

ମୋ ଭାଇ ଘର ଢିଙ୍କି କୁମ୍ଭୀର ନ ହୋଇଥିଲେ ମୁଁ କ'ଣ କେଶ୍‌ରେ ହାରିଥାନ୍ତି ?

(୧୧୦) ଚିତା କାଟିବା – (ଠକିବା)

ଅନେକ ଭଦ୍ରବେଶଧାରୀ ଥାଆନ୍ତି, ଯେଉଁମାନେ ଚିକ୍କଣିଆ କଥା କହି ଚିତା କାଟନ୍ତି ।

(୧୧୧) ଚଷୁକୁଟିବା – (ବୃଥା ପରିଶ୍ରମ କରିବା)

ତୁମେ ଯେଉଁ ବାଟେ କାମଟା କରିବ ବୋଲି ବସିଛ ସେ ବାଟେ କଲେ ଖାଲି ଚଷୁକୁଟିବା ସାର ହେବ ।

(୧୧୨) ଛାତି ପଥର କରିବା – (ଧୈର୍ଯ୍ୟଧରିବା)

ବିପଦ ବେଳେ ଅଧୀର ହେବା ଉଚିତ୍ ନୁହେଁ । ଛାତିକୁ ପଥର କରି ବିପଦର ମୁକାବିଲା କରିବାକୁ ପଡ଼ିବ ।

(୧୧୩) ଛାଇ ନ ମାଡ଼ିବା – (ପାଖକୁ ନଯିବା)

ସେ ଭୟରେ ମୋ ଛାଇ ମାଡୁ ନାହାନ୍ତି ।

(୧୧୪) ଜୋକ ପରି ଲାଗିବ – (କାର୍ଯ୍ୟହାସଲ ପାଇଁ ପିଛା ନ ଛାଡ଼ିବା)

କାମ ହାସଲ କରିବା ପାଇଁ ନିର୍ମଳ କୃଷ୍ଣବାବୁଙ୍କ ଠାରେ ଜୋକପରି ଲାଗିଛି ।

(୧୧୫) ଜିରାରୁ ଶିରା କାଢ଼ିବା – (ନାପସନ୍ଦ କରିବା)

ଯେତେ ଯତ୍ନରେ ରାନ୍ଧିଲେ ବି ତାଙ୍କୁ ରଚିବ ନାହିଁ । ସେ ପରା ଜୀରାରୁ ଶିରା କାଢ଼ିବେ ।

(୧୧୬) ଝିମିଟି ଖେଳରୁ ମହାଭାରତ – (ସାମାନ୍ୟ ଘଟଣାରୁ ବିରାଟ ଘଟଣା ଜନ୍ମ)
ସାମାନ୍ୟ କଥାକୁ ଧରିଲେ ଝିମିଟି ଖେଳରୁ ମହାଭାରତ ପରି ଦିନେ ସେଥିରୁ ଏକ ବିରାଟ କଳହ ଉପୁଜିବ ।

(୧୧୭) ଟେକ ରଖିବା -- (ସମ୍ମାନ ରକ୍ଷାକରିବା)
ବିଶ୍ୱନାଥ ଆନନ୍ଦ ଚେସ୍‌ରେ ଭାରତର ଟେକ ରଖିଲେ ।

(୧୧୮) ଡେଙ୍ଗା ମୁଣ୍ଡରେ ଠେଙ୍ଗା – (ମୁରବି ବିପଦ ସହେ)
ପରିବାରର ସବୁ ଝଡ଼ଝଞ୍ଜା ବଡ଼ପୁଅ ସହିବନିତ ସହିବ କିଏ ? କଥାରେ ଅଛି ପରା ଡେଙ୍ଗା ମୁଣ୍ଡରେ ଠେଙ୍ଗା ।

(୧୧୯) ନାଁ ନଧରିବା – (ମନେ ନ ପକାଇବା)
ସେ ଯେପରି ଲୋକ ତା'ର ନାଁ ନ ଧରିବା ଭଲ ।

(୧୨୦) ନାଆଁ କରିବା – (ବିଖ୍ୟାତ ହେବା)
ଦେଶସେବା କରି ଗୋପବନ୍ଧୁ ନାଁ କରିଥିଲେ ।

(୧୨୧) ନାହି ଗଡ଼ାଇବା – (ଅକ୍ଷମତା ପ୍ରକାଶ କରିବା)
ନରିଆ ପାଖରୁ କିଛି ଆଶା କରିବା ବୃଥା । କାରଣ ସେସବୁ କଥାରେ ନାହି ଗଡ଼ାଇବ ।

(୧୨୨) ପିଠିରେ ପଡ଼ିବା – (ସାହା ହେବା)
ପିଲାଟା ଏବେ ପାଠ ପଢୁ ନାହିଁ । ପରୀକ୍ଷା ବେଳକୁ କେହି ପିଠିରେ ପଡ଼ିବାକୁ ନ ଥିବେ ।

(୧୨୩) ରାଣ୍ଡୀ ପୁଅ ଅନନ୍ତା – (ଶାସନରୁ ବାହାର)
ଭଗିଆର ଗୁରୁଜନ କେହି ନାହିଁ । ମା' ତାକୁ ଅତି ମୁହଁ ଦେଇଛି । ଏବେ ସେ ରାଣ୍ଡୀପୁଅ ଅନନ୍ତା ସାଜିଛି । ଯାହାକୁ ଇଚ୍ଛା ତା' ଉପରେ ଦି ପୁଞ୍ଜା ଥୋଇ ଦେଉଛି ।

(୧୨୪) 'ଶ୍ରୀ' ଅକ୍ଷର ବିବର୍ଜିତ – (ନିରକ୍ଷର)
ଆମ ଗାଁ କଣ୍ଢିଆ କଥା କହୁଛ ? ତା'ର ପରା 'ଶ୍ରି' ଅକ୍ଷର ବିବର୍ଜିତ । ବହୁତ ଚେଷ୍ଟା କରି ଅବଧାନେ ତାକୁ '୦' ମଡ଼େଇ ପାରିଲେ ନାହିଁ ।

(୧୨୫) ସୁଅ ମୁହଁରେ ପତର – (ନିଃସହାୟ ଅବସ୍ଥା)
ସମୟ ସବୁଠାରୁ ବଳବାନ୍ । ସୁଅ ମୁହଁର ପତର ପରି ସମସ୍ତେ ସମୟର ସ୍ରୋତରେ ଭାସିଯାଆନ୍ତି ।

(୧୨୬) ହାଟ ହେବା – (କଥା ପଦାରେ ପଡ଼ିବା)
ଲଳିତାକୁ ଆଉ ସହଜରେ ବର ମିଳିବେ ନାହିଁ । କାରଣ ସେ ଛୋଟୀ ବୋଲି ଚାରିଆଡ଼େ ହାଟ ହୋଇଗଲାଣି ।

(୧୨୭) କୁକୁର ପରି ଧାଇଁବା –
ଉପୁରି ଦି ପଇସା ଲୋଭରେ କିରାଣିଟା କଣ୍ଟ୍ରାକ୍ଟରଙ୍କ ପଛରେ କୁକୁର ପରି ଧାଇଁଛି ।

(୧୨୮) ଘୋଡ଼ା ପରି ହସିବା –
ସଭା ଭିତରେ ଘୋଡ଼ା ପରି ହେଁ ହେଁ ହୋଇ ହସିବା ଆଦୌ ଭଲ ନୁହେଁ ।

(୧୨୯) ପେଡ଼ି ପରି ମୁହଁ କରିବା –
ଗଣେଶ ପୂଜାରେ ନୂଆ ପୋଷାକ ହେଲାନାହିଁ ବୋଲି ଝିଅଟି ପେଡ଼ିପରି ମୁହଁ କରିଛି ।

(୧୩୦) ସିଂହ ପରି ଯୁଝି –
ଅଭିମନ୍ୟୁ ମହାଭାରତ ଯୁଦ୍ଧରେ ସପ୍ତରଥୀଙ୍କ ସହ ସିଂହ ପରି ଯୁଝିଥିଲେ ।

(୧୩୧) ବଗ ପରି ବସିବା –
ସରୋଜ ସବୁବେଳେ ବହି ଧରି ବଗ ପରି ବସିଥାଏ । ସେ ଗୋଟାଏ ପୁସ୍ତକ କୀଟ ।

(୧୩୨) ପବନ ପରି ଧାଇଁବା –

ଅରୁଣ ଭାରି କାମିକା । ସେ ସବୁବେଳେ ପବନ ପରି ଧାଇଁଥାଏ ।

(୧୩୩) ଶୁଆ ପରି ଘୋଷିବା –

ଗୀତାକୁ ବୁଝିଲେ ସିନା ହେବ । ଶୁଆପରି ଘୋଷିଲେ କ'ଣ ହେବ ?

(୧୩୪) ଛୁଞ୍ଚ ପରି ମୁହଁକରିବା –

ତାରଣ କ'ଣ ହୋଇଛି ? ସେ କାହିଁକି ଛୁଞ୍ଚପରି ମୁହଁ କରିଛି ?

(୧୩୫) ଷଣ୍ଢ ପରି ଲଢ଼ିବା –

ଦୁଇ ମାଲ ଷଣ୍ଢ ପରି ଲଢୁଛନ୍ତି । ଦେଖିବା କିଏ ଜିତୁଛି ?

## ଅନୁଶୀଳନୀ

**ପ୍ର.୧. ରୂଢ଼ି ପ୍ରୟୋଗ କହିଲେ କ'ଣ ବୁଝାଯାଏ ?**

**ଉ.** ପ୍ରତି ଭାଷାରେ କେତେକ ପଦ ସଂହତି ଥାଏ। ଏହି ପଦ ସଂହତି ଅନ୍ତର୍ଗତ ପ୍ରତ୍ୟେକ ଶବ୍ଦ ଆଭିଧାନିକ ଅର୍ଥରେ ବ୍ୟବହୃତ ହୁଏ ନାହିଁ। ଏଗୁଡ଼ିକ ବିଶିଷ୍ଟ ଅର୍ଥରେ ବ୍ୟବହୃତ ହୁଅନ୍ତି। ଏହାଦ୍ୱାରା ସାହିତ୍ୟିକ ଅଭିବ୍ୟକ୍ତି ସାରସ ହୁଏ। ଯୁଗଯୁଗରୁ ଏଗୁଡ଼ିକୁ ସ୍ୱତନ୍ତ୍ର ବ୍ୟଞ୍ଜନା ନେଇ ସୃଷ୍ଟି ହୋଇଛନ୍ତି। ଏଗୁଡିକର ପ୍ରୟୋଗ ସୁନିର୍ଦ୍ଦିଷ୍ଟ। ଏଗୁଡ଼ିକୁ ରୂଢ଼ି ପ୍ରୟୋଗ ବୋଲି କୁହାଯାଏ।

**ପ୍ର.୨. ନିମ୍ନଲିଖିତ ଅର୍ଥ ପ୍ରକାଶ କରୁଥିବା ରୂଢ଼ିମାନ ଉଲ୍ଲେଖ କରି ସେଗୁଡ଼ିକୁ ବାକ୍ୟରେ ବ୍ୟବହାର କର।**

**ଉ.** ଅଠା ବୋଳିବା (ଅନ୍ୟ ଉପରେ ଦୋଷ ଲଦିବା) – ଦୋଷ କରି ପରମୁଣ୍ଡରେ ଅଠା ବୋଳିବା ସୁଚିତ୍ରାର ଗୋଟିଏ ବଦ ଅଭ୍ୟାସ ।

ଦେଶରେ ଦର୍ପଣ ବିକିବା(ମୂର୍ଖ ନିକଟରେ ଜ୍ଞାନ ଚର୍ଚ୍ଚା କରିବା) – ନାସ୍ତିକ ବ୍ୟକ୍ତିଙ୍କୁ ଧର୍ମଚର୍ଚ୍ଚା କରିବା ଅନ୍ଧ ଦେଶରେ ଦର୍ପଣ କରିବା ସହିତ ସମାନ।

ଅନ୍ଧାରରେ ବାଡ଼ି ବୁଲାଇବା (ଅନୁମାନ କରି କାର୍ଯ୍ୟ କରିବା) – ଲକ୍ଷ୍ୟ ହାସଲ ନିମିତ୍ତ ଉଚିତ କର୍ମ କର। ଅନ୍ଧାରରେ ବାଡ଼ି ବୁଲାଇଲେ କିଛି ସୁଫଳ ମିଳିବ ନାହିଁ।

ଉଷୁନା ଧାନ ଗଜା ହେବା(ଅସମ୍ଭବ ସମ୍ଭବ ହେବା)– ଲୋକଟି କର୍କଟ ରୋଗରୁ ଭଲ ହେବା ନା ଉଷୁନା ଧାନ ଗଜା ହେବ।

କୁହୁଡ଼ି ପହଁରିବା (ବୃଥା ପରିଶ୍ରମ କରିବା) –ଲାଭ ନିଶାରେ ରାମବାବୁ ଦିନରାତି କୁହୁଡ଼ି ପହଁରୁଛନ୍ତି।

ଖାଇବା ପତରରେ ଧୂଳି ଦେବା (ଜୀବିକାରେ ବାଧାଦେବା) – କାହା ଖାଇବା ପତ୍ରରେ ଧୂଳି ଦେବା ଉଚିତ୍ ନୁହେଁ।

ଛାତିକୁ ପଥର କରିବା (ଧୈର୍ଯ୍ୟ ଧରିବା) – ପୁତ୍ରର ମୃତ୍ୟୁ ପରେ ବାପାମା' ଛାତିକୁ ପଥର କରି ବଞ୍ଚି ରହିଛନ୍ତି।

ଜିରାରୁ ଶିରା କାଢ଼ିବା(ବୃଥା ଦୋଷ ଦେଖାଇବା) – ଯେତେ ଯତ୍ନରେ ରାନ୍ଧିଲେ ବି ତାଙ୍କୁ ରୁଚିବ ନାହିଁ। ସେ ପରା ଜିରାରୁ ଶିରା କାଢ଼ିବେ।

ଝିଣ୍ଟିକା ମାରି ବଣି ପୋଷିବା (ଦୁର୍ବଳକୁ ମାରି ସବଳକୁ ସାହାଯ୍ୟ କରିବା)– ସରକାରଙ୍କ କିଛି ଯୋଜନା ଖାଲି ଝିଣ୍ଟିକା ମାରି ବଣି ପୋଷିବା ଉଦ୍ଦିଷ୍ଟ।

ବିରାଡ଼ି ବେକରେ ଘଣ୍ଟି ବାନ୍ଧିବା (ଶକ୍ତିଶାଳୀ ଲୋକ ବିରୋଧରେ ପ୍ରଥମେ ବାହାରିବା)– ପଦସ୍ଥ ବାବୁମାନଙ୍କର ବିଜୁଳି ବିଲ୍ ଫାଙ୍କି ବିଷୟରେ ସମସ୍ତେ ଜାଣନ୍ତି ହେଲେ ବିରାଡ଼ି ବେକରେ ଘଣ୍ଟି ବାନ୍ଧିବ କିଏ ?

ଉପୁରିମାଲ (ବିନା ଖର୍ଚ୍ଚରେ ଲାଭ ଉଠାଇବା) – କ'ଣ ଭାଇ ! କିଛି ଉପୁରି ମାଲ ମିଳିଯାଇଛି କି ?

ଅନ୍ଧର ଲଉଡ଼ି (ଅସହାୟର ସହାୟ)– ଶ୍ରୀକୃଷ୍ଣ ମାତା ଯଶୋଦାଙ୍କର ଅନ୍ଧର ଲଉଡ଼ି ଥିଲେ।

ଅଲଣା କଥା (ମୂଲ୍ୟହୀନ କଥା) – ମୁଁ ତୁମର ସେ ଅଲଗା କଥା ଶୁଣିବାକୁ ଚାହେଁ ନାହିଁ।

ଓଳିଆରୁ ଗଜା (ଜନ୍ମରୁ ସିଆଣିଆ) – ସେ ତ ଓଳିଆରୁ ଗଜା, ତାକୁ ଶିଖାଇବି କ'ଣ ?

କୁମ୍ଭୀର କାନ୍ଦଣା (ଛଳନାପୂର୍ଣ୍ଣ ଆଚରଣ) – ରାଜନେତାମାନେ ବାସ୍ତବରେ ଗରିବଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦନ୍ତି।

ଗୋଟିଏ ଚାଉଳରେ ଗଢ଼ା (ଅତି ସୁନ୍ଦର)- ଶୁଭ ବାବୁଙ୍କ ଝିଅଟି ଗୋଟିଏ ଚାଉଳରେ ଗଢ଼ା।

ଛୁଞ୍ଚିମାଛି ପରୀକ୍ଷା (ଟିକିନିଖି ପରୀକ୍ଷା) – ସେ ଛୁଞ୍ଚି ମାଛି ପରୀକ୍ଷା ନ କରି କାହାକୁ ଔଷଧ ଦିଅନ୍ତି ନାହିଁ।

ହସହସ ମୁହଁ (ସର୍ବଦା ଆନନ୍ଦମୟ) – ରାମର ହସ ହସ ମୁହଁ ଦେଖିଲେ ଖୁସି ଲାଗେ।

ବାଆକୁ ବତା (କ୍ଷୀଣ ଆଶ୍ରୟ) – ଈଶ୍ୱରଙ୍କ ଇଚ୍ଛାମୁତାବକ କାର୍ଯ୍ୟ ହୁଏ। ମଣିଷର ଚେଷ୍ଟା କେବଳ ବାଆକୁ ବତା ସଦୃଶ।

ମାଙ୍କଡ଼ ହାତରେ ଶାଳଗ୍ରାମ (ଅସମର୍ଥ ବ୍ୟକ୍ତି ହାତରେ ଦାୟିତ୍ୱ ଅର୍ପଣ) – ସୁରେଶ ପରି ବୋକା ପିଲାଟିର ହାତରେ ଯଜ୍ଞାନୁଷ୍ଠାନର ସମସ୍ତ ଦାୟିତ୍ୱ ଦେବା ମାଙ୍କଡ଼ ହାତରେ ଶାଳଗ୍ରାମ ସଦୃଶ।

**ପ୍ର.୩. 'କ' ସ୍ତମ୍ଭରେ ବିଭିନ୍ନ ରୂଢ଼ି ଓ 'ଖ' ସ୍ତମ୍ଭରେ ବିଭିନ୍ନ ରୂଢ଼ିର ଅର୍ଥ ପ୍ରଦାନ କରାଯାଇଛି।**

**ଉ.**

| ରୂଢ଼ି | ରୂଢ଼ିର ଅର୍ଥ |
|---|---|
| କଟା ଘାରେ ଚୂନ ଦେବା | ଯନ୍ତ୍ରଣା ଉପରେ ଯନ୍ତ୍ରଣା ଦେବା |
| ହାଟ ମଧ୍ୟେ ବ୍ରହ୍ମ ଜ୍ଞାନ | ଅନୁପଯୁକ୍ତ ସ୍ଥାନରେ ଜ୍ଞାନ ଚର୍ଚ୍ଚା କରିବା |
| ଇନ୍ଦ୍ରଚନ୍ଦ୍ର ନ ମାନିବା | ଲକ୍ଷ୍ୟ ସ୍ଥିର କରି ନ ପାରିବା |
| ଛାତିକୁ ପଥର କରିବା | ଧୈର୍ଯ୍ୟ ଧରିବା |
| ଛେଳି ଗୋଡ଼ରେ ଧାନ ମିଳିବା | ଅଯୋଗ୍ୟ ଲୋକ ହାତରେ କାମ କରାଇବା |
| ତିଳକୁ ତାଳକରିବା | ଛୋଟ କଥାକୁ ବଡ଼ କରିବା |
| ପର ମୁଣ୍ଡରେ ନଡ଼ିଆ ବାଡ଼େଇବା | ଅନ୍ୟ ମୁଣ୍ଡରେ ଦାୟିତ୍ୱ ଲଦି ଦେଇ ଖସିଯିବା |

## (୨) ଏକପଦୀକରଣ :

ସନ୍ଧି, ସମାସ, ତଦ୍ଧିତ, କୃତ ପ୍ରତ୍ୟୟ ଏବଂ ଉପସର୍ଗ ସାହାଯ୍ୟରେ ଅଥବା ସମ ଅର୍ଥ ପ୍ରକାଶକ ଶବ୍ଦ ବ୍ୟବହାର କରି ଦୁଇ ବା ତତୋଽଧିକ ଶବ୍ଦପୁଞ୍ଜକୁ ସଂକ୍ଷେପରେ ଗୋଟିଏ ବାକ୍ୟରେ ପ୍ରକାଶ କରାଯାଇପାରେ । ଏହାକୁ ଏକପଦୀକରଣ କୁହାଯାଏ । ଏହି ପଦ୍ଧତିରେ ବାକ୍ୟକୁ ମଧ୍ୟ ଅପେକ୍ଷାକୃତ ସଂକ୍ଷିପ୍ତ କରାଯାଇଥାଏ ।

**ନିମ୍ନଲିଖିତ କେତୋଟି ଏକପଦୀକରଣର ଦୃଷ୍ଟାନ୍ତ :-**

ଅନୁସନ୍ଧାନ କରିବାର ଇଚ୍ଛା – ଅନୁସନ୍ଧିତ୍ସା
ଅନୁସନ୍ଧାନ କରିବାକୁ ଇଚ୍ଛୁକ – ଅନୁସନ୍ଧିତ୍ସୁ
ଅପକାର କରିବାର ଇଚ୍ଛା – ଅପଚିକୀର୍ଷା
ଅପକାର କରିବାକୁ ଇଚ୍ଛୁକ – ଅପଚିକୀର୍ଷୁ
ଉପକାର କରିବାର ଇଚ୍ଛା – ଉପଚିକୀର୍ଷା
ଉପକାର କରିବାକୁ ଇଚ୍ଛୁକ – ଉପଚିକୀର୍ଷୁ
କରିବାର ଇଚ୍ଛା – ଚିକୀର୍ଷା
କରିବାକୁ ଇଚ୍ଛୁକ – ଚିକୀର୍ଷୁ
କହିବାର ଇଚ୍ଛା – ବିବକ୍ଷା
କହିବାର ଇଚ୍ଛୁକ – ବିବକ୍ଷୁ

ଲାଭକରିବାର ଇଚ୍ଛା – ଲିପ୍ସା
ଲାଭକରିବାକୁ ଇଚ୍ଛୁକ – ଲିପ୍ସୁ
ଜୟ କରିବାର ଇଚ୍ଛା – ଜିଗୀଷା
ଜୟ କରିବାକୁ ଇଚ୍ଛୁକ – ଜିଗୀଷୁ
ଜାଣିବାର ଇଚ୍ଛା – ଜିଜ୍ଞାସା
ଜାଣିବାର ଇଚ୍ଛୁକ – ଜିଜ୍ଞାସୁ
ନେବାର ଇଚ୍ଛା – ନିନୀଷା
ନେବାକୁ ଇଚ୍ଛୁକ – ନିନୀଷୁ
ପାଇବାର ଇଚ୍ଛା – ପ୍ରେପ୍ସା
ପାଇବାର ଇଚ୍ଛୁକ – ପ୍ରେପ୍ସୁ
ପାର ହେବାର ଇଚ୍ଛା – ତିତୀର୍ଷା
ପାର ହେବାକୁ ଇଚ୍ଛୁକ – ତିତୀର୍ଷୁ
ବଞ୍ଚି ରହିବାର ଇଚ୍ଛା – ଜିଜୀବିଷା
ବଞ୍ଚି ରହିବାକୁ ଇଚ୍ଛୁକ – ଜିଜୀବିଷୁ
ଭୋଜନର ଇଚ୍ଛା – ବୁଭୁକ୍ଷା
ଭୋଜନ କରିବାକୁ ଇଚ୍ଛୁକ – ବୁଭୁକ୍ଷୁ
ମରଣର ଇଚ୍ଛା – ମୁମୂର୍ଷା
ମରଣର ଇଚ୍ଛୁକ – ମୁମୂର୍ଷୁ
ମିଳନର ଇଚ୍ଛା – ଯୁଯୁକ୍ଷା
ମିଳନ ପାଇଁ ଇଚ୍ଛୁକ – ଯୁଯୁକ୍ଷୁ
ଯିବାର ଇଚ୍ଛା – ଜିଗମିଷା
ଯିବାକୁ ଇଚ୍ଛୁକ –ଜିଗମିଷୁ
ଯୁଦ୍ଧ କରିବାର ଇଚ୍ଛା – ଯୁଯୁତ୍ସା
ଯୁଦ୍ଧ କରିବାକୁ ଇଚ୍ଛୁକ – ଯୁଯୁତ୍ସୁ
ଶୁଣିବାର ଇଚ୍ଛା – ଶୁଶ୍ରୂଷା
ଶୁଣିବାକୁ ଇଚ୍ଛୁକ – ଶୁଶ୍ରୂଷୁ
ପିଇବାର ଇଚ୍ଛା – ପିପାସା
ପିଇବାକୁ ଇଚ୍ଛୁକ – ପିପାସୁ
ସହିବାର ଇଚ୍ଛା – ତିତିକ୍ଷା
ସହିବାର ଇଚ୍ଛୁକ – ତିତିକ୍ଷୁ
ପଢ଼ିବାର ଇଚ୍ଛା – ପିପଠିଷା
ପଢ଼ିବାକୁ ଇଚ୍ଛୁକ – ପିପଠିଷୁ
ଅତିଥିଙ୍କ ଉପାସକ – ଆତିଥେୟ
ଗଣପତିଙ୍କ ଉପାସକ – ଗାଣପତ୍ୟ
ବିଷ୍ଣୁଙ୍କର ଉପାସକ – ବୈଷ୍ଣବ
ବୁଦ୍ଧଙ୍କର ଉପାସକ – ବୌଦ୍ଧ
ବ୍ରହ୍ମଙ୍କର ଉପାସକ – ବ୍ରାହ୍ମ
ଶକ୍ତିଙ୍କର ଉପାସକ – ଶାକ୍ତ
ଶିବଙ୍କର ଉପାସକ – ଶୈବ
ସୂର୍ଯ୍ୟଙ୍କର ଉପାସକ – ସୌର
ସୀର ଉପାସକ – ସୈଣ
ଅଳଙ୍କାର ଶାସ୍ତ୍ରରେ ପଣ୍ଡିତ – ଆଳଙ୍କାରିକ
ଇତିହାସରେ ପଣ୍ଡିତ – ଐତିହାସିକ
ତର୍କ ଶାସ୍ତ୍ରରେ ପଣ୍ଡିତ – ତାର୍କିକ
ଦର୍ଶନ ଶାସ୍ତ୍ରରେ ପଣ୍ଡିତ – ଦାର୍ଶନିକ
ବହୁ ଦର୍ଶନ କରିଛନ୍ତି ଯେ – ବହୁଦର୍ଶୀ
ତତ୍ତ୍ୱଦର୍ଶନ କରିଛନ୍ତି ଯେ – ତତ୍ତ୍ୱଦର୍ଶୀ
ପାର (ସୀମା) ଦର୍ଶନ କରିଛନ୍ତି ଯେ – ପାରଦର୍ଶୀ
ବେଦାନ୍ତ ଶାସ୍ତ୍ରରେ ପଣ୍ଡିତ – ବୈଦାନ୍ତିକ
ବ୍ୟାକରଣରେ ପଣ୍ଡିତ – ବୈୟାକରଣ
ବ୍ରହ୍ମଙ୍କ ସମ୍ବନ୍ଧରେ ଜ୍ଞାନୀ – ବ୍ରାହ୍ମଣ
ସାହିତ୍ୟ ଶାସ୍ତ୍ରରେ ପଣ୍ଡିତ – ସାହିତ୍ୟିକ
ଯିଏ ଭୂଗୋଳ ଜାଣନ୍ତି – ଭୌଗୋଳିକ
ଯିଏ ଗଳ୍ପ ଲେଖନ୍ତି – ଗାଳ୍ପିକ
ଯିଏ ଉପନ୍ୟାସ ଲେଖନ୍ତି – ଔପନ୍ୟାସିକ
ଯିଏ କବିତା ଲେଖନ୍ତି – କବି
ଯିଏ ପ୍ରବନ୍ଧ ଲେଖନ୍ତି – ପ୍ରାବନ୍ଧିକ
ଯିଏ ସମ୍ବାଦ ଦିଅନ୍ତି – ସାମ୍ବାଦିକ
ବିଜ୍ଞାନ ଶାସ୍ତ୍ରରେ ନିପୁଣ – ବୈଜ୍ଞାନିକ
ବିଭିନ୍ନ ଶାସ୍ତ୍ରରେ ନିପୁଣ – ଶାସ୍ତ୍ରଜ୍ଞ, ଶାସ୍ତ୍ରବିତ୍
ଗଣିତ ଶାସ୍ତ୍ରରେ ନିପୁଣ – ଗାଣିତିକ
ଜ୍ୟୋତିଷ ଶାସ୍ତ୍ରରେ ନିପୁଣ – ଜ୍ୟୋତିର୍ବିଦ୍
ଯାହାର ମନ୍ତ୍ରରେ ଜ୍ଞାନ ଅଛି – ମନ୍ତ୍ରବିତ୍, ମାନ୍ତ୍ରିକ
ଯାହାର ତନ୍ତ୍ରରେ ଜ୍ଞାନ ଅଛି – ତନ୍ତ୍ରବିତ୍, ତାନ୍ତ୍ରିକ
ଯାହାର ଯନ୍ତ୍ରରେ ଜ୍ଞାନ ଅଛି – ଯନ୍ତ୍ରବିତ୍, ଯାନ୍ତ୍ରିକ
ଯାହାର ବେଦରେ ଜ୍ଞାନ ଅଛି – ବେଦବିତ୍, ବେଦଜ୍ଞ
ଯିଏ ଆଲୋଚନା କରନ୍ତି – ଆଲୋଚକ
ଯିଏ ସମାଲୋଚନା କରନ୍ତି – ସମାଲୋଚକ
ଯିଏ ବିଚାର କରନ୍ତି – ବିଚାରକ
ଯିଏ ନ୍ୟାୟ ଦିଅନ୍ତି – ନ୍ୟାୟମୂର୍ତ୍ତି, ନ୍ୟାୟାଧୀଶ

ଯିଏ ପ୍ରମାଣ କରନ୍ତି – ପ୍ରମାଣକ
ଯିଏ କଳା ସୃଷ୍ଟି କରନ୍ତି – କଳାକାର
ଯିଏ କଥା ସୃଷ୍ଟି କରନ୍ତି – କଥାକାର
ଯିଏ ଗଳ୍ପ ସୃଷ୍ଟି କରନ୍ତି – ଗଳ୍ପକାର, ଗାଳ୍ପିକ
ଯିଏ କାବ୍ୟ ସୃଷ୍ଟି କରନ୍ତି – କାବ୍ୟକାର
ଯିଏ ଚିତ୍ର ସୃଷ୍ଟି କରନ୍ତି – ଚିତ୍ରକାର
ଯିଏ ସୃଷ୍ଟି କରେ ସେ – ସ୍ରଷ୍ଟା
ଯିଏ ଦର୍ଶନ କରେ ସେ – ଦ୍ରଷ୍ଟା, ଦର୍ଶକ
ଯିଏ ଶ୍ରବଣ କରେ ସେ – ଶ୍ରୋତା
ଯିଏ ଦାନ କରେ ସେ – ଦାତା, ଦାନୀ
ଯିଏ ଗ୍ରହଣ କରେ ସେ – ଗ୍ରହୀତା
ଯିଏ ଭୋଗ କରେ ସେ – ଭୋକ୍ତା
ଯିଏ ଉପଭୋଗ କରେ ସେ – ଉପଭୋକ୍ତା ।
ଯିଏ ଶାସ୍ତିଦିଏ – ଶାସ୍ତା
ଯିଏ ରଚନାକରେ – ରଚୟିତା
ଯିଏ ନିର୍ମାଣ କରେ – ନିର୍ମାତା
ଯିଏ ଭରଣ କରେ – ଭର୍ତ୍ତା
ଯିଏ ଅନୁମତି ଦିଏ – ଅନୁମନ୍ତା
ଯିଏ ହତ୍ୟା କରେ – ହନ୍ତା
ଯିଏ ହରଣ କରେ – ହର୍ତ୍ତା
ଯିଏ କରେ – କର୍ତ୍ତା
ଯିଏ ବିଧାନ କରେ – ବିଧାତା
ଯିଏ ନିଏ – ନେତା
ଯିଏ ପାଳନ କରେ – ପିତା
ଯିଏ ଗର୍ଭରେ ଧରେ – ମାତା, ଗର୍ଭଧାରିଣୀ
ଯିଏ ଜନ୍ମଦିଏ – ଜନକ, ଜନନୀ
ଯିଏ ଚାରିଆଡ଼େ ଭ୍ରମଣ କରେ – ପର୍ଯ୍ୟଟକ
ଯିଏ ସଂସାର ତ୍ୟାଗ କରିଛନ୍ତି – ସନ୍ନ୍ୟାସୀ
ଅତ୍ରିଙ୍କର ପୁତ୍ର – ଆତ୍ରେୟ
ଅଦିତିଙ୍କର ପୁତ୍ର – ଆଦିତ୍ୟ
ଅର୍ଜୁନଙ୍କର ପୁତ୍ର – ଆର୍ଜୁନି
କନ୍ୟାର ପୁତ୍ର – କାନୀନ
କଶ୍ୟପଙ୍କ ପୁତ୍ର – କାଶ୍ୟପ
କୁନ୍ତୀଙ୍କର ପୁତ୍ର – କୌନ୍ତେୟ
କୁରୁଙ୍କର ପୁତ୍ର – କୌରବ
ଗର୍ଗଙ୍କର ପୁତ୍ର – ଗାର୍ଗ୍ୟ
ଗଙ୍ଗାଙ୍କର ପୁତ୍ର – ଗାଙ୍ଗେୟ
ଗାଧିଙ୍କ ପୁତ୍ର – ଗାଧେୟ
ଚଣକଙ୍କ ପୁତ୍ର – ଚାଣକ୍ୟ
ଜନକଙ୍କ କନ୍ୟା – ଜାନକୀ
ଜହ୍ନୁଙ୍କର କନ୍ୟା – ଜାହ୍ନବୀ
ଦକ୍ଷଙ୍କର ପୁତ୍ର – ଦାକ୍ଷାୟଣ
ଦନୁଙ୍କର ପୁତ୍ର – ଦାନବ
ଦଶରଥଙ୍କ ପୁତ୍ର – ଦାଶରଥି
ଦିତିଙ୍କର ପୁତ୍ର – ଦୈତ୍ୟ
ଦ୍ୱିପରେ ଜାତ ପୁତ୍ର – ଦ୍ୱୈପାୟନ
ଦ୍ରୋଣଙ୍କର ପୁତ୍ର – ଦ୍ରୌଣୀ
ନିକଷାର ପୁତ୍ର – ନୈକଷେୟ (ରାବଣ)
ପଣ୍ଡୁଙ୍କର ପୁତ୍ର – ପାଣ୍ଡବ
ବରୁଣଙ୍କ ପୁତ୍ର – ବାରୁଣି
ବିନତାଙ୍କ ପୁତ୍ର – ବୈନତେୟ
ବିଶ୍ରବାଙ୍କ ପୁତ୍ର – ବୈଶ୍ରବଣ
ବୃଷ୍ଣିବଂଶର ଅପତ୍ୟ – ବାର୍ଷ୍ଣେୟ (ଶ୍ରୀକୃଷ୍ଣ)
ଭୃଗୁଙ୍କର ପୁତ୍ର – ଭାର୍ଗବ
ମନୁଙ୍କର ପୁତ୍ର – ମାନବ
ମୃତଣ୍ଡଙ୍କର ପୁତ୍ର – ମାର୍ତ୍ତଣ୍ଡ
ମେନକାଙ୍କ ପୁତ୍ର – ମୈନାକ (ହିମାଳୟ)
ଯଦୁଙ୍କର ପୁତ୍ର – ଯାଦବ
ରାଧାଙ୍କର ପୁତ୍ର – ରାଧେୟ (କର୍ଣ୍ଣ)
ସରମାଙ୍କ ପୁତ୍ର – ସାରମେୟ
ଶୂରବଂଶର ପୁତ୍ର – ଶୌରି (ଶ୍ରୀକୃଷ୍ଣ)
ମୃକଣ୍ଡୁଙ୍କର ପୁତ୍ର – ମାର୍କଣ୍ଡେୟ
ବିମାତୃର ପୁତ୍ର – ବୈମାତ୍ରେୟ
ଭିଗିନୀର ପୁତ୍ର – ଭାଗିନେୟ
କୃପଣଙ୍କର ପ୍ରକୃତି – କାର୍ପଣ୍ୟ
ଜନ ସମୂହ – ଜନତା
ମା'ଙ୍କର ଭ୍ରାତା – ମାତୁଳ
ସାଧୁର ଗୁଣ – ସାଧୁତା
ସୁଜନର ଗୁଣ – ସୌଜନ୍ୟ
ଭଦ୍ରର ଗୁଣ – ଭଦ୍ରାମି

ଉତ୍ତର ଦିଗରୁ ଆସୁଥିବା – ଉତ୍ତରା
ପୂର୍ବ ଦିଗରୁ ଆସୁଥିବା – ପୂବେଇ
ଚଇତ ମାସରେ ଜାତ – ଚଇତାଳି
ସିଂହ ଚିହ୍ନିତ ଦ୍ୱାର – ସିଂହଦ୍ୱାର
ହଂସମାନଙ୍କ ରାଜା – ରାଜହଂସ
ପଥମାନଙ୍କର ରାଜା – ରାଜପଥ
ଭାଷାମାନଙ୍କର ରାଜା – ରାଜଭାଷା
ପାଦଠାରୁ ମସ୍ତକ ପର୍ଯ୍ୟନ୍ତ – ଆପାଦମସ୍ତକ
କଣ୍ଠ ପର୍ଯ୍ୟନ୍ତ – ଆକଣ୍ଠ
ସପ୍ତପଦର ସମାହାର – ସପ୍ତପଦୀ
ଚାରିଯୁଗର ସମାହାର – ଚତୁର୍ଯୁଗ
ଶବର ଶୟନ – ଶ୍ମଶାନ
ଅନ୍ୟ ରୂପ – ରୂପାନ୍ତର
ଅନ୍ୟ ଗ୍ରାମ – ଗ୍ରାମାନ୍ତର
ଅନ୍ୟ ଦେହ – ଦେହାନ୍ତର
ନାହିଁ ଅନ୍ୟ ଉପାୟ ଯାହାର – ଅନନ୍ୟୋପାୟ
ନାହିଁ ପୁତ୍ର ଯାହାର – ଅପୁତ୍ରିକ
ନାହିଁ ଦୋଷ ଯାହାର – ନିର୍ଦ୍ଦୋଷ
ନାହିଁ ଭୟ ଯାହାର – ନିର୍ଭୟ
ନାହିଁ ସହାୟ ଯାହାର – ନିଃସହାୟ
ନାହିଁ ମମତା ଯାହାର – ନିର୍ମମ
ଯହିଁରେ କର ଦେବାକୁ ପଡ଼େ ନାହିଁ – ନିଷ୍କର, ଅକରା
ଯାହା କଷ୍ଟରେ ଲାଭ କରାଯାଇଛି – କଷ୍ଟଲବ୍ଧ
ପ୍ରତିଷ୍ଠା ଲାଭ କରିଛନ୍ତି ଯେ – ଲବ୍ଧପ୍ରତିଷ୍ଠ
ବିଗତ ହୋଇଛି ସ୍ପୃହା ଯାହାର – ବିଗତସ୍ପୃହ / ବୀତସ୍ପୃହ
ସତ୍ୟରେ ନିଷ୍ଠା ଯାହାର – ସତ୍ୟନିଷ୍ଠ
ଦୃଢ଼ ପ୍ରତିଜ୍ଞା ଯାହାର – ଦୃଢ଼ପ୍ରତିଜ୍ଞ
ଅନ୍ୟ ଆଡ଼େ ମନ ଯାହାର – ଅନ୍ୟମନସ୍କ
ମହତ୍ ଅଟେ ଆଶ୍ରୟ ଯାହାର – ମହାଶୟ
ଦୂରକୁ ଦେଖିପାରୁଥିବା ବ୍ୟକ୍ତି – ଦୂରଦର୍ଶୀ / ଦୂରଦ୍ରଷ୍ଟା
ସମସ୍ତଙ୍କୁ ସମାନ ଭାବରେ ଦେଖନ୍ତି ଯେ – ସମଦର୍ଶୀ
ଶୋଭନ ଦର୍ଶନ ଯାହାର – ସୁଦର୍ଶନ
ଭିକ୍ଷାର ଅଭାବ – ଦୁର୍ଭିକ୍ଷ
ଜନର ଅଭାବ – ନିର୍ଜନ
ଭୟର ଅଭାବ – ନିର୍ଭୟ
ଆନନ୍ଦର ଅଭାବ – ନିରାନନ୍ଦ
ଖାତିରର ଅଭାବ – ବେଖାତିର
ହିସାବର ଅଭାବ – ବେହିସାବ
ମନଃ ସମ୍ବନ୍ଧୀୟ – ମାନସିକ
ଶରୀର ସମ୍ବନ୍ଧୀୟ – ଶାରୀରିକ
କାୟ ସମ୍ବନ୍ଧୀୟ – କାୟିକ
ପିତୃ ସମ୍ବନ୍ଧୀୟ – ପୈତୃକ
ଜନ୍ତୁ ସମ୍ବନ୍ଧୀୟ – ଜାନ୍ତବ
ବିଦେଶ ସମ୍ବନ୍ଧୀୟ – ବୈଦେଶିକ
ଲୋକ ସମ୍ବନ୍ଧୀୟ – ଲୌକିକ
ଅଣ୍ଡାରୁ ଜାତ – ଅଣ୍ଡଜ
ସରଃରୁ ଜାତ – ସରୋଜ
ଆଗରେ ଜନ୍ମି ଅଛି ଯେ – ଅଗ୍ରଜ
ପଛରେ ଜନ୍ମିଅଛି ଯେ – ଅନୁଜ
ବିଦ୍ୟା ଇଚ୍ଛାକରେ ଯେ – ବିଦ୍ୟାର୍ଥୀ
ଧନ ଇଚ୍ଛାକରେ ଯେ – ଧନାର୍ଥୀ
ଶରଣ ଇଚ୍ଛାକରେ ଯେ – ଶରଣାର୍ଥୀ
ଯାହାର ବୋଧ ଜ୍ଞାନ ନାହିଁ – ନିର୍ବୋଧ
ଯାହାର ଶତ୍ରୁ ଜନ୍ମି ନାହିଁ – ଅଜାତଶତ୍ରୁ
ଯେ ଗତିଶୀଳ ଅଟେ – ଜଙ୍ଗମ
ଶ୍ମଶ୍ରୁ ଅଛି ଯାହାର – ଶ୍ମଶ୍ରୁଳ
ମାଂସ ଅଛି ଯାହାର – ମାଂସଳ
ଛତରରେ ଖାଏ ଯେ – ଛତରଖିଆ
ଏକ କାଳରେ ଜାତ – ଏକକାଳୀନ
ଯାହା କରିବା ଉଚିତ୍ – କର୍ତ୍ତବ୍ୟ
ବିଦେଶରୁ ଆସିଥିବା – ବିଦେଶାଗତ
ବିଧିକୁ ଅତିକ୍ରମ ନକରି – ଯଥାବିଧି
ରୀତିକୁ ଅତିକ୍ରମ ନକରି – ଯଥାରୀତି
ଅର୍ଥକୁ ଅତିକ୍ରମ ନକରି – ଯଥାର୍ଥ
ମେଧା ଅଛି ଯାହାର – ମେଧାବୀ
ତପଃ କରେ ଯେ – ତପସ୍ୱୀ
ବହୁତ ଜାଣନ୍ତି ଯେ – ବିଜ୍ଞ
ଅନ୍ୟର ପଛେ ପଛେ ଯିବା – ଅନୁଗମନ
ଅନେକଙ୍କ ମଧ୍ୟରେ କ୍ଷୁଦ୍ର – କ୍ଷୁଦ୍ରତମ

ମନ୍ତ୍ରୀଠାରୁ ନ୍ୟୂନ – ଉପମନ୍ତ୍ରୀ
ଭାଷାର ସଦୃଶ – ଉପଭାଷା
ଦାନର ଯୋଗ୍ୟ – ଦାତବ୍ୟ, ଦେୟ
ଜଣକୁ ଜଣ – ପ୍ରତିଜଣ
ମୃତ ହୋଇଛି ସ୍ତ୍ରୀ ଯାହାର – ବିସ୍ତ୍ରୀକ
ମୃତ ହୋଇଛି ପତ୍ନୀ ଯାହାର – ବିପତ୍ନୀକ
ମୃତ ହୋଇଛି ପତି ଯାହାର – ବିଧବା
ବିଗତ ହୋଇଛି ଧବ ଯାହାର – ବିଧବା
ଶ୍ରଦ୍ଧାର ସହିତ – ସଶ୍ରଦ୍ଧ
ଲଜ୍ଜାର ସହିତ – ସଲଜ୍ଜ
ମରଣ ପର୍ଯ୍ୟନ୍ତ – ଆମରଣ
ଯେ ସ୍ଥିର ଅଛି – ସ୍ଥାବର

## ଅନୁଶୀଳନୀ

**ଏକପଦରେ ପ୍ରକାଶ କର –**

(୧)

ପଢ଼ିବାର ଇଚ୍ଛା – ପିପଠିଷା
ଜୟ କରିବାକୁ ଇଚ୍ଛା – ଜିଗୀଷା
ଲାଭ କରିବାକୁ ଇଚ୍ଛା – ଲିପ୍‌ସା
ଜାଣିବାର ଇଚ୍ଛା – ଜିଜ୍ଞାସା
ପାଇବାର ଇଚ୍ଛା – ପ୍ରେପ୍‌ସା
ମୁକ୍ତି ପାଇବାର ଇଚ୍ଛା – ମୁମୁକ୍ଷା
ମିଳିମିଶି ରହିବାର ଇଚ୍ଛା – ମୀମାଂସା
ସହିବାର ଇଚ୍ଛା – ତିତିକ୍ଷା
ସୃଷ୍ଟି କରିବାର ଇଚ୍ଛା – ସିସୃକ୍ଷା
ତ୍ୟାଗ କରିବାର ଇଚ୍ଛା – ତିତ୍ୟକ୍ଷା/ଜିହାସା
ଭୋଜନର ଇଚ୍ଛା – ବୁଭୁକ୍ଷା
ଯିବାର ଇଚ୍ଛା – ଜିଗମିଷା
ବ୍ୟାପି ରହିବାର ଇଚ୍ଛା – ବୀପ୍‌ସା
ଶୁଣିବାର ଇଚ୍ଛା – ଶୁଶ୍ରୂଷା
ପଢ଼ିବାର ଇଚ୍ଛା – ପିପଠିଷା
ଶୋଇବାର ଇଚ୍ଛା – ଶିଶୟିଷା

(୨)

ବିଶବାଙ୍କ ପୁତ୍ର– ବୈଶ୍ରବଣ
ଭଗିନୀର ପୁତ୍ର – ଭାଗିନେୟ
ଦନୁଙ୍କର ପୁତ୍ର – ଦାନବ
କୁନ୍ତୀଙ୍କର ପୁତ୍ର – କୌନ୍ତେୟ
ଧନ ଅଛି ଯାହାର – ଧନବାନ୍
ଗଣ୍ଠି ଅଛି ଯାହାର – ଗଣ୍ଠିଆ
ମୃତ ହୋଇଛି ପତି ଯାହାର – ବିଧବା
ବିଘ୍ନର ଅଭାବ – ନିର୍ବିଘ୍ନ
ମୂଳରୁ ଚୂଳ ପର୍ଯ୍ୟନ୍ତ – ଆମୂଳଚୂଳ
ଚାରି ଛକ ମିଶିଛି ଯେଉଁଠି – ଚାରିଛକ
ସମାନ ଗୋତ୍ର ଯାହାର – ସଗୋତ୍ର
ସୁମିତ୍ରାଙ୍କ ପୁତ୍ର – ସୌମିତ୍ରି
ପାଣ୍ଡୁର ପୁତ୍ର – ପାଣ୍ଡବ
ମୃତଣ୍ଡଙ୍କ ପୁତ୍ର – ମାର୍ତ୍ତଣ୍ଡ
ଦଶରଥଙ୍କ ପୁତ୍ର – ଦାଶରଥି
ଅଶ୍ରୁ ଅଛି ଯାହାର – ଅଶ୍ରୁଳ
ଧାର ଅଛି ଯାହାର – ଧାରୁଆ
ସ୍ମରଣର ଯୋଗ୍ୟ – ସ୍ମରଣୀୟ
ଜଳରୁ ଜାତ – ଜଳଜ
ରୂପର ଯୋଗ୍ୟ – ଅନୁରୂପ
ନଈର ମଝି – ମଝିନଈ
ଭୟର ଅଭାବ – ନିର୍ଭୟ, ଅଭୟ
ଜଳସମ୍ବନ୍ଧୀୟ – ଜଳୀୟ
ଚଇତରେ ଜାତ – ଚଇତି, ଚଇତାଳି
ସମ୍ମାନର ଯୋଗ୍ୟ – ସମ୍ମାନନୀୟ
ଲୋକ ସମ୍ବନ୍ଧୀୟ – ଲୌକିକ
ଖରା କାମ କରେ ଯିଏ – ଖରାଟିଆ
ଆନନ୍ଦର ଅଭାବ – ନିରାନନ୍ଦ

(ଘ)

ନିଜକୁ ପଣ୍ଡିତ ମନେକରେ ଯେ – ପଣ୍ଡିତମନ୍ୟ
ସତ୍ୟ କହିବା ଅଭ୍ୟାସ ଯାହାର – ସତ୍ୟବାଦୀ
ଦିନକୁ ଦିନ – ପ୍ରତିଦିନ
ନାହିଁ ଜ୍ଞାନ ଯାହାର – ଅଜ୍ଞାନ
ନାହିଁ ଦୋଷ ଯାହାର – ନିର୍ଦ୍ଦୋଷ
ପ୍ରତିଷ୍ଠା ଲାଭ କରିଛନ୍ତି ଯେ – ଲବ୍ଧପ୍ରତିଷ୍ଠ
କର୍ତ୍ତବ୍ୟ ସ୍ଥିର କରିପାରୁ ନାହିଁ ଯେ – କିଂକର୍ତ୍ତବ୍ୟ ବିମୂଢ଼
ସୂର୍ଯ୍ୟଙ୍କର ଉପାସକ – ସୌର
ଯହିଁରେ କର ଦେବାକୁ ପଡ଼େ ନାହିଁ – ନିଷ୍କର
ଚାରିଭୁଜ ଯାହାର – ଚତୁର୍ଭୁଜ
ମାନସକୁ ଅତିକ୍ରମକରି – ଅତିମାନସ
ଜଣକୁ ଜଣ – ପ୍ରତିଜଣ
ନାହିଁ ଅର୍ଥ ଯହିଁରେ – ନିରର୍ଥକ
ଅନ୍ୟ ଆଡ଼େ ମନ ଯାହାର – ଅନ୍ୟମନସ୍କ
ଗଣିତ ଶାସ୍ତ୍ରରେ ନିପୁଣ – ଗାଣିତିକ
ନାହିଁ ପୁତ୍ର ଯାହାର – ଅପୁତ୍ରିକ
ତିନି ଫଳର ସମାହାର – ତ୍ରିଫଳା
ବିଷ୍ଣୁଙ୍କର ଉପାସକ – ବୈଷ୍ଣବ

## (ଘ) ସମୋଚ୍ଚାରିତ ଭିନ୍ନାର୍ଥବୋଧକ ଶବ୍ଦ :

କେତେକ ଶବ୍ଦ ସମାନଭାବେ ଉଚ୍ଚାରିତ ହୁଅନ୍ତି କିମ୍ବା ଅନ୍ୟ ଭାଷାରେ କହିଲେ ସମାନ ପ୍ରକାର ଧ୍ୱନି ପ୍ରକାଶ କରନ୍ତି, ମାତ୍ର ସେମାନଙ୍କର ଅର୍ଥ ସମାନ ନ ହୋଇ ଭିନ୍ନ ଭିନ୍ନ ହୋଇଥାଏ । ସେଭଳି ଶବ୍ଦମାନଙ୍କୁ ଆମେ ସମୋଚ୍ଚାରିତ ଭିନ୍ନାର୍ଥବୋଧକ ଶବ୍ଦ ବୋଲି କହୁ । ନିମ୍ନରେ କେତେକ ଦୃଷ୍ଟାନ୍ତ ଦିଆଗଲା ।

ଅଂଶ – ଭାଗ
ଅଂସ – କାନ୍ଧ
ଅଜର – ଜରାରହିତ
ଅଜିର – ଅଗଣା, ବାୟୁ
ଅଡ଼ା – ବାଡ଼ବେଷ୍ଟିତ ସ୍ଥାନ
ଅଢ଼ା – କାଠତିଆରି ପାତ୍ର
ଅଧର – ଓଠ
ଅଧାର – ଯାହାର ଧାର ବା ଋଣ ନାହିଁ
ଅନଳ – ନିଆଁ
ଅନିଳ – ପବନ
ଅନୁସାର – ଅନୁଗମନ
ଅନୁସ୍ୱାର – ଯାହା ସ୍ୱରବର୍ଣ୍ଣ ପରେ ଉଚ୍ଚାରିତ ହୁଏ । (ଂ)
ଅନେକ – ଏକାଧିକ
ଅନୈକ – ପ୍ରଭେଦ
ଅନ୍ନ – ଭାତ
ଅର୍ଣ୍ଣ – ଜଳ
ଅବଢ଼ା – ବଢ଼ାଯାଇ ନଥିବା
ଅଭଡ଼ା – ଅନ୍ନ ମହାପ୍ରସାଦ
ଅବଧି – ସୀମା
ଅବିଧି – ଯାହା ବିଧି ନୁହେଁ
ଅବିଧାନ – ଯାହା ବିଧାନ ନୁହେଁ
ଅଭିଧାନ – ଶବ୍ଦକୋଷ
ଅବିର – ଫଗୁ
ଅବୀର – ଯିଏ ବୀର ନୁହେଁ
ଅରଖ – ଗୁଳ୍ମ ବିଶେଷ
ଅରକ୍ଷ – ଅନାଥ
ଅର୍ଘ – ମୂଲ୍ୟ
ଅର୍ଘ୍ୟ – ପୂଜ୍ୟ
ଅଳିକ – ଲଲାଟଦେଶ
ଅଳୀକ – ମିଥ୍ୟା
ଅସକ୍ତ – ଆସକ୍ତିହୀନ
ଅଶକ୍ତ – ଶକ୍ତିହୀନ
ଅଶନ – ଭୋଜନ
ଅସନ – କ୍ଷେପଣ
ଅଶିତ – ଭକ୍ଷିତ
ଅଶୀତ – ଯାହା ଶୀତ ନୁହେଁ
ଅଶୀ – ଚାରିକୋଡ଼ି ସଂଖ୍ୟା
ଅସି – ଖଣ୍ଡା

ଅସୁର – ଦାନବ
ଅଶୁର – ଭୀରୁ
ଆଦି – ଆରମ୍ଭ
ଆଧି – ମାନସିକ
ଆବରଣ – ଆଚ୍ଛାଦନ, ଘୋଡ଼ଣୀ
ଆଭରଣ – ଭୂଷଣ
ଆବାସ – ଗୃହ
ଆଭାସ – ସୂଚନା
ଆବୃତ – ଆଚ୍ଛାଦିତ
ଆବୃତ୍ତ – ଆବୃତ୍ତି କରାଯାଇଥିବା
ଆୟତ – ପ୍ରସାରିତ
ଆୟତ୍ତ – ନିୟନ୍ତ୍ରିତ
ଆହୁତି – ହୋମାଗ୍ନିରେ ପ୍ରଦତ୍ତ
ଆହୂତ – ଡକାଯାଇଥିବା
ଆହୁତ – ମନ୍ତ୍ରଦ୍ୱାରା ହୋମାଗ୍ନିରେ ଘୃତାଦି ନିକ୍ଷେପ
ଆହୂତି – ଆହ୍ୱାନକାର୍ଯ୍ୟ
ଇତି – ଶେଷ
ଈତି – ଅତିବୃଷ୍ଟି
ଈଶ – ଈଶ୍ୱର
ଈଷ – ଲଙ୍ଗଳଦଣ୍ଡ
ଉପପତି – ବିବାହିତା ନାରୀ ଯେଉଁ ପରପୁରୁଷ ସହ ଦୈହିକ ସଂପର୍କ ରଖିଥାଏ ।
ଉପପତ୍ତି – ଯୁକ୍ତି
ଉପାଦାନ – ପ୍ରସ୍ତୁତ ବସ୍ତୁର ମୂଳସାମଗ୍ରୀ
ଉପାଧାନ – ତକିଆ
ଋତ – ସତ୍ୟ
ରୁତ – କ୍ରନ୍ଦନ, ଶବ୍ଦ
କଡ଼ – ପାର୍ଶ୍ୱ
କଢ଼ – କଳିକା
କଡ଼ି – କୋଠାଘରର ଛାତତଳେ ଦିଆଯିବା କାଠ ବା ଲୌହ
କଢ଼ି – କଳକା
କଷା – ଏକ ପ୍ରକାର ରସ
କଶା – ଚାବୁକ୍
କାଳି – ସାହି, ବାକି
କାଳୀ – ଦେବୀବିଶେଷ
କାସ – ଶ୍ୱାସଯନ୍ତ୍ରର ରୋଗ ବିଶେଷ
କାଶ – ତୃଣ ବିଶେଷ
କାସଭ – ମଇଁଷି
କାସାର – ପୁଷ୍କରିଣୀ
କୁଜନ – ମନ୍ଦଲୋକ
କୂଜନ – ପକ୍ଷୀମାନଙ୍କର ଶବ୍ଦ
କୁଳ – ବଂଶ
କୂଳ – ନଦୀତଟ
କୁଟ – ବୃକ୍ଷ, ଘଟ
କୂଟ – ପର୍ବତଶୃଙ୍ଗ, କପଟ
କୃତି – କାର୍ଯ୍ୟ
କୃତୀ – କୃତିତ୍ୱ
କେଶର – ସିଂହ ଓ ଘୋଡ଼ାର ବେକ ରକମ
କେସର – ପୁଷ୍ପର ଗର୍ଭଦେଶ
କୋଟି – ଶହେ ଲକ୍ଷ
କୋଟୀ – ଅଗ୍ରଭାଗ
ଗାଇ – ଗାନକରି
ଗାଈ – ଧେନୁ
ଗରିଷ୍ଠ – ଗୁରୁତମ
ଗରିଷ୍ଟ – ଶବ
ଗୁଣି – ଭୋଜିବିଦ୍ୟା
ଗୁଣୀ – ଗୁଣବାନ୍
ଗୋଲକ – ଗୋଲାକାର ବସ୍ତୁ
ଗୋଲୋକ – ବୈକୁଣ୍ଠ, ବିଷ୍ଣୁ
ଚିତ – ତୋଳାଯାଇଥିବା
ଚିତ୍ତ – ମନ
ଚିର – ଦୀର୍ଘକାଳ
ଚୀର – ଚିରା କନା, ଗାଈର ସ୍ତନଭୁଣ୍ଡି
ଚୁଡ଼ା – ଧାନରୁ ପ୍ରସ୍ତୁତ ଖାଦ୍ୟ ଦ୍ରବ୍ୟ
ଚୂଡ଼ା – ଶିଖର
ଚୂତ – ଆମ୍ବ
ଚ୍ୟୁତ – ସ୍ଖଳିତ
ଜବ – ବେଗ
ଯବ – ଶସ୍ୟବିଶେଷ
ଜାଗ – ଉଠ

ଯାଗ – ଯଜ୍ଞ

ଜୋଡ଼ – କ୍ଷୁଦ୍ରନାଳ

ଯୋଡ଼ – ଯୋଗକର

ଜୁଇ – ଚିତା

ଯୁଇ – ଯୁଇଫୁଲ

ଠକିବା – ପ୍ରତାରଣା କରିବା

ଠିକିବା – ବାଧାପାଇବା

ତନୁ – ଦେହ

ତନୂ – କୃଶ, କୋମଳ

ତରଣି – ସୂର୍ଯ୍ୟ

ତରଣୀ – ନୌକା

ତରି – ପାର ହୋଇ

ତରୀ – ନୌକା

ତାଳି – କରତାଳିଧ୍ୱନି

ତାଳୀ – ତାଳବନ

ତୁଳା – ନିକିତି

ତୂଳା – କପା ବା ଶିମିଳିର ତନ୍ତୁ

ଦଶନ – ଦାନ୍ତ

ଦଂଶନ – ଦାନ୍ତ ଦ୍ୱାରା ଆଘାତ

ଦାଶ – ବ୍ରାହ୍ମଣ ଜାତି ବିଶେଷ

ଦାସ – ଭୃତ୍ୟ

ଦିନ – ଦିବସ

ଦୀନ – ଗରିବ

ଦୂତ – ବାର୍ତ୍ତାବହ

ଦ୍ୟୂତ – ଜୁଆଖେଳ

ଦେଇ – ଦାନକରି

ଦେଈ – ବଡ଼ ଭଉଣୀ

ଦ୍ୱିପ – ହସ୍ତୀ

ଦ୍ୱୀପ – ଚତୁର୍ଦ୍ଦିଗ ଜଳ ବେଷ୍ଟିତ ଭୂଖଣ୍ଡ

ଦୀପ – ଅଗ୍ନିଜାଳିବା ଉପକରଣ ବିଶେଷ ।

ଦ୍ରବ – ତରଳ ପଦାର୍ଥ

ଦ୍ରବ୍ୟ – ବସ୍ତୁ

ଦ୍ରାବ୍ୟ – ତରଳ ପଦାର୍ଥରେ ଦ୍ରବଣୀୟ

ଧଡ଼ି – ଲୁଗାର ଧଡ଼ି

ଧାଡ଼ି – ଜଣକ ପରେ ଜଣେ

ଧନ୍ୟ – ପ୍ରଶଂସାର ଯୋଗ୍ୟ

ଧାନ୍ୟ – ଧାନ

ଧୁନି – ବାବାଜିମାନେ ସଞ୍ଚୟ କରୁଥିବା ଅଗ୍ନି

ଧୁନୀ – ନଦୀ

ନଇଁ – ନମ୍ର ହୋଇ

ନଈ – ନଦୀ, ତଟିନୀ

ନଟ – ନର୍ତ୍ତକ

ନାଟ – ନୃତ୍ୟ

ନଦନ – ବୋଝ

ନନ୍ଦନ – ପୁଅ

ନବ – ନୂଆ

ନଭ – ଆକାଶ

ନାରାଚ – ଲୌହଯୁକ୍ତ ବାଣ

ନାରାଜ – ଅନିଚ୍ଛୁକ

ନାଶ – ଧ୍ୱଂସ, ମୃତ୍ୟୁ

ନାସ – ଧୂଆଁପତ୍ରର ଚୂର୍ଣ୍ଣ

ନିତି – ପ୍ରତିଦିନ

ନୀତି – ନ୍ୟାୟ,

ନିଦାନ – ରୋଗର ଲକ୍ଷଣ

ନିଧାନ – ଆଧାର

ନିପ – କଳସ

ନୀପ – କଦମ୍ବ

ନିବୃତ – ଆଚ୍ଛାଦିତ

ନିବୃତ୍ତ – ବିରତ, କ୍ଷାନ୍ତ

ନିରକ୍ଷ – ବିଷୁବରେଖା

ନିରେଖ – ଅନାଥ

ନିରଶନ – ଅନଶନ

ନିରସନ – ପ୍ରତ୍ୟାଖ୍ୟାନ

ନିରାଧାର – ନିରାଶ୍ରୟ

ନୀରାଧାର – ଜଳପାତ୍ର

ନିରାଶ – ହତାଶ

ନିରାସ – ନିକ୍ଷେପ

ନିର୍ଜର – ଦେବତା

ନିର୍ଝର – ଝରଣା

ନିର୍ବାଧ – ବାଧାରହିତ

ନିର୍ବୋଧ – ମୂର୍ଖ
ନିଶାକର – ଚନ୍ଦ୍ର
ନିଶାଖୋର – ମାଦକ ସେବୀ
ନିଶିତ – ଶାଣିତ
ନିଶୀଥ – ନିଶାର୍ଦ୍ଧ
ନିଷଙ୍ଗ – ତୂଣୀର
ନିଃସଙ୍ଗ – ସଙ୍ଗହୀନ
ନିଷତ – କ୍ଲାନ୍ତ
ନିସତ – ମିଥ୍ୟାବାଦୀ
ନିଃଶରଣ – ଶରଣହୀନ
ନିଃସରଣ – ସ୍ରବଣ, ହରଣ
ପଇଟ – ମୁଖସ୍ଥ ହେବା
ପଇଠ – ଆଦାୟ, ହେବା
ପକା – ପୋପାଡ଼ିବା ପାଇଁ କହିବା
ପକ୍କା – ଇଟା ପଥର ସିମେଣ୍ଟ ନିର୍ମିତ
ପକ୍ଷ – ଡେଣା, ମାସର ଅର୍ଦ୍ଧକ
ପକ୍ଷ୍ମ – ନେତ୍ର ଲୋମ, ପଲକ
ପଗା – ଉଚ୍ଚହିଡ଼, ସୀମା
ପଘା – ଗୋରୁର ବନ୍ଧା ଦଉଡ଼ି
ପଞ୍ଚଶାଖା – କର, ହସ୍ତ
ପଞ୍ଚଶିଖ – ସିଂହ
ପଞ୍ଚାଳୀ – ପିତୁଳା
ପାଞ୍ଚାଳୀ – ଦ୍ରୌପଦୀ
ପଟ – ବସ୍ତ୍ର
ପଟ୍ଟ – ଶ୍ରେଷ୍ଠ
ପଟା – ତକ୍ତା
ପଟ୍ଟା – ରାଜକୀୟ ସନନ୍ଦ
ପଡ଼ା – ପଲ୍ଲୀଗ୍ରାମ
ପଢ଼ା – ପାଠ ପଢ଼ିବା
ପଢ଼ୁଆ – ପାଠପଢ଼ୁଥିବା
ପଢ଼ୁଆଁ – ପ୍ରଥମ ଜାତ
ପୋଢ଼ୁଆଁ – ସନ୍ତାନ
ପଣା – ନବାତ ମିଶ୍ରିତ ଜଳ
ଫଣା – ସର୍ପର ବିସ୍ତୃତ ମସ୍ତକ
ପତନ – ପଡ଼ିବା
ପତ୍ତନ – ଆରମ୍ଭ
ପତର – ପତ୍ର
ପଥର – ପାଷାଣ
ପତି – ପ୍ରଭୁ
ପତ୍ତି – ପଦାତିକ ସୈନ୍ୟ
ପତିତ – ପଡ଼ିଥିବା ପାପୀ
ପାତିତ – ପକାଇଦିଆଯାଇଥିବା
ପୟର – ପାଦ
ପୟାର – ଚତୁର୍ଦ୍ଦଶାକ୍ଷର କବିତା ବିଶେଷ
ପରଶ – ଖାଇବା ଜିନିଷ ବାଢ଼
ପରସ୍ତ – ସ୍ତର
ପରାସ୍ତ – ପରାଜିତ
ପରହିତ – ପରର ମଙ୍ଗଳ
ପରିହିତ – ପିନ୍ଧିଥିବା
ପରି – ତୁଲ୍ୟ
ପରୀ – ପକ୍ଷଯୁକ୍ତା ପରମା ସୁନ୍ଦରୀ କଳ୍ପିତା ନାରୀ ଯିଏ କି ଈଶ୍ୱରଙ୍କ ଦୂତୀ ଭାବରେ କାର୍ଯ୍ୟ କରନ୍ତି ।
ପରିଖା – ଗଡ଼ଖାଇ
ପରୀକ୍ଷା – ଗୁଣଦୋଷ ବିଚାର
ପରିଚ୍ଛଦ – ପୋଷାକ
ପରିଚ୍ଛେଦ – ବିଭାଗ
ପରିଚ୍ଛନ୍ନ – ପରିଷ୍କୃତ
ପରିଚ୍ଛିନ୍ନ – ସୀମାବଦ୍ଧ
ପରିଣତ – ପ୍ରାପ୍ତ, ପକ୍ୱ
ପରିଣୀତ – ବିବାହିତ
ପରିପୁଷ୍ଟ – ଉତ୍ତମରୂପେ ପୋଷିତ
ପରିପୃଷ୍ଟ– ଭଲରୂପେ ପଚରା ଯାଇଥିବା
ପରିବେଶ – ପରିଧି
ପରିବେଷ – ଖାଦ୍ୟ ପଦାର୍ଥର ପରିବେଷଣ
ପରିଶୁଦ୍ଧ – ଅତିପବିତ୍ର
ପରିଶୋଧ – ଋଣ ଶୁଝିବା
ପରିଷଦ – ସଭା
ପାରିଷଦ – ସଭ୍ୟ
ପଳ – ମାଂସ,
ପଲ୍ଲ – ଦଳ

ପଲକ – ଆଖିପତା
ପଲଙ୍କ – ଖଟ
ପହଁରା – ଛାଞ୍ଚୁଣୀ
ପହରା – ଜଗିରହିବା
ପାଞ୍ଜ – ମଙ୍ଗଳ କାର୍ଯ୍ୟରେ ବ୍ୟବହୃତ ବସ୍ତ୍ରବିଶେଷ
ପାଞ୍ଜି – ଦିନାଦି ନିର୍ଦ୍ଧାରଣ ପୁସ୍ତକ
ପାଟ – ପ୍ରଶସ୍ତଭୂମି
ଫାଟ – ଗର୍ତ୍ତ
ପାଟକ – ଗ୍ରାମର ଅଂଶ
ପାଠକ – ଯିଏ ପାଠକରେ
ପାଟି – ତୁଣ୍ଡ
ପାଟୀ – ଶୃଙ୍ଖଳା, ଧାରା
ପାଡ଼ – ଅପାନ ବାୟୁ
ପାଢ଼ – ଠକ, ପ୍ରତାରକ
ପିଠ – ପୃଷ୍ଠ
ପୀଠ – ପୀଢ଼ା, ଅସ୍ଥାନ
ପିତା – ବାପା
ପୀତା – ହଳଦି, ପୀତବର୍ଣ୍ଣ
ପୀତ – ହଳଦିଆରଂଗ
ପିତ୍ତ – ପିତ୍ତାଶୟରୁ ନିର୍ଗତ ରସ
ପୁତ – ପୁଅ
ପୂତ – ପବିତ୍ର
ପୁର – ଗୃହ
ପୂର – ଜଳରାଶି, ପିଷ୍ଟକ ଭିତରେ ମିଠା ଅଂଶ
ପୂଜାରୀ – ଦେବପୂଜକ ବ୍ରାହ୍ମଣ
ପୂଝାରୀ – ପାଚକ ବ୍ରାହ୍ମଣ
ପେଟି – ମାଛର କଣ୍ଟା ଶୂନ୍ୟ ପେଟ ଅଂଶ
ପେଟୀ – ପେଡ଼ି, ସିନ୍ଧୁକ
ପ୍ରକୃତ – ସତ୍ୟ
ପ୍ରାକୃତ – ନୀଚ, ଅଧମ ଭାଷା ବିଶେଷ
ପ୍ରତିକ୍ଷଣ – ପ୍ରତିମୁହୂର୍ତ୍ତ
ପ୍ରତୀକ୍ଷଣ – ପ୍ରତୀକ୍ଷା ଅପେକ୍ଷା
ପ୍ରଥିତ – ବିଖ୍ୟାତ
ପ୍ରୋଥିତ – ପୋତା
ପ୍ରସାଦ – ଦେବଭୋଗ, ଅନୁଗ୍ରହ
ପ୍ରାସାଦ – ଅଟ୍ଟାଳିକା
ପ୍ରସୂତ – ଜାତ
ପ୍ରସ୍ତୁତ – ନିର୍ମିତ
ପ୍ରସୃତ – କ୍ଷରିତ
ପ୍ରସ୍ତ – ପରସ୍ତ
ପ୍ରସ୍ଥ – ଚଉଡ଼ା
ପ୍ରାଶ – ଆହାର
ପ୍ରାସ – ବେଦନା
ଫାଲ୍ଗୁନି – ଅର୍ଜ୍ଜୁନ
ଫାଲ୍ଗୁନୀ – ଦୋଳପୂର୍ଣ୍ଣିମା
ବକରା – କପା ଗଛର ଫଳ ବକ୍କଳ
ବଖରା – ପ୍ରକୋଷ୍ଠ
ବଚା – ଶିଶୁ
ବଛା – ବାଛି ଗ୍ରହଣ କରିଥିବା
ବଧ – ହତ୍ୟା
ବଦ୍ଧ – ସଂଯତ, ବନ୍ଧା
ବନ୍ଦର – ପୋତାଶ୍ରୟ
ବାନ୍ଦର – ମର୍କଟ
ବନ୍ଦି – ବେଷ୍ଟନ
ବନ୍ଦୀ – କଏଦୀ
ବରାଙ୍ଗନା – ଶ୍ରେଷ୍ଠାସ୍ତ୍ରୀ
ବାରାଙ୍ଗନା – ବେଶ୍ୟା, ଗଣିକା, ନର୍ତ୍ତକୀ
ବଳି – ବିରୋଚନଙ୍କ ପୁତ୍ର, ଦୈତ୍ୟରାଜ
ବଳୀ – ବଳବାନ୍
ବର୍ଜ୍ୟ – ବର୍ଜନୀୟ
ବର୍ଯ୍ୟ – ଶ୍ରେଷ୍ଠ
ବଲ୍ଲବ – ପାଚକ, ଗଉଡ଼
ବଲ୍ଲଭ – ସ୍ୱାମୀ
ବସନ – ବସ୍ତ୍ର
ବ୍ୟସନ – ମଦ୍ୟପାନ, ଜୁଆ, ମୃଗୟା
ବହନୀ – ସ୍ରୋତ
ବାହିନୀ – ସୈନ୍ୟଦଳ
ବହୁଦା – ବହୁକାଳରେ
ବହୁଧା – ବହୁପ୍ରକାରେ
ବାଜି – କୁହୁକ, ପଣ

ବାଜୀ – ପକ୍ଷୀ, ବାଣ
ବାଣି – ମସିଣା ବୁଣିବା ଦଉଡ଼ି
ବାଣୀ – ବାକ୍ୟ
ବାରୁଣି – ବରୁଣ ଦେବତାଙ୍କ ପୁତ୍ର
ବାରୁଣୀ – ପଶ୍ଚିମଦିଗ,
ବାଳିଶ – ମୂର୍ଖ
ବାଳୀଶ – ନାରୀଶ୍ରେଷ୍ଠ
ବିଜନ – ନିର୍ଜନ
ବ୍ୟଜନ – ପଙ୍ଖା
ବିଦ୍ଧ – ଆହତ
ବିଧ – ପ୍ରକାର, ରୀତି
ବିପିନ – ବନ
ବିପୀନ – ଅତିସ୍ଥୁଳ
ବିଭବ – ଧନ ସଂପଦ
ବିଭବ – ଶୋକ ଉତ୍ସାହାଦି ଭାବ
ବିଷ – ଗରଳ
ବିସ – ପଦ୍ମନାଡ଼
ବିଷଦ – ଯିଏ ବିଷଦିଏ
ବିଶଦ – ଶୁଭ୍ର, ନିର୍ମଳ
ବିଷଦ – ଅସମାନ
ବିଶମ – ପ୍ରଶାନ୍ତି
ବୃତି – ବେଷ୍ଟନ
ବୃତ୍ତି – ଜୀବିକା, ମନର ଧର୍ମ
ବେଦ – ଆର୍ଯ୍ୟମାନଙ୍କର ଧର୍ମଗ୍ରନ୍ଥ
ବେଧ – ମୋଟେଇ
ବେଦି – ଯଜ୍ଞାଦି ନିମିତ୍ତ ନିର୍ମିତ ଚତୁରସ୍ର ଉଚ୍ଚଭୂମି
ବେଦୀ – ବେଦଜ୍ଞାତା
ବେଶି – ଅଧିକ
ବେଶୀ – ବେଶଧାରୀ
ବ୍ୟଜନ – ପଙ୍ଖା
ବ୍ୟଞ୍ଜନ – ତରକାରୀ, ବର୍ଣ୍ଣବିଶେଷ
ଭଟ – ବୀରପୁରୁଷ
ଭଟ – ପଣ୍ଡିତ, ବ୍ରାହ୍ମଣଙ୍କ ଉପାଧିବିଶେଷ, ଶାସ୍ତ୍ରଜ୍ଞ
ଭଗ – ଐଶ୍ୱର୍ଯ୍ୟ
ଭଙ୍ଗ – ଭାଙ୍ଗିବା
ଭାଙ୍ଗ – ଭାଙ୍ଗିବା
ଭାଷ – କଥା
ଭାସ – ଭାସିଯାଅ
ଭାସ୍କର – ସୂର୍ଯ୍ୟ
ଭାସ୍ୱର – ଉଜ୍ଜ୍ୱଳ
ଭିତ୍ତି – କାନ୍ଥ, ମୂଳଦୁଆ
ଭୀତି – ଭୟ
ମତ – ଅଭିପ୍ରାପ୍ତ
ମତ୍ତ – ମାତାଲ, ପାଗଳ
ମଦନ – କନ୍ଦର୍ପ
ମର୍ଦ୍ଦନ – ମାଲିସ କରିବା
ମହାର୍ଘ – ଅତିଶୟ ମୂଲ୍ୟମାନ
ମହାର୍ଘ୍ୟ – ଅତିଶୟ ପୂଜ୍ୟ
ମାଈ – ସ୍ତ୍ରୀଲିଙ୍ଗ ବାଚକ
ମାଇଁ – ମାମୁଙ୍କ ସ୍ତ୍ରୀ
ମାଇନ୍ – ବିସ୍ଫୋରକ ଦ୍ରବ୍ୟ
ମାଇନା – ପରୀକ୍ଷା
ମାଆ – ମାତା
ମାୟା – ମୋହ
ମରିଚ – ରାଗୁଆ ମସଲା
ମାରିଚ – ଅସୁର ବିଶେଷ
ମିଳନ – ମିଶ୍ରଣ
ମୀଳନ – ବୁଜିବା
ମୂଳ – ଚେର
ମୂଲ – ମଜୁରୀ
ଯବ – ଯଅ
ଜବ – ଶୀଘ୍ର
ଯାଗ – ଯଜ୍ଞ
ଜାଗ – ଜାଗ୍ରତ ହୁଅ
ଯାତ – ଯାତ୍ରା
ଜାତ – ଜନ୍ମ
ରତି – ରମଣ, କାମକ୍ରୀଡ଼ା, କନ୍ଦର୍ପଙ୍କ ସ୍ତ୍ରୀ
ରତି – ଗୁଞ୍ଜାଫଳ
ରସନା – ମେଖଳା
ରସନା – ଜିହ୍ୱା

ରଶି – ଦଉଡ଼ି
ରଶ୍ମି – କିରଣ
ଲକ୍ଷ – ଶହେ ହଜାର
ଲକ୍ଷ୍ୟ – ଉଦ୍ଦେଶ୍ୟ
ଲିଖନ – ଲେଖା
ଲେଖନ – ଲୌହ ଲେଖନୀ
ଶକଳ – ଅଂଶ, ଖଣ୍ଡ
ସକାଳ – ସମଗ୍ର
ଶକୁନି – ଶାଗୁଣା, କୌରବଙ୍କ ମାମୁ
ଶଙ୍କୁନୀ – ଡାକିନୀ ଭଳି ଉପଦେବତା
ଶକୁନ – ଚିହ୍ନ, ଲକ୍ଷଣ
ଶକୁନା – ଝିଟିପିଟି
ଶଙ୍କର – ଶିବ
ସଙ୍କର – ମିଶ୍ରିତ
ଶକ୍ତ – ଦୃଢ଼
ସକ୍ତ – ଆସକ୍ତ
ଶକ୍ତି – ବଳ, ଦୁର୍ଗା
ସକ୍ତି – ଆସକ୍ତି
ଶକ୍ୟ – ସମର୍ଥ
ସଖ୍ୟ – ବନ୍ଧୁତା
ଶପ୍ତ – ଶାପଗ୍ରସ୍ତ
ସପ୍ତ – ସାତଦିନ
ଶଙ୍ଖ – ସାମୁଦ୍ରିକ ଜୀବ
ସଙ୍ଖ – ପୋଲ
ଶତ – ଶହେ
ସତ – ସତ୍ୟ
ଶବଳ – ନାନାବର୍ଣ୍ଣଯୁକ୍ତ
ସବଳ – ବଳବାନ୍
ଶମ – ଉପଶମ
ସମ – ସମାନ
ଶର – ବାଣ
ସର – ଦୁଧ ସର, ପୁଷ୍କରିଣୀ
ଶରଣ – ଆଶ୍ରୟ
ସରଣ – ଗମନ
ଶାପ – ଅଭିଶାପ
ସାପ – ସର୍ପ
ଶିତ – ଶାଣିତ
ଶୀତ – ଥଣ୍ଡା
ସିତ – ଧଳା
ଶିର – ମସ୍ତକ
ସୀର – ହଳ, ସୂର୍ଯ୍ୟ
ଶିଳ – ବଟାପାଇଁ ବ୍ୟବହୃତ ପଥରଖଣ୍ଡ
ଶୀଳ – ସ୍ୱଭାବ
ଶିରା – ରକ୍ତବାହୀନାଳୀ
ସିରା – ଜଳ ଓ ଶର୍କରାର ଗାଢ଼ ଦ୍ରବଣ
ଶିଷା – ଧାନକେଣ୍ଡା
ସୀସା – ଧାତୁବିଶେଷ
ଶୁକ – ଶୁଆ
ଶୂକ – ଶସ୍ୟାଦିର ସୂକ୍ଷ୍ମ ଅଗ୍ରଭାଗ
ଶୁକ୍ତି – ଶାମୁକା
ସୂକ୍ତି – ସୁଭାଷିତ
ଶୁଚି – ପବିତ୍ର
ସୂଚୀ – ଛୁଞ୍ଚି
ଶୁଦ୍ଧ – ପବିତ୍ର
ସୁଧ – କଳନ୍ତର
ଶୁଦ୍ଧି – ଅନ୍ତ୍ୟେଷ୍ଟିକ୍ରିୟା
ସୁଧୀ – ବିଦ୍ୱାନ
ଶୁଦ୍ଧା – ପବିତ୍ରା
ସୁଦ୍ଧା – ତଥାପି
ଶୂର – ବୀର
ସୁର – ଦେବତା
ସୂର – ସୂର୍ଯ୍ୟ
ସର୍ଗ – ଅଧ୍ୟାୟ
ସ୍ୱର୍ଗ – ଆକାଶ
ସାଇ – ପଡ଼ା
ସାଇଁ – ସ୍ୱାମୀ
ସାକ୍ଷର – ଯିଏ ଅକ୍ଷର ଚିହ୍ନିଛି
ସ୍ୱାକ୍ଷର – ଦସ୍ତଖତ
ସିତା – ଜ୍ୟୋତ୍ସ୍ନା, ଶ୍ୱେତଦୂର୍ବା
ସୀତା – ଶ୍ରୀରାମଙ୍କ ପତ୍ନୀ

ସୁତ – ପୁଅ
ସୂତ – ସାରଥି
ସୁତା – ଝିଅ
ସୂତା – ତନ୍ତୁ
ସ୍ରବଣ – ଝରିବା
ଶ୍ରବଣ – ଶୁଣିବା
ହଟ – ଛଳ
ହଠ – କଟାଳ, ଜିଗର,
ହୃତ – ଚୋରିତ
ହୃଦ – ଛାତି

## ଅନୁଶୀଳନୀ

**ପ୍ର.୧. ନିମ୍ନ ପ୍ରଦତ୍ତ ସମୋଚ୍ଚାରିତ ଶବ୍ଦର ଅର୍ଥ –**

**ଉ.** ଅଶୀ– ସଂଖ୍ୟାବିଶେଷ
ଅସି – ଖଣ୍ଡା, ଖଡ୍‌ଗ
ଦ୍ୱିପ – ହାତୀ
ଦ୍ୱୀପ – ଚାରିପଟେ ଜଳ ଥିବା ସ୍ଥଳ ଭାଗ
ଚିର– ସବୁଦିନ, ଗାଈର ଚିର
ଚୀର – ଛିଣ୍ଡା ବସ୍ତ୍ର
ଏକସାର – ସିଂହ ବା ଘୋଡ଼ା ବେକରେ ଥିବା କେଶଯୁକ୍ତ
କେଶର – ପୁଷ୍ପ ମଧ୍ୟସ୍ଥଳେ କେଶ ସଦୃଶ ଅଂଶ
ଶର – ଧନୁଶର
ସର – ପୋଖରୀ, ଦୁଧସର
ଶିଳ – ପଥର ଖଣ୍ଡ
ଶୀଳ – ସ୍ୱଭାବ
ସୂଚୀ – ଛୁଞ୍ଚି
ଶୁଚି – ପବିତ୍ର
ଜବ – ବେଗ
ଯବ – ଯଅ ଧାନ
ଅଂଶ – ଭାଗ
ଅଂସ – କାନ୍ଧ
ଜାତ – ଜନ୍ମ ହେବା
ଯାତ – ଯାତ୍ରା, ଉତ୍ସବ
ଜୁଇ – ଚିତାନଳ
ଯୁଇ – ଏକ ଜାତୀୟ ଫୁଲ
ବଧ – ହତ୍ୟା
ବଦ୍ଧ – ବନ୍ଧା
କୁଳ – ବଂଶ
କୂଳ – ନଦୀ ବା ସମୁଦ୍ରର ତଟ
ଚୁଡ଼ା – ଏକ ପ୍ରକାର ଖାଦ୍ୟ
ଚୂଡ଼ା – ମନ୍ଦିରର ଅଗ୍ରଭାଗ
ନିତି – ପ୍ରତିଦିନ
ନୀତି – ନିୟମ
ବିଷ – ଜହର
ବିସ – ପଦ୍ମନାଡ଼
ସ୍କନ୍ଦ – କାର୍ତ୍ତିକେୟ
ସ୍କନ୍ଧ – କାନ୍ଧ
ସର୍ଗ – ଅଧ୍ୟାୟ
ସ୍ୱର୍ଗ – ଦେବଲୋକ
ଅଶନ – ଭୋଜନ
ଅସନ – କ୍ଷେପଣ
ଆଭାସ – ସୂଚନା, ଇଙ୍ଗିତ
ଆଭାଷ – ଭାଷଣ
ତରଣି – ସୂର୍ଯ୍ୟ
ତରଣୀ – ନୌକା
ସଙ୍କର – ବିଭିନ୍ନ ଜାତିର ମିଶ୍ରଣ ଜାତ ପ୍ରାଣୀ ବା ଉଦ୍ଭିଦ
ଶଙ୍କର – ଶିବ

ସ୍ରବଣ – ଝରିବା
ଶ୍ରବଣ – ଶୁଣିବା
ସୂକର – ସହଜ
ଶୂକର – ଘୁଷୁରି
ଗୋଲକ – ଗୋଲାକାର ବସ୍ତୁ
ଗୋଲୋକ – ସ୍ୱର୍ଗପୁର
ଚରିତ୍ର – ନୈତିକ ସ୍ୱଭାବ
ଚରିତ – କଥା, ବିଷୟ
ସ୍ୱାକ୍ଷର – ଦସ୍ତଖତ
ସାକ୍ଷର – ଲେଖିପଢ଼ି ଜାଣିଥିବା ବ୍ୟକ୍ତି
ପ୍ରସାଦ – ଭୋଗ
ପ୍ରାସାଦ – କୋଠାଘର
ଶମନ – ଯମ
ସମନ – ଆଦେଶପତ୍ର
ନିବାର – ବାରଣ
ନୀବାର – ତୃଣ ଧାନ୍ୟ ବିଶେଷ
ପରିଖା – ଗଡ଼ଖାଇ
ପରୀକ୍ଷା – ଗୁଣ ଦୋଷ ବିଚାର କରିବା, ଦକ୍ଷତା ମାପିବା
ପ୍ରକାର – ପ୍ରଭେଦ, ରକମ
ପ୍ରକାର – ପ୍ରାଚୀର, ବେଢ଼ା
ଅଳିକ – ଲଲାଟ ଦେଶ
ଅଳୀକ – ମିଥ୍ୟା
କେଶର – ପୁଷ୍ପ ମଧ୍ୟସ୍ଥ କେଶ ସଦୃଶ ଅଂଶ
କେସର – ସିଂହ ବା ଘୋଡ଼ା ବେକରେ ଥିବା କେଶଗୁଚ୍ଛ
ପାବନି – ପବନ ପୁତ୍ର, ହନୁମାନ
ପାବନୀ – ପବିତ୍ରକାରିଣୀ, ଗଙ୍ଗା
ବଲ୍ଲବ – ପାଚକ, ରୋଷେଇୟା
ବଲ୍ଲଭ – ସ୍ୱାମୀ, ପ୍ରଭୁ, ପ୍ରିୟ
ଅବଦାନ – ମହତ୍ କର୍ମ
ଅବଧାନ – ମନଯୋଗ
ଉପାଦାନ – ଉପକରଣ
ଉପାଧାନ – ତକିଆ
ପରିଚ୍ଛେଦ – ଅଧ୍ୟାୟ
ପରିଚ୍ଛଦ – ପୋଷାକ
ଆବରଣ – ଘୋଡ଼ଣୀ
ଆଭରଣ – ଭୂଷଣ
ଅବହିତ – ମନଯୋଗୀ
ଅବିହିତ – ଅନୁଚିତ୍ / ଯାହା କରଣୀୟ ନୁହେଁ

## (୪) ବିପରୀତ ଅର୍ଥବୋଧକ ଶବ୍ଦ

ଅକଲ – ବେଅକଲ
ଅକର୍ମା – କର୍ମଠ, କର୍ମୀ
ଅସଲି – ନକଲି
ଅଗ୍ର – ମୂଳ
ଅଗ୍ରେ – ପଶ୍ଚାତ୍
ଅଳସ – ନିରଳସ
ଅବର – ବର
ଅରାଜ – ଅନୁଜ
ଅଜ୍ଞ – ବିଜ୍ଞ
ଅର୍ଥ – ଅନର୍ଥ
ଅପରାଧୀ – ନିରପରାଧ
ଅଧିକ – ଅଳ୍ପ, ଊଣା
ଅଧଃ – ଊର୍ଦ୍ଧ୍ୱ
ଅଧସ୍ତନ – ଉପରିସ୍ଥ
ଅନନ୍ତ – ଶାନ୍ତ
ଅନାଥ – ସନାଥ
ଅଭିଶାପ – ଆଶୀର୍ବାଦ
ଅଭ୍ୟାଗତ – ବହିର୍ଗତ
ଅମର – ମର
ଅନାବୃଷ୍ଟି – ଅତିବୃଷ୍ଟି

ଅନୁକୂଳ – ପ୍ରତିକୂଳ
ଅନୁଗ୍ରହ – ନିଗ୍ରହ
ଅନୁରକ୍ତି – ବିରକ୍ତି
ଅନୁଲୋମ – ପ୍ରତିଲୋମ
ଅନ୍ତଃ – ବହିଃ
ଅନ୍ତର – ବାହାର
ଅନ୍ତର୍ଗତ – ବହିର୍ଗତ
ଅନ୍ତର୍ଦ୍ଧାନ – ଆବିର୍ଭାବ
ଅନ୍ତର୍ମୁଖୀ – ବହିର୍ମୁଖୀ
ଅଘଟଣ – ଘଟଣ
ଅନ୍ତରଙ୍ଗ – ବହିରଙ୍ଗ
ଅନ୍ଧ – ଚକ୍ଷୁଷ୍ମାନ୍
ଅନ୍ଧାର – ଆଲୁଅ
ଅପକାର – ଉପକାର
ଅପେକ୍ଷା – ଉପେକ୍ଷା
ଅଭିଜାତ – ଉପଜାତ
ଅଭିଜ୍ଞ – ଅନଭିଜ୍ଞ
ଅଭ୍ୟାସ – ଅନଭ୍ୟାସ
ଅମିର – ଫକୀର
ଅମୃତ – ଗରଳ
ଅଜାତ – ଜାତ
ଅସ୍ଥିର – ସ୍ଥିର
ଅସାର – ସାର
ଅସୀମ – ସସୀମ
ଅସ୍ତ୍ର – ଶସ୍ତ୍ର
ଅପଚୟ – ଉପଚୟ
ଅପାୟ – ଉପାୟ
ଅନାଗତି – ଅନନ୍ୟଗତି
ଅବସର – ଅନବସର
ଅଧ୍ୟୟନ – ଅନଧ୍ୟୟନ
ଅଗ୍ରଗାମୀ – ଅନୁଗାମୀ
ଅର୍ପଣ – ଗ୍ରହଣ
ଅର୍ପିତ – ଗୃହୀତ
ଅଭିନ୍ନ – ଭିନ୍ନ
ଅନୁଚିତ୍ – ଉଚିତ୍

ଅକାର୍ଯ୍ୟ – କାର୍ଯ୍ୟ
ଅକୃତଜ୍ଞ – କୃତଜ୍ଞ
ଅନାବିଳ – ଆବିଳ
ଅପମାନ – ସମ୍ମାନ
ଅଲଣା – ଲୁଣିଆ
ଆକାଶ – ପାତାଳ
ଆକର୍ଷଣ – ବିକର୍ଷଣ
ଅକୁଞ୍ଚନ – ପ୍ରସାରଣ
ଆଗତ – ଅନାଗତ
ଆଗମନ – ପ୍ରସ୍ଥାନ
ଆଚାର – ଅନାଚାର
ଆଦର – ଅନାଦର
ଆଦରଣୀୟ – ଘୃଣ୍ୟ
ଆଦାନ – ପ୍ରଦାନ
ଆଦି – ଅନାଦି
ଆଦ୍ୟ – ପ୍ରାନ୍ତ
ଆମିଷ – ନିରାମିଷ
ଆର୍ଦ୍ର – ଶୁଷ୍କ
ଆଧୁନିକ – ପ୍ରାଚୀନ
ଆଧ୍ୟାତ୍ମିକ – ବୈଷୟିକ
ଆନନ୍ଦ – ନିରାନନ୍ଦ
ଆବିର୍ଭାବ – ତିରୋଭାବ
ଆବିଳ – ଅନାବିଳ
ଆୟ – ବ୍ୟୟ
ଆୟତ୍ତ – ଅଣାୟତ୍ତ
ଆରମ୍ଭ – ଶେଷ
ଆରବ୍ଧ – ସମାପ୍ତ
ଆରୋହଣ – ଅବରୋହଣ ଅବତାରଣ
ଆରୋହୀ – ଅବରୋହୀ
ଆଶା – ନିରାଶା
ଆଶୀର୍ବାଦ – ଅଭିଶାପ
ଆର୍ଯ୍ୟ – ଅନାର୍ଯ୍ୟ
ଆଲୋକ – ଅନ୍ଧାର
ଆସକ୍ତ-ଅନାସକ୍ତ
ଆସ୍ତି – ନାସ୍ତି

ଆସ୍ଥା – ଅନାସ୍ଥା
ଆହତ – ଅନାହତ
ଆହାର – ଅନାହାର
ଆଗ – ପଛ
ଆପଣା – ପର
ଆମଦାନି – ରପ୍ତାନି
ଆବୃତ – ଅନାବୃତ
ଆଦୃତ – ଅନାଦୃତ
ଆଧିକ୍ୟ – ନ୍ୟୂନତା
ଆମୋଦ – ବିଷାଦ
ଇଷ୍ଟ – ଅନିଷ୍ଟ
ଇଚ୍ଛା – ଅନିଚ୍ଛା
ଇହ – ପର
ଇହକାଳ – ପରକାଳ
ଇତି – ଆରମ୍ଭ
ଈର୍ଷା – ଶ୍ରଦ୍ଧା
ଉଜ୍ଜ୍ୱଳ – ନିଷ୍ପ୍ରଭ
ଉଚ୍ଚ – ନୀଚ
ଉତ୍କର୍ଷ – ଅପକର୍ଷ
ଉତ୍କୃଷ୍ଟ – ନିକୃଷ୍ଟ
ଉକ୍ତ – ଅନୁକ୍ତ
ଉଗ୍ର – ଶାନ୍ତ
ଉତ୍ତର – ପ୍ରତ୍ୟୁତ୍ତର
ଉତ୍ଥାନ – ପତନ
ଉତ୍ସାହ – ନିରୁତ୍ସାହ
ଉଦୟ – ଅସ୍ତ
ଉଦାର – ଅନୁଦାର
ଉଦ୍ଧତ – ବିନୟୀ
ଉନ୍ନତି – ଅବନତି
ଉଚିତ୍ – ଅନୁଚିତ୍
ଉଦ୍‌ଘାଟନ – ଉଦ୍‌ଯାପନ
ଉନ୍ମୀଳନ – ନିମୀଳନ
ଉପକାର – ଅପକାର
ଉପସ୍ଥାନ – ପ୍ରସ୍ଥାନ
ଉଷ୍ଣ – ଶୀତଳ
ଉପାଦେୟ – ଅପାଦେୟ
ଉଲ୍ଲିଖିତ – ନିମ୍ନଲିଖିତ
ଉଠିଆ – ପଡ଼ିଆ
ଉଠାଣି – ଗଡ଼ାଣି
ଉଷ୍ମ – ଶୀତଳ
ଉପର – ତଳ
ଉର୍ଦ୍ଧ୍ୱ – ଅଧଃ
ଏକ – ଅନେକ
ଏପଟ – ସେପଟ
ଏକମନା – ଭିନ୍ନମନା
ଏକାନ୍ତ – ପୃଥଗନ୍ତ
ଐହିକ – ପାରିତ୍ରିକ
ଐକ୍ୟ – ଅନୈକ୍ୟ
ଓତ – ପ୍ରୋତ
ଓଦା – ଶୁଖିଲା
ଓସାରିଆ – ଅଣଓସାରିଆ
ଓଲୁ – ସିଆଣା
ଔଦାର୍ଯ୍ୟ – କାର୍ପଣ୍ୟ
କର୍ମ – ଅକର୍ମ
କର୍କଶ – କୋମଳ
କପଟ – ଅକପଟ
କର୍ମୀ – ଅକର୍ମା
କାର୍ଯ୍ୟ – ଅକାର୍ଯ୍ୟ
କୀର୍ତ୍ତି – ଅକୀର୍ତ୍ତି ଅପକୀର୍ତ୍ତି
କୁତ୍ସିତ – ସୁନ୍ଦର
କୁଟିଳ – ସରଳ
କୃତ୍ରିମ – ପ୍ରାକୃତିକ
କୃପଣ – ବଦାନ୍ୟ
କୃଶ – ସ୍ଥୂଳ
କୃଷ୍ଣ – ଧବଳ
କୋମଳ –କଠିନ
କାରଣ – ଅକାରଣ
କଞ୍ଚା – ଶୁଖିଲା
କଳା – ଧଳା
କଅଁଳିଆ – ଚେମଡ଼ା

ନଶ୍ୱର – ଶାଶ୍ୱତ
ନିତ୍ୟ – ଅନିତ୍ୟ
ନିରପେକ୍ଷ – ସାପେକ୍ଷ
ନିରାଶ୍ରୟ – ସାଶ୍ରୟ
ନିଷ୍ଠୁର – କୋମଳ
ନୂତନ – ପୁରାତନ
ନ୍ୟୂନ – ଅଧିକ
ନିର୍ଦ୍ଦୋଷ – ଦୋଷୀ
ନିର୍ବାଚନ – ମନୋନୟନ
ନିଦା – ପୋଲା
ନିର୍ମଳ – ଆବିଳ
ନିରାକାର – ସାକାର
ନିର୍ମମ – ସଦୟ
ନୀତି – ଅନୀତି
ପଣ୍ଡିତ – ମୂର୍ଖ
ପାପ – ପୁଣ୍ୟ
ପୀଡ଼ିତ – ସୁସ୍ଥ
ପୁଷ୍ପିତ – ପୁଷ୍ପହୀନ
ପୂର୍ବ – ଅପୂର୍ବ
ପୂର୍ବାହ୍ଣ – ଅପରାହ୍ଣ
ପ୍ରକୃତ – ବିକୃତ
ପ୍ରତ୍ୟୂଷ – ପ୍ରଦୋଷ
ପାର୍ଥିବ – ସ୍ୱର୍ଗୀୟ
ପ୍ରଫୁଲ୍ଲ – ବିଷଣ୍ଣ
ପ୍ରଭାତ – ସନ୍ଧ୍ୟା
ପ୍ରଶ୍ନ – ଉତ୍ତର
ପ୍ରାଚୀନ – ଅର୍ବାଚୀନ
ପ୍ରାଚ୍ୟ – ପାଶ୍ଚାତ୍ୟ
ପ୍ରଶଂସିତ – ନିନ୍ଦିତ
ପତଳା – ମୋଟା
ପାକଲ – କଞ୍ଚା
ପଛୁଆ – ଆଗୁଆ
ପୁରୁଣା – ନୂଆ
ପ୍ରସାରଣ – ସଂକୋଚନ
ପଶ୍ଚାତ୍ – ସମ୍ମୁଖ
ଫଳିତ – ନିଷ୍ଫଳ
ବନ୍ଦି – ମୁକ୍ତ
ବନ୍ଧନ – ମୋଚନ
ବନ୍ଧୁର – ମସୃଣ
ବିଜୟ – ପରାଜୟ ବିଚାର ଅବିଚାର
ବିଧବା – ମୃତଦାର
ବିନୀତ – ଉଦ୍ଧତ
ବିଷ – ପୀୟୂଷ
ବିରହ – ମିଳନ
ବିରାମ – ଅବିରାମ
ବୈଧ – ଅବୈଧ
ବ୍ୟକ୍ତ – ଅବ୍ୟକ୍ତ
ବ୍ୟୟ – ସଞ୍ଚୟ
ବ୍ୟଷ୍ଟି – ସମଷ୍ଟି
ବ୍ୟାଧି – ସ୍ୱାସ୍ଥ୍ୟ
ବଡ଼ – ସାନ
ବଢ଼ି – ମରୁଡ଼ି
ବଳକା – ନିଅଣ୍ଟ
ବୋକା – ଚାଲାଖ
ବୃହତ୍ – କ୍ଷୁଦ୍ର
ବଶୀଭୂତ – ଅବଶ
ବନ୍ଧ୍ୟା – ସନ୍ତାନବତୀ
ବିକ୍ଷିପ୍ତ – ସମବେତ
ବିନଶ୍ୱର – ଅବିନଶ୍ୱର
ବିଚଳିତ – ସ୍ଥିର
ବ୍ୟାହତ – ଅବ୍ୟାହତ
ବାହାର – ଭିତର
ବନ୍ଦନ – ନିନ୍ଦନ
ବୃଦ୍ଧି – ହ୍ରାସ
ବିବେକ – ଅବିବେକ
ବିଗତ – ଆଗତ
ବିକାଶ – ବିଲୟ
ବିଚ୍ଛିନ୍ନ – ଅବିଚ୍ଛିନ୍ନ
ବୈତନିକ – ଅବୈତନିକ
ଭକ୍ଷ୍ୟ – ଅଭକ୍ଷ୍ୟ

ଭଙ୍ଗୁର – ଶାଶ୍ୱତ
ଭୀମ – କାନ୍ତ
ଭେଦ – ଅଭେଦ
ଭୋଗ – ତ୍ୟାଗ
ମୁଖ୍ୟ – ଗୌଣ
ମୂକ – ବାଚାଳ
ମ୍ଲାନ – ଅମ୍ଲାନ
ମସୃଣ – ବନ୍ଧୁର
ମହଙ୍ଗା – ଶସ୍ତା
ଲେଖା – ଅଲେଖା
ଲୁଣ୍ଠିତ – ରକ୍ଷିତ
ଶିବ – ଅଶିବ
ଶ୍ରେୟ – ଅଶ୍ରେୟ
ସୃଷ୍ଟି – ଲୟ
ସ୍ଥୁଳ – ସୂକ୍ଷ୍ମ
ସ୍ୱକୀୟା – ପରକୀୟା
ସଦର – ମଫସଲ
ସହର – ଗାଁ
ସହଳ – ମଠ
ସାଧା – ଆଇଁଷ
ସମ – ବିଷମ
ସଗୁଣ – ନିର୍ଗୁଣ

ସଚଳ – ଅଚଳ
ସଦାଚାର – କଦାଚାର
ସଂକୀର୍ଣ୍ଣ – ପ୍ରଶସ୍ତ
ସନ୍ଧି – ବିଗ୍ରହ
ସାଦର – ହତାଦର
ସମ୍ମତି – ଅସମ୍ମତି
ସମର୍ପଣ – ଆନୀତ
ସାର୍ବଜନୀନ – ବ୍ୟକ୍ତିଗତ
ସଲଜ୍ଜ – ନିର୍ଲଜ୍ଜ
ସଭ୍ୟ – ଅସଭ୍ୟ
ସଂକୋଚନ – ପ୍ରସାରଣ
ସାଶ୍ରୟ – ନିରାଶ୍ରୟ
ହ୍ରାସ – ବୃଦ୍ଧି
ହ୍ରସ୍ୱ – ଦୀର୍ଘ
ହରଣ – ଗୁଣନ
କ୍ଷମ – ଅକ୍ଷମ
କ୍ଷାର – ଅମ୍ଳ
କ୍ଷଣିକ – ଚିରନ୍ତନ
କ୍ଷୀଣ – ପୃଥୁଳ
କ୍ଷତ – ଅକ୍ଷତ
କ୍ଷମଣୀୟ – ଅକ୍ଷମଣୀୟ
କ୍ଷର – ଅକ୍ଷର

## ଅନୁଶୀଳନୀ

**ନିମ୍ନଲିଖିତ ଶବ୍ଦର ବିପରୀତ ଅର୍ଥବୋଧକ ଶବ୍ଦ ଲେଖ ।**

(୧)

ପ୍ରାଚୀନ – ଅର୍ବାଚୀନ
ବାସ୍ତବ – ଅବାସ୍ତବ
ଯୁକ୍ତ – ବିଯୁକ୍ତ
ଅସଲ – ନକଲ
ଅଧମ – ଉତ୍ତମ
ଅଳସ – ନିରଳସ
ଅଭିଶାପ – ଆଶୀର୍ବାଦ

ଅନୁରାଗ – ବିରାଗ
ଅନୁଲୋମ – ବିଲୋମ
ଆକର୍ଷଣ – ବିକର୍ଷଣ
ଆଧୁନିକ – ପ୍ରାଚୀନ
ଆବାହନ – ବିସର୍ଜନ
ଆରୋହଣ – ଅବରୋହଣ, ଅବତରଣ
ଉତ୍କର୍ଷ – ଅପକର୍ଷ
ଐହିକ – ପାରତ୍ରିକ
କର୍ତ୍ତବ୍ୟ – ଅକର୍ତ୍ତବ୍ୟ

ଚେତନ – ଅଚେତନ
ପୁରୋହିତ – ଯଜମାନ
ମହାଜନ – ଖାତକ
କୃତଜ୍ଞ – ଅକୃତଜ୍ଞ
ସଂକୋଚନ – ପ୍ରସାରଣ
ସ୍ୱାଧୀନ – ପରାଧୀନ
ଲୌକିକ – ଅଲୌକିକ
ଶୋଭନୀୟ – ଅଶୋଭନୀୟ
ଦୋଷୀ – ନିର୍ଦ୍ଦୋଷ
ଦୂରଦର୍ଶୀ – ଅଦୂରଦର୍ଶୀ
ସାକ୍ଷର – ନିରକ୍ଷର
ଉଦାର – ଅନୁଦାର
ନିରପେକ୍ଷ – ସାପେକ୍ଷ
ପ୍ରବୃତ୍ତି – ନିବୃତ୍ତି
ପୁରସ୍କାର – ତିରସ୍କାର
ଚେମଡ଼ା – ମସୃଣ
ପ୍ରାକୃତିକ – କୃତ୍ରିମ
ବ୍ୟବହିତ – ଅବ୍ୟବହିତ
ଅଳସ – ନିରଳସ
କ୍ଷମଣୀୟ – ଅକ୍ଷମଣୀୟ
ଲୋଭୀ – ନିର୍ଲୋଭ
ସୁନ୍ଦର – ଅସୁନ୍ଦର

(୨)

ସ୍ୱକୀୟା – ପରକୀୟା
କ୍ଷୁଦ୍ର – ବୃହତ୍
ସାକାର – ନିରାକାର
ଲାଭ – କ୍ଷତି
କ୍ଷଣସ୍ଥାୟୀ – ଚିରସ୍ଥାୟୀ
ମୂକ – ବାଚାଳ
ଭକ୍ଷକ – ରକ୍ଷକ
ଭୀମ – କାନ୍ତ
ଭାବ – ଅଭାବ
ସୁଫଳ – ନିଷ୍ଫଳ
ବ୍ୟବହିତ – ଅବ୍ୟବହିତ
ମହଙ୍ଗା – ଶସ୍ତା
ପ୍ରତୀଚୀ – ପ୍ରାଚୀ
ଉଆଁସ – ପୁନିଅଁ
ବନ୍ଧନ – ସ୍ୱାଧୀନ
ଛାୟା – ମୁକ୍ତରି
ବିକ୍ରେତା – କ୍ରେତା
ନିଯୋଗ – ସଂଯୋଗ
ରୋଗୀ – ନିରୋଗ
ଲବ – ହର
ସାମୟିକ – ଦୀର୍ଘସ୍ଥାୟୀ
ସାମରିକ – ବେସାମରିକ

## (୫) ଭ୍ରମ ସଂଶୋଧନ :

| ଅଶୁଦ୍ଧ | | ଶୁଦ୍ଧ |
|---|---|---|
| ଅକ୍ଷୁର୍ଣ୍ଣ | – | ଅକ୍ଷୁଣ୍ଣ |
| ଅଞ୍ଜଳୀ | – | ଅଞ୍ଜଳି |
| ଅମୀୟ | – | ଅମିୟ |
| ଅଧିନ | – | ଅଧୀନ |
| ଅଙ୍ଗିକାର | – | ଅଙ୍ଗୀକାର |
| ଅନାଟନ | – | ଅନଟନ |
| ଅନାବଶ୍ୟକୀୟ | – | ଅନାବଶ୍ୟକ |
| ଅନିର୍ବାର୍ଯ୍ୟ | – | ଅନିବାର୍ଯ୍ୟ |
| ଅନୁସୂୟା | – | ଅନସୂୟା |
| ଅଭୂତ | – | ଅଦ୍ଭୁତ |
| ଅଗ୍ରଣି | – | ଅଗ୍ରଣୀ |
| ଅନାସ୍ତା | – | ଅନାସ୍ଥା |
| ଅପଦସ୍ତ | – | ଅପଦସ୍ଥ |
| ଅଭ୍ୟସ୍ଥ | – | ଅଭ୍ୟସ୍ତ |
| ଅନୁବାଦିତ | – | ଅନୂଦିତ |

| | | |
|---|---|---|
| ଅଧୀନସ୍ଥ | – | ଅଧୀନ |
| ଅଧୀନରେ | – | ଆଧୀନ୍ୟରେ |
| ଅଧକ୍ଷ | – | ଅଧ୍ୟକ୍ଷ |
| ଅବସର୍ଣ୍ଣ | – | ଅବସନ୍ନ |
| ଅଧିକାଂଶ ଦେଶମାନେ | – | ଅଧିକାଂଶଦେଶ |
| ଅଧର୍ଯ୍ୟ | – | ଅଧୈର୍ଯ୍ୟ |
| ଅଳିକ | – | ଅଳୀକ |
| ଅବୈତ | – | ଅଦ୍ୱୈତ |
| ଅପରାହ୍ନ | – | ଅପରାହ୍ଣ |
| ଅନ୍ତେଷ୍ଟି | – | ଅନ୍ତ୍ୟେଷ୍ଟି |
| ଅପୁତ୍ରିକ | – | ଅପୁତ୍ରକ |
| ଅଦ୍ଧରାତ୍ରି | – | ଅର୍ଦ୍ଧରାତ୍ର |
| ଅହର୍ନିଶି | – | ଅହର୍ନିଶ |
| ଅଜିର୍ଣ୍ଣ | – | ଅଜୀର୍ଣ୍ଣ |
| ଅହୋରାତ୍ରି | – | ଅହୋରାତ୍ର |
| ଅନ୍ନବ | – | ଅର୍ଣ୍ଣବ |
| ଅଣ୍ଣ | – | ଅର୍ଣ୍ଣ |
| ଅକୃର | – | ଅକ୍ରୂର |
| ଅରନ୍ୟ | – | ଅରଣ୍ୟ |
| ଅର୍ଣ୍ଣପୂର୍ଣ୍ଣା | – | ଅନ୍ନପୂର୍ଣ୍ଣା |
| ଆକଣ୍ଠପର୍ଯ୍ୟନ୍ତ | – | ଆକଣ୍ଠ |
| ଆଶ୍ରିବାଦ | – | ଆଶୀର୍ବାଦ |
| ଆସ୍ତାନ | – | ଆସ୍ଥାନ |
| ଆନୁସଙ୍ଗିକ | – | ଆନୁଷଙ୍ଗିକ |
| ଆରତୀ | – | ଆରତି |
| ଆଦ୍ର | – | ଆର୍ଦ୍ର |
| ଆବଶ୍ୟକୀୟ | – | ଆବଶ୍ୟକ |
| ଆଶୀଷ | – | ଆଶିଷ |
| ଆବିଷ୍କାର | – | ଆବିଷ୍କାର |
| ଆବର୍ତ୍ତନ | – | ଆବର୍ତ୍ତନ |
| ଉଚିତ୍ | – | ଉଚିତ |
| ଉତୀର୍ଣ୍ଣ | – | ଉତ୍ତୀର୍ଣ୍ଣ |
| ଉତ୍କର୍ଷିତା | – | ଉତ୍କର୍ଷ |
| ଉତକ୍ତ | – | ଉତ୍ତ୍ୟକ୍ତ |
| ଉଣା | – | ଊଣା |
| ଉପଯୋଗୀତା | – | ଉପଯୋଗିତା |
| ଉତ୍ୟକ୍ତ | – | ଉତ୍ତ୍ୟକ୍ତ |
| ଉପବିତ | – | ଉପବୀତ |
| ଉର୍ଦ୍ଧ | – | ଊର୍ଦ୍ଧ୍ୱ |
| ରୁତୁ | – | ଋତୁ |
**ପ୍ର.୭. ସନ୍ନ୍ୟାସିନୀ ପିଙ୍ଗଳାର ଜୀବନ ଧାରଣା କିପରି ହେବ ବୋଲି କବି ବର୍ଣ୍ଣନା କରିଛନ୍ତି ?**

**ଉ.** କବି – ରାଧାମୋହନ ଗଡ଼ନାୟକ

କବିତା – ପିଙ୍ଗଳାର ଅଭିସାର

ସନ୍ନ୍ୟାସିନୀ ପିଙ୍ଗଳା ତୃଣ ତଳପ ଉପରେ ଶୋଇଥିବ । ଆନନ୍ଦ ମନରେ ଉର୍ଦ୍ଧ୍ୱକୁ ଅନାଇ ରହିଥିବ । ବନ୍ଧୁଙ୍କ ସ୍ୱପ୍ନ ଦେଖୁ ଦେଖୁ, ସେ ଆନନ୍ଦରେ ଆଖି ବୁଜିଥିବ । ଗଗନ, ଭୁବନ, ଚନ୍ଦ୍ର, ତପନ ଇତ୍ୟାଦି ତା' ପାଇଁ ସାକ୍ଷୀ ରହିଥିବେ ।

**ପ୍ର.୮. ପିଙ୍ଗଳା କାହିଁକି ନିଜକୁ ସର୍ପିଣୀ ବୋଲି କହିଛି ?**

**ଉ.** କବି – ରାଧାମୋହନ ଗଡ଼ନାୟକ

କବିତା – ପିଙ୍ଗଳାର ଅଭିସାର

ସର୍ପ ଯେପରି ଆଘାତ କଲେ ସାରା ଶରୀର ବିଷ ପ୍ରସରିଯାଏ ଅନୁରୂପ ଭାବରେ ପିଙ୍ଗଳା ନିଜର ରୂପ ଗୋଇରେର କେତେ ନରଙ୍କୁ ବଶୀଭୂତ କରିଥିଲା । ତେଣୁ ତାଙ୍କୁ ସର୍ପିଣୀ ସହିତ ତୁଳନା କରିଛନ୍ତି ।

**ପ୍ର.୯. ମଧୁର ମୁରଲୀର ସ୍ୱରରେ କିଏ କାହାକୁ କାହିଁକି ଡାକୁଥିଲା ?**

**ଉ.** କବି – ରାଧାମୋହନ ଗଡ଼ନାୟକ

କବିତା – ପିଙ୍ଗଳାର ଅଭିସାର

ମଧୁର ମୁରଲୀର ସ୍ୱରରେ ଭଗବାନ ଶ୍ରୀକୃଷ୍ଣ ପିଙ୍ଗଳାକୁ ଜୀବନର ପାପ ଧୋଇ ଦେବା ପାଇଁ ଡାକିଥିଲେ ।

**ପ୍ର.୧୦. ବିଶ୍ୱ ପରଶମଣି ବୋଲି କବି କାହାକୁ କାହିଁକି କହିଛନ୍ତି ?**

**ଉ.** କବି – ରାଧାମୋହନ ଗଡ଼ନାୟକ

କବିତା – ପିଙ୍ଗଳାର ଅଭିସାର

ବିଶ୍ୱ ପରଶମଣି ବୋଲି ପରମେଶ୍ୱରଙ୍କୁ କବି କହିଛନ୍ତି । ତାଙ୍କର ସ୍ୱକର୍ମରେ ସବୁ ସ୍ୱର୍ଣ୍ଣ ପାଲଟି ଯାଏ, ତାଙ୍କୁ ଏପରି ନାମ ଦିଆଯାଇଛି ।

# ବାର୍ତ୍ତା

- ସଚ୍ଚିଦାନନ୍ଦ ରାଉତରାୟ

**କବି ପରିଚିତି (୧୯୧୬-୨୦୦୪) :**

କବି ସଚ୍ଚିଦାନନ୍ଦ ରାଉତରାୟ ଅତ୍ୟାଧୁନିକ ଓଡ଼ିଆ କାବ୍ୟ ସାହିତ୍ୟରେ ଜଣେ ଅଗ୍ରଗାମୀ ସ୍ରଷ୍ଟି ଭାବେ ପରିଚିତ ଓ ସମ୍ମାନିତ । ସବୁଜ ସାହିତ୍ୟ ଠାରୁ ଓଡ଼ିଆ କାବ୍ୟ- କବିତାରେ ଗଢ଼ି ଆସିଥିବା ରୋମାଣ୍ଟିକ୍ ଓ ଭାବପ୍ରବଣତାର ଭାବଧାରା, ଯେଉଁ ଭାବଧାରା ସହିତ କାବ୍ୟ ଜୀବନର ପ୍ରଥମ ପର୍ଯ୍ୟାୟରେ ଶ୍ରୀ ରାଉତରାୟ ତାଙ୍କ ଆଧୁନିକ କାବ୍ୟ କବିତା ଧାରାରେ

(ଗ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଉତ୍ତର ପାଇଁ ୧ ନମ୍ବର ରହିବ ।

ପ୍ର.୧. ଭବିଷ୍ୟତର କି ବାର୍ତ୍ତା ଧରି ଦୂତ ଆସିଛି ?

ଉ. କବି - ସଚ୍ଚିଦାନନ୍ଦ ରାଉତରାୟ

କବିତା - ବାର୍ତ୍ତା

ଭବିଷ୍ୟତର ବଞ୍ଚିବାର ସମ୍ଭାବନା ନେଇ ସମୟ ରୂପକ ଦୂତ ଆସିଛି ।

**ପ୍ର.୨. ଲୌକିକ ଜ୍ଞାନ କହିଲେ କ'ଣ ବୁଝ ?**

ଉ. କବି - ସଚ୍ଚିଦାନନ୍ଦ ରାଉତରାୟ

କବିତା - ବାର୍ତ୍ତା

ଲୌକିକ ବିଜ୍ଞାନ କହିଲେ ପୃଥିବୀ ସଂବନ୍ଧୀୟ ଜ୍ଞାନ ବା ପାର୍ଥିବ ଜ୍ଞାନକୁ ବୁଝାଇଥାଏ ।

**ପ୍ର.୩. କବି ଶୋଷିତ ମଣିଷକୁ କାହାର କୈଫିୟତ ମାଗିବାକୁ କହିଛନ୍ତି ?**

ଉ. କବି - ସଚ୍ଚିଦାନନ୍ଦ ରାଉତରାୟ

କବିତା - ବାର୍ତ୍ତା

ଅର୍ଥଲୋଭୀ ହୀନ ସ୍ୱାର୍ଥ ସଂପନ୍ନ ଅତ୍ୟାଚାରୀ ଧନୀକ ଗୋଷ୍ଠୀ ଓ ଶାସକ ଜମିଦାରମାନଙ୍କୁ ଶୋଷଣ ମଣିଷର କୈଫିୟତ ମାଗିଛନ୍ତି ।

**ପ୍ର.୪. କବି କାହା ବିରୁଦ୍ଧରେ ପ୍ରତିଶୋଧ ନେବାକୁ କହିଛନ୍ତି ?**

ଉ. କବି - ସଚ୍ଚିଦାନନ୍ଦ ରାଉତରାୟ

କବିତା - ବାର୍ତ୍ତା

କବି ଅତ୍ୟାଚାରୀ, ଧନୀ, ଶାସକ, ଜମିଦାର, ଗୋଷ୍ଠୀଙ୍କ ବିରୁଦ୍ଧରେ ପ୍ରତିଶୋଧ ନେବାକୁ ପହଞ୍ଚିବେ ।

**ପ୍ର.୫. ମୂଢ଼, ମନୁଷ୍ୟ ପୁତ୍ର କେଉଁଥିରୁ ଜ୍ଞାନ ରଶ୍ମି ଲାଭ କରିବ ?**

ଉ. କବି - ସଚ୍ଚିଦାନନ୍ଦ ରାଉତରାୟ   କବିତା - ବାର୍ତ୍ତା
କବି - ସଚ୍ଚିଦାନନ୍ଦ ରାଉତରାୟ

କବିତା - ବାର୍ତ୍ତା

ଧନୀକ ଶ୍ରେଣୀର ଅତ୍ୟାଚାର ଓ ପୀଡ଼ନରୁ ମୂଢ଼ ମନୁଷ୍ୟ ପୁତ୍ର ନୂତନ ଜ୍ଞାନ ରଶ୍ମି ଲାଭ କରିବ ।

**ପ୍ର.୬. ଆଜିର ମଣିଷ ଶୋଷଣ ଓ ପୀଡନର କାରଣ କିପରି ଜାଣିପାରିବ ବୋଲି କବି କହିଛନ୍ତି ?**

ଉ. କବି - ସଚ୍ଚିଦାନନ୍ଦ ରାଉତରାୟ

କବିତା - ବାର୍ତ୍ତା

ଧନୀ ଶାସକ, ଜମିଦାର ଗୋଷ୍ଠୀର ନିର୍ଯାତନାରେ ନିରୀହ ଜନତା ଦଗ୍ଧୀଭୂତ ହୋଇଛି, ଭସ୍ମୀଭୂତ ହୋଇଛି । କୀଟ ସମ ନିଷ୍ପେସିତ ହୋଇଛି । ପ୍ରକୃତରେ ଏହାର କାରଣ ସେମାନେ ଜାଣି ଅବହେଳିତ ଜନତା ରଣ ହୁଙ୍କାର ଦେବାର ପ୍ରୟାସୀ ହୋଇଛି ।

**ପ୍ର.୭. ଶ୍ୟେନ ପରି ନିଅ ପ୍ରତିଶୋଧ କେଉଁ ପ୍ରସଙ୍ଗରେ କୁହାଯାଇଛି ?**

ଉ. କବି - ସଚ୍ଚିଦାନନ୍ଦ ରାଉତରାୟ

କବିତା - ବାର୍ତ୍ତା

ଅତ୍ୟାଚାର ଓ ପୀଡ଼ନରୁ ମନୁଷ୍ୟ ନୂତନଜ୍ଞାନ ଲାଭ କରି ଯଥାର୍ଥରେ ଏଥିପାଇଁ ଦାୟୀ କେଉଁମାନେ ଜାଣିସାରିବା ପରେ ସେମାନଙ୍କୁ ଛଞ୍ଚାଣ ପରି ଆକ୍ରମଣ କରି ମୃତାହତ କରିବା ପ୍ରସଙ୍ଗରେ କୁହାଯାଇଛି ।

**ପ୍ର.୮. କାହାକୁ କବି ମହାଧର୍ମ ଆଖ୍ୟା ଦେଇଛନ୍ତି ?**

ଉ. କବି - ସଚ୍ଚିଦାନନ୍ଦ ରାଉତରାୟ

କବିତା - ବାର୍ତ୍ତା

ଶକ୍ତି ପ୍ରୟୋଗ କରି ଅତ୍ୟାଚାରୀକୁ ଦମନ କରିବା ଉଚିତ୍ । ବିନାଶକ୍ତିରେ, ବିନା ରକ୍ତପାତରେ, ବିନା ବିପ୍ଳବରେ କେହି ଶୃଙ୍ଖଳ ମୁକ୍ତ, ପୀଡ଼ା ମୁକ୍ତ ହୋଇପାରିବ ନାହିଁ । ଏହା ହେଉଛି ସାଧାରଣ ମଣିଷ ପାଇଁ ମହାଧର୍ମ ।

ପ୍ର.୯. ଆଜିର ମଣିଷ ଭସ୍ମ ମଧ୍ୟରୁ କେଉଁ ଦୀକ୍ଷା ଗ୍ରହଣ କରିବ ବୋଲି କବି ପରାମର୍ଶ ଦେଇଛନ୍ତି ?

ଉ. କବି - ସଚ୍ଚିଦାନନ୍ଦ ରାଉତରାୟ

କବିତା - ବାର୍ତ୍ତା

ଶ୍ରେଣୀ ହୀନ ସାମ୍ୟବାଦ ସମାଜ ପ୍ରତିଷ୍ଠା ପାଇଁ ରକ୍ତାକ୍ତ ସଂଗ୍ରାମରେ ମୃତ୍ୟୁବରଣ କଲେ, ଶରୀରର ଭସ୍ମ ମଧ୍ୟରୁ ନୂତନ ଦୀକ୍ଷା ସୃଷ୍ଟି ହେବ ତାହା ପରବର୍ତ୍ତୀ ବା ଭବିଷ୍ୟତ ମଣିଷ ପାଇଁ ମୁକ୍ତିର ପାଥେୟ ହେବ । ଏହା ଶୋଷିତ ଜନତା ପ୍ରତି କବିଙ୍କ ପରାମର୍ଶ ଥିଲା ।

ପ୍ର.୧୦. କବି କ୍ରୁଶର ସାଧନାକୁ ଜୟକାର କରିବାର ଅର୍ଥ କ'ଣ ?

ଉ. କବି - ସଚ୍ଚିଦାନନ୍ଦ ରାଉତରାୟ

କବିତା - ବାର୍ତ୍ତା

ଯିଶୁଖ୍ରୀଷ୍ଟ ଯେପରି ଅତ୍ୟାଚାରକୁ ସହ୍ୟ କରି କ୍ରୁଶବିଦ୍ଧ ହୋଇ ପ୍ରାଣପାତ କରିଥିଲେ ସେହିପରି ଆତ୍ମୋତ୍ସର୍ଗ ଜନିତ ସାଧନା ଭବିଷ୍ୟତ ବିଶ୍ୱକୁ, ଅତ୍ୟାଚାର ମୁକ୍ତି କରିବା ପରେ ଯଥେଷ୍ଟ ସହାୟକ ହୋଇପାରିବ । ଯାହା ଫଳରେ ଶ୍ରେଣୀହୀନ ସମାଜର ପରିକଳ୍ପନା ସମ୍ଭବ ହେବ ।

# ତୃତୀୟ ଏକକ

# ଗଳ୍ପ

## ସଭ୍ୟ ଜମିଦାର

ଫକୀରମୋହନ ସେନାପତି

**(ଗ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଦୁଇଟି ବାକ୍ୟରେ ଉତ୍ତର ଲେଖ । ଲେଖା ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଉତ୍ତର ପାଇଁ ୧ ନମ୍ବର ।**

**ପ୍ର.୧. ଧୂଆଁପତ୍ର କାରବାର ସଂପର୍କରେ କ'ଣ କୁହାଯାଇଛି ?**

**ଉ.** ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

କଳିକତା ଆମଦାନୀ ମାଲ୍ ମଧ୍ୟରେ ଧୂଆଁପତ୍ର ପ୍ରଧାନ । ଏହି ଧୂଆଁପତ୍ର କଳିକତାରୁ ଆସି ବାଲେଶ୍ୱର ବନ୍ଦରରେ ପହଞ୍ଚେ । ସେ ସ୍ଥାନରୁ ଶଗଡ଼ରେ ଉତ୍କଳକୁ ଚାଲାଣ ହୁଏ ।

**ପ୍ର.୨. ଗୋପାଳ କିପରି କଳିକତା ଯାଇଥିଲା ?**

ପ୍ର.୧୦. ରନ୍ଧାବଢ଼ା ସାରି ଗୋପାଳ ଗଦିରେ କ'ଣ କରିଥାଏ ?

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ରନ୍ଧାବଢ଼ା ସାରି ଗୋପାଳ ଜମିଦାରୀ କାମ ବୁଝେ ବାବୁଙ୍କ ଡାହାଣ ହାତପରି ।

ପ୍ର.୧୧. ଦିନ ବେଳ ଉଷ୍ଣ ମହାଜନ ବଳଙ୍କୁ ମହାପାତ୍ରେ କ'ଣ ଜଣାଇଥିଲେ ?

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ଦିନବେଳ ଉଷ୍ଣ ମହାଜନ ବଳଙ୍କୁ ମହାପାତ୍ରେ କହିଥିଲେ- "ଆଜ୍ଞା, ବେପାରର ଲାଭ ବିକା ଜାଗାରେ ନୁହେଁ, କିଣା ଜାଗାରେ ।"

ପ୍ର.୧୨. ସାନବାବୁଙ୍କ ସଂପର୍କରେ ଅବଧାନେ ମହାପାତ୍ରଙ୍କୁ କ'ଣ କହିଛନ୍ତି ?

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ସାନବାବୁଙ୍କ ସମ୍ପର୍କରେ ଅବଧାନେ ମିଛ ପ୍ରଶଂସା କରିଥିଲେ ଯାହାଫଳରେ ପାଞ୍ଚଟଙ୍କା ପୁରସ୍କାର ପାଇଥିଲେ ।

ପ୍ର.୧୩. ରାଜୀବ ସଂପର୍କରେ ଅବଧାନେ ମହାପାତ୍ରଙ୍କୁ କ'ଣ କହିଛନ୍ତି ?

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ରାଜୀବ ସଂପର୍କରେ ସାଆନ୍ତାଣୀ ସାଆନ୍ତଙ୍କୁ ରାଜୀବର ଦୁଷ୍ଟାମି ସଂପର୍କରେ କହିଥିଲେ ।

ପ୍ର.୧୪. ମହାପାତ୍ର ବାବୁ କୋଠିର ବଡ଼ ବଡ଼ ସାହେବଙ୍କ ପାଖକୁ ଗଲେ ତାଙ୍କର କ'ଣ ଅସୁବିଧା ହୋଇଥାଏ ?

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ମହାପାତ୍ରବାବୁ କୋଠିର ବଡ଼ ବଡ଼ ସାହେବଙ୍କ ପାଖକୁ ଗଲେ ତାଙ୍କର ଇଂରାଜୀରେ କଥା ହେବା ଅସୁବିଧା ହୋଇଥାଏ ।

ପ୍ର.୧୫. ବାବୁ ରାଜୀବ କେଉଁ ବିଷୟରେ ପକ୍‌କା ହୋଇଗଲେଣି ବୋଲି କୁହାଯାଇଛି ?

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ବାବୁ ରାଜୀବ ଇଂରାଜୀ ପାଠ ବିଷୟରେ ପକ୍କା ହୋଇଗଲେଣି ବୋଲି କୁହାଯାଇଛି; କିନ୍ତୁ ବାସ୍ତବରେ ସେ ଇଂରାଜୀ ଶିକ୍ଷା ହାସଲ କରିପାରି ନଥିଲେ ।

ପ୍ର.୧୬. କେଉଁଦିନ ହୋଟେଲ ବାଲାର ବେଶ୍ ଆୟ ହୋଇଥାଏ ?

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ଯେଉଁଦିନ ରାଜୀବଲୋଚନବାବୁ ହୋଟେଲ ଯାଆନ୍ତି, ହୋଟେଲବାଲାର ବେଶ୍ ଆୟ ହୋଇଯାଏ ।

ପ୍ର.୧୭. ରାଜୀବଙ୍କ କେଉଁ ଇଚ୍ଛା ମହାଜନ ବଳବାବୁ ସଫଳ କରି ନଥିଲେ ?

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ରାଜୀବଙ୍କ କୁସଂସ୍କାର ବିମର୍ଦ୍ଦିନୀ ଓ ନାରୀ ସ୍ୱାଧୀନତା ବିବର୍ଦ୍ଧିନୀ ସଭାଗଠନ ଏବଂ ସଭାସମିତିରେ ବକ୍ତୃତା ଦେବାର ଇଚ୍ଛାକୁ ମହାଜନ ବଳବାବୁ ସଫଳ କରାଇ ଦେଇ ନଥିଲେ ।

**ପ୍ର.୧୮. ପାଞ୍ଜିଆ ଗୁମାସ୍ତା ପ୍ରଜାପାଟକମାନେ ନୂଆ ଜମିଦାରଙ୍କ ପାଇଁ କ'ଣ କରିଥିଲେ ?**

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ପାଞ୍ଜିଆ ଗୁମାସ୍ତା ରଙ୍ଗାଧର ମହାନ୍ତି ଏବଂ ପ୍ରଜାପାଟକମାନେ ନୂଆ ଜମିଦାରଙ୍କୁ ଗଦିରେ ବସାଇଦେଲେ ।

**ପ୍ର.୧୯. ଶାମପୁର ଗାଁ ଲୋକ ଓ ଗ୍ରାମ ପିଲାଙ୍କର ଗୋପାଳବାବୁ କି ଉପକାର କରିଥିଲେ ?**

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ଶାମପୁର ଗାଁଲୋକ ଓ ଗ୍ରାମପିଲାଙ୍କର ଗୋପାଳବାବୁ ବହୁ ଉପକାର କରିଥିଲେ । ଗ୍ରାମରୁ ଢେର ଲୋକଙ୍କୁ କଲିକତାରେ ନାନା କାର୍ଯ୍ୟରେ ଲଗାଇଦେଇ ରୋଜଗାରକ୍ଷମ କରାଇ ଦେଇଥିଲେ । ବାବୁଙ୍କ ସାହାଯ୍ୟ ଓ ଯତ୍ନରେ ଢେର ପିଲା କଟକରୁ ଶିକ୍ଷିତ ହୋଇପାରିଥିଲେ ।

**ପ୍ର.୨୦. ନୂଆ ଜମିଦାରଙ୍କ ଆହ୍ୱାନରେ ଶାମପୁର ଗ୍ରାମରେ କ'ଣ ଘଟିଥିଲା ?**

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ନୂଆ ଜମିଦାରଙ୍କ ଆହ୍ୱାନରେ ଶାମପୁର ଗ୍ରାମରେ ପ୍ରାଇମେରୀ ଓ ଅପର୍ ପ୍ରାଇମେରୀ ପାଶ୍, ଛାତ୍ରବୃତ୍ତି ଫେଲ୍ ଢେର ଶିକ୍ଷିତ ସ୍ୱାଧୀନମନା ଏକାଠି ହୋଇଥିଲେ ।

**ପ୍ର.୨୧. ହରିବୋଲବାବୁ କେଉଁ ଦୁଇଟି ସଭାର ସଂପାଦକ ଥିଲେ ଓ କାହିଁକି ?**

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ହରିବୋଲବାବୁ ଜ୍ଞାନବର୍ଦ୍ଧିନୀ ଓ ସ୍ତ୍ରୀ ସ୍ୱାଧୀନତା ବିବର୍ଦ୍ଧିନୀ ସଂସ୍ଥାର ସମ୍ପାଦକ ଥିଲେ ।

**ପ୍ର.୨୨. ସଭାକାର୍ଯ୍ୟ ଶେଷହେବାକୁ ଅଧିକ ରାତ୍ରି ହୋଇଗଲେ ସଭ୍ୟମାନେ କ'ଣ କରିଥା'ନ୍ତି ?**

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ସଭାକାର୍ଯ୍ୟ ଶେଷ ହେବାକୁ ଅଧିକ ରାତ୍ରି ହୋଇଗଲେ ସଭ୍ୟମାନେ ଘରକୁ ଯାଇପାରନ୍ତି ନାହିଁ । କଚେରୀ ଘରେ ସେମାନଙ୍କ ପାଇଁ ଭୋଜନପାନର ବନ୍ଦୋବସ୍ତ କରାଯାଏ ।

**ପ୍ର.୨୩. ପଟ୍ଟନାୟକଙ୍କୁ କାହିଁକି ବରଖାସ୍ତ କରାଯାଇଥିଲା ?**

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ପ୍ରତିଦିନ ଟଙ୍କା ଦେବାରେ ବୁଢ଼ା ପଟ୍ଟନାୟକ ହଇରାଣ ହୁଅନ୍ତି । ଟଙ୍କା ଦେବାରେ ବିଳମ୍ବ ହେଲେ ବାବୁ ରାଜୀବଲୋଚନ ଭାରି ଖପ୍ପା ହୁଅନ୍ତି । ବୁଢ଼ାଟା ଅଯୋଗ୍ୟ, କୁସଂସ୍କାରୀ, ସଭାର ବିଘ୍ନକାରୀ ବୋଲି କହି ପଟ୍ଟନାୟକଙ୍କୁ ବାବୁ ବରଖାସ୍ତ କରିଥିଲେ ।

**ପ୍ର.୩୧. ମିସେସ୍ ମହାପାତ୍ର କେଉଁ କଥାରେ ହସିପକାଇ ବଡ଼ ଖୁସି ହୋଇଥା'ନ୍ତି ?**

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ମିସେସ୍ ମହାପାତ୍ର ଅଶିକ୍ଷିତ ଲୋକଙ୍କୁ ଦେଖି ଏବଂ ସେମାନଙ୍କର କଥା ଶୁଣି ହସିପକାଇବା ସହିତ ବଡ଼ ଖୁସି ହୋଇଥିଲେ ।

**ପ୍ର.୩୨. ପୋଇଲୀ ପଦୀ କାହିଁକି ଭାରି ପାଟିଟାଏ କରିଥିଲା ?**

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ପୋଇଲୀ ପଦୀ ଗୋବରପାଣି ଧରି କନା ଖଣ୍ଡକରେ ଚୁଲ୍ଲୀ ଲିପୁଥିଲା । ଏହି ସମୟରେ ଜୋତା ମାଡ଼ି ମିସେସ୍ ମହାପାତ୍ର ହାଣ୍ଡିଶାଳ ଭିତରେ ପଶିଯିବାରୁ ପଦୀ ଭାରି ପାଟିଟାଏ କରି କହିଲା- 'ଆଲୋ ମୋ ମା'ଲୋ, ଆଲୋ ମୋ ବାପଲୋ, ଜୋତା ମାଡ଼ି ହାଣ୍ଡିଶାଳରେ ପଶିଲା ଲୋ ।'

**ପ୍ର.୩୩. ସଭାର ସଭ୍ୟମାନେ ଆଉ ମିଷ୍ଟର ଓ ମିସେସ୍ ମହାପାତ୍ରଙ୍କ ନିଟକୁ ଆସିଲେ ନାହିଁ କାହିଁକି ?**

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ସଭାର ସଭ୍ୟମାନେ ଆଉ ମିଷ୍ଟର ଓ ମିସେସ୍ ମହାପାତ୍ରଙ୍କ ନିକଟକୁ ଆସିବାକୁ ମନ ବଳାଇଲେ ନାହିଁ କାରଣ ସେତେବେଳକୁ ଜମିଦାରୀ ବିକ୍ରି ସରିଥିଲା । ଜମିଦାରଙ୍କ ପାଖରେ ଟଙ୍କାପଇସା ନଥିଲା ।

**୨(ଘ) ପ୍ରାୟ ତିରିଶ ଗୋଟି ଶବ୍ଦରେ ଉତ୍ତର ଦିଅ । ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଉତ୍ତର ପାଇଁ ୨ ନମ୍ବର ।**

**ପ୍ର.୧. କଲିକତି ଧୂଆଁପତ୍ରର ନାମ ବାଲେଶ୍ୱରୀ ବୋଲି କାହିଁକି କୁହାଯାଉଥିଲା ?**

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ବାବୁ ବଳରାମ ବଳଙ୍କର କଲିକତା ବଡ଼ବଜାରରେ ମହାଜନୀ କାରବାର ହୁଏ । ସେଠାକୁ ଉତ୍କଳର ସମସ୍ତ ବେପାରୀ ଆସନ୍ତି । ଲକ୍ଷ ଲକ୍ଷ ଟଙ୍କାର କାରବାର ହୁଏ । ବାଲେଶ୍ୱର ଜାହାଜରେ ମାଲ୍ ଆମଦାନୀ ହୁଏ । କଲିକତାକୁ ଆମଦାନୀ ମାଲ୍ ମଧ୍ୟରେ ଧୂଆଁପତ୍ର ପ୍ରଧାନ, ହେଲେ ବାଲେଶ୍ୱରୀ ଲୋକେ ଧୂଆଁପତ୍ର ଗଛ କେବେ ଦେଖିନାହାନ୍ତି ।

**ପ୍ର.୨. ଗୋପାଳ କିପରି ମହାଜନ ବଳରାମଙ୍କ କଲିକତା ଗଦିରେ ପହଞ୍ଚିଥିଲା ?**

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ବାବୁ ବଳରାମ ବଳଙ୍କ ଘର ଯାଜପୁର ଅଞ୍ଚଳରେ । ମହାଜନ ଥରେ ଗ୍ରାମକୁ ଆସିଥିଲେ । ଦଶ-ବାରବର୍ଷର ଛେଉଣ୍ଡ ପିଲା ଗୋପାଳିଆ ଗ୍ରାମରେ ବୁଲୁଥିଲା । ଗୋପାଳିଆ ବିଶ୍ୱସ୍ତ, ସଚ୍ଚୋଟ, କର୍ମଠ, ଧୀର ଓ ଜାତିପୁଅ । ତେଣୁ ଶ୍ରଦ୍ଧାରେ ଗୋପାଳକୁ ଜମିଦାର କଲିକତା ନେଇଯାଇଥିଲେ ।

**ପ୍ର.୩. କେଉଁ କଥାକୁ ହେଜ ନ ଥାଇ ବାବୁ ବଳରାମ ଗଦି ବନ୍ଦକରି ଉଠିଯାଇଥିଲେ ?**

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

**(ଗ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଦୁଇଟି ବାକ୍ୟରେ ଉତ୍ତର ଲେଖ । ଲେଖା ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଉତ୍ତର ପାଇଁ ୧ ନମ୍ବର ।**

**ପ୍ର.୧. କାଶୀ ବିଶ୍ୱନାଥ ମନ୍ଦିରର ରାସ୍ତା ସମ୍ପର୍କରେ କ'ଣ ବର୍ଣ୍ଣନା କରାଯାଇଛି ?**

**ଉ.** ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକା – ଅଖିଳମୋହନ ପଟ୍ଟନାୟକ

କାଶୀ ବିଶ୍ୱନାଥ ମନ୍ଦିରର ରାସ୍ତା ନାତିପ୍ରଶସ୍ତ । ସେହି ରାସ୍ତାରୁ ବାହାରିଛି ସଂକୀର୍ଣ୍ଣ ଉପକଣ୍ଠ ।

**ପ୍ର.୨. ଡାଲ୍‌ମଣ୍ଡିର ସନ୍ଧ୍ୟା ସମ୍ପର୍କରେ କ'ଣ କୁହାଯାଇଛି ?**

**ଉ.** ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

'ଡାଲ୍‌ମୁଣ୍ଡି' ସଂନ୍ଧ୍ୟାରେ ସହସ୍ରାଧିକ ବାରଙ୍ଗନାର ଆଶ୍ରୟଦାତା ।

**ପ୍ର.୩. କେଉଁ ଆଖିନେଇ ଅଶୋକ ଆଉଥରେ ଗଙ୍ଗା-ଗୋଧୂଳିର କରୁଣ ଏକାଙ୍କିକା ଦେଖୁଥିଲେ ?**

**ଉ.** ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

କୌତୁହଳୀ ଆଖି ନେଇ ଅଶୋକ ଆଉଥରେ ଗଙ୍ଗା ଗୋଧୂଳିର କରୁଣ ଏକାଙ୍କିକା ଦେଖୁଥିଲେ ।

**ପ୍ର.୪. ଉଜ୍ଜ୍ୱଳ ଚକ୍ରାବାଳର ପଟ୍ଟଭୂମିରେ ଯାତ୍ରୀବାହୀ ନୌକାଗୁଡ଼ିକ ସମ୍ପର୍କରେ କ'ଣ କୁହାଯାଇଛି ?**

**ଉ.** ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ସିଲିହଟ୍ ଛବି ପରି ଉଜ୍ଜ୍ୱଳ ଚକ୍ରବାଳର ପଟ୍ଟଭୂମିରେ ଯାତ୍ରୀବାହୀ ନୌକାଗୁଡ଼ିକ ଯାତାୟାତ କରୁଥିବା ସଂପର୍କରେ କୁହାଯାଇଛି ।

**ପ୍ର.୫. ଅଶୋକଙ୍କ ପୁରାତନ ଅନୁଭୂତିର ରୋମନ୍ଥନ କିପରି ଅନୁଭୂତ ହେଉଥିଲା ?**

**ଉ.** ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ଅନୁଭୂତିର ସମୁଦ୍ର ମନ୍ଥନରେ ବହୁ ପୁରାତନ ସ୍ମୃତିର ବୁଦ୍‌ବୁଦ୍ ଭାସିଉଠିଛି ଅଶୋକଙ୍କ ଅନୁଭୂତି ମଧ୍ୟ ଦେଇ ।

**ପ୍ର.୬. ପବନର ପ୍ରତିକୂଳରେ ମାଝି କ'ଣ କରୁଥିଲା ?**

ଉ. ଗଳ୍ପ – ରୂପନାରାୟଣ ସାହା
ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ
ପବନର ପ୍ରତିକୂଳରେ ମାଝି ଆହୁଲା ଧରି ଗଙ୍ଗାବକ୍ଷରେ ଗତି କରୁଥିଲା ।

**ପ୍ର.୭. କର୍ପୋରେସନର ଅଦୃଶ୍ୟ ଇଙ୍ଗିତରେ କ'ଣ ହୋଇଥିଲା ?**

ଉ. ଗଳ୍ପ – ରୂପନାରାୟଣ ସାହା
ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ
କର୍ପୋରେସନ୍‌ର ଅଦୃଶ୍ୟ ଇଙ୍ଗିତରେ ଘାଟମୂଲ ନେବାପାଇଁ ସେ ଡାକୁଥିଲା ।

**ପ୍ର.୮. ରାମନଗରର ଜଲିଟ୍ରିପ୍‌ଟାକୁ କିପରି କିଣିବାକୁ ହେଲା ବୋଲି କୁହାଯାଇଛି ?**

ଉ. ଗଳ୍ପ – ରୂପନାରାୟଣ ସାହା
ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

**ପ୍ର.୯. ବାପା କ'ଣ ଆରମ୍ଭ କରି ଦେଇଥିଲେ ବୋଲି କୁହାଯାଇଛି ?**

ଉ. ଗଳ୍ପ – ରୂପନାରାୟଣ ସାହା
ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ
ବାପା ଅଶୋକ ଉପରେ କ୍ରୋଧ କରିବା ଆରମ୍ଭ କରିଦେଇଥିଲେ ।

**ପ୍ର.୧୦. ସାନଭଉଣୀର କରୁଣ ମିନତି ସମ୍ପର୍କରେ କ'ଣ କୁହାଯାଇଛି ?**

ଉ. ଗଳ୍ପ – ରୂପନାରାୟଣ ସାହା
ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ
ସାନଭଉଣୀର କରୁଣ ମିନତୀ ଥିଲା ଭାଇ ପାଇଁ ପ୍ୟାଣ୍ଟ ନ କିଣିବା ।

**ପ୍ର.୧୧. ଅଶୋକଙ୍କ ସଂପର୍କରେ ଜେଜେ ମା'ଙ୍କ ଟିପ୍‌ପଣୀ କ'ଣ ଥିଲା ?**

ଉ. ଗଳ୍ପ – ରୂପନାରାୟଣ ସାହା
ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ
ଅଶୋକ ସମ୍ପର୍କରେ ଜେଜେମା' ପିଲାଦିନେ କଥା ମାନି ନଥିବା ଟିପ୍‌ପଣୀ କରିଥିଲେ ।

**ପ୍ର.୧୨. ଆପଣମାନେ ୟେ କ'ଣ କଲେ କହି ମାଷ୍ଟରଜୀ କ'ଣ କହିଛନ୍ତି ?**

ଉ. ଗଳ୍ପ – ରୂପନାରାୟଣ ସାହା
ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ
ମାଷ୍ଟରଜୀ ଅଶୋକ ଯାହା କହିଛି ତାହା ଠିକ୍, ତେବେ ଆପଣମାନେ ଇଏ କ'ଣ କଲେ ?

**ପ୍ର.୧୩. ଅକାଳ-ପ୍ରୌଢ଼, ଚିନ୍ତାଜୀର୍ଣ୍ଣ, ଦରିଦ୍ର ଶିକ୍ଷକଟି କେଉଁ ପଦକୁ ଉତ୍ତୀର୍ଣ୍ଣ ହୋଇଯାଇଥିଲେ ବୋଲି କୁହାଯାଇଛି ।**

ଉ. ଗଳ୍ପ – ରୂପନାରାୟଣ ସାହା
ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ
ଅକାଳ ପ୍ରୌଢ଼, ଚିନ୍ତାଜୀର୍ଣ୍ଣ, ଦରିଦ୍ର ଶିକ୍ଷକଟି ରିକ୍ସାବାଲା ପଦକୁ ଉତ୍ତୀର୍ଣ୍ଣ ହୋଇଯାଇଥିଲା ବୋଲି କୁହାଯାଇଛି ।

**ପ୍ର.୧୪. ମୁନ୍ନା ଓ ମନ୍ନୁ ଭିତରେ କ'ଣ ପାର୍ଥକ୍ୟ ଥିଲା ?**

ଉ. ଗଳ୍ପ – ରୂପନାରାୟଣ ସାହା
ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ଅଶୋକର ନାଁ ମୁନ୍ନା ଏବଂ ମାଙ୍କଡ଼ର ନାଁ ମନ୍ନୁ ।

**ପ୍ର.୧୫. ମନ୍ନୁ ଦାନ୍ତ ଦେଖେଇ ଖେଙ୍କି ଦେଲେ ମାଷ୍ଟରଜୀ କ'ଣ କୁହନ୍ତି ?**

ଉ. ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ମନ୍ନୁ ଦାନ୍ତ ଦେଖାଇ ଖେଙ୍କିଦେଲେ ମାଷ୍ଟରଜୀ ଭୟ କରନ୍ତି ।

**ପ୍ର.୧୬. ମାଷ୍ଟରଜୀ କପଟ ଭର୍ତ୍ସନା କରି ମନ୍ନୁକୁ କ'ଣ କହିଥା'ନ୍ତି ?**

ଉ. ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ମାଷ୍ଟରଜୀ କପଟ ଭର୍ତ୍ସନା କରି ମନ୍ନୁକୁ ସ୍ନେହ କରିଥାନ୍ତି ।

**ପ୍ର.୧୭. ପଢ଼ିସାରିଲା ବେଳକୁ ମାତାଜୀ କ'ଣ କରିଥା'ନ୍ତି ?**

ଉ. ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ପଢ଼ିସାରିଲା ବେଳକୁ ମାତାଜୀ ସୁଜି ହାଲ୍ୱା କରି ଆଣିଦେଇଥାନ୍ତି ।

**ପ୍ର.୧୮. ପିଣ୍ଡା ଉପରେ ବସିଥିବା କେଇଜଣଙ୍କୁ ଅଶୋକ କ'ଣ ପଚାରିଥିଲେ ?**

ଉ. ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ପିଣ୍ଡା ଉପରେ ବସିଥିବା କେଇଜଣଙ୍କୁ ଅଶୋକ ରୂପନାରାୟଣ ସାହାଜୀଙ୍କ ସଂପର୍କରେ ପଚାରିଥିଲା ।

**ପ୍ର.୧୯. ପିଣ୍ଡା ଉପରେ ଲୋକଙ୍କ ମଧ୍ୟରୁ ଜଣେ ଅଶୋକଙ୍କ ପ୍ରଶ୍ନର କି ଉତ୍ତର ଦେଇଥିଲା ?**

ଉ. ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ପିଣ୍ଡା ଉପରେ ଲୋକଙ୍କ ମଧ୍ୟରୁ ଜଣେ ଅଶୋକଙ୍କ ପ୍ରଶ୍ନର ଠିକ୍ ଉତ୍ତର ଦେଇପାରି ନଥିଲା ।

**ପ୍ର.୨୦. ଅଶୋକ ଆଉଥରେ ବୁଝାଇ ପିଣ୍ଡା ଉପରର ଲୋକମାନଙ୍କୁ କ'ଣ କହିଥିଲେ ?**

ଉ. ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ଅଶୋକ ଆଉଥରେ ବୁଝାଇ ପିଣ୍ଡା ଉପରର ଲୋକମାନଙ୍କୁ ରୂପନାରାୟଣ ସାହାଜୀଙ୍କ ଠିକଣା ସଂପର୍କରେ କହିଥିଲେ ।

**ପ୍ର.୨୧. ରିକ୍ସାବାଲା ତା'ର କୋଟରଗତ ପେଚୁଆ ପେଚୁଆ ଆଖିରେ କ'ଣ ଦେଖିବାକୁ ଚେଷ୍ଟା କରୁଥିଲା ?**

ଉ. ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ରିକ୍ସାବାଲାଟା ତା'ର କୋଟରଗତ ପେଚୁଆ ପେଚୁଆ ଆଖିରେ ଅଶୋକକୁ ଦେଖିବାକୁ ଚେଷ୍ଟା କରୁଥିଲା ।

**ପ୍ର.୨୨. ମାଷ୍ଟରଜୀଙ୍କ ପାଦଧୂଳି ନେବାକୁ ଅଶୋକ ହାତ ବଢ଼ାଇଲା ପରେ ମାଷ୍ଟରଜୀ କ'ଣ କହିଥିଲେ ?**

ଉ. ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ମାଷ୍ଟରଜୀଙ୍କ ପାଦଧୂଳି ନେବାକୁ ଅଶୋକ ହାତ ବଢ଼ାଇଲା ପରେ ମାଷ୍ଟରଜୀ ଅଶୋକକୁ କୋଳେଇ ନେଇଥିଲେ ।

**ପ୍ର.୨୩. ମାଷ୍ଟରଜୀଙ୍କ ସେଇ ପୁରୁଣା ପିଣ୍ଡାରେ ଅଶୋକ କାହିଁକି ମୂକ ହୋଇ ବସିଥିଲେ ?**

**ଉ.** ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ମାଷ୍ଟରଜୀଙ୍କ ସେଇ ପୁରୁଣା ପିଣ୍ଡାରେ ଅଶୋକ ସ୍ମୃତି ମନେପକାଇ ମୂକ ହୋଇ ବସିଥିଲା ।

**ପ୍ର.୨୪. କେଉଁ କଥାରେ ମାଷ୍ଟରଜୀଙ୍କର ଗୋଟାଏ ବଡ଼ ସମାଧାନ ହୋଇଯାଇଥିଲା ବୋଲି ସେ କହିଛନ୍ତି ?**

**ଉ.** ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ସ୍ତ୍ରୀ ମରିଯାଇଥିବାରୁ ମାଷ୍ଟରଜୀଙ୍କର ଗୋଟାଏ ବଡ଼ ସମାଧାନ ହୋଇଯାଇଥିଲା ବୋଲି ସେ କହିଛନ୍ତି ।

**ପ୍ର.୨୫. କିଏ ସାମ୍ନାର ରିକ୍ସାକୁ ଦେଖି ଅଟକି ଯାଇଥିଲେ ?**

**ଉ.** ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ମାଷ୍ଟରଜୀ ସାମ୍ନାରେ ଗୋଟିଏ ବୃଦ୍ଧାକୁ ହାତବଢ଼ାଇ ଦେଖାଇ ଦେଇଥିଲେ ।

**ପ୍ର.୨୬. କାହାଣୀ-ଦକ୍ଷ ମାଷ୍ଟରଜୀଙ୍କ ଆତ୍ମକାହାଣୀର ସ୍ୱରୂପ କିପରି ଥିଲା ?**

**ଉ.** ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

କାହାଣୀଦକ୍ଷ ମାଷ୍ଟରଜୀଙ୍କ ଆତ୍ମକାହାଣୀର ସ୍ୱରୂପ ଅଦ୍ଭୁତ ଥିଲା ।

**ପ୍ର.୨୭. ମାତାଜୀଙ୍କ ପାଦଧୂଳି ନେଇ ଅଶୋକ କେଉଁ ଗନ୍ଧ ଆଘ୍ରାଣ କରିପାରୁଥିଲେ ?**

**ଉ.** ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ମାତାଜୀଙ୍କ ପାଦଧୂଳି ନେଇ ଅଶୋକ ପୂର୍ବ ସ୍ମୃତିର ଗନ୍ଧ ଆଘ୍ରାଣ କରିପାରୁଥିଲେ ।

**ପ୍ର.୨୮. ମାତାଜୀଙ୍କର ଅବସ୍ଥା ଶେଷବେଳକୁ କ'ଣ ହୋଇଥିଲା ?**

**ଉ.** ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ମାତାଜୀଙ୍କ ଅବସ୍ଥା ଶେଷବେଳକୁ ବଧିର ଓ ଅସହାୟ ହୋଇଯାଇଥିଲା ।

**ପ୍ର.୨୯. ମାତାଜୀଙ୍କର କେଉଁ କଥାରେ ମାଷ୍ଟରଜୀ ସଙ୍କୁଚିତ ହୋଇ ଯାଉଥିଲେ ?**

**ଉ.** ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ମାତାଜୀଙ୍କ ବ୍ୟବହାର ଏବଂ ଅନାସକ୍ତ କଥାରେ ମାଷ୍ଟରଜୀ ସଙ୍କୁଚିତ ହୋଇଯାଉଥିଲେ ।

**ପ୍ର.୩୦. ମାଷ୍ଟରଜୀ ହାତରେ ଖଣ୍ଡେ କାଗଜ ବଢ଼େଇ ଦେଇ ଅଶୋକଙ୍କୁ କ'ଣ କହିଥିଲେ ?**

**ଉ.** ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ମାଷ୍ଟରଜୀ ହାତରେ ଖଣ୍ଡେ କାଗଜ ବଢ଼ାଇଦେଇ ଅଶୋକକୁ ଯିବାପାଇଁ କହିଥିଲେ ।

**ପ୍ର.୩୧. ମାଷ୍ଟରଜୀଙ୍କ କଥା ଅଶୋକଙ୍କର କେଉଁଠି ତୁହାଇ ତୁହାଇ ମନେପଡୁଥିଲା ?**

ଉ. ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ମାଷ୍ଟରଜୀଙ୍କ କଥା ଅଶୋକଙ୍କର ମନରେ ଓ ହୃଦୟରେ ତୁହାଇ ତୁହାଇ ମନେପଡୁଥିଲା ।

**ପ୍ର.୩୨. କେଉଁ କଥା ଇଚ୍ଛାକରି ବି ବିଶ୍ୱାସ କରିବାକୁ ଚାହାଁନ୍ତି ନାହିଁ ବୋଲି ଅଶୋକ କହିଛନ୍ତି ?**

ଉ. ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

**ପ୍ର.୩୩. କ'ଣ କରି ଏ ଜାତି ମାଷ୍ଟରଜୀଙ୍କ ଚାଟଶାଳୀକୁ ଫେରିଆସିବ ବୋଲି କୁହାଯାଇଛି ?**

ଉ. ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ଦିନେନା ଦିନେ ଉଚିତ ଶିକ୍ଷା ପାଇ ଏ ଜାତି ମାଷ୍ଟରଜୀଙ୍କ ଚାଟଶାଳୀକୁ ଫେରିଆସିବ ବୋଲି କୁହାଯାଇଛି ।

**ପ୍ର.୩୪. ବାଧ ଶିଶୁପରି ମାଷ୍ଟରଜୀଙ୍କ ଚାଟଶାଳୀକୁ ଏ ଜାତି ଫେରି ଆସିଲେ ସେଦିନ ମାଷ୍ଟରଜୀ କ'ଣ କରିବେ ?**

ଉ. ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ବାଧ ଶିଶୁପରି ମାଷ୍ଟରଜୀଙ୍କ ଚାଟଶାଳୀକୁ ଏ ଜାତି ଫେରିଆସିଲେ ମାଷ୍ଟରଜୀ ସେଦିନ ନୂଆକରି ପ୍ରାଥମିକ ଶିକ୍ଷା ଦେବେ ।

**ପ୍ର.୩୫. ମଇଳା କାଗଜ ଗୁଳାଟିକୁ ଖୋଲି ଅଶୋକ ସେଥିରେ କ'ଣ ଲେଖାଥିବାର ଦେଖିଥିଲେ ?**

ଉ. ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ମଇଳା କାଗଜ ଗୁଳାଟିକୁ ଖୋଲି ଅଶୋକ ସେଥିରେ ଦେଖିଲା ଲେଖାଅଛି- ରୂପନାରାୟଣ ସାହା, ସଦରବଜାର, କା ନମେ ରୋଡ, ବନାରସ ।

**(ଘ) ପ୍ରାୟ ତିରିଶ ଗୋଟି ଶବ୍ଦରେ ଉତ୍ତର ଦିଅ । ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଉତ୍ତର ପାଇଁ ୨ ନମ୍ବର ।**

**ପ୍ର.୧. ବନାରସର ରାସ୍ତା ସଂପର୍କରେ କ'ଣ ବର୍ଣ୍ଣନା କରାଯାଇଛି ?**

ଉ. ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ବନାରସର ରାସ୍ତା ନାତିଦୀର୍ଘ ଏବଂ ଗଳିରେ ଗଳିରେ ଉପରାସ୍ତା ରହିଛି । ତାହା ସଂକୀର୍ଣ୍ଣ ଏବଂ ଦୀର୍ଘ ।

**ପ୍ର.୨. ଡାଲମଣ୍ଡିକୁ ଏକ ହତଶ୍ରୀ ସଭ୍ୟତାର ଡଷ୍ଟବିନ୍ ବୋଲି କାହିଁକି କୁହାଯାଇଛି ?**

ଉ. ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ଡାଲମଣ୍ଡିକୁ ଏକ ହତଶ୍ରୀ ସଭ୍ୟତାର ଡଷ୍ଟବିନ୍ ବୋଲି କୁହାଯିବାର କାରଣ ହେଉଛି, ଏହା ସହସ୍ରାଧିକ ବାରଙ୍ଗନାର

# ଆକାଶ କଇଁଚ

ମନୋଜ ଦାସ

ମନୋଜ ଦାସ

**ଗାଳ୍ପିକଙ୍କ ପରିଚୟ:**

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପ–ସାହିତ୍ୟରେ ଗାଳ୍ପିକ ମନୋଜ ଦାସ ଜଣେ ଉଚ୍ଚକୋଟୀର କଥାକାର । ତାଙ୍କର ଅଧିକାଂଶ ଗଳ୍ପରେ ସେ ଆତ୍ମସଚେତନ । ଅନୁଭୂତି ପ୍ରବଣ ବ୍ୟକ୍ତି ମାନସରେ ଅବଚେତନ ସ୍ତରକୁ ସେ ଅତ୍ୟନ୍ତ ନିପୁଣତାର ସହିତ ଅଙ୍କନ କରିଅଛନ୍ତି । ଭାରତୀୟ ତଥା ଆନ୍ତର୍ଜାତିକ ଗଳ୍ପ-ସାହିତ୍ୟ କ୍ଷେତ୍ରରେ ଅଦ୍ୟାପି ପରିସ୍ଫୁଟ ହୋଇଥିବା ସମସ୍ତ ବିକାଶକୁ ଗାଳ୍ପିକ ମନୋଜ ଦାସ ତାଙ୍କର ପ୍ରାୟ ସମସ୍ତ ଗଳ୍ପରେ ଅତ୍ୟନ୍ତ ଦକ୍ଷତା ଓ କୁଶଳତାର ସହିତ ଫୁଟାଇପାରିଛନ୍ତି । ତାଙ୍କର ପ୍ରତ୍ୟେକ ଗଳ୍ପ ପୂର୍ବବର୍ତ୍ତୀ ସମସ୍ତ ଗଳ୍ପଠାରୁ ଅଧିକ ପ୍ରାବଣ୍ୟ ଓ ପ୍ରୌଢ଼ତାର ସଙ୍କେତ ବହନ କରିଥାଏ । ଓଡ଼ିଆ ଗଳ୍ପରେ ନୂତନ ଚିନ୍ତାଧାରା ଓ ନବୀନ ରୁଚିର ଆସ୍ୱାଦ ପରିବେଷଣରେ ତାଙ୍କର ଶିଳ୍ପ ଗୌରବ ସର୍ବାଧିକ ବୋଲି ମନେହୁଏ । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଜଣେ ଶକ୍ତିଶାଳୀ ଗଳ୍ପ-ଲେଖକରୂପ କେବଳ ଓଡ଼ିଶାରେ ନୁହେଁ, ସର୍ବଭାରତୀୟ

**(ଗ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର। ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଠିକ୍ ଉତ୍ତର ପାଇଁ ୧ ନମ୍ବର ରହିବ।**

**ପ୍ର:୧. ସମୟ ସମୟରେ କମ୍ବୁଗ୍ରୀବ କୂଳକୁ ଉଠିଯାଇ କ'ଣ କରେ ?**

- ଉ. ଗଳ୍ପ – ଆକାଶ କଇଁଛ

  ଗାଳ୍ପିକ – ମନୋଜ ଦାସ

ସମୟ ସମୟେ କମ୍ବୁଗ୍ରୀବ ସରୋବର କୂଳକୁ ଉଠିଯାଇ ମୃଦୁ ସମୀରଣରେ ବିଚରଣ କରୁଥାଏ ତ କେତେବେଳେ ଲତାପତ୍ର ଦେହରୁ ଶିଶିରବିନ୍ଦୁଟିଏ ଚାଟିଦିଏ ପୁଣି କେତେବେଳେ ଘାସ ଫୁଲଟିଏ ଚୋବାଇ ପକାଇଥାଏ ।

**ପ୍ର.୨. ହଂସଯୁଗଳ କଚ୍ଛପର ମନୋରଞ୍ଜନ ପାଇଁ କ'ଣ କରୁଥିଲେ ?**

ଉ. ଗଳ୍ପ – ଆକାଶ ଡାକୁଛି

ଗାଳ୍ପିକ – ମନୋଜ ଦାସ

ହଂସଯୁଗଳ କଚ୍ଛପର ମନୋରଞ୍ଜନ ପାଇଁ ଦୂରଦୂରାନ୍ତର କାହାଣୀ ଶୁଣାଉଥିଲେ । କଚ୍ଛପ ସହିତ ଦୈନିକ ଘଣ୍ଟାଏ ଦୁଇଘଣ୍ଟା ସମୟ ଦେବାରେ କାର୍ପଣ୍ୟ କରୁନଥିଲେ ।

**ପ୍ର.୩. ବିକଟ ଓ ସଙ୍କଟ କିପରି କମ୍ବୁଗ୍ରୀବକୁ ଧରି ଶୂନ୍ୟକୁ ଉଠିଥିଲେ ?**

ଉ. ଗଳ୍ପ – ଆକାଶ ଡାକୁଛି

ଗାଳ୍ପିକ – ମନୋଜ ଦାସ

ବିକଟ ଓ ସଙ୍କଟ ଖଣ୍ଡିଏ କାଠିର ଦୁଇ ପ୍ରାନ୍ତକୁ କାମୁଡ଼ି ଧରିଲେ । କାଠିର ମଧ୍ୟଭାଗକୁ କାମୁଡ଼ି ଧରିଲା କମ୍ବୁଗ୍ରୀବ । ତା' ପରେ ସେମାନେ ଶୂନ୍ୟକୁ ଉଠିଲେ ।

**ପ୍ର.୪. କମ୍ବୁଗ୍ରୀବକୁ ସଙ୍କଟ କ'ଣ ଚେତାଇ ଦେଇଥିଲା ?**

ଉ. ଗଳ୍ପ – ଆକାଶ ଡାକୁଛି

ଗାଳ୍ପିକ – ମନୋଜ ଦାସ

"ବନ- ପର୍ବତ, ନଗର- ଜନପଦ ଉପର ଦେଇ ନିରବଚ୍ଛିନ୍ନ ଗତିରେ ଉଡ଼ିଯିବାକୁ ପଡ଼ିବ । ତେଣୁ ଶୂନ୍ୟରେ ଥିବାଯାଏ ମୁହଁ ଖୋଲିବ ନାହିଁ ।" ସଙ୍କଟ କମ୍ବୁଗ୍ରୀବକୁ ଏହି କଥା କହି ଚେତାଇ ଦେଲା ।

**ପ୍ର.୫. ହଂସମାନେ କଚ୍ଛପଟିର ଶୋଚନୀୟ ଅବସ୍ଥା କଥା ମନେପକାଇ ଦେଲେ ମଧ୍ୟ କମ୍ବୁଗ୍ରୀବ କ'ଣ କରୁଥିଲା ?**

ଉ. ଗଳ୍ପ – ଆକାଶ ଡାକୁଛି

ଗାଳ୍ପିକ – ମନୋଜ ଦାସ

ହଂସମାନେ କଚ୍ଛପଟିର ଶୋଚନୀୟ ଅବସ୍ଥା କଥା ମନେପକାଇ ଦେଲେ ମଧ୍ୟ କମ୍ବୁଗ୍ରୀବ ସେ କୈଫିୟତ୍ ଶୁଣୁନଥିଲା ଖାଲି ବିସ୍ମୟ ଓ ପୁଲକରେ ଚତୁର୍ଦ୍ଦିଗ ନିରୀକ୍ଷଣ କରିଲାଗିଥିଲା ।

**ପ୍ର.୬. ହଂସମାନେ କିପରି ଉର୍ଦ୍ଧ୍ୱକୁ ଉଠିଗଲେ ?**

ଉ. ଗଳ୍ପ – ଆକାଶ ଡାକୁଛି

ଗାଳ୍ପିକ – ମନୋଜ ଦାସ

କଚ୍ଛପ ଗଦ୍‌ଗଦ୍ କଣ୍ଠରେ ଯେତେବେଳେ କହିଲା ଇତିହାସରେ ପ୍ରଥମ କଚ୍ଛପ – ମହାକାଶଚାରୀ ଭାବରେ ମୋ ନାମ ଅମର ରହିବ ସେତେବେଳେ ହଂସମାନେ ଅଧିକ ସ୍ୱାଚ୍ଛନ୍ଦ୍ୟ ଓ ଆତ୍ମବିଶ୍ୱାସ ସହକାରେ ଉର୍ଦ୍ଧ୍ୱକୁ ଉଠିଲେ ।

**ପ୍ର.୭. କଚ୍ଛପଦ୍ୱାରା ଏ ଆକାଶ – ବିଜୟ ସମ୍ପର୍କରେ 'କାଉ' କ'ଣ କହିଥିଲା ?**

ଉ. ଗଳ୍ପ – ଆକାଶ ଡାକୁଛି

ଗାଳ୍ପିକ – ମନୋଜ ଦାସ

କଚ୍ଛପର ଏହି ଆକାଶ- ବିଜୟ ସମ୍ପର୍କରେ କାଉ କହିଲା- " ଆକାଶର ଭବିଷ୍ୟତ ଅନ୍ଧକାର ବୋଲି ମୁଁ କାହିଁ କେତେ ଦିନରୁ ଭବିଷ୍ୟତ ବାଣୀ କରି ଆସିଛି । କଚ୍ଛପଦ୍ୱାରା ଏ ଆକାଶ – ବିଜୟ ସେହି ଅବଶ୍ୟମ୍ଭାବୀ ପରିଣତିର ଆରମ୍ଭ ମାତ୍ର । "

**ପ୍ର.୮. କେଉଁକଥା କେଉଁଠି ଗାଈଆଳଟୋକାଙ୍କ ଦୃଷ୍ଟିଗୋଚର ହୋଇଥିଲା ?**

ଉ. ଗଳ୍ପ – ଆକାଶ ଡାକୁଛି

ଗାଳ୍ପିକ – ମନୋଜ ଦାସ

ହଂସଯୁଗଳ କମ୍ବୁଗ୍ରୀବକୁ ଆକାଶମାର୍ଗରେ ଉଠାଇ ନେଇ ଯାଉଥିବା ବେଳେ ଏହି ଅଭିନବ ଘଟଣା ପର୍ବତ ସେପାରି ପ୍ରାନ୍ତରର କେତେଜଣ ଗାଈଆଳ ଟୋକାଙ୍କ ଦୃଷ୍ଟିଗୋଚର ହେଲା ।

**ପ୍ର.୯. ଟୋକାମାନେ ଅଟକି ଯିବାକୁ ବାଧହେବାରୁ କଚ୍ଛପଟି କ'ଣ ଅନୁଭବ କରିଥିଲା ?**

ଉ. ଗଳ୍ପ – ଆକାଶ କହିଁଛ

ଗାଳ୍ପିକ – ମନୋଜ ଦାସ

ଟୋକାମାନେ ନଈତୀରଯାଏ ଆସି ଯେତେବେଳେ ଅଟକିଯିବାକୁ ବାଧହେଲେ, ସେତେବେଳେ କଚ୍ଛପଟିର ସ୍ୱୟଂ ହାତତାଳି ଦେବାର ପ୍ରେରଣା କଲା, କିନ୍ତୁ ହାତ ବା ଗୋଡ଼ ଅତ୍ୟନ୍ତ କ୍ଷୁଦ୍ରାକୃତି ହୋଇଥିବାରୁ ପରସ୍ପର ଭେଟିପାରିଲେ ନାହିଁ ।

**ପ୍ର.୧୦. ଅସ୍ତମାନ ସୂର୍ଯ୍ୟର ରଶ୍ମିଜାଳ ସମ୍ପର୍କରେ ଆସି ହଂସ ଓ କଚ୍ଛପଙ୍କର କ'ଣ ହୋଇଥିଲା ?**

ଉ. ଗଳ୍ପ – ଆକାଶ କହିଁଛ

ଗାଳ୍ପିକ – ମନୋଜ ଦାସ

ଅସ୍ତମାନ ସୂର୍ଯ୍ୟର ରଶ୍ମିଜାଳ ସମ୍ପର୍କରେ ଆସି ହଂସ ଓ କଚ୍ଛପର ମସୃଣ ପୃଷ୍ଠ ଦେଶରେ ସୁନାର ଧୂଳି ମଖାଇ ଦେଇଥାଏ ।

**ପ୍ର.୧୧. କେଉଁ କଥାରେ କଚ୍ଛପ କୌଣସି ପ୍ରକାରେ ନିଜକୁ ସମ୍ଭାଳି ନେଇଥିଲା ?**

ଉ. ଗଳ୍ପ – ଆକାଶ କହିଁଛ

ଗାଳ୍ପିକ – ମନୋଜ ଦାସ

"ଆଃ ! ମୁଁ ଉଡ୍ଡୀୟମାନ ।" ହଠାତ୍ ଏହି କଥା ବଡ଼ ପାଟିରେ କହିବାକୁ ଉଦ୍ୟତ ହୋଇ କଚ୍ଛପ କୌଣସି ପ୍ରକାରେ ନିଜକୁ ସମ୍ଭାଳିନେଲା ।

**ପ୍ର.୧୨. ବିଦେଶୀ ରାଜଦୂତଙ୍କ ରାଜ୍ୟରେ ଘୁଷୁରି ଉଡ଼ିବାର କଥା ଶୁଣି ରାଜା ତାଙ୍କୁ କ'ଣ କହିଥିଲେ ?**

ଉ. ଗଳ୍ପ – ଆକାଶ କହିଁଛ

ଗାଳ୍ପିକ – ମନୋଜ ଦାସ

ରାଜ୍ୟରେ ଘୁଷୁରି ଉଡ଼ିବାର କଥା ଶୁଣି ରାଜା ବିଦେଶୀ ରାଜଦୂତଙ୍କୁ କହିଲେ, ସେହି ଘୁଷୁରିମାନଙ୍କୁ ଉଡ଼ାଇଦିଏ କିଏ ? ତମ ଘୁଷୁରିମାନଙ୍କର କ'ଣ ପର ଅଛି – ଅଥବା ଅଛି ତମ ରାଜାଙ୍କର ଲାଞ୍ଜ ?"

**ପ୍ର.୧୩. କମ୍ବୁଗ୍ରୀଜ କିପରି ନଅର ଛାତ ଉପରେ ପଡ଼ିଯାଇଥିଲା ?**

ଉ. ଗଳ୍ପ – ଆକାଶ କହିଁଛ

ଗାଳ୍ପିକ – ମନୋଜ ଦାସ

ରାଜା ଏବଂ ବିଦେଶୀ ରାଜଦୂତଙ୍କ କଥା ଶୁଣି କମ୍ବୁଗ୍ରୀବ ଉଦ୍‌ଗତ ଭାବାବେଗ ସମ୍ଭାଳି ନ ପାରି 'ବୁଢ଼ୁ' କହିଦେବାରୁ ଚକ୍ରବତ୍ ବୁଲି ବୁଲି ଆସି ସଶବ୍ଦେ ନଅର ଛାତ ଉପରେ ପଡ଼ିଗଲା ।

**ପ୍ର.୧୪. ଦରବାରର ପ୍ରଧାନ ବିଶେଷଜ୍ଞ – ଭୋଜନପ୍ରେମୀ କ'ଣ କହିଥିଲେ ?**

ଉ. ଗଳ୍ପ – ଆକାଶ କହିଁଛ

ଗାଳ୍ପିକ – ମନୋଜ ଦାସ

ଦରବାରର ପ୍ରଧାନ ବିଶେଷଜ୍ଞ – ଭୋଜନପ୍ରେମୀ କହିଲେ, "ଏଇଟି ଦୁର୍ଲଭ ଧରଣର ସୁସ୍ୱାଦୁ କଚ୍ଛପ । କଚ୍ଛପମାଂସ ରାଜକୀୟ ଖାଦ୍ୟ ତାଲିକାରେ ବହିର୍ଭୂତ ହୋଇ ନଥିଲେ ଏହା ରାଜଭୋଗର ମର୍ଯ୍ୟାଦା ପାଇବାକୁ ହକ୍‌ଦାର ଥିଲା ।"

ପ୍ର.୧୫. ଦରବାରର କବିରାଜ ଜ୍ୟୋତିଷୀ କଚ୍ଛପମାଂସ ସମ୍ପର୍କରେ କ'ଣ କହିଥିଲେ ?

ଉ. ଗଳ୍ପ – ଆକାଶ କଇଁଛ

ଗାଳ୍ପିକ – ମନୋଜ ଦାସ

ଦରବାରର କବିରାଜ ଜ୍ୟୋତିଷୀ କଚ୍ଛପମାଂସ ସମ୍ପର୍କରେ କହିଲେ- "କଚ୍ଛପମାଂସ ସହସ୍ର ଧରଣର ରୋଗବ୍ୟାଧି ଓ ଦୋଷ-ଦୁର୍ବଳତାର ପ୍ରତିଷେଧକ ହୋଇଥାଏ ।"

ପ୍ର.୧୬. ରାଜାଙ୍କ ପ୍ରଶ୍ନରେ ମହାପଣ୍ଡିତେ କି ଉତ୍ତର ଦେଇଥିଲେ ?

ଉ. ଗଳ୍ପ – ଆକାଶ କଇଁଛ

ଗାଳ୍ପିକ – ମନୋଜ ଦାସ

ରାଜାଙ୍କ ପ୍ରଶ୍ନରେ ମହାପଣ୍ଡିତେ ଉତ୍ତର ଦେଲେ- "ଛାମୁଙ୍କୁ କେନ୍ଦ୍ର କରି ହିଁ ମୋର ସବୁ ଗଣନା । ଯେହେତୁ କଚ୍ଛପମାଂସ ରାଜମଣୋହିର ଅଯୋଗ୍ୟ, ତେଣୁ ଏ ଘଟଣାକୁ ମୁଁ ଉଲ୍ଲେଖଯୋଗ୍ୟ ବୋଲି ବିଚାରି ନ ଥିଲି ।"

ପ୍ର.୧୭. କ'ଣ କହି ରାଜା ମୁଖ୍ୟପାଚକକୁ କଚ୍ଛପଟିକୁ ରାନ୍ଧିବାକୁ ନିର୍ଦ୍ଦେଶ ଦେଇଥିଲେ ?

ଉ. ଗଳ୍ପ – ଆକାଶ କଇଁଛ

ଗାଳ୍ପିକ – ମନୋଜ ଦାସ

କଚ୍ଛପମାଂସ ଯେ ବହୁ ରୋଗ ଓ ଦୋଷ ଦୁର୍ବଳତାର ମହୌଷଧ, ଏହାକୁ ରନ୍ଧନ କରି ପୀଡ଼ିତମାନଙ୍କୁ ଦେବାର ବ୍ୟବସ୍ଥା କରିବାକୁ କହି ରାଜା ମୁଖ୍ୟପାଚକକୁ କଚ୍ଛପଟିକୁ ରାନ୍ଧିବାକୁ ନିର୍ଦ୍ଦେଶ ଦେଲେ ।

ପ୍ର.୧୮. କଚ୍ଛପ ମାଂସ ଖାଇବା ସମ୍ପର୍କରେ ସେନାପତି କ'ଣ କହିଥିଲେ ?

ଉ. ଗଳ୍ପ – ଆକାଶ କଇଁଛ

ଗାଳ୍ପିକ – ମନୋଜ ଦାସ

କଚ୍ଛପ ମାଂସ ଖାଇବା ସମ୍ପର୍କରେ ସେନାପତି କହିଲେ, " ଯଦିଓ ଛାମୁଙ୍କ ଭଳି ମୁଁ ବି ଛାର କଚ୍ଛପ ମାଂସ ଖାଇବାକୁ ପସନ୍ଦ କରେ ନାହିଁ, ଏଇଟିରୁ ବରଂ ଫାଳେ ଖାଇବି । ଅଧିକ ଦକ୍ଷତା ସହ ରାଜସେବା କରିବା ନିମନ୍ତେ ମୁଁ ଗଣ୍ଠିବାତରୁ ସହଳ ମୁକ୍ତି ପାଇବା ଆବଶ୍ୟକ ।"

ପ୍ର.୧୯. ମନ୍ତ୍ରୀ ଓ ସଭାସଦ୍‌ବର୍ଗ କେଉଁ ବିଷୟରେ ଆଗ୍ରହୀ ହୋଇଥିଲେ ?

ଉ. ଗଳ୍ପ – ଆକାଶ କଇଁଛ

ଗାଳ୍ପିକ – ମନୋଜ ଦାସ

ମନ୍ତ୍ରୀ ଓ ସଭାସଦ୍‌ବର୍ଗ ଅଧିକ ଦକ୍ଷ ରାଜସେବା ନିମନ୍ତେ କଚ୍ଛପର କିୟଦଂଶମାନ ଭକ୍ଷଣ କରି କୌଣସି ନା କୌଣସି ରୋଗରୁ ମୁକ୍ତି ପାଇଁ ଆଗ୍ରହୀ ଥିଲେ ।

ପ୍ର.୨୦. କଚ୍ଛପ ମାଂସ ସମ୍ପର୍କରେ ବିଦେଶୀ ରାଜଦୂତ କ'ଣ ଘୋଷଣା କରିଥିଲେ ?

ଉ. ଗଳ୍ପ – ଆକାଶ କଇଁଛ

ଗାଳ୍ପିକ – ମନୋଜ ଦାସ

କଚ୍ଛପ ମାଂସ ସଂପର୍କରେ ରାଜଦୂତ କହିଲେ- "ଆମ ଦୁଇ ମହାନ ଦେଶ ମଧ୍ୟରେ ମୈତ୍ରୀ ଗାଢ଼ତର କରିବାର ଆବଶ୍ୟକତା ଦୃଷ୍ଟିରୁ ମୁଁ ମଧ୍ୟ କିଞ୍ଚିତ କଚ୍ଛପମାଂସ ଭକ୍ଷଣ ପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି ।"

ପ୍ର.୨୧. ବିଦେଶୀ ରାଜଦୂତ ରାଜାଙ୍କ କେଉଁ ବକ୍ତବ୍ୟ ସମର୍ଥନ ଜଣାଇଥିଲେ ?

ଉ. ଗଳ୍ପ – ଆକାଶ କଇଁଛ

ଗାଳ୍ପିକ – ମନୋଜ ଦାସ

ବିଦେଶୀ ରାଜଦୂତ ରାଜାଙ୍କର କଚ୍ଛପ ମାଂସକୁ ନେଇ କହିଥିବା "ଯାହାର ସର୍ବାଧିକ ପ୍ରୟୋଜନ, କଚ୍ଛପ ତାକୁ ହିଁ ମିଳିବ । ରାଜାମାନଙ୍କର ଏହି କଥା ଏକ ନୂତନ ବକ୍ତବ୍ୟ ପାଇଁ ପ୍ରେରଣା ଯୋଗାଇଛି । "

**ପ୍ର.୨୨. ମନ୍ତ୍ରୀବର୍ଗଙ୍କ ସମ୍ପର୍କରେ ରାଜା କ'ଣ ମନ୍ତବ୍ୟ ଦେଇଥିଲେ ?**

**ଉ.** ଗଳ୍ପ – ଆକାଶ କଇଁଛ

ଗାଳ୍ପିକ – ମନୋଜ ଦାସ

ଆମ ମନ୍ତ୍ରୀମାନେ ହୁଏତ ମନ୍ତ୍ରୀ ନ ହେଲେ ବୁଦ୍ଧୁ । ସେମାନେ ଏକାଧାରରେ ଉଭୟେ ହୋଇ ନପାରନ୍ତା । ମନ୍ତ୍ରୀବର୍ଗଙ୍କ ସମ୍ପର୍କରେ ରାଜା ଏହି ମନ୍ତବ୍ୟ ପ୍ରଦାନ କରିଛନ୍ତି ।

**ପ୍ର.୨୩. ସମସ୍ତ ସଭାସଦ୍ କାହିଁକି କାନ୍ଦି ଉଠିଥିଲେ ?**

**ଉ.** ଗଳ୍ପ – ଆକାଶ କଇଁଛ

ଗାଳ୍ପିକ – ମନୋଜ ଦାସ

ଯେତେବେଳେ ଶେଷ ଆଶ୍ୱାସନାର ଦୀର୍ଘଶ୍ୱାସ ଶୁଣାଗଲା ସେତେବେଳେ ରାଜା ହଠାତ୍ କାନ୍ଦିକାନ୍ଦି କହିଲେ - ବାକି ରହିଲି ମୁଁ - ଅର୍ଥାତ୍ "ମୁଁ ହିଁ ବୁଦ୍ଧୁ" । ସେତେବେଳେ ସମସ୍ତଙ୍କ ସଭାସଦ୍ କାନ୍ଦି ଉଠିଲେ ।

**ପ୍ର.୨୪. ଦୀର୍ଘକାଳ ହେବ ତାଙ୍କ ରାଜ୍ୟରେ କ'ଣ ହୋଇଛି ବୋଲି ରାଜା କହିଥିଲେ ?**

**ଉ.** ଗଳ୍ପ – ଆକାଶ କଇଁଛ

ଗାଳ୍ପିକ – ମନୋଜ ଦାସ

ଦୀର୍ଘକାଳ ହେବ ରାଜା ତାଙ୍କ ରାଜ୍ୟରେ କୌଣସି ମହତ୍ କାର୍ଯ୍ୟରେ ହାତ ଦେଇନାହୁଁ ଫଳରେ ସୈନ୍ୟମାନେ ମୋଟେଇ ଯାଇଛନ୍ତି । ସେନାପତି ଗଣ୍ଠିବାତ ଭୋଗୁଛନ୍ତି । "ଯୁଦ୍ଧଟିଏ ଅଭାବରୁ ଏ ଦୁର୍ଦ୍ଦଶା ସିନା" । ଏହି କଥା ରାଜା କହୁଛନ୍ତି ।

# ପ୍ରଥମ ଏକକ

# ଗଦ୍ୟ

## ଇତିହାସ

ଡ. ବିଶ୍ୱନାଥ କର

**(ଘ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ତିରିଶଟି ଶବ୍ଦରେ ଉତ୍ତର ଦିଅ । ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୨ ନମ୍ବର ରହିବ ।**

**ପ୍ର.୧. ଏକ ଶ୍ରେଣୀ ମନୁଷ୍ୟ କ'ଣ କରନ୍ତି କ'ଣ କରନ୍ତି ନାହିଁ ।**

ଉ. ପ୍ରବନ୍ଧ – ଇତିହାସ

ପ୍ରାବନ୍ଧିକ – ବିଶ୍ୱନାଥ କର

ଏକ ଶ୍ରେଣୀ ମନୁଷ୍ୟ ପୃଥିବୀର ନାନା ବସ୍ତୁ ଦର୍ଶନ କରନ୍ତି, ସମ୍ଭୋଗ କରନ୍ତି; ମାତ୍ର କୌଣସି ବସ୍ତୁର ତତ୍ତ୍ୱ ନିରୂପଣ କରିବା ବିଷୟରେ ସେମାନେ ପ୍ରୟାସ କରନ୍ତି ନାହିଁ । କେଉଁ ପ୍ରଣାଳୀରେ କେଉଁ ବସ୍ତୁ ସେମାନଙ୍କର ନିକଟସ୍ଥ ହେଲା, ତାହାର ସଦ୍‌ବ୍ୟବହାର କିପରି ହେବ ତାହା ସଂପର୍କରେ ଚିନ୍ତା କରନ୍ତି ନାହିଁ ।

**ପ୍ର.୨. ଅପର ଶ୍ରେଣୀ ମନୁଷ୍ୟମାନଙ୍କ ସଂପର୍କରେ ପରିଚୟ ଦିଅ ।**

ଉ. ପ୍ରବନ୍ଧ – ଇତିହାସ

ପ୍ରାବନ୍ଧିକ – ବିଶ୍ୱନାଥ କର

ଅପର ଶ୍ରେଣୀ ସୂକ୍ଷ୍ମ ଦୃଷ୍ଟି ସଂପନ୍ନ ଓ ଚିନ୍ତାଶୀଳ । ଏହି ଶ୍ରେଣୀର ଲୋକମାନଙ୍କ ଦ୍ୱାରା ପୃଥିବୀର ନାନା ବିଧ ଉନ୍ନତି ସାଧିତ ହୁଏ । ଏହି ଚିନ୍ତାଶୀଳତା ସୂକ୍ଷ୍ମଦୃଷ୍ଟି ବା ତତ୍ତ୍ୱନିରୂପଣ ପ୍ରୟାସ ଅପର ଶ୍ରେଣୀ ମନୁଷ୍ୟର ବିଶେଷ ଲକ୍ଷଣ । ଅପର ଶ୍ରେଣୀଙ୍କ ପ୍ରଭାବରେ ମାନବ ସମାଜର ବୈଷୟିକ ଓ ଆଧ୍ୟାତ୍ମିକ ସବୁ ପ୍ରକାର ଉନ୍ନତି ସଂସାଧିତ ହେଉଛି ।

**ପ୍ର.୩. ପ୍ରକୃତିସ୍ଥ ମନୁଷ୍ୟ କେଉଁ ସମ୍ବନ୍ଧରୁ ବିଛିନ୍ନ ହେଲେ ଜୀବନର ମୂଲ୍ୟ ରହେ ନାହିଁ ।**

ଉ. ପ୍ରବନ୍ଧ – ଇତିହାସ

ପ୍ରାବନ୍ଧିକ – ବିଶ୍ୱନାଥ କର

ପ୍ରକୃତିସ୍ଥ ମନୁଷ୍ୟର ମନ ନିତ୍ୟ କ୍ରିୟାଶୀଳ । ଅନନ୍ତ ପ୍ରକୃତି ସଙ୍ଗେ ତାହାର ନିତ୍ୟଯୋଗ । ମନୁଷ୍ୟ ବର୍ତ୍ତମାନର ଜୀବ ହୋଇ ସୁଦ୍ଧା ଅନନ୍ତ ଅତୀତ ଓ ଅନନ୍ତ ଭବିଷ୍ୟତ ସଙ୍ଗେ ଘନିଷ୍ଠ ଭାବରେ ସମ୍ବନ୍ଧିତ । ଏହି ସମ୍ବନ୍ଧରୁ ବିଚ୍ଛିନ୍ନ ହେଲେ ଜୀବନର ମୂଲ୍ୟ ରହେନାହିଁ ।

**ପ୍ର.୪. ବିଂଶ ଶତାବ୍ଦୀର ମାନବ ସମାଜର ଭିତ୍ତିଭୂମି କ'ଣ ?**

ଉ. ପ୍ରବନ୍ଧ – ଇତିହାସ

ପ୍ରାବନ୍ଧିକ – ବିଶ୍ୱନାଥ କର

ଜ୍ଞାନ ବିଜ୍ଞାନ ସଂପନ୍ନ ବିଂଶ ଶତାବ୍ଦୀର ମାନବ ସମାଜର ଭିତ୍ତିଭୂମି ଅତୀତ । ପାଦମୂଳରୁ ଯେତେ ନିମ୍ନ ଦେଶକୁ ଯିବ କେବଳ ନର-କଙ୍କାଳ ଦେଖାଯିବ । ବିଂଶ ଶତାବ୍ଦୀର ମାନବ ସମାଜ ତା' ବର୍ତ୍ତମାନର ଅବସ୍ଥା ଲାଭ କରିବା ପାଇଁ ରାଶି ରାଶି ନରଦେହ ଉପନୀତ ହୋଇଛି । ଅତୀତର ଭିତ୍ତିଭୂମି ଉପରେ ଆଜିର ମାନବ ସମାଜ ପ୍ରତିଷ୍ଠିତ ହୋଇଛି ।

**ପ୍ର.୫. ଫରାସୀ ରାଷ୍ଟ୍ରବିପ୍ଳବ କଥା ଶ୍ରବଣ କରି ହୃଦୟ ଓ ମନ କାହିଁକି ସ୍ତମ୍ଭିତ ହୋଇଯାଏ ।**

ଉ. ପ୍ରବନ୍ଧ – ଇତିହାସ

ପ୍ରାବନ୍ଧିକ – ବିଶ୍ୱନାଥ କର

ଫରାସୀ ରାଷ୍ଟ୍ର ବିପ୍ଳବ ଇତିହାସର ଏକ ଅଭୁଲା ଅଧ୍ୟାୟ । ଏହି ବିପ୍ଳବରେ ଲକ୍ଷ ଲକ୍ଷ ଲୋକଙ୍କର ମୃତ୍ୟୁ ହୋଇଥିଲା । ସେ କଥା ଭାବିଲେ ଦୁଃଖରେ, ଶୋକରେ ପ୍ରାଣ ଅବସନ୍ନ ହୋଇପଡ଼େ । ଲକ୍ଷ ଲକ୍ଷ ମହାପ୍ରାଣୀଙ୍କ ବିନାଶ ଫରାସୀ ରାଷ୍ଟ୍ର ବିପ୍ଳବରେ ହୋଇଥିବାରୁ ସେକଥା ଶୁଣିଲେ ମନ ଓ ହୃଦୟ ସ୍ତମ୍ଭିତ ହୋଇଯାଏ ।

**ପ୍ର.୬. ସକଳ ପ୍ରକାର ବିପ୍ଳବ ମୂଳରେ କେଉଁ ନିଗୂଢ଼ କାରଣ ବିଦ୍ୟମାନ ?**

ଉ. ପ୍ରବନ୍ଧ – ଇତିହାସ

ପ୍ରାବନ୍ଧିକ – ବିଶ୍ୱନାଥ କର

ପରିବର୍ତ୍ତନଶୀଳ ଜଗତରେ ସବୁକିଛି ପରିବର୍ତ୍ତିତ ହୁଏ । ଏହି ଘୋର ପରିବର୍ତ୍ତନ ରାଶି ମଧ୍ୟରେ ଏକମାତ୍ର ଅପରିବର୍ତ୍ତନୀୟ ସତ୍ୟ ଅବସ୍ଥାନ କରେ । ସତ୍ୟ ସଙ୍ଗେ ବିରୋଧ ଯାହାର, ତାହାର ବିନାଶ ଅବଶ୍ୟମ୍ଭାବୀ। ମାନବ ସମାଜ ମଧ୍ୟରେ ଏହି ବ୍ୟାପାର ଚିରକାଳ ଲାଗି ରହିଛି; ସକଳ ପ୍ରକାର ବିପ୍ଳବ ମୂଳରେ ମଧ୍ୟ ଏହି ନିଗୂଢ଼ କାରଣଟି ବିଦ୍ୟମାନ ।

**ପ୍ର.୭. କ୍ଷୁଦ୍ର ଅଗ୍ନିକଣା ତୁଲ୍ୟ ଗୋଟିଏ ନିଭୃତ ହୃଦୟର ଚିନ୍ତା ପରିବ୍ୟାପ୍ତ ହୋଇ କିପରି ପ୍ରତିଭାତ ହୁଏ ?**

ଉ. ପ୍ରବନ୍ଧ – ଇତିହାସ

ପ୍ରାବନ୍ଧିକ – ବିଶ୍ୱନାଥ କର

କ୍ଷୁଦ୍ର ଅଗ୍ନିକଣା ତୁଲ୍ୟ ଗୋଟିଏ ନିଭୃତ ହୃଦୟର ଚିନ୍ତା ପରିବ୍ୟାପ୍ତ ହୋଇ ପ୍ରକାଣ୍ଡ ଅଗ୍ନିକାଣ୍ଡ କରେ । ତା' ଦ୍ୱାରା ରାଶି ରାଶି ଅସତ୍ୟ, ଅନ୍ୟାୟ, ଅନ୍ୟାୟ ଓ ଅପବିତ୍ରତା ଶୁଷ୍କ ତୃଣରାଶି ପରି ଭସ୍ମୀଭୂତ ହୋଇଯାଏ । କେବଳ ବିଶୁଦ୍ଧ ସତ୍ୟଟି, ସାର ବସ୍ତୁଟି ପୂର୍ବାପେକ୍ଷା ଅଧିକ ଉଜ୍ଜ୍ୱଳ ହୋଇ ପ୍ରତିଭାତ ହୁଏ ।

**ପ୍ର.୮. ପ୍ରକୃତ ରୂପେ ମାନବ ଜୀବନ କିପରି ଗଠିତ ହୁଏ ?**

ଉ. ପ୍ରବନ୍ଧ – ଇତିହାସ

ପ୍ରାବନ୍ଧିକ – ବିଶ୍ୱନାଥ କର

ମାନବ ଜୀବନ ଘଟଣାମାନଙ୍କର ସମଷ୍ଟି । ଏହି ଘଟଣାମାନଙ୍କ ଭିତରେ କେତେବେଳେ ଆଲୋକ, କେତେବେଳେ ଅନ୍ଧକାର, କେତେବେଳେ ଉଚ୍ଚହାସ୍ୟ ଧ୍ୱନି, କେତେବେଳେ ବା ମର୍ମଭେଦୀ ହାହାକାର ସୃଷ୍ଟି ହୁଏ । ପରସ୍ପର ବିରୁଦ୍ଧ ଓ ପ୍ରତିକୂଳ ଅବସ୍ଥା ଭିତରେ ମାନବ ଜୀବନ ପ୍ରକୃତ ରୂପେ ଗଠିତ ହୁଏ ।

**ପ୍ର.୯. ବ୍ୟକ୍ତି ଓ ସମାଜ ଜୀବନ କିପରି ଉନ୍ନତତର ଅବସ୍ଥାକୁ ନୀତ ହୁଏ ।**

ଉ. ପ୍ରବନ୍ଧ – ଇତିହାସ

ପ୍ରାବନ୍ଧିକ – ବିଶ୍ୱନାଥ କର

ଜଗତରେ କୌଣସି ଘଟଣା ଅର୍ଥ ଶୂନ୍ୟ ନୁହେଁ । ଏକ ଅଖଣ୍ଡ ନିୟମରେ ସମସ୍ତ ଘଟଣାବଳୀ ନିୟମିତ ହେଉଛି । ବ୍ୟକ୍ତି ଓ ସମାଜ ଜୀବନରେ ନାନା ଘଟଣା ଓ ନାନା ପରିବର୍ତ୍ତନ ଭିତରେ ସାରଭୂତ ଜୀବନଟିଏ ଉନ୍ନତରୁ ଉନ୍ନତତର ଅବସ୍ଥାକୁ ନୀତ ହୁଏ ।

**ପ୍ର.୧୦. କ'ଣ ଇତିହାସ ପଦବାଚ୍ୟ ନୁହେଁ ?**

ଉ. ପ୍ରବନ୍ଧ – ଇତିହାସ

ପ୍ରାବନ୍ଧିକ – ବିଶ୍ୱନାଥ କର

ଶ୍ରେଷ୍ଠ ପୁସ୍ତକର ମର୍ଯ୍ୟାଦା ପାଇଛି । 'ଇତିହାସ' ପ୍ରବନ୍ଧଟି ତାଙ୍କ 'ବିବିଧ ପ୍ରବନ୍ଧ'ରୁ ସଂଗୃହୀତ ଏକ ମୌଳିକ ପ୍ରବନ୍ଧ । ଇତିହାସ ମାନବ ସମାଜ ଓ ସଭ୍ୟତାର ଇତିବୃତ୍ତ । ଗୋଟେ ଜାତିର ଭାବଭୂମି ଇତିହାସରୁ ଆକଳନ କରାଯାଏ । ଭିନ୍ନ ଦୃଷ୍ଟିକୋଣରୁ ଇତିହାସର ଆବଶ୍ୟକତା ଓ ପ୍ରୟୋଜନୀୟତାକୁ ଉପଲବ୍ଧି କରି ପ୍ରାବନ୍ଧିକ ରଚନା କରିଛନ୍ତି 'ଇତିହାସ' ପ୍ରବନ୍ଧ ।

ସାଧାରଣତଃ ସଂସାରରେ ଦୁଇ ଶ୍ରେଣୀର ମଣିଷ ଦେଖାଯାନ୍ତି । ସୂକ୍ଷ୍ମ ଦୃଷ୍ଟିସଂପନ୍ନ ଚିନ୍ତାଶୀଳ ଶ୍ରେଣୀର ମଣିଷ ଦ୍ୱାରା ପୃଥିବୀର ସକଳ ପ୍ରକାର ଉନ୍ନତି ସାଧିତ ହୋଇଥାଏ । ମାନବ ଜୀବନ ଅନନ୍ତ ଅତୀତ ଓ ଅନନ୍ତ ଭବିଷ୍ୟତ ସହ ସଂଶ୍ଳିଷ୍ଟ । ଆଜିର ସଭ୍ୟତମ ସମାଜର ଭିତ୍ତିଭୂମି ସେଇ ଅତୀତର ଉପହାର । ଆଜିର ଅବସ୍ଥା ପାଇଁ ଅତୀତର କେତେ ଘଟଣା, କେତେ ବିପ୍ଳବ ସଂଘଟିତ ହୋଇଯାଇଛି । ପରିବର୍ତ୍ତନଶୀଳ ଜଗତର ରୂପାନ୍ତର ହେଲେ ମଧ୍ୟ ମୌଳିକ ସତ୍ୟଟି ଅପରିବର୍ତ୍ତିତ ରହେ । ସମୟ ସ୍ରୋତରେ ସେହି ବିଶୁଦ୍ଧ ସତ୍ୟଟି ଉଜ୍ଜ୍ୱଳ ଆକାରରେ ପ୍ରତିଭାତ ହୁଏ। ବ୍ୟକ୍ତିର ଜୀବନ ଓ ଜାତିର ଜୀବନରେ ଘଟୁଥିବା ଘଟଣାବଳୀ ଭିତରେ ବହୁ ବିରୋଧାଭାଷ ରହିଥାଏ । ଏହି ବିରୋଧ ଭିତରେ ହିଁ ଯିଏ ସାମଞ୍ଜସ୍ୟ ଦେଖେ, ସେ ପ୍ରକୃତ ଚିନ୍ତାଶୀଳ ଦ୍ରଷ୍ଟା । ବହୁ ଘାତ ପ୍ରତିଘାତ ଭିତରେ ଜୀବନର ଗତି ଉନ୍ନତି ଆଡ଼କୁ ହିଁ ହୋଇଥାଏ ।

ଲେଖକଙ୍କ ମତରେ ପ୍ରକୃତ ଇତିହାସ ମାନବ ପ୍ରକୃତିର କ୍ରମବିକାଶକୁ ବୁଝାଯାଏ । ରାଜବଂଶର ବର୍ଣ୍ଣନା, ପ୍ରଶାସନର ବିବରଣ ଇତିହାସ ପଦବାଚ୍ୟ ନୁହେଁ ବରଂ ଏହା ଗଭୀରତାଶୂନ୍ୟ ଗ୍ରାମ୍ୟ ଗଳ୍ପ । ପ୍ରଚଳିତ ଇତିହାସକୁ ଲକ୍ଷ୍ୟ କରି ସୁପ୍ରସିଦ୍ଧ ପଣ୍ଡିତ ଜଣେ କହିଛନ୍ତି – 'I am ashamed to see what a shallow village tale our so called history is.' ସଭ୍ୟତାର ପ୍ରଥମାବସ୍ଥାରେ ଇତିହାସର ଅସ୍ତିତ୍ୱ ନ ଥିଲା। ପ୍ରାଚୀନ ଇତିହାସ କେବଳ କେତେଗୁଡ଼ିଏ କ୍ଷମତାଧାରୀ ବୀରପୁରୁଷଙ୍କର କଳ୍ପନାମିଶ୍ରିତ ବିବରଣୀ ଛଡ଼ା ଆଉ କିଛି ନୁହେଁ । ପ୍ରାଚୀନ ସାହିତ୍ୟ, ଧର୍ମଗ୍ରନ୍ଥ ଆଦିରେ ମଧ୍ୟ ଐତିହାସିକ ତଥ୍ୟ ଓ ସତ୍ୟ ଲିପିବଦ୍ଧ ହୋଇଥିଲା । ଭିନ୍ନ ଦେଶର ଭିନ୍ନ କାଳରେ ମନ୍ଦିର, ଗୃହ, ଖୋଦିତ ମୂର୍ତ୍ତି ଓ ଫଳକାଦିରୁ ସେହି ସେହି ଦେଶର କାଳର ଐତିହାସିକ ତଥ୍ୟ ସଂଗ୍ରହ କରି ଇତିହାସ ନାମରେ ଏକ ଉପାଦେୟ ଗ୍ରନ୍ଥ ଆମ ଆଗରେ ରଖାଯାଉଛି ଯାହା ପ୍ରଚଳିତ ଇତିହାସ । ଲେଖକଙ୍କ ମତରେ ବର୍ତ୍ତମାନ ଯୁଗର ଇତିହାସ ଲିଖନ ପ୍ରଣାଳୀ ସ୍ୱତନ୍ତ୍ର ଓ ଆଦର୍ଶର ନିକଟବର୍ତ୍ତୀ । ବର୍ତ୍ତମାନର ଇତିହାସରେ ଜାତି ସାଧାରଣର ଆଚାର, ବ୍ୟବହାର, ଧର୍ମ, ଶିକ୍ଷା, ନୀତି, ଶିଳ୍ପ, ବାଣିଜ୍ୟ, ସାହିତ୍ୟ, ବିଜ୍ଞାନ ସମସ୍ତ ପ୍ରକାର ପ୍ରୟୋଜନୀୟ ବିଷୟର ସମାବେଶ ଅଛି । ଏପରି ଇତିହାସ ରଚନା ଦ୍ୱାରା ମାନବ ସମାଜର ଉନ୍ନତି ସାଧିତ ହେଉଅଛି ।

ବର୍ତ୍ତମାନ ସହିତ ଅତୀତ ସଂପର୍କ ନିତ୍ୟ । ଏହି ସଂପର୍କକୁ ବିସ୍ମୃତ ହୋଇ ଇତିହାସ ପଠନ ଏକ ବିଡ଼ମ୍ବନା । କେତେଗୁଡ଼ିଏ ଘଟଣାର ସମଷ୍ଟି ଇତିହାସ । ମାତ୍ର ସେହି ଘଟଣାଗୁଡ଼ିକର ପଶ୍ଚାତ୍‌ରେ ଯେଉଁ ନିୟମ କାର୍ଯ୍ୟ କରୁଛି । ତାକୁ ଜାଣିନପାରିଲେ ଇତିହାସ ଜାଣିବା ବୃଥା । କୌଣସି ଘଟଣା ପାଇଁ ଅତୀତରେ ଯେଉଁ ନିୟମ କାର୍ଯ୍ୟ କରୁଥିଲା ବର୍ତ୍ତମାନ ସେହି ନିୟମ କାର୍ଯ୍ୟ କରୁଛି । ମଣିଷ ରୂପରେ ବୈଷମ୍ୟ ଥିଲେ ମଧ୍ୟ ମାନବ ପ୍ରକୃତି ଏକ ରହିବା ପରି ସମଗ୍ର ବ୍ରହ୍ମାଣ୍ଡର ଅନ୍ତରତମ ପ୍ରଦେଶରେ ଏଭଳି ଏକ ଭୂମି ରହିଛି ଯେଉଁଠି ବୈଷମ୍ୟ ପରିଦୃଷ୍ଟ ହୁଏ ନାହିଁ । ମଣିଷ ସେଠାରେ ସର୍ବତ୍ର ମଙ୍ଗଳମୟଙ୍କର ହସ୍ତ ଦର୍ଶନ କରି ବିମୋହିତ ହୋଇଯାଏ। ସେହିଠାରେ ଦେଶ କାଳର ଦୂରତ୍ୱ ଏହା ହୋଇଯାଏ ।

ଇତିହାସ ଦୃଷ୍ଟାନ୍ତର ଆକାର । ଉପଦେଶ ଅପେକ୍ଷା ଦୃଷ୍ଟାନ୍ତ ଶିକ୍ଷା ପକ୍ଷରେ ଅଧିକ ଉପଯୋଗୀ । ଇତିହାସରେ ଦୃଷ୍ଟାନ୍ତ ଅଭାବ ନାହିଁ । ପ୍ରାକୃତିକ ନିୟମର କାର୍ଯ୍ୟ ପ୍ରଣାଳୀ ସର୍ବତ୍ର ଓ ସବୁ କାଳରେ ଏକ ହୋଇଥାଏ । ଯେଉଁ ପ୍ରକାର କାର୍ଯ୍ୟରୁ ବ୍ୟକ୍ତି ବା ଜାତିର ଅଧଃପତନ ହେଲା । ସମସ୍ତ ବ୍ୟକ୍ତି ବା ଜାତିର ସେ ପ୍ରକାର କାର୍ଯ୍ୟରୁ ଅଧଃପତନ ହେବ । ଉନ୍ନତିର କ୍ରମ ମଧ୍ୟ ସେହିପରି । ଇତିହାସ ଧର୍ମର ଜୟ ଅଧର୍ମର ପରାଜୟ' ବଜ୍ର ଗମ୍ଭୀର ସ୍ୱରରେ କହିଛି । ଅତୀତରେ

ଏହାର ସତ୍ୟତା ଯେପରି ଭବିଷ୍ୟତରେ ମଧ୍ୟ ସେହିପରି । ଅପରିଣାମଦର୍ଶୀ ମନୁଷ୍ୟ ଅନେକ ସମୟରେ ପୃଥିବୀରେ ବିପରୀତ ଭାବ ଦେଖି ଅବିଶ୍ୱାସୀ ହୁଏ । ଇତିହାସ ପାଠ ଦ୍ୱାରା ସେହି ସମସ୍ତ ଅବିଶ୍ୱାସ ତିରୋହିତ ହୋଇ ଦୃଷ୍ଟି ଉଜ୍ଜ୍ୱଳ ହୁଏ । ସର୍ବତ୍ର ସତ୍ୟର ଜୟ, ମଙ୍ଗଳର ଜୟ, ପୁଣ୍ୟର ଜୟ ଇତିହାସରୁ ଏହି ଶିକ୍ଷା ମିଳେ ।

ଇତିହାସର ଆଉ ଏକ ବିଶେଷତ୍ୱ ହେଲା 'ଆମେ ବର୍ତ୍ତମାନ ଯାହା ଭୋଗ କରୁଛୁ ତାହାର କର୍ତ୍ତା ଆମ୍ଭେମାନେ ନୁହେଁ । କାହିଁ କେଉଁ ଅତୀତରୁ ମାନବ ସମାଜର ପ୍ରତ୍ୟେକ ପ୍ରୟୋଜନୀୟ ବସ୍ତୁ ଲାଭ କରିବା ପାଇଁ ମହାପୁରୁଷମାନେ କେତେ କଷ୍ଟ ଯାତନା ସହ୍ୟ କରିଛନ୍ତି । ଯାହାର ଫଳ ଆମେ ଆଜି ଭୋଗକରୁଛୁ । ଇତିହାସ ଆଉ ଏକ ଶିକ୍ଷା ପ୍ରଦାନ କରେ । ଯାହା ଇତିହାସର ସର୍ବଶ୍ରେଷ୍ଠ ଶିକ୍ଷା । ତାହା ହେଲା ସତ୍ୟ ଓ ସାରବସ୍ତୁ ଯାହା ତାହାର କଦାପି ବିନାଶ ନାହିଁ । ସମାଜ ଅବିରାମ ଭାବରେ ଉନ୍ନତି ଆଡ଼କୁ ଅଗ୍ରସର ହେଉଛି । ଯୋଗ୍ୟ ବ୍ୟକ୍ତିକୁ ସବୁବେଳେ ଅଗ୍ରାଧିକାର ଦିଆଯିବା ପରି ପୃଥିବୀ ପୃଷ୍ଠରେ ଯେ ଯୋଗ୍ୟତାର ହିଁ ଅଭ୍ୟୁତ୍‌ଥାନ ହେବ । କାରଣ ବିଧାତାଙ୍କର କାର୍ଯ୍ୟ କେତେବେଳେ ଅସଂପନ୍ନ ରହେ ନାହିଁ । ନୀତିହୀନ ଅନୁଦାର ଜାତି କଦାପି ସଭ୍ୟତାର ଉଚ୍ଚତର ସୋପାନ ଆରୋହଣ କରିପାରେନି ପ୍ରତ୍ୟେକ ଜାତିର ଇତିହାସ ଏହି ସାକ୍ଷ୍ୟ ପ୍ରଦାନ କରେ ।

ଇତିହାସ ସଂପର୍କରେ ଲେଖକଙ୍କର ଆଭିମୁଖ୍ୟ ସଂପୂର୍ଣ୍ଣ ଭିନ୍ନ ଓ ତତ୍ତ୍ୱପୂର୍ଣ୍ଣ ହୋଇଛି ।

**ପ୍ର.୨. 'ନୀତିହୀନ ଅନୁଦାର ଜାତି କଦାପି ସଭ୍ୟତାର ଉଚ୍ଚତର ସୋପାନରେ ଆରୋହଣ କରି ନପାରେ' ପଠିତ ପ୍ରବନ୍ଧ ଅବଲମ୍ବନରେ ଏହାର ସତ୍ୟତା ବିଚାର କର ।**

**ଉ.** ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ଭୀଷ୍ମ ପିତାମହ ରୂପେ ପରିଚିତ ବାଗ୍ମୀ ବିଶ୍ୱନାଥ କରଙ୍କ ଲେଖନୀ ଆଦି ପର୍ଯ୍ୟାୟର ପ୍ରବନ୍ଧ ସାହିତ୍ୟକୁ ଏକ ବଳିଷ୍ଠ ଭିତ୍ତି ଦେଇଥିଲା । ବାଗ୍ମୀ ବିଶ୍ୱନାଥ ଏକାଧାରରେ ସାହିତ୍ୟିକ, ସଂପାଦକ, ସଂଗଠକ ଓ ସମାଜ ସଂସ୍କାରକ ଥିଲେ । 'ବିବିଧ ପ୍ରବନ୍ଧ' ତାଙ୍କର ଏକ ସଫଳ ପ୍ରବନ୍ଧ ଗ୍ରନ୍ଥ । ଏଥିରେ ସଂକଳିତ ପ୍ରବନ୍ଧଗୁଡ଼ିକ ମୌଳିକ, ସୁଚିନ୍ତିତ ଓ ସାରଗର୍ଭକ । ସେ ବହୁବିଧ ବିଷୟକୁ ନେଇ ପ୍ରବନ୍ଧ ରଚନା କରିଛନ୍ତି । 'ଇତିହାସ' ପ୍ରବନ୍ଧ ତନ୍ମଧ୍ୟରୁ ଅନ୍ୟତମ । ଏହି ପ୍ରବନ୍ଧରେ ପ୍ରାବନ୍ଧିକ ଇତିହାସର ପ୍ରକୃତ ସ୍ୱରୂପ ଉନ୍ମୋଚନ କରିବା ସ୍ୱଜାତିର ଇତିହାସକୁ ଅଧ୍ୟୟନ କରିବା ପ୍ରତ୍ୟେକ ଜାତିପ୍ରେମୀ ବ୍ୟକ୍ତିର କର୍ତ୍ତବ୍ୟ ବୋଲି ସୂଚନା ଦେଇଛନ୍ତି ।

ଅତୀତ ପ୍ରତି ଅନୁରାଗରୁ ଇତିହାସର ସୃଷ୍ଟି । ଇତିହାସର ସୋପାନ ଅତିକ୍ରମ କରି ସଭ୍ୟତାର ସୌଧ ଉପରେ ଠିଆ ହୋଇଥିବା ବର୍ତ୍ତମାନର ମଣିଷ ଅତୀତକୁ ଭୁଲି ପାରେନି । ଅନନ୍ତ ଅତୀତ ଅନନ୍ତ ଭବିଷ୍ୟତ ସଙ୍ଗେ ବର୍ତ୍ତମାନର ମଣିଷ ଘନିଷ୍ଠ ଭାବେ ସମ୍ବନ୍ଧିତ । ଏହି ସମ୍ବନ୍ଧରୁ ବିଚ୍ଛିନ୍ନ ହେଲେ ମାନବ ଜୀବନର ମୂଲ୍ୟ କିଛି ରୁହେ ନାହିଁ । ଅତୀତର ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ଜ୍ଞାନବିଜ୍ଞାନ ସଂପନ୍ନ ବିଂଶ ଶତାବ୍ଦୀର ସଭ୍ୟତମ ମାନବ ସମାଜ । ଆଜିର ଉନ୍ନତ ସମାଜ ପଛରେ ଲକ୍ଷ ଲକ୍ଷ ଘଟଣା, କାରଣ, ବିପ୍ଳବ ସଂଘଟିତ ହୋଇଆସିଛି । ଜଗତ ପରିବର୍ତ୍ତନଶୀଳ ହୋଇଥିବାରୁ ସମସ୍ତ ବସ୍ତୁର ଭାବାନ୍ତର ଓ ରୂପାନ୍ତର ହେଉଥିଲେ ମଧ୍ୟ ଚିର ଅପରିବର୍ତ୍ତନୀୟ ରହିଛି ସତ୍ୟ । ସତ୍ୟ ହିଁ ପ୍ରକୃତ ମାନବୋନ୍ନତିର କାରଣ । ମାନବର କ୍ଷଣିକ ଚିନ୍ତା ଭିତରେ ବିଶୁଦ୍ଧ ସତ୍ୟଟି ସାରବସ୍ତୁ ହୋଇ ରହିଥାଏ । ଏହା ଏକ ସାର୍ବଭୌମିକ ନିୟମ ବ୍ୟକ୍ତି ଓ ଜାତିର ଉତ୍‌ଥାନ ପତନ ଏହି ନିୟମରେ ହିଁ ହୋଇଥାଏ ।

ପ୍ରାବନ୍ଧିକ ବ୍ୟକ୍ତିଗତ ଜୀବନ ଓ ଜାତିଗତ ଜୀବନ ମଧ୍ୟରେ ସାଦୃଶ୍ୟ ଦର୍ଶାଇ କହିଛନ୍ତି ଯେ ମାନବ ଜୀବନ ଓ ଜାତିର ଜୀବନ କେତେଗୁଡ଼ିଏ ଘଟଣାର ସମଷ୍ଟି । ଗୋଟିଏ ଘଟଣା ସହ ଅନ୍ୟ ଘଟଣାଟି ସମ୍ବନ୍ଧିତ ହୋଇ ଉନ୍ନତି ଆଡ଼କୁ ବାଟ କଢ଼ାଇ ନେଇଥାଏ । ପରସ୍ପର ବିରୋଧାଭାଷ ଓ ପ୍ରତିକୂଳ ପରିସ୍ଥିତିରେ ହିଁ ପ୍ରକୃତ ଜୀବନ ଗଠିତ ହୋଇଥାଏ । ଚିନ୍ତାଶୀଳ ବ୍ୟକ୍ତି ଏଥିରେ ସାମଞ୍ଜସ୍ୟ ଲକ୍ଷ୍ୟ କରି ବିଚଳିତ ହୁଅନ୍ତି ନାହିଁ । ମାନବ ସମାଜର ସମସ୍ତ ବ୍ୟାପାର ଇତିହାସର ଅନ୍ତର୍ଭୁକ୍ତ । ଐଶ୍ୱର୍ଯ୍ୟଶାଳୀ ରାଜା ଓ ଦୀନ ହୀନ କୃଷକ ଉଭୟେ ସମାଜ ଅଙ୍ଗ ଓ ସମାଜର ଉନ୍ନତିରେ ଉପଯୋଗୀ ।

ଜାତିର ବାହ୍ୟ ସ୍ଥୂଳ ବିବରଣୀ ଇତିହାସ ପଦବାଚ୍ୟ ନୁହେଁ । ପ୍ରକୃତ ଇତିହାସ ହେଉଛି ମାନବ ପ୍ରକୃତିର କ୍ରମବିକାଶର କଥା ।

ଇତିହାସର ସର୍ବଶ୍ରେଷ୍ଠ ଶିକ୍ଷା ହେଉଛି ସତ୍ୟ ଓ ସାରବସ୍ତୁ ଯାହା ତାହାର ବିନାଶ ନାହିଁ । ସମାଜର ଗତି ସର୍ବଦା ଉନ୍ନତି ଆଡ଼କୁ । ଏହି ଉନ୍ନତି ପଥରେ ଯେ ଯୋଗ୍ୟ ହେବ ସେ ସୁଯୋଗ ପାଇବ । ଯେ ଅଯୋଗ୍ୟ ସେ ବଞ୍ଚିତ ହେବ । ଯୋଗ୍ୟତା କହିଲେ ସାଧୁତା, ସରଳତା, ସତ୍ୟନିଷ୍ଠା, ସାହସ, ମୈତ୍ରୀ, କ୍ଷମା ଇତ୍ୟାଦି ଦୈବୀଗୁଣକୁ ବୁଝାଏ । ଏଗୁଡ଼ିକୁ ହରାଇ କେହି ସମାଜ ଉନ୍ନତି ଲାଭ କରିପାରେ ନାହିଁ । ବ୍ୟକ୍ତି ପରି ଜାତି ମଧ୍ୟ ଅଯୋଗ୍ୟ ହେଲେ ତା'ର ଗତି ରସାତଳଗାମୀ ହୋଇଥାଏ ଏବଂ ତା'ର ସଞ୍ଚିତ ଧନରାଶି, ଜ୍ଞାନ ବିଜ୍ଞାନ ସମସ୍ତ ଯୋଗ୍ୟତାର ଜାତି ହାତରେ ସମର୍ପିତ ହେବ । ପ୍ରାବନ୍ଧିକ ଦୃଷ୍ଟାନ୍ତ ଦେବାକୁ ଯାଇ କହିଛନ୍ତି ଯେ ପ୍ରାଚୀନ ରୋମ ବା ପ୍ରାଚୀନ ଭାରତର ପତନ ହେଲା, ସେଥିରେ ମାନବ ଜାତିର କି କ୍ଷତି ହେଲା । ବରଂ ରୋମ ଭାରତ ଯାହା ରକ୍ଷା କରି ନ ପାରିଲେ ଇଂଲଣ୍ଡ ଆମେରିକା ତାହା କଲେ । ଇଂଲଣ୍ଡ, ଆମେରିକା ଯେତେବେଳେ ନିଜ ଅଯୋଗ୍ୟତାର ପ୍ରମାଣ କରିବେ ସେତେବେଳେ ନବ ଇଂଲଣ୍ଡ ନବ ଆମେରିକା ପ୍ରସ୍ତୁତ ହୋଇ ରହିଥିବେ । କାରଣ ବିଧାତାଙ୍କ କାର୍ଯ୍ୟ କେତେବେଳେ ଅସଂପନ୍ନ ରୁହେ ନାହିଁ । ଯୋଗ୍ୟତା ନ ଦେଖି ସେ କାହାକୁ କୌଣସି ଅଧିକାର ଦିଅନ୍ତି ନାହିଁ । ବିଧାତାଙ୍କ ସୃଷ୍ଟିରେ କେବଳ ଯୋଗ୍ୟତମ ହିଁ ତିଷ୍ଠି ରହିଥାଏ । ଦୈବୀଗୁଣପୂର୍ଣ୍ଣ ଯୋଗ୍ୟତାକୁ ହରାଇ କେବଳ ଭୋଗ, ବିଳାସ, ଆମୋଦ ଓ ଆଳସ୍ୟରେ ଦିନ କଟାଇ କୌଣସି ବ୍ୟକ୍ତି ବା ସମାଜ ଉନ୍ନତି କରିପାରିନାହାନ୍ତି କିମ୍ବା ଲବ୍ଧ ଉନ୍ନତିକୁ ରକ୍ଷା କରି ପାରିନାହାନ୍ତି । ଜଣେ ଇଂରାଜୀ ଗ୍ରନ୍ଥାକାର କହିଛନ୍ତି – 'The evolution of a highly destined society must be moral. It must run in the graves of the celestial wheels. It must be catholic in aims.' ବାସ୍ତବରେ ଏହା ସତ୍ୟ, ନୀତି, ଆଦର୍ଶ, ଉଦାରତା, ସାଧୁତା, ସତ୍ୟନିଷ୍ଠା ସାହସ, କ୍ଷମା, ମୈତ୍ରୀ ଇତ୍ୟାଦି ଯୋଗ୍ୟତାର ଲକ୍ଷଣ । ଏ ସବୁ ବ୍ୟକ୍ତି ବା ଜାତିର ଜୀବନରେ ନ ଥିଲେ ସେ ଜାତି ନୀତିହୀନ ଅନୁଦାର । ସଭ୍ୟତାର ଉଚ୍ଚତର ସୋପାନ ଆରୋହଣ କରିବା ପାଇଁ ଏହି ସବୁ ଯୋଗ୍ୟତା ଅତ୍ୟାବଶ୍ୟକ । ଏ ସବୁ ନ ଥିଲେ ଜାତି ହୀନାଦର୍ଶ ହୋଇ ପତନମୁଖୀ ହୁଏ । ତେଣୁ ପ୍ରାବନ୍ଧିକ ଯଥାର୍ଥରେ କହିଛନ୍ତି – 'ନୀତିହୀନ ଅନୁଦାର ଜାତି କଦାପି ସଭ୍ୟତାର ଉଚ୍ଚତର ସୋପାନରେ ଆରୋହଣ କରିନପାରେ' ପ୍ରତ୍ୟେକ ଜାତିର ଇତିହାସ ଏହି ସାକ୍ଷ୍ୟ ପ୍ରଦାନ କରେ ।

ବାସ୍ତବରେ ପ୍ରାବନ୍ଧିକଙ୍କର ଉକ୍ତି ଯଥାର୍ଥ ଓ ତାତ୍ପର୍ଯ୍ୟପୂର୍ଣ୍ଣ ।

**ପ୍ର.୩. ସାଂପ୍ରତିକ ପରିପ୍ରେକ୍ଷୀରେ 'ଇତିହାସ' ପ୍ରବନ୍ଧର ଆବଶ୍ୟକତା ନିରୂପଣ କର ।**

**ଉ.** ଇତିହାସ କେବଳ ଅତୀତ ଦିନର ପାଦଚିହ୍ନ ନୁହେଁ, ଭବିଷ୍ୟତ ଜୀବନ ପାଇଁ ଦିଗ୍‌ଦର୍ଶନ ମଧ୍ୟ । Captain Dharam Pal ଇତିହାସ ସଂପର୍କରେ କୁହନ୍ତି – "History is a catalogue of mistakes and it is our duty to learn by them." ଇତିହାସ ମାନବ ଜାତିର ଉତ୍‌ଥାନ ଓ ପତନର ବିବରଣୀ । ମଣିଷ ଜାତିକୁ ଜାଣିବାକୁ ହେଲେ ତା'ର ସାମାଜିକ, ସାଂସ୍କୃତିକ, ରାଜନୈତିକ ଓ ନୃତାତ୍ତ୍ୱିକ ଜୀବନ ସହିତ ପରିଚିତ ହେବାକୁ ହୁଏ । ପ୍ରାବନ୍ଧିକ ବିଶ୍ୱନାଥ କର ଇତିହାସର ଆବଶ୍ୟକତା ଓ ପ୍ରୟୋଜୀୟତାକୁ ଉପଲବ୍ଧି କରି ରଚନା କରିଛନ୍ତି 'ଇତିହାସ' ପ୍ରବନ୍ଧ । ତାଙ୍କ 'ବିବିଧ ପ୍ରବନ୍ଧ' ପୁସ୍ତକର ସଂଗୃହୀତ ଏହି ପ୍ରବନ୍ଧିଟିରେ ସଭ୍ୟତା ଓ ସମାଜର ବିକାଶରେ ଇତିହାସର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦର୍ଶାଇଛନ୍ତି ।

ଅନନ୍ତ ପ୍ରକୃତି ସହିତ ସମ୍ବନ୍ଧିତ ମଣିଷ ବର୍ତ୍ତମାନର ଜୀବ ହୋଇ ମଧ୍ୟ ଅନନ୍ତ ଅତୀତ ଓ ଭବିଷ୍ୟତ ସହ ସମ୍ବନ୍ଧିତ । ଏ ସମ୍ବନ୍ଧରୁ ବିଚ୍ଛିନ୍ନ ହେଲେ ତା' ଜୀବନରେ ମୂଲ୍ୟ କିଛି ନାହିଁ । ଜ୍ଞାନ ବିଜ୍ଞାନ ପୂର୍ଣ୍ଣ ଆଜିର ସଭ୍ୟତା ଅନେକ ଅତୀତର

ପାହାଚ ଅତିକ୍ରମ କରି ଆସି ଏଠାରେ ପହଞ୍ଚିଛି । ଇତିହାସରେ ଲିପିବଦ୍ଧ ବହୁ ସଂଘର୍ଷ, ବିପ୍ଳବ ଭିତରୁ ଆଜିର ପୃଥିବୀ ସୃଷ୍ଟି ହୋଇଛି । ବାହ୍ୟଜଗତରେ ସଭ୍ୟତାର ପରିବର୍ତ୍ତନରେ ଇତିହାସର ଭୂମିକା ଯେପରି ମଣିଷର ଅନ୍ତଃ ପ୍ରକୃତିର କ୍ରମବିକାଶରେ ମଧ୍ୟ ସେହିପରି । ଅର୍ଥାତ୍ ଇତିହାସ କ୍ରମୋନ୍ନତିର ସୋପାନ । ଏହା ମୂଳ ସତ୍ୟକୁ ଆଧାର କରି ଗତିଶୀଳ । କେଉଁ ଅତୀତ କାଳରୁ ସତ୍ୟ ସଙ୍ଗେ ବିରୋଧ ଯାହାର ହୋଇଛି ତାର ବିନାଶ ଅନିବାର୍ଯ୍ୟ ହୋଇଛି । ଜାତି, ରାଷ୍ଟ୍ର, ବ୍ୟକ୍ତିର ଉତ୍‌ଥାନ ପତନ ଏକ ସାର୍ବଭୌମିକ ନିୟମର ଅଧୀନ । ଏହି ନିୟମରେ କାର୍ଯ୍ୟ ପ୍ରଣାଳୀ ହିଁ ପ୍ରକୃତ ଇତିହାସ । ମାନବ ପ୍ରକୃତିର ପରିବର୍ତ୍ତନର କଥା ଯେଉଁ ଇତିହାସରେ ଲିପିବଦ୍ଧ ନାହିଁ ତାହା ଇତିହାସ ନୁହେଁ ବରଂ କପୋଳକଳ୍ପିତ କେତେକ ଗ୍ରାମ୍ୟ ଗଳ୍ପ ବୋଲି ଲେଖକ କହିଛନ୍ତି । କେତେଟା ରାଜବଂଶର ବିବରଣୀ ଓ କେତେଟା ଜାତିର ସ୍ଥୂଳ ବିବରଣୀ ପ୍ରକୃତ ଇତିହାସ ପଦବାଚ୍ୟ ନୁହେଁ । ମଣିଷର ପ୍ରାଥମିକ ଜୀବନର ହୀନାବସ୍ଥାର କ୍ରମବିକାଶ ଆଜିର ସଭ୍ୟ ଶିକ୍ଷିତ ମଣିଷ ସମାଜ । କେବଳ ମଣିଷର ନୁହେଁ ଜାତି ସାଧାରଣର ଆଚାର, ବ୍ୟବହାର, ଧର୍ମ, ନୀତି, ଶିକ୍ଷା, ଶିଳ୍ପ, ବାଣିଜ୍ୟ, ସାହିତ୍ୟ, ବିଜ୍ଞାନ ସମସ୍ତ ପ୍ରକାର ପ୍ରୟୋଜନୀୟ ବିଷୟରେ ସମାବେଶ ଇତିହାସ ।

ଇତିହାସ କେତେଗୁଡ଼ିଏ ଘଟଣାର ସମଷ୍ଟି ହୋଇପାରେ । ମାତ୍ର ଏହି ଘଟଣାର ପଶ୍ଚାତଦେଶରେ ଯେଉଁ ନିୟମ କାର୍ଯ୍ୟ କରୁଛି, ତାହା ସାର୍ବକାଳିକ । ସେହି ସାର୍ବକାଳିକ ନିୟମରେ ଅତୀତ, ବର୍ତ୍ତମାନ, ଭବିଷ୍ୟତ ସମ୍ବନ୍ଧିତ । ତେଣୁ ଚିନ୍ତାଶୀଳ ପାଠକମାନେ ଇତିହାସ ବର୍ଣ୍ଣିତ ସକଳ ପ୍ରକାର ବିଷୟ ନିଜ ଜୀବନରେ ଓ ସମସାମୟିକ ସମାଜ ମଧ୍ୟରେ ପ୍ରତିବିମ୍ବିତ ହେଉଥିବାର ଦେଖି ସେଥିରୁ ସମୁଚିତ ଶିକ୍ଷା ଲାଭ କରିଥାନ୍ତି । ପ୍ରାବନ୍ଧିକ ଇତିହାସର ଉପଯୋଗିତା ସମ୍ବନ୍ଧରେ ଆହୁରି ମଧ୍ୟ ସୂଚନା ଦେଇଛନ୍ତି ଯେ ମଣିଷ ଉପଦେଶ ଅପେକ୍ଷା ଦୃଷ୍ଟାନ୍ତ ଅଧିକ ଶିକ୍ଷା ଲାଭ କରେ । ଇତିହାସ ହେଉଛି ଦୃଷ୍ଟାନ୍ତର ଗନ୍ତାଘର । ଏହି ଦୃଷ୍ଟାନ୍ତରୁ ମଣିଷ ବହୁତ କିଛି ଶିକ୍ଷା କରି ଜୀବନ, ସମାଜ ଓ ଜାତିକୁ ସଂଶୋଧିତ କରି ଉନ୍ନତ ମାର୍ଗରେ ଅଗ୍ରସର ହୋଇଥାଏ ।

ଇତିହାସର ସର୍ବଶ୍ରେଷ୍ଠ ଶିକ୍ଷା ହେଉଛି ଯାହା ସତ୍ୟ ଓ ସାରବସ୍ତୁ ତାହାର କଦାପି ବିନାଶ ନାହିଁ । ମାନବ ସମାଜ ଯେଉଁ ଉନ୍ନତ ଲାଭ କରିଛି ତାହା ଅବିରାମ ଭାବରେ ଉନ୍ନତି, ମଙ୍ଗଳ ଉଦ୍ଦେଶ୍ୟରେ ହେଉଛି – କେବଳ ଯୋଗ୍ୟତମ ବ୍ୟକ୍ତିର ସେଠି ସ୍ଥାନ ରହିଛି । ଅଯୋଗ୍ୟ ଅଚିରେ ବିନାଶ ପ୍ରାପ୍ତ ହୋଇଛି । ଏହି ଦୃଷ୍ଟିରୁ ପ୍ରାଚୀନ ସଭ୍ୟତାର ବିଲୋପ ଓ ନୂତନ ସଭ୍ୟତାର ଅଭ୍ୟୁଦୟ। ନୀତିହୀନ ଅଯୋଗ୍ୟ, ଅନୁଦାର ବ୍ୟକ୍ତି ଓ ଜାତି କଦାପି ସଭ୍ୟତାର ଉଚ୍ଚତର ସୋପାନ ଆହରଣ କରିପାରେନି । ପ୍ରତ୍ୟେକ ଜାତିର ଇତିହାସ ଏହି ସାକ୍ଷ୍ୟ ପ୍ରଦାନ କରୁଛି।

ସାଂପ୍ରତିକ ପରିପ୍ରେକ୍ଷୀରେ ବ୍ୟକ୍ତି ଓ ଜାତିକୁ ସଚେତନ କରିବା ପାଇଁ 'ଇତିହାସ' ପ୍ରବନ୍ଧର ପ୍ରୟୋଜନୀୟତା ନିଶ୍ଚିତ ରହିଛି ।

**ପ୍ର.୪. "ସ୍ୱଜାତିର ଇତିହାସ ବିଶେଷ ଭାବରେ ଶିକ୍ଷା କରିବା ପ୍ରତ୍ୟେକ ସ୍ୱଜାତି ବତ୍ସଳ ବ୍ୟକ୍ତିର ଅଲଘନୀୟ କର୍ତ୍ତବ୍ୟ" ଏହାର ସତ୍ୟତା ବିଚାର କର ।**

**ଉ.** ଇତିହାସ ସମଗ୍ର ମାନବ ସଭ୍ୟତାର ଇତିବୃତ୍ତି । ଶତଶତ ଜାତି, ଧର୍ମ, ଇତିହାସରେ ଅଙ୍ଗୀଭୂତ ହୋଇଛନ୍ତି । ସମଗ୍ର ବିଶ୍ୱ ଇତିହାସକୁ ଜାଣିବା ମନୁଷ୍ୟ ପକ୍ଷେ ଯେତିକି ଆବଶ୍ୟକ। ସ୍ୱଜାତିର ଇତିହାସକୁ ଜାଣିବା ସେତିକି ପ୍ରୟୋଜନ, କାରଣ ନିଜ ଜାତିର ଭାବଭୂମି ଇତିହାସରୁ ଆକଳନ କରାଯାଇଥାଏ । ପ୍ରାବନ୍ଧିକ ବିଶ୍ୱନାଥ କର ଜଣେ ଇତିହାସ ସଚେତନ ବ୍ୟକ୍ତି । ବସ୍ତୁନିଷ୍ଠ ପ୍ରବନ୍ଧ ରଚନା କରି ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଆଦି ପର୍ବକୁ ସେ ଶିହରିତ କରିଥିଲେ । ବହୁ ଉପାଦେୟ ପ୍ରବନ୍ଧ ରଚନା କରି ସେ ସମାଜକୁ ଦିଗ୍‌ଦର୍ଶନ ଦେଇଥିଲେ । 'ବିବିଧ ପ୍ରବନ୍ଧ' ତାଙ୍କର ଏକ ଉଲ୍ଲେଖଯୋଗ୍ୟ

ପ୍ରବନ୍ଧ ପୁସ୍ତକ । ଏହି ସଂକଳନରୁ ସଂଗୃହୀତ 'ଇତିହାସ' ପ୍ରବନ୍ଧ । ଏଥିରେ ସେ ଇତିହାସର ଲକ୍ଷ୍ୟ, କାର୍ଯ୍ୟାବଳୀକୁ ବର୍ଣ୍ଣନା କରିସାରିବା ପରେ ସ୍ୱଜାତିର ଇତିହାସକୁ ଅଧ୍ୟୟନ କରିବା ପାଇଁ ପ୍ରତ୍ୟେକ ସ୍ୱାଭିମାନୀ ବ୍ୟକ୍ତିକୁ ଉପଦେଶ ଦେଇଛନ୍ତି । କାରଣ ସ୍ୱଜାତିର ଇତିହାସରୁ ବ୍ୟକ୍ତି ଉନ୍ନତ ଶିକ୍ଷା ଲାଭ କରି ପ୍ରକୃତ ବିକାଶ ମାର୍ଗରେ ଜାତିକୁ ପରିଚାଳିତ କରିପାରିବ ।

ମଣିଷ କ୍ଷୁଦ୍ର ଜୀବ । ସମଗ୍ର ବିଶ୍ୱ ତୁଳନାରେ ତା'ର ପରିସର ଅତି ସଂକୀର୍ଣ୍ଣ । ସମଗ୍ର ମାନବ ଜାତିର ଇତିହାସ ଅଧ୍ୟୟନ କରିବା ସହ ନିଜ ସ୍ୱଦେଶ ବା ସ୍ୱଜାତିର ଇତିହାସ ପାଠ କରିବା ତାହାର ପ୍ରୟୋଜନ । ସୀମାୟିତ ପରିସର ମଧ୍ୟରେ ଥିବା ମଣିଷ ସ୍ୱଜାତି ଅତି ପ୍ରିୟ ବସ୍ତୁ । ଏହି ସ୍ୱଜାତି ପ୍ରତି ତା'ର ଅନୁରାଗ ଓ ପ୍ରେମଭାବ ସ୍ୱଭାବିକ ଅଧିକ ହୋଇଥାଏ । ସ୍ୱଜାତି ସହିତ ନିକଟ ଓ ଅନ୍ତରଙ୍ଗ ସଂପର୍କ ହିଁ ଏହାର ମୂଳ କାରଣ । ଏହାର ଅଭାବ ଯେଉଁଠି ପରିଲକ୍ଷିତ ହୁଏ ସେଠାରେ ଦୋଷଥାଏ । ମଣିଷ ସ୍ୱଜାତିର ଉନ୍ନତି ଅବନତିକୁ ଇତିହାସରୁ ଜାଣି ସେଥିପ୍ରତି ସଚେତନ ହୋଇଥାଏ । ଐତିହାସିକ ଫ୍ରାଉଡ଼୍‌ଙ୍କ ମତରେ "ଜାତୀୟ ଗର୍ବ ସ୍ୱଜାତି ପ୍ରେମର ପ୍ରାଣ ।" ସ୍ୱଜାତି ପ୍ରେମ ପାଇଁ ଜ୍ଞାନ ଆବଶ୍ୟକ ଜ୍ଞାନ ପାଇ ଅତୀତର ଇତିହାସ" ଲୋଡ଼ା । ସେଥିପାଇଁ ଉତ୍କଳ ଗୌରବ ମଧୁସୂଦନ କହିଥିଲେ –

"ଜାତି ଇତିହାସ ଜାତିର ନିର୍ଝର
ସଦା ବହେ ତହୁଁ ଜାତି ପ୍ରାଣଧାର
ସେ ଧାରରୁ ନୀର ପିଏ ଯେଉଁ ନର
ନିଶ୍ଚୟ ହେବ ସେ ଜାତି କର୍ମବୀର ।"

ମଣିଷ ସ୍ୱଜାତି ପ୍ରତି ଅନୁରାଗରୁ ଜାତି ଇତିହାସ ପଢ଼ିଥାଏ। ତା' ଜାତିର ବହୁ ମଣିଷ ତା' ପାଇଁ ଦେବତା ପରି ପ୍ରତୀୟମାନ ହୋଇଥାନ୍ତି । ତେଣୁ ସ୍ୱଜାତିର ଇତିହାସ ବିଶେଷ ଭାବରେ ଶିକ୍ଷା କରିବା ପ୍ରତ୍ୟେକ ସ୍ୱଜାତି ବତ୍ସଳ ବ୍ୟକ୍ତିର କର୍ତ୍ତବ୍ୟ । ମାତ୍ର ଏଥିରେ ବ୍ୟତିକ୍ରମ ହେଉଛି ବିକୃତ ସ୍ୱଜାତି ବତ୍ସଳତା । ଏହା ସଂକୀର୍ଣ୍ଣତା ଓ ପରଜାତି ବିଦ୍ୱେଷର ନାମାନ୍ତର । ଏଥିରେ ହୃଦୟର ଉଦାର ଭାବ ନଥାଏ । ଏଭଳି ସଂକୀର୍ଣ୍ଣତା ଠାରୁ ଦୂରରେ ରହି ବ୍ୟକ୍ତି ସ୍ୱଜାତି ଇତିହାସର ପୃଷ୍ଠା ଓଲଟାଇ ପୂର୍ବପୁରୁଷର ଗୌରବମୟ ଅତୀତ ସହିତ ପରିଚିତ ହୋଇ ବର୍ତ୍ତମାନକୁ କର୍ମମୁଖର କରିବା ସହ ଭବିଷ୍ୟତ ପାଇଁ ମାର୍ଗ ନିର୍ଦ୍ଧାରଣ କରିବା ହିଁ ପ୍ରକୃତ କର୍ତ୍ତବ୍ୟ । ପ୍ରାବନ୍ଧିକ ଶେଷରେ କାମନା କରିଛନ୍ତି ଯେ ପ୍ରତ୍ୟେକ ବ୍ୟକ୍ତିକୁ ଏହି ବିକୃତ ସ୍ୱଜାତି ପ୍ରେମରୁ ଉଦ୍ଧାର କରି ଈଶ୍ୱର ମାନବଜାତିର ମଙ୍ଗଳ କରନ୍ତୁ ।

ସ୍ୱଜାତିର ଇତିହାସ ଶିକ୍ଷା କରିବା ଯେ କେତେ ଉପାଦେୟ ତାହା ପ୍ରାବନ୍ଧିକ 'ଇତିହାସ' ପ୍ରବନ୍ଧରେ ସୂଚାଇଛନ୍ତି। ଏହାର ସତ୍ୟତା ଉକ୍ତ ପ୍ରବନ୍ଧରୁ ଉପଲବ୍ଧି କରାଯାଇପାରେ ।

❑❑❑

# ପୁଷ୍ପପୁରରେ ବର୍ଷାବରଣ

✍ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

**ପ୍ରାବନ୍ଧିକ ପରିଚୟ (୧୯୦୯–୧୯୮୭) :**

ଇତିହାସ, ପ୍ରତ୍ନତତ୍ତ୍ୱ, କିମ୍ବଦନ୍ତୀ, ସଂସ୍କୃତି ଓ ସାହିତ୍ୟ ଯଦି କୌଣସି ଲେଖକର ଲେଖନୀରେ ଏକତ୍ର ସହାବସ୍ଥାନ କରିଥାନ୍ତି, ସେ ହେଉଛନ୍ତି ପ୍ରଫେସର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ । ଜଣେ ଖ୍ୟାତନାମା ଐତିହାସିକ ଓ ସାହିତ୍ୟିକ ଭାବରେ ଓଡ଼ିଶାରେ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଛି । ଓଡ଼ିଆ ଜାତିର ଆତ୍ମା ପ୍ରତି ଚିରପ୍ରଣତ କୃଷ୍ଣଚନ୍ଦ୍ର ଜାତୀୟ ଜୀବନର ମ୍ଳାନମୁଖୀ ଜ୍ୟୋତିକୁ ଉର୍ଜ୍ଜସ୍ୱଳ କରିବାପାଇଁ ଇତିହାସକୁ ଜୀବନ୍ତ କରିଛନ୍ତି । ଜାତିର ଲୁପ୍ତ ରତ୍ନ ଉଦ୍ଧାର ପାଇଁ ଜୀବନବ୍ୟାପୀ ସାଧନା କରି ସେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ଭଣ୍ଡାରକୁ ସମୃଦ୍ଧ କରିଛନ୍ତି । ଇତିହାସ ଓ ପ୍ରତ୍ନତତ୍ତ୍ୱକୁ ଭିତ୍ତିକରି ରଚିତ ହୋଇଥିବା ତାଙ୍କ ପ୍ରବନ୍ଧ ସାହିତ୍ୟ ତଥ୍ୟଯୁକ୍ତ ଓ ବିଶ୍ଳେଷଣାତ୍ମକ ସତ୍ୟକୁ ନିଷ୍କପଟ ରୂପ ପ୍ରଦାନରେ ଜଣେ ଆଦର୍ଶ ଐତିହାସିକର ନିର୍ଭୀକ ସ୍ୱାକ୍ଷର ତାଙ୍କ ପ୍ରବନ୍ଧରେ ଦେଖିବାକୁ ମିଳେ । ତାଙ୍କ ପ୍ରବନ୍ଧଗୁଡ଼ିକର ବିଷୟ ବିଶ୍ଳେଷଣ ଅତ୍ୟନ୍ତ ଚମତ୍କାର । ଉଚ୍ଚକୋଟୀର ଭାବୁକତା ଓ ଭାଷାର ଇନ୍ଦ୍ରଜାଲ ତାଙ୍କ ପ୍ରବନ୍ଧର ବିଶେଷତ୍ୱ । ଇତିହାସର ନିଷ୍ଠୁର ବାସ୍ତବତା ଓ କଳ୍ପନା ହାତ ଧରାଧରି ହୋଇ ଚାଲନ୍ତି ତାଙ୍କ ସାହିତ୍ୟରେ । ଏହି ଜ୍ଞାନ ତପସ୍ୱୀଙ୍କ ଭିତରେ କେତେ ଯେ ରସବୋଧ, ସୌନ୍ଦର୍ଯ୍ୟବୋଧ ଓ ଦେଶାତ୍ମବୋଧ ଭରି ରହିଛି । ଯିଏ ତାଙ୍କ ପ୍ରବନ୍ଧ ପାଠ କରିଥିବ ସେ ଅନୁଭବ କରିଥିବ । ତାଙ୍କ ରଚିତ 'ଜନ୍ମଭୂମି, ପୁଷ୍ପପୁରରେ ବର୍ଷାବରଣ, ସ୍ୱର୍ଣ୍ଣାଦ୍ରିରେ ସ୍ୱପ୍ନ, ରାଜଗୃହ, କନ୍ୟାକୁମାରୀ, ନଟରାଜ ଆଦି ପ୍ରବନ୍ଧ ଓଡ଼ିଆ ପ୍ରବନ୍ଧ ସାହିତ୍ୟର ହୀରାନୀଳା. 'ପ୍ରବନ୍ଧମାନସ' ପୁସ୍ତକ ବ୍ୟତୀତ 'ଓଡ଼ିଶା ଇତିହାସ', 'ଇତିହାସ ଓ କିମ୍ବଦନ୍ତୀ' 'କୋ

(ଘ) **ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ତିରିଶିଟି ଶବ୍ଦରେ ଉତ୍ତର ଦିଅ । ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୨ ନମ୍ବର ରହିବ ।**

**ପ୍ର.୧. ଇତିହାସର କେଉଁ ଅନାମ ଯୁଗର କେଉଁ କଥା ଲେଖକ ଶୁଣିଥିଲେ ?**

**ଉ.** କବି – ପୁଷ୍ପପୁରରେ ବର୍ଷାବରଣ

କବିତା – କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

ଇତିହାସରେ କେଉଁ ଅନାମ ଯୁଗରେ ବିତାଡ଼ିତ ବିରହୀ ଯକ୍ଷଟିଏ ପୁଷ୍ପଅର୍ଘ୍ୟରେ ଜଳଦକୁ ମୂଢ଼ାଧାଡ଼ି ଅଳକାପୁରୀରେ ଥିବା ତା' ପ୍ରିୟା ପାଖକୁ ମେଘ ହାତରେ ଖବର ପଠାଇଥିବାର କଥା ଲେଖକ ଶୁଣିଥିଲେ ।

**ପ୍ର.୨. ଉତ୍କଳ ଭୂମିର ଦୁଇ ଦିଗର ବର୍ଣ୍ଣନା କର ।**

ଉ. କବି – ପୁଷ୍ପପୁରରେ ବର୍ଷାବରଣ

କବିତା – କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

ଭାରତର ସାରଭୂତା ଉତ୍କଳ ଭୂମି ଏକ ଦିଗରେ ପୂଗ, ପୁନ୍ନାଗ, ତାଳ, ତମାଳ, ତାମ୍ବୁଳ ଓ ନାରିକେଳ ବୃକ୍ଷରାଜିରେ ବିଶୋଭିତ ମହୋଦଧି ବେଳା ଓ ଅନ୍ୟ ଦିଗରେ ତୁଙ୍ଗ ଶିଖରୀ ସମାକୁଳ ନିବିଡ଼ ବନଭୂମିର ଅସରନ୍ତି ଶ୍ୟାମଳ ଶୋଭାରେ ଅପରୂପା ହୋଇଛି ଉତ୍କଳ ଭୂମି ।

**ପ୍ର.୩. ଲେଖକଙ୍କ ଜନ୍ମଭୂମିର ରୂପଚିତ୍ର ଉପସ୍ଥାପନ କର ।**

ଉ. କବି – ପୁଷ୍ପପୁରରେ ବର୍ଷାବରଣ

କବିତା – କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

ତାଳ, ତମାଳ, ଗୁଆ, ନଡ଼ିଆ, ପାନ, ପୋଲାଙ୍ଗ ବନରେ ସୁଶୋଭିତ ସାଗର ବେଳାରେ ବଳୟିତ, ଉଚ୍ଚପର୍ବତ ଶ୍ରେଣୀ ଯୁକ୍ତ ନିବିଡ଼ ବନଭୂମିର ଅସରନ୍ତି ସବୁଜୀମାରେ ଅପରୂପା, କୋଟିବୀର ପ୍ରସବିନୀ, କୋଟି କୀର୍ତ୍ତି ଧାରିଣୀ ତଟିନୀ ମାଳିନୀ, ପ୍ରଚୁର ରତ୍ନଧାରିଣୀ, ସୁଜଳା, ସୁଫଳା ଶ୍ୟାମଳା ଭୂମିଖଣ୍ଡ ହେଉଛି ଲେଖକଙ୍କ ଜନ୍ମଭୂମି ଉତ୍କଳ । ପ୍ରାକୃତିକ ରୂପଶୋଭାରେ ଅନନ୍ୟ ।

**ପ୍ର.୪. ନିଘଞ୍ଚ ବନ ମଧ୍ୟରେ ଥିବା ବନବାସୀମାନଙ୍କ ବାସଭୂମିକୁ ଜଳଦ କିପରି ଚିହ୍ନି ପାରିବ ?**

ଉ. କବି – ପୁଷ୍ପପୁରରେ ବର୍ଷାବରଣ

କବିତା – କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

ନିଘଞ୍ଚ ବନ ମଧ୍ୟରେ ଥିବା ବନବାସୀଙ୍କର ବାସଭୂମିକୁ ସହଜରେ ଜଳଦ ଚିହ୍ନିପାରିବ ନାହିଁ । ମାତ୍ର ବନ ମଧ୍ୟରେ ଯେଉଁଠି ଗୋ-ପଲର ଗଳଘଣ୍ଟି ଓ ଗୋପାଳର ବଇଁଶୀସ୍ୱନ ଶୁଣାଯିବ କିମ୍ବା କୁଡ଼ିଆ ଘରୁ ଉଦ୍‌ଗତ ଧୂମକୁଣ୍ଡଳୀ ଦେଖାଯିବ, ସେଇଠିହିଁ ବନବାସୀଙ୍କର ବାସଭୂମି ବୋଲି ଜଳଦ ଚିହ୍ନିପାରିବ ।

**ପ୍ର.୫. କେଉଁମାନଙ୍କୁ ନିରାଶ ନକରି ଅବିରତ ବାରିପାତ କରିବାକୁ ଲେଖକ ଜଳଦକୁ ଅନୁରୋଧ କରିଛନ୍ତି ?**

ଉ. କବି – ପୁଷ୍ପପୁରରେ ବର୍ଷାବରଣ

କବିତା – କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

ବନଭୂମିରେ ବାସକରୁଥିବା ସରଳ, ନିରୀହ, କର୍ମଠ ବନବାସୀ, ଯେଉଁମାନେକି ଅନ୍ୟ କାହାର ଅନୁଗ୍ରହ ନଲୋଡ଼ି କେବଳ ବର୍ଷା ଉପରେ ଭରସା କରିଥାନ୍ତି । ନିଜ ସ୍ୱେଦ ଅର୍ଜିତ ଧନରେ ଉଦର ପୋଷଣ କରନ୍ତି । ସୁନ୍ଦର ସ୍ୱାସ୍ଥ୍ୟ, ନିର୍ମଳ ମନ ଓ ମାନବିକତା ପରିପୂର୍ଣ୍ଣ ଯାହାର ମନୋରାଜ୍ୟ, ସେହିମାନଙ୍କୁ ନିରାଶ ନକରି ଅବିରତ ବାରିପାତ କରିବାକୁ ଲେଖକ ଜଳଦକୁ ଅନୁରୋଧ କରିଛନ୍ତି ।

**ପ୍ର.୬. ମେଘାସନ, ଗନ୍ଧମାର୍ଦ୍ଦନ ଓ ମାଲ୍ୟଗିରିର ସଂକ୍ଷିପ୍ତ ଚିତ୍ର ଦିଅ ।**

ଉ. କବି – ପୁଷ୍ପପୁରରେ ବର୍ଷାବରଣ

କବିତା – କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

ଉତ୍କଳର ଉତ୍ତରାଞ୍ଚଳରେ ମେଘାସନ, ପଶ୍ଚିମାଞ୍ଚଳରେ ଗନ୍ଧମାର୍ଦ୍ଦନ ଓ ଦକ୍ଷିଣାଞ୍ଚଳରେ ମାଲ୍ୟଗିରି ପର୍ବତ ଅବସ୍ଥିତ । ଏହି ପାର୍ବତ୍ୟାଞ୍ଚଳ ଅତ୍ୟନ୍ତ ଗିରିସଙ୍କୁଳ ଓ ମହାବନରେ ପରିପୂର୍ଣ୍ଣ । ଏହି ନିସ୍ତବ୍ଧ ମହାବନର ମହାସଂଗୀତ ସଭ୍ୟଜଗତ ଶୁଣିନାହିଁ କିମ୍ବା ଏଠାରେ ଥିବା ଅସରନ୍ତି ରତ୍ନଭଣ୍ଡାରକୁ କେହି ଆଜି ପର୍ଯ୍ୟନ୍ତ କଳନା କରିପାରିନାହିଁ । ଏହି ପର୍ବତଘେରା ବନାଞ୍ଚଳର ଉଦାର ସଂଗୀତ ଶୁଣିଲେ ମନ ଅନାମଧେୟ ଧାମକୁ ଯିବା ସହିତ ଜୀବନ ପଦ୍ମ ବିକଶିତ ହୋଇଉଠେ ।

**ପ୍ର.୭. ସମ୍ବଲପୁର ଅଞ୍ଚଳର ନାରୀମାନଙ୍କ ବୈଶିଷ୍ଟ୍ୟ ଉପସ୍ଥାପନ କର ।**

**ଉ.** କବି – ପୁଷ୍ପପୁରରେ ବର୍ଷାବରଣ

କବିତା – କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

ସମ୍ବଲପୁର ଅଞ୍ଚଳର ନାରୀମାନଙ୍କର ବୈଶିଷ୍ଟ୍ୟ ହେଲା ଯେ ପୂର୍ବଦିଗରେ ସିନ୍ଦୂରା ଫାଟିବା ଆଗରୁ ସମ୍ବଲପୁରର ବଧୂମାନେ ପ୍ରଭାତ ସ୍ନାନ ସାରି ସଜ ଶେଫାଳିପରି ହାସ୍ୟମୟୀ ହୋଇଉଠନ୍ତି । ଏମାନଙ୍କ ଆଳସ୍ୟ ବିହୀନ ପାଦରେ ପଦ୍ମ ଫୁଟି ଉଠେ ଓ କଳାକୁଶଳ ହାତ ସ୍ପର୍ଶରେ ଛୋଟ ଘରଟି ମଧ୍ୟ ହସି ଉଠେ । ଦୁଃଖ ଦୈନ୍ୟରେ ମଧ୍ୟ ବିଷାଦକାଳିମା ଏହି ନାରୀମାନଙ୍କୁ ଛୁଏଁ ନାହିଁ ।

**ପ୍ର.୮. କଟକର ବୈଶିଷ୍ଟ୍ୟ ଉପସ୍ଥାପନା କର ।**

**ଉ.** କବି – ପୁଷ୍ପପୁରରେ ବର୍ଷାବରଣ

କବିତା – କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

ଉତ୍କଳର ଉତ୍ତମାଙ୍ଗ, ସୌଧାବଳୀରେ ଶୋଭିତ କଟକ ଉପକୂଳ ଅଞ୍ଚଳରେ ଅବସ୍ଥିତ ଏକ ଐତିହ୍ୟପୂର୍ଣ୍ଣ ସ୍ଥାନ । ଏହି ସ୍ଥାନ ଦିନେ ଗର୍ବିତ ଗଜପତିର ରାଜଧାନୀ ଥିଲା । ଏହି ଅଞ୍ଚଳରୁ ଅଜେୟ ସୈନ୍ୟବାହିନୀ ବାହାରି ଝଟିକା ବେଗରେ ଦୁର୍ଗରୁ ଦୁର୍ଗକୁ ଜୟ କରିଯାଉଥିଲେ । ସ୍ମୃତିପୂତ ବିଡ଼ାନାସୀ ଓ ବାରବାଟୀର ସ୍ଖଳିତ ପ୍ରସ୍ତରରେ ଅତୀତର ସ୍ମୃତି ଓ କୀର୍ତ୍ତି ଆଜିଯାଏ ଲାଗିରହିଛି । ଏହିଠାରେ ମର୍କତକେଶରୀଙ୍କର ମହାକୀର୍ତ୍ତି ମଧ୍ୟ ରହିଛି । ଏହିଠାରେ ବହୁ କବି, ଜ୍ଞାନୀ, ଗୁଣୀ ଓ ଉତ୍କଳର ମହାନିଶାରେ ଉଜାଗର ରହି ଜ୍ଞାନ ଦୀପ ଜାଳିଦେଇ ଯାଇଥିଲେ । ଏହା ହେଉଛି କଟକର ବୈଶିଷ୍ଟ୍ୟ ।

**ପ୍ର.୯. କୋଣାର୍କ ଦୃପ୍ତ ଓ ଗର୍ବିତ ଜାତିର ପରାକ୍ରମର ପ୍ରତୀକ – ଆଲୋଚନା କର ।**

**ଉ.** କବି – ପୁଷ୍ପପୁରରେ ବର୍ଷାବରଣ

କବିତା – କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

ଉପକୂଳ ପଥରେ ଧୀର ରାଜଲୀଳା ଗତିରେ ଯାଉଥିବା ବାରିଦର ଦୃଷ୍ଟିପଥକୁ ଯେଉଁ ମନ୍ଦିରର ଶୀର୍ଷଦେଶ ଆକର୍ଷିତ କରେ, ତାହା ହେଉଛି ଭୁବନମୋହନୀ କୋଣାର୍କ । ଦୃପ୍ତ ଓ ଗର୍ବିତ ଜାତିର ପରାକ୍ରମର ପ୍ରତୀକ । ସ୍ୱର୍ଗ ଚ୍ୟୁତ ପାରିଜାତପରି ବିଜନ ବେଳାରେ ମ୍ଳାନ ଓ ଛିନ୍ନ ହୋଇ ପଡ଼ି ରହିଥିଲେ ମଧ୍ୟ ଘନକୁ ଦେଖି ଅତୀତର ବିପୁଳ ବିଭବର ବାର୍ତ୍ତା ଓ ଲଳିତ କଳାର ଛନ୍ଦୋମୟୀ ଗାଥା ଶୁଣାଇବ । ଏହି ମୂକ ମନ୍ଦିର ଯଦି କଥା କହିପାରନ୍ତା ତେବେ ତା ଅତୀତ ବିଭବର ଗାଥା କହି ବିଜନ ବେଳାକୁ ମୁଖରିତ କରିଦିଅନ୍ତା ।

**ପ୍ର.୧୦. 'ଉତ୍କଳ କମଳର କେଶର' ବୋଲି କାହାକୁ କୁହାଯାଇଛି ଓ କାହିଁକି ?**

**ଉ.** କବି – ପୁଷ୍ପପୁରରେ ବର୍ଷାବରଣ

କବିତା – କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

ପ୍ରାକୃତିକ ସୁଷମାଭରା ଉତ୍କଳ ଯଦି କମଳପୁଷ୍ପ ହୁଏ, ନୀଳାଚଳ ତା'ର କେଶର ସଦୃଶ । ନିଜେ ଲୀଳାମୟ ଏହି ସ୍ଥାନକୁ ବାସସ୍ଥଳୀ ରୂପେ ବାଛି ନେଇଛନ୍ତି । ଇତିହାସର ପ୍ରତିକୂଳ ସ୍ରୋତରେ ଗଲେ ଜଣାଯାଏ ଯେ ଜଗନ୍ନାଥହିଁ ଉତ୍କଳର ଇତିହାସ । ଶାନ୍ତି, ମୁକ୍ତି, ମୈତ୍ରୀ, ଭକ୍ତି ଓ ଭୀତି ସବୁ ପୁଞ୍ଜିଭୂତ ହୋଇ ଏହି କ୍ଷେତ୍ରରେ ରହିଥିବାରୁ ଏ କ୍ଷେତ୍ରର ମାହାତ୍ମ୍ୟ ଅନେକ । ନୀଳାଚଳ ଉତ୍କଳର ଅନନ୍ୟ ସ୍ଥାନ ହୋଇଥିବାରୁ ଏହାକୁ ଉତ୍କଳକମଳର କେଶର ବୋଲି ପ୍ରତିପାଦନ କରାଯାଇଛି ।

**ପ୍ର.୧୧. ଗୋପବନ୍ଧୁଙ୍କ ରୂପଚିତ୍ର ଦିଅ ।**

**ଉ.** କବି – ପୁଷ୍ପପୁରରେ ବର୍ଷାବରଣ

କବିତା – କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

ସାକ୍ଷୀଗୋପାଳର ବକୁଳ ବନରେ କୁଟୀର ରଚି ଯେ ଉନ୍ନତ ଉତ୍କଳର ସ୍ୱପ୍ନ ଦେଖିଥିଲେ, ସେ ଥିଲେ ଗୋପବନ୍ଧୁ । ସେ ଥିଲେ ଶୃଙ୍ଖଳ, ଅଶୃଳ, ଖର୍ବ ଓ କ୍ଷମ ମଣିଷଟିଏ । ଉତ୍କଳର ଅମାଅନ୍ଧାର ରାତିରେ ସେ ଥିଲେ ଧ୍ରୁବଜ୍ୟୋତି କିମ୍ବା ଲାଞ୍ଛିତା ଜନନୀର କରୁଣାର ପ୍ରତିମୂର୍ତ୍ତି । ଦେଶ ଓ ଜାତି ପାଇଁ ଦଧିଚୀ ପରି ସେ ଅସ୍ଥି ଦେଇ ଅକାଳରେ ଝାଉଁଳି ପଡ଼ିଲେ ।

**ପ୍ର.୧୨. ଗଞ୍ଜାମ ଓ ଜୟପୁରର ଅତୀତ ଐତିହ୍ୟ ଉପସ୍ଥାପନ କର ।**

ଉ. କବି – ପୁଷ୍ପପୁରରେ ବର୍ଷାବରଣ

କବିତା – କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

ଉତ୍କଳର ଦକ୍ଷିଣରେ ଗଞ୍ଜାମ ଓ ଜୟପୁର ଅବସ୍ଥିତ । ଖଣ୍ଡିତ ଉତ୍କଳ ଯେତେବେଳେ ମୋହନିଦ୍ରାରେ ନିଦ୍ରିତ ଥିଲା ସେତେବେଳେ ଏହି ଅଞ୍ଚଳବାସୀ ଦକ୍ଷିଣାଶା ପଥ-ପ୍ରହରୀ ରୂପେ ଜାଗ୍ରତ ଥିଲେ । ସାଧବ ଏଠାରୁ ସିନ୍ଧୁପାରି ହୋଇ ବଣିଜ କରିବାକୁ ଯାଉଥିଲା । ସିନ୍ଧୁପାରି ସାଧବର ସ୍ମୃତିପୂତ ଏ ଭୂମିର ଅତୀତ ଐତିହ୍ୟ ଅତ୍ୟନ୍ତ ଗୌରବୋଜ୍ଜ୍ୱଳ ଥିଲା ।

## (ଙ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ । ପ୍ରଶ୍ନର ମୂଲ୍ୟ ୫ ନମ୍ବର ।

**ପ୍ର.୧. 'ପୁଷ୍ପପୁରରେ ବର୍ଷାବରଣ' ପ୍ରବନ୍ଧର ସାରମର୍ମ ଉଦ୍‌ଘାଟନ କର ।**

**ଉ:** ପ୍ରବନ୍ଧର ସାରକଥା ଦ୍ରଷ୍ଟବ୍ୟ ।

**ପ୍ର.୨. 'ପୁଷ୍ପପୁରରେ ବର୍ଷାବରଣ' ପ୍ରବନ୍ଧରେ ପ୍ରାବନ୍ଧିକ ଉତ୍କଳର ଯେଉଁ ଭୌଗୋଳିକ ଚିତ୍ର ଉପସ୍ଥାପନ କରିଛନ୍ତି ଆଲୋଚନା କର ।**

**ଉ:** ଜଣେ ବିଶିଷ୍ଟ ଐତିହାସିକ ଓ ସାହିତ୍ୟିକ ଭାବରେ ପ୍ରଫେସର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଓଡ଼ିଶା ଇତିହାସରେ ବେଶ୍ ସୁପରିଚିତ । ଇତିହାସ, ପ୍ରତ୍ନତତ୍ତ୍ୱ ଓ ଭୂଗୋଳ ସାହିତ୍ୟର ରୂପନେଇ ତାଙ୍କ ଐତିହ୍ୟ ସଚେତନ ମନ ଓ ସୃଜନଶୀଳତାର ପରିଚୟ ଦେଇଛି । ଏକାନ୍ତ ବିଶ୍ଳେଷଣାତ୍ମକ ଓ ତଥ୍ୟଯୁକ୍ତ ତାଙ୍କ ପ୍ରବନ୍ଧଗୁଡ଼ିକ ବାସ୍ତବତା ଓ କଳ୍ପନାର ବର୍ଣ୍ଣନାବିଳାସ ଭିତରେ ପାଠକକୁ ସୁଖଦ ଅନୁଭବ ଆଣିଦିଅନ୍ତି । ତାଙ୍କ 'ପ୍ରବନ୍ଧ ମାନସ' ପୁସ୍ତକରେ ସନ୍ନିବେଶିତ ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ' ଏକ ଉଚ୍ଚକୋଟୀର ପ୍ରବନ୍ଧ । ପ୍ରାବନ୍ଧିକ ଏହି ପ୍ରବନ୍ଧରେ ଉତ୍କଳର ଭୌଗୋଳିକ ଚିତ୍ର ଉପସ୍ଥାପନ କରି ତାଙ୍କ ଭାବୁକତା ଓ ଜାତିପ୍ରୀତିର ପରିଚୟ ଦେଇଛନ୍ତି ।

ପୁଷ୍ପପୁରରେ ସ୍ନିଗ୍ଧ କଜ୍ଜଳକାନ୍ତିମୟ ମେଘମାଳାକୁ ସ୍ୱାଗତ କରିବା ପରେ ପ୍ରାବନ୍ଧିକ ଅଶ୍ରୁ ଅର୍ଘ୍ୟ ଓ ମାନସକମଳ ଅର୍ପଣ କରି ନିଜ ମାତୃଭୂମି ଉତ୍କଳ ଉଦ୍ଦେଶ୍ୟରେ ବରଣ କରିଛନ୍ତି । ଜଳାଭାବ ଯୋଗୁ ହାହାକାର ପଡ଼ିଥିବା ଉତ୍କଳଭୂମିକୁ ଚିହ୍ନାଇବା ପାଇଁ ସେ ବାରିଦକୁ କହିଛନ୍ତି ଯେ ଭାରତର ସାରଭୂତା ଉତ୍କଳ ଭୂମିର ଗୋଟିଏ ଦିଗରେ ତାଳତମାଳ, ତାମ୍ବୁଳ ନାରିକେଳ, ପୁଗ, ପୁନ୍ନାଗ ବନ ଓ ମହୋଦଧିର ବେଳା ବଳୟିତ ହୋଇଥିବାବେଳେ ଅନ୍ୟଦିଗରେ ଉତ୍ତୁଙ୍ଗ ଶିଖରୀମାଳା ଓ ନିବିଡ଼ ବନଭୂମି ଅସରନ୍ତି ଶ୍ୟାମଳିମା ତାକୁ ଅପରୂପା କରିଛି । ସେଇ ଉତ୍କଳଭୂମିର ପାର୍ବତ୍ୟାଞ୍ଚଳକୁ ଲେଖକ ପ୍ରଥମେ ଆବର୍ତ୍ତିତ ମେଘମାଳାକୁ ଆମନ୍ତ୍ରଣ କରିଛନ୍ତି । ଯେଉଁ ଟଙ୍କିଳ ଅନୁର୍ବର ଉଚ୍ଚନୀଚ ଭୂମିର ଶସ୍ୟକ୍ଷେତ୍ରରେ ଶାଳୀଧାନ୍ୟ ଆକାଶକୁ ଚାହିଁ ଝାଉଁଳି ଯାଇଥିବ ଓ ଶାଳୀକ୍ଷେତ୍ରକୁ ଦେଖି ବନବାସୀ ମନ ଆତଙ୍କରେ ଥରିଉଠୁଥିବ । ପ୍ରାବନ୍ଧିକ ଓଡ଼ିଶାର ପାର୍ବତ୍ୟାଞ୍ଚଳର ଭୌଗୋଳିକ ବର୍ଣ୍ଣନା ଦେଇ ତା'ର ସରଳ, ନିଷ୍କପଟ, କର୍ମଠ ଅଧିବାସୀଙ୍କର ମହତ୍ୱ ପ୍ରତିପାଦନ କରିଛନ୍ତି । ମାନବିକତା ଏହି ବନବାସୀଙ୍କର ବିଶେଷ ଗୁଣ, ଯାହା ସଭ୍ୟଜଗତର ଲୋକଙ୍କ ପାଖରେ ନାହିଁ । ଏହି ଭୂମିକୁ ସବୁଜ ଶ୍ୟାମଳ କରିବା ପାଇଁ ଲେଖକ ବାରିଦକୁ ଅନୁରୋଧ କରିଛନ୍ତି । ପ୍ରାବନ୍ଧିକ ଉତ୍କଳର ବିଭିନ୍ନ ପାହାଡ଼ ପର୍ବତର ଭୌଗୋଳିକ ବର୍ଣ୍ଣନା ଦେଇ ମେଘକୁ କହିଛନ୍ତି ଯେ ଅବିରତ ବାରିପାତରେ ଯଦି କ୍ଲାନ୍ତି ଆସେ, ତେବେ ସେ ମେଘାସନ,

ଗନ୍ଧମାର୍ଦ୍ଦନ ଓ ମାଲ୍ୟଗିରିରେ ଅବସର ନେବ । ଉତ୍କଳର ଉତ୍ତରାଞ୍ଚଳରେ ମେଘାସନ ପର୍ବତ, ପଶ୍ଚିମାଞ୍ଚଳରେ ଗନ୍ଧମାର୍ଦ୍ଦନ ଓ ଦକ୍ଷିଣରେ ମାଲ୍ୟଗିରି ଉତ୍କଳର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାନ୍ତି । ଏହି ପର୍ବତ ସଂଲଗ୍ନ ବନଭୂମିରେ ଅସରନ୍ତି ରତ୍ନ ଭଣ୍ଡାର ପରିପୂର୍ଣ୍ଣ ହୋଇ ରହିଥିଲେ ମଧ୍ୟ ଉତ୍କଳବାସୀ ଉପବାସରେ ରହୁଛି । ଏହି ପାହାଡ଼ ପର୍ବତରେ ଥିବା ଖଣ୍ଡାଧାର, ଦେବଗଡ଼ ଜଳପ୍ରପାତର ବର୍ଣ୍ଣନା ପ୍ରାବନ୍ଧିକ ଦେଇଛନ୍ତି ।

ଏହି ମହାବନରୁ ପଶ୍ଚିମାଭିମୁଖୀ ହୋଇ ମେଘ ସମ୍ବଲପୁର ଅଞ୍ଚଳରେ ପହଞ୍ଚିଯିବ । ଯେଉଁ ଅଞ୍ଚଳ ସୂକ୍ଷ୍ମଶାଳୀ ଧାନର ଗନ୍ତାଘର ଭାବରେ ପରିଚିତ । ସମ୍ବଲପୁରର ପାହାଡ଼ିଆ ସ୍ଥାନରେ ତନ୍ୱୀ ମହାନଦୀ ପ୍ରବାହିତ ହୋଇ ଯାଉ ଯାଉ ତା'ର ତୀରଦେଶରେ ସୁବର୍ଣ୍ଣରେଣୁ ବିଞ୍ଚିଦେଇ ଯାଏ । ପ୍ରାବନ୍ଧିକ ଏ ଅଞ୍ଚଳର ନାରୀମାନଙ୍କର ବିଶେଷତ୍ୱକୁ ମେଘ ଆଗରେ ଶୁଣାଇ କହିଛନ୍ତି ଯେ ସେମାନଙ୍କର ଆୟତ ନୟନର ଭଂଗୀରେ ଭଳି ନଯାଇ ସ୍ୱକର୍ମ କରିବୁ । କେଦାର ଭରା ବାରିପାତରେ ସମ୍ବଲପୁରକୁ ଶ୍ୟାମଳ କରିବାକୁ ସେ ମେଘକୁ କହିଛନ୍ତି । ସମ୍ବଲପୁରରୁ ଉପକୂଳ ଅଞ୍ଚଳ ଅଭିମୁଖେ ଆସିବାବେଳେ ଟଙ୍କିଳ ଅନୁଗୋଳ ପଥରେ କପିଳାସ ସ୍ପର୍ଶ କରି ଆସିବ

ଉପକୂଳକୁ ଛୁଇଁବା ପୂର୍ବରୁ ଉତ୍କଳର ଉତ୍ତମାଙ୍ଗ କଟକକୁ ଥରେ ଦେଖିବାକୁ ଲେଖକ ମେଘକୁ କହିଛନ୍ତି । ସୌଧାବଳୀରେ ପରିପୂର୍ଣ୍ଣ କଟକ ଦିନେ ଗର୍ବିତ ଗଜପତିର ରାଜଧାନୀ ଥିଲା । ସ୍ମୃତିପୂତ ବିଡ଼ାନାସୀ ଓ ଲୁଣ୍ଠିତ ବାରବାଟୀ ଦୁର୍ଗର ସ୍ଖଳିତ ପଥରରେ ଅତୀତର ସ୍ମୃତି ଓ କୀର୍ତ୍ତି ଆଜିଯାଏ ଲାଗିରହିଛି । ଏହିଠାରେ ବହୁ ଜ୍ଞାନୀ ଗୁଣୀ ଜ୍ଞାନଦୀପ ଜାଳିଦେଇଯାଇଛନ୍ତି । କଟକକୁ ଶ୍ୟାମଳ କରି ଆସିବା ପଥରେ ଦକ୍ଷିଣାଭିମୁଖୀ ହୋଇ କୋଣାର୍କ ପଥରେ ଯିବାକୁ ସେ ମେଘକୁ କହିଛନ୍ତି । କୋଣାର୍କ ପଥରେ ଯାଉଯାଉ ଅତୀତ ଉତ୍କଳର ମାନଦଣ୍ଡ ରୂପେ ଦଣ୍ଡାୟମାନ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିରର ଶୀର୍ଷଦେଶ ପ୍ରତି ମଥାନତ କରି ଚାଲିଯିବାକୁ ସେ ମେଘକୁ ପରାମର୍ଶ ଦେଇଛନ୍ତି । ଉପକୂଳ ଅଞ୍ଚଳର ପଲ୍ଲୀବାଳା ଶୁଭ ଶଙ୍ଖ ବଜାଇ ତାକୁ ସ୍ୱାଗତ କରିବେ ।

ଉପକୂଳ ଅଞ୍ଚଳରେ ବାରିଧାରା ବର୍ଷଣ କରି ମେଘ ଧୀର ପଦପାତରେ ଆଗକୁ ଯିବାବେଳେ କୋଣାର୍କର କୃଷ୍ଣଚୂଡ଼ା ତା'ର ଦୃଷ୍ଟିପଥରେ ଭାସିଆସିବ । ସେଇ ଭୁବନମୋହନ କୋଣାର୍କ ଦୃପ୍ତ ଓ ଗର୍ବିତ ଜାତିର ପରାକ୍ରମର ପ୍ରତୀକ । ଅତୁଳିତ ଲଳିତ କଳାର ଛନ୍ଦୋମୟୀ ଗାଥା ଓ ଅତୀତ ବିଭବର କଥା ସେ କହିବ । କୋଣାର୍କର ଚାରୁଚୂଡ଼ାକୁ ଚୁମ୍ବନ କରି ଚଞ୍ଚଳ ଗତିରେ ନୀଳାଚଳକୁ ଗତିକରିବା ବେଳେ ପଥ ମଧ୍ୟରେ ସାକ୍ଷୀଗୋପାଳ ଠାରେ ମଞ୍ଜୁ ଛୁରୀଅନା ଓ ବକୁଳ ବନକୁ ମୃଦୁ ସ୍ପର୍ଶ ଦେଇ ଶ୍ୟାମଳ କରିଯିବାକୁ ଲେଖକ କହିଛନ୍ତି, କାରଣ ଏଠି ଉତ୍କଳଜନନୀର ସୁଯୋଗ୍ୟ ସନ୍ତାନ ଗୋପବନ୍ଧୁ କୁଟୀର ରଚନାକରି ଉନ୍ନତ ଉତ୍କଳର ସ୍ୱପ୍ନ ଦେଖିଥିଲେ । ଏହିଠାରେ ଗୋପାଳଙ୍କୁ ପ୍ରଣତିଢାଳି ନୀଳାଚଳ ଧାମ ଉଦ୍ଦେଶ୍ୟରେ ଯିବ, ଯେଉଁ ନୀଳାଚଳ ଉତ୍କଳ କମଳର କେଶର । ଲୀଳାମୟ ନିଜେ ଯେଉଁ ସ୍ଥାନକୁ ବାସସ୍ଥାନ ରୂପେ ବାଛିଛନ୍ତି, ଏହି ଲୀଳାମୟ ଜଗନ୍ନାଥ ହିଁ ଉତ୍କଳର ଇତିହାସ । ନୀଳାଚଳ ଠାରୁ ଚାରୁ ଚିଲିକା ବକ୍ଷଦେଇ ସମଗ୍ର ଉପକୂଳ ଓ ମାଳ ଅଞ୍ଚଳକୁ ବ୍ୟାପିଯାଇ ଉତ୍କଳରେ ତା'ର କାମ ଶେଷକରିବାକୁ କହିବା ବେଳେ ଲେଖକ ଗଞ୍ଜାମ ଓ ଜୟପୁରକୁ ଭୁଲିନଯିବା ପାଇଁ ମେଘକୁ କହିଛନ୍ତି ।

ବାସ୍ତବରେ ପ୍ରାବନ୍ଧିକ ବର୍ଷାବରଣ କରିବାକୁ ଯାଇ ଉତ୍କଳ ଯେଉଁସବୁ ଭୌଗୋଳିକ ସ୍ଥାନର ବର୍ଣ୍ଣନା ଦେଇଛନ୍ତି ତାହା ଅନନ୍ୟ ।

**ପ୍ର.୩. ପଠିତ ପ୍ରବନ୍ଧରେ ପ୍ରାବନ୍ଧିକ ଅତୀତ ଉତ୍କଳର ଯେଉଁ ସ୍ମୃତି ରୋମନ୍ଥନ କରିଛନ୍ତି ଆଲୋଚନା କର ।**

**ଉ:** ସ୍ମୃତି ସର୍ବଦା ପ୍ରିୟ । ବ୍ୟକ୍ତିର ଜୀବନରେ ହେଉ କି ଜାତିର ଜୀବନରେ ସ୍ମୃତିକୁ କେହି ଭୁଲି ପାରେନା । ସ୍ମୃତିକୁ ରୋମନ୍ଥନ କରି ହଜିଲା ଅତୀତକୁ ସ୍ମରଣ କରିବା ସହ ଭବିଷ୍ୟତ ପାଇଁ କର୍ମପନ୍ଥା ନିର୍ଦ୍ଧାରଣ କରାଯାଏ । ବ୍ୟକ୍ତିଗତ ସ୍ମୃତି ସଂକୀର୍ଣ୍ଣ । ମାତ୍ର ଜାତିଗତ ସ୍ମୃତି ସମଗ୍ର ଜାତିର ଅତୀତକୁ ମନେ ପକାଇଦିଏ । ଜାତିର ସୁଯୋଗ୍ୟ

ସନ୍ତାନମାନେ ଅତୀତ ଐତିହ୍ୟକୁ ମନେ ପକାଇ ଅନାଗତ ପିଢ଼ିଙ୍କ ପାଇଁ ଆଲୋକବର୍ତ୍ତିକା ଜଳାଇ ପଥ ପ୍ରଦର୍ଶନ କରନ୍ତି । ଏହିଭଳି ଜଣେ ସୁଯୋଗ୍ୟ ସନ୍ତାନ ଥିଲେ ପ୍ରଫେସର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ । ଇତିହାସର କବର ତଳୁ ଜାତିର ଐତିହ୍ୟ ଓ ଗୌରବକୁ ଉଠାଇ ଆଣି ସାହିତ୍ୟ ମାଧ୍ୟମରେ ରୂପ ଦେଇଛନ୍ତି ସେ । ସୁଜଳସୁଫଳା ଶସ୍ୟଶ୍ୟାମଳା ଉତ୍କଳ ଭୂମିର ଗୌରବୋଦୀପ୍ତ ଅତୀତ ଓ ଅବକ୍ଷୟିତ ବର୍ତ୍ତମାନକୁ ତାଙ୍କ ରଚିତ ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ' ପ୍ରବନ୍ଧରେ ସୁନ୍ଦର ଭାବରେ ଚିତ୍ରାୟିତ କରିଛନ୍ତି ।

ଜଳାଭାବରେ ଉତ୍କଳର ଦୁର୍ଦ୍ଦଶାକୁ ସହ୍ୟ କରିନପାରି ବର୍ଷାକୁ ପୁଷ୍ପପୁରରୁ ଉତ୍କଳକୁ କଳ୍ପନାରେ ବରଣ କରିଆଣି ଐତିହ୍ୟପୂର୍ଣ୍ଣ ଉତ୍କଳର ଐଶ୍ୱର୍ଯ୍ୟକୁ ଦର୍ଶାଇଛନ୍ତି । ଭାରତର ସାରଭୂତା ଉତ୍କଳ କୋଟିବୀର ପ୍ରସବିନୀ, କୋଟିକୀର୍ତ୍ତି କିରୀଟିନୀ, ପ୍ରଚ୍ଛନ୍ନ ରତ୍ନଧାରିଣୀ, ସୁଜଳା, ସୁଫଳା, ଶସ୍ୟଶ୍ୟାମଳା ମାତ୍ର ଆଜି ଖଣ୍ଡିତା, ଲାଞ୍ଛିତା ଓ ପତିତା ସାଜି ଦୁଃଖରେ କାଳ କାଟୁଛି । ପ୍ରାବନ୍ଧିକ ମେଘକୁ ଉତ୍କଳର ଗୋଟିଏ ପରେ ଗୋଟିଏ ସ୍ଥାନକୁ ବରଣ କରି ସମସ୍ତ ଅଞ୍ଚଳ ସଂପର୍କରେ କହିଛନ୍ତି । ଉତ୍କଳର ପାହାଡ଼ ପର୍ବତ ଘେରା ବନାଞ୍ଚଳରେ ଅସରନ୍ତି ରତ୍ନଭଣ୍ଡାର ଥାଇ ମଧ୍ୟ ଉତ୍କଳବାସୀ ଉପବାସରେ ରହନ୍ତି । ତା'ର ଅଯୋଗ୍ୟ ସନ୍ତାନମାନେ ପୂର୍ବ ଗୌରବକୁ ଭୁଲିଯାଇଛନ୍ତି । ଦୁଃଖିନୀ ଜନନୀ ଏହି ଅଯୋଗ୍ୟ ସନ୍ତାନମାନଙ୍କ ଭୟରେ ଅସରନ୍ତି ରତ୍ନ ଭଣ୍ଡାରକୁ ମହାବନରେ ଲୁଚାଇରଖିଛି । ପ୍ରାବନ୍ଧିକ ବର୍ଷାକୁ ଭଞ୍ଜଭୂମିର ମହାବନରୁ ସମ୍ବଲପୁର ଅଞ୍ଚଳକୁ ଯାଇ ତା' ବାରିଧାରାରେ ଶ୍ୟାମଳ କରିବା ପାଇଁ କହିଛନ୍ତି । ସମ୍ବଲପୁରରୁ ଅନ୍ୟାନ୍ୟ ଅଞ୍ଚଳ ଦେଇ ଉପକୂଳକୁ ଆସିଲା ବେଳେ ଦୂରରୁ ଯେଉଁ ସୌଧାବଳୀ ପୂର୍ଣ୍ଣ ନଗରୀ ଦେଖାଯାଏ ତାହା ହେଉଛି କଟକ ।

ଉତ୍କଳର ଉତ୍ତମାଙ୍ଗ ଏହି କଟକ ଦିନେ ଥିଲା ଗର୍ବିତ ଗଜପତିର ରାଜଧାନୀ । ଏହିଠାରୁ ଅଜେୟ ବୀର ବାହିନୀ ଦ୍ରୁତଗତିରେ ଦୁର୍ଗରୁ ଦୁର୍ଗ ଜୟ କରିଯାଉଥିଲେ । ସ୍ମୃତିପୂତ ବିଡ଼ାନାସୀ ମାଟିରେ ମିଶିଯାଇଛି । ଅଜେୟ ବାରବାଟୀ ଦୁର୍ଗର ଭାଙ୍ଗିପଡ଼ିଥିବା ପଥରରେ ପୂର୍ବ କୀର୍ତ୍ତି ଆଜି ବି ଅମର ରହିଛି । ମର୍କତକେଶରୀଙ୍କର ମହାକୀର୍ତ୍ତି ଆଜିଯାଏ ଚିତ୍ରୋତ୍ପଳାର ମେଖଳା ପରି ରହିଛି । ଐତିହ୍ୟଦୀପ୍ତ ବାରବାଟୀ ଦୁର୍ଗର ସ୍ମରଣ କରି ପ୍ରାବନ୍ଧିକ ଭାବପ୍ରବଣ ହୋଇଉଠିଛନ୍ତି । କୋଣାର୍କ ପଥରେ ମେଘ ଯାଉ ଯାଉ ଅନେକ ଐତିହାସିକ କୀର୍ତ୍ତିକୁ ଦେଖିପାରିବ ବୋଲି ଲେଖକ କହିଛନ୍ତି । ଏହିସବୁ ସ୍ମୃତି ଶ୍ମଶାନରେ ଅଟକି ଯାଇ ମେଘ ଯେପରି ତା'ର କାର୍ଯ୍ୟରେ ବିଳମ୍ବ ନକରେ । ମନ୍ଦିରମାଳିନୀ ଭୁବନେଶ୍ୱରରେ ଥିବା ଲିଙ୍ଗରାଜ ମନ୍ଦିର ଅତୀତ ଉତ୍କଳ ମହୀର ମାନଦଣ୍ଡ ରୂପେ ଦଣ୍ଡାୟମାନ । ମନ୍ଦିର ଚୂଡ଼ା ଉପରେ ମଥାନତ କରି ସାଗର ବେଳା ଆଡ଼କୁ ଗତିକଲାବେଳେ ଦୂରରୁ କୋଣାର୍କର କୃଷ୍ଣଚୂଡ଼ା ବର୍ଷାର ଦୃଷ୍ଟିପଥାରୂଢ଼ ହେବ । ସେହି ଭୁବନମୋହିନୀ କୋଣାର୍କ ଅତୀତ ଗୌରବର ମୂକସାକ୍ଷୀ ।

ଲେଖକଙ୍କ ଭାଷାରେ– "ତୁ ଜାଣିବୁ ଯେ ଏ ସେଇ ଭୁବନମୋହନ କୋଣାର୍କ । ସ୍ୱର୍ଗଚ୍ୟୁତ ପାରିଜାତ ପରି ତାହା ଆଜି ମ୍ଲାନ ଓ ଛିନ୍ନ ହୋଇ ବିଜନ ବେଳାରେ ପଡ଼ିରହିଛି । ଦୃପ୍ତ ଓ ଗର୍ବିତ ଜାତିର ପରାକ୍ରମର ପ୍ରତୀକ ଏହି ମହା ମନ୍ଦିର ଏକ ପକ୍ଷରେ ବିପୁଳ ବିଭବର ବାର୍ତ୍ତା ଓ ଅନ୍ୟ ପକ୍ଷରେ ଅତୁଳିତ ଲଳିତକଳାର ଛନ୍ଦୋମୟୀ ଗାଥା ଏକାବେଳେକେ ଆଣିଦେବ ।" ସେହି ମୂକ ମନ୍ଦିରର ଯଦି ପାଟି ଫିଟୁଥାନ୍ତା ସେ ଅତୀତ ବିଭବର ଗାଥା କହି ବିଜନ ବେଳାଭୂମିକୁ ମୁଖରିତ କରିଦିଅନ୍ତା । କୋଣାର୍କର ବିଜନ ବେଳାରୁ ନୀଳାଚଳ ପଥରେ ଯାଇ ନୀଳାଚଳ ନାଥଙ୍କ ଧାମକୁ ସେ ଦର୍ଶନ କରିବ । ଉତ୍କଳ କମଳର କେଶର ସ୍ୱରୂପ ନୀଳାଚଳ, ଯେଉଁଠି ନିଜେ ଲୀଳାମୟ ବାସ କରିବାପାଇଁ ଇଚ୍ଛାପ୍ରକଟ କଲେ । ଲେଖକ ମେଘକୁ କହିଛନ୍ତି ଯେ ଇତିହାସରେ ପ୍ରତିଲୋମରେ ଗତି କରିଯାଇ ଦେଖିଲେ ଏହି ଜଗନ୍ନାଥ ହିଁ ଉତ୍କଳର ଇତିହାସ ବୋଲି ଜାଣିବୁ ।

ନୀଳାଚଳରୁ ଚିଲିକା ବକ୍ଷ ଦେଇ ସମଗ୍ର ଉପକୂଳ ଓ ମାଳ ଅଞ୍ଚଳରେ ବ୍ୟାପିଯାଇ ସ୍ୱକର୍ମ ଶେଷକରିବା ପୂର୍ବରୁ ଲେଖକ ବର୍ଷାକୁ ସ୍ମରଣ କରାଇଦେଇଛନ୍ତି ଗଞ୍ଜାମ ଓ ଜୟପୁରବାସୀଙ୍କୁ ନଭୁଲିବା ପାଇଁ । କାରଣ ଖଣ୍ଡିତ ଉତ୍କଳ ମୋହ ନିଦ୍ରାରେ ଥିଲାବେଳେ ଏହିମାନେ ଦକ୍ଷିଣପଥରେ ପ୍ରହରୀ ଭାବରେ ଜାଗ୍ରତ ରହିଥିଲେ ।

ପ୍ରାବନ୍ଧିକ ଅତୀତ ଉତ୍କଳର ଯେଉଁ ସ୍ମୃତି ରୋମନ୍ଥନ କରିଛନ୍ତି ତାହା ଅତ୍ୟନ୍ତ ହୃଦୟସ୍ପର୍ଶୀ ।

**ପ୍ର.୪. ନିଜ ଜନ୍ମଭୂମି ପ୍ରତି ଆପଣାର ଭାବ 'ପୁଷ୍ପପୁରରେ ବର୍ଷାବରଣ' ପ୍ରବନ୍ଧରେ କିପରି ପ୍ରତିଫଳିତ – ଆଲୋଚନା କର ।**

**ଉ:** ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଜଣେ ଜାତୀୟବାଦୀ ପ୍ରାବନ୍ଧିକ । ଜାତିର ଆତ୍ମା ପ୍ରତି ଚିର ପ୍ରଣତ ସେ । ଜନ୍ମଭୂମି ପ୍ରତି ତାଙ୍କର ସଶ୍ରଦ୍ଧ ଦୃଷ୍ଟିକୋଣ ଏହିପରି ଜାତୀୟବାଦୀ ପ୍ରବନ୍ଧ ରଚନା କରିବାକୁ ଆହ୍ୱାନ ଦେଇଥିଲା । ତାଙ୍କ ରଚିତ ପ୍ରବନ୍ଧଗୁଡ଼ିକ ଐତିହାସିକ ତଥ୍ୟ ସମ୍ବଳିତ । ମାତ୍ର ରକ୍ଷତା ସେଥିରେ ନାହିଁ । ଭାଷାର ଐନ୍ଦ୍ରଜାଳିକ ଛଟାରେ ତାହା ସୁଖପାଠ୍ୟ । 'ଜନ୍ମଭୂମି', 'ପୁଷ୍ପପୁରରେ ବର୍ଷାବରଣ', 'ରାଜଗୃହ' ଆଦି ପ୍ରବନ୍ଧଗୁଡ଼ିକରେ ଜନ୍ମଭୂମି ପ୍ରତି ତାଙ୍କ ମମତ୍ୱବୋଧ ସୂଚନା ମିଳେ ।

ଲେଖକ 'ପୁଷ୍ପପୁରରେ ବର୍ଷାବରଣ' ପ୍ରବନ୍ଧରେ ବର୍ଷା ଆଗରେ ଜନ୍ମଭୂମିର ଗୌରବଗାନ କରିବା ସହ ଦୁରବସ୍ଥାର ଇଂଗିତ ଦେଇଛନ୍ତି । ଦୂରବନ୍ଧୁ ବର୍ଷାର ଶୁଭାଗମନରେ ପୁଷ୍ପପୁର ମଧୁମୟ ହୋଇଉଠିଛି । ଲେଖକ ବର୍ଷାକୁ ସ୍ୱାଗତ ଜଣାଇ ତାକୁ ଉତ୍କଳଭୂମିକୁ ଆମନ୍ତ୍ରଣ କରିଛନ୍ତି । ବ୍ୟକ୍ତିଠାରୁ ଗୋଷ୍ଠୀ ବଡ଼, ଜାତି ଠାରୁ ଜନ୍ମଭୂମି ବଡ଼ । ଜଳାଭାବରେ ଉତ୍କଳରେ ହାହାକାର ପଡ଼ିଥିବାରୁ ନିଜ ମାତୃଭୂମିର ମଙ୍ଗଳ ପାଇଁ ଅଶ୍ରୁଅର୍ଘ୍ୟରେ ମାନସ କମଳ ଅର୍ପଣ କରି ଲେଖକ କାତର ହୋଇ ବର୍ଷାକୁ ଡାକିଛନ୍ତି । ଜନ୍ମଭୂମି ପ୍ରତି ଶ୍ରଦ୍ଧା, ମମତା, ପ୍ରେମ ଓ ଭକ୍ତିଭାବରୁ ଲେଖକ ସଲିଳ, ଧୂମ, ଜ୍ୟୋତି ହୋଇ ମେଘ ସହ ମିଶି ଅଗ୍ରଗତିରେ ଉଡ଼ିଯାଇ ଜନ୍ମଭୂମିକୁ ଚିହ୍ନାଇ ଦିଅନ୍ତେ । ଭାରତର ସାରସ୍ୱତା ଉତ୍କଳଭୂମି । ମେଘ ତାକୁ ଚିହ୍ନିବାରେ କଷ୍ଟକରିବାକୁ ପଡ଼ିବନି । ପ୍ରାକୃତିକ ସୁଷମା ଘେରା ଜନ୍ମଭୂମି ଗୋଟିଏ ପଟେ ପୂଗ, ପୁନ୍ନାଗ, ତାଳ, ତମାଳ, ନାରିକେଳ ଓ ତାମ୍ବୁଳ ବନର ଶ୍ୟାମଳିମା ସହ ସାଗର ବେଳାର ନୀଳିମା, ଅନ୍ୟପଟେ ତୁଙ୍ଗ ଶିଖରୀ ମଧ୍ୟ ନିବିଡ଼ ବନରାଜିର ଅସରନ୍ତି ଶ୍ୟାମଳ ଶୋଭାରେ ଅପୂର୍ବ ଶ୍ରୀ ଧାରଣ କରିଛି । ଅତୀତ ଆଡ଼କୁ ଗତି କରିଯାଇ ଲେଖକ ନିଜ ମାତୃଭୂମିର ଗୌରବ ଗାନ କରିଛନ୍ତି । ତାଙ୍କ ଭାଷାରେ କୋଟିବୀର ପ୍ରସବିନୀ, କୋଟି କୀର୍ତ୍ତି କିରୀଟିନୀ, ତଟିନୀ ତଟମାଳିନୀ, ପ୍ରଚ୍ଛନ୍ନରତ୍ନ ଧାରିଣୀ, ସୁଜଳା, ସୁଫଳା ଶ୍ୟାମଳା ସେହି ମୋର ଜନ୍ମଭୂମି ।" ଲେଖକଙ୍କର ଏହି ମହିମାମୟ ଜନ୍ମଭୂମିକୁ ଚିହ୍ନିବା ପାଇଁ ବାରିଦର ଭ୍ରମ ହେବନି । ବାରିଦକୁ ସେ କହିଛନ୍ତି ଯେ ବିଜୁଳି ବିମଣ୍ଡିତ ହୋଇ ପବନର ହିଲ୍ଲୋଳରେ ଭାସିଭାସି ଉତ୍କଳ ଆକାଶରେ ଆବିର୍ଭୂତ ହୋଇଗଲେ ଉତ୍କଳବାସୀ କୋଟିନେତ୍ରରେ ତା'ର ଘନଶ୍ୟାମ ରୂପକୁ ଉପଭୋଗ କରିବେ ।

ପ୍ରାବନ୍ଧିକ ଉକ୍ତ ପ୍ରବନ୍ଧରେ ଜନ୍ମଭୂମିରେ ବାସକରୁଥିବା ନିରୀହ ସରଳ ବନବାସୀଙ୍କ ପ୍ରତି ବର୍ଷାକୁ ସଦୟ ହେବାପାଇଁ କହିଛନ୍ତି । କାରଣ ଏହି ବନବାସୀମାନେ ଆଉକାହାର ଅନୁଗ୍ରହ ଲୋଡ଼ନ୍ତି ନାହିଁ । ପ୍ରକୃତି ଉପରେ ଭରସା କରି ସ୍ୱଚ୍ଛ ଓ ସ୍ୱଚ୍ଛନ୍ଦ ଗିରିଝରଣା ପରି ଜୀବନନିର୍ବାହ କରନ୍ତି । ସଭ୍ୟଜଗତର ତସ୍କରତା ଏମାନଙ୍କ ପାଖରେ ନାହିଁ । ତେଣୁ ତାଙ୍କୁ ନିରାଶ ନକରି ଅବିରତ ବାରିପାତରେ ବନଭୂମିକୁ ଶ୍ୟାମଳ ଓ ଉଜ୍ଜ୍ୱଳ କରିଦେବାକୁ ଲେଖକ ମେଘକୁ କହିଛନ୍ତି । ବର୍ଷାର ସ୍ପର୍ଶପାଇ ବନଭୂମିର ଶାଳିକ୍ଷେତ୍ରରେ ନବନୀଳିମା ଖେଳିବୁଲିବ । ବନ୍ୟଝରଣା, କ୍ରୀଡ଼ାରତ ବାଛୁରୀ ପରି ନାଚିଉଠିବ । ବିଖ୍ୟାତ ଭଂଜବଂଶର ରାଜାମାନେ ପାଳନ କରିଥିବା ମୟୂର କେକାରେ ବନଭୂମି ପୂର୍ଣ୍ଣହେବ । କଦମ୍ବ, କୃଷ୍ଣଚୂଡ଼ା ପରି ଅସଂଖ୍ୟ ବନପୁଷ୍ପ ଫୁଟିଉଠିବେ । ଶ୍ୟାମଳ ବନଭୂମିର ସୌନ୍ଦର୍ଯ୍ୟ ବହୁଗୁଣିତ ହୋଇଯିବ । ବର୍ଷାର ଅନୁଗ୍ରହରୁ ଏତେ ବିଭବ ସମ୍ଭବ ହେଉଥିବାରୁ ଲେଖକ ବର୍ଷାପ୍ରତି ପ୍ରଶ୍ନିଳ ଦୃଷ୍ଟିରେ ଚାହିଁଛନ୍ତି । ଏହା କ'ଣ ଦେଖିବାକୁ ସେ ଚାହେଁନାହିଁ । ପ୍ରାବନ୍ଧିକ ନିଜ ଜନ୍ମଭୂମିର ଅର୍ଦ୍ଧାଂଶ ବନଭୂମିର ଯେଉଁ ଚିତ୍ର କାବ୍ୟିକ ଭାଷା ଓ ଭାବରେ ଦେଇଛନ୍ତି ତାହା ଅନନ୍ୟ ।

ମାତୃଭୂମି ପ୍ରତି ମମତ୍ୱବୋଧରୁ ସେ ସମଗ୍ର ଉତ୍କଳର ବିଶେଷତ୍ୱକୁ ପ୍ରତିପାଦନ କରିଛନ୍ତି ଏହି ପ୍ରବନ୍ଧରେ । ମେଘାସନ, ଗନ୍ଧମାର୍ଦ୍ଦନ, ମାଲ୍ୟଗିରି ସଂଲଗ୍ନ ମହାବନରେ ଅସରନ୍ତି ରତ୍ନଭଣ୍ଡାର ଥିବାର ଦର୍ଶାଇ ମାତୃଭୂମିର ବିଭବଶାଳୀତା ପ୍ରଦର୍ଶନ କରିଛନ୍ତି । ମାତ୍ର ଉତ୍କଳଜନନୀର ଅଯୋଗ୍ୟ ସନ୍ତାନମାନେ ସେହି ବିଭବ ପାଇବା ପାଇଁ ଯୋଗ୍ୟହୁଅନ୍ତି । ପୁନଶ୍ଚ ଲେଖକ ପଶ୍ଚିମାଞ୍ଚଳ ଅନ୍ତର୍ଗତ ସମ୍ବଲପୁରର ମହତ୍ୱ କହିଛନ୍ତି । ସରୁଧାନର ଗନ୍ତାଘର ଏହି ସମ୍ବଲପୁରରେ କୋଦାରଭରା ବାରିପାତ କରିବାକୁ ସେ ବାରିଦକୁ କହିଛନ୍ତି । ପ୍ରାବନ୍ଧିକ କଟକର ମହିମା କହିଲାବେଳେ ଭାବପ୍ରବଣ ହୋଇଉଠିଛନ୍ତି । ଉତ୍କଳର ଏହି ଉତ୍ତମାଙ୍ଗ ଏକଦା ଗର୍ବିତ ଗଜପତିର ରାଜଧାନୀ ଥିଲା । ବିଡ଼ାନାସୀ, ବାରବାଟୀ ଦୁର୍ଗର ସ୍ଖଳିତ ପଥରରେ ଆଜିବି ଅତୀତର କୀର୍ତ୍ତି ଲାଗିରହିଛି । ଜନ୍ମଭୂମିର ସେବା କରିବାପାଇଁ ଏହିଠାରେ କେତେ ଜ୍ଞାନୀ, ଗୁଣୀ, କବି କର୍ମୀ ସାଧନା କରିଥିଲେ । କୋଣାର୍କ, ଲିଙ୍ଗରାଜ, ସାକ୍ଷୀଗୋପାଳ ଓ ନୀଳାଚଳଧାମର ମହତ୍ୱ ପ୍ରତିପାଦନ କଲାବେଳେ ଲେଖକ ଅତିଶୟ ଭାବମୁଗ୍ଧ ହୋଇପଡ଼ିଛନ୍ତି । ସତେ ଯେପରି ଅତୀତର ଘଟଣାବଳୀ ତାଙ୍କ ଆଖିସାମ୍ନାରେ ଘଟି ଯାଇଛି ।

କେଉଁ କାଳରୁ ନୀଳାଚଳ କ୍ଷେତ୍ରରେ ହିଁ ଲେଖକଙ୍କ ମାତୃଭୂମିର ବିଶେଷତ୍ୱ ଫୁଟି ଉଠିଛି । ଶାନ୍ତି, ମୈତ୍ରୀ, ମୁକ୍ତି, ଭକ୍ତି ଓ ଭୀତି ଶତାବ୍ଦୀ ଶତାବ୍ଦୀ ଧରି ଏହି କ୍ଷେତ୍ରରେ ପୁଞ୍ଜିଭୂତ ହୋଇ ରହିଛି । ପ୍ରାବନ୍ଧିକ ମାତୃଭୂମି ପ୍ରୀତିରେ ଉନ୍ମୁଖ ହୋଇ ତା'ର ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣରେ ଥିବା ସମସ୍ତ ଅଞ୍ଚଳର ବିଶେଷତ୍ୱ ଜଳଦ ଆଗରେ କହିଛନ୍ତି ତାଙ୍କ ମାତୃଭୂମିର ସମସ୍ତ ଅଞ୍ଚଳକୁ ଜଳଦ ତା' ଶ୍ୟାମ ସ୍ପର୍ଶରେ ଶ୍ୟାମଳ କରିଦେଇ ଆସିବ ।

ବାସ୍ତବରେ ଲେଖକଙ୍କର ମାତୃଭୂମି ପ୍ରତି ଥିବା ଜାତୀୟ ଭାବର ପଟାନ୍ତର ନାହିଁ ।

❑❑❑

# ତିନି ତୁଣ୍ଡରେ

✍ ଭୁବନେଶ୍ୱର ବେହେରା

**ପ୍ରାବନ୍ଧିକ ପିରିଚିତି :**

ଜଣେ ସଫଳ ଗାଳ୍ପିକ, ପ୍ରାବନ୍ଧିକ ଓ ରମ୍ୟରଚନାକାର ଭାବରେ ସୁପରିଚିତ ଡକ୍ଟର ଭୁବନେଶ୍ୱର ବେହେରା । ସେ ଏକାଧାରରେ ଜଣେ ଇଞ୍ଜିନିୟର ଓ ସାହିତ୍ୟିକ । ଆଧୁନିକ ପର୍ବର ପ୍ରବନ୍ଧ ସାହିତ୍ୟରେ ଫକୀରମୋହନୀୟ ଧାରା ଓ ଗୋପାଳ ପ୍ରହରାଜଙ୍କ ସରସ ଗଦ୍ୟଧାରାର ସଫଳ ରୂପକାର ଭୁବନେଶ୍ୱର ବେହେରା । ଆଧୁନିକ ମଣିଷର ରୀତିନୀତି, ଚାଲିଚଳଣ, ମନସ୍ତତ୍ତ୍ୱ, ଶିକ୍ଷା, ସଭ୍ୟତା ପ୍ରଭୃତି ବିଭିନ୍ନ ବିଷୟକୁ ଉପଜୀବ୍ୟ କରି ପ୍ରବନ୍ଧ ରଚନା କରିବାରେ ବେହେରା ସିଦ୍ଧହସ୍ତ । ସରସ ଗଦ୍ୟ ଶୈଳୀର ପ୍ରୟୋଗବାଦୀ ସ୍ରଷ୍ଟା ଭାବରେ ସେ ଯଶସ୍ୱୀ । ବୃତ୍ତିରେ ଇଞ୍ଜିନିୟର ହେଲେ ମଧ୍ୟ ସାହିତ୍ୟ ସାଧନା ଥିଲା ତାଙ୍କର ପ୍ରବୃତ୍ତି । ପରିପକ୍ୱ ବିଚାରବୁଦ୍ଧିରେ ତାଙ୍କ ସୃଷ୍ଟିସମ୍ଭାର ଋଦ୍ଧିମନ୍ତ । ତାଙ୍କ ପ୍ରବନ୍ଧ ସରସ ଓ ସୁଖପାଠ୍ୟ, ଭାଷା ବଳିଷ୍ଠ, ତୀବ୍ର ସାମାଜିକ ବ୍ୟଙ୍ଗ ବିଦ୍ରୂପରେ ପରିପୂର୍ଣ୍ଣ ଓ ଆକର୍ଷଣୀୟ ଗଦ୍ୟଶୈଳୀ ରଚିତ ପ୍ରବନ୍ଧଗୁଡ଼ିକ ପାଠକର ମନକୁ ଭାରାକ୍ରାନ୍ତ ନକରି ଉଲ୍ଲସିତ କରିଥାଏ । ଆଜିର ଜୀବନଧାରା ସହିତ ଜଡ଼ିତ ଲୋକ ବିଶ୍ୱାସ, ପୌରାଣିକ ଆଖ୍ୟାନ, ଇତିହାସ ଓ ଋଢ଼ି ପ୍ରଭୃତି ପ୍ରସଙ୍ଗ ନେଇ ସାଂପ୍ରତିକ ଜୀବନର ବିଶ୍ଳେଷଣ କରନ୍ତି । ସାଧାରଣ ମଣିଷର କଥୋପକଥନ ଶୈଳୀରେ ଓ ଗଳ୍ପ ଛଳରେ ଜୀବନର ବହୁ ଜଟିଳ ସମସ୍ୟାକୁ ହୃଦୟସ୍ପର୍ଶୀ ଭାଷାରେ ପ୍ରକାଶ କରନ୍ତି ।

**(ଘ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ତିରିଶଟି ଶବ୍ଦରେ ଉତ୍ତର ଦିଅ । ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୨ ନମ୍ବର ରହିବ ।**

**ପ୍ର.୧. କେଉଁମାନଙ୍କ ପ୍ରବର୍ତ୍ତିତ ଶାସନ ଗଣ ସମୂହଙ୍କ ହିତ ପାଇଁ ବୋଲି ଡିଣ୍ଡିମ ପିଟି ଘୋଷଣା କରେ ?**

**ଉ.** ପ୍ରବନ୍ଧ – ତିନି ତୁଣ୍ଡରେ

ପ୍ରାବନ୍ଧିକ – ଭୁବନେଶ୍ୱର ବେହେରା

ନିଶ ଉପୁଡ଼ା ରାଜରାଜୁଡ଼ା ଶାସନ ଠାରୁ ଆରମ୍ଭ କରି ଆଚାର ଭ୍ରଷ୍ଟ 'ମ'କାର ବ୍ୟଭିଚାରଗ୍ରସ୍ତ ଯାହିୟା ସାମରିକ ଏକଛତ୍ରବାଦ ପର୍ଯ୍ୟନ୍ତ ପ୍ରତ୍ୟେକ ଶାସନ ଗଣଙ୍କ ସମୂହ ହିତ ପାଇଁ ତାଙ୍କ ପ୍ରବର୍ତ୍ତିତ ଶାସନ ବୋଲି ଡିଣ୍ଡିମ ପିଟି ଘୋଷଣା କରନ୍ତି ।

**ପ୍ର.୨. ଗଣତନ୍ତ୍ର ଶାସନର ସ୍ୱାଭାବିକ ପରିଣତି କ'ଣ ବୋଲି ଯୁକ୍ତି କରାଯାଏ ?**

**ଉ.** ପ୍ରବନ୍ଧ – ତିନି ତୁଣ୍ଡରେ

ପ୍ରାବନ୍ଧିକ – ଭୁବନେଶ୍ୱର ବେହେରା

ଗଣତନ୍ତ୍ର ଶାସନରେ ଶାସକ ଓ ଶାସିତ ଏକ ଓ ଅଭିନ୍ନ ହୋଇଥିବାରୁ ଏ ଶାସନରେ ପ୍ରଭୁ କିମ୍ବା ଦାସ, ଶୋଷକ କିମ୍ବା ଶୋଷିତର କଥା କଳ୍ପନା କରାଯାଇନଥାଏ । ଏହି ହେତୁ ସାମାଜିକ ନ୍ୟାୟ, ଅର୍ଥନୈତିକ ସମତା, ବ୍ୟକ୍ତିଗତ ଅଧିକାର ଓ ବ୍ୟକ୍ତିଗତ ସ୍ୱାଧୀନତା ଲାଭ ସହ ସମଷ୍ଟିଗତ ପ୍ରଗତି ଗଣତନ୍ତ୍ର ଶାସନର ସ୍ୱାଭାବିକ ପରିଣତି ବୋଲି ଯୁକ୍ତି କରାଯାଏ ।

**ପ୍ର.୩. ଗଣତନ୍ତ୍ରକୁ ଯାହାବୋଲି ଘୋଷଣା କରାଯାଏ, ସତରେ କାହିଁକି ସେ ତାହା ନୁହେଁ ବୋଲି ମନରେ ପ୍ରଶ୍ନ ଉଠେ ?**

**ଉ.** ପ୍ରବନ୍ଧ – ତିନି ତୁଣ୍ଡରେ

ପ୍ରାବନ୍ଧିକ – ଭୁବନେଶ୍ୱର ବେହେରା

ଭାରତ ବର୍ଷରେ ଛୁଆଁ ଅଛୁଆଁର ପ୍ରାଚୀର ଦେଖିଲେ ସାମାଜିକ ନ୍ୟାୟ ଲଙ୍କାରେ ହରି ଶବ୍ଦ ପରି ମନେ ହେଉଥିବା

ପ୍ର.୯. ଗୋସେଇଁ ମହାରାଜ ସପ୍ରତିଭ ହୋଇସାରିବା ପରେ ପାଣ୍ଡୁକୁ କ'ଣ କହିଥିଲେ ?

ଉ. ପ୍ରବନ୍ଧ – ତିନି ତୁଣ୍ଡରେ

ପ୍ରାବନ୍ଧିକ – ଭୁବନେଶ୍ୱର ବେହେରା

ପାଣ୍ଡୁର ଭୟଙ୍କର ରୂପ ହଠାତ୍ ଦେଖି ଭୟଭୀତ ହୋଇ ପଡ଼ିଥିବା ଗୋସେଇଁ ମହାରାଜ ସପ୍ରତିଭ ହୋଇସାରି ପାଣ୍ଡୁକୁ କହିଲେ ଯେ ସତରେ କ'ଣ ୬୦ ବର୍ଷ ନ ପୁରିଲେ ସେମାନଙ୍କର ବୁଦ୍ଧି ହୁଏନି । ଛେଳି କିଏ କୁକୁର କିଏ ଚିହ୍ନିପାରନ୍ତିନି । ଯଜମାନ ତାଙ୍କୁ ଛେଳିଟିଏ ଦାନ ଦେଇଥିଲେ । ଆଣିଲା ବେଳକୁ ଓଟାରି ହେବାରୁ ତାଙ୍କୁ ସେ କାନ୍ଧରେ ବୋହି ନେଇ ଯାଉଥାନ୍ତି ।

ପ୍ର.୧୦. ରାଧୁର କଥା ଶୁଣି ପୁରୋହିତ କ'ଣ କଲେ ?

ଉ. ପ୍ରବନ୍ଧ – ତିନି ତୁଣ୍ଡରେ

ପ୍ରାବନ୍ଧିକ – ଭୁବନେଶ୍ୱର ବେହେରା

ରାଧୁର ମିଛ ଅବିଶ୍ୱାସଯୋଗ୍ୟ କଥା ଶୁଣି ପୁରୋହିତ ଟିକେ ଅଡୁଆରେ ପଡ଼ି ସତମିଛ ପରୀକ୍ଷା କରିବା ପାଇଁ ଛେଳିକୁ କାନ୍ଧରୁ ଓହ୍ଲାଇ ଖୁର ପରଖି ନେଲେ। ଆଖି ଦି'ଟାକୁ ଭଲ କରି ମକଚି ଛେଳିର ଲାଞ୍ଜଟିକୁ ହଲାଇ ଦେଖିଲେ । ଛେଳିକୁ ବୋହି ଆଣିବାବେଳେ କେଉଁଠି ମେଁ ମେଁ କରିଥିଲା କି ନାହିଁ ମନେ ପକାଇବାକୁ ଚେଷ୍ଟା କଲେ ।

ପ୍ର.୧୧. ଅଗାଧୁ କଥା ଶୁଣି ପୁରୋହିତ କ'ଣ କଲେ ?

ଉ. ପ୍ରବନ୍ଧ – ତିନି ତୁଣ୍ଡରେ

ପ୍ରାବନ୍ଧିକ – ଭୁବନେଶ୍ୱର ବେହେରା

ପୁରୋହିତ ଅଗାଧୁର ମିଛକଥା ଶୁଣି ନିଜକୁ ଆଉ ବିଶ୍ୱାସ କଲେନି । ସେ ସେଇଠି ଛେଳିଟିକୁ ରାସ୍ତା ଉପରେ ଠିଆ ଠିଆ କଚାଡ଼ି ଦେଲେ । ରାଗରେ, ଲାଜରେ, ଆଉ ଭଲ ଚଷମା ହଳେ କିଣି ନଥିବାରୁ ଏମିତି ହଟହଟା ହୋଇଥିବା କଥା ଭାବି ଦୁଃଖରେ ନିଜ କର୍ମକୁ ନିନ୍ଦା କରି, ଯଜମାନକୁ ଅଭିଶାପ ଦେଇ ଗାଁ ଆଡ଼କୁ ଜୋର ଜୋର ପାଦ ପକାଇ ଚାଲିଗଲେ ।

ପ୍ର.୧୨. ମାଙ୍କଡ଼ଚିତ୍ ମାରୁଥିବା ନେତାମାନେ କ'ଣ କରନ୍ତି ?

ଉ. ପ୍ରବନ୍ଧ – ତିନି ତୁଣ୍ଡରେ

ପ୍ରାବନ୍ଧିକ – ଭୁବନେଶ୍ୱର ବେହେରା

ମାଙ୍କଡ଼ଚିତ୍ ମାରୁଥିବା ନେତାମାନେ ରାଜନୈତିକ ପଟ୍ଟ ପରିବର୍ତ୍ତନ କରିବା ପରେ ବିସ୍ମୟଜନକ ବାଉଁଶରାଣି ଖେଳ ଆରମ୍ଭ କରନ୍ତି । କେଉଁ ନେତା ଲାଠି ଧରି, ଆଉ କିଏ ରଙ୍ଗୀନ୍ ଛତା ଧରି ଦୁଇ ବାଉଁଶ ଖୁମ୍ବ ମଝିରେ ବନ୍ଧା ହୋଇଥିବା ତାର ଦଉଡ଼ିରେ କାରସାଦି ଦେଖାଉ ଦେଖାଉ ବିଚିତ୍ର ଗତିରେ ଗୋଟିଏ ଗୋଡ଼ରେ. ଭଅଁର ଖେଳି ଦିଗ ପରିବର୍ତ୍ତନ କରୁଛନ୍ତି ।

ପ୍ର.୧୩. ଲେଖକ ଗଣତନ୍ତ୍ରକୁ କାହିଁକି ଦୋଷୀ କରିନାହାନ୍ତି ?

ଉ. ପ୍ରବନ୍ଧ – ତିନି ତୁଣ୍ଡରେ

ପ୍ରାବନ୍ଧିକ – ଭୁବନେଶ୍ୱର ବେହେରା

ଗଣତନ୍ତ୍ର ଶାସନ ଦୋଷୀ ନୁହେଁ, ଆମେ ଏଥିରେ ଦୋଷୀ କାରଣ ଆମେ ଗଣତନ୍ତ୍ର ଶାସନ ପାଇଁ ଉପଯୁକ୍ତ ନୁହେଁ । ଆମ ଅବସ୍ଥା ପାଇଁ ଆମେ ନିଜେ ହିଁ ଦାୟୀ । ଆମ ଭଳି ମେଣ୍ଢାଙ୍କ ଗହଣରେ ଜନ ପ୍ରତିନିଧି ରୂପକ ଗଧିଆ ମେଣ୍ଢାର ପୋଷାକ ପିନ୍ଧି ଆମକୁ ଗୋଟି ଗୋଟି ଖାଇଲେ ସେଥିରେ ତା'ର ଦୋଷ ନାହିଁ । ଶାସନରେ ଶାସକ ହିଁ ଦାୟୀ । ଆମ ଭଳି ମୂର୍ଖ, ଶାସକକୁ ବାଛୁଥିବାରୁ ଗଣତନ୍ତ୍ରର ଦୋଷ ନାହିଁ ବୋଲି ଲେଖକ କହିଛନ୍ତି ।

## (ଡ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ । ପ୍ରଶ୍ନର ମୂଲ୍ୟ ୫ ନମ୍ବର ।

**ପ୍ର.୧. 'ତିନି ତୁଣ୍ଡରେ' ନାମକରଣର ସାର୍ଥକତା ପ୍ରତିପାଦନ କର ।**

ଉ. ସାହିତ୍ୟ ସୃଷ୍ଟି ସ୍ରଷ୍ଟାର ମାନସ ସନ୍ତାନ । ଏହି ସନ୍ତାନର ନାମକରଣ କରିବା ବେଳେ ବିଷୟବସ୍ତୁକୁ ଅନୁଧ୍ୟାନ କରି ଉପଯୁକ୍ତ ଓ ଯଥାର୍ଥ ନାମ ଦେବାକୁ ହୋଇଥାଏ । ଯାହାଦ୍ୱାରା ବିଷୟ ନାମରୁ ହିଁ ପ୍ରତିପାଦିତ ପ୍ରସଙ୍ଗର ଅନୁମାନ କରାଯାଇଥାଏ । ପ୍ରାବନ୍ଧିକ ଭୁବନେଶ୍ୱର ବେହେରାଙ୍କର 'ତିନି ତୁଣ୍ଡରେ' ପ୍ରବନ୍ଧ ନାମକରଣ ଦୃଷ୍ଟିରୁ ସ୍ୱତନ୍ତ୍ର ମନେ ହେଉଥିଲେ ମଧ୍ୟ ସାର୍ଥକ ହୋଇଛି । ଜଣେ ଲଳିତ ନିବନ୍ଧକାର ଭାବରେ ସେ ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ବହୁ ପରିଚିତ । ସ୍ୱତନ୍ତ୍ର ରଚନାଶୈଳୀ ପାଇଁ ପାଠକମହଲରେ ତାଙ୍କ ପ୍ରବନ୍ଧଗୁଡ଼ିକ ବେଶ୍ ଆଦୃତ ।

ଓଡ଼ିଆରେ ଏକ ରଢ଼ି 'ତିନି ତୁଣ୍ଡରେ ଛେଳି କୁକୁର' ଯାହାର ଅର୍ଥ ବହୁ ଲୋକଙ୍କ କଥାରେ ସତ ମିଛ ଏବଂ ମିଛ ସତ ହୋଇଯିବ । ପ୍ରାବନ୍ଧିକ ଗଣତନ୍ତ୍ର ଶାସନର ସଫଳ ଓ ବିଫଳତାକୁ ତର୍ଜମା କରିଛନ୍ତି ଏହି ପ୍ରବନ୍ଧରେ । ଏ ଦେଶରେ ଭଲମନ୍ଦ ଚିହ୍ନିବାର ଶକ୍ତି ଜନତାଙ୍କ ପାଖରେ ନାହିଁ । ତେଣୁ ପ୍ରୋପାଗଣ୍ଡା ସତ୍ୟକୁ ମିଥ୍ୟାରେ ପରିଣତ କରେ । 'ତିନି ତୁଣ୍ଡରେ ଯାହା ପ୍ରଚାର ପ୍ରସାର ହୁଏ, ଅଜ୍ଞ ଜନତା ତାକୁହିଁ ସତ୍ୟ ବୋଲି ମାନି ନିଅନ୍ତି । ଫଳରେ ଦୁର୍ଦ୍ଦଶା ଭୋଗ କରନ୍ତି । ଲେଖକ ଏକ ସୁନ୍ଦର ଗଳ୍ପ ମାଧ୍ୟମରେ ଏହାକୁ ସୂଚାଇଛନ୍ତି ।

eSikhay.in

**ପ୍ର.୨. 'ଗଣତନ୍ତ୍ର' ଶାସନ ପଦ୍ଧତି ସଂପର୍କରେ ଲେଖକଙ୍କ ଅଭିମତ ବୁଝାଅ ।**

ଉ. ଆଧୁନିକ ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଉତ୍ତରଣ ପର୍ବରେ ଡଃ. ଭୁବନେଶ୍ୱର ବେହେରା ଏକ ଅମଳିନ ସ୍ୱାକ୍ଷର । ତାଙ୍କ ପ୍ରବନ୍ଧଗୁଡ଼ିକ ସୁଖପାଠ୍ୟ ଓ ରସଗ୍ରାହୀ । ତୀବ୍ର ସାମାଜିକ ବ୍ୟଙ୍ଗ ବିଦ୍ରୁପରେ ଭରପୂର ଓ ଆକର୍ଷଣୀୟ ଶୈଳୀରେ ରଚିତ ତାଙ୍କ ଗଦ୍ୟ ସାହିତ୍ୟ । ବୋଧଗମ୍ୟ ଭାଷା ଓ ଗଳ୍ପକଥନ ଶୈଳୀରେ ବହୁ ଜଟିଳ ତତ୍ତ୍ୱକୁ ସହଜ ସରଳ ଭାବରେ ଉପସ୍ଥାପନ କରି ସେ ପାଠକମାନଙ୍କର ପ୍ରିୟଭାଜନ ହୋଇଛନ୍ତି । ପ୍ରବନ୍ଧ, ଗଳ୍ପ, ଭ୍ରମଣ କାହାଣୀ ଆଦି ରଚନା କରି ସେ ନିଜ ସୃଜନଶୀଳତାର ପରିଚୟ ଦେଇଛନ୍ତି । ତାଙ୍କ ରଚିତ 'ତିନିତୁଣ୍ଡରେ' ଏହିଭଳି ଏକ ପ୍ରବନ୍ଧ ଯେଉଁଥିରେ ଗଣତନ୍ତ୍ର ଶାସନକୁ ସେ ବିଶ୍ଳେଷଣ କରିଛନ୍ତି । ଗଣତନ୍ତ୍ର ଶାସନ ପଦ୍ଧତି ସଂପର୍କରେ ସେ ଯୁକ୍ତିଯୁକ୍ତ ବକ୍ତବ୍ୟ ଉପସ୍ଥାପନ କରିଛନ୍ତି ।

ଆଲୋଚ୍ୟ ପ୍ରବନ୍ଧରେ ସେ ପ୍ରଥମେ ଗଣତନ୍ତ୍ରର ସଂଜ୍ଞା ନିର୍ଦ୍ଧାରଣ କରିଛନ୍ତି । 'ଗଣଙ୍କ ଦ୍ୱାରା, 'ଗଣଙ୍କ ପାଇଁ, ଗଣଙ୍କର ଶାସନକୁ ଗଣତନ୍ତ୍ର ଶାସନ କୁହାଯାଏ । ଏହା ମଧ୍ୟ ଶାସନ ପଦ୍ଧତିଗୁଡ଼ିକ ମଧ୍ୟରେ ସର୍ବୋତ୍କୃଷ୍ଟ । ଲେଖକ ଗଣତନ୍ତ୍ରର ତର୍ଜମା କରିବାକୁ ଯାଇ ଗଣଙ୍କର ଶାସନ ଓ ଗଣଙ୍କ ପାଇଁ ଶାସନର ବିଶେଷ ତାତ୍ପର୍ଯ୍ୟ ନ ଥିବା କଥା କହିଛନ୍ତି ।ତାଙ୍କ ମତରେ ଗଣଙ୍କ ଦ୍ୱାରା ଶାସନ ହିଁ ଗଣତନ୍ତ୍ରର ପ୍ରକୃତ ଓ ପ୍ରଧାନ ବିଶେଷତ୍ୱ । ଏହାର ଅର୍ଥ ନୁହେଁ ଯେ ସମସ୍ତ ଜନତା ବ୍ୟକ୍ତିଗତ ଭାବରେ ସିଧାସଳଖ ଶାସନକର୍ତ୍ତା ହେବେ ଓ ନିଜେ ନିଜକୁ ଶାସନ କରିବେ ବା ସ୍ୱୟଂ ଶାସକ ବୋଲି ଗଣ୍ୟ ହେବେ । ଗଣତନ୍ତ୍ର ବ୍ୟବସ୍ଥାରେ ଜନସାଧାରଣ ପ୍ରତ୍ୟକ୍ଷ ଭାବରେ ଅଂଶ ଗ୍ରହଣ ନ କରି ପରୋକ୍ଷ ଭାବରେ ଶାସନ ବ୍ୟବସ୍ଥାରେ ଭାଗ ନେଇଥାନ୍ତି । ଗଣଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି ଶାସନ କ୍ଷମତା ଓ ଶାସନ ଭାର ଗ୍ରହଣ କରିଥାନ୍ତି । ଗଣତନ୍ତ୍ରର ମେରୁଦଣ୍ଡ ହେଉଛି ଲୋକ ପ୍ରତିନିଧି ମନୋନୟନ କରିବା । ତେଣୁ ପ୍ରତ୍ୟେକ ବ୍ୟକ୍ତିର କ୍ରିୟାକଳାପ, କାର୍ଯ୍ୟଦକ୍ଷତା ସଚ୍ଚୋଟପଣିଆ, ସାଧୁତା, ଚିନ୍ତାଧାରାକୁ ଭଲଭାବେ ପରଖି ପ୍ରତିନିଧି ନିର୍ବାଚିତ କରିବା ଦରକାର ।

ଯେଉଁ ଦେଶର ଲୋକମାନେ ଶାସନ ସମ୍ବନ୍ଧୀୟ ଜ୍ଞାନର ସୁଶିକ୍ଷିତ, ନିଜ ନାଗରିକ ଅଧିକାର ତଥା ପ୍ରତିନିଧି ବାଛିବାର ଗୁରୁତ୍ୱ ସଂପର୍କରେ ସଚେତନ, ସେ ଦେଶର ଭୋଟଦାତାମାନେ ଉପଯୁକ୍ତ ଲୋକ ପ୍ରତିନିଧି ବାଛିଥାଆନ୍ତି । ଆଉ ଗଣତନ୍ତ୍ର ଶାସନର ସୁଫଳ ସେହିଠାରେ ମିଳେ । ଯେଉଁ ଦେଶରେ ଜନତା ମୂର୍ଖ, ନିଜ ଅଧିକାର ଓ ନିଜ କର୍ତ୍ତବ୍ୟ ଜ୍ଞାନ ସଂପର୍କରେ ଅଜ୍ଞ, ଭଲମନ୍ଦ ଚିହ୍ନିବାର ଯୋଗ୍ୟତା ଯେଉଁଠି ନାହିଁ, ସେହିଠାରେ ହିଁ ଗଣତନ୍ତ୍ର ଶାସନର ଲକ୍ଷ୍ୟ

ଦୋଦୁଲ୍ୟମାନ । ଏହି ଦେଶମାନଙ୍କରେ ପ୍ରୋପାଗଣ୍ଡାକୁ ଅଧିକ ଗୁରୁତ୍ୱ ଦିଆଯାଏ । ପ୍ରୋପାଗଣ୍ଡା ଦ୍ୱାରା ଛେଳିକୁ କୁକୁର କୁକୁରକୁ ଛେଳି ସହଜରେ କରାଯାଇପାରେ । ତିନି ତୁଣ୍ଡରେ ଛେଳି କୁକୁର ହେବା ପରି ଜନତାର ପ୍ରତିନିଧି ଜନତା ଦ୍ୱାରା ବଛା ହୁଅନ୍ତି । ଆମ ଦେଶରେ ଶିକ୍ଷିତ ଭୋଟଦାତାମାନେ ଉଦାସୀନ। ତେଣୁ ପ୍ରୋପାଗଣ୍ଡା ହିଁ ବିଶେଷ କାର୍ଯ୍ୟ କରେ ।

ପ୍ରଚାର ଶକ୍ତି ବଳରେ ଜିଣିଥିବା ଗୁଣହୀନ, ନୀତିହୀନ ପ୍ରତିନିଧି ନିଜ ହାତରେ କ୍ଷମତା ପାଇଲେ ଗରିବ ଦେଶର ଅଜ୍ଞଜନତାଙ୍କୁ ଜଳକା କରି ସୁବିଧା ମାରି ନିଅନ୍ତି । ମାଙ୍କଡ଼ ବିରାଡ଼ିଙ୍କ ପିଠା ବାଣ୍ଟିବା ପରି ସବୁ ଶେଷ କରିଦିଅନ୍ତି । ମୂର୍ଖ ଜନତା ବିରାଡ଼ି ଜିଭ ଚାଟିଲା ପରି ଆଖି ଆଗରେ ସବୁ ଦେଖି ନୀରବରେ ରୁହନ୍ତି । ପୁଣି ଯେଉଁ ପ୍ରତିନିଧି କ୍ଷମତା ପାଇଲା ରାଜନୈତିକ ପଟ୍ଟ ପରିବର୍ତ୍ତନ କରି ନୂଆ ଖେଳ ଦେଖାଇଲା । ସମୟ ବ୍ୟବଧାନରେ ଗଣତନ୍ତ୍ରର ଏହି ଖେଳ ଜନତା ଓ ପ୍ରତିନିଧି ଦେଖାଇଚାଲିଛନ୍ତି । ଗଣତନ୍ତ୍ର ଶାସନକୁ ଲେଖକ ଦୋଷ ଦେଇନାହାନ୍ତି । ଦୋଷ ଦେଇଛନ୍ତି ଜନତାଙ୍କ ଓ ପ୍ରତିନିଧିଙ୍କୁ। ଏ ଦେଶରେ ଯେଉଁ ପଦ୍ଧତିରେ ପ୍ରତିନିଧିମାନେ ନିର୍ବାଚିତ ହୁଅନ୍ତି, ତାହାକୁ ଦୋଷ ଦେଇଛନ୍ତି ।

ଲେଖକ ଗଣତନ୍ତ୍ର ଶାସନରେ ଗଣଶିକ୍ଷା ଓ ଗଣଚେତନାକୁ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

**ପ୍ର.୩. ସ୍ୱାଧୀନତା ପରବର୍ତ୍ତୀ କାଳର ଗଣତନ୍ତ୍ର କିପରି ପ୍ରୋପାଗଣ୍ଡାଧର୍ମୀ ହୋଇଛି – ପଠିତ ପ୍ରସଙ୍ଗ ଭିତ୍ତିରେ ଆଲୋଚନା କର ।**

**ଉ.** ପରିବାର, ସମାଜ, ଗୋଷ୍ଠୀକୁ ସୁନିୟନ୍ତ୍ରିତ, ସୁପରିଚାଳିତ, ସୁଶୃଙ୍ଖଳିତ କରିବା ଉଦ୍ଦେଶ୍ୟରେ ଶାସନର ସୃଷ୍ଟି ହୋଇଥିଲା । ଶାସନରେ ଏକ ମହତ୍ ଆକାଙ୍କ୍ଷା ଥିଲା । ବ୍ୟକ୍ତି ପରିଧିରୁ ରାଷ୍ଟ୍ର ପରିଧିକୁ ଶାସନ ପରିବ୍ୟାପ୍ତ ହେବା ପରେ ରାଜତନ୍ତ୍ରରୁ ଆରମ୍ଭ କରି ଏକଛତ୍ରବାଦୀ ଶାସନ ପ୍ରଚଳନ ହେଲା । ଏ ପ୍ରକାର ଶାସନର ଦୁଃସ୍ଥିତିରୁ ଜନତାର ମଙ୍ଗଳ ପାଇଁ ଗଣତନ୍ତ୍ର ଶାସନ ସୃଷ୍ଟି ହେଲା । କାଳକ୍ରମେ ଗଣତନ୍ତ୍ର ଶାସନର ପଦ୍ଧତିରେ ଅଧୋଗତି ଘଟି ଏକ ପ୍ରୋପାଗଣ୍ଡା ସର୍ବସ୍ୱ ଶାସନ ରୂପେ ପରିଚିତ ହେଉଛି । ଭାରତବର୍ଷର ସ୍ୱାଧୀନତା ପରବର୍ତ୍ତୀ ଗଣତନ୍ତ୍ର ଶାସନର ବିପର୍ଯ୍ୟସ୍ତ ଦିଗକୁ ପ୍ରାବନ୍ଧିକ ଭୁବନେଶ୍ୱର ବେହେରା ଅତ୍ୟନ୍ତ ବ୍ୟଙ୍ଗାତ୍ମକ ଭାବରେ ସମାଲୋଚନା କରିଛନ୍ତି ।

ଓଡ଼ିଆ ସାହିତ୍ୟରେ ଜଣେ ଲଳିତ ନିବନ୍ଧକାର ଭାବରେ ପରିଚୟ ଲାଭ କରିଥିବା ଭୁବନେଶ୍ୱର ବେହେରା ଶିକ୍ଷା, ସଭ୍ୟତା, ଶାସନ, ପରମ୍ପରା, ଆଧୁନିକ ମଣିଷର ଜୀବନଚର୍ଯ୍ୟା ଇତ୍ୟାଦିକୁ ନେଇ ପ୍ରବନ୍ଧ ରଚନା କରିଛନ୍ତି । ଯେଉଁ ସ୍ଥାନରେ ସେ ତ୍ରୁଟି ଦେଖିଛନ୍ତି ତାକୁ ଭଗାରି ଲୋକ ଲୋଚନ ସମ୍ମୁଖରେ ଥୋଇଛନ୍ତି । ସ୍ୱାଧୀନତା ପରବର୍ତ୍ତୀ ଗଣତନ୍ତ୍ର କିପରି ତା'ର ନିଜସ୍ୱ ମହତ୍ତ୍ୱ ହରାଇ ପ୍ରୋପାଗଣ୍ଡା ଧର୍ମୀ ହୋଇଛି ତାହାର ବାସ୍ତବ ରୂପାୟନ କରିଛନ୍ତି ପ୍ରାବନ୍ଧିକ । ତାଙ୍କ 'ତିନି ତୁଣ୍ଡରେ' ପ୍ରବନ୍ଧରେ ସତ ତିନି ତୁଣ୍ଡରେ ମିଛ ହୋଇଯାଏ । ଆମ ଗଣତନ୍ତ୍ରରେ ଏହି ତିନି ତୁଣ୍ଡର ପ୍ରକ୍ରିୟା ଚାଲୁଥିବାରୁ ଗଣତନ୍ତ୍ରର ସୁଫଳ ମିଳୁନାହିଁ ।

ଅନେକଙ୍କ ସହିତ ଲେଖକ ମଧ୍ୟ ଏକମତ ଯେ ଗଣତନ୍ତ୍ର ଶାସନ ସର୍ବୋତ୍କୃଷ୍ଟ । ଏହା ଗଣଙ୍କ ଦ୍ୱାରା, ଗଣଙ୍କ ପାଇଁ, ଗଣଙ୍କର ଶାସନ । ଗଣଙ୍କ ଦ୍ୱାରା ଶାସନ ହିଁ ଗଣତନ୍ତ୍ରର ପ୍ରଧାନ ଓ ପ୍ରକୃତ ବିଶେଷତ୍ୱ। ଗଣତନ୍ତ୍ର ଶାସନରେ ସାମାଜିକ ନ୍ୟାୟ, ଅର୍ଥନୈତିକ ସମତା, ବ୍ୟକ୍ତିଗତ ଅଧିକାର ଓ ବ୍ୟକ୍ତିଗତ ସ୍ୱାଧୀନତା ସହ ସାମଗ୍ରିକ ପ୍ରଗତି ଥାଏ ବୋଲି ଯୁକ୍ତି କରାଯାଏ । ଆମ ଦେଶର ଗଣତନ୍ତ୍ରରେ କିନ୍ତୁ ଭିନ୍ନ କଥା ହୁଏ । ଗଣଙ୍କ ଦ୍ୱାରା ଶାସନର ଅର୍ଥ ନିଜେ ସିଧାସଳଖ ଶାସନକର୍ତ୍ତା ହୋଇ ନିଜକୁ ଶାସନ କରିବା ନୁହେଁ । ଗଣଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି ହିଁ ଶାସନକର୍ତ୍ତା ହୁଅନ୍ତି । ଏଥିପାଇଁ ଜନତାର ଭୂମିକା ମୁଖ୍ୟ । ଶାସନ ସମ୍ବନ୍ଧୀୟ ଜ୍ଞାନରେ ସୁଶିକ୍ଷିତ, ନାଗରିକ ଅଧିକାର ସମ୍ବନ୍ଧରେ ସଚେତନ, ପ୍ରତିନିଧି ବାଛି ଗୁରୁତ୍ୱ ସମ୍ବନ୍ଧରେ ସତର୍କ ବ୍ୟକ୍ତି ହିଁ ଉତ୍ତମ ପ୍ରତିନିଧିକୁ ଚୟନ କରିପାରିବ । ମାତ୍ର ନିଜ ଅଧିକାର କର୍ତ୍ତବ୍ୟ ଜ୍ଞାନ ସଂପର୍କରେ ଅଜ୍ଞ, ଶିକ୍ଷା ଓ ଚେତନାର ଅଭାବୀ ଜନତା ସଠିକ ପ୍ରତିନିଧି ବାଛିପାରିବ ନାହିଁ । ବରଂ ସେଠାରେ ଗୁଣ ଅପେକ୍ଷା ପ୍ରୋପାଗଣ୍ଡା ହିଁ ବେଶି କାମ କରିବ । ଭଲ ମନ୍ଦ ଚିହ୍ନିବାର ଯୋଗ୍ୟତା ଯେଉଁଠି ନ ଥାଏ ସେଠାରେ ପ୍ରୋପାଗଣ୍ଡା

ହିଁ ଜୟ ହୁଏ, ପ୍ରୋପାଗଣ୍ଡା ହେଉଛି ଜନମତକୁ ପ୍ରଭାବିତ କରିବା ଭାବଧାରା, ଯାହା ପ୍ରଚାରସର୍ବସ୍ୱ । ଆମ ଦେଶରେ କ୍ଷମତା ପାଇବା ଲୋଭରେ ଜନତାର ପ୍ରତିନିଧି ହେବାକୁ ବହୁ ବିରାଡ଼ି ବୈଷ୍ଣବ ବାହାରି ପଡ଼ନ୍ତି । ଗୁଣହୀନ, ନୀତିହୀନ ଏହି ଲୋକମାନେ ନିଜେ ନିଜର ପେଁକାଳି ବଜାଇ, ସଭା ସମିତିରେ ବାହାସ୍ଫୋଟିଆ ଭାଷଣ ଦେଇ, ଭଡ଼ାଟିଆ ସ୍ତାବକଙ୍କର ସାହାଯ୍ୟରେ ଭ୍ରମ ବାଢ଼େଇ, ସାମୟିକ ସେବାର ଆଶ୍ରୟ ନେଇ, ଲୋକଦେଖାଣିଆ ପ୍ରଚାର ବଳରେ ଏମାନେ ପ୍ରତିନିଧି ହୁଅନ୍ତି । ଆଉ ଆମ ଦେଶର ଅଗଣିତ ଅଶିକ୍ଷିତ, ଅର୍ଦ୍ଧଶିକ୍ଷିତ ପାଣ୍ଡୁ, ରାଧୁ, ଅଗାଧୁ ବାହାରି ଆସନ୍ତି କୁକୁରକୁ ଛେଳି କରିବା ପାଇଁ ଓ ଛେଳିକୁ କୁକୁର କରିବା ପାଇଁ । ତିନି ତୁଣ୍ଡ ସହିତ ନୂତନ ଓ ଆଧୁନିକ ଢଙ୍ଗର ପ୍ରଚାର ଏବଂ ଶିକ୍ଷିତ ଭୋଟଦାତାଙ୍କର ଉଦାସୀନତା ଏମାନଙ୍କୁ ଜୟଯୁକ୍ତ କରାଉଛି । ଫଳତଃ ଗଣତନ୍ତ୍ରର ମୂଲ୍ୟବୋଧ କମୁଛି । ସାଂପ୍ରତିକ ଗଣତନ୍ତ୍ର ଶାସନ ବ୍ୟବସ୍ଥାରେ ଏହି ପ୍ରୋପାଗଣ୍ଡାଧର୍ମୀ ବିଚାରକୁ ଲେଖକ ଅନୁଶୀଳନ କରିବା ସହିତ ଜନତାକୁ ସଚେତନତାର ବାର୍ତ୍ତା ନେଇ କହିଛନ୍ତି – "ଯିଏ ଯେଉଁ ଶାସନ ପାଇଁ ଉପଯୁକ୍ତ ସେ ସେଇଆ ହିଁ ପାଇବ । ତେଣୁ ଆଜି ଆମର ଏ ଅବସ୍ଥା ପାଇଁ ଆମେ ନିଜେ ହିଁ ଦାୟୀ ।"

ଲେଖକଙ୍କର ଏହି ଉକ୍ତିର ସତ୍ୟତା ରହିଛି ।

**ପ୍ର.୪. "ଗଣଶିକ୍ଷା ଓ ଗଣ ଚେତନାର ଅଭାବ ଥିବାଯାଏ ଗଣତନ୍ତ୍ରର ସଫଳତା ଆଶା କରିବା ବିଡ଼ମ୍ବନା ମାତ୍ର"- ଲେଖକଙ୍କର ଏହି ଉକ୍ତିର ସତ୍ୟତା ପ୍ରତିପାଦନ କର ।**

**ଉ.** ମଣିଷ ଚିନ୍ତା ଚେତନା ଓ ଶିକ୍ଷାର ବିକଶିତ ରୂପ ଶାସନ ବ୍ୟବସ୍ଥା । ପ୍ରାଚୀନ କାଳରୁ ଯେତେ ଶାସନ ପଦ୍ଧତି ରହି ଆସିଥିଲା ତା'ର କ୍ରମ ବିକଶିତ ପରିଣତି ଗଣତନ୍ତ୍ର ଶାସନ । ଶାସନର ସଫଳତା ସେତିକିବେଳେ ଆସେ, ଯେତେବେଳେ ସେ ତା'ର ଲକ୍ଷ୍ୟ ପୂରଣ କରେ । କିନ୍ତୁ ଆଜିର ଗଣତନ୍ତ୍ର ଶାସନରେ ପ୍ରୋପାଗଣ୍ଡାର ଜୟ ହେଉଥିବା ଲକ୍ଷ୍ୟ କରାଯାଇଛି । ଗଣତନ୍ତ୍ର ପାଇଁ ଏହା ଏକ ବିଡ଼ମ୍ବନା । ପ୍ରାବନ୍ଧିକ ଭୁବନେଶ୍ୱର ବେହେରା ଏହି ସତ୍ୟକୁ ଉନ୍ମୋଚିତ କରିଛନ୍ତି ତାଙ୍କ 'ତିନି ତୁଣ୍ଡରେ' ପ୍ରବନ୍ଧରେ । ଭୁବନେଶ୍ୱର ବେହେରା ଏକାଧାରାରେ ପ୍ରାବନ୍ଧିକ, ଭ୍ରମଣ କାହାଣୀ ଲେଖକ ଓ ଗାଳ୍ପିକ । ବୃତ୍ତିରେ ଇଂଜିନିୟର ହେଲେ ମଧ୍ୟ ପ୍ରବୃତ୍ତି ତାଙ୍କର ଥିଲା ସାହିତ୍ୟ ସାଧନା । ଶ୍ରୀ ବେହେରାଙ୍କ ଦ୍ୱାରା ରଚିତ 'ଶୁଣ ପରୀକ୍ଷ, କହିନଜାଣେ, କଥା ଓ ଲଥା, ଗାଁର ଡାକ, ପଶ୍ଚିମ ଆଫ୍ରିକାରେ ଓଡ଼ିଆ ଢେଙ୍କି ପ୍ରଭୃତି ଓଡ଼ିଆ ସାହିତ୍ୟରେ ଏକ ଏକ ବିଶିଷ୍ଟ ରଚନା । ଲେଖକଙ୍କ ରଚନା ଶୈଳୀର ସ୍ୱତନ୍ତ୍ରତା ପାଠକ ପ୍ରାଣକୁ ଆକୃଷ୍ଟ କରିଥାଏ ।

ଶାସନ ପଦ୍ଧତିଗୁଡ଼ିକ ମଧ୍ୟରେ ଗଣତନ୍ତ୍ର ସର୍ବୋତ୍କୃଷ୍ଟ ଶାସନ । ଏହି ଶାସନରେ ଗଣତାନ୍ତ୍ରିକ ଚେତନାର ପ୍ରତିଫଳନ ଦେଖାଯାଏ । ଗଣଙ୍କ ସମୂହ ହିତ ପାଇଁ ଗଣଙ୍କ ଦ୍ୱାରା ଶାସନ ହିଁ ଗଣତନ୍ତ୍ରର ପ୍ରାକୃତ ଓ ପ୍ରଧାନ ବିଶେଷତ୍ୱ । ଏ ଶାସନରେ ଶାସକ ଓ ଶାସିତ ଏକ ଓ ଅଭିନ୍ନ । ଶୋଷକ ଶୋଷିତର କଳ୍ପନା ଏ ଶାସନରେ କରାଯାଇ ନ ପାରେ । ପ୍ରକୃତ ଗଣତନ୍ତ୍ର ଶାସନର ଏହା ହିଁ ମୂଳ ତତ୍ତ୍ୱ ଓ ସତ୍ୟ । କିନ୍ତୁ ଏହି ତତ୍ତ୍ୱ ଓ ସତ୍ୟ କେବଳ ପୋଥିଗତ ।

ବାସ୍ତବ କ୍ଷେତ୍ରରେ ସଂପୂର୍ଣ୍ଣ ଭିନ୍ନ କଥା । ଆମ ଜନତାଙ୍କ ଦ୍ୱାରା ନିର୍ବାଚିତ ଜନ ପ୍ରତିନିଧି ଶାସନକର୍ତ୍ତା ହେବାପରେ ଗଣତନ୍ତ୍ରର ସଂଜ୍ଞା ବଦଳିଯାଏ । ଯେଉଁ ଦେଶର ସୁଶିକ୍ଷିତ, ଶାସନ ସମ୍ବନ୍ଧୀୟ ଜ୍ଞାନ ଯେଉଁମାନଙ୍କର ଅଛି, ନିଜ ନାଗରିକ ଅଧିକାର ତଥା ପ୍ରତିନିଧି ବାଛିବାର ଗୁରୁତ୍ୱ ସମ୍ବନ୍ଧରେ ସଚେତନ ସେ ଦେଶମାନଙ୍କରେ ଭୋଟଦାତାମାନେ ଲୋକ ପ୍ରତିନିଧି ହେବା ପାଇଁ ଉପଯୁକ୍ତ । କାରଣ ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ଦୋଷଗୁଣ, କ୍ରିୟାକଳାପ, ସାଧୁତା, ସଚ୍ଚୋଟପଣିଆ, କାର୍ଯ୍ୟଦକ୍ଷତାକୁ ବିଚାର କରି ସେମାନେ ପ୍ରତିନିଧି ବାଛନ୍ତି । ଆଉ ଯେଉଁ ଦେଶର ଜନତା ନିଜ ଅଧିକାର ଓ କର୍ତ୍ତବ୍ୟଜ୍ଞାନ ସଂପର୍କରେ ଅଜ୍ଞ, ସେଠାରେ ଗୁଣ ଅପେକ୍ଷା ପ୍ରୋପାଗଣ୍ଡା ବେଶି କାମ କରେ । ଆମ ଦେଶର ଶାସନ ବ୍ୟବସ୍ଥା ଦ୍ୱିତୀୟ ପର୍ଯ୍ୟାୟର । ଏଠାରେ ଯୋଗ୍ୟତାବିହୀନ, ନୀତିହୀନ ବ୍ୟକ୍ତି, ଯିଏ କଳାକୁ ଧଳା କରିପାରିବ ଧଳାକୁ କଳା କରି

କରିପାରିବ ସେହିମାନେ ହିଁ ପ୍ରଚାରସର୍ବସ୍ୱ ବ୍ୟବସ୍ଥାରେ ପ୍ରତିନିଧି ହୋଇଥାନ୍ତି । ଆମ ଜନତାଙ୍କର ଭଲମନ୍ଦ ଚିହ୍ନିବାର ଯୋଗ୍ୟତା ନାହିଁ । ତେଣୁ ତିନି ତୁଣ୍ଡରେ ଛେଳି କୁକୁର ହୁଏ । କୁକୁର ଛେଳି ହୁଏ ।

ଆମ ଦେଶରେ ଶିକ୍ଷିତ ଭୋଟଦାତାମାନେ ଉଦାସୀନ ରହୁଥିବାରୁ ଗୁଣହୀନ, ନୀତିହୀନ ପ୍ରତିନିଧିମାନେ କ୍ଷମତା ପାଉଛନ୍ତି । ଆଉ କ୍ଷମତା ପାଇସାରିବା ପରେ ଗରିବ ଦେଶର ବିବାଦୀ ଜନତାଙ୍କୁ ଜଳକା କରି ମାଙ୍କଡ଼ ଦୁଇ ବିରାଡ଼ିଙ୍କ ପିଠା ବାଣ୍ଟିଲା ନ୍ୟାୟରେ ସବୁ ଚଳୁ କରି ଦେଉଛନ୍ତି । ବିରାଡ଼ି ପିଠାକୁ ଦେଖି ଓଠ ଚାଟିବା ପରି ଜନତାଙ୍କ ଅବସ୍ଥା । ଆମେ ମେଣ୍ଢା । ମେଣ୍ଢାର ପୋଷାକରେ ମେଣ୍ଢାଶାଳ ଭିତରେ ଗଧିଆ ପଶି ମେଣ୍ଢାଙ୍କୁ ଟାଣି ଖାଇବା ପରି ଆମର ପ୍ରତିନିଧିମାନେ ଆମକୁ ଶିକାର କରନ୍ତି । ଲେଖକ ଗଣତନ୍ତ୍ର ଶାସନକୁ ଦୋଷ ଦେଇନାହାନ୍ତି । ବରଂ ଏହାକୁ ଶ୍ରେଷ୍ଠ ଶାସନ ବୋଲି ଅଭିହିତ କରିଛନ୍ତି । ଦୋଷ ଦେଇଛନ୍ତି ଆମକୁ, ତାଙ୍କ ମନରେ ପ୍ରଶ୍ନ ଆମେ ଗଣତନ୍ତ୍ର ଶାସନ ପାଇଁ ଉପଯୁକ୍ତ ତ । ଆମର ଅବସ୍ଥା ପାଇଁ ଆମେ ହିଁ ଦାୟୀ । କାରଣ ଆମେ ତ ପ୍ରତିନିଧି ନିର୍ବାଚିତ କରୁଛୁ । ସୁଫଳ ଯଦି ନମିଳିଲା ଦୋଷ କାହାକୁ ଦେବ ? ଲେଖକଙ୍କ ମତରେ "ଗଣଶିକ୍ଷା ଓ ଗଣଚେତନାର ଅଭାବ ଥିବାଯାଏ ଗଣତନ୍ତ୍ରର ସଫଳତା ଆଶା କରିବା ବିଡ଼ମ୍ବନା ମାତ୍ର" । ଅନ୍ୟ ଅର୍ଥରେ ଗଣତନ୍ତ୍ରକୁ ସଫଳ କରିବା ପାଇଁ ଗଣଶିକ୍ଷା ଓ ଗଣ ଚେତନାର ପ୍ରମୁଖ ଆବଶ୍ୟକତା ଥିବାରୁ ଲେଖକ କହିଛନ୍ତି ।

ବାସ୍ତବରେ ଶିକ୍ଷା ଓ ଚେତନା ହିଁ ପ୍ରକୃତ ପରିବର୍ତ୍ତନ ଆଣି ଦେଇଥାଏ ।

❑❑❑

**(ଘ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ତିରିଶଟି ଶବ୍ଦରେ ଉତ୍ତର ଦିଅ । ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୨ ନମ୍ବର ରହିବ ।**

**ପ୍ର.୧. ସାଧାରଣ ଲୋକଙ୍କର ଶିକ୍ଷା ନଥିବାରୁ କ'ଣ ହେଉଛି ?**

ଉ. ପ୍ରବନ୍ଧ – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା

ପ୍ରାବନ୍ଧିକ – ଗୋଲୋକ ବିହାରୀ ଧଳ

ସାଧାରଣ ଲୋକଙ୍କର ଶିକ୍ଷା ନଥିବାରୁ ସରକାର ପ୍ରଣୟନ କରୁଥିବା ବହୁ ଯୋଜନାକୁ ସେମାନେ ବୁଝି ପାରୁନାହାନ୍ତି କିମ୍ବା ବୁଝିବାକୁ ସେମାନଙ୍କର ଇଚ୍ଛା ବି ନାହିଁ । ଏହା ଜିଲ୍ଲା ପରିଷଦ ପରିଚାଳିତ ଆଞ୍ଚଳିକ ସଭାର ବିଚାର ଆଲୋଚନାରୁ ବୁଝାପଡ଼ିଲା ।

**ପ୍ର.୨. କ'ଣ କଲେ ଶିକ୍ଷା ଓ ଯୋଜନା ମଧ୍ୟରେ ସମନ୍ୱୟ ରହିପାରିବ ?**

ଉ. ପ୍ରବନ୍ଧ – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା

ପ୍ରାବନ୍ଧିକ – ଗୋଲୋକ ବିହାରୀ ଧଳ

ସାଧାରଣ ଲୋକଙ୍କର ଶିକ୍ଷା ନଥିବାରୁ ସେମାନେ ଯୋଜନା କଥା ବୁଝିପାରନ୍ତି ନାହିଁ । ତେଣୁ ମଣିଷ ମନକୁ ପ୍ରଥମେ ଶିକ୍ଷାରେ ସଜାଡ଼ି ତା' ପରେ ଯୋଜନା କଥା କହିଲେ ସେ ବୁଝିପାରିବ । ଯୋଜନାକୁ ଯେତିକି ଆଗ୍ରହରେ କରିବାକୁ ହେବ, ଶିକ୍ଷାକୁ ତା'ଠାରୁ ଅନେକ ଗୁଣ ଅଧିକ ଆଗ୍ରହରେ କଲେ ଶିକ୍ଷା ଓ ଯୋଜନା ମଧ୍ୟରେ ସମନ୍ୱୟ ରହିପାରିବ ।

**ପ୍ର.୩. ଇଲଷ୍ଟ୍ରେଟେଡ୍ ଉଇକ୍ଲିରେ ବାହାରିଥିବା ଲେଖାଟି କ'ଣ ?**

ଉ. ପ୍ରବନ୍ଧ – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା

ପ୍ରାବନ୍ଧିକ – ଗୋଲୋକ ବିହାରୀ ଧଳ

ଇଲଷ୍ଟ୍ରେଟେଡ୍ ଉଇକ୍ଲିରେ ବାହାରି ଥିବା ଲେଖାଟି ହେଲା ଭାରତୀୟ ଛାତ୍ରମାନେ ପାଠ ପଢ଼ିସାରିବା ପରେ ଆମେରିକା ଛାଡ଼ି ଆସୁନାହାନ୍ତି । ଆମେରିକାର ସୁଖସମ୍ଭୋଗ ଓ ଟଙ୍କା ପଇସା ବ୍ୟତୀତ ଅସଲ କଥାଟି ଭାରତରେ ବିଶେଷଜ୍ଞଙ୍କର ବିଶେଷ ମୂଲ୍ୟ ନାହିଁ । ସେଠି ସବୁକଥା ଶାସକମାନଙ୍କ ଦ୍ୱାରା ନିୟନ୍ତ୍ରଣ ହୁଏ ।

**ପ୍ର.୪. ଭାରତ ସରକାର ଆମେରିକାରେ ଥିବା ଛାତ୍ର ପାଖକୁ କ'ଣ ଚିଠି ଲେଖିଥିଲେ ?**

ଉ. ପ୍ରବନ୍ଧ – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା

ପ୍ରାବନ୍ଧିକ – ଗୋଲୋକ ବିହାରୀ ଧଳ

ଭାରତ ସରକାର ଆମେରିକାରେ ଥିବା ଛାତ୍ର ପାଖକୁ ଚିଠିରେ ଲେଖିଥିଲେ ଯେ ଭାରତ ସରକାର ତ ଆମେରିକା ସରକାର ପରି ଧନୀ ନୁହଁନ୍ତି, ତେଣୁ ସେ ଅନ୍ତତଃ ନିଜ ଦେଶର ସେବା କରିବା ପାଇଁ ନିଜ ଦେଶକୁ ଫେରିଆସନ୍ତୁ ।

**ପ୍ର.୫. ଭାରତ ବର୍ଷରେ ବିଶେଷଜ୍ଞମାନଙ୍କର କୌଣସି କଥା କରିବା ପାଇଁ କାହିଁକି ବ୍ୟକ୍ତିଗତ ଉତ୍ସାହ କିମ୍ବା ସ୍ପୃହା ନାହିଁ ?**

ଉ. ପ୍ରବନ୍ଧ – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା

ପ୍ରାବନ୍ଧିକ – ଗୋଲୋକ ବିହାରୀ ଧଳ

ଭାରତ ବର୍ଷରେ ବିଶେଷଜ୍ଞମାନେ ପନ୍ଦର ବର୍ଷ କାମ କଲେ ମଧ୍ୟ ପ୍ରଥମ ପାହାଚରୁ ଦ୍ୱିତୀୟ ପାହାଚକୁ ଉଠିପାରନ୍ତି ନାହିଁ । ସେଥିପାଇଁ ବିଶେଷଜ୍ଞମାନଙ୍କର କୌଣସି କଥା କରିବା ପାଇଁ ବ୍ୟକ୍ତିଗତ ଉତ୍ସାହ କିମ୍ବା ସ୍ପୃହା ନାହିଁ ।

**ପ୍ର.୬. ଭାରତ ସରକାର ଶିକ୍ଷା କମିଶନ ବସାଇବାର କାରଣ କ'ଣ ?**

**ଉ.** ପ୍ରବନ୍ଧ – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା

ପ୍ରାବନ୍ଧିକ – ଗୋଲୋକ ବିହାରୀ ଧଳ

ଶିକ୍ଷାର ସାଧାରଣ ସ୍ତରରେ ଯେଉଁ ପ୍ରକାର ଅଧୋଗତି ଦିନକୁ ଦିନ ବଢ଼ିଚାଲିଛି ତାକୁ ନ ରୋକିଲେ ଦେଶର ଅବସ୍ଥା ନିଶ୍ଚୟ ଶୋଚନୀୟ ହେବ । ପୁଣି ଶିକ୍ଷା ପ୍ରସାର ବାହାରକୁ ଯେତେ ବଡ଼ ଦେଖାଯାଉଥିଲେ ମଧ୍ୟ ଯେଉଁମାନେ ଶିକ୍ଷା କଥା ବୁଝୁଛନ୍ତି, ସେମାନେ ଅନୁଭବ କରୁଛନ୍ତି ଯେ ଶିକ୍ଷାରାଜ୍ୟରେ ଏକ ନିରୂପାୟ ଅବସ୍ଥା ଆସି ପହଞ୍ଚିଲାଣି । ତେଣୁ ଭାରତ ସରକାର ପରିସ୍ଥିତିର ନିରୀକ୍ଷଣ ପାଇଁ ଶିକ୍ଷା କମିଶନ ବସାଇଛନ୍ତି ।

**ପ୍ର.୭. ପିଲାଟି ପ୍ରାଥମିକ ସ୍କୁଲରୁ ନୋଟ୍ ବହି ପଢ଼ିଲେ କ'ଣ ହେବ ?**

**ଉ.** ପ୍ରବନ୍ଧ – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା

ପ୍ରାବନ୍ଧିକ – ଗୋଲୋକ ବିହାରୀ ଧଳ

ପିଲାଟି ଯଦି ପ୍ରାଥମିକ ସ୍କୁଲରୁ ନୋଟ ବହି ପଢ଼ିବ, ସେ ପରୀକ୍ଷାରେ ପାସ୍ କରିବାର ଆଧୁନିକ କୌଶଳମାନ ଶିଖିବ । ବହିର ଜ୍ଞାନ ଅନୁସନ୍ଧାନ ନକରି ପ୍ରଶ୍ନପତ୍ର କେଉଁଠି ରହିଛି । ସେହି ଅନୁସନ୍ଧାନରେ ସମୟ ନେବ । ଏହାଦ୍ୱାରା ପ୍ରକୃତ ଜ୍ଞାନାର୍ଜନ ତା' ପକ୍ଷରେ ସମ୍ଭବ ହେବନାହିଁ ।

**ପ୍ର.୮. "ଜୀବନଟା କେବଳ ସିନା ସନ୍ଦେହରେ ଆରମ୍ଭ ହୋଇ ସନ୍ଦେହରେ ଶେଷ ହେବ"– ଏହା କେଉଁ ପ୍ରସଙ୍ଗରେ କୁହାଯାଇଛି ?**

**ଉ.** ପ୍ରବନ୍ଧ – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା

ପ୍ରାବନ୍ଧିକ – ଗୋଲୋକ ବିହାରୀ ଧଳ

ବର୍ତ୍ତମାନ ଶିକ୍ଷାରେ ତ୍ରୁଟିପୂର୍ଣ୍ଣ ପରୀକ୍ଷା ପଦ୍ଧତି ଓ ପ୍ରଶ୍ନପତ୍ର ବିକ୍ରି, ଅବୈଧ ଆଚରଣରୁ ଭଲ ଫଳ କରୁଥିଲେ ମଧ୍ୟ ମାନଦଣ୍ଡ, କମିଯାଉଛି । ଆଜିକାଲି ଯଦି କୌଣସି ଶିକ୍ଷା ଅନୁଷ୍ଠାନରୁ ବହୁତ ପିଲା ଭଲ ଫଳ କରୁଛନ୍ତି, ତେବେ ତାଙ୍କୁ ସନ୍ଦେହ ଚକ୍ଷୁରେ ଦେଖାଯାଉଛି । ପାଠପଢ଼ାର ପରିଣତି ଯଦି ସନ୍ଦେହ ହୁଏ, ସେ ପାଠର ମୂଲ୍ୟ କିଛିନାହିଁ । ଏହି ପ୍ରସଙ୍ଗରେ ଜୀବନଟା ସନ୍ଦେହରେ ଆରମ୍ଭ ହୋଇ ସନ୍ଦେହରେ ଶେଷ ହେବ ବୋଲି କୁହାଯାଇଛି ।

**ପ୍ର.୯. ପରୀକ୍ଷା ବିଷୟରେ ସାଧାରଣ ଲୋକ ଆଶ୍ଚର୍ଯ୍ୟ ହେବାର କାରଣ କ'ଣ ?**

**ଉ.** ପ୍ରବନ୍ଧ – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା

ପ୍ରାବନ୍ଧିକ – ଗୋଲୋକ ବିହାରୀ ଧଳ

ପରୀକ୍ଷା ବିଷୟରେ ସାଧାରଣ ଲୋକ ଆଶ୍ଚର୍ଯ୍ୟ ହେବାର କାରଣ ବର୍ତ୍ତମାନ ପରୀକ୍ଷାର ଅବସ୍ଥା ଏଭଳି ଯେ ଦିନକୁ ଦିନ ପରୀକ୍ଷା ବଢ଼ୁଛି । ମାଇନର ପରୀକ୍ଷା ନଥିଲା, ସେ ଚାଲିଲା, ଅପର ପ୍ରାଇମେରୀରେ ନଥିଲା, ସେବି ଚାଲୁହେଲା । ଏସବୁ ପରୀକ୍ଷା ଚାଲିବା ପରେ ପରୀକ୍ଷା ବିଷୟରେ ଯାହା ଶୁଣା ନଥିଲା, ତାହା ଶୁଣାଗଲା । ପରୀକ୍ଷାରେ ପିଲାଙ୍କ ପାଇଁ ପ୍ରଶ୍ନୋତ୍ତର ବହି ବିକ୍ରି ଛଡ଼ା ଆଉ କିଛି ଲାଭ ନଥିବାର ଜାଣି ଲୋକେ ଆଶ୍ଚର୍ଯ୍ୟ ହେଉଛନ୍ତି ।

**ପ୍ର.୧୦. ଆଗର ମାଟ୍ରିକ୍ୟୁଲେସନ ପାସ୍ ଲୋକେ ଓ ଆଜିର ବି.ଏ. ଛାତ୍ରଙ୍କ ମଧ୍ୟରେ କ'ଣ ପାର୍ଥକ୍ୟ ଦେଖାଯାଏ ?**

**ଉ.** ପ୍ରବନ୍ଧ – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା

ପ୍ରାବନ୍ଧିକ – ଗୋଲୋକ ବିହାରୀ ଧଳ

ଆଗର ମାଟ୍ରିକ୍ୟୁଲେସନର ମାନଦଣ୍ଡ ଏପରି ଥିଲା ଯେ ଜଣେ ଲୋକ ମାଟ୍ରିକ ପାସ୍ କରି ମାଜିଷ୍ଟ୍ରେଟ୍‌ର କାମ ଚଳାଇ ଦେଉଥିଲା; କିନ୍ତୁ ଏବର ମାଟ୍ରିକ୍ ପାଠ ଗଡ଼ିକି ନୁହଁକି ପେଡ଼ିକି ନୁହେଁ । ଆଜିର ବି.ଏ. ପାସ୍ ଛାତ୍ରଟି ଚିଠିଟିଏ

ଲେଖିଲେ ଇଂରାଜୀରେ ଯାହିତାହି ଲେଖିବ ମାତ୍ର ମାତୃଭାଷାରେ ଲେଖିଲେ ପନ୍ଦରଟା ବନାନ୍ ଅଶୁଦ୍ଧି ହୋଇଥିବ । ଏହାହିଁ ଆଗର ମାଟ୍ରିକ୍ ଓ ଆଜିର ବି.ଏ. ଛାତ୍ରଙ୍କ ମଧ୍ୟରେ ଫରକ ।

**ପ୍ର.୧୧. ବର୍ତ୍ତମାନ ଶିକ୍ଷା ଡ଼ିଗ୍ରୀ ସଂପର୍କରେ 'ଆଉଟସାଇଡ଼ର'ଙ୍କ ମତ କ'ଣ ?**

**ଉ.** ପ୍ରବନ୍ଧ – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା

ପ୍ରାବନ୍ଧିକ – ଗୋଲୋକ ବିହାରୀ ଧଳ

The M.A. in Bengali ଲେଖାରେ ଆଉଟ ସାଇଡ଼ର ଦର୍ଶାଇଥିଲେ ଯେ ଏହି ବିଭାଗରେ ଅନେକ ଲୋକ ପ୍ରଥମ ଶ୍ରେଣୀ ପା'ନ୍ତି । ପ୍ରଥମ ଶ୍ରେଣୀର ମୂଲ୍ୟ କିଛି ନଥିବାରୁ ଅଧିକାଂଶ ଡି.ଫିଲ୍ କରିବାକୁ ବାଧ୍ୟ ହେଉଛନ୍ତି । ପୁନଶ୍ଚ ଡି.ଫିଲର ସଂଖ୍ୟା ବଢ଼ିଯିବାରୁ ପିଲା ଡି.ଲିଟ୍ କରୁଛନ୍ତି । କିନ୍ତୁ ଆଶ୍ଚର୍ଯ୍ୟର କଥା ଡି.ଲିଟ୍ କରୁଥିବା ଅଧିକାଂଶ ପିଲା ଭଲ ଛାତ୍ର ନୁହଁନ୍ତି । ଏହି ଡିଗ୍ରୀଧାରୀଙ୍କ ଠାରୁ ଜଣା ପଡୁଛି ଯେ ଶିକ୍ଷାରେ ଅଧଃପତନ ଆସିଲାଣି ।

**ପ୍ର.୧୨. ଭାରତବର୍ଷର ସ୍ୱାଧୀନତାକୁ କାହିଁକି ସମ୍ଭାଳି ହେବନାହିଁ ବୋଲି କୁହାଯାଇଛି ?**

**ଉ.** ପ୍ରବନ୍ଧ – ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା

ପ୍ରାବନ୍ଧିକ – ଗୋଲୋକ ବିହାରୀ ଧଳ

ସ୍ୱାଧୀନ ଭାରତରେ ଗୁଣାତ୍ମକ ଶିକ୍ଷାର ମୂଲ୍ୟ କମି କମିଯାଉଛି । ପ୍ରାଥମିକ ସ୍ତରରୁ ଉପର ସ୍ତର ପର୍ଯ୍ୟନ୍ତ ସେଇ ସମାନ କଥା । ଆମ ଦେଶରେ ବିଶ୍ୱବିଦ୍ୟାଳୟମାନଙ୍କରୁ ଶହ ଶହ ପିଏଚ୍.ଡ଼ି ଓ ଡି.ଲିଟ୍ ଗବେଷକ ବାହାରୁଛନ୍ତି; ମାତ୍ର ସେମାନଙ୍କର ଗୋଟିଏ ହେଲେ ଗବେଷଣା ଉଚ୍ଚ ଜ୍ଞାନ ରାଜ୍ୟରେ ସ୍ଥାନ ପାଏ ନାହିଁ । ଶିକ୍ଷା କ୍ଷେତ୍ରରେ ତଳୁ ଉପର ସବୁ ଯଦି ଫାଙ୍କା ହୋଇଯାଏ, ତେବେ କେବଳ ମୂର୍ଖ ନିରନ୍ନ ଲୋକଙ୍କୁ ନେଇ ଭାରତବର୍ଷର ସ୍ୱାଧୀନତାକୁ ସମ୍ଭାଳି ହେବନାହିଁ ।

## (ଡ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ । ପ୍ରଶ୍ନର ମୂଲ୍ୟ ୫ ନମ୍ବର ।

**ପ୍ର.୧. 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ପ୍ରବନ୍ଧର ସାରମର୍ମ ଲେଖ ।**

**ଉ.** ପ୍ରବନ୍ଧର ସାରକଥା ଦ୍ରଷ୍ଟବ୍ୟ ।

**ପ୍ର.୨. ଶିକ୍ଷା ବ୍ୟବସ୍ଥା ସଂପର୍କରେ ପ୍ରାବନ୍ଧିକଙ୍କ ପ୍ରତିକ୍ରିୟା 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ପ୍ରବନ୍ଧରେ କିପରି ପ୍ରତିଫଳିତ ଆଲୋଚନା କର ।**

**ଉ.** ମାନବ ଜୀବନ୍ନୋତିର ପ୍ରଥମ ସୋପାନ ଶିକ୍ଷା । ଶିକ୍ଷାକୁ ଅବହେଳା କରି କେହି ଉପରକୁ ଉଠିପାରିନି । ଶିକ୍ଷା ବ୍ୟକ୍ତି, ସମାଜ ଓ ରାଷ୍ଟ୍ରର ଉନ୍ନତିର ନିୟାମକ । ଶିକ୍ଷାବ୍ୟବସ୍ଥା ତ୍ରୁଟିପୂର୍ଣ୍ଣ ହେଲେ ସମାଜ ଓ ରାଷ୍ଟ୍ର ରସାତଳଗାମୀ ହେବ । ଭାରତ ସ୍ୱାଧୀନତା ପାଇବା ପରେ ରାଷ୍ଟ୍ରର ସାମଗ୍ରିକ ବିକାଶ ପାଇଁ ଯୋଜନାମାନ ପ୍ରସ୍ତୁତ ହେଲା । ମାତ୍ର ଯୋଜନାର ସଫଳତା ମିଳିବା ବା ତ ଦୂରକଥା । ଲୋକେ ଯୋଜନା ବିଷୟରେ ବୁଝି ହିଁ ପାରିଲେନି । ଏହାର କାରଣ ଥିଲା ନିରକ୍ଷରତା ଓ ଉପଯୁକ୍ତ ଶିକ୍ଷାର ଅଭାବ । ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ ଏହି ଜାତୀୟ ସମସ୍ୟାର କାରଣ ଓ ନିରାକରଣର ଉପଯୁକ୍ତ ମାର୍ଗ ଦର୍ଶନ କରିଛନ୍ତି ।

ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ଜଣେ ବିଶିଷ୍ଟ ପ୍ରତିଭା । କେବଳ ପ୍ରବନ୍ଧ ରଚନା ନୁହେଁ; ଅନୁବାଦ ସାହିତ୍ୟ, ଭ୍ରମଣକାହାଣୀ ଓ ଅନ୍ୟାନ୍ୟ ପୁସ୍ତକ ରଚନା କରି ତାଙ୍କ ସ୍ରଷ୍ଟା ମାନସର ପରିଚୟ ଦେଇଛନ୍ତି । ଜଣେ ବିଖ୍ୟାତ ଭାଷାତତ୍ତ୍ୱବିତ୍ ଭାବରେ ସେ ସର୍ବଭାରତୀୟ ସ୍ତରରେ ସୁପରିଚିତ ଜାତୀୟଜୀବନରେ

ଦୁର୍ବିପାକ ଆସିଲେ ସାଧାରଣ ଲୋକ ବିଚଳିତ ହୁଏନା କି ପ୍ରତିକ୍ରିୟା ପ୍ରକାଶ କରେନା । ମାତ୍ର ଯେ ଅସାଧାରଣ ସେ ଜାତୀୟ ଜୀବନର ଭଗ୍ନସ୍ୱାସ୍ଥ୍ୟ ଦେଖିଲେ କେବଳ ବିସ୍ମିତ ହୁଏନି କି ବିଚଳିତ ହୁଏନି । ପ୍ରତିକ୍ରିୟାଶୀଳ ହୋଇ ତା'ର ନିରାକରଣର ପନ୍ଥା ନିର୍ଣ୍ଣୟ କରେ । ଲେଖକ ଥିଲେ ଏହି ପର୍ଯ୍ୟାୟର । ତେଣୁ ଏକ ହୋଇ ମଧ୍ୟ ସେ ଅନନ୍ୟ ଅସାଧାରଣ । ସ୍ୱାଧୀନତା ପରବର୍ତ୍ତୀ ଭାରତବର୍ଷରେ ଆସିଥିବା ସମସ୍ୟାର ସମାଧାନ ଦିଗରେ ଲେଖକ ଲେଖନୀ ଚାଳନା କରି ବହୁ ଯଶ ଅର୍ଜନ କରିଛନ୍ତି । 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ତାଙ୍କର ଏହିଭଳି ଏକ ପ୍ରବନ୍ଧ ଯେଉଁଥିରେ ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ତ୍ରୁଟିକୁ ସେ ଦର୍ଶାଇଛନ୍ତି ।

ଲେଖକ ଜିଲ୍ଲାପରିଷଦ ପରିଚାଳିତ ଏକ ଆଞ୍ଚଳିକ ସଭାରେ ଯୋଗ ଦେଇ ଦେଖିଲେ ବିଚାର ହେବା ପାଇଁ ଥିବା ସମସ୍ତ ବିଷୟ ଭିତରେ କୃଷିକୁ ପ୍ରଥମ ସ୍ଥାନ ଦିଆଯାଇ ଶିକ୍ଷାକୁ ଶେଷ ସ୍ଥାନ ଦିଆଯାଇଛି । ଶିକ୍ଷାକୁ ଶେଷସ୍ଥାନ ଦିଆଯିବାରେ ଲେଖକ ବିସ୍ମିତ ହୋଇଥିଲେ । ସେହି ବିଚାର ଆଲୋଚନାରୁ ବୁଝାପଡ଼ିଲା ଯେ ସରକାର ଦେଶ ପ୍ରଗତି ପାଇଁ କରୁଥିବା ଯୋଜନାକୁ ଲୋକେ ବୁଝୁନାହାନ୍ତି କି ବୁଝିବାର ଇଚ୍ଛା ରଖୁନାହାନ୍ତି । ଲେଖକ ଏହାର କାରଣ ନିର୍ଣ୍ଣୟ କରି ଦେଖିଛନ୍ତି ଯେ ଲୋକଙ୍କର ଉପଯୁକ୍ତ ଶିକ୍ଷାର ଅଭାବ । ଲେଖକଙ୍କ ଭାଷାରେ– "ମାଟିକୁ ପାଗ କରି ସେଥିରେ ମଞ୍ଜି ପୋତିଲେ ଚଞ୍ଚଳ ଗଛ ଧରେ, କିନ୍ତୁ ପଡ଼ିଆ ଭୂଇଁରେ ଫସଲ ବୁଣିଲେ ଗୋରୁ ଚରିଯାନ୍ତି ।" ତେଣୁ ଯୋଜନାକୁ ଯେତିକି ଆଗ୍ରହରେ କରିବାକୁ ହେବ, ଶିକ୍ଷାକୁ ତା'ଠାରୁ ଅନେକ ଗୁଣ ଆଗ୍ରହ କଲେ ଶିକ୍ଷା ଓ ଯୋଜନା ମଧ୍ୟରେ ସମନ୍ୱୟ ରହିପାରିବ ।

ଆମ ଦେଶରେ ଶିକ୍ଷା ପ୍ରସାର ପାଇଁ ବହୁ ଚେଷ୍ଟା ଚାଲିଛି । ଶିକ୍ଷାର ପ୍ରସାର ନାଁ ରେ ଉନ୍ନୟନ ନାଁ ରେ କେବଳ ରିପୋର୍ଟ ପ୍ରସ୍ତୁତ ହେଉଛି । ମାତ୍ର କୌଣସି ବସ୍ତୁର ମୌଳିକ ମୂଲ୍ୟକୁ ବୁଝାଯାଉ ନାହିଁ । ଆମର ଶାସନ ପଦ୍ଧତି ଏପରି ଯେ ଏ ଦେଶର ବିଶେଷଜ୍ଞଙ୍କର ବିଶେଷ ମୂଲ୍ୟ ନଥାଏ । ଭାରତୀୟମାନେ ପାଠ ପଢ଼ି ଆମେରିକା ଛାଡ଼ି ଆସିବାକୁ ଚାହୁଁନାହାନ୍ତି । ଏହାର କାରଣ ବିଳାସ ବ୍ୟସନ, ଅର୍ଥବ୍ୟବସ୍ଥା ଯେତିକି ନୁହେଁ, ବିଶେଷଜ୍ଞ ଅବହେଳା ଅସଲ କାରଣ । ଆମ ଦେଶରେ ଶାସକମାନଙ୍କ ଦ୍ୱାରା ସବୁକଥା ନିୟନ୍ତ୍ରିତ ହୁଏ ।

ଭାରତବର୍ଷରେ ଶିକ୍ଷାବ୍ୟବସ୍ଥାର ସାଧାରଣ ସ୍ତରରେ ଯେଉଁ ଅଧୋଗତି ଦେଖାଦେଇଛି ସେଥିରେ ଦେଶର ଅବସ୍ଥା ନିଶ୍ଚୟ ଶୋଚନୀୟ ହେବ । ସରକାର ଶିକ୍ଷା ରାଜ୍ୟରେ ଏକ ନିରୂପାୟ ଅବସ୍ଥା ଦେଖାଦେଲାଣି । ଲେଖକ ଶିକ୍ଷା ବ୍ୟବସ୍ଥାର ଅନେକ ସମସ୍ୟା ଭିତରୁ ଯେଉଁ ଦୁଇଟି ସମସ୍ୟା ବିଷୟରେ ଉଲ୍ଲେଖ କରିଛନ୍ତି ତାହା ସାଂଘାତିକ । ଆମ ଦେଶର ପରୀକ୍ଷା ପଦ୍ଧତିକୁ ସେ ସମାଲୋଚନା କରିଛନ୍ତି । ଯେଉଁ ପଦ୍ଧତିରେ ପରୀକ୍ଷା ହେଉଛି ସେଥିରୁ ଛାତ୍ରର ଗୁଣାତ୍ମକ ମାନ ନିର୍ଣ୍ଣୟ କରିବା କଷ୍ଟକର । ପୁଣି ପରୀକ୍ଷାରେ ଅସାଧୁ ଆଚରଣ, ପ୍ରଶ୍ନପତ୍ରର ଅନୁସନ୍ଧାନ, ଉତ୍ତର ଖାତାରେ ଅନୁଧାବନ ଆଦିର ପରୀକ୍ଷା ପଦ୍ଧତି ଯେ କେତେ ତ୍ରୁଟିପୂର୍ଣ୍ଣ ତାହା ଅନୁମେୟ । ପୁନଶ୍ଚ ଶିକ୍ଷା ବ୍ୟବସ୍ଥାରେ ନୋଟ୍ ବହିର ପ୍ରଚଳନ ପିଲାର ସୃଜନଶୀଳତା ଓ ମୌଳିକତାକୁ ନଷ୍ଟ କରିବାରେ ଏକ ପ୍ରମୁଖ କାରଣ । ପ୍ରାଥମିକ ସ୍ତରରୁ ପିଲା ନୋଟ ବହି ପଢୁଛି । ଲେଖକ କ୍ଷୁବ୍ଧ ହୋଇଛନ୍ତି ଯେ ନୋଟ୍ ବହି ପଢ଼ି ଆମେ ଆମେରିକା ଋଷ, ବିଲାତ ପରି ପ୍ରଗତିଶୀଳତା ଆଣିପାରିବାନି । ଯେଉଁ ଦେଶରେ ମୌଳିକ ପୁସ୍ତକ ଲେଖା ହୋଇନାହିଁ ସେ ଦେଶରେ ମୌଳିକ ଚିନ୍ତାର ସ୍ଫୁରଣ ହୋଇପାରିବନି । ପୂର୍ବରୁ ପାଠ ପଢ଼ିବା ପାଇଁ ବିଶେଷ ସୁବିଧା ନ ଥିଲେ ମଧ୍ୟ ପାଠର ମାନଦଣ୍ଡ ଉଚ୍ଚ ଥିଲା । ମାଟ୍ରିକ୍ ପାଶ୍ କରିଥିବା ପିଲା ମାଜିଷ୍ଟ୍ରେଟ୍ କାମ ଚଳାଇ ଦେଉଥିଲେ । ମାତ୍ର ବର୍ତ୍ତମାନର ବି.ଏ ଛାତ୍ରଟିଏ ମାତୃଭାଷାରେ ଦରଖାସ୍ତଟିଏ ଲେଖିଲା ବେଳକୁ ପନ୍ଦରଟା ଭୁଲ କରୁଛି । ଶିକ୍ଷାର ମାନଦଣ୍ଡ ନିମ୍ନଗାମୀ ହୋଇ ତାହା ଅନୁମେୟ । ପ୍ରାଥମିକରୁ ଶିକ୍ଷାର ସର୍ବୋଚ୍ଚ ସ୍ତର ପି.ଏଚ୍.ଡ଼ି ପର୍ଯ୍ୟନ୍ତ ଏହି ଅବସ୍ଥା । ଆମ ଦେଶରେ ଗବେଷଣା କରୁଥିବା ଛାତ୍ରଙ୍କୁ କୌଣସି ପ୍ରବନ୍ଧ ଲେଖି କି ପ୍ରକାଶ କରି ପ୍ରବୀଣତାର ପରୀକ୍ଷା ଦେବାକୁ ପଡ଼େନି । ତେଣୁ ଭାରତବର୍ଷରେ ଶହ ଶହ ଉଚ୍ଚ

ଡ଼ିଗ୍ରୀଧାରୀ ବାହାରୁଥିଲେ ମଧ୍ୟ, ସେମାନଙ୍କ ଗୋଟିଏ ହେଲେ ଗବେଷଣା ଉଚ୍ଚ ଜ୍ଞାନରାଜ୍ୟର ସମ୍ମାନ ପାଇନାହିଁ । ତଳୁ ଉପର ଯଦି ଫାଙ୍କା ହୋଇଯାଏ ସ୍ୱାଧୀନ ଦେଶର ପ୍ରଗତି ହେବ ବା କିପରି ? ତେଣୁ ଲେଖକଙ୍କ ମତରେ ଶିକ୍ଷାକୁ ଶେଷ ସ୍ଥାନ ନ ଦେଇ ଶୀର୍ଷସ୍ଥାନ ଦେବା ସହ ପିଲା ଚିନ୍ତାର ମୌଳିକ ସ୍ଫୁରଣ ଓ ସୃଜନଶୀଳତାର ଉନ୍ମେଷ କରାଯାଇ ପାରିଲେ ଭାରତ ବର୍ଷର ବିକାଶ ସମ୍ଭବ ହୋଇପାରିବ ।

ବାସ୍ତବିକ ପ୍ରାବନ୍ଧିକ ଶିକ୍ଷା ସମସ୍ୟା ସମ୍ବନ୍ଧରେ ଯେଉଁ ଯୁକ୍ତିଯୁକ୍ତ ଓ ଉପସ୍ଥାପନ କରିଛନ୍ତି ତାହା କରଣୀୟ ।

**୩. ଆମ ଦେଶର ପରୀକ୍ଷା ପଦ୍ଧତି ଓ ଛାତ୍ରମାନଙ୍କ ଗୁଣାତ୍ମକ ମୂଲ୍ୟ ନିର୍ଦ୍ଧାରଣ ସଂପର୍କରେ ପ୍ରାବନ୍ଧିକଙ୍କ ମତର ସତ୍ୟତା ବିଚାର କର।**

**ଉ.** ବିଶିଷ୍ଟ ରାଜତତ୍ତ୍ୱବିତ୍ ଭାବେ ମୁଖ୍ୟତଃ ଅର୍ଜନ କରିଥିବା ଗୋଲୋକ ବିହାରୀ ଧଳ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ଜଣେ କୃତବିଦ୍ୟ ଲେଖକ । ଭାଷାଶାସ୍ତ୍ରରେ ସେ ଯେପରି ବିଜ୍ଞତାର ପରିଚୟ ଦେଇଛନ୍ତି; ପ୍ରବନ୍ଧ ସାହିତ୍ୟରେ ସେହିପରି ଉଚ୍ଚଚିନ୍ତା, ସୂକ୍ଷ୍ମ ପର୍ଯ୍ୟବେକ୍ଷଣ ଶକ୍ତିର ପରିଚୟ ଦେଇଛନ୍ତି । ଅନୁବାଦ ସାହିତ୍ୟ ଓ ଭ୍ରମଣ କାହାଣୀରେ ସେ ଜଣେ ସାରସ୍ୱତ ସର୍ଜନଶୀଳ ସ୍ରଷ୍ଟାର ସ୍ୱାକ୍ଷର ବହନ କରିଛନ୍ତି । ତାଙ୍କ ପ୍ରବନ୍ଧ ସଙ୍କଳନ 'ବିଚାର ଆଲୋଚନା'ରେ ସନ୍ନିବିଷ୍ଟ ପ୍ରବନ୍ଧ 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ଏକ ଜାତୀୟ ସମସ୍ୟା ଭିତ୍ତିକ ପ୍ରବନ୍ଧ । ଏହି ପ୍ରବନ୍ଧରେ ଲେଖକ ଜାତୀୟ ବିକାଶରେ ଶିକ୍ଷାର ଭୂମିକା ଉପରେ ଆଲୋକପାତ କରିବା ସହ ଆମ ଦେଶର ପରୀକ୍ଷା ପଦ୍ଧତି ଓ ଶିକ୍ଷାର ମାନଦଣ୍ଡ ଉପରେ ଅଙ୍ଗୁଳି ଉଠାଇଛନ୍ତି ।

eSikhay.in

ଆମ ଦେଶ ସ୍ୱାଧୀନ ହେବାର ପରବର୍ତ୍ତୀ କାଳରେ ଦେଶ ଉନ୍ନତି କଥା ଚିନ୍ତା କଲାବେଳେ ଶିକ୍ଷାକୁ ସବାଶେଷ ସ୍ଥାନରେ ବିଚାର କରାଯାଉଥିଲା । ଆମ ଦେଶର ଶିକ୍ଷାନୀତିରେ ଲେଖକ ସନ୍ତୁଷ୍ଟ ନୁହଁନ୍ତି । ପୁଣି ଶିକ୍ଷା ବ୍ୟବସ୍ଥାର ପରୀକ୍ଷା ପଦ୍ଧତିକୁ ସେ ସମାଲୋଚନା କରିଛନ୍ତି । ଭାରତବର୍ଷରେ ଶିକ୍ଷାବ୍ୟବସ୍ଥାର ମୂଳରୁ ଚୂଳ ପର୍ଯ୍ୟନ୍ତ ଯେଉଁ ପରୀକ୍ଷା ପଦ୍ଧତି ଅଛି ସେଥିରୁ ଛାତ୍ରର ଗୁଣାତ୍ମକ ମୂଲ୍ୟ ନିର୍ଦ୍ଧାରଣ କରିବା କଷ୍ଟକର ବ୍ୟାପାର । ଦିନକୁ ଦିନ ପରୀକ୍ଷା ବ୍ୟବସ୍ଥା ବଢ଼ି ବର୍ଷସାରା ପରୀକ୍ଷା ହେଉଛି । ପୂର୍ବରୁ ମାଇନର ଅପର ପ୍ରାଇମେରୀରେ ପରୀକ୍ଷା ନଥିଲା । ସେଠାରେ ପରୀକ୍ଷା ଚାଲୁ ହେବା ପରେ ପରୀକ୍ଷା ସମ୍ବନ୍ଧରେ ଯାହା ଶୁଣାପାଇବ ଥିଲା ତାହା ଶୁଣାଗଲା । ବର୍ଷସାରା ପରୀକ୍ଷା, ବର୍ଷ ସାରା ପରୀକ୍ଷା ଫଳ । ଲେଖକ ବ୍ୟଙ୍ଗ କରି କହିଛନ୍ତି ଯେ ହୀରାକୁଦ ବନ୍ଧରୁ ପାଣି ଝରିବା ପରି ପରୀକ୍ଷା ଫଳ ଆସ୍ତେ ଆସ୍ତେ ବାହାରୁଛି । ତ୍ରୁଟିପୂର୍ଣ୍ଣ ପରୀକ୍ଷା ପଦ୍ଧତିରେ ପିଲା ପାସ୍ କରିବା ପାଇଁ ଯତ୍‌ପରୋନାସ୍ତି ଚେଷ୍ଟା କରୁଛି। ପରୀକ୍ଷାରେ ଅସାଧୁ ଆଚରଣ, ପ୍ରଶ୍ନ ପତ୍ରର ଅନୁସନ୍ଧାନ, ପାସ୍ କରିବାର ଆଧୁନିକ କୌଶଳ ଶିକ୍ଷା କରିବା ଛଡ଼ା ଛାତ୍ର ମୁଣ୍ଡରେ ଆଉ କିଛି ପଶୁନି । ଆନ୍ଧ୍ରପ୍ରଦେଶର ଜଣେ ଛାତ୍ର ପ୍ରଶ୍ନ ପତ୍ର ବିକି ଆର୍ଥିକ ଫାଇଦା ଉଠାଇଥିବା ସମ୍ବାଦ ନିଶ୍ଚିତ ଭାବରେ ଶିକ୍ଷାନୀତି ପ୍ରତି ଏକ ଉପହାସ ।

ଦେଶର ପ୍ରଗତିଶୀଳତା ଦେଶବାସୀଙ୍କର ମୌଳିକ ଚିନ୍ତନ ଉପରେ ନିର୍ଭର କରେ। ମାତ୍ର ମୌଳିକ ଚିନ୍ତନ ଆସିବ କେଉଁଠୁ ? ପିଲା ଯଦି ପ୍ରାଥମିକ ସ୍ତରରୁ ନୋଟ ବହି ପଢ଼ି ପରୀକ୍ଷାରେ ପାଶ୍ କରି ଡ଼ିଗ୍ରୀ ହାସଲ କରେ ତେବେ ସେଥିରେ ପିଲା ନା ଦେଶ କେହି ଲାଭବାନ ହେବେନି । ନୋଟ୍ ବହି ପଢୁଥିବା ପିଲାର ମୌଳିକ ଚିନ୍ତାର ସ୍ଫୁରଣ ହୋଇପାରିବନି କି ସେ ମୌଳିକ ପୁସ୍ତକ ଲେଖିପାରିବନି । ଲେଖକ ପରିହାସ ଛଳରେ କହିଛନ୍ତି ନୋଟ ବହି ପଢ଼ି ଆମେ ବିଲାତ, ଋଷ, ଆମେରିକା ସହିତ ସମକକ୍ଷ ହେବାର ଆଶା କିପରି କରିବା ? ପୂର୍ବରୁ ମାଟ୍ରିକ୍ୟୁଲେସନ ପାଶ୍ କରିଥିବା ଜଣେ ଛାତ୍ର ମାଜିଷ୍ଟ୍ରେଟ୍‌ର କାମ ତୁଲାଇ ପାରୁଥିବାବେଳେ ବର୍ତ୍ତମାନର ଗ୍ରାଜୁଏଟ୍ ମାତୃଭାଷାରେ ଗୋଟେ ଦରଖାସ୍ତ ଲେଖିଲା ବେଳକୁ ପନ୍ଦରଟା ଅଶୁଦ୍ଧ ଶବ୍ଦ ଲେଖୁଛି । ଶିକ୍ଷାର ମାନଦଣ୍ଡ କେତେ ନିମ୍ନଗାମୀ ହୋଇଛି ତାହା ଅନୁମେୟ । ଶିକ୍ଷାର ପ୍ରାଥମିକ ସ୍ତରରୁ ଉଚ୍ଚସ୍ତର ଯାଏ ସବୁଠ ଏହି ମାନଦଣ୍ଡ ନିମ୍ନଗାମୀ ।

ଉଚ୍ଚଶିକ୍ଷାର ମାନଦଣ୍ଡ ସୂଚାଇବାକୁ ଯାଇ ଲେଖକ ହିନ୍ଦୁସ୍ଥାନ ଷ୍ଟାଣ୍ଡାର୍ଡ୍‌ରେ ଆଉଟ୍ ସାଇଡ୍‌ର ନାମରେ ଜଣେ 'The M.A. in Bengali' ଲେଖା ମାଧ୍ୟମରେ ଶିକ୍ଷାର ଗୁଣବତ୍ତାକୁ ଦର୍ଶାଇଥିଲେ । ଏହି ବିଭାଗରେ ଅନେକ ଛାତ୍ର ପ୍ରଥମ ଶ୍ରେଣୀ ପାନ୍ତି; ମାତ୍ର ପ୍ରଥମ ଶ୍ରେଣୀର ମୂଲ୍ୟ ନଥିବାରୁ ଡ଼ି.ଫିଲ କରନ୍ତି । ଡ଼ି.ଫିଲ ସଂଖ୍ୟା ବହୁତ ହେବାରୁ ଡ଼ି.ଲିଟ୍ କରନ୍ତି । ମାତ୍ର ଆଶ୍ଚାର୍ଯ୍ୟର କଥା ଡ଼ି.ଲିଟ୍ ପାଇଥିବା ଅଧିକାଂଶ ଛାତ୍ର ଭଲଛାତ୍ର ନଥିଲେ । ଏହା ଶିକ୍ଷାର ଅଧଃପତନ ସମଗ୍ର ଦେଶରେ ଏହି ଅବସ୍ଥା । ଆମ ଦେଶରେ ଗବେଷକମାନଙ୍କର ଅଭାବ ନାହିଁ; ମାତ୍ର ସେମାନଙ୍କର ଗୋଟିଏ ହେଲେ ଗବେଷଣା ଉଚ୍ଚ ଜ୍ଞାନ ରାଜ୍ୟରେ ସମ୍ମାନ ପାଇନାହିଁ । ଲେଖକ ଦୁଃଖ ପ୍ରକାଶ କରିଛନ୍ତି । ତଳ ଯାହା ଉପରଟା ଯଦି ଫାଙ୍କା ହୋଇଯାଏ । ସ୍ୱାଧୀନତାର ସ୍ୱାଦ କେଉଁଠୁ ଆସିବ ? ଲେଖକ ଶିକ୍ଷାକୁ ଉଚ୍ଚସ୍ଥାନ ଦେବା ସହ ପରୀକ୍ଷା ପଦ୍ଧତିର ପରିବର୍ତ୍ତନ ଓ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି ।

**ପ୍ର.୪. 'ଶିକ୍ଷାକୁ ଆମ ଦେଶରେ ଶେଷସ୍ଥାନ ନ ଦେଇ ଶୀର୍ଷସ୍ଥାନ' ଦେବା ପାଇଁ ପ୍ରାବନ୍ଧିକଙ୍କ ଯୁକ୍ତିର ଯଥାର୍ଥତା ବିଚାର କର ।**

**ଉ.** ପ୍ରଫେସର ଗୋଲୋକ ବିହାରୀ ଧଳ ଏକାଧାରରେ ଜଣେ ବିଶିଷ୍ଟ ଭାଷାତତ୍ତ୍ୱବିତ୍, ଆନୁବାଦକ, ଭ୍ରମଣ କାହାଣୀ ଲେଖକ ଓ ପ୍ରାବନ୍ଧିକ ଥିଲେ । ଶ୍ରୀ ଧଳ ମୁଖ୍ୟତଃ ଜାତୀୟ ସମସ୍ୟାକୁ ଆଧାର କରି ବହୁ ପ୍ରବନ୍ଧ ରଚନା କରିଛନ୍ତି । ଜାତୀୟ ସମସ୍ୟାର ଉପସ୍ଥାପନ ଓ ସମାଧାନରେ ସେ ନିଜର ସ୍ୱାଧୀନ ମତ ସ୍ପଷ୍ଟ ଭାବରେ ବ୍ୟକ୍ତ କରିଛନ୍ତି । 'ସ୍ୱାଧୀନ ଦେଶରେ ଶିକ୍ଷା ଚିନ୍ତା' ପ୍ରବନ୍ଧରେ ସେ ଶିକ୍ଷାର ଅଧଃପତନର କାରଣ ନିର୍ଦ୍ଧାରଣ କରିବା ସହ ସ୍ୱାଧୀନ ଭାରତର ଅବସ୍ଥାର ପରିବର୍ତ୍ତନ ପାଇଁ ଶିକ୍ଷାକୁ ଶୀର୍ଷସ୍ଥାନ ଦେବାକୁ ମତବ୍ୟକ୍ତ କରିଛନ୍ତି ।

ଜିଲ୍ଲାପରିଷଦ ପରିଚାଳିତ ଏକ ଆଞ୍ଚଳିକ ସଭାରେ ଲେଖକଙ୍କୁ ବିଚାର ଆଲୋଚନାର ସୁଯୋଗ ମିଳିଥିଲା । ସେଠାରେ ବିଚାରଯୋଗ୍ୟ ଯେତେ ବିଷୟ ଥିଲା ସେଥିରେ ଶିକ୍ଷାକୁ ସର୍ବଶେଷ ସ୍ଥାନ ଦିଆଯାଇଥିଲା । ଶିକ୍ଷାକୁ ସବାତଳ ସ୍ଥାନରେ ଦେଖି ଲେଖକ ଆଶ୍ଚର୍ଯ୍ୟ ହୋଇଥିଲେ । ମାତ୍ର ସେଦିନର ବିଚାର ଆଲୋଚନାରୁ ଯାହା ନିଷ୍କର୍ଷ ବାହାରିଲା, ସେଥିରେ ଶିକ୍ଷାକୁ ପ୍ରାଥମିକତା ଦିଆଯିବା ଆବଶ୍ୟକ । ସରକାର ଯୋଜନା ପରେ ଯୋଜନା କରୁଛନ୍ତି କିନ୍ତୁ ତା'ର ସୁଫଳ ମିଳୁନି କାରଣ ଲୋକଙ୍କର ବିଶେଷ ଶିକ୍ଷା ନାହିଁ । ମାଟିକୁ ପାଗ କରି ମଞ୍ଜି ପୋତିଲେ ଚଞ୍ଚଳ ଗଛ ଉଠିବା ପରି ମଣିଷ ମନକୁ ପ୍ରଥମେ ଶିକ୍ଷାରେ ସଜାଡ଼ି ଯୋଜନା କଥା କହିଲେ ସେ ବୁଝିପାରିବ । ଶିକ୍ଷା ଓ ଯୋଜନା ଭିତରେ ସମନ୍ୱୟ ଆଣିବାକୁ ହେଲେ ଯୋଜନାକୁ ଯେତିକି ଗୁରୁତ୍ୱ ଦିଆଯିବା ଦରକାର ଶିକ୍ଷାକୁ ତା'ଠାରୁ ଅଧିକ ଗୁଣର ଗୁରୁତ୍ୱ ଦିଆଯିବା ଆବଶ୍ୟକ । ଜାତିସଂଘ ତାଙ୍କ ରିପୋର୍ଟରେ ପ୍ରକାଶ କରିଛନ୍ତି ଯେ ଏସିଆର ଅଧିକାଂଶ ଦେଶରେ ବଡ଼ସମସ୍ୟା ହେଲା ଲୋକେ ଅଶିକ୍ଷିତ ଓ ନିରକ୍ଷର ହୋଇଥିବାରୁ ଉନ୍ନୟନ କାର୍ଯ୍ୟ ପଛରେ ପଡ଼ିଯାଉଛି । ତେଣୁ ଲେଖକଙ୍କର ଯୁକ୍ତି ଯେ ଶିକ୍ଷାକୁ ପ୍ରାଥମିକତା ଦିଆଯିବା ଉଚିତ୍ ।

ଆମ ଦେଶ ସ୍ୱାଧୀନ ହେବା ପରେ ଶିକ୍ଷା ପ୍ରସାର ନାଁରେ କେବଳ ଲମ୍ବାଲମ୍ବା ରିପୋର୍ଟ ଲେଖା ହୋଇଛି, ମାତ୍ର କୌଣସି ବସ୍ତୁର ପ୍ରକୃତ ମୌଳିକ ମୂଲ୍ୟ ବିଷୟରେ ଆମର ଚିନ୍ତା କରିବାକୁ ସମୟ ନାହିଁ । ପୁଣି ଆମ ଦେଶରେ ବିଶେଷଜ୍ଞଙ୍କର କୌଣସି ବିଶେଷ ମୂଲ୍ୟ ନଥାଏ । ଶାସକମାନେ ସବୁକଥା ନିୟନ୍ତ୍ରିତ କରନ୍ତି ଯାହାଦ୍ୱାରା ବିଶେଷଜ୍ଞମାନଙ୍କର କାମ କରିବାର ସ୍ପୃହା କମିଯାଉଛି । ଦେଶର ଅଗ୍ରଗତି ଯେତିକି ହେବା କଥା ହେଉନାହିଁ । ଶିକ୍ଷାର ସାଧାରଣ ସ୍ତରରେ ଯେଉଁ ଅଧୋଗତି ଦିନକୁ ଦିନ ଚାଲୁଛି ତାଦ୍ୱାରା ଦେଶ କ୍ଷତିଗ୍ରସ୍ତ ହେଉଛି । ଶିକ୍ଷାକ୍ଷେତ୍ରରେ ଶିକ୍ଷା କମିଶନ ବସି ଭାରତୀୟ ପରିସ୍ଥିତିର ସମୀକ୍ଷଣ କରୁଛନ୍ତି ।

ଲେଖକ ଆମ ଦେଶର ପରୀକ୍ଷା ପଦ୍ଧତିରେ ତ୍ରୁଟି ଥିବା ଦର୍ଶାଇ କହିଛନ୍ତି ଯେ ଯେଉଁ ପଦ୍ଧତିରେ ପରୀକ୍ଷା ହେଉଛି ସେଥିରୁ ଛାତ୍ରମାନଙ୍କର ଗୁଣାତ୍ମକ ମୂଲ୍ୟ ନିର୍ଦ୍ଧାରଣ କରିବା କଷ୍ଟକର ବ୍ୟାପାର । ପୁନଶ୍ଚ ନୋଟ୍-ବହିର ପ୍ରଚଳନ

ଛାତ୍ରର ମୌଳିକ ଚିନ୍ତା, ଭାବନା, ଅନୁସନ୍ଧିତ୍ସୁ ମନୋବୃତ୍ତିକୁ ନଷ୍ଟ କରିଦେଉଛି । ପିଲା ପ୍ରାଥମିକ ସ୍ତରରୁ ନୋଟବହି ପଢ଼ି, ପରୀକ୍ଷାରେ ପାସ୍ କରିବାର ଆଧୁନିକ କୌଶଳମାନ ଶିଖି ଡ଼ିଗ୍ରୀ ଅର୍ଜନ କଲେ, ପିଲାର ଗୁଣାତ୍ମକ ମାନର ଆଧୋଗତି ହେବ । ପାଠ ପଢ଼ିବା ପାଇଁ ଯେତେବେଳେ ସୁବିଧା ନଥିଲା, ସେତେବେଳେ ପାଠର ମାନଦଣ୍ଡ ବହୁ ଉଚ୍ଚରେ ଥିଲା । ମାତ୍ର ବର୍ତ୍ତମାନ ସବୁସୁବିଧା ଥାଇ ପାଠର ମାନଦଣ୍ଡ କମିଯାଉଛି । ଆମ ଦେଶରେ ପ୍ରାଥମିକରୁ ପି.ଏଚ୍‌ଡ଼ି ସବୁଠାରେ ସେଇ ସମାନ ଅବସ୍ଥା । ଭାରତବର୍ଷରେ ଶହ ଶହ ଉଚ୍ଚଡ଼ିଗ୍ରୀଧାରୀ ବାହାରୁଛନ୍ତି । ମାତ୍ର ସେମାନଙ୍କର ଗୋଟିଏ ହେଲେ ଗବେଷଣା ଉଚ୍ଚ ଜ୍ଞାନ ରାଜ୍ୟରେ ସମ୍ମାନ ପାଏ ନାହିଁ । ଏଭଳି ଏକ ଅଧୋମୁଖୀ ଶିକ୍ଷା ବ୍ୟବସ୍ଥାରେ ଭାରତ ତା'ର ସ୍ୱାଧୀନତାର ସ୍ୱପ୍ନକୁ କ'ଣ ପରିପୂରଣ କରିପାରିବ । ଲେଖକ ତେଣୁ ଯୁକ୍ତି କରିଛନ୍ତି ଶିକ୍ଷ୍ୟକୁ ଶେଷ ସ୍ଥାନ ନଦେଇ ଶୀର୍ଷସ୍ଥାନ ଦେଲେ ଅବସ୍ଥାର ପରିବର୍ତ୍ତନ ହେବା ସହ ଏକ ବିକଶିତ ଭାରତ ଜନ୍ମନେବ । ବିଲାତ, ଆମେରିକା ଋଷ ପରି ବିଶ୍ୱର ଶ୍ରେଷ୍ଠ ଦେଶ ସହ ସମକକ୍ଷ ହୋଇପାରିବ ।

ବାସ୍ତବରେ ପ୍ରାବନ୍ଧିକଙ୍କର ଯୁକ୍ତିର ଯଥାର୍ଥତା ରହିଛି ।

❑❑❑

# ଦ୍ୱିତୀୟ ଏକକ

# ପଦ୍ୟ

## ବଡ଼ପଣ

ରାଧାନାଥ ରାୟ

**କବି ପରିଚୟ (୧୮୪୮–୧୯୦୮) :**

ମଧ୍ୟଯୁଗୀୟ ଓଡ଼ିଆ କାବ୍ୟସୁନ୍ଦରୀଙ୍କ ଲାସ୍ୟମୟୀ ଝଙ୍କାର ଯେଉଁ ସମୟରେ କ୍ରମଶଃ ନିସ୍ତବ୍ଧ ହୋଇ ଆସୁଥିଲା, ଯେଉଁ ସମୟରେ କ୍ରମଶଃ ନିସ୍ତବ୍ଧ ହୋଇଆସୁଥିଲା, ଯେଉଁ ସମୟରେ ଉତ୍କଳର ଜନ ସମାଜ ଶିକ୍ଷା, ଶାସନ, ବାଣିଜ୍ୟ, ଶିଳ୍ପ ଓ ରାଜନୀତି ପ୍ରଭୃତି ସାମାଜିକ ବିକାଶର ଅନୁନ୍ନତ ସ୍ତରରେ ଅବସ୍ଥାନ କରୁଥିଲେ, ପଡ଼ୋଶୀ ଅଣଓଡ଼ିଆମାନଙ୍କ ଦ୍ୱାରା ଓଡ଼ିଆ ଭାଷା ଓ ସାହିତ୍ୟର ବିଲୋପ ସାଧନ ନିମିତ୍ତ ଯେତେବେଳେ ପ୍ରବଳ ଉଦ୍ୟମ ଚାଲିଥିଲା ଏବଂ ଓଡ଼ିଶା ପ୍ରଦେଶକୁ ଖଣ୍ଡ ବିଖଣ୍ଡିତ କରି ଏହାର ଅସ୍ତିତ୍ୱ ଲୋପକରିବା ନିମିତ୍ତ ଅପଚେଷ୍ଟା ଚାଲିଥିଲା, ଓଡ଼ିଶାର ଏହିପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଯୁଗପ୍ରବର୍ତ୍ତକ କବିବର ରାଧାନାଥ ରାୟଙ୍କ ଆବିର୍ଭାବ ଏହି ଦେଶର ସାରସ୍ୱତ ରାଜ୍ୟରେ ଏକ ଉଲ୍ଲେଖଯୋଗ୍ୟ ବିଷୟ ।

**(ଘ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ତିରିଶଟି ଶବ୍ଦରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୨ ନମ୍ବର ରହିବ ।**

**ପ୍ର.୧. ପୂର୍ବପୁରୁଷଙ୍କ ପ୍ରତିଷ୍ଠା ବିଷୟରେ କବି କି ସୂଚନା ଦେଇଛନ୍ତି ?**

**ଉ.** କବି – ରାଧାନାଥ ରାୟ

କବିତା – ବଡ଼ପଣ

ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଦିନେ ଏହି ଉତ୍କଳର କୀର୍ତ୍ତିକାର୍ଯ୍ୟ ବ୍ୟାପି ଯାଇଥିଲା । ବହିଃଶତ୍ରୁ ଏ ଦେଶକୁ ଆକ୍ରମଣ କରିବାକୁ ପ୍ରମାଦ ଗଣୁଥିଲା । ଏବେ ମଧ୍ୟ ଏକାମ୍ରକାନନର ଲିଙ୍ଗରାଜ ମନ୍ଦିର ଓ କୋଣାର୍କ ମନ୍ଦିରରେ ଉତ୍କଳୀୟ ଚାରୁକଳା ଓ ବୀରତ୍ୱ ଭାସ୍ୱର ହୋଇ ରହିଛି । ରାଜାମାନଙ୍କ ପିତୃପୁରୁଷମାନଙ୍କ ପାଖରେ କେଶରୀର ବଳ ଥିଲା ।

**ପ୍ର.୨. ଉତ୍କଳର ପୂର୍ବ ସମ୍ରାଟମାନଙ୍କର ପରିଚୟ କିପରି ଥିଲା ?**

**ଉ.** କବି – ରାଧାନାଥ ରାୟ

କବିତା – ବଡ଼ପଣ

ଉତ୍କଳର ପୂର୍ବ ସମ୍ରାଟମାନେ ତାଙ୍କର ପ୍ରତିଭାକୁ ବଜାୟ ରଖିଥିଲେ । ସେମାନେ ସଦାସର୍ବଦା ବହ୍ନିଶିଖା ପରି ଊର୍ଦ୍ଧ୍ୱଗାମୀ ଥିଲେ । ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ବିଜୟୀ ହେବାପାଇଁ ସଜାଗ ରହୁଥିଲେ ।

**ପ୍ର.୩. "ରାଜା ପ୍ରଜା ଏବେ ହେଲେ ବାଜପାରା" – କେଉଁ ପ୍ରସଙ୍ଗରେ କୁହାଯାଇଛି ?**

**ଉ.** କବି – ରାଧାନାଥ ରାୟ

କବିତା – ବଡ଼ପଣ

ରାଜା ପ୍ରଜା ହେଲେ ଏବେ ବାଜପାରା । ଛଞ୍ଚାଣ ଯେପରି ପାରାକୁ ଆକ୍ରମଣ କରି ତା'ର 'ମୃତ୍ୟୁ' ସାଧନ କରିଥାଏ, ସେହିପରି ରାଜାମାନେ ପ୍ରଜାଙ୍କୁ ପୋଷଣ କରି ସେମାନଙ୍କୁ ଦୀନହୀନ କରି ଦେଇଥିଲେ ।

**ପ୍ର.୪. ଧନ ଅର୍ଜନ ଓ ଏହାର ସୁବ୍ୟୟ କିପରି ହୋଇପାରିବ ବୋଲି କବି ପରାମର୍ଶ ଦେଇଛନ୍ତି ?**

**ଉ.** କବି – ରାଧାନାଥ ରାୟ

କବିତା – ବଡ଼ପଣ

କୁବେର ପରି ଧନକୁ ଜଗି ବସିଲେ କିଛି ଲାଭ ନାହିଁ । ସଫଳତାର ସହିତ ଧନକୁ ଯଥାର୍ଥ ଭାବରେ ଖର୍ଚ୍ଚ କରିବା ଉଚିତ୍ ।

**ପ୍ର.୫. ଆଲେକ୍‌ଜାଣ୍ଡାରଙ୍କର ଶେଷ ଇଚ୍ଛା କ'ଣ ଥିଲା ?**

**ଉ.** କବି – ରାଧାନାଥ ରାୟ

କବିତା – ବଡ଼ପଣ

ବିଶ୍ୱବିଜୟୀ ଆଲେକ୍‌ଜାଣ୍ଡାରଙ୍କର ଶେଷ ଇଚ୍ଛା ଥିଲା ମଲାବେଳେ ପିଣ୍ଡରୁ ପ୍ରାଣ ଛାଡ଼ିଯାଏ । ପିଣ୍ଡରୁ ପ୍ରାଣ ଛାଡ଼ିଗଲାପରେ ବନ୍ଧୁମାନେ କୋକେଇରେ ବାନ୍ଧି କରି ନେଇଥାନ୍ତି । ଛଅଖଣ୍ଡ କାଠ ଉପରେ ଶୁଆଇ ଦିଆଯାଇଥାଏ । ବେନି ହାତକୁ ଦୁଇ ପଟକୁ ଝୁଲାଇ ଦିଆଯାଇଥାଏ । ଏହାର ଅର୍ଥ ଆସିଥିଲି ଶୂନ୍ୟ ହସ୍ତେ ବୋଲି କୁହାଯାଇଥାଏ ।

**ପ୍ର.୬. 'ଘୁଷ୍ଟି ମୁଖେ ଢାଳି ଯଜ୍ଞ କୁଣ୍ଡ ଘୃତ' କେଉଁ ପ୍ରସଙ୍ଗରେ କୁହାଯାଇଛି ବୁଝାଇ ଦିଅ ।**

**ଉ.** କବି – ରାଧାନାଥ ରାୟ

କବିତା – ବଡ଼ପଣ

'ଘୁଷ୍ଟି ମୁଖେ ଢ଼ାଳି ଯଜ୍ଞ, କୁଣ୍ଡ ଘୃତ ହୋଇ ଅର୍ଥ ପାପାର୍ଜିତ ଧନ ଗ୍ରହଣ କରି ଲୋକମାନଙ୍କ ପାପ ଅର୍ଜନ କରି ଚାଲିଛନ୍ତି । ଘୁଷୁରି ମୁଖରେ ଘିଅ ଢାଳିବା ପରି ଯାହା ପାପ ଅର୍ଜିତ ଧନ ଗ୍ରହଣ କରି ପାପ ଅର୍ଜନ କରିବା ତାହା ଉକ୍ତ ପଂକ୍ତିଟିକୁ ପାପ ଅର୍ଜନ ପ୍ରସଙ୍ଗରେ କୁହାଯାଇଛି ।

**ପ୍ର.୭. ରାଜା ଓ ଜମିଦାରଙ୍କ ଅର୍ଥ କିପରି ଅପବ୍ୟୟିତ ହୋଇଥିଲା ବୋଲି କବି ଉଲ୍ଲେଖ କରିଛନ୍ତି ?**

**ଉ.** କବି – ରାଧାନାଥ ରାୟ

କବିତା – ବଡ଼ପଣ

ରାଜା ଜମିଦାରମାନେ ଗଣିକା, ଓକିଲ ଓ ସାଧୁଅ (ପାଖ ଲୋକ)କୁ ପୋଷି ଅର୍ଜିତ ଅର୍ଥକୁ ଅପବ୍ୟୟ କରିଥାନ୍ତି ।

**ପ୍ର.୮. ମଣିଷ ଜୀବନରେ କାଳର ମହତ୍ତ୍ୱକୁ କବି କିପରି ବର୍ଣ୍ଣନା କରିଛନ୍ତି ?**

**ଉ.** କବି – ରାଧାନାଥ ରାୟ

କବିତା – ବଡ଼ପଣ

କାଳର ଅର୍ଥ ମୃତ୍ୟୁ । ସେ ସର୍ବଶକ୍ତିମାନ ଏବଂ ସର୍ବ କ୍ଷେତ୍ରରେ ତା'ର ସ୍ଥିତି ବିଦ୍ୟମାନ । ଦୁର୍ଲଙ୍ଘନୀୟ ତା'ର ରାଜୁତି । ସେ ଅବିଶ୍ୱସନୀୟ । ବଡ଼ ନିଷ୍ଠୁର ଏବଂ କ୍ରୁର । ତାକୁ ଯିଏ ବିଶ୍ୱାସକୁ ନିଏ ନାହିଁ ସେ ତା'ର ପ୍ରଥମ ଶିକାର ହୁଏ । ବଜ୍ର ଦାନ୍ତରେ ତାକୁ ଚୂର୍ଣ୍ଣ ବିଚୂର୍ଣ୍ଣ କରେ । ତେଣୁ ତାକୁ ବିଶ୍ୱାସକୁ ନେଇ କାର୍ଯ୍ୟ କଲେ ଧର୍ମ ବଳରେ ବଡ଼ପଣ ହାସଲ କରିହୁଏ । ସେହି ବଡ଼ପଣ ପାଖରେ ତା'ର ବଜ୍ରଦନ୍ତ କାମ କରେ ନାହିଁ । ତା' ପାଖରେ କାଳ ପରାସ୍ତ ହୋଇଥାଏ । ସେହିଭଳି ବ୍ୟକ୍ତି ମରି ମଧ୍ୟ ଅମର ହୋଇଥାଏ ।

**ପ୍ର.୯. କେଉଁ ଦୁଃଖରୁ ନିସ୍ତାର ଲାଭ କରିବାପାଇଁ ହୁସିଆର ହୋଇ ରହିବାକୁ କବି ପରାମର୍ଶ ଦେଇଛନ୍ତି ?**

**ଉ.** କବି – ରାଧାନାଥ ରାୟ

କବିତା – ବଡ଼ପଣ

ମନୁଷ୍ୟର ମାୟା ଯେତେ ବଢ଼ିବଢ଼ି ଯିବ ଯମ ତାକୁ ସେହିପରି ଚାଲିଯିବ, ସେହି ଯମ ଯନ୍ତ୍ରଣାରୁ ରକ୍ଷା ପାଇବା ପରି ଧର୍ମଅର୍ଜନ କରି ଯମଯନ୍ତ୍ରଣା ପାଇଁ ଆଗରୁ ହୁସିଆର ହେବାକୁ ହେବ ।

**ପ୍ର.୧୦. ଜନ୍ମ ଅନୁରୂପରେ ପାଇଥିବା ବଡ଼ପଣ ସଫଳ ହେବ କିପରି ?**

**ଉ.** କବି – ରାଧାନାଥ ରାୟ

କବିତା – ବଡ଼ପଣ

ମନୁଷ୍ୟ ବେଳ ଥାଉଥାଉ ଧର୍ମ ଅର୍ଜନ କରି ଜନ୍ମ ଅନୁରୂପ କର୍ମଫଳ ଦେଖାଇବା ଉଚିତ୍ । ଏହି ସମୟରେ ଜନ୍ମଗ୍ରହଣ କରି ଧର୍ମ ଅର୍ଜନ ଦ୍ୱାରା ବଡ଼ପଣକୁ ସୁଫଳ କରିହେବ ବୋଲି କବି କହିଛନ୍ତି ।

**ପ୍ର.୧୧. ଉଚ୍ଚତର ଗତି କିପରି ଲାଭ କରାଯାଇପାରେ ବୋଲି କବି କହିଛନ୍ତି ?**

**ଉ.** କବି – ରାଧାନାଥ ରାୟ

କବିତା – ବଡ଼ପଣ

ମନୁଷ୍ୟ ଧର୍ମ ଅର୍ଜନ କରି ତଥା ଆଧ୍ୟାତ୍ମିକ ଭାବରେ ବଶବର୍ତ୍ତୀ ହୋଇପାରିଲେ ଉଚ୍ଚ ହୋଇ ଉଚ୍ଚତର ଗତି ଲାଭ କରିପାରିବା ।

**ପ୍ର.୧୨. 'ବଡ଼ପଣ' ନିନ୍ଦା କରିବାର ଯଥାର୍ଥତା ବିଚାର କର ।**

**ଉ.** କବି – ରାଧାନାଥ ରାୟ

କବିତା – ବଡ଼ପଣ

ବଡ଼ପଣ ହେଉଛି ଧର୍ମପଣ । ଏହାକୁ ଲାଭ କରିବା କଠିନ ବ୍ୟାପାର । ବଡ଼ପଣକୁ ଗ୍ରହଣ କରିପାରିଲେ କାଳ ପାଖକୁ ପ୍ରବେଶ କରିପାରିବ ନାହିଁ । ଧର୍ମପଣ ଥିଲେ ଯମର ବଜ୍ରଦଣ୍ଡ ଭାଙ୍ଗିଯିବ । ବଡ଼ପଣ ଏପରି ଟାଣ ବା ନିନ୍ଦା ଏହା ଭାଙ୍ଗିଯାଏ ନାହିଁ ।

## (ଙ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ । ପ୍ରଶ୍ନର ମୂଲ୍ୟ ୫ ନମ୍ବର ।

**ପ୍ର.୧. 'ବଡ଼ପଣ' କବିତାର ସାରମର୍ମ ନିଜ ଭାଷାରେ ଲେଖ ।**

**ଉ.** ସକଳ ଶିଳ୍ପଗୌରବ ମଧ୍ୟରେ ଯେଉଁମାନେ ରୂପ ପ୍ରାଣତାର ଅକ୍ଷୟ ମୁଦ୍ରା ଅଙ୍କନ କରିଛନ୍ତି ତନ୍ମଧ୍ୟରୁ ଯୁଗସ୍ରଷ୍ଟା ରାଧାନାଥ ଅଗ୍ରଗଣ୍ୟ । ରାଧାନାଥ ସୃଷ୍ଟିର କାବ୍ୟ ପରିଧି ଏକ ସ୍ୱତନ୍ତ୍ର ଦୀପ୍ତିରେ ଉଦ୍‌ଭାସିତ । ତା'ର ବାତାବରଣ ଏକ ନୂତନ ମୌସୁମୀରେ ପରିପୂର୍ଣ୍ଣ । ରାଧାନାଥ ଏକ ପକ୍ଷରେ ପ୍ରାଚୀନର ଅସ୍ତରାଗ ଏବଂ ଅନ୍ୟ ପକ୍ଷରେ ଆଧୁନିକର ଅଗ୍ରଦୂତ ଓ ପୂର୍ବରାଗ । ଯେ କୌଣସି କବି ପକ୍ଷରେ ତା'ର ପ୍ରାଚୀନ କାବ୍ୟ - ଐତିହ୍ୟକୁ ସଂପୂର୍ଣ୍ଣ ଅସ୍ୱୀକାର କରିବା ଯେପରି

ଅସମ୍ଭବ ରାଧାନାଥଙ୍କ ପକ୍ଷରେ ରୀତିଯୁଗର ସମୃଦ୍ଧ କାବ୍ୟ ସାହିତ୍ୟକୁ ସଂପୂର୍ଣ୍ଣ ପରିହାର କରିବା ସେହିପରି ଅସମ୍ଭବ ହୋଇ ପଡ଼ିଥିଲା । ତେଣୁ ରୀତିଯୁଗର କାବ୍ୟ ପଦ୍ଧତି, ତା'ର ଭାଷା ବିନ୍ୟାସ ଓ ଭୂଷଣ ସୌନ୍ଦର୍ଯ୍ୟର ପ୍ରଭାବ ରାଧାନାଥ ସୃଷ୍ଟିର ବହୁ ସ୍ଥଳରେ ପ୍ରତିଫଳିତ ହୋଇଥିବା ସ୍ୱାଭାବିକ ।

ରାଧାନାଥ ଓଡ଼ିଆ ରୋମାଣ୍ଟିକ୍ କାବ୍ୟ ପ୍ରବାହର ଭଗୀରଥ ଭାବରେ ଏ ଦେଶର କାବ୍ୟ ଲକ୍ଷ୍ମୀଙ୍କୁ ଦେଇଛନ୍ତି ଦୁର୍ବହ ଭୂଷଣ ଭାରର ପୀଡ଼ାରୁ ମୁକ୍ତି । କବିତାକୁ କରିଛନ୍ତି ଅଧିକତର ସନ୍ଧାନ ଧର୍ମୀ । 'କେଦାର ଗୌରୀ', 'ଚନ୍ଦ୍ରଭାଗା', 'ନନ୍ଦିକେଶ୍ୱରୀ', 'ମହାଯାତ୍ରା,' 'ପାର୍ବତୀ', ଆଦି କାବ୍ୟ ରଚନା କରି ପ୍ରକୃତି ପ୍ରେମର ମଧ୍ୟ ଦେଇ ସେ ହୋଇଛନ୍ତି ଜୀବନ ପ୍ରେମୀ ଓ ଜୀବନ ସନ୍ଧାନୀ। ଦୁଃଖ ନିକଟରେ ତାଙ୍କର ପ୍ରତ୍ୟେକ ସୃଷ୍ଟି ପରୀକ୍ଷିତ, ରସାଣିତ ଓ ଉତ୍ତୀର୍ଣ୍ଣ । ସୃଷ୍ଟିର ଦକ୍ଷତା ଓ ପ୍ରତିଭାକୁ ଯେପରି ପ୍ରକାଶ କରିଛି, ତା'ର ସାର୍ଥକ ପଟାନ୍ତର ସମଗ୍ର ଓଡ଼ିଆ କାବ୍ୟ ସାହିତ୍ୟରେ ଦୁର୍ଲ୍ଲଭ । ଆଲୋଚ୍ୟ କବିତା 'ବଡ଼ପଣ' ତାଙ୍କ ବଳିଷ୍ଠ ବ୍ୟକ୍ତିତ୍ୱର ସୁପ୍ରସିଦ୍ଧ ବ୍ୟଙ୍ଗ କାବ୍ୟ 'ଦରବାର'ର କିଛି ଅଂଶ । ଏଥିରେ କବି ଓଡ଼ିଶାର ରାଜା-ଜମିଦାର ବର୍ଗର ଲୋକଙ୍କୁ ବ୍ୟଙ୍ଗ କରି ସେମାନଙ୍କର ବୃଥା ବଡ଼ିମାର ଅସାରତାକୁ ଉଲ୍ଲେଖ କରିଛନ୍ତି । ମହାକାଳର କ୍ରୂରତା ପାଖରେ ସମସ୍ତେ ଶକ୍ତିହୀନ । ମାତ୍ର ଧର୍ମ ଦ୍ୱାରା ନିଜର ପରିଚୟ ଦେଇ ବଡ଼ପଣ ହାସଲ କରିବାକୁ ପ୍ରକାରାନ୍ତରେ କବି ପରାମର୍ଶ ଦେଇଛନ୍ତି ।

ଓଡ଼ିଶାର କଟକରେ ଥିବା ବାରବାଟୀ ଦୁର୍ଗରେ ବିଶ୍ୱ ବିଖ୍ୟାତ ନକ୍ଷତ୍ର ବିଜ୍ଞାନୀକୁ ସମ୍ବର୍ଦ୍ଧିତ କରିବା ପରିପ୍ରେକ୍ଷୀରେ ସବୁ ରାଜା, ଜମିଦାର ଶ୍ରେଣୀୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ । ଗଡ଼ଜାତର ରାଜା ଏବଂ ସମ୍ଭ୍ରାନ୍ତ ଶ୍ରେଣୀୟ ବ୍ୟକ୍ତିମାନଙ୍କର ଆତ୍ମବଡ଼ିମା, ଦାମ୍ଭିକତାକୁ ସହଜରେ କବି ସହ୍ୟ କରିପାରି ନ ଥିଲେ । ତେଣୁ ସେମାନଙ୍କର ସେହି ବ୍ୟର୍ଥ ଅହମିକାର ଅସାରତାକୁ କବିତାରେ ଧାର୍ମିକ ଚେତନାରେ ରସୋତ୍ତୀର୍ଣ୍ଣ କରିଛନ୍ତି । ଐତିହ୍ୟ, ଯଶକୀର୍ତ୍ତି ସୁନାମ ପାଖରେ କବିଙ୍କ ସମୟର ରାଜା ଜମିଦାରମାନଙ୍କ ସ୍ଥିତି କିପରି ନଗଣ୍ୟ ଓ ହେୟ ତାହାର ଚମତ୍କାର ବର୍ଣ୍ଣନା କରିଛନ୍ତି । ପୂର୍ବ ଗୌରବ, ପ୍ରତିଷ୍ଠାକୁ କେବଳ ବିକି ଭାଙ୍ଗି ଚଳିବାର ପ୍ରୟାସ କରିବାରେ ଭାବନାକୁ କବି ବ୍ୟଙ୍ଗ କରିଛନ୍ତି । ବିଦେଶୀ ଶାସକର ନିଷ୍ଠୁର ଆଚରଣକୁ ଆପଣେଇ ସେମାନେ ନିଜକୁ ବିଳାସ ବ୍ୟସନରେ ପ୍ରତିଷ୍ଠା କରାଉଥିଲେ । ବିଶାଳ ସାମ୍ରାଜ୍ୟ ପରିବର୍ତ୍ତେ ବରଂ ପ୍ରଜାମାନଙ୍କର ପୀଡ଼କ ସାଜୁଥିଲେ । ପ୍ରଜାରାଜାଙ୍କ ସୁସଂପର୍କରେ ରାଜଧର୍ମ ଭୁଲି ଲକ୍ଷଶୋଷୀ ହୋଇଯାଉଥିଲେ । ପ୍ରଜାପୀଡ଼କ ଭାବରେ ନିରୀହ ପ୍ରଜାଙ୍କ ଧନ ରତ୍ନ ପାରିଶ୍ରମିକକୁ ଆତ୍ମସାତ୍ କରିବାର ଦୁର୍ବାର ଲାଳସା ଜାଗ୍ରତ ହେଉଥିଲା । ଜୀବନରୁ ମାନବିକ ଗୁଣ ଅପସରି ଯାଉଥିଲା । ସେହି ପ୍ରଜା ପୀଡ଼କ ନରହତ୍ୟାକାରୀମାନଙ୍କର ବୃଥା ଆସ୍ଫାଳନକୁ ଉଦାର ବ୍ୟକ୍ତିତ୍ୱରେ ବିଶ୍ଳେଷଣ କରିଛନ୍ତି ।

ଧନ, ଜୀବନ ଓ ଯୌବନ କ୍ଷଣସ୍ଥାୟୀ । ଏହାର ଅସାରତା, କ୍ଷଣଭଙ୍ଗୁରତାକୁ କବି କବିତାରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି । ମହାକାଳର ମହାଶକ୍ତି ପାଖରେ ଏମାନେ ନିଷ୍ପ୍ରଭ । ମୃତ୍ୟୁ ଅନିବାର୍ଯ୍ୟ । ସେ ଅପ୍ରତ୍ୟାଶିତ ଭାବେ କେତେବେଳେ କାହା ପାଖରେ ପହଞ୍ଚେ ତା'ର ଇୟତ୍ତା ନାହିଁ । ତେଣୁ ସର୍ବଦା ମୃତ୍ୟୁ ପ୍ରତି ସଚେତନ ହୋଇ କାର୍ଯ୍ୟ କରିବା ଉଚିତ୍ । ଫୁଟା ମାଠିଆରୁ ପାଣି ସରି ଆସିଲା ଭଳି ଆୟୁ ପ୍ରତି କ୍ଷଣ ସରି ସରି ଆସୁଥାଏ । ସେ ବାଛ ବିଚାର ରଖେ ନାହିଁ । ସମସ୍ତଙ୍କୁ ଅଚିରେ ନେଇଯିବାର ଦୁର୍ଲଙ୍ଘନୀୟ ଶକ୍ତି ତା' ପାଖରେ ଅଛି ।

କାଳ ଦୂରବର୍ତ୍ତୀ ଜାଣି ଯିଏ ଉପହାସ କରେ ସେ ଆସି ତା' ପଛରେ ସତର୍କତାର ସହ ପହଞ୍ଚିଥାଏ । ନୀତିକାଳ ଜାଣି ରାଜା ଯେପରି ଛାମୁରେ ହାଜର ହୁଏ ଅନୁରୂପ ଭାବରେ କାଳ ବେଳଜାଣି ପାଖରେ ହାଜର ହୋଇଥାଏ । ସେ ନିତ୍ୟଗାମୀ ରଥରେ ଘୂରି ଘୂରି ଆଗମନ କରିଥାଏ । ବ୍ୟକ୍ତିର ଆୟୁ ବଢ଼ିଲା ଭଳି ତା'ର ମାୟାର ଡେର ବେଶୀ ଲମ୍ବି ଯାଇଥାଏ । ଯାହାର ମାୟାର ଛାୟା ବୃଦ୍ଧି ହୋଇଥାଏ ତାହାକୁ କାଳ ନେବାରେ ସେତେ ଯମ ଯନ୍ତ୍ରଣାର ଶିକାର ହେବାକୁ ପଡ଼େ । ବେଳ ଥାଉଁ ଥାଉଁ ଏ ଚେତନ ପ୍ରତି ହୁସିଆର ହେବାକୁ କବି ସତର୍କ କରାଇଛନ୍ତି ।

କବିଙ୍କ ଭାଷାରେ –

"ଆୟୁ- ସୂର୍ଯ୍ୟ ଯାଏ ତଳେ ଯେତେ ଗଡ଼ି
ତୁମ୍ଭ ମାୟା ଯାଏ ଛାୟା ପରି ବଢ଼ି
ମାୟା - ଡେର ତଳେ ଭେଦିବ ଯେତିକି
ଅନ୍ତକ ରଗଡ଼େ ଝିଙ୍କିବ ତେତିକି
ସେ କଠିନ ଝିଙ୍କା ଝିଙ୍କିରୁ ନିସ୍ତାର –
ଲାଭ ଲାଗି ଆଗୁଁ ହୁଅ ହୁସିଆର ।"

ବାସ୍ତବିକ୍ ବେଳ ଥାଉଁ ଥାଉଁ ଜନ୍ମ ଗ୍ରହଣ ପୂର୍ବକ ସୁକର୍ମ ସହ ଧର୍ମ ଅର୍ଜନ କରିବା ଉଚିତ୍ । ମୃତ୍ୟୁକାଳୀନ ଦୁଃଖରୁ ମୁକ୍ତି ପାଇବାର ଏକମାତ୍ର ଉପାୟ ହେଲା ଧର୍ମ । କବିଙ୍କ ମତରେ ଧର୍ମର ଅର୍ଥ ଜନ୍ମ, ଅନୁରୂପ କର୍ମ । ଯେ ଯେଉଁଠାରେ ଜନ୍ମ ହୋଇଛି ତା'ର ଅନୁରୂପ କର୍ମ ହିଁ ତାକୁ ଧର୍ମ ଫଳ ପ୍ରାପ୍ତ ହୋଇଛି । ଏ ସଂସାର ବାରିଧିରୁ ଉଦ୍ଧାର ପାଇବା ପାଇଁ ଈଶ୍ୱର ଧର୍ମ ନାମକ ଏକ ପୋତ ରଖିଛନ୍ତି ।

ଧର୍ମ ବ୍ୟତୀତ ଏ ସଂସାରରେ ସବୁକିଛି ଅଢ଼େଇ ଦିନ । ମନୁଷ୍ୟ ପାଖରେ ଥିବା ଧର୍ମ ତା'ର ନିଜସ୍ୱ ସଂପତ୍ତି । ଏହାକୁ କେହି ତା' ପାଖରୁ ଛଡ଼ାଇ ନେଇ ପାରିବେ ନାହିଁ । ଏହି 'ବଡ଼ପଣ' ହାସଲ କଲେ ସେ ଯମଦଣ୍ଡରୁ ତ୍ରାହି ପାଏ । ବଡ଼ପଣର ସୌରଭ ଚତୁର୍ଦ୍ଦିଗକୁ ପ୍ରସରିଯାଏ । ଏହା ହିଁ ପ୍ରତ୍ୟେକ ବ୍ୟକ୍ତି ପାଇଁ ବାଞ୍ଛନୀୟ ହେବା ଉଚିତ୍ । ଏ ଧର୍ମ ଅନୁଯାୟୀ କର୍ମ କଲେ ଦ୍ୟୁଲୋକ ସାଧନୀ ହୋଇଥାଏ, ତ୍ୱକସାର ବଡ଼ପଣ ସର୍ବଦା ପରିତ୍ୟଜ୍ୟ । ପାର୍ଥିବ ଲାଳସାଯୁକ୍ତ ବଡ଼ପଣ ବାସ୍ତବରେ ବଡ଼ପଣ ନୁହେଁ । ସଂସାରର ଏହି ଲୌକିକ ଜ୍ଞାନରୁ ବିରତ ହୋଇ ଆଧାତ୍ମିକ ଚେତନାରେ କାର୍ଯ୍ୟ କଲେ ମନୁଷ୍ୟ ଉଚ୍ଚ ସ୍ଥାନ ସ୍ୱରୂପ ବଡ଼ପଣ ପ୍ରାପ୍ତ ହୋଇଥାଏ । ଉଚ୍ଚମନା ଉଚ୍ଚ ଅମୃତ ଲାଭ କରି ଉଚ୍ଚତର ଗତି କରିବାରେ ସମର୍ଥ ହୋଇଥାଏ । ଦରବାରରେ ଉପସ୍ଥିତ ହୋଇଥିବା ରାଜା ଜମିଦାରମାନଙ୍କୁ ପ୍ରତି କବିଙ୍କର ଥିଲା ଏହା ସୁଚିନ୍ତିତ ପରାମର୍ଶ ।

କବି ତାଙ୍କ ବଡ଼ପଣ କବିତାରେ ବଡ଼ପଣର ମହାତ୍ମ୍ୟ ପ୍ରକାଶ କରିବାରେ ନିଜ ଐଶୀ ଚେତନାର ସ୍ୱଚ୍ଛ ପ୍ରତିଫଳନ ଘଟାଇଛନ୍ତି ।

**ପ୍ର.୨. ମଣିଷ କିପରି ଉଚ୍ଚ ହୋଇ ଉଚ୍ଚତର ଗତିଲାଭ କରିପାରିବ ପଠିତ 'ବଡ଼ପଣ' କବିତା ଅବଲମ୍ବନ କରି – ଆଲୋଚନା କର ।**

IMP 2022

**ଉ.** ରାଧାନାଥ ରାୟ ଥିଲେ ଆଧୁନିକ ଓଡ଼ିଆ ସାହିତ୍ୟର ଯୁଗ ମାନ୍ତ୍ରିକ, ପଥୀକୃତ ସ୍ରଷ୍ଟା । ନବ ଯୁଗର ବିଦ୍ଧାଣୀ । ତାଙ୍କ ସାହିତ୍ୟ ଥିଲା ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟର ମଧୁର ସମନ୍ୱୟ । ଉତ୍କଳୀୟ ପାଣି ପବନରେ ସେ ନିଜକୁ ହଜାଇ ଦେଇଥିଲେ । ରୁଗ୍ଣ ଶରୀରର ଅକୁହା ଯନ୍ତ୍ରଣାରେ ପେଷୀ ହୋଇଥିଲେ ମଧ ରାଧାନାଥ ଆପଣା କବିତାରେ ପ୍ରକୃତିର ନୈସର୍ଗିକ ସୌନ୍ଦର୍ଯ୍ୟର ତଟସ୍ଥ ବର୍ଣ୍ଣନା କରିଅଛନ୍ତି । ବିଷୟବସ୍ତୁ ନିର୍ବାଚନର ମନ୍ମୟତା, ପ୍ରକୃତି ଚିତ୍ରଣର ଅଭିନବତ୍ୱ, ହାସ୍ୟ ବ୍ୟଙ୍ଗର ନବ ଦିଗନ୍ତ ଉନ୍ମୋଚନ, ଦୁଃଖାତ୍ମକ ପରିପ୍ରକାଶ ଛନ୍ଦ ଯୋଜନାର ବୈଚିତ୍ର୍ୟ ତାଙ୍କ କବି ଚେତନାର ଗୋଟିଏ ଗୋଟିଏ ମନ୍ମୟ ଆଲେଖ୍ୟ । ଆଲୋଚ୍ୟ 'ବଡ଼ପଣ' କବିତାଟି ତାଙ୍କ ଶ୍ରେଷ୍ଠ କୃତି 'ଦରବାର' କାବ୍ୟର ଅଂଶବିଶେଷ । ଏଥିରେ କବି ଲେଖନୀ ଅହଙ୍କାରୀମାନଙ୍କ ଉଦ୍ଦେଶ୍ୟରେ ମହାକାଳର କ୍ରୁରତା, ଅହମିକାର ଅସାରତା, ମଣିଷପଣିଆର ମହାନତା ଏବଂ ଧର୍ମର ସର୍ବଶ୍ରେଷ୍ଠତା ବିଷୟରେ ଅବତାରଣା କରିଛନ୍ତି । ଧର୍ମ ପଥରେ ଯାଇ ଧର୍ମଅର୍ଜନ କରିବା ହେଉଛି 'ବଡ଼ପଣ' ଯାହା କବିତାରେ କବି ତାଙ୍କ ସମୟର ରାଜା ଓ ଜମିଦାରଙ୍କୁ ପରାମର୍ଶ ଦେଇଥିଲେ ।

କବିଙ୍କ ଭାଷାରେ –

"ଆୟୁ- ସୂର୍ଯ୍ୟ ଯାଏ ତଳେ ଯେତେ ଗଡ଼ି
ତୁମ୍ଭ ମାୟା ଯାଏ ଛାୟା ପରି ବଢ଼ି
ମାୟା - ଚେର ତଳେ ଭେଦିବ ଯେତିକି
ଅନ୍ତକ ରଗଡ଼େ ଝିଙ୍କିବ ତେତିକି
ସେ କଠିନ ଝିଙ୍କା ଝିଙ୍କିରୁ ନିସ୍ତାର –
ଲାଭ ଲାଗି ଆଗୁଁ ହୁଅ ହୁସିଆର ।"

eSikhya.in

ବାସ୍ତବିକ୍ ବେଳ ଥାଉଁ ଥାଉଁ ଜନ୍ମ ଗ୍ରହଣ ପୂର୍ବକ ସୁକର୍ମ ସହ ଧର୍ମ ଅର୍ଜନ କରିବା ଉଚିତ୍ । ମୃତ୍ୟୁକାଳୀନ ଦୁଃଖରୁ ମୁକ୍ତି ପାଇବାର ଏକମାତ୍ର ଉପାୟ ହେଲା ଧର୍ମ । କବିଙ୍କ ମତରେ ଧର୍ମର ଅର୍ଥ ଜନ୍ମ, ଅନୁରୂପ କର୍ମ । ଯେ ଯେଉଁଠାରେ ଜନ୍ମ ହୋଇଛି ତା'ର ଅନୁରୂପ କର୍ମ ହିଁ ତାକୁ ଧର୍ମ ଫଳ ପ୍ରାପ୍ତ ହୋଇଛି । ଏ ସଂସାର ବାରିଧିରୁ ଉଦ୍ଧାର ପାଇବା ପାଇଁ ଈଶ୍ୱର ଧର୍ମ ନାମକ ଏକ ପୋତ ରଖିଛନ୍ତି ।

ଧର୍ମ ବ୍ୟତୀତ ଏ ସଂସାରରେ ସବୁକିଛି ଅଢ଼େଇ ଦିନ । ମନୁଷ୍ୟ ପାଖରେ ଥିବା ଧର୍ମ ତା'ର ନିଜସ୍ୱ ସଂପତ୍ତି । ଏହାକୁ କେହି ତା' ପାଖରୁ ଛଡ଼ାଇ ନେଇ ପାରିବେ ନାହିଁ । ଏହି 'ବଡ଼ପଣ' ହାସଲ କଲେ ସେ ଯମଦଣ୍ଡରୁ ତ୍ରାହି ପାଏ । ବଡ଼ପଣର ସୌରଭ ଚତୁର୍ଦ୍ଦିଗକୁ ପ୍ରସରିଯାଏ । ଏହା ହିଁ ପ୍ରତ୍ୟେକ ବ୍ୟକ୍ତି ପାଇଁ ବାଞ୍ଛନୀୟ ହେବା ଉଚିତ୍ । ଏ ଧର୍ମ ଅନୁଯାୟୀ କର୍ମ କଲେ ଦ୍ୟୁଲୋକ ସାଧନୀ ହୋଇଥାଏ, ତ୍ୱକସାର ବଡ଼ପଣ ସର୍ବଦା ପରିତ୍ୟଜ୍ୟ । ପାର୍ଥିବ ଲାଳସାଯୁକ୍ତ ବଡ଼ପଣ ବାସ୍ତବରେ ବଡ଼ପଣ ନୁହେଁ । ସଂସାରର ଏହି ଲୌକିକ ଜ୍ଞାନରୁ ବିରତ ହୋଇ ଆଧାତ୍ମିକ ଚେତନାରେ କାର୍ଯ୍ୟ କଲେ ମନୁଷ୍ୟ ଉଚ୍ଚ ସ୍ଥାନ ସ୍ୱରୂପ ବଡ଼ପଣ ପ୍ରାପ୍ତ ହୋଇଥାଏ । ଉଚ୍ଚମନା ଉଚ୍ଚ ଅମୃତ ଲାଭ କରି ଉଚ୍ଚତର ଗତି କରିବାରେ ସମର୍ଥ ହୋଇଥାଏ । ଦରବାରରେ ଉପସ୍ଥିତ ହୋଇଥିବା ରାଜା ଜମିଦାରମାନଙ୍କୁ ପ୍ରତି କବିଙ୍କର ଥିଲା ଏହା ସୁଚିନ୍ତିତ ପରାମର୍ଶ ।

କବି ତାଙ୍କ ବଡ଼ପଣ କବିତାରେ ବଡ଼ପଣର ମହାତ୍ମ୍ୟ ପ୍ରକାଶ କରିବାରେ ନିଜ ଋଷୀ ଚେତନାର ସ୍ପଷ୍ଟ ପ୍ରତିଫଳନ ଘଟାଇଛନ୍ତି ।

**ପ୍ର.୨. ମଣିଷ କିପରି ଉଚ୍ଚ ହୋଇ ଉଚ୍ଚତର ଗତିଲାଭ କରିପାରିବ ପଠିତ 'ବଡ଼ପଣ' କବିତା ଅବଲମ୍ବନ କରି – ଆଲୋଚନା କର ।**

ଉ. ରାଧାନାଥ ରାୟ ଥିଲେ ଆଧୁନିକ ଓଡ଼ିଆ ସାହିତ୍ୟର ଯୁଗ ମାନ୍ତ୍ରିକ, ପଥୀକୃତ ସ୍ରଷ୍ଟା । ନବ ଯୁଗର ବିଧାଣୀ । ତାଙ୍କ ସାହିତ୍ୟ ଥିଲା ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟର ମଧୁର ସମନ୍ୱୟ । ଉତ୍କଳୀୟ ପାଣି ପବନରେ ସେ ନିଜକୁ ହଜାଇ ଦେଇଥିଲେ । ରୁଗ୍‌ଣ ଶରୀରର ଅକୁହା ଯନ୍ତ୍ରଣାରେ ପେଷୀ ହୋଇଥିଲେ ମଧ ରାଧାନାଥ ଆପଣା କବିତାରେ ପ୍ରକୃତିର ନୈସର୍ଗିକ ସୌନ୍ଦର୍ଯ୍ୟର ତଟସ୍ଥ ବର୍ଣ୍ଣନା କରିଅଛନ୍ତି । ବିଷୟବସ୍ତୁ ନିର୍ବାଚନର ମନ୍ମୟତା, ପ୍ରକୃତି ଚିତ୍ରଣର ଅଭିନବତ୍ୱ, ହାସ୍ୟ ବ୍ୟଙ୍ଗର ନବ ଦିଗନ୍ତ ଉନ୍ମୋଚନ, ଦୁଃଖାତ୍ମକ ପରିପ୍ରକାଶ ଛନ୍ଦ ଯୋଜନାର ବୈଚିତ୍ର୍ୟ ତାଙ୍କ କବି ଚେତନାର ଗୋଟିଏ ଗୋଟିଏ ମନ୍ମୟ ଆଲେଖ୍ୟ । ଆଲୋଚ୍ୟ 'ବଡ଼ପଣ' କବିତାଟି ତାଙ୍କ ଶ୍ରେଷ୍ଠ କୃତି 'ଦରବାର' କାବ୍ୟର ଅଂଶବିଶେଷ । ଏଥିରେ କବି ଲେଖନୀ ଅହଙ୍କାରୀମାନଙ୍କ ଉଦ୍ଦେଶ୍ୟରେ ମହାକାଳର କ୍ରୁରତା, ଅହମିକାର ଅସାରତା, ମଣିଷପଣିଆର ମହାନତା ଏବଂ ଧର୍ମର ସର୍ବଶ୍ରେଷ୍ଠତା ବିଷୟରେ ଅବତାରଣା କରିଛନ୍ତି । ଧର୍ମ ପଥରେ ଯାଇ ଧର୍ମଅର୍ଜନ କରିବା ହେଉଛି 'ବଡ଼ପଣ' ଯାହା କବିତାରେ କବି ତାଙ୍କ ସମୟର ରାଜା ଓ ଜମିଦାରଙ୍କୁ ପରାମର୍ଶ ଦେଇଥିଲେ ।

'ବଡ଼ପଣ' କବିତାରେ କବି ମାନବିକ ମୂଲ୍ୟବୋଧକୁ ପ୍ରାଧାନ୍ୟ ଦେଇଛନ୍ତି । ଯେଉଁମାନେ ଇଂରେଜ ଶାସନାଧୀନ ଅଞ୍ଚଳରେ ନିଯୁକ୍ତି ପାଉଥିଲେ ସେମାନେ ତତ୍‌କାଳୀନ ଶାସନ ବ୍ୟବସ୍ଥାର ପଦସ୍ଥ ବ୍ୟକ୍ତି ଭାବେ ମଦମତ୍ତ ତଥା ଅହଂକାରୀ ବୋଲାଉଥିଲେ ।

ପୂର୍ବ ପୁରୁଷର ବିଶାଳ ପ୍ରତିଷ୍ଠା ଭୁଲି ବିଦେଶୀ ଶାସକର ପଦାନତ ହେଉଥିଲେ । ନିଜର ଗରିମା, ପ୍ରତିଷ୍ଠା, ଐତିହ୍ୟ, ସିଦ୍ଧ ପରମ୍ପରା, ଯଶ, କୀର୍ତ୍ତି ତଥା ସୁନାମକୁ ବିସ୍ମରି ଯାଉଥିଲେ । ବରଂ ବିଦେଶୀ ଶାସକମାନଙ୍କର ନିଜର ହେବାକୁ ଶ୍ୱାନ ତୁଲ୍ୟ ଦାୟାଦ ଭାବେ କେଶରୀ ଔରସରୁ ଜନ୍ମ ନେଇଥିବା ଆଜିର ରାଜାମାନଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଥିଲା । ସାହେବମାନଙ୍କୁ ମାଗଣା କୋଠି, ଗାଡ଼ିର ଭଡ଼ା ଦେବା, ଘୋଡ଼ା ଗାଡ଼ିରେ ବିଭିନ୍ନ ସ୍ଥାନ ପରିଭ୍ରମଣ କରାଇବା, ସେମାନଙ୍କ ଜିନିଷକୁ ପ୍ରକୃତ ଦାମ୍ ଠାରୁ ଚାରିଗୁଣ ଅଧିକ ଦାମରେ ନିଲାମ ଧରିବା, ସାହେବମାନଙ୍କର ଆଗମନ ଉପଲକ୍ଷେ ସୁନ୍ଦର ସୁନ୍ଦର ତୋରଣ ଗଠନ କରିବା, ବିଭିନ୍ନ ବାଣ ଫୁଟାଇ ସେମାନଙ୍କୁ ସ୍ୱାଗତ କରିବା ସହ ସାହେବଙ୍କର ଅନୁଗତ୍ୟ ପାଇଁ ଖୁବ୍ ପ୍ରତିଯୋଗିତା ଚାଲୁଥିଲା । ଅତୀତ ଉତ୍କଳର ଦାୟାଦମାନଙ୍କର ଏପରି ହୀନମନ୍ୟତା କାର୍ଯ୍ୟରେ ବିତୃଷ୍ଣା ପୂର୍ବକ କବି ଲେଖନୀ ବ୍ୟଙ୍ଗୋକ୍ତି ମାଧ୍ୟମରେ ପରାମର୍ଶ ଦେବାକୁ ଭୁଲି ନାହାନ୍ତି ।

କ୍ଷଣ ଭଙ୍ଗୁର ଦୁନିଆରେ ନିଜର ସ୍ୱଳ୍ପ କାଳକୁ ମାନବିକ ଗୁଣରେ ଆରୋପିତ କରି ଜନ୍ମର ସାର୍ଥକତାକୁ କବି ଆଶା ରଖିଛନ୍ତି ଏବଂ ବିବେକଶୂନ୍ୟ ଶୋଷିକ ପ୍ରଜାପୀଡ଼କ ରାଜାଙ୍କ ପ୍ରତି ନିଷ୍ଠୁର କାବ୍ୟ ପ୍ରୟୋଗ କରିବାରେ ହେଳା କରି ନାହାନ୍ତି । ଅହଙ୍କାରୀ ମଣିଷ ନିଜକୁ ଯେତେ ସୁପ୍ରତିଷ୍ଠିତ କଲେ ବି ମହାକାଳର ବଜ୍ର ଦାନ୍ତରେ ନିଷ୍ପିଷ୍ଟା ହୋଇଥାଏ ।

କ୍ଷୁଦ୍ର ବ୍ୟକ୍ତିଗତ ସ୍ୱାର୍ଥକୁ ପରିତ୍ୟାଗ କରି ଧର୍ମଧାରଣ ପୂର୍ବକ କର୍ମ କଲେ ତା'ର ନୈସର୍ଗିକ ଚେତନା ପରିସ୍ଫୁଟନ ହୋଇଥାଏ । ଇହଲୋକ ଓ ପରଲୋକରେ ସେ କର୍ମଫଳ ଭୋଗ କରିଥାଏ । ଏହି ଚିରନ୍ତନୀ ସତ୍ୟକୁ ବାସ୍ତବ ଭାବେ କବିତାରେ କବି କହନ୍ତି –

"ବଡ଼ ପଣ ସିନା ସେହି ତାକୁ ଗଣି
ଯେଉଁ ବଡ଼ପଣ ଦ୍ୱିଲୋକ ସାଧନୀ ।"

ସାମାଜିକ ଜୀବନରେ ଆମେ ଇହଲୋକ ଓ ପରଲୋକର କର୍ମଫଳ ଉପରେ ବିଶ୍ୱାସ ସ୍ଥାପନ କରିଥାଉ । ମଣିଷ ବଡ଼ ହୁଏ ନିଜର କର୍ମ ଫଳ ଅନୁଯାୟୀ, ମାନବ ଧର୍ମ ପାଳନ କରିବା ଉଦ୍ଦେଶ୍ୟରେ ମାନବ ଧରାପୃଷ୍ଠରେ ଜନ୍ମିଥାଏ । ପୁଣି ଧର୍ମ ମଣିଷକୁ ଉନ୍ନତ ସୋପାନରେ ଅଧିରୂଢ଼ କରିପାରେ । ମଣିଷ କେବଳ ତା'ର କର୍ମ ଓ ଧର୍ମକୁ ନେଇ ଗତି କରିଥାଏ । ତା'ର କର୍ମ ଓ ଧର୍ମରୁ ମଣିଷପଣିଆ ପ୍ରସ୍ଫୁଟିତ ହୋଇଥାଏ । ସୁକର୍ମ ଆଚରଣ ଦ୍ୱାରା ମାନବର ଜନ୍ମ ସାର୍ଥକ ହୁଏ ଏବଂ କୁକର୍ମ ଦ୍ୱାରା ନର୍କଗାମୀ ହୁଏ । କର୍ମ ଅନୁଯାୟୀ ମଣିଷ ଅମୃତ ଓ ବିଷ ଦୁଇଟି ଫଳକୁ ନେବାକୁ ସମର୍ଥ ହୋଇଥାଏ ।

"ଯା' ମନ ଯେପରି ତା ପାଇଁ ସେପରି
ଫଳ ଥୋଇଥାଏ ବିଶ୍ୱ
ଉଚ୍ଚ ମନା ଉଚ୍ଚ ଅମୃତ ଲଭଇ
ନୀଚମନା ପାଏ ବିଷ ।"

ତେଣୁ ମଣିଷ ଜନ୍ମର ସାର୍ଥକତା ଅଛି ଧର୍ମରେ । ସଂସାରରୁ ରକ୍ଷା ପାଇବା ପାଇଁ ହେଲେ ଈଶ୍ୱର ଧର୍ମ ନାମକ ବିରାଟ ପୋତ ଥୋଇଛନ୍ତି ।

କବିଙ୍କ ଭାଷାରେ –

"ଧର୍ମ ଏକା ପୋତ ଗଢ଼ିଛନ୍ତି ବିଧି
ତରିବାକୁ ଏହି ସଂସାର-ବାରିଧି

ଧର୍ମ ଏକା ସିନା ମହତ ପଣଆ
ଆଉ ବଡ଼ ପଣ ଅଢ଼େଇ ଦିନିଆ ।"

ସମୁଦ୍ରର ହାଲୁକା ରାଶି ଉପରେ ପଡ଼ିଥିବା ଚିହ୍ନକୁ ସମୁଦ୍ରର ଢେଉ କ୍ଷଣକରେ ନିଶ୍ଚିହ୍ନ କଲା ପରି ମଣିଷର ଗର୍ବ, ଦମ୍ଭ, ଅହଂକାର, ଆତ୍ମ ବଡ଼ିମାକୁ କାଳ କ୍ଷଣକରେ ନିଶ୍ଚିହ୍ନ କରିଥାଏ । ରହିଯାଇଥାଏ ତା'ର ଯଶ, ଖ୍ୟାତି, ସୁନାମ କୀର୍ତ୍ତିରାଜି । ସବୁଠାରେ ଧର୍ମ ହେଉଛି ମହତପଣିଆ, ତାହାହିଁ ହେଉଛି ପ୍ରକୃତ ବଡ଼ପଣ । ସଂସାର ବାସନାରୁ ସଂପୂର୍ଣ୍ଣ ଦୂରେଇ ଯାଇ ଉଦାସୀନ ନେତ୍ରରେ ପ୍ରକୃତ ଗତି ଲକ୍ଷ୍ୟ କରି ଧର୍ମକ୍ଷେତ୍ରରେ ମନୋନିବେଶ କରିବାକୁ କବି ପରାମର୍ଶ ଦେଇଛନ୍ତି । ଉଚ୍ଚ କର୍ମ କରି ଉଚ୍ଚତର ଗତି ପ୍ରାପ୍ତ ହେବାକୁ ଏହା ହିଁ କବିଙ୍କର ଅଭୀପ୍ସା ତଥା ସୁପରାମର୍ଶ ।

ବାସ୍ତବିକ କବିଙ୍କର ଏହି ତାତ୍ତ୍ୱିକ ଦିଗ ବେଶ୍ ରୁଚିପୂର୍ଣ୍ଣ ଓ ମାର୍ଜିତ ହୋଇପାରିଛି ।

**ପ୍ର.୩. 'ବଡ଼ପଣ' କବିତା ଆଧାରରେ କବି ରାଧାନାଥଙ୍କ ଜୀବନ ପ୍ରତି ଦୃଷ୍ଟିଭଙ୍ଗୀର ପରିଚୟ ପ୍ରଦାନ କର ।**

**ଉ.** ପ୍ରକୃତିର ପୂଜାରୀ ରାଧାନାଥ ନବଯୁଗର ଅଗ୍ରଦୂତ ରୂପେ ଓଡ଼ିଆ ସାହିତ୍ୟରେ ଏକ ସ୍ୱତନ୍ତ୍ର ଆସନରେ ଅଧିକାରୀ ହୋଇପାରିଛନ୍ତି । ପ୍ରକୃତିର ଉପାସନା ସହ ପ୍ରେମ ଓ ସୌନ୍ଦର୍ଯ୍ୟର ଉପାସନାରେ ମଧ୍ୟ କବି ଲେଖନୀ ଶତଜିହ୍ୱ ହୋଇ ଉଠିଛି । ରାଧାନାଥଙ୍କର ସ୍ରଷ୍ଟା ମାନସରୁ ସ୍ୱତଃପ୍ରବୃତ୍ତ ଭାବରେ ପ୍ରେମଜନିତ କାବ୍ୟମାନ ସୃଷ୍ଟି ହୋଇଅଛି । ସେହିସବୁ କାବ୍ୟମାନଙ୍କ ମଧ୍ୟରେ ଯଥାକ୍ରମେ 'କେଦାର ଗୌରୀ, ଉଷା, ନନ୍ଦିକେଶ୍ୱରୀ, ଯଯାତି, ଚନ୍ଦ୍ରଭାଗା, ମହାଯାତ୍ରା, ଚିଲିକା, ଦରବାର ପ୍ରଭୃତି ଅନ୍ୟତମ । ପାଶ୍ଚାତ୍ୟରୁ କଥାବସ୍ତୁ ଆହରଣ କରି ତାହାକୁ ପ୍ରାଚ୍ୟର କିମ୍ବଦନ୍ତୀ, ପୁରାଣ ଓ ଭୌଗୋଳିକ ପରିବେଶ ସହ ଉପଯୁକ୍ତ ଭାବରେ ସଂଯୋଜନା କରିବାରେ କବି ରାଧାନାଥଙ୍କର ସ୍ରଷ୍ଟା ମାନସ ଅତି ଧୂରନ୍ଧର । ଆଲୋଚ୍ୟ 'ବଡ଼ପଣ', କବିତାଟି କବି ରାଧାନାଥଙ୍କ ସୁ ପ୍ରସିଦ୍ଧ ବ୍ୟଙ୍ଗ କାବ୍ୟ ଦରବାରରୁ ସଂଗୃହୀତ । ଏଥିରେ କବି ଓଡ଼ିଶାର ଗଡ଼ଜାତ ରାଜା, ଜମିଦାରଙ୍କ ସ୍ୱାର୍ଥନ୍ୱେଷୀ, ଅହଂକାର ଭାବକୁ ତୀବ୍ର କଟାକ୍ଷ କରିଛନ୍ତି । ସେହି ନିଷ୍ଠୁର ଅହଂକାର ବ୍ୟକ୍ତିମାନଙ୍କର ଧର୍ମ ସଂପର୍କୀୟ ଭାବ ଉଦ୍ରେକ ହେବା ଉଦ୍ଦେଶ୍ୟରେ ପରାମର୍ଶ ଦେଇଛନ୍ତି ।

ଉପାଧି ପାଇଁ ଏଯୁଗ ମଣିଷର ଅଯଥା ମୋହ କବିଙ୍କୁ ପ୍ରତିକ୍ରିୟାଶୀଳ କରିଛି । ଫମ୍ପା ସମ୍ମାନ ଓ ଉପଢ଼ୌକନରେ ମାନବର ମହତ୍ତ୍ୱ ବୃଦ୍ଧି ପାଇ ନ ଥାଏ । ଏହା ଦ୍ୱାରା ସମାଜରେ ଭଣ୍ଡତାର ପ୍ରସାର ଘଟେ । ମଣିଷ ହୋଇ ଏହି ସାମାନ୍ୟ ଉପାଧି ଆଶାରେ ମଣିଷକୁ ଷୋଡ଼ଶ ଉପଚାରରେ ପୂଜା କରିବା ଅବେବିକତାର କାର୍ଯ୍ୟ । ଏହା ଦ୍ୱାରା ଜୀବନର ଯଥାର୍ଥ ବିକାଶ ସାଧିତ ହୁଏ ନାହିଁ । ନିଜକୁ ବଡ଼ ମଣି ଅପରକୁ ହୀନ ଦୃଷ୍ଟିରେ ଦେଖିବା ମାନବିକତାର ପରିଚାୟକ ନୁହେଁ । ମଣିଷର ଦେହ ମଧ୍ୟରେ ବିଭିନ୍ନ ରୋଗ ପରିପୂର୍ଣ୍ଣ । କିଏ କେତେବେଳେ ଆସି ଦାଉ ସାଧିବ ତାହା ମାନବର ଅଗୋଚର । ରାଧାନାଥ ମଧ୍ୟ ଥିଲେ ରୁଗଣ – ସେଥିପାଇଁ ଶରୀର ହେଉଛି କ୍ଷଣସ୍ଥାୟୀ । ଅତୀତରେ ରାଜାଗଣ ପ୍ରଜାମାନଙ୍କୁ ନିଜର ପୁତ୍ର ଭଳି ପାଳନ କରୁଥିଲେ । ମାତ୍ର ଏ ଯୁଗର ସ୍ୱାର୍ଥନ୍ୱେଷୀ ମାନବ ଅନ୍ୟକୁ ଶୋଷଣ କରି ନିଜର ଅଭିଳାଷ ପୂରଣ କରୁଛି । ବିଧବା ଏବଂ ଦୁଃଖିରଙ୍କିଙ୍କ ଉପରେ ନିର୍ଯାତନା କରୁଛି । ଏହାଦ୍ୱାରା ମଣିଷର ହୀନଗତି ହେଉଛି । ଯମ ଦରବାରରେ ନିଜର କୁକର୍ମର ପରିଣତି ଭୋଗ କରିବା ପୂର୍ବରୁ ଏହି ଜନ୍ମରେ ତା'ର ପ୍ରିୟ କୀର୍ତ୍ତି କରିଯିବା ଉଚିତ୍ । ଏଥିରୁ ମୁକ୍ତି ପାଇବାର ଏକମାତ୍ର ସୋପାନ ହେଲା ଧର୍ମ । ଜନ୍ମ ଅନୁଯାୟୀ କର୍ତ୍ତବ୍ୟ କରିବା ହିଁ ଧର୍ମ । ଏହି ସଂସାର ରୂପକ ସାଗର ପାରହେବା ପାଇଁ ଧର୍ମ ଏକ ନାବ ସଦୃଶ । ଅହଂସର୍ବସ୍ୱ ଯାହାକୁ ବଡ଼ପଣ କହୁଛୁ ତାହା ଯଥାର୍ଥରେ ବଡ଼ପଣ ନୁହେଁ । ତାହା ହିଁ ହେଉଛି ବଡ଼ପଣ, ଯାହାକୁ କେହି କେବେ ଛଡ଼ାଇ ନେଇ ପାରେ ନାହିଁ । ଯାର ସୌରଭ ଦ୍ୱାରା ସଂସାର ସୁବାସିତ ହୋଇଉଠେ, ଯାହା ଇହଲୋକ ପରଲୋକର ମଙ୍ଗଳ ସାଧନ କରେ, ଯେଉଁ ଗୁଣ ଦେଖି ଯମ ରାଜା ମଧ୍ୟ ପାଖ ମାଡ଼ି ପାରନ୍ତି ନାହିଁ । ତେଣୁ କବି ଯଥାର୍ଥରେ କହନ୍ତି –

"ବଡ଼ପଣ ଭାଇ ଏକାସିନା ସେହି
ଛଡ଼ାଇ କେହି ଯା ନ ପାରଇ ନେଇ

ବଡ଼ ପଣ ସେହି ଅଟେ ସୁନ୍ଦା ଯାର
ସୌରଭ ଚହଟୁଥାଏ ଏ ସଂସାର
ବଡ଼ପଣ ସିନା ସେହି ତାକୁ ଗଣି
ଯେଉଁ ବଡ଼ପଣ ଦ୍ୱିଲୋକ ସାଧନୀ ।"

ସଂସାରର ଲାଳସା ବାସନାରୁ ନିଜକୁ ସଂପୂର୍ଣ୍ଣ ଦୂରେଇ ନେଇ ଉଦାସୀନ ନେତ୍ରରେ ଦୁନିଆର ପ୍ରକୃତ ଗତି ଲକ୍ଷ୍ୟ କରି ଧର୍ମ କ୍ଷେତ୍ରରେ ମନୋନିବେଶ କରିବାକୁ କବି ପରାମର୍ଶ ଦେଇଛନ୍ତି । ମଣିଷର ଭାବରେ ମଣିଷର ଯାହା ପ୍ରକୃତ କର୍ତ୍ତବ୍ୟ ତାହା କରିବା ବାଞ୍ଛନୀୟ । ଏହା ଦ୍ୱାରା ଦୁଇ ଲୋକର ମଣିଷର ଆତ୍ମା ଶାନ୍ତି ଲାଭ କରେ । ସଂସାରର ଐଶ୍ୱର୍ଯ୍ୟ ବିଭବ ସମସ୍ତ କ୍ଷଣସ୍ଥାୟୀ । ଏହା ଆଜି ଅଛି, କାଲିକି ରହିବ ନାହିଁ । ମାତ୍ର ଯାହା ଚିରନ୍ତନ, ଯାହାକୁ କେହି କେବେ ଛଡ଼ାଇ ନେଇପାରିବେ ନାହିଁ, ଯାହା ମଣିଷ ଆତ୍ମାକୁ ପବିତ୍ର କରେ, ଚିତ୍ତ ସଂସ୍କାର କରେ, ହୃଦୟକୁ ସଂଯମ ପ୍ରଦାନ କରେ ସେହି ଧର୍ମପଥରେ ମାନବ ନିଜକୁ ପରିଚାଳିତ କରିବା ଉଚିତ୍ । ଆତ୍ମତତ୍ତ୍ୱ ଉପଲବ୍ଧି କରି ଉଚ୍ଚ ସ୍ତରରେ ଉଚ୍ଚତର ଗତି ଲାଭ କରିବାକୁ ସେ ପରାମର୍ଶ ଦେଇଚନ୍ତି । କବି ସଂସାର ରୂପକ ବାରିଧିକୁ ପାର ହେବା ପାଇଁ ଧର୍ମ ଏକ ନାବ ଈଶ୍ୱର ଗଢ଼ିଛନ୍ତି ବୋଲି କହିଛନ୍ତି । ତେଣୁ କହିଛନ୍ତି –

"ଧର୍ମ ଏକ ପୋତ ଗଢ଼ିଛନ୍ତି ବିଧି
ତରିବାକୁ ଏହି ସଂସାର-ବାରିଧି
ଧର୍ମ ଏକା ସିନା ମହତପଣିଆ
ଆଉ ବଡ଼ ପଣ ଅଢ଼େଇ ଦିନିଆ ।"

କବିଙ୍କ ମତରେ ଧର୍ମ ହିଁ ଜୀବନର ଶ୍ରେଷ୍ଠ ଓ ସାରବସ୍ତୁ । ଧର୍ମକୁ ତ୍ୟାଗ କରି ମନୁଷ୍ୟ ଗତି କରିପାରିବ ନାହିଁ । କବି ଅନୁଭବ କରିଛନ୍ତି ସାରବସ୍ତୁ ବା ବଡ଼ପଣ (ଧର୍ମ)କୁ ତ୍ୟାଗ କରି ମନୁଷ୍ୟ ଏହି ସଂସାର ନାବକୁ ପାରି କରି ପାରିବ ନାହିଁ । ତେଣୁ ଧର୍ମ ଶ୍ରେଷ୍ଠ ଓ ସାର ବୋଲି କବି କହିଛନ୍ତି ।

**ପ୍ର.୪. ପଠିତ କବିତା ଅବଲମ୍ବନରେ ମଣିଷ ଜୀବନରେ ଧର୍ମର ଗୁରୁତ୍ୱ ବିଚାର କର ।**

ଉ. ଭାଗବତରେ କୁହାଯାଇଛି "ଧର୍ମ ଅର୍ଜନେ ଧର୍ମ କରି, ଧର୍ମେ ପ୍ରାପତ ନରହରି" । ଆଧୁନିକ ଓଡ଼ିଆ ସାହିତ୍ୟର ସ୍ରଷ୍ଟା ଭାବରେ କବିବର ରାଧାନାଥ ରାୟ ସମ୍ମାନିତ । ତାଙ୍କର ସାରସ୍ୱତ କୃତି ସମୂହ ଓଡ଼ିଆ ସାହିତ୍ୟର ଗୋଟିଏ ଗୋଟିଏ ଉଜ୍ଜ୍ୱଳ ରତ୍ନ । ତାଙ୍କ ପୂର୍ବରୁ ଗଢ଼ି ଆସୁଥିବା ଦୀର୍ଘ ଦୁଇ ଶତ ବର୍ଷର ପରମ୍ପରା ଉପରେ କୁଠାର ଘାତ କରି ଓଡ଼ିଆ ସାହିତ୍ୟକୁ ଭିନ୍ନ ଏକ ସରଣୀରେ ଗତି କରାଇବାରେ ସେ ସମର୍ଥ ହୋଇଥିଲେ । ରୀତିଯୁଗୀୟ କାବ୍ୟ ପରମ୍ପରା ତାଙ୍କ ଲେଖନୀରେ ସଂପୂର୍ଣ୍ଣ ଏକ ନୂତନ ରୂପ ପରିଗ୍ରହ କରିଥିଲା । ଏହି କୃତୀ ସନ୍ତାନଟି କେବଳ ଯେ କେଦାରପୁର ଗ୍ରାମର ମୁଖ ଉଜ୍ଜ୍ୱଳ କରିଛନ୍ତି ତାହା ନୁହେଁ, ସମଗ୍ର ଓଡ଼ିଶାର ଗୌରବ ବର୍ଦ୍ଧନ କରିଛନ୍ତି । ତାଙ୍କର ଅମଳିନ ସୃଷ୍ଟିସମ୍ଭାର ପାଇଁ ଓଡ଼ିଆ ସାହିତ୍ୟ ଆଜି ଗର୍ବିତ ।

କବିବର ରାଧାନାଥ ରାୟ ୧୮୯୭ ମସିହାରେ କାବ୍ୟ ରଚନା କରିଥିଲେ । ଏହା ଏକ ବ୍ୟଙ୍ଗ କାବ୍ୟ । ଉକ୍ତ କାବ୍ୟରୁ ଆମର 'ବଡ଼ପଣ' କବିତାଟି ଆସିଅଛି । ୧୮୯୪ ମସିହା ଅଗଷ୍ଟ ୨୯ ତାରିଖରେ ବାରବାଟୀ କିଲ୍ଲାରେ ସାମନ୍ତ ଚନ୍ଦ୍ର ଶେଖରଙ୍କୁ ମହାମହୋପାଧ୍ୟାୟ ଏବଂ କାଇପୁର ଜମିଦାର ଗୋବିନ୍ଦ ବଲ୍ଲଭ ରାୟଙ୍କୁ ରାୟବାହାଦୁର ଉପାଧି ଦିଆଯିବା ପାଇଁ ଏକ ଦରବାର ବା ରାଜକୀୟ ସଭାର ଆୟୋଜନ ହୋଇଥିଲା । ସେଦିନ ସାମନ୍ତ ଚନ୍ଦ୍ରଶେଖର ଯଥା ସମୟରେ ଉପସ୍ଥିତ ହୋଇ ନ ପାରିବାରୁ ତାଙ୍କ ପାଇଁ ୩.୯.୧୮୯୪ରେ କମିସନରଙ୍କ କୋଟରେ ଅନ୍ୟ ଏକ ସ୍ୱତନ୍ତ୍ର ଦରବାର

ହୋଇଥିଲା । ଏହି ଦୁଇଟି ଦରବାରର ପୃଷ୍ଠ ଭୂମିକାରେ ଦରବାର କାବ୍ୟଟି ରଚିତ । 'ଦରବାର' କାବ୍ୟର ଅଂଶବିଶେଷ 'ବଡ଼ପଣ' କବିତାଟି । ଏହି କବିତାରେ ଧର୍ମ ଅର୍ଜନ କରିବା ପାଇଁ ଜନ ସମାଜକୁ କବି ଆହ୍ୱାନ ଦେଇଛନ୍ତି । ମନୁଷ୍ୟ ବିଭିନ୍ନ ଦୁଃଖରୁ ମୁକ୍ତି ପାଇବା ପାଇଁ ଏକମାତ୍ର ଉପାୟ ହେଉଛି ଧର୍ମ । ସଂସାର ରୂପକ ସମୁଦ୍ରକୁ ପାରିହେବା ପାଇଁ କେବଳ ଧର୍ମ ହିଁ ଏକମାତ୍ର ନୌକା ବୋଲି କବି ବିଶ୍ୱାସ କରିଥିଲେ । ତେଣୁ କବି କହିଛନ୍ତି ।

"ଧର୍ମ ଏକ ପୋତ ଗଢ଼ିଛନ୍ତି ବିଧି
ତରିବାକୁ ଏହି ସଂସାର ବାରିଧି ।"

ମନୁଷ୍ୟ ସମାଜରେ ବାସ କରିଥାଏ । ସେ ଧନ ଲୋଭରେ ବଳୀୟାନ ହୋଇ ଅନ୍ୟ ମନୁଷ୍ୟଙ୍କୁ ହେୟ ବା ତୁଚ୍ଛ ମଣିଥାଏ । ଅହଂକାର ଓ ଗର୍ବରେ ଫାଟି ପଡ଼ିଥାନ୍ତି । ସେମାନେ ଭାବି ପାରନ୍ତି ନାହିଁ। ବଡ଼ପଣ, ଏ ଅହଂକାର, ଏ ପ୍ରତିପତ୍ତି ବା ସମ୍ମାନରେ କିଛି ମୂଲ୍ୟ ନାହିଁ । ମୃତ୍ୟୁ ଉପସ୍ଥିତି ହେଲେ ସବୁ ପଛରେ ପଡ଼ିଯିବ। ମିଛ ମାୟାରେ ସଂସାର ଲୋଭ ମୋହର ଗ୍ରାସରେ ମଣିଷର ଜୀବନ ଦୁଃଖଦାୟକ । ଏହି ଦୁଃଖରୁ ମୁକ୍ତି ପାଇବାର ଏକମାତ୍ର ଉପାୟ ହେଲା ଧର୍ମ ଅର୍ଜନ । ଧର୍ମର ଯେଉଁ ବ୍ୟାପକ ସଂଜ୍ଞା ଭାରତୀୟ ଦର୍ଶନରେ ରହିଛି, କବି ଆବଶ୍ୟକତାକୁ ଗ୍ରହଣ କରିନାହାନ୍ତି । ତାଙ୍କ ବିଚାରରେ ଧର୍ମର ଅର୍ଥ ଜନ୍ମ ଅନୁରୂପ କର୍ମ । କବିଙ୍କ ଭାଷାରେ –

"ଜନ୍ମ ଫଳେ ଭବେ ବଡ଼ପଣ ପାଇ
ଧର୍ମ ଫଳେ ତାକୁ କର ଚିରସ୍ଥାୟୀ ।"

ଏହି ସଂସାରରେ ଧର୍ମ ହିଁ ମହତପଣିଆ । ଆଉ ଯେଉଁସବୁ କାର୍ଯ୍ୟ ଅଢ଼େଇ ଦିନ ପାଇଁ ଲାଗିଥାଏ । ଧାର୍ମିକ ବ୍ୟକ୍ତିକୁ ସମସ୍ତେ ଆଦର କରିଥାନ୍ତି । ସମସ୍ତଙ୍କ ପାଖରେ ସେ ଚୀର ନମସ୍ୟ । ତାଙ୍କ ପାଖରେ ସଦାସର୍ବଦା ସୌରଭ ଚହଟୁ ଥାଏ । ସଂସାରରେ ରାଜପଣର ମୂଲ୍ୟ ନାହିଁ । ସମ୍ମାନରେ କିଛି ମୂଲ୍ୟ ନାହିଁ । କାଳ ଉପସ୍ଥିତ ହେଲେ ସବୁ ପଛରେ ପଡ଼ିଥାଏ । ଏହି ସଂସାରରେ ଯେ ଧର୍ମକୁ ବଡ଼ କରେ ସେହି ସଂସାରରେ ବଡ଼ ଲୋକ ହୋଇଥାଏ । କବିଙ୍କ ଭାଷାରେ –

"ବଡ଼ ପଣ ସିନା ସେହି ତାକୁ ଗଣି
ଯେଉଁ ବଡ଼ପଣ ଦ୍ୟୁଲୋକ ସାଧନୀ ।"

ଧର୍ମ ଚିରସ୍ଥାୟୀ । ଏହି ସଂସାରରେ ଆଉ ସବୁ କ୍ଷଣସ୍ଥାୟୀ ସବୁ ଫେରିଯାଇ ପାରିବ । କିନ୍ତୁ ଅର୍ଜୁନ କରିଥିବା ଧର୍ମକୁ କେହି ଚୋରି କରିନେଇ ପାରିବେ ନାହିଁ । ପୁଣ୍ୟବାନ ଲୋକଙ୍କୁ ଯମରାଜା ସ୍ୱର୍ଗକୁ ନେଇପାରେ ନାହିଁ । ଈଶ୍ୱରଙ୍କ ପ୍ରତି ଅନୁରକ୍ତି, ଶ୍ରଦ୍ଧା ଏବଂ ଭକ୍ତିଦ୍ୱାରା ମାନବ ଜୀବନ ସାଧନ ହେବା ସଙ୍ଗେ ସଙ୍ଗେ ପର ଜନ୍ମ ପାଇଁ ପୁଣ୍ୟ ସଞ୍ଚୟ ହୋଇଥାଏ । କବି ଧର୍ମର ଜୟ ଜୟକାର କରି ବନ୍ଧୁମାନଙ୍କୁ ଧର୍ମପଥରେ ଆଶ୍ରୟ କରିବାକୁ ଆହ୍ୱାନ ଦେଇଛନ୍ତି।

ତେଣୁ କବି କହିଛନ୍ତି ଧର୍ମ ଚିରନ୍ତନ । ଧର୍ମରେ ମନୁଷ୍ୟର ମହତ୍ତ୍ୱ ବିଦ୍ୟମାନ । ଧର୍ମ ବିନା ଧନଜନ ଯୌବନ ପଦପଦବୀର ବଡ଼ପଣିଆ ଅଢ଼େଇ ଦିନିଆ ଅସାର ଓ ଅକାରଣ । ମୃତ୍ୟୁ ପ୍ରତି ସଦା ସଚେତନ ରହି ଧର୍ମ ଧାରଣା ଓ କର୍ମ ସାଧନ ବଳରେ ନିଜକୁ ବଡ଼ କରି ଗଢ଼ିବା ପାଇଁ କବି ଉକ୍ତ କବିତା ମାଧ୍ୟମରେ ଆହ୍ୱାନ ଦେଇଅଛନ୍ତି ।

**ପ୍ର.୫. ପଠିତ କବିତା ଅବଲମ୍ବନରେ କବି ରାଧାନାଥ ତାଙ୍କ ସମୟର ରାଜା ଓ ଜମିଦାରମାନଙ୍କୁ ରାଜଧର୍ମ ପାଳନରେ ଯେଉଁ ପରାମର୍ଶ ଦେଇଛନ୍ତି ଆଲୋଚନା କର ।**

**ଉ.** ଓଡ଼ିଆ ରୀତି ସାହିତ୍ୟର ଧୂରୀଣସ୍ରଷ୍ଟା ମଧ୍ୟରୁ ଯେଉଁ କେତେଜଣ ପଥିତ ଯଶ ଆତ୍ମପ୍ରକାଶ କରିଥିଲେ ସେମାନଙ୍କ ମଧ୍ୟରୁ କବିବର ରାଧାନାଥ ରାୟ ବେଶ୍ ସ୍ମରଣୀୟ । ତାଙ୍କ ସାହିତ୍ୟର ଧାରା ସୁଦୂରପ୍ରସାରୀ । ତାଙ୍କର କବି

ଅର୍ଜ୍ଜନ କରିବା ପାଇଁ କବି କହିଛନ୍ତି । ନୀରବରେ କାଳ ସବୁ ଦେଖିଥାଏ । ବେଳେବେଳେ ସେ ହାବୁଡ଼ି ଯିବ ତା'ର ଇୟତ୍ତା ନାହିଁ । ତେଣୁ କାଳ ଛୁଇଁବା ପୂର୍ବରୁ ଧର୍ମ ପଥର ଯାତ୍ରୀ ହେବା ଆବଶ୍ୟକ । କବିଙ୍କ ଭାଷାରେ –

"ଧର୍ମ ଏକ ପୋତ ଗଢ଼ିଛନ୍ତି ବିଧି
ତରିବାକୁ ଏହି ସଂସାର ବାରିଧି
ଧର୍ମ ଏକା ସିନା ମହତ ପଣିଆ
ଆଉ ବଡ଼ପଣ ଅଢ଼େଇ ଦିନିଆ ।"

ମନରେ ଲାଳସା ନରଖି ଧର୍ମ ପଥର ପଥିକ ହେବା ପାଇଁ କବି କହିଛନ୍ତି । ସଂସାରରେ ଦୁଇଦିନର ବଡ଼ପଣ ନିରର୍ଥକ । ଧର୍ମ ଭାବର ମହତପଣିଆକୁ ନେଇ ଗତି କରିବାକୁ ହେବ । ଏହାଦ୍ୱାରା ସମାଜର ଉନ୍ନତି ହେବ । ଦେଶ ତଥା ଜାତିର ଉନ୍ନତି ହେବା ସଙ୍ଗେ ବ୍ୟକ୍ତିର ମଧ୍ୟ ଉନ୍ନତି ହେବ ।

**ପ୍ର.୬. ବଡ଼ପଣ କବିତାରୁ କାଳର ସର୍ବଗ୍ରାସିତ୍ୱ ବିଷୟରେ ଆଲୋକପାତ କର ।**

**ଉ.** ରୀତି ଯୁଗର କାବ୍ୟ ପରମ୍ପରା ଭାଙ୍ଗି ନୂତନ ଭାବ ଚେତନାର ସୁମଧୁର ମୂର୍ଚ୍ଛନାରେ ଓଡ଼ିଆ କାବ୍ୟ ଦିଗ୍‌ବଳୟରେ ରାଧାନାଥ ଯେଉଁ ସ୍ୱର ଝଙ୍କାର ସୃଷ୍ଟି କଲେ ସେଥିପାଇଁ ସେ ଅଭିନବ କାବ୍ୟଧାରର ପ୍ରବର୍ତ୍ତକ । ପାରମ୍ପରିକ କାବ୍ୟଧାରା ଭିତରୁ ଓଡ଼ିଆ କାବ୍ୟକୁ ମୁକ୍ତ କରି ଏହାକୁ ନୂଆ ରୂପରେ ପ୍ରତିଭାତ କରାଇବା ଥିଲା ତାଙ୍କର ମୌଳିକ କର୍ମ । ନିଜର କଳ୍ପନା ଶକ୍ତି ବଳରେ ଓଡ଼ିଶାର କିମ୍ବଦନ୍ତୀକୁ ଗ୍ରହଣ କରି ଏଥିରେ ସ୍ୱତନ୍ତ୍ର କାବ୍ୟ କଳା ସମନ୍ୱିତ କରି କାବ୍ୟକୁ ସ୍ୱତନ୍ତ୍ର ରୂପେ ଗଢ଼ି ତୋଳିଛନ୍ତି । ତାଙ୍କର ଅମୃତ ଲେଖନୀର ମଧୁର ଉତ୍କଳର ପାହାଡ଼ କାନ୍ତରେ ନଦନଦୀ ସବୁ ଜୀବନ୍ତ ହୋଇ ଉଠିଥିଲେ । ପାଶ୍ଚାତ୍ୟ ସାହିତ୍ୟର କଙ୍କାଳ ଉପରେ ଏ ଦେଶର ମାଟି, ପାଣି, ପବନରେ ପୁରାଣ-ସାହିତ୍ୟ, ଇତିହାସ ଭୂଗୋଳ ହିଁ ମୁଖ୍ୟସ୍ଥାନ ଗ୍ରହଣ କରିଥିଲା ।

କବିଙ୍କର ବଡ଼ପଣ କବିତାଟି ଦରବାର କାବ୍ୟରୁ ଆସିଅଛି । ଉକ୍ତ କାବ୍ୟଟି ୧୮୯୭ ମସିହାରେ କାବ୍ୟ ଆକାରରେ ପ୍ରକାଶ ହୋଇଥିଲା । ବଡ଼ପଣ କବିତାରେ କବି କାଳର ସର୍ବଗ୍ରାସିତ୍ୱ ମଣିଷପଣିଆର ମହତ୍ୱ । ଭ୍ରାନ୍ତ ଅହଙ୍କାର ସାଧାରଣ ଓ ଧର୍ମ ଭାବରେ ମହିମା ଅଭିବ୍ୟକ୍ତ । କବି ସମାଜକୁ ଚିହ୍ନିଛନ୍ତି । କାଳକୁ ମଧ ଅନୁଭବ କରିଛନ୍ତି । ଜନ୍ମମାତ୍ରକେ ମୃତ୍ୟୁ ନିଶ୍ଚିତ ତାହାବି ଅନୁଭବ କରିଛନ୍ତି । ଫମ୍ପା ମାଠିଆରେ ପାଣି ଭର୍ତ୍ତି କରି ଦେଲେ ଯେପରି ଆସ୍ତେ ଆସ୍ତେ କହିପାରେ ମାଠିଆ କହି ପାରେ ମାଠିଆ ଖାଲି ହୋଇଯାଇଥାଏ ସେହିପରି ଆୟୁ ପ୍ରତିମୁହୂର୍ତ୍ତରେ କ୍ଷଣ ହୋଇଯାଇଛି । ପଦ୍ମ ପତ୍ରରେ ନୀରବରେ ମଣିଷ ଜୀବନ । କେତେବେଳେ କାହାର ମୃତ୍ୟୁ କାଳ ଉପସ୍ଥିତ ହେବ ତାହା ଜାଣିବା ସହଜ ନୁହେଁ । ତେଣୁ ମଣିଷ ମୃତ୍ୟୁ ପ୍ରତି ସଚେତନ ହେବା ଆବଶ୍ୟକ । ମହାକାଳରେ ନିଷ୍ଠୁରତା ନିକଟରେ ଯୁବକ, ବୃଦ୍ଧ, ରୋଗ, ନିରୋଧ, ଧନୀ, ନିର୍ଦ୍ଧନର ଭେଦ ନ ଥାଏ କାଳ ଆସିଯିବ ବୋଲି, କବିଙ୍କ ଭାଷାରେ –

"ବଡ଼ କ୍ରୁର କାଳ ବଡ଼ ଅବିଶ୍ୱାସୀ
ହାବୋଡ଼ି ଯିବ ସେ ଆଚମ୍ବିତେ ଆସି ।
ଦୂରବର୍ତ୍ତୀ ଜାଣି କାଳକୁ ଯେ ହସେ
ହସି ସେ ତା ପଛେ ଆସି ଲୁଚି ବସେ ।
ନୀତି ବେଳ ବୁଝି ଛାମୁରେ ହାଜର
ହେବ ବିଧି ତାକୁ ନାହିଁଟି ଗୋଚର ।"

କାଳ ଖବର ନେଇ ଆସି ପହଞ୍ଚିଯାଏ ଅତି ଆଶ୍ଚର୍ଯ୍ୟଜନକ, କାଳ ଦୂରରେ ଅଛି ବୋଲି ସେ ଦମ୍ଭ ଧରିଥାଏ । କିନ୍ତୁ ଲୁଚି ଲୁଚି ପାଖରେ ବସି ପହଞ୍ଚିଯାଏ । ସ୍ଥାନ କାଳ ପାତ୍ରର ଭେଦ କାଳର ନ ଥାଏ । ତେଣୁ କବି ମର୍ତ୍ତ୍ୟବାସୀ

ମଣିଷମାନଙ୍କୁ ଏହି କାଳ ପ୍ରତି ସଚେତନ ହେବା ପାଇଁ ଅନୁରୋଧ କରିଛନ୍ତି । ଏଥିରେ କବିଙ୍କ ଜୀବନରେ ମୃତ୍ୟୁ ସଚେତନ ମଧ୍ୟ ପ୍ରକାଶିତ ହୋଇଛି ।

କବି ରାଧାନାଥ ସ୍ୱାସ୍ଥ୍ୟରେ ରୁଗ୍‌ଣ ଥିଲେ । ତାଙ୍କର ମୃତ୍ୟୁ ପ୍ରତି ବିଶେଷ ଭୟ ଥିଲା । ରାଜାମାନଙ୍କୁ ସେମାନଙ୍କର ଅପକର୍ମ ଲାଗି ସଚେତନ କରାଇ ଦେବା ଅଭିପ୍ରାୟରେ ମଣିଷ ଜୀବନ ଉପରେ ମୃତ୍ୟୁର ଅପ୍ରତିହତ ପ୍ରଭାବର ସୂଚନା ଦେଇଛନ୍ତି ।

କାଳ ନୀରବରେ ଗମନ କରିଥାଏ । ସେ ଆସିବା ପୂର୍ବରୁ କାହାକୁ ଖବର ଦେଇ ନ ଥାଏ । ମଣିଷ ମୃତ୍ୟୁ କଥା ଚିନ୍ତା ନ କରି ସେ ମାୟା ମୋହର ବଶବର୍ତ୍ତୀ ହୋଇଥାଏ, ମାୟାଜାଲ ସଂସାରରେ ଲମ୍ପାଇ ଦେଇଥାଏ। ମୃତ୍ୟୁ ସମୟ ଆସିଗଲେ ଯମ ସେହି ମୋହମାୟାକୁ ଛଡ଼ାଇ ନେଇଯାଇଥାଏ । ବେଳ ଶେଷ ହୋଇଯାଇଚି, ତାହା କେହି ଜାଣିପାରନ୍ତି ନାହିଁ । କବିଙ୍କ ଭାଷାରେ –

"କେତେ ଦିନ ଖେଳୁଥିବ ଏହି ଖେଳ
ପାଖେଇ ଆସୁଛି ସେ ଅନ୍ତିମ ବେଳ ।
ଆସୁଛି ନୀରବେ ସେହୁ ପ୍ରତିକ୍ଷଣେ
ନିତ୍ୟଗାମି-ରଥ-ଚକ୍ର-ଆବର୍ତ୍ତନେ ।"

ମୃତ୍ୟୁ ପୂର୍ବରୁ ଆମେ କିଛି ଧର୍ମ କରିବା ଉଚିତ୍ । ଧର୍ମ କଲେ କାଳର ରଜ୍ଜୁରେ ଆମେ ବାନ୍ଧି ହୋଇପାରିବା ନାହିଁ । ଜନ୍ମର ଅନୁରୂପ ଆମେ କର୍ମ କରିବାକୁ ହେବ । ଧର୍ମ ହିଁ ଏହି ସଂସାରରେ ମହତପଣିଆ, କବି ଚିରସ୍ଥାୟୀ । ଆଉ ସବୁ କ୍ଷଣସ୍ଥାୟୀ । ଆମେ କୌଣସି ସୁଖ ଲାଳସାରେ ବଶବର୍ତ୍ତୀ ନ ହୋଇ ଧର୍ମର ପଥକୁ ବାଛି ନେବାକୁ ହେବ । ସେହି ବଡ଼ପଣ (ଧର୍ମପଣିଆ) ଥିଲେ ଭବିଷ୍ୟତରେ କାଳ ବଶୀଭୂତ କରିପାରିବ ନାହିଁ । କବିଙ୍କ ଭାଷାରେ –

ସେହି ବଡ଼ପଣ ବଳ ଏମିତି
କାଳ ନ ପାରିବ ପଶି ଯା କତିକି ।

ସଦାସର୍ବଦା ଧାର୍ମିକ ଚେତନାର ବଶବର୍ତ୍ତୀ ହେବାକୁ ହେବ । ଆଧାତ୍ମିକ ଚେତନାର ବଶବର୍ତ୍ତୀ ହୋଇ ଏହି ସଂସାରରୁ ମୁକ୍ତି ପାଇବାର ଉଚିତ୍ ପଥ ହେଉଛି ଧର୍ମ । ଧର୍ମରେ ମନୁଷ୍ୟର ମହତ୍ତ୍ୱ ବିଦ୍ୟମାନ । କିନ୍ତୁ ମନେ ରଖିବାକୁ ହେବ କାଳ ସର୍ବଗ୍ରାସୀ, କାହାକୁ ଛାଡ଼େ ନାହିଁ। ସମସ୍ତଙ୍କୁ ବାନ୍ଧିନେଇ ଯାଇଥାଏ ।

❑❑❑

# ତପସ୍ୱିନୀର ପତ୍ର

- ଗଙ୍ଗାଧର ମେହେର

**କବି ପରିଚୟ :**

ଉତ୍କଳର ବରପୁତ୍ର, ସାହିତ୍ୟ ସାଧକ ଗଙ୍ଗାଧରଙ୍କ ଜୀବନ, ଉତ୍କଳର ଅଗଣିତ ଜନଜୀବନର ଜୀବନ ଚିତ୍ର ଭଳି ନିହାତି ସାଧାରଣ । ଦରିଦ୍ରତା ପଙ୍କପୂର୍ଣ୍ଣ ଜୀବନ ସରୋବରରୁ ଜାତ ହୋଇଥିଲା ସ୍ୱର୍ଗୀୟ ରଙ୍ଗାଜୀବ କବି ଗଙ୍ଗାଧରଙ୍କ ସୁକୁମାର ସାହିତ୍ୟ ସରୋଜ । ତାଙ୍କ ଜୀବନର ପରିଧିରେ ହିମାଳୟର ତୁଙ୍ଗିମା, ନବୋଦିତ ରବିଙ୍କର ରଙ୍ଗିମା ବା ନୀଳଜଳଧିର କମନୀୟ ଭଙ୍ଗିମା ପ୍ରକାଶ ପାଇନାହିଁ । ସାଧାରଣ ପରିବେଶରେ ସେ ଜନ୍ମଗ୍ରହଣ କରି ପରିବର୍ଦ୍ଧିତ ହୋଇଥିଲେ ହେଁ ନିଜର ସାରସ୍ୱତ ସାଧନା ବଳରେ ସେ ହୋଇଥିଲେ ଅସାଧାରଣ, ଅସାମାନ୍ୟ ପ୍ରତିଭାର ଅଧିକାରୀ ଏପରିକି ଆଧୁନିକ ଶିକ୍ଷାରେ ଶିକ୍ଷିତ ହୋଇଥିବା ସେ ସମୟର ପ୍ରଭାବଶାଳୀ କବି ପଣ୍ଡିତଙ୍କର ସେ ସସ୍ନେହ ଦୃଷ୍ଟି ଆକର୍ଷଣ କରିଥିଲେ । ଅଳ୍ପପାଠୀ ଏହି ତନ୍ତୁବାୟ କବି ଜୀବନ ଓ ଜୀବିକାର ଜଟିଳତାରେ ଛନ୍ଦିହୋଇ ମଧ୍ୟ ଭୁଲି ନ ଥିଲେ ବାଣୀ ଆରାଧନା । ଦେବୀ କୃପାମୟୀ ସରସ୍ୱତୀଙ୍କ ଅପାର କରୁଣାରୁ କବିତା ରଚନା ତାଙ୍କ ପକ୍ଷେ ହୋଇ ପଡ଼ିଥିଲା ସହଜ ଓ ସ୍ୱାଭାବିକ୍ । ତାଙ୍କ ସାହିତ୍ୟରେ ଥିବା ଭାଷାର ସରଳତା ଓ କମନୀୟତା, ଭାବର ସ୍ୱଚ୍ଛତା ଓ ପ୍ରକାଶ ଭଙ୍ଗୀରେ ଆଡ଼ମ୍ବର ଶୂନ୍ୟତା ତାଙ୍କ ବ୍ୟକ୍ତିଚିତ୍ତର ଏକ ଏକ ଅପରୂପ ଚିତ୍ରପଟ । ଗଙ୍ଗାଧରଙ୍କ କାବ୍ୟର କଥାବସ୍ତୁ ପ୍ରାଚୀନ କିନ୍ତୁ ଆଧୁନିକ ରୁଚି ଓ ଚିନ୍ତା ବିଜଡ଼ିତ ତାଙ୍କ ଭାବରାଜି ନୀତି ଓ ଆଦର୍ଶର କଠୋର ଶୃଙ୍ଖଳା ଶାସିତ ହୋଇଥିଲେ ମଧ୍ୟ ବିବିଧ ମାନବୀୟ ଦୁର୍ବଳତାକୁ ସେ ପରିହାର କରିପାରି ନାହାନ୍ତି । ଏତତ୍ ବ୍ୟତୀତ ପ୍ରକୃତିର ଜୀବନ୍ତ ଓ ତଟସ୍ଥ ବର୍ଣ୍ଣନା ପ୍ରଦାନ କରିବାରେ ଗଙ୍ଗାଧର ସମଗ୍ର ଓଡ଼ିଆ ସାହିତ୍ୟରେ ଅନନ୍ୟ ଥିଲେ । ବହିଃ ପ୍ରକୃତି ସହିତ ଅନ୍ତଃ ପ୍ରକୃତିରେ ମନୋଜ୍ଞ ସମନ୍ୱୟ ଓ ପ୍ରକୃତିର ମାନବାୟନ ଗଙ୍ଗାଧରଙ୍କ ରଚନାକୁ ଆଜି ମଧ୍ୟ ସୁଖପାଠ୍ୟ କରିରଖିଛି ।

କବି ଗଙ୍ଗାଧର ମେହେର ବିଭିନ୍ନ ପ୍ରକାର ସାମାଜିକ ପ୍ରତିରୋଧ ସତ୍ତ୍ୱେ ନିଜର ସାରସ୍ୱତ ଲେଖନୀ ଚାଳନା କରି ବିଭିନ୍ନ କାବ୍ୟ କୁସୁମ ନିର୍ମାଣ କରିଥିଲେ । ସେହି କାବ୍ୟକୁସୁମରେ ସଜ୍ଜିତ କରିଥିଲେ ଉତ୍କଳ ଭାରତୀଙ୍କର ଅଙ୍ଗବଲ୍ଲରୀକୁ । ତାଙ୍କର କାବ୍ୟ କୁସୁମ ଲାଭକରି ଉତ୍କଳବାଣୀ ଦେବୀ ହୋଇଥିଲେ ମହିମାନ୍ୱିତ ଦେଦୀପ୍ୟମାନ । ଉତ୍କଳ ସାହିତ୍ୟାକାଶର ଏକ ଉଜ୍ଜ୍ୱଳ ଜ୍ୟୋତିଷ୍କ ରୂପେ ଦେଖାଦେଇ ଓଡ଼ିଆକାବ୍ୟ ରୂପକ ନୂତନ ଆଲୋକରେ ସମସ୍ତଙ୍କୁ ଉଦ୍‌ଭାସିତ କରିଛନ୍ତି । କବିଙ୍କ ଅମର ଲେଖନୀରୁ ଆତ୍ମ ପ୍ରକାଶ ପାଇଛି 'ରସରତ୍ନାକର', ଅହଲ୍ୟାସ୍ତବ, 'ଇନ୍ଦୁମତୀ, 'ତପସ୍ୱିନୀ', 'ପ୍ରଣୟବଲ୍ଲରୀ' 'କୀଚକ ବଧ' । କବି ବିଭିନ୍ନ ପ୍ରସଙ୍ଗରେ ଯେଉଁଭଳି ଆଦର୍ଶବୋଧ, ନୀତିବୋଧ, ଜାତୀୟତାବୋଧ, ଦାମ୍ପତ୍ୟ ପ୍ରେମ ପ୍ରତି ଶ୍ରଦ୍ଧା, ମାନବୀୟ ଗୁଣାବଳୀ, ଋଷିସୁଲଭ ଆଚରଣ ପଦ୍ଧତି ଆଦିର ପରିଚୟ ଦେଇଛନ୍ତି । ତାହା ତାଙ୍କର ଜୀବନାଲେଖ୍ୟର ବଳିଷ୍ଠ ସାକ୍ଷର କହିଲେ ଅତ୍ୟୁକ୍ତି ହେବ ।

(ଘ) **ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ତିରିଶଟି ଶବ୍ଦରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୨ ନମ୍ବର ରହିବ ।**

**ପ୍ର.୧. ତପସ୍ୱିନୀ ସୀତା କାହାକୁ ପତ୍ର ଲେଖିଥିଲେ ଓ କାହିଁକି ?**

ଉ. କବି – ଗଙ୍ଗାଧର ମେହେର

କବିତା – ତପସ୍ୱିନୀର ପତ୍ର

ତପସ୍ୱିନୀ ସୀତା ପ୍ରଭୁ ରାମଚନ୍ଦ୍ରଙ୍କ ପାଖକୁ ବିନୟ ପତ୍ର ଲେଖିଥିଲେ । ସୀତା ରାମଚନ୍ଦ୍ରଙ୍କର ଦ୍ୱିତୀୟ ପତ୍ନୀ ଗ୍ରହଣର ଆଶଙ୍କାରେ ଆଶଙ୍କିତା ହୋଇପଡ଼ିଛନ୍ତି । ଏହି ଆଶଙ୍କା ରୂପକ ଅନ୍ଧକାରକୁ ଭେଦ କରିବା ପାଇଁ ଓ ଆଶଙ୍କାକୁ ମଧୁର ଆଶାରେ ପରିଣତ କରିବା ପାଇଁ ସେ ରାମଚନ୍ଦ୍ରଙ୍କୁ ବିନୟ ପତ୍ର ଲେଖିଛନ୍ତି ।

**ପ୍ର.୨. ରାମଚନ୍ଦ୍ରଙ୍କର ଯଜ୍ଞ କରୁଥିବା କଥା ଶୁଣି ସୀତା କେଉଁ ପ୍ରସଙ୍ଗରେ ନିଶ୍ଚିତ ହୋଇଥିଲେ ?**

ଉ. କବି – ଗଙ୍ଗାଧର ମେହେର

କବିତା – ତପସ୍ୱିନୀର ପତ୍ର

ରାମଚନ୍ଦ୍ର ଅଶ୍ୱମେଧ ଯଜ୍ଞ କରିବାର ସନ୍ଦେଶ ବାଲ୍ମୀକିଙ୍କ ଠାରୁ ଜାଣିଥିଲେ । ଅଶ୍ୱମେଧ ଯଜ୍ଞ ଅର୍ଦ୍ଧାଙ୍ଗିନୀ ବିନା ସମ୍ଭବ ନୁହେଁ । ସୀତା ନିଶ୍ଚିତ ଯେ ରାମଚନ୍ଦ୍ର ଦ୍ୱିତୀୟ ପତ୍ନୀ ଗ୍ରହଣ କରିଛନ୍ତି । କାରଣ ପତ୍ନୀ ବିନା ଯଜ୍ଞକାର୍ଯ୍ୟ ଅସମ୍ଭବ ।

**ପ୍ର.୩. "ମୁହିଁ ତପସ୍ୱିନୀ ମୋତେ ନ କରିବ ହେୟ" –ଏହା କେଉଁ ପ୍ରସଙ୍ଗରେ କୁହାଯାଇଛି ?**

ଉ. କବି – ଗଙ୍ଗାଧର ମେହେର

କବିତା – ତପସ୍ୱିନୀର ପତ୍ର

ନିର୍ବାସିତା ସତୀ ସୀତା ସ୍ୱାମୀ ରାମଚନ୍ଦ୍ର ଦ୍ୱିତୀୟପତ୍ନୀ ଗ୍ରହଣ କରିଥିବା ଆଶଙ୍କାରେ ଆଶଙ୍କିତ ହୋଇ ଲେଖିଥିଲେ ଯେ ଦ୍ୱିତୀୟ ପତ୍ନୀ ଗ୍ରହଣ କରିଥିଲେ ମଧ୍ୟ ଏହି ତପସ୍ୱିନୀ ସୀତା ପ୍ରତି ହେୟଜ୍ଞାନ ମନେ କରିବେ ନାହିଁ ।

**ପ୍ର.୪. ସୀତା ପତ୍ର ଲେଖି ରାମଚନ୍ଦ୍ରଙ୍କ ଠାରୁ କେଉଁ ତପସ୍ୟା ଓ ମନ୍ତ୍ର ବିଷୟରେ ଜାଣିବାକୁ ଚାହିଁଥିଲେ ?**

ଉ. କବି – ଗଙ୍ଗାଧର ମେହେର

କବିତା – ତପସ୍ୱିନୀର ପତ୍ର

ସତୀସୀତା ସ୍ୱାମୀ ଦ୍ୱିତୀୟ ପତ୍ନୀ ଗ୍ରହଣ କରିଥିବା ଆଶଙ୍କାରେ ମ୍ରିୟମାଣା । ସେ ରାମଚନ୍ଦ୍ରଙ୍କ ପାଖରୁ ଜାଣିବାପାଇଁ ଚାହିଁଛନ୍ତି ଯେ ସେହି ମହିମାମୟୀ ନାରୀଟି କେଉଁ ପ୍ରକାର ତପ ଆଚରଣ କରିଥିଲା ଓ କେଉଁଠାରେ କେତେ କାଳ କେଉଁ ମନ୍ତ୍ରଜପ କରିଥିଲା ତାହା ଜାଣିବାପାଇଁ ।

**ପ୍ର.୫. ନିଜର ପୁତ୍ରମାନଙ୍କର କେଉଁ ଅସହାୟତା ବିଷୟରେ ସୀତା ପତ୍ର ମାଧ୍ୟମରେ ସ୍ୱାମୀଙ୍କୁ ଲେଖିଥିଲେ ।**

ଉ. କବି – ଗଙ୍ଗାଧର ମେହେର

କବିତା – ତପସ୍ୱିନୀର ପତ୍ର

ସୀତାଙ୍କର ଦ୍ୱିତୀୟ ଅନୁରୋଧଟି ଲବକୁଶ ସଂପର୍କରେ ଅଭିପ୍ରେତ । ବାଲ୍ମିକୀ ଆଶ୍ରମରେ ଜନ୍ମ ନେଇଥିବା ଯମଜ ସନ୍ତାନ । ଲବ ଓ କୁଶ ଅତ୍ୟନ୍ତ ଅବୋଧ ଶିଶୁ । ଜନ୍ମକାଳରୁ ପିତାଙ୍କ କୋଳରେ ବସିବାର ସୌଭାଗ୍ୟ ସେମାନଙ୍କର ନାହିଁ । ପିତାଙ୍କର ସ୍ନେହ, ଶ୍ରଦ୍ଧାରୁ ମଧ୍ୟ ସେମାନେ ଅତ୍ୟନ୍ତ ନିଷ୍ଠୁର ଭାବରେ ଜଡ଼ିତ ।

**ପ୍ର.୬. କାହିଁକି ସୀତାଙ୍କ ପ୍ରେମକୁ ରାମଚନ୍ଦ୍ର ସ୍ୱପ୍ନ ପରି ମନେ କରିବେ ବୋଲି ସେ ଉଲ୍ଲେଖ କରିଛନ୍ତି ।**

ଉ. କବି – ଗଙ୍ଗାଧର ମେହେର

କବିତା – ତପସ୍ୱିନୀର ପତ୍ର

ରାମଚନ୍ଦ୍ର ରାମାୟଣର କରୁଣ କାହାଣୀ ଶ୍ରବଣ କରି ଯଦି ସୀତାଙ୍କୁ ସ୍ମରଣ କରନ୍ତି, ସୀତାଙ୍କର ସ୍ମୃତି ଯଦି ତାଙ୍କୁ ପୁଣି ବ୍ୟଥିତ କରେ, ଚିତ୍ରପଟ ପରି ଅତୀତର ଘଟଣାବଳୀ ତାଙ୍କୁ ଭାବପ୍ରବଣ କରିଦିଏ, ତେବେ ସୀତାଙ୍କର ଗୋଟିଏ ପ୍ରେମକୁ ଗତାୟୁ ରାତିର ସ୍ୱପ୍ନ ଭଳି ସେ ଭୁଲିଯିବେ ।

**ପ୍ର.୭. ତପସ୍ୱିନୀ ସୀତାଙ୍କର ସନ୍ଦେହାଚ୍ଛନ୍ନ ଭାବନାର ପରିଚୟ ଦିଅ ।**

ଉ. କବି – ଗଙ୍ଗାଧର ମେହେର

କବିତା – ତପସ୍ୱିନୀର ପତ୍ର

ରାଜା ରାମଚନ୍ଦ୍ର ଅଶ୍ୱମେଧ ଯଜ୍ଞ କରିଥିବାର ସମ୍ବାଦ ବାଲ୍ମୀକିଙ୍କଠାରୁ ଶୁଣି ଆତଙ୍କିତ ହୋଇଛନ୍ତି ସତୀସୀତା । ଅଶ୍ୱମେଧ ଯଜ୍ଞ ପତ୍ନୀ ବିନା ହେବା ସମ୍ଭବ ନୁହେଁ । ତେଣୁ ତାଙ୍କର ନାରୀ ହୃଦୟ ଭାଙ୍ଗି ପଡ଼ିଛି । ତାଙ୍କ ନାରୀମନ ରାମଚନ୍ଦ୍ର ସପତ୍ନୀ ଗ୍ରହଣ କରିଥିବା ଦୁଃଖ ବୋଧରେ ଭଙ୍ଗି ପଡ଼ିଥିଲା । ତାପରେ ସେହି ଦ୍ୱିତୀୟ ପତ୍ନୀଙ୍କ ନାମ ଠିକଣା ଜପ ଓ ତପ ବିଷୟରେ ଜାଣିବାକୁ ସନ୍ଦେହ ମନ ବିନୟ ପତ୍ର ଦେଖିଛନ୍ତି ।

## (ଡ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ । ପ୍ରଶ୍ନର ମୂଲ୍ୟ ୫ ନମ୍ବର ।

**ପ୍ର.୧. 'ତପସ୍ୱିନୀର ପତ୍ର' କବିତା ଅବଲମ୍ବନରେ ସୀତାଙ୍କ ଚାରିତ୍ରିକ ମହତ୍ତ୍ୱର ପରିଚୟ ଦିଅ ।**

ଉ. ଯନ୍ତ୍ରଣା ଜର୍ଜରିତ ଓ ଜଞ୍ଜାଳ ପୀଡ଼ିତ ପାର୍ଥୀବ ଜୀବନର ଯାବତୀୟ ଅଭାବ ଓ ଅନାଟନକୁ ଅକୁଣ୍ଠ ଚିତ୍ତରେ ସହ୍ୟକରି ଜୀବନର ସକଳ ବିଷୟକୁ ଯିଏ ବିଷକଣ୍ଠ ନୀଳକଣ୍ଠଙ୍କ ପରି ଆକଣ୍ଠ ପାନକରି ଅମୃତମୟ ବାଣୀକୁ ବୈଦିକ ଋଷିଭଳି ଉଦ୍‌ଘୋଷଣ କରିଯାଇଛନ୍ତି, ସେହି ସାରସ୍ୱତ ସାଧକ ହେଉଛନ୍ତି ପ୍ରକୃତି କବି ଗଙ୍ଗାଧର ମେହେର । ଏହି ସ୍ୱଭାବକବି ଗଙ୍ଗାଧର ମେହେରଙ୍କର ଜନ୍ମହୁଏ ୧୮୬୨ ମସିହା ଅଗଷ୍ଟ ମାସ ୯ ତାରିଖ ଶ୍ରାବଣ ପୂର୍ଣ୍ଣିମାର ପବିତ୍ର ତିଥିରେ । ସମ୍ବଲପୁର ଜିଲ୍ଲାର ବରପାଲ୍ଲୀ ଗ୍ରାମର ଏକ ଅଖ୍ୟାତ ତନ୍ତୁବାୟ ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ଚୈତନ୍ୟ ମେହେର ଏବଂ ମାତାଙ୍କ ନାମ ଥିଲା ସେବତୀ ଦେବୀ । ତାଙ୍କ ପିତା ଥିଲେ ଅତି ଦରିଦ୍ର ତନ୍ତୀ ଓ କୌଳିକ ବ୍ୟବସାୟ କରି କୌଣସି ମତେ ସେ ପରିବାର ପ୍ରତିପୋଷଣ କରୁଥିଲେ ।

କବି ଥିଲେ ଭାରତୀୟ ପରମ୍ପରାର ଜଣେ ଦୃଢ଼ ସମର୍ଥକ । ଗଙ୍ଗାଧରଙ୍କ କାବ୍ୟର କଥାବସ୍ତୁ ପ୍ରାଚୀନ କିନ୍ତୁ ଆଧୁନିକ ରୁଚି ଓ ଚିନ୍ତା ବିଜଡ଼ିତ । ତାଙ୍କ ଭାବରାଜି ନୀତି ଓ ଆଦର୍ଶର କଠୋର ଶୃଙ୍ଖଳା ଶାସିତ ହୋଇଥିଲେ ମଧ୍ୟ ବିବିଧ ମାନବୀୟ ଦୁର୍ବଳତାକୁ ସେ ପରିହାର କରି ପାରିନାହାନ୍ତି । ଏତତ୍ ବ୍ୟତୀତ ପ୍ରକୃତିର ଜୀବନ୍ତ ଓ ତଟସ୍ଥ ବର୍ଣ୍ଣନା ପ୍ରଦାନ କରିବାରେ ଗଙ୍ଗାଧର ସମଗ୍ର ଓଡ଼ିଆ ସାହିତ୍ୟରେ ଅନନ୍ୟ ଥିଲେ । ବହିଃ ପ୍ରକୃତି ସହିତ ଅନ୍ତଃ ପ୍ରକୃତିରେ ମନୋଜ୍ଞ

ସମନ୍ୱୟ ଓ ପ୍ରକୃତିର ମାନବାୟନ ଗଙ୍ଗାଧରଙ୍କ ରଚନାକୁ ଆଜି ମଧ୍ୟ ସୁଖପାଠ୍ୟ କରି ରଖିଛି । କବିଙ୍କ ଅମର ଲେଖନୀରୁ ଆତ୍ମ ପ୍ରକାଶ ପାଇଛି ରସରତ୍ନାକର, ଅହଲ୍ୟାସ୍ତବ, ଇନ୍ଦୁମତୀ, ତପସ୍ୱିନୀ, ପ୍ରଣୟ ବଲ୍ଲରୀ, କୀଚକବଧ । ଏହି କାବ୍ୟକୁସୁମରେ ସଜ୍ଜିତ କରିଥିଲେ ଉତ୍କଳ ଭାରତୀୟଙ୍କର ଅଙ୍ଗବଲ୍ଲରୀକୁ ।

ଆଧୁନିକ ଓଡ଼ିଆ କାବ୍ୟଜଗତରେ କବି ଗଙ୍ଗାଧର ଥିଲେ ଭାରତୀୟ ସଂସ୍କୃତ ଓ ପରମ୍ପରାର ଶ୍ରେଷ୍ଠ ଉପାସିତ କବି ଗଙ୍ଗାଧରଙ୍କ କାବ୍ୟ ସୃଷ୍ଟିରେ । ତେଣୁ ଯେଉଁସବୁ ଚରିତ୍ର ସ୍ଥାନ ପାଇଛନ୍ତି, ସେହି ଚରିତ୍ରଗୁଡ଼ିକ ମୁଖ୍ୟତଃ ତ୍ୟାଗ ବା ଆଦର୍ଶବୋଧର ପରିପ୍ରଚାର କରିଯାଇଛନ୍ତି । କବି ଗଙ୍ଗାଧରଙ୍କ ପ୍ରତିଭାର ଚରମ ଉତ୍କର୍ଷତା ପ୍ରଦାନ କରିଥାଏ ତାଙ୍କର 'ତପସ୍ୱିନୀ' କାବ୍ୟ । ଏହି କାବ୍ୟରେ କବି ପୁରାଣ ପରଂପରାରୁ ଯେଉଁ ଚରିତ୍ରକୁ ଗ୍ରହଣ କରିଛନ୍ତି ତନ୍ମଧ୍ୟରୁ ସର୍ବଶ୍ରେଷ୍ଠ ଆସନ ଦାବି କରି ବସନ୍ତି ସତୀ ସୀତା । ସତୀସୀତା ଥିଲେ ରାଜର୍ଷି ଜନକଙ୍କର ଅଲିଅଳୀ ରାଜଜେମା ଓ ପବିତ୍ର ସୂର୍ଯ୍ୟବଂଶୀ ରାଜା ଦଶରଥଙ୍କର ପୁତ୍ରବଧୂ ଓ ରଘୁକୁଳ ତିଳକ ରାମଚନ୍ଦ୍ରଙ୍କର ହୃଦୟ ଜ୍ୟୋତ୍ସ୍ନା । ପିତୃସତ୍ୟ ପାଳନ କରି ରାଜା ରାମଚନ୍ଦ୍ର ଯେତେବେଳେ ଦୀର୍ଘ ଚତୁର୍ଦ୍ଦଶବର୍ଷ ପାଇଁ ବନ ଗମନ କରିଥିଲେ ସେତେବେଳେ ସୀତା ସ୍ୱତଃପ୍ରବୃତ୍ତ ହୋଇ ସ୍ୱାମୀଙ୍କ ପଦାଙ୍କ ଅନୁସରଣ କରିଥିଲେ । ବନ ଭିତରେ ରାଜକନ୍ୟା ଓ ରାଜବଧୂ ସୀତା ଅନେକ କଷ୍ଟ ଓ ଯାତନା ଅନୁଭବ କରିଥିଲେ ମଧ୍ୟ କଦାପି ସନ୍ତାପିତ ହୋଇ ନ ଥିଲେ । ଲଙ୍କାର ରାଜା ରାକ୍ଷସ ରାବଣ ତାଙ୍କୁ ଅପହରଣ କରି ନେଇଥିଲେ ଓ ରାମଚନ୍ଦ୍ର ରାବଣ କବଳରୁ ସୀତାଙ୍କୁ ଉଦ୍ଧାର କରି ଆଣି ଅଗ୍ନି ପରୀକ୍ଷା କରାଇ ରାଜବାଟୀକୁ ଆଣିଥିଲେ । ମାତ୍ର ସତୀ, ସାଧ୍ୱୀ ପତିବ୍ରତା, ସ୍ୱାମୀ ସୋହାଗିନୀଙ୍କର ଦୁଃଖ ଏତିକିରେ ଉପଶମ ହେଲାନାହିଁ । ଲୋକାପବାଦ ହେତୁ ରାଜା ରାମଚନ୍ଦ୍ର ସୀତାଙ୍କୁ କଠୋର ନିର୍ବାସନ ଦଣ୍ଡରେ ଦଣ୍ଡିତ କଲେ । ମାତ୍ର ସତୀ ସୀତା ନିଜର ସମସ୍ତ ଧୈର୍ଯ୍ୟ ଖଟାଇ ଏଭଳି ଦୁଃଖକୁ ଗ୍ରହଣ କରିଥିଲେ ମଧ୍ୟ କାହାକୁ ସେ ଦୋଷାରୋପ କରିନାହାନ୍ତି । ବରଂ କର୍ମ ଆଦରି ସେ ଆଶ୍ରମ ଜୀବନରେ ତପସ୍ୱିନୀ ଭଳି କାଳାତିପାତ କରିଛନ୍ତି । ଏହି ଚିର ଆଦର୍ଶମୟୀ ସୀତାଙ୍କୁ କବି ଗଙ୍ଗାଧର ସତୀ, ସାଧ୍ୱୀ, ପତିବ୍ରତା ସୁନ୍ଦରୀ ପ୍ରେମମୟୀ, ତପସ୍ୱିନୀ ତଥା ସର୍ବସଂହା ସୀତା ଭାବରେ ଚରିତ୍ରର ପରାକାଷ୍ଠା ପ୍ରଦର୍ଶନ କରିବାକୁ ଯାଇ ଲେଖିଛନ୍ତି - ପିତୃସତ୍ୟ ରକ୍ଷା ନିମନ୍ତେ ବନବାସୀ ହେବାରୁ ରାମଙ୍କର ଓ ସ୍ୱାମୀଙ୍କର ଅନୁଗାମିନୀ ହେବାରୁ ସୀତାଙ୍କର ଯେଉଁ ମାହାତ୍ମ୍ୟ ପରିସ୍ଫୁଟ ହୋଇଥିଲା, ସୀତାଙ୍କର ନିର୍ବାସନରେ ତାହା ସୌରଭମୟ ହୋଇଥିଲା । ତାଙ୍କ ହିରଣ୍ମୟ ପ୍ରତିକୃତ ରଖି ଅଶ୍ୱମେଧ ଯଜ୍ଞ ନିର୍ବାହ କରିବାଦ୍ୱାରା ରାମଙ୍କ ପତ୍ନୀପ୍ରେମ ସେହିଭଳି ପ୍ରଦୀପ୍ତ ହୋଇ ଉଠିଲା । ଉପଯୁକ୍ତ ପତିଙ୍କର ଉପଯୁକ୍ତ ପତ୍ନୀ ସୀତା ମିଥ୍ୟାପବାଦରେ ସ୍ୱାମୀ କର୍ତ୍ତୃକ ପରିତ୍ୟକ୍ତା ହୋଇଥିଲେହେଁ ସ୍ୱାମୀଙ୍କ ହୃଦୟର ପ୍ରେମକୁ ବୁଝିପାରୁଥିଲେ । ନିର୍ବାସନ ଦଣ୍ଡ ନିଜ ଭାଗ୍ୟଦୋଷ ବୋଲି ମନେ କରି ପତିଭକ୍ତିକୁ ଦୃଢ଼ତର ଓ ଉଚ୍ଚତର କରିପାରିଥିଲେ । ବନବାସକୁ ପତିହିତସାଧନ ତପସ୍ୟାରେ ପରିଣତ କରି ତପସ୍ୱିନୀ ରୂପେ କିପରି ଦିନଯାପନ କରିଥିଲେ ତାହା ପ୍ରକଟ କରିବା ଏହି ପୁସ୍ତକର ଉଦ୍ଦେଶ୍ୟ ।" କବି ଇଚ୍ଛାକୃତ ଭାବରେ ସୀତାଙ୍କ ଚରିତ୍ରକୁ ମହନୀୟ କରି ଗଢ଼ି ତୋଳିଛନ୍ତି ବୋଲି ଏଥିରୁ ସ୍ପଷ୍ଟ ।

ରାଜା ରାମଚନ୍ଦ୍ର ଅଶ୍ୱମେଧ ଯଜ୍ଞ କରିଥିବାର ସମ୍ବାଦ ବାଲ୍ମୀକି ଠାରୁ ଶୁଣି ଆତଙ୍କିତ ହୋଇ ପଡ଼ିଥିଲେ ସୀତା । କାରଣ ଅଶ୍ୱମେଧ ଯଜ୍ଞ ଅର୍ଦ୍ଧାଙ୍ଗିନୀ ବ୍ୟତିରେକେ ହେବା ସମ୍ଭବ ନୁହେଁ । ତେଣୁ ତାଙ୍କର ନାରୀ ହୃଦୟ ଭାଙ୍ଗିପଡ଼ିଥିଲା । ଏହି ଦୁଃଖବୋଧକୁ ପତ୍ରଟିଏ ଲେଖି ଲାଘବ କରିବାକୁ ସୀତା ଚେଷ୍ଟା କରିଛନ୍ତି । ପତ୍ରର ଆରମ୍ଭରେ ନିଜର ସମସ୍ତ ଦୁଃଖର କାରଣ ରାମଚନ୍ଦ୍ରଙ୍କୁ ଶରଣବତ୍ସଳ, ଦୁଃଖ ବିନାଶକାରୀ ପ୍ରଭୁ ରାମଚନ୍ଦ୍ର ବୋଲି ତାଙ୍କ ପାଦପଦ୍ମରେ ମୁଣ୍ଡ ନୁଆଁଇ ବନ୍ଦନା କରିଛନ୍ତି । ଭାରତୀୟ ନାରୀ ସ୍ୱାମୀଙ୍କୁ ଦେବତାତୁଲ୍ୟ ଜ୍ଞାନ କରେ । ସ୍ୱାମୀ ବିନା ତା'ର ଜୀବନ ନିରର୍ଥକ ଓ ଅସଂପୂର୍ଣ୍ଣ । ପତିନିନ୍ଦା ତା'ପାଇଁ ଘୋରତର, ପାପ ଓ ନର୍କବାସ । ତା' ବ୍ୟତୀତ ଭାରତୀୟ ନାରୀ ତ୍ୟାଗର ମହିମାମୟ ପରିପ୍ରକାଶ । ସହନଶୀଳତାର ସେ ମୂର୍ତ୍ତିମନ୍ତ ରୂପ । ସେ ଜନନୀ, ଭଗିନୀ ଓ ଜାୟା । ତେଣୁ ସେ ରାମଚନ୍ଦ୍ରଙ୍କଠାରୁ ଜାଣିବାକୁ ଚାହିଁଛନ୍ତି ଯେ ତାଙ୍କର ନବପରିଣିତା ସ୍ତ୍ରୀଟି କେତେକାଳ ଧରି ଓ କେଉଁ ମନ୍ତ୍ର ଜପି ରାମଚନ୍ଦ୍ରଙ୍କୁ ସ୍ୱାମୀରୂପେ ପାଇଛନ୍ତି ।

କାରଣ ସେ ନିଜକୁ ସେହି ମନ୍ତ୍ରରେ ଅଭିମନ୍ତ୍ରିତ କରି ପୁଣି ରାମଚନ୍ଦ୍ରଙ୍କୁ ପାଇବାପାଇଁ ନିଜକୁ ପ୍ରସ୍ତୁତ କରିପାରିବେ । ରାମଚନ୍ଦ୍ରଙ୍କୁ ପତିରୂପେ ପାଇବାର ତପସ୍ୟା ତାଙ୍କର ପୂର୍ବରୁ ଅସଫଳ ହୋଇଛି । ତାଙ୍କ ପୂଜା, ନିରାଜନା, ଜପ, ମନ୍ତ୍ରରେ ହୁଏତ କେଉଁଠି କିଛି ତ୍ରୁଟି ରହିଯାଇଛି । କବି ଏହାକୁ ଏକ ନମନୀୟ, ଆଦର୍ଶମୟୀ ନାରୀ ହୃଦୟର ଆବେଗ ଭାବେ ଗ୍ରହଣ କରି ଲେଖିଛନ୍ତି ।

"ଯେ ହୋଇଛି ଆଜି ତୁମ୍ଭ ଅଙ୍କର ଭାଜନ
ଭକ୍ତିକରି ଦେଖୁଥିବେ ଜଗତର ଜନ,
ପୂର୍ବେ ସେହୁ କରିଥିଲେ କେଉଁ ଘୋରତପ,
କେଉଁଠାରେ କେତେ କାଳ କେଉଁ ମନ୍ତ୍ରଜପ ।

ସେହିପରି ଋଷି ଆଶ୍ରମରେ ତପସ୍ୱିନୀ ଜୀବନ ଯାପନ କରି ନୀରବରେ ସର୍ବଦା ରାମଚନ୍ଦ୍ରଙ୍କ ଶୁଭେଚ୍ଛା କାମନା କରି ଆସିଛନ୍ତି । ତାଙ୍କରି ଭକ୍ତର ଦାୟାଦଙ୍କୁ ଗର୍ଭରେ ଧରି ବନବାସିନୀ ଜୀବନ ବିତାଇଛନ୍ତି । ତଥାପି ସନ୍ତାନମାନଙ୍କୁ ଯୋଗ୍ୟତମ କରି ଗଢ଼ି ତୋଳିବାପାଇଁ ଭାରତୀୟ ନାରୀର ସମସ୍ତ ତ୍ୟାଗ ସେ ଗ୍ରହଣ କରିଛନ୍ତି । ସନ୍ତାନମାନଙ୍କର ଥରେ ପିତାଙ୍କୁ ଚିହ୍ନିବାର ଅବକାଶ ନଥିଲା । ସେମାନେ ପିତାଙ୍କ କୋଳରେ ଥରେ ବସିବାର ସୌଭାଗ୍ୟ ପାଇନାହାନ୍ତି କିମ୍ବା ପିତାଙ୍କର ସ୍ନେହ ଶ୍ରଦ୍ଧା ତାଙ୍କୁ ବଢ଼ିବାରେ ସାହାଯ୍ୟ କରିନାହିଁ । ଉଭୟ ପିତା ଓ ମାତାର ଅମୃତ ସ୍ପର୍ଶ ଦେଇ ସେ ମଣିଷ କରିଛନ୍ତି । ଯାହା ତାଙ୍କ ତ୍ୟାଗପୂତ ଜୀବନର ପରାକାଷ୍ଠା ପରିପ୍ରକାଶ କରେ ।

ଲବକୁଶଙ୍କ ମୁଖରୁ ନିଜଜୀବନର କରୁଣ କାହାଣୀ ଶୁଣି ସେ ଅଥୟ ହୋଇପଡ଼ନ୍ତି । ଆଖିରୁ ତାଙ୍କର ଧାର ଧାର ହୋଇ ଲୋତକ ବହିଯାଏ । ବୃକ୍ଷଲତା ମଧ୍ୟ ତାଙ୍କର ପତ୍ର ଥରାଇ ସେମାନଙ୍କର ଦୁଃଖ ଓ କୋହକୁ ପ୍ରକାଶ କରନ୍ତି ଦୁଃଖିନୀ ସୀତାଙ୍କର କିନ୍ତୁ ପତିତ୍ୟାଗ ପାଳନବ୍ରତ ଉଦ୍‌ଯାପିତ ହୁଏନାହିଁ । ସମସ୍ତ ଦୁଃଖକୁ ସେ ନିର୍ବିକାର ଭାବରେ ବନର ଫୁଲପରି ଗ୍ରହଣ ନେଇଛନ୍ତି । ସେ ଚାହିଁଲେ ମଧ୍ୟ ପ୍ରତିବାଦ କରିପାରିଥାନ୍ତେ । କିନ୍ତୁ ତାହା ସେ କରିନାହାନ୍ତି ବରଂ ନିଜର ସନ୍ତାନମାନଙ୍କୁ ପିତାଙ୍କର ଦର୍ଶନ କରିବାପାଇଁ ଓ ପଦପଙ୍କଜ ଥରେ ସ୍ପର୍ଶ କରିବାପାଇଁ ପ୍ରେରଣ କରିଛନ୍ତି । କାରଣ ଭାରତୀୟ ନାରୀ ସ୍ୱାମୀର ପରିଚୟରେ ପରିଚିତ ହେବାକୁ ଚାହେଁ । ନିଜେ ଜଳି ଅନ୍ୟକୁ ଆଲୋକିତ କରିବା ଆଦର୍ଶ ନାରୀଜୀବନର ଚରମ ସାର୍ଥକତା । ନିଜେ ଲୁହକୁ ନିଜେ ପିଇ ସେ ବଞ୍ଚିଶିଖିଛି । ଜୀବନର ଅକୁହା ବେଦନା ସେ ସର୍ବଂସହା ଧରିତ୍ରୀ ଭଳି ନିଜ ଭିତରେ ଲୁଚାଇ ଶିଖିଛି । କବି ପତିବ୍ରତା, ସତୀ ସୀତାଙ୍କ ହୃଦୟର କରୁଣ ଭାବୋଚ୍ଛ୍ୱାସକୁ ରୂପ ଦେଇ ଲେଖିଛନ୍ତି–

"ଲେଖୁଥାନ୍ତି ପତ୍ରସତୀ ହୃଦୟ ବିକଳେ
ପତ୍ରଧୌତ ହେଉଥାଏ ନୟନର ଜଳେ ।"

କିମ୍ବା

ଶୁଣାଇବେ ତୁମ୍ଭ ଗତ ଦୁଃଖର କାହାଣୀ
ଯାହା ଶୁଣିଲେ ଦୁଃଖିନୀର ହୃଦ ହୁଏ ହାଣି ।
ନ ଶୁଣିଲେ ତହିଁ ପ୍ରତି ଧାଉଁଥାଏ ମନ
ନ ହୁଅଇ କରି ତା'ର ଔତ୍ସୁକ୍ୟ ଦମନ ।

କବି ଗଙ୍ଗାଧର ପ୍ରାଚ୍ୟ ସଂସ୍କୃତିର ଥିଲେ ଜଣେ ସାର୍ଥକ ଓ ନୀରବ ଉପାସକ । ତାଙ୍କର ଲିଖିତ ପ୍ରତ୍ୟେକ କାବ୍ୟ ଆର୍ଯ୍ୟସଂସ୍କୃତିର ମହାନୀୟତାକୁ ପ୍ରକାଶ କରିବାକୁ ଅଭିପ୍ରେତ । ନୀତି ଓ ନୈତିକତାର କରିଥିଲେ ଉପାସକ । ପବିତ୍ର ରାମାୟଣ ଗ୍ରନ୍ଥର ମୁଖ୍ୟ ଚରିତ୍ର ସୀତାଙ୍କର ତ୍ୟାଗପୂତ ଆଦର୍ଶମୟ ଓ ମହନୀୟ ଭାବବୋଧକୁ 'ତପସ୍ୱିନୀର ପତ୍ର'

କବିତାରେ ଅତ୍ୟନ୍ତ ମନୋଜ୍ଞ ଓ ମର୍ମସ୍ପର୍ଶୀ ଭାବରେ ଚିତ୍ରଣ କରିଛନ୍ତି । ଫଳରେ ସୀତା ଉକ୍ତ କବିତାଟିରେ ସହନଶୀଳତା, ପତିପ୍ରାଣତା, ସଫଳ ମାତୃତ୍ୱବୋଧର ମୂର୍ତ୍ତିମନ୍ତ ରୂପଗ୍ରହଣ କରିଛନ୍ତି । ଗଙ୍ଗାଧର ଯଥାସମ୍ଭବ ଚେଷ୍ଟା କରିଛନ୍ତି ଜଣେ ଆଦର୍ଶ ନାରୀର ସୁଗୁଣଗୁଡ଼ିକୁ ସୀତା ଚରିତ୍ରରେ ପରିସ୍ଫୁଟନ କରିବାପାଇଁ ସେ ସଫଳ ହୋଇଛନ୍ତି । ଯାହାଫଳରେ ସୀତା ସାଧାରଣ ରକ୍ତ ମାଂସଧାରୀ ନାରୀଟିଏ ନ ହୋଇ, ହୋଇ ଉଠିଛନ୍ତି ଏକ ମହିମାମୟୀ ଦେବୀ ।

**ପ୍ର.୨. 'ତପସ୍ୱିନୀର ପତ୍ର' କବିତାରେ ସୀତାଙ୍କ ନାରୀ ମନସ୍ତତ୍ତ୍ୱ କିପରି ପ୍ରତିଫଳିତ–ଆଲୋଚନା କର ।**

**ଉ.** ସଂସ୍କୃତ ସାହିତ୍ୟର ବିଶିଷ୍ଟ ଆଳଙ୍କାରିକମାନେ କାବ୍ୟର ଆତ୍ମାକୁ ରସ ବୋଲି କରିଥାନ୍ତି । ରସ ହେଉଛି ଅନୁଭୂତିର ବିଷୟ । ଏହା ଅଲୌକିକ ଓ ଅନିର୍ବଚନୀୟ । ବ୍ୟକ୍ତିର ଚିତ୍ତରେ ଅଲୌକିକ ଆନନ୍ଦ ପ୍ରକାଶ କରିଥାଏ । ବ୍ୟକ୍ତିର ଅନ୍ତର ଭିତରୁ ଯାବତୀୟ ତମ ଭାବ ଓ ରାଜି ଭାବକୁ ଏହା ନିର୍ବାଚିତ କରାଇ ସତ୍ତ୍ୱଗୁଣରେ ଉଦ୍ରେକ କରିଥାଏ । ଏ ସମ୍ପର୍କରେ ଆଲୋଚକମାନେ ମତ ଦେଇଥାନ୍ତି ଯେ କାବ୍ୟଶାସ୍ତ୍ର ଅନୁଭବର କଥା । ବ୍ୟକ୍ତିର ଅନୁଭବ ପାଠକଙ୍କ ନିକଟରେ ପହଞ୍ଚେ ଓ ଏହା ଯେତିକି ରସାତ୍ମକ ହୋଇଥାଏ ସେତିକି ଉପଭୋଗ୍ୟ ହୋଇଥାଏ । ରସ ପରିବେଷଣର ଉଦ୍ଦେଶ୍ୟ ଆନନ୍ଦ ପ୍ରଦାନ କରିବା ରସ ହେଉଛି ବ୍ରହ୍ମାନନ୍ଦ ସହୋଦର । ରସହୀନ କାବ୍ୟ, କାବ୍ୟ ପଦବାଚ୍ୟ ହୁଏନାହିଁ । ଏହା ପାଠକର ହୃଦୟକୁ ମଧ୍ୟ ଆୟତ କରିପାରେ ନାହିଁ । ରସହୀନ କାବ୍ୟ ନୀରସ ଓ ନିଷ୍ପ୍ରାଣ ରଚନା ଭଳି ପ୍ରତୀୟମାନ ହୁଏ । ଆଳଙ୍କାରିକ ବିଶ୍ୱନାଥ କବିରାଜ ସାହିତ୍ୟ ଦର୍ପଣ ପୁସ୍ତକରେ ରସ ସମ୍ପର୍କରେ ଅଭିମତ ଦେଇ କୁହନ୍ତି–

"ବାକ୍ୟ ରସାତ୍ମକ କାବ୍ୟମ୍"

ରସ ହେଉଛି କାବ୍ୟର ଆତ୍ମା । କବିତା ସୁନ୍ଦରୀ ଯେତେ ସୌନ୍ଦର୍ଯ୍ୟମୟୀ ହେଲେ ମଧ୍ୟ ରସମୟୀ ନହେଲେ ତା'ର ସୌନ୍ଦର୍ଯ୍ୟର କୌଣସି ମୂଲ୍ୟ ରହେ ନାହିଁ ।

ତପସ୍ୱିନୀ କାବ୍ୟ ରାମାୟଣ କଥାବସ୍ତୁ ଉପରେ ଆଧାରିତ । ସୀତାଙ୍କର ଉତ୍ତରଜୀବନର କରୁଣ ରସାତ୍ମକ ଅଭିବ୍ୟକ୍ତି ହେଉଛି ଏହି କାବ୍ୟ । କରୁଣ ରସ ହେଉଛି ଏହି କାବ୍ୟର ଅନ୍ତଃସ୍ୱର । ସୀତା ରାମଚନ୍ଦ୍ରଙ୍କ ଦ୍ୱାରା ଭାଗିରଥୀ ତୀରବର୍ତ୍ତୀ କାନନରେ ନିର୍ବାସିତା ହୋଇଥିଲେ । ବନଭୂମି ତାଙ୍କ କରୁଣ ବିଳାପରେ ବିକଳି ଉଠିଥିଲା । ସ୍ତମ୍ଭୀଭୂତ ହୋଇଯାଇଥିଲା ବନର ପ୍ରକୃତି । ଗଙ୍ଗାର ତରଙ୍ଗାୟିତ ବକ୍ଷ ନିସ୍ତରଙ୍ଗ ହୋଇଯାଇଥିଲା । ବିହଙ୍ଗମାନଙ୍କର କାକଳିତ କଣ୍ଠସ୍ୱର ରୁଦ୍ଧ ହୋଇଯାଇଥିଲା । ଗଛର ପତ୍ରମାନେ ସ୍ଥିର ହୋଇଯାଇଥିଲେ । ସମଗ୍ର ତପସ୍ୱିନୀ କାବ୍ୟ ସୀତାଙ୍କର ଯନ୍ତ୍ରଣା ଜର୍ଜରିତ ଜୀବନର ସାର୍ଥକ ରୂପଚିତ୍ର । 'ତପସ୍ୱିନୀର ପତ୍ର' ଏହି ଦୁଃଖଦ ଜୀବନର ଅଶ୍ଳୀଳ ଇସ୍ତାହାର ।

ବାଲ୍ମୀକିଙ୍କଠାରୁ ସୀତା ଯେତେବେଳେ ରାମଚନ୍ଦ୍ରଙ୍କର ଅଶ୍ୱମେଧ ଯଜ୍ଞାନୁଷ୍ଠାନ ସମ୍ପର୍କରେ ଜ୍ଞାତ ହେଲେ ସେତେବେଳେ ସେ ଆଶଙ୍କାରେ ମ୍ରିୟମାଣ ହୋଇପଡ଼ିଛନ୍ତି । ଅର୍ଦ୍ଧାଙ୍ଗିନୀ ବିନା ଅଶ୍ୱମେଧ ଯଜ୍ଞର ପରିକଳ୍ପନା ଅସମ୍ଭବ । ତେଣୁ ସୀତାଙ୍କ ଭାବନାରେ–

ଭାବିଲେ ନିଶ୍ଚୟ ରଘୁକୁଳ ଚୂଡ଼ାମଣି
ଅଙ୍କେ ବସାଇଲେ ଆଣି ଦ୍ୱିତୀୟ ରମଣୀ ।

ଫଳରେ ତାଙ୍କର ହୃଦୟ ଅଭିମାନରେ ଜର୍ଜରିତ ହୋଇପଡ଼ିଛି ।

ଏହି ଅଭିମାନ ଓ କୋହ ଆବରଣ ଭିତରେ ବିଭିନ୍ନ ଭାବରେ ପ୍ରକାଶିତ ହୋଇଛି ଏହି କବିତାରେ । ସୀତା ପତ୍ରରେ ତାଙ୍କର ପରିଚୟ ଜାଣିବାକୁ ନ ଚାହିଁବାକୁ ରାମଚନ୍ଦ୍ରଙ୍କୁ ଅନୁରୋଧ କରିଛନ୍ତି । ରାମଚନ୍ଦ୍ର ସର୍ବଦା ତପସ୍ୱୀମାନଙ୍କର ଅଶାନ୍ତ ନାଶ କରିଥାନ୍ତି ଓ ସେମାନଙ୍କୁ ସର୍ବସ୍ୱ ଦେବା ପାଇଁ ମଧ୍ୟ କୁଣ୍ଠା ପ୍ରକାଶ କରନ୍ତି ନାହିଁ । ସେହିପରି ସୀତା ହେଉଛନ୍ତି ଜଣେ ତପସ୍ୱିନୀ । ତେଣୁ ତାଙ୍କର ପ୍ରାର୍ଥନା ଅକୃପଣ ହୋଇ ରାମଚନ୍ଦ୍ର ପୂରଣ କରିବେ ବୋଲି ଆଶା ପୋଷଣ କରିଛନ୍ତି । ସୀତା ହେଉଛନ୍ତି ରାମଚନ୍ଦ୍ରଙ୍କ ଅର୍ଦ୍ଧାଙ୍ଗିନୀ । ଅଥଚ ସେ ପତ୍ନୀର ଗୌରବ ଚାହାନ୍ତି ନାହିଁ । ପତ୍ନୀର ଦାବି ମଧ୍ୟ ଉପସ୍ଥାପନ କରନ୍ତି ନାହିଁ । ଏଥିରେ ଜଣେ ସ୍ତ୍ରୀ ହୃଦୟର ପୁଞ୍ଜିଭୂତ ଦୁଃଖ ପ୍ରକାଶିତ ହୋଇଛି ।

ସେହପର ସୀତା ରାମଚନ୍ଦ୍ରଙ୍କର ପତ୍ନୀଙ୍କ ସମ୍ପର୍କରେ ଜାଣିବାକୁ ଚାହିଁଛନ୍ତି । କାରଣ ସେହିଭଳି ଏକନିଷ୍ଠ ତପ ଆଚରଣ କରିନଥିଲେ ପୁରୁଷୋତ୍ତମ ରାମଚନ୍ଦ୍ରଙ୍କର ପତ୍ନୀ ହେବାର ସୌଭାଗ୍ୟ ଲାଭ କରିପାରିବ ନାହିଁ । ତେଣୁ ସେ ଜାଣିବାକୁ ଚାହିଁଛନ୍ତି ସେ ନାରୀ ଜଣକ କେଉଁଠାରେ କେଉଁ କାଳ କେଉଁ ମନ୍ତ୍ର ଜପକରି ତପସିଦ୍ଧା ହୋଇଛି । ଏଥିରେ ସ୍ୱାମୀ ସପତ୍ନୀ ଗ୍ରହଣ କରୁଥିବା ଜଣେ ଦୁଃଖିନୀ ନାରୀର ଅନ୍ତଃଦାହ ପ୍ରକାଶିତ ହୋଇଛି । ଏଠାରେ ସୀତା ନିଜେ କାନ୍ଦୁନାହାନ୍ତି କିନ୍ତୁ ଅଗଣିତ ପାଠକଙ୍କ ଆଖିରେ ସୀତାଙ୍କର ଏହି ମର୍ମଦାହୀ ପତ୍ର ଲୋତକ ଝରାଇ ଦେଉଛି । କବିଙ୍କ ଲେଖନୀରେ ଏହା ଅଧିକ କରୁଣ ରସଯୁକ୍ତ ହୋଇଉଠିଛି ।–

"ପୂର୍ବେ ସେହୁ କରିଥିଲେ କେଉଁ ଘୋର ତପ
କେଉଁଠାରେ କେତେ କାଳ କେଉଁ ମନ୍ତ୍ର ଜପ
ଏହା ମାତ୍ର ପ୍ରଭୋ, ମୋତେ ଦେବଟି ଜଣାଇ
ଅନ୍ୟ କିଛି ଧନେ ମୋର ପ୍ରୟୋଜନ ନାହିଁ ।"

ଲବ ଓ କୁଶ ଥିଲେ ସୀତାଙ୍କର ନୟନପିତୁଳୀ । ରାମଚନ୍ଦ୍ରଙ୍କର ଔରଷରୁ ସେମାନଙ୍କର ଜନ୍ମ । ସେମାନେ ରାଜପୁତ୍ର ହେଲେ ସେମାନେ ଆଜି ବନବାସୀ । ଋଷି ଆଶ୍ରମରେ ଦୀନ ହୀନ ଭାବେ ସେମାନଙ୍କର ବାଳ ଅତିବାହିତ ହୋଇଛି । ବାଲ୍ୟ କାଳରୁ ପିତାଙ୍କର କୋଳ, ସିଂହାସନରେ ବସିବାର ସୌଭାଗ୍ୟ ସେମାନଙ୍କର ନାହିଁ । ପିତାଙ୍କର ସ୍ନେହ ସୋହାଗରୁ ସେମାନେ ବଞ୍ଚିତ । ବୀଣାବାଦନ ସହ ସେମାନଙ୍କର ରାମାୟଣ ଗାନ ଜାନକୀଙ୍କର ଆଖିରେ ଅଶ୍ରୁର ଶ୍ରାବଣ ଭରି ଦିଅନ୍ତି । ସେତେବେଳେ ମାନବ ହୃଦୟ ଧରି କୌଣସି ଲୋକ ନକାନ୍ଦି ରହିପାରିବ ନାହିଁ । ଗଛଲତାମାନେ ମଧ୍ୟ ଦୁଃଖରେ ଅଥୟ ହୋଇଉଠନ୍ତି । କବିଙ୍କ ଲେଖନୀରେ ରସର ପରିବେଷଣ ବେଶ୍ ହୃଦ୍ୟ ହୋଇଛି–

ନାହିଁ ତାଙ୍କ ପିତୃଲୋକ ଆରୋହଣ ଭାଗ୍ୟ,
ନ ଜାଣନ୍ତି ଜନ୍ମକାଳୁ ପିତୃ ଅନୁରାଗ ।
ଜାଣିଛନ୍ତି ଜୀବନର ଜୀବନ କନ୍ଦାଇ
ବୀଣା ତନ୍ତ୍ର ସହକାରେ ରାମାୟଣ ଗାଇ ।
କିଏ ନ କାନ୍ଦିବ ବହି ମାନବ ହୃଦୟ ।
ତରୁ ଲତାଚୟ ଯହିଁ ହୁଅନ୍ତି ଅଥୟ ।

ସୀତା ସେହିପରି ରାମଚନ୍ଦ୍ରଙ୍କୁ ତାଙ୍କୁ ଭୁଲିଯିବାପାଇଁ ଅନୁରୋଧ କରିଛନ୍ତି । ତାଙ୍କର ପ୍ରେମକୁ ପାହାନ୍ତି ସ୍ୱପ୍ନ ଭଳି ମନେ କରିବାକୁ ନିବେଦନ କରିଛନ୍ତି ଏବଂ ନବ ପ୍ରଣୟିନୀଙ୍କର ଚନ୍ଦ୍ରମୁଖ ଅବଲୋକନ କରି ଖୁସିରେ ବେଦନା ଓ ମର୍ମଦାହ ସଫଳ ଭାବେ ରୂପାୟିତ ହୋଇଛି ।

"ଧୀରବର, ସେ କଥାକୁ ଘେନି ତୁମ୍ଭ ଶ୍ରୁତି
ଆଣି ଯଦାପି ଦୀନା ବୈଦେହୀର ସ୍ମୃତି ।
ବୈଦେହୀର ପ୍ରଣୟକୁ ମଣିବ ସ୍ୱପନ,
ଚାହିଁ ନବ ପ୍ରଣୟିନୀ ପ୍ରଫୁଲ୍ଲ ଲପନ ।
ଲେଖୁଥାନ୍ତି ପତ୍ର ସତୀ ହୃଦୟ ବିକଳେ,
ପତ୍ର ଧୌତ ହେଉଥାଏ ନୟନର ଜଳେ ।

କବି ଗଙ୍ଗାଧର କଥାବସ୍ତୁ ଗ୍ରହଣ କରିବାବେଳେ ସୁଚିନ୍ତିତ ଭାବେ କରୁଣ ରସର ପ୍ରୟୋଗ କଥା ଚିନ୍ତା କରିଛନ୍ତି । ନଚେତ୍ ରାମାୟଣର ବିସ୍ତୃତ କାନ୍‌ଭାସ୍ ଉପରୁ ସେ ଉତ୍ତର ରାମାୟଣର କଥାବସ୍ତୁକୁ ଗ୍ରହଣ କରିନଥାନ୍ତେ । ତପସ୍ୱିନୀ କାବ୍ୟର ନାମକରଣ ହିଁ ଏହି କରୁଣ ରସର ବାହକ । କବି ରାଜକନ୍ୟା ଓ ରାଜରାଣୀ । ସୀତାଙ୍କୁ ତପସ୍ୱିନୀ ଭାବେ

ସଜାଇ ପାଠକମାନଙ୍କ ହୃଦୟରୁ ସମବେଦନାର ଫଲଗୁ ବୁହାଇଛନ୍ତି । ବିଶେଷକରି ତପସ୍ୱିନୀର ପତ୍ର କବିତାର ପରିକଳ୍ପନା କରୁଣ ରସ ପାଇଁ କବିଙ୍କର ଏକ ସୁଚିନ୍ତିତ ଯୋଜନା ଦୁଃଖୀ, ନିଃସଙ୍ଗ ଓ ଅସହାୟ ମଣିଷଟିଏ ନିଜ ହୃଦୟର କଥା ପ୍ରକାଶ କରିଦେଲେ ତା'ର ଦୁଃଖ ପ୍ରଶମିତ ହୁଏ । ତେଣୁ କବି ରାମାୟଣ ମୂଳ କଥାବସ୍ତୁରୁ ଦୂରେଇ ଆସି ତପସ୍ୱିନୀ ସୀତା ହାତରେ ଅଶ୍ରୁଳ ପତ୍ରଟିଏ ଲେଖାଇଛନ୍ତି । ଏହି କବିତାର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କରୁଣ ରସ କବିତାର ଅନ୍ତଃସ୍ୱର ଭାବରେ ପ୍ରଭାବିତ ହୋଇଛି । କବି ଗଙ୍ଗାଧରଙ୍କର କବିତ୍ୱ ଏହି କବିତାରେ ମର୍ମସ୍ପର୍ଶୀ ଭାବରେ ପ୍ରକାଶିତ ହୋଇଛି ।

**ପ୍ର.୩. 'ତପସ୍ୱିନୀର ପତ୍ର' କବିତାର ସାରମର୍ମ ଉଦ୍‌ଘାଟନ କର ।**

ଉ. ପୁରୁଷୋତ୍ତମ ଶ୍ରୀରାମ ହେଉଛନ୍ତି ଶରଣାଗତର ରକ୍ଷାକବଚ । ତେଣୁ ସେ ଶରଣରକ୍ଷଣ ପତାକା ଉଡ଼ାଇଛନ୍ତି । ଷଡ଼ରିପୁ ଯଥା- କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟ ହେଉଛନ୍ତି ଶରୀରର ଶତ୍ରୁ, ଆଉ ଏହି ଶତ୍ରୁରୂପି ରୂପକ ଗଜକୁ ଅଙ୍କୁଶ ହେଉଛନ୍ତି ପ୍ରଭୁ ଶ୍ରୀରାମଚନ୍ଦ୍ର । ଅର୍ଥାତ୍ ରାମଚନ୍ଦ୍ର,ମଣିଷ ଭିତରର ଇନ୍ଦ୍ରିୟମାନଙ୍କୁ ଆୟତ୍ତାଧୀନ କରିପାରନ୍ତି । ପୁଣି ଦୁଃଖର ପର୍ବତ ପାଇଁ ସେ ହେଉଛନ୍ତି ବଜ୍ର। ବଜ୍ର ପର୍ବତର ଧ୍ୱଂସସାଧନ କରେ, ସେହିପରି ମଣିଷର ଦୁଃଖମୋଚନ କରିବା ପାଇଁ ପ୍ରଭୁଙ୍କର ଆବିର୍ଭାବ ବୋଲି ଜ୍ଞାନୀ ଓ ପଣ୍ଡିତମାନେ ବିଚାର କରନ୍ତି । କବି ରାମଚନ୍ଦ୍ରଙ୍କୁ ରାଜାଧୀରାଜ ବୋଲି କହିଛନ୍ତି ଏବଂ ସେହି ପଦ୍ମପାଦ ଯୁଗଳରେ ଦୀନ, ହୀନ ଭିକାରୁଣୀ ସୀତା ତାଙ୍କଠାରୁ ବହୁଦୂରରେ ଥାଇ ମୁଣ୍ଡ ନୁଆଁଇ ତାଙ୍କର ବନ୍ଦନା କରୁଛି ବୋଲି ବର୍ଣ୍ଣନା କରିଛନ୍ତି ।

ସୀତା ରାମଚନ୍ଦ୍ରଙ୍କର ଦ୍ୱିତୀୟ ପତ୍ନୀ ଗ୍ରହଣ ଆଶଙ୍କାରେ ଆଶଙ୍କିତ ହୋଇପଡ଼ିଛନ୍ତି । ଏହି ଆଶଙ୍କା ରୂପକ ଅନ୍ଧକାରକୁ ଭେଦ କରିବା ପାଇଁ ଆଶଙ୍କାକୁ ମଧୁର ଆଶାରେ ପରିଣତ କରିବା ପାଇଁ ସେ ଅତ୍ୟନ୍ତ କାତର ଭାବରେ ରାମଚନ୍ଦ୍ରଙ୍କୁ ନିବେଦନ କରିଛନ୍ତି । ରାମଚନ୍ଦ୍ର ଅଶ୍ୱମେଧ ଯଜ୍ଞ ଆୟୋଜନରେ ବ୍ୟସ୍ତଥିବେ । ଦ୍ୱିତୀୟ ପତ୍ନୀ ତାଙ୍କର ବାମପଟରେ ଅଧିଷ୍ଠିତ ହୋଇଥିବେ। ନବବଧୂକୁ ଶତଗୁଣରେ ସୁଷମ କରିବା ପାଇଁ ସକଳ ସଦ୍‌ଗୁଣୀ ଅଧିକାରୀ ରାମଚନ୍ଦ୍ର ଅନେକ ମହତ୍ କାର୍ଯ୍ୟ କରୁଥିବେ । ଯଜ୍ଞରେ ଅମାପ ଧନରତ୍ନ ଓ ପାଟବସ୍ତ୍ରମାନ ଦାନ ଦେଉଥିବେ ।

ଏହି ଯଜ୍ଞାନୁଷ୍ଠାନରେ ଗରିବ ଲୋକମାନେ ନିଜ ନିଜର କାମନା ପୂର୍ଣ୍ଣ କରୁଥିବେ। ଏହି ପରିପ୍ରେକ୍ଷୀରେ ସତୀ ସୀତାଙ୍କ ହୃଦୟରେ ରାମଚନ୍ଦ୍ରଙ୍କୁ ଏକ ଭିକ୍ଷା ମାଗିବା ପାଇଁ ଇଚ୍ଛା ପ୍ରବଳତର ହୋଇଅଛି । ରାମଚନ୍ଦ୍ର ହେଉଛନ୍ତି ଦୟାଳୁପୁରୁଷ, ସେ ଦୟାର ବାରିଧି । ବାରିଧି ପରି ଅଶେଷ ଧନରତ୍ନ ଦାନ କରିବାରେ ସେ ଅକୃପଣ । ଦେବୀ ସୀତାଙ୍କର ଗୋଟିଏ କ୍ଷୁଦ୍ର ଭିକ୍ଷାକୁ ପୂରଣ କରିବାରେ ସେ କେବେ ଅକୁଣ୍ଠ ହେବେ ନାହିଁ ।

ସୀତାଙ୍କର ଅଭିମାନ ଏଠାରେ ବ୍ୟଞ୍ଜିତ ହୋଇଛି । ଚିଠି ପଢ଼ି ଚିଠିର ପ୍ରେରକ କିଏ ତାହା ଜାଣିବା ପାଇଁ ତାଙ୍କର ଆଗ୍ରହ କରିବା ଉଚିତ୍ ନୁହେଁ । କାରଣ ସର୍ବଦା ଋଷିମାନଙ୍କର ଅଶାନ୍ତିକୁ ବିନାଶ କରିବା ତାଙ୍କର କାର୍ଯ୍ୟ ଏବଂ ମୁନିଋଷିଙ୍କୁ ଦାନ କରିବା ପାଇଁ ସେ ସର୍ବଦା ମୁକ୍ତହସ୍ତ । ସେହିପରି ସୀତା ହେଉଛନ୍ତି ଜଣେ ତପସ୍ୱିନୀ ଏବଂ ତାଙ୍କର ଭିକ୍ଷାକୁ ପୂରଣ କରିବା ରାମଚନ୍ଦ୍ରଙ୍କର କର୍ତ୍ତବ୍ୟ। ତାଙ୍କୁ ରାମଚନ୍ଦ୍ର ହେୟ ମନେ କରିବେ ନାହିଁ ବୋଲି ସେ ଆଶାପୋଷଣ କରିଛନ୍ତି । କବିଙ୍କ ଲେଖନୀରେ ଏହି ବର୍ଣ୍ଣନା ଚିତ୍ତାକର୍ଷକ ହୋଇଉଠିଛି ।

ମୁଁ କିଏ ? ତା ଜାଣିବାର ନୁହେଁ ଆବଶ୍ୟକ,
ସଦା ତୁମ୍ଭେ ତାପସଙ୍କ ଅଶାନ୍ତି-ନାଶକ ।
ତାପସଙ୍କୁ କିଛି ତୁମ୍ଭେ ନ ଥାଏ ଅଦେୟ,
ମୁହିଁ ତପସ୍ୱିନୀ [illegible]

ସୀତା ଜଣେ ସାଧାରଣ ନାରୀ । ସ୍ୱାମୀ ଦ୍ୱିତୀୟ ପତ୍ନୀ ଗ୍ରହଣ କରିଥିବା ଆଶଙ୍କାରେ ସେ ମ୍ରିୟମାଣ । ତଥାପି ବହୁ ତପସ୍ୟାର ଫଳରେ ରାମଚନ୍ଦ୍ରଙ୍କୁ ଜଣେ ପତିଭାବରେ ପାଏ ବୋଲି ତାଙ୍କର ଧାରଣା । ସେ ରାମଚନ୍ଦ୍ରଙ୍କ ପାଖରୁ ଜାଣିବା ପାଇଁ ଚାହିଁଛନ୍ତି ଯେ ସେହି ମହିମାମୟୀ ନାରୀଟି କେଉଁ ପ୍ରକାର ତପ ଆଚରଣ କରିଥିଲା ଓ କେଉଁଠାରେ କେତେକାଳ କେଉଁପ୍ରକାର ତପ ଆଚରଣ କରିଥିଲା ଓ କେଉଁଠାରେ କେତେ କାଳ କେଉଁ ମନ୍ତ୍ର ଜପ କରିଥିଲା ତାହା ଜାଣିବା ପାଇଁ କୋଟିଏ ଅଶ୍ୱମେଧ ଯଜ୍ଞ କଲେ ଯେତେ ଧନ ଦାନ ହୁଏ ତାହା ଜାଣିଲେ ତାହାଠାରୁ ଅଧିକ ଜ୍ଞାନ ଅର୍ଜନ ହେବ ବୋଲି ସେ ଆଶା ପୋଷଣ କରିଛନ୍ତି । ଅନ୍ୟ କୌଣସି ଧନ ଦ୍ରବ୍ୟରେ ତାଙ୍କର ଆସକ୍ତି ନାହିଁ ବୋଲି ସେ ପ୍ରକାଶ କରିଛନ୍ତି । କାରଣ ରାମଚନ୍ଦ୍ର ଥିଲେ ପୁରୁଷୋତ୍ତମ । ସକଳ ସଦଗୁଣର ସେ ଥିଲେ ଅଧିକାରୀ । ରାମଚନ୍ଦ୍ର ତାଙ୍କର ପରମ ଆରାଧ୍ୟ ଦେବତା । ସେ ତାଙ୍କୁ ଦେବତା ଭାବରେ ନିଜ ହୃଦୟରେ ସ୍ଥାନ ଦେଇଥିଲେ । ଯଦିଓ ସେ ନିର୍ବାସିତ, ରାମଚନ୍ଦ୍ରଙ୍କ ବିଚାରରେ ସେ ବିତାଡ଼ିତ, ତଥାପି ରାମଚନ୍ଦ୍ର ତାଙ୍କ ପାଇଁ ଏକମାତ୍ର ପରମ ପୂଜ୍ୟଦେବ । ହିନ୍ଦୁନାରୀର ସ୍ୱାମୀ ହିଁ ଇହକାଳ ପରକାଳର ଦେବତା । ତେଣୁ ସେ ରାମଚନ୍ଦ୍ରଙ୍କର ସକଳ ଧୃଷ୍ଟତା ଅବିଚାରିତାକୁ ଦୈବୀକ୍ରିୟା ବୋଲି ଗ୍ରହଣ କରି ନେଇଛନ୍ତି । କୌଣସି ସମୟରେ ବି ସେ ତେଣୁ ରାମଚନ୍ଦ୍ରଙ୍କର ନିନ୍ଦା କରିପାରି ନାହାନ୍ତି । ବରଂ ତାଙ୍କ ଦୃଷ୍ଟିରେ ରାମଚନ୍ଦ୍ର ହୋଇ ଉଠିଛନ୍ତି ଅନେକ ଆଦର୍ଶର ଉଦାହରଣ -

ଦ୍ୱିତୀୟ ଅନୁରୋଧଟି ସେ ପତ୍ର ମାଧ୍ୟମରେ ରାମଚନ୍ଦ୍ରଙ୍କୁ ଜଣାଇବାକୁ ଇଚ୍ଛା ପ୍ରକାଶ କରିଛନ୍ତି । ବାଲ୍ମିକୀ ଆଶ୍ରମରେ ଜନ୍ମ ନେଇଥିବା ଯମକ ସନ୍ତାନ ଲବ ଏବଂ କୁଶ ଅତ୍ୟନ୍ତ ଅବୋଧ ଶିଶୁ । ଜନ୍ମକାଳରୁ ପିତାଙ୍କ କୋଳରେ ବସିବାର ସୌଭାଗ୍ୟ ସେମାନଙ୍କର ନାହିଁ । ସ୍ନେହ ଶ୍ରଦ୍ଧାରୁ ମଧ୍ୟ ସେମାନେ ଅତ୍ୟନ୍ତ ନିଷ୍ଠୁର ଭାବରେ ବଞ୍ଚିତ । କବି ସୁନ୍ଦର ଭାବରେ ଏହାର ମର୍ମସ୍ପର୍ଶୀ ବର୍ଣ୍ଣନା ପ୍ରଦାନ କରିଛନ୍ତି -

ଆଉ ଏକ  କଥା ମାତ୍ର ଅଛି ଅନୁରୋଧ,
ଦୁଃଖିନୀର ପୁତ୍ର ଯୁଗ ଅତ୍ୟନ୍ତ ଅବୋଧ ।
ନାହିଁ ତାଙ୍କ ପିତୃକୋଳ ଆରୋହଣ ଭାଗ୍ୟ,
ନ ଜାଣନ୍ତି  ଜନ୍ମକାଳୁ ପିତୃ ଅନୁରାଗ ।

ସେମାନେ କେବଳ ମାତୃକୋଳରେ ପାଳିତ ଲାଳିତ । ମାଆକୁ କନ୍ଦାଇ ସେମାନେ କେବଳ ବଞ୍ଚି ଶିଖିଛନ୍ତି । ଯେତେବେଳେ ବାଲ୍ମୀକିଙ୍କ ରଚିତ ରାମାୟଣକୁ ସେମାନେ ବୀଣାଜୀଣା କଣ୍ଠରେ ଗାନ କରନ୍ତି ସେତେବେଳେ ସୀତାଙ୍କ ଆଖିରୁ ଧାର ଧାର ଲୁହ ବୋହିଯାଏ । ରାମାୟଣ କାହାଣୀ ହିଁ ସୀତାଙ୍କର ଜୀବନର  କରୁଣ କାହାଣୀ । ସୂର୍ଯ୍ୟବଂଶର କୁଳବଧୂ ସେ । ରାଜପ୍ରାସାଦର ମଖମଲୀ ଗଦିରେ  ସେ ବିଳାସ ବ୍ୟସନରେ ଜୀବନ ନିର୍ବାହ କରିବା କଥା । କିନ୍ତୁ ଭାଗ୍ୟର ବିଡ଼ମ୍ବନା ତାଙ୍କୁ ଆଜି ସଜାଇଛି  ବାଲ୍ମିକୀ  ତପୋବନରେ ତପସ୍ୱିନୀ । ଜୀବନର ସେହି ଅଭୁଲା ଅଧ୍ୟାୟଗୁଡ଼ିକୁ ଯେତେବେଳେ ତାଙ୍କର ସନ୍ତାନମାନେ ଗାନ କରନ୍ତି ସେତେବେଳେ  ସେଥିରେ ବାରମ୍ବାର ଦଗ୍ଧୀଭୂତ  ହୁଅନ୍ତି । ଆଖିରୁ ତାଙ୍କର ଝରିଯାଏ ଅବାରିତ ଅଶ୍ରୁ ଶ୍ରାବଣ । ସେହି କରୁଣ ପରିବେଶ ମାନବ ହୃଦୟ ଧାରଣ କରିଥିବା ଯେକୌଣସି ବ୍ୟକ୍ତିର ଆଖିକୁ ଅଶ୍ରୁସିକ୍ତ କରେ । ସେ ଦୁଃଖରେ ବୃକ୍ଷଲତା, ସମଗ୍ର ବନ ପ୍ରକୃତି ଅଥୟ ହୋଇପଡ଼ନ୍ତି ।

ରାମାୟଣରେ ବର୍ଣ୍ଣିତ ରାମଚନ୍ଦ୍ରଙ୍କର ଖ୍ୟାତି ଓ ବୀରତ୍ୱରେ ମୁଗ୍ଧ ଲବ ଓ କୁଶ ବାଲ୍ମିକୀ ମହର୍ଷିଙ୍କ ସହିତ ଯାଉଛନ୍ତି ରାମଚନ୍ଦ୍ରଙ୍କର ପାଦପଦ୍ମକୁ ଦର୍ଶନ କରିବା ପାଇଁ । ସେମାନେ ସ୍ୱତଃ ଆକର୍ଷିତ ହୋଇଯାଉଛନ୍ତି ରକ୍ତର ଚୁମ୍ବକୀୟ ଶକ୍ତିରେ ସେମାନେ ରାମଚନ୍ଦ୍ରଙ୍କୁ ତାଙ୍କୁ ଅତୀତ ଜୀବନର କରୁଣ କାହାଣୀକୁ ଗାଇ ଶୁଣାଇବେ । ଯେଉଁ କାହାଣୀକୁ ଶୁଣିଲେ ସୀତାଙ୍କର ହୃଦୟ ଯନ୍ତ୍ରଣା କାତର ହୋଇଉଠେ । ଆଉ ନ ଶୁଣିଲେ ସେ ଧୈର୍ଯ୍ୟ ଧରି ରହିପାରନ୍ତି ନାହିଁ । ଶୁଣିବାର ଉତ୍ସାହକୁ ସେ ଦମନ କରିପାରିନାହାନ୍ତି । ଯେତେ କରୁଣ ଦୟନୀୟ, ଅସହାୟ ଓ ଲଜ୍ଜାକର ହେଲେ ମଧ୍ୟ ତାହା ତାଙ୍କ

ଜୀବନ ବୃତ୍ତାନ୍ତ । ସେ ନିଜେ ଅଙ୍ଗେ ଲିଭାଇଥିବା ସମସ୍ତ ତିକ୍ତ ମଧୁର ଅନୁଭୂତିର କାବ୍ୟରୂପ । ସେ ଭୁଲି ପାରିବେ ନାହିଁ ନିଜକୁ । ଭୁଲି ପାରିବେ ନିଜସ୍ୱ ଅତୀତ ଅନୁଭୂତିଗୁଡ଼ିକୁ । ରାମଚନ୍ଦ୍ର ରାମାୟଣର କାହାଣୀ ଶ୍ରବଣ କରି ଯଦି ସୀତାଙ୍କୁ ସ୍ମରଣ କରନ୍ତି, ସୀତାଙ୍କର ସ୍ମୃତି ଯଦି ତାଙ୍କୁ ପୁଣି ବ୍ୟଥିତ କରେ, ଚିତ୍ରପଟ ପରି ଅତୀତରେ ଘଟଣାବଳୀ ତାଙ୍କୁ ଭାବପ୍ରବଣ କରିଦିଏ ତେବେ ସୀତାଙ୍କର ପ୍ରେମକୁ ଗୋଟାଏ ସ୍ୱପ୍ନ ବୋଲି ଭାବି ସେ ଭୁଲି ଦୁଃଖିନୀ ବୈଦେହୀଙ୍କୁ । ସୀତାଙ୍କ ହୃଦୟର ପୁଞ୍ଜିଭୂତ ଦୁଃଖ କବି ଲେଖନୀରେ ସୁନ୍ଦର ଭାବରେ ରୂପାୟିତ ହୋଇଛି –

ଧୀରବର, ସେ କଥାକୁ ଘେନି ତୁମ୍ଭଶ୍ରୁତି
ଆଣିବ ଯଦ୍ୟପି ଦୀନା ବୈଦେହୀର ସ୍ମୃତି ।
ବୈଦେହୀର ପ୍ରଣୟକୁ ମଣିବ ସ୍ୱପନ,
ଚାହିଁନବ ପ୍ରଣୟିନୀ ପ୍ରଫୁଲ୍ଲ ଲପନ ।

ସୀତାଙ୍କ ହୃଦୟର ଅଶ୍ରୁସଜଳ ଭାବାବେଗ ଅତି ବିକଳ ଭାବରେ ରୂପ ପାଇଥାଆନ୍ତି ପତ୍ରରେ । ଆଖିର ଲୁହରେ ଧୋଇହୋଇ ଯାଉଥାଏ ପତ୍ରର ପ୍ରତିଟି ଅକ୍ଷର । ଅଶ୍ରୁର ସମୁଦ୍ରରେ ସୀତା ଭାସମାନ ଅବସ୍ଥାରେ, ଅବସ୍ଥାନ କରୁଥା'ନ୍ତି । ରାମଚନ୍ଦ୍ରଙ୍କୁ ଯେତେ ସ୍ଥିତପ୍ରଜ୍ଞ, ଧୀରବର, ପ୍ରଭୁ, ଶରଣବତ୍ସଳ, ରିପୁଗଜାଙ୍କୁଶ, ଦୁଃଖଗିରିବ୍ରଜ, ଗଜରାଜେଶ୍ୱର ବୋଲି ସମ୍ବୋଧନ କରିଥିଲେ ମଧ୍ୟ ସୀତା ବରଫର ପାହାଡ଼ଟିଏ ଭଳି ନିଜେ ନିଜ ଭିତରେ ତରଳି ଯାଇଛନ୍ତି । ଆଉ ଅନେକ ବ୍ୟଥାକୁ କାଗଜ କଲମରେ ରୂପ ଦେବାକୁ ସେ ଅସମର୍ଥ ହେଉଥାନ୍ତି । ଆଉ କ'ଣ ଲେଖିବେ ବୋଲି ଚିନ୍ତାମଗ୍ନ ଥିବାବେଳେ ଲବକୁଶଙ୍କ ଉପସ୍ଥିତି ତାଙ୍କ ଭାବନାରେ ପୂର୍ଣ୍ଣଚ୍ଛେଦ ଟାଣିଦେଇଛି ।

**ପ୍ର.୪. ପତିହିତସାଧିନୀ ତପସ୍ୟାରେ ବ୍ରତୀ ତପସ୍ୱିନୀଙ୍କ ଚରିତ୍ରର ମହତ୍ତ୍ୱ ପ୍ରତିପାଦନ କର ।**

**ଉ.** ଦରିଦ୍ରତା ପଙ୍କପୂର୍ଣ୍ଣ ଜୀବନ ସରୋବରରୁ ଜାତ ହୋଇଥିଲା ସ୍ୱର୍ଗୀୟ ରଙ୍ଗାଜୀବ କବି ଗଙ୍ଗାଧର ମେହେରଙ୍କ ସୁକୁମାର ସାହିତ୍ୟ ସରୋଜ । ସ୍ୱଳ୍ପ ଅଧ୍ୟୟନ କରି ଏଇ ତନ୍ତୁବାୟ କବି ଜୀବନ ଓ ଜୀବିକାର ଜଟିଳତାରେ ଛନ୍ଦି ହୋଇ ମଧ୍ୟ ଭୁଲି ନ ଥିଲେ ବାଣୀ ଆରାଧନା । କବି ଥିଲେ ଭାରତୀୟ ପରମ୍ପରାର ଜଣେ ଦୃଢ଼ ସମର୍ଥକ । ଗଙ୍ଗାଧରଙ୍କ ପ୍ରେରଣାର ଉତ୍ସ ଥିଲା ଭାରତୀୟ ପୁରାଣ, କାବ୍ୟ ଓ ନାଟକାବଳୀ । 'ତପସ୍ୱିନୀ', 'ପ୍ରଣୟବଲ୍ଲରୀ', 'କୀଚକ ବଧ', 'ଅହଲ୍ୟା ସ୍ତବ', 'ଇନ୍ଦୁମତୀ' ଆଦି ତାଙ୍କ କବି ପ୍ରତିଭାର ବଳିଷ୍ଠ ପ୍ରମାଣ । ଆଲୋଚ୍ୟ କବିତାଂଶଟି ଗଙ୍ଗାଧରଙ୍କ ସର୍ବଶ୍ରେଷ୍ଠ ରଚନା ତପସ୍ୱିନୀରୁ ସଂଗୃହୀତ । ପତ୍ନୀର ଅବର୍ତ୍ତମାନରେ ଯେ ଯଜ୍ଞକାର୍ଯ୍ୟ ଅସମ୍ଭବ, ଏ ବିଷୟ ସତୀ ସୀତା ଜ୍ଞାତ । ତେଣୁ ସନ୍ଦେହୀ ନାରୀମନ ପତି ଦେବତାଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ଲେଖିଛନ୍ତି । ତାହା ହିଁ ଆମ ଆଲୋଚ୍ୟ କବିତାର ପ୍ରସଙ୍ଗ । ନାରୀ ଜନ ସୁଲଭ ଈର୍ଷା । କଣ୍ଠରେ କାରୁଣ୍ୟ । ବାଲ୍ମୀକିଙ୍କ ମୁଖରୁ ସୀତା ଶୁଣିଥିଲେ ରାମଚନ୍ଦ୍ର ଅଶ୍ୱମେଧ ଯଜ୍ଞ କରୁଥିବାର ଖବର । ଅଶ୍ୱମେଧ ଯଜ୍ଞ ସ୍ତ୍ରୀ ବିନା ଅସମ୍ଭବ । ତେଣୁ ସୀତାଙ୍କ ହୃଦୟରେ ଆଶଙ୍କା ଉପୁଜିଛି ଯେ ରାମଚନ୍ଦ୍ର ଦ୍ୱିତୀୟ ପତ୍ନୀ ଗ୍ରହଣ କରିଛନ୍ତି । ପୁଣି ବେଳେବେଳେ ରାମଚନ୍ଦ୍ରଙ୍କ ପରି ପୁରୁଷ ତାଙ୍କୁ ଏଭଳି ଅବହେଳା କରି ପାରିବେ ନାହିଁ ବୋଲି ଚିନ୍ତା କରୁଛନ୍ତି । ଏହି ଆଶା ଓ ଆଶଙ୍କାରେ ଦୋଳାୟିତ ସୀତା ନିଜର ଦ୍ୱନ୍ଦ୍ୱର ଅବସାନ ପାଇଁ ରାମଚନ୍ଦ୍ରଙ୍କୁ ପତ୍ର ଲେଖିଛନ୍ତି ।

ବାସ୍ତବିକ୍ ନାରୀ ହୃଦୟର ଦ୍ୱନ୍ଦ୍ୱକୁ ଉପସ୍ଥାପନ କରିବାରେ କବି ସମର୍ଥ ।

**ପ୍ର.୫. 'ତପସ୍ୱିନୀର ପତ୍ର' କବିତାରୁ ଗଙ୍ଗାଧରଙ୍କ ନିର୍ମଳ କବିତ୍ୱର ପରିଚୟ ଦିଅ ।**

**ଉ.** କବିର ବ୍ୟକ୍ତିତ୍ୱ ଓ ଶୈଳୀ ହେଉଛି ଏକ ଓ ଅଭିନ୍ନ । କାବ୍ୟ ପ୍ରକାଶଭଙ୍ଗୀଗତ ଆଂଶିକ ବିନ୍ୟାସକୁ କେବଳ ଶୈଳୀ କୁହାଯାଏ ନାହିଁ । କାବ୍ୟର ସାମଗ୍ରିକ ରୂପ ଓ ଗୁଣ ବିଭବକୁ ନେଇ ଶୈଳୀ ପ୍ରକାଶ ପାଇଥାଏ । କୁହାଯାଏ ଯେ Style is the man. କବିର ବ୍ୟକ୍ତିତ୍ୱ ଯଦି ଅନ୍ୟ ବ୍ୟକ୍ତିତ୍ୱକୁ ନିଜର ରଚନା କୌଶଳ ଦ୍ୱାରା ପ୍ରଭାବିତ କରିଥାଏ, ତେବେ ତାକୁ ଶୈଳୀ କୁହାଯାଏ । ସାହିତ୍ୟର ଶୈଳୀ ସମ୍ପର୍କରେ ମତ ଦେଇ ନିଜେ ଆଲୋଚକ କହିଛନ୍ତି – "Literary style is simply a means in which one personality moves others. The problems of style therefore are

really problems of personality of practical psychology". ଶୈଳୀ ହେଉଛି ସାବଲୀଳ ପ୍ରକାଶ ଭଙ୍ଗୀର ସୁଚିନ୍ତିତ ଅଭିବ୍ୟକ୍ତି । ଅନ୍ୟ କେତେକ ମଧ୍ୟ କହିଛନ୍ତି ଯେ ଶୈଳୀ ହେଉଛି – "a good way of expressing one self" ଭାଷାର ଅନୁବନ୍ଧରେ ବନ୍ଧା ଯାଇଥିବା ଭାବଭଙ୍ଗୀ ହିଁ ଶୈଳୀ ।

ସେହିପରି କବିତ୍ୱ ନୈସର୍ଗିକ, ଅନନ୍ୟ । ରୁକ୍ଷ କଠିନ ଶିଳା ଦେହରେ ଏହା ପ୍ରାଣ ସଞ୍ଚାର କରେ । ଜୀବନକୁ ଦିଏ ଏକ କାଉଁରୀ ସ୍ପର୍ଶ । ପ୍ରତିଭାର କାଉଁରୀ ସ୍ପର୍ଶରେ ଏ ଧୂଳିମାଟି ଜଗତର ସବୁ ପଦାର୍ଥ ଏକ ସ୍ୱର୍ଗୀୟ ଆଚ୍ଛନ୍ନତାରେ ସୌନ୍ଦର୍ଯ୍ୟପୂର୍ଣ୍ଣ ହୋଇଉଠେ । ଯାଦୁକର ନ ହେଲେ ମଧ୍ୟ ପ୍ରତିଭାବାନ କବି ତାଙ୍କ ପ୍ରତିଭା ବଳରେ ପାଠକର ଆଖିରେ ମାୟାଞ୍ଜନ ଲଗେଇ ଦିଅନ୍ତି । ଫଳରେ କାବ୍ୟ ସୁନ୍ଦରୀ ଏକ ଅପରୂପ ଶୋଭାର ପସରା ମେଲାଇ ପାଠକର ସମ୍ମୁଖରେ ଉଭା ହୁଅନ୍ତି । ଗଙ୍ଗାଧର ହେଉଛନ୍ତି ଏହିପରି ଜଣେ ଦିବ୍ୟ କବି ସଂପନ୍ନ ମଣିଷ । ସୀମିତ ଶିକ୍ଷା ଗ୍ରହଣ କରିଥିଲେ ମଧ୍ୟ, ଏକ ଅଖ୍ୟାତ ତନ୍ତୁବାୟ ପରିବାରର ଦାରିଦ୍ର୍ୟତାର କଷଟି ପଥରରେ କଷି ହୋଇଥିଲେ ମଧ୍ୟ ତାଙ୍କ କାବ୍ୟପୁରୁଷ ଅପୂର୍ବ ସୃଷ୍ଟିଶୀଳତାରେ ମହନୀୟ ହୋଇଉଠିଛି । କି ପ୍ରକୃତି ଚିତ୍ରଣ, ଚରିତ୍ର ଚିତ୍ରଣ ସୌନ୍ଦର୍ଯ୍ୟବୋଧ, ସ୍ୱତନ୍ତ୍ର ବର୍ଣ୍ଣନା ଶୈଳୀର ଏକ ସ୍ୱତନ୍ତ୍ର ଶିଳ୍ପୀ ସେ । ସେ ଶୈଳୀ ସହଜ, ସରଳ, ସୁନ୍ଦର ଓ ଭାବୋଦ୍ଦୀପକ । ତପସ୍ୱିନୀ ଗଙ୍ଗାଧାରୀୟ ପ୍ରତିଭା, କବିତ୍ୱ ଓ ଶୈଳୀର ଏକ ସୁନ୍ଦର ଗୁରୁ ଚିତ୍ରଶାଳା । ତପସ୍ୱିନୀର ପତ୍ର କବିତାଟି ତପସ୍ୱିନୀ କାବ୍ୟର ଏକାଦଶ ସର୍ଗରୁ ଗୃହୀତ । ଏହାର ରାଗ ନଟବାଣୀ ।

ରାମଚନ୍ଦ୍ର ଥିଲେ ପ୍ରଜାହିତ ସାଧନକାରୀ ଜଣେ ମହାନ ରାଜା । ପ୍ରଜାମାନଙ୍କର ମତକୁ ସମ୍ମାନ ଜଣାଇ ନିଜ ହୃଦୟରେ ନିଜେ ଆଘାତ ଦେଇ ନିଜର ପ୍ରାଣପ୍ରିୟା ପତ୍ନୀ ସୀତାଙ୍କୁ ନିର୍ବାସନ ଦଣ୍ଡ ପ୍ରଦାନ କରିଥିଲେ, ଆଉ ପତିପ୍ରାଣା ସତୀ ସାଧ୍ୱୀ ସୀତା ନିର୍ବିକାର ଚିତ୍ତରେ ଓ ବିନା ପ୍ରତିବାଦରେ ତାହା ମୁଣ୍ଡପାତି ଗ୍ରହଣ କରିନେଇଥିଲେ । ବାଲ୍ମୀକି ଆଶ୍ରମରେ ସେ ତପସ୍ୱିନୀର ଜୀବନ ନିର୍ବାହ କରି ଦୁଇଟି ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ । ସେମାନଙ୍କୁ ଆଦର୍ଶମୟ ଚରିତ୍ର ଭାବରେ ମଧ୍ୟ ଗଢ଼ି ତୋଳିଥିଲେ । ଯେତେବେଳେ ବାଲ୍ମୀକିଙ୍କ ମୁଖରୁ ସୀତା ଶୁଣିବାକୁ ପାଇଲେ ଯେ ରାମଚନ୍ଦ୍ର ଅଶ୍ୱମେଧ ଯଜ୍ଞ କରିବାକୁ ଯାଉଛନ୍ତି, ସେତେବେଳେ ସେ ଆଶଙ୍କାର ଦୋଳିରେ ଦୋଳାୟିତ ହୋଇଥିଲେ । ତାଙ୍କ ନାରୀମନ ରାମଚନ୍ଦ୍ର ସପତ୍ନୀ ଗ୍ରହଣ କରିଥିବା ଦୁଃଖବୋଧରେ ଭାଙ୍ଗି ପଡ଼ିଥିଲା । ତା'ପରେ ସେ ସ୍ୱାମୀଙ୍କ ନିକଟକୁ ବିନୟର ସହିତ ପତ୍ରଟିଏ ଲେଖିଥିଲେ, ଯାହା 'ତପସ୍ୱିନୀର ପତ୍ର' କବିତାରେ ପତ୍ରସ୍ଥ ହୋଇଛି ।

ଭଗବାନ ରାମଚନ୍ଦ୍ରଙ୍କୁ ଯୁଗେ ଯୁଗେ ବହୁ କବି ଓ ଭାବୁକ ବିଭିନ୍ନ ଭାବରେ ବିଭିନ୍ନ ମହତ୍‌ଗୁଣର ଅଧିକାରୀ ବୋଲି ବର୍ଣ୍ଣନା କରିଛନ୍ତି । କିନ୍ତୁ ସ୍ୱଭାବ କବି ଗଙ୍ଗାଧର ମେହେର ନିଜର ସହଜ ସରଳ କିନ୍ତୁ ଭାବୋଦ୍ଦୀପକ ଭାଷାରେ ତାଙ୍କର ମହିମାଗାନ କରିଛନ୍ତି । ଉଦାହରଣ ସ୍ୱରୂପ –

"ଶରଣ-ବତ୍ସଳ-ଧ୍ୱଜ ରିପୁ ଗଜାଙ୍କୁଶ,
ଦୁଃଖ ଗିରି ବଜ୍ର ଯହିଁ ଦେଖନ୍ତି ବିଦୂଷ ।
ରାଜା ରାଜେଶ୍ୱରଙ୍କ ସେ ପଦପଦ୍ମ ଦ୍ୱନ୍ଦେ
ଦୀନ ଭିକାରିଣୀ ଦୂରୁ ନତଶିରେ ବନ୍ଦେ ।"

ଉପରୋକ୍ତ ପଦଟିରେ କବିଙ୍କର ଉପମା ପ୍ରୟୋଗରେ ଚମତ୍କାରିତା ପ୍ରତିପାଦିତ ହୋଇଛି । ରାମଚନ୍ଦ୍ର ଷଡ଼ରିପୁରୂପକ ହସ୍ତୀକୁ ଆୟତ୍ତ କରିବା ପାଇଁ ଅଙ୍କୁଶ ସଦୃଶ ଓ ଦୁଃଖରୂପକ ପର୍ବତକୁ ଚୂର୍ଣ୍ଣ କରିବା ପାଇଁ ବଜ୍ର ସଦୃଶ ବୋଲି କଳ୍ପନା କରାଯାଇଛି ।

ସେହିପରି କବି ସୀତାଙ୍କର ଅସହାୟ ନାରୀ ଜୀବନର ଚିତ୍ର ଅଙ୍କନ କରିବାରେ ନିଜର କବିତ୍ୱ ପ୍ରଦର୍ଶନ କରିଛନ୍ତି । ସୀତା ଭାରତୀୟ ନାରୀର ସମସ୍ତ ଆଦର୍ଶକୁ ଗ୍ରହଣ କରିଛନ୍ତି । ସ୍ୱାମୀ ଦ୍ୱାରା ପରିତ୍ୟକ୍ତ ହୋଇଥିଲେ ମଧ୍ୟ ସେ ସମସ୍ତ

ଦୁଃଖଯାତନାକୁ ମଥାପାତି ସହ୍ୟ କରିଛନ୍ତି । ଦୁଇଟି ପୁତ୍ର ସନ୍ତାନର ଜନନୀ ସେ । ରାଜବଂଶ ବଧୂ ହୋଇଥିଲେ ମଧ୍ୟ ତପସ୍ୱିନୀ ପରି ଜୀବନ ଅତିବାହିତ କରିଛନ୍ତି । ନିଜ ପାଇଁ ତାଙ୍କର ଦୁଃଖ ନାହିଁ । ପିଲାମାନଙ୍କର ଭାଗ୍ୟ ବିଷୟରେ ଚିନ୍ତାକରି ସେ ଦୁଃଖିତ । ଏହି ଚିତ୍ର କବି ଲେଖନୀରେ ମର୍ମସ୍ପର୍ଶୀ ଭାବରେ ରୂପାୟିତ ହୋଇଛି ।

ଆଉ ଏକ କଥା ମାତ୍ର ଅଛି ଅନୁରୋଧ<br>
ଦୁଃଖିନୀର ପୁତ୍ରଯୁଗ ଅତ୍ୟନ୍ତ ଅବୋଧ<br>
ନାହିଁ ତାଙ୍କ ପିତୃକୋଳ-ଆରୋହଣ ଭାଗ୍ୟ<br>
ନ ଜାଣନ୍ତି ଜନ୍ମକାଳୁ ପିତୃ ଅନୁରାଗ ।

କବି ଏଠାରେ 'ଆରୋହଣ' ଶବ୍ଦଟି ଯଥାର୍ଥ ଭାବରେ ବ୍ୟବହାର କରିଛନ୍ତି । ସିଂହାସନ ଆରୋହଣ କରାଯାଏ ବା ସିଂହାସନ ନିକଟରେ 'ଆରୋହଣ' ଶବ୍ଦ ପ୍ରୟୋଗ କରାଯାଏ । କିନ୍ତୁ କବି ଏଠାରେ ପିତାଙ୍କ କୋଳ ସନ୍ତାନମାନଙ୍କ ପାଇଁ ସିଂହାସନ ପରି ମହନୀୟ ଓ ପ୍ରୀତିପଦ ବୋଲି ତର୍ଜମା କରିଛନ୍ତି । ଫଳରେ ପଦଟି କବିତାର କାଉଁରୀ ସ୍ପର୍ଶରେ ଭାବଗ୍ରାହୀ ହୋଇପାରିଛି । ଏଥିରେ ହିଁ କବିର ବାହାଦୂରୀ । ସାଧାରଣ ଶବ୍ଦରେ ଅସାଧାରଣ ଭାବ ପ୍ରୟୋଗ କରି ଏକ ଭାବର ବଳୟ ସୃଷ୍ଟି କରିବାରେ କବିର ମହତ୍ୱ ପ୍ରତିପାଦିତ ହୁଏ ।

କରୁଣ ରସର ପରିବେଷଣ ଯେ କୌଣସି କଠିନ-ପ୍ରାଣ ପାଠକକୁ ବିଚଳିତ କରି ଦେଇଥାଏ । କବିତା ସହିତ ସେ ଏକନିଷ୍ଠ ଭାବରେ ଜଡ଼ିତ ହୋଇପଡ଼ିଥାଏ । କାଳ୍ପନିକ ଚରିତ୍ରମାନଙ୍କ ଦୁଃଖରେ ତା' ଆଖିରୁ ଲୁହ ଯାଏ । କବି ଲେଖନୀ ଏଇଠି ହୋଇଯାଏ ସାର୍ଥକ ଓ ମହିମାନ୍ୱିତ । ସୀତା ଲବକୁଶଙ୍କ ମୁଖରୁ ପ୍ରତିଦିନ ନିଜର ଅନିଚ୍ଛା ସତ୍ତ୍ୱେ ମଧ୍ୟ ରାମାୟଣ ଶୁଣିବାର ପୀପାସା ସମ୍ବରଣ କରିପାରନ୍ତି ନାହିଁ । ନିଜ ଜୀବନର କରୁଣ ଅଧ୍ୟାୟ ନିଜର ପ୍ରିୟ ସନ୍ତାନମାନଙ୍କ ମୁଖରେ ପ୍ରତିଧ୍ୱନିତ ହେଲାବେଳେ ସୀତାଙ୍କ ହୃଦୟରେ ଏକ କରୁଣ ଝଡ଼ ସୃଷ୍ଟି ହୁଏ । ସେ ଅଧୀରା ହୋଇପଡ଼ନ୍ତି । କବି ଲେଖନୀରେ ଏହାର ଚିତ୍ର ଅତ୍ୟନ୍ତ ବାସ୍ତବ ଓ ମର୍ମସ୍ପର୍ଶୀ ହୋଇ ଉଠିଛି –

"ଗଙ୍ଗାଧର ଜନନୀର ଜୀବନ କହାଇ<br>
ବୀଣା ତନ୍ତ୍ରୀ ସହକାରେ ରାମାୟଣ ଗାଇ<br>
କିଏ ନ କାନ୍ଦିବ ବହି ମାନବ ହୃଦୟ ?<br>
ତରୁଲତାଚୟ ଯହିଁ ହୁଅନ୍ତି ଅଥୟ ।"

ଗଙ୍ଗାଧର ହେଉଛନ୍ତି ଜଣେ ସାର୍ଥକ କବି । ବାହ୍ୟ ପ୍ରକୃତି ସହିତ ଅନ୍ତଃପ୍ରକୃତିର ଯଥାଯଥ ସମ୍ମିଶ୍ରଣ ତାଙ୍କ କାବ୍ୟର ଏକ ସ୍ୱତନ୍ତ୍ର ଶୈଳୀ । ପ୍ରକୃତି ତାଙ୍କର ମୃତ ପ୍ରକୃତି ନୁହେଁ । ଏ ପ୍ରକୃତି କଥାକୁହା ପ୍ରକୃତି । ମାନବର ଦୁଃଖରେ ସେ ଆଖିରୁ ଲୋତକ ଝରାଏ, ମାନବର ମୁଖରେ ତା' ଓଠରେ ଫୁଟି ଉଠେ ହସର ଜୁଆର । ଓଡ଼ିଆ ସାହିତ୍ୟରେ ଗଙ୍ଗାଧର ମେହେର ପ୍ରଥମେ ହିଁ ଜଡ଼ ପ୍ରକୃତିକୁ ଜୀବନ୍ତ କରି ଚରିତ୍ରାୟିକ କଲେ । ତା' ଦେହରେ ଜୀବନର ସଞ୍ଜିବନୀ ସଞ୍ଚାର କଲେ । ସୀତାଙ୍କର ନିର୍ବାସନ ଦୁଃଖରେ ତେଣୁ ବନ ପ୍ରକୃତି କ୍ରୁର ନିୟମ ବିରୁଦ୍ଧରେ ସଂଗ୍ରାମ କରିବାକୁ ଆଗେଇ ଆସିଛି । କବିଙ୍କ ଭାଷାରେ–

"କରିବାକୁ ନିୟତିର ସହିତ ସମର<br>
ତୃଣରାଜ ଖଡ଼ଗ କରେ ଗର୍ଜିଲା ପ୍ରଖର ।<br>
ବାୟା ବସା ତୂଣୀରକୁ ଝାଡ଼ି ବାରବାର<br>
ପତ୍ରକଙ୍କ ପତ୍ରିକରା କି ଅବା ବାହାର ।

କମ୍ପିତ ସରିତ-ବୀଚି ଉତ୍‌ଥିତ ଶୀକର
ପଡ଼ିଲା ପୁଲିନେ ଡେଇଁ ତରଙ୍ଗ ଶିଖର ।
ଭରି କି ସିସକ ଗୁଳି ତରଙ୍ଗରେ ତୋପେ
ନିୟତିକି ଭାଗିରଥୀ ପ୍ରହାରିଲା କୋପେ ।"

ସେହିପରି ଉକ୍ତ କବିତାରେ ମଧ୍ୟ ସୀତାଙ୍କ ଦୁଃଖରେ ମ୍ରିୟମାଣା । ବୃକ୍ଷଲତା ସୀତାଙ୍କ ଦୁଃଖରେ ପତ୍ର ଥରାଇ ପ୍ରକମ୍ପିତ । ଗଙ୍ଗାଧରଙ୍କର ପ୍ରକୃତି ବର୍ଣ୍ଣନାରେ କବିତ୍ୱ ଅନନ୍ୟ ଓ ଅସାଧାରଣ ।

ଗଙ୍ଗାଧର ଥିଲେ ଜଣେ ଆଦର୍ଶବାନ ଓ ନୀତିନିଷ୍ଠ ମଣିଷ । ପ୍ରାଚ୍ୟ ସଂସ୍କୃତିର ସେ ଥିଲେ ପରମ ଉପାସକ । ପ୍ରାଚ୍ୟ ସଂସ୍କୃତି ଧର୍ମ ପିଣ୍ଡିତ ଓ ମାନବବାଦୀ ଚିନ୍ତାଧାରା ଉପରେ ପ୍ରତିଷ୍ଠିତ । ପ୍ରାଚ୍ୟ ଭୂଖଣ୍ଡରେ ସନାତନୀ ଧର୍ମ ଓ ଧାରଣା ତାଙ୍କ କାବ୍ୟ କବିତାରେ ଅନୁରଣିତ । ଏ ସଂସ୍କୃତି ଆତ୍ମପ୍ରତ୍ୟୟ ସମ୍ପନ୍ନ ସଂସ୍କୃତି । ଏହା ତ୍ୟାଗ ଉପରେ ପ୍ରତିଷ୍ଠିତ, ଭୋଗ ଉପରେ ନୁହେଁ । ନିଜେ ଜଳି ଅନ୍ୟକୁ ଆଲୋକିତ କରିବାରେ ଏ ସଂସ୍କୃତିର ମହନୀୟତା ପ୍ରକଟିତ ହୁଏ । ରାମ ଓ ସୀତା ଏ ସଂସ୍କୃତିର ଆରାଧ୍ୟ ଦେବ ଓ ଦେବୀ । ସେମାନେ ମଧ୍ୟ ଏହି ମହାନ୍ ସଂସ୍କୃତିର ଅଧୀନ । ତେଣୁ ସୀତା ସାଧାରଣ ନାରୀଟିଏ । ତାଙ୍କ ହୃଦୟ "ପତି ପରମ ଦେବ" ଭାବନାରେ ଉଦ୍‌ବୁଦ୍ଧ । ସ୍ୱାମୀଙ୍କର ସମସ୍ତ ଦୋଷ ତାଙ୍କ ପାଇଁ ମହାନ୍ ଗୁଣରେ ପରିଣତ ହୋଇଛି । ତେଣୁ ସେ ତାଙ୍କୁ ଭୁଲିଯାଇ ଦ୍ୱିତୀୟ ପତ୍ନୀ ସହିତ ଆନନ୍ଦରେ କାଳାତିପାତ କରିବା ପାଇଁ ଅନୁରୋଧ କରିଛନ୍ତି ।

"ଧୀରବର, ସେ କଥାକୁ ଘେନି ତୁମ୍ଭ ଶ୍ରୁତି
ଆଣିବ ଯଦି ଦୀନା ବୈଦେହୀର ସ୍ମୃତି ।
ବୈଦେହୀର ପ୍ରଣୟକୁ ମଣିବ ସ୍ୱପନ
ଚାହିଁ ନବ ପ୍ରଣୟିନୀ ପ୍ରଫୁଲ୍ଲ ଲପନ ।"

କବି ଗଙ୍ଗାଧର ଥିଲେ ଜଣେ ଅସାଧାରଣ କବି ପ୍ରତିଭାର ଅଧିକାରୀ । ସହଜ ସରଳ ଭାଷା ମାଧ୍ୟମରେ ଭାବର ମାୟାଜାଲ ବିଛାଇବାରେ ସେ ଥିଲେ ସିଦ୍ଧହସ୍ତ । ସିଧାସଳଖ ବକ୍ତବ୍ୟକୁ ବ୍ୟଞ୍ଜନାତ୍ମକ ଭାବରେ ପ୍ରକାଶ କରିବାରେ ସେ ନିଜର ଦକ୍ଷତା ପ୍ରଦର୍ଶନ କରିଛନ୍ତି ।

"ଯେ ହୋଇଛି ଆଜି ତୁମ୍ଭ ଅଙ୍କର ଭାଜନ
ଭକ୍ତିଭରେ ଦେଖୁଥିବେ ଜଗତର ଜନ
ପୂର୍ବେ ସେହୁ କରିଥିଲେ କେଉଁ ଘୋର ତପ,
କେଉଁଠାରେ କେତେ କେଉଁ ମନ୍ତ୍ର ଜପ ।
ଏହାମାତ୍ର ପ୍ରଭୋ, ମୋତେ ଦେବଟି ଜଣାଇ
ଅନ୍ୟ କିଛି ଧନେ ମୋର ପ୍ରୟୋଜନ ନାହିଁ ।"

'ତପସ୍ୱିନୀର ପତ୍ର' କବିତା କବି ଗଙ୍ଗାଧରଙ୍କ ଅସାଧାରଣ ପ୍ରତିଭା ଓ କବିତ୍ୱର ଚାରୁ ଅଭିବ୍ୟକ୍ତି । ସେହିପରି ସହଜ, ସରଳ ସାବଲୀଳ ଭାଷାର କାନ୍ତକୋମଳ ଶୈଳୀ ଏହାକୁ ଓଡ଼ିଶା ସାହିତ୍ୟର ଅନ୍ୟାନ୍ୟ କୃତିଠାରୁ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରଦାନ କରିଥାଏ । ଉଭୟ ଭାଷା ଓ ଭାବର ମହତ୍ୱପୂର୍ଣ୍ଣ ସଂଯୋଗ ତାଙ୍କ କବିତାର ବିଶେଷତ୍ୱ । ଶବ୍ଦ ପ୍ରୟୋଗରେ କାଠିନ୍ୟ ନାହିଁ, ଆଟୋପ ନାହିଁ । 'ତପସ୍ୱିନୀର ପତ୍ର' କବିତା ଏହାର ଏକ ଚରମ ଓ ସାର୍ଥକ ନିଦର୍ଶନ ।

❑❑❑

# ବନ୍ଦୀର ବିରହ ବ୍ୟଥା

**— ଗୋପବନ୍ଧୁ ଦାସ**

**କବି ପରିଚୟ :**

ଉତ୍କଳମଣି ଗୋପବନ୍ଧୁ ଦାସ ଓଡ଼ିଶାର ଜନସାଧାରଣଙ୍କ ପାଇଁ ଏକ ଅବିସ୍ମରଣୀୟ ବ୍ୟକ୍ତିତ୍ୱଭାବେ ଚିର ପ୍ରତିଷ୍ଠିତ । ସେବା ତ୍ୟାଗ ଓ କରୁଣାର ମୂର୍ତ୍ତିମନ୍ତ ବିଗ୍ରହ ଗୋପବନ୍ଧୁ ଉତ୍କଳ ଜନତାର ଅତି ଆପଣାର ସୁହୃଦ୍ ଭାବେ ବନ୍ୟା, ବାତ୍ୟା ଓ ଦୁର୍ଭିକ୍ଷର ଚିରସହଚର ଥିଲେ । ସେ ଥିଲେ ଏକ ପରିପୂର୍ଣ୍ଣ ବ୍ୟକ୍ତିତ୍ୱ । ସଂସ୍କୃତି, ସାହିତ୍ୟ, ରାଜନୀତି ଓ ଶିକ୍ଷାକ୍ଷେତ୍ରରେ ମଧ୍ୟ ସେ ଅଗ୍ରଣୀ ଥିଲେ । ତେଣୁ ତାଙ୍କୁ ଆଦରରେ 'ଉତ୍କଳମଣି' ନାମରେ ସମ୍ବୋଧନ କରାଯାଉଥିଲା । ପୁରୀ ଜିଲ୍ଲାର ସତ୍ୟବାଦୀ ନିକଟରେ ଥିବା ସୁଆଣ୍ଡୋ ଗ୍ରାମରେ ୧୮୭୭ ଖ୍ରୀଷ୍ଟାବ୍ଦରେ ସେ ଜନ୍ମ ଲାଭ କରିଥିଲେ ଓ ୧୯୨୮ ଖ୍ରୀଷ୍ଟାବ୍ଦରେ ପବିତ୍ର ନେତ୍ରୋତ୍ସବ ଦିନ ତାଙ୍କର ମହାପ୍ରୟାଣ ହୋଇଥିଲା । ସାକ୍ଷୀଗୋପାଳର ବକୁଳ ବନରେ ସେ ଶିକ୍ଷକ ଜୀବନ ଆରମ୍ଭ କରି ସେହିଠାରୁ ନିଜର ଦେଶପ୍ରେମ, ଜାତି ପ୍ରୀତି, ସେବା ଓ ସାହିତ୍ୟ ଜୀବନ କ୍ରମ ବିକାଶ କରିଥିଲେ । ଦେଶପ୍ରେମକୁ ଆଧାର କରି ସେ ହେଲେ କବି ଓ ସାହିତ୍ୟିକ ତାଙ୍କର ଅଧିକାଂଶ ସାହିତ୍ୟ ଦେଶଭକ୍ତି ଓ ଜାତିପ୍ରୀତିର ପୃଷ୍ଠଭୂମିରେ ରୁଦ୍ଧିମନ୍ତ । ଗୋପବନ୍ଧୁଙ୍କ ସାହିତ୍ୟ ସୃଷ୍ଟି ମଧ୍ୟରେ 'ବନ୍ଦୀର ଆତ୍ମକଥା' 'କାରାକବିତା', 'ଧର୍ମପଦ' ଓ ଗୋ-ମାହାତ୍ମ୍ୟ ପ୍ରଭୃତି ଉଲ୍ଲେଖଯୋଗ୍ୟ । 'ସତ୍ୟବାଦୀ' ପତ୍ରିକା ସଂପାଦନ ଓ 'ସମାଜ' ପତ୍ରିକା ପ୍ରଚଳନ ପାଇଁ ଗୋପବନ୍ଧୁ ଉତ୍କଳବାସୀଙ୍କ ନିକଟରେ ଅବିସ୍ମରଣୀୟ । ଆଲୋଚ୍ୟ 'ବନ୍ଦୀର ବିରହ ବ୍ୟଥା' କବିତାଟି ଗୋପବନ୍ଧୁଙ୍କ 'କାରାକବିତା' ସଂକଳନରୁ ସଂଗୃହୀତ । ୧୯୨୩-୨୪ ମସିହାରେ ବିହାରର ହଜାରିବାଗ୍ ଜେଲରେ ବନ୍ଦୀ ଥିଲାବେଳେ ଏହି କବିତାଟି ଲେଖିଥିଲେ । କବିତାରେ କବି ବାହ୍ୟ ପ୍ରକୃତି ସହ ଅନ୍ତଃ ପ୍ରକୃତିର ସମନ୍ୱୟ କବିତାଟିକୁ ଅଧିକ ମର୍ମସ୍ପର୍ଶୀ କରିପାରିଛି ।

**(ଘ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ତିରିଶଟି ଶବ୍ଦରେ ଉତ୍ତର ଦିଅ । ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୨ ନମ୍ବର ରହିବ ।**

**ପ୍ର.୧. 'ବନ୍ଦୀର ବିରହ ବ୍ୟଥା' କବିତାରେ ସୂର୍ଯ୍ୟାସ୍ତକାଳୀନ ପ୍ରକୃତିର ରୂପ ଚିତ୍ର ଉପସ୍ଥାପନ କର ।**

ଉ. କବି – ଗୋପବନ୍ଧୁ ଦାସ

କବିତା – ବନ୍ଦୀର ବିରହ ବ୍ୟଥା

ପୂର୍ବ ଦିଗ ଛାଡ଼ି ତପନ ପଶ୍ଚିମ ଦିଗରେ ବୁଡ଼ି ଯାଉଛନ୍ତି । ବିଦାୟ ବିସ୍ତାରର ଆୟୋଜନ ଲାଗି ରହିଥାଏ । ନାନା ରଙ୍ଗରେ ଆକାଶ ଆଚ୍ଛାଦିତ ହୋଇଥାଏ । ଦଳ ଦଳ ପକ୍ଷୀ କରୁଣ ଗାନ କରି ଆକାଶରେ ଉଡ଼ିଯାଉଥାନ୍ତି । ଗଛଗୁଡ଼ିକ ଛାୟା ବିସ୍ତାର କରି ଯେପରି ସୂର୍ଯ୍ୟଙ୍କ ପାଦ ତଳେ ଶତ ଶତ ପ୍ରଣାମ ଜଣାଉଥାନ୍ତି । ସୂର୍ଯ୍ୟ ଅସ୍ତାଚଳ ସମୟରେ ଉଚ୍ଚ ଆସନରେ ବସି ପ୍ରାଚୀ ଅନୁରାଗରେ ନିଜର ଚାରୁ ବଦନଟିକୁ ଦେଖିଥାନ୍ତି ।

**ପ୍ର.୨. କବି ଗୋପବନ୍ଧୁ ସୂର୍ଯ୍ୟଙ୍କର ବିଦାୟକୁ କିପରି ମାନବୀୟ ବିରହ ସହିତ ତୁଳନା କରିଛନ୍ତି ?**

ଉ. କବି – ଗୋପବନ୍ଧୁ ଦାସ

କବିତା – ବନ୍ଦୀର ବିରହ ବ୍ୟଥା

ସୂର୍ଯ୍ୟ ପଶ୍ଚିମ ଦିଗରେ ଅସ୍ତମାନ ହୋଇ ଯାଉଥାନ୍ତି । ଚତୁର୍ଦ୍ଦିଗରେ ବିରହର ଛାୟା ଖେଳି ଯାଇଥାଏ । ପକ୍ଷୀମାନେ କରୁଣ ସ୍ୱରରେ ଗୀତ ଗାନ କରି ଚାଲିଥାନ୍ତି। ସୂର୍ଯ୍ୟ ଯିବା ସମୟରେ କହିଛନ୍ତି – ଅଚିରେ ଫେରିବି ଧନ ! ନୁହ କାତର । ତା ମଧ୍ୟରେ କବି ମାନବୀୟ ବିରହ ପ୍ରସଙ୍ଗ ଚିତ୍ର ପ୍ରକଟିତ କରିଛନ୍ତି। ଅନୁରାଗ ରଙ୍ଗରେ ପ୍ରାଚୀ କପୋଳରେ ବିରହର ଦୁଃଖ କାଳିମା ଖେଳି ଯାଇଛି । କବି ପ୍ରିୟଜନଙ୍କୁ ଛାଡ଼ି ଯାଇ ହଜାରି ବାଗ ଜେଲରେ ରହିଛନ୍ତି । ତାଙ୍କ ହୃଦୟରେ ବିରହର କାଳିମା ଖେଳି ଯାଇଛି । ଏପରି ଭାବରେ ମାନବୀୟ ବିରହକୁ କବି ସୂର୍ଯ୍ୟଙ୍କର ବିଦାୟକାଳୀନ ଦୃଶ୍ୟ ସହିତ ତୁଳନା କରିଛନ୍ତି ।

**ପ୍ର.୩. ପ୍ରଣୟ ଓ ବିରହ ସଂପର୍କରେ କବିଙ୍କ ଅଭିମତ ପଠିତ କବିତା ଅବଲମ୍ବନରେ ପ୍ରଦାନ କର ।**

ଉ. କବି – ରାଧାମୋହନ ଗଡ଼ନାୟକ

କବିତା – ବନ୍ଦୀର ବିରହ ବ୍ୟଥା

ସୂର୍ଯ୍ୟ ଯେତେବେଳେ ପଶ୍ଚିମ ଆକାଶରେ ଅସ୍ତ ପ୍ରାୟ, କବି ଗୋପବନ୍ଧୁ ସେତେବେଳେ ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟକୁ ବିଦଗ୍ଧ ନୟନରେ ଚାହିଁଛନ୍ତି । ସେ କିଛି ସମୟ ବାହାରେ ରହି ପ୍ରଣୟର ପ୍ରଭାବ ଦେଖିବା ପାଇଁ ମନ ବଳାଇଛନ୍ତି । ପ୍ରଣୟ ରୂପକ ପୀୟୂଷରେ ମିଶି ରହିଛି ବିରହ ରୂପକ ବିଷ। ପ୍ରଣୟ ପୀୟୂଷର ବିରହର ବିଷ ମିଶିବା ଏହା ବିଧିର ଆଦେଶ । କବି ପ୍ରିୟଜନଙ୍କୁ ଛାଡ଼ି ଜେଲରେ ବନ୍ଦୀ ହୋଇଥାନ୍ତି । ପ୍ରିୟଜନର ବିରହରେ କବିଙ୍କ ପ୍ରାଣ କାନ୍ଦି ଉଠିଥିଲା ।

ପ୍ର.୪. ଯମଦୂତ ବୋଲି କବି କାହାକୁ କହିଛନ୍ତି ଓ କାହିଁକି ?

ଉ. କବି – ଗୋପବନ୍ଧୁ ଦାସ

କବିତା – ବନ୍ଦୀର ବିରହ ବ୍ୟଥା

ଯମ ଦୂତ ବୋଲି କବି ଜେଲରେ ସିପାହିକୁ କହିଛନ୍ତି । ଜେଲରେ ସିପାହି ସନ୍ଧ୍ୟା ଆଗତ ହେବାରୁ କବି ଗୋପବନ୍ଧୁଙ୍କୁ ଜେଲ ଭିତରକୁ ଯିବା ପାଇଁ କହିଛନ୍ତି । କିନ୍ତୁ ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ, ଅସ୍ତାଚଳ ସୂର୍ଯ୍ୟର ସୌନ୍ଦର୍ଯ୍ୟକୁ କବି ଦେଖିବା ପାଇଁ ଚାହିଁଛନ୍ତି । ଜେଲରେ ସିପାହି ପ୍ରକୃତିର ସୌନ୍ଦର୍ଯ୍ୟ ବୋଲି କିଛି ଜାଣିନାହିଁ । ତା'ର ହୃଦୟରେ କରୁଣା ନାହିଁ । ସିପାହି ଜେଲ ଗୃହର ଚାବି ଦେବା ପାଇଁ ଉଦ୍ୟତ ହେବା ସମୟରେ କବି ତାଙ୍କୁ ବାରମ୍ବାର ମନା କରିଛନ୍ତି । ତେଣୁ କବି ସିପାହିଙ୍କୁ ଯମଦୂତ ବୋଲି କହିଛନ୍ତି ।

## (ଡ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ । ପ୍ରଶ୍ନର ମୂଲ୍ୟ ୫ ନମ୍ବର ।

ପ୍ର.୧. ବନ୍ଦୀର ବିରହ ବ୍ୟଥା କବିତାର ସାରମର୍ମ ନିଜ ଭାଷାରେ ଲେଖ ।

ଉ. କାବ୍ୟ କବିର ମାନସ ନନ୍ଦିନୀ । କବି ତା'ର ହୃଦୟର ବାଣୀକୁ କବିତାରେ ପ୍ରକାଶ କରିଥାଏ । ବନ୍ଦୀର ବିରହ ବ୍ୟଥା । କବିତାଟି କବି ଗୋପବନ୍ଧୁ ଦାସଙ୍କ ଦ୍ୱାରା ଲିଖିତ । ଉକ୍ତ କବିତାଟି 'କାରା' କବିତାର ଅଂଶବିଶେଷ । କବି ଶ୍ରୀ ଦାସ ହଜାରୀବାଗ ଜେଲରେ ଥିବାବେଳେ ଉକ୍ତ କବିତାଟିକୁ ରଚନା କରିଥିଲେ । କବି ବନ୍ଦୀ ହୋଇଥାନ୍ତି । ମଧୁର ବସନ୍ତ ସମୟ ଆସିଛି । ତପନ ପୂର୍ବ ଦିଗ ଛାଡ଼ି ପଶ୍ଚିମ ଦିଗରେ ଅସ୍ତ ହୋଇ ଯାଉଥାନ୍ତି । ପଶ୍ଚିମ ଦିଗ ରକ୍ତ ବର୍ଣ୍ଣରେ ରଞ୍ଜିତ ହୋଇଥାଏ । ପୂର୍ବ ଦିଗରେ ଚନ୍ଦ୍ରମା ନାନା ରଙ୍ଗରେ ଅମ୍ବରକୁ ଆଚ୍ଛାଦିତ କରିଥାଏ । ପକ୍ଷୀମାନେ ଦଳଦଳ ହୋଇ କରୁଣ ଗାନ କରି ଗୀତ ଗାଇ ଉଠିଯାଇଥା'ନ୍ତି ନୀଡ଼କୁ । ତରୁଗିରି ଛାୟା ବିସ୍ତାରିତ ହେଉଥାଏ । ଯେପରି ଏହି ଛାୟା ଅସ୍ତାଚଳ ସୂର୍ଯ୍ୟକୁ ପ୍ରଣାମ କରି ଚାହିଁ ସୂର୍ଯ୍ୟଙ୍କର ଚକ୍‌ଚକ୍ କିରଣ ତାଙ୍କ ଉପରେ ପଡ଼ିଥାଏ । କବି ଦୃଷ୍ଟି ଭିନ୍ନ ସତେଯେପରି ଗିରି ଉପରେ ସୂର୍ଯ୍ୟ ଦେବ ବରଣୀ ପାଟ ପିନ୍ଧାଇ ଦେଇଥା'ନ୍ତି ରାଜା ଯେପରି ତା'ର ବିଶ୍ୱସ୍ତ ଭୃତ୍ୟ ମୁଣ୍ଡରେ ମୁକୁଟ ବାନ୍ଧି ଦେଇଥାଏ । ଅନୁରୂପ ଭାବରେ ସୂର୍ଯ୍ୟ ତାଙ୍କର ଅପରୂପ କିରଣକୁ ପାଦ ଉପରେ ଢାଳି ଦେଇଥା'ନ୍ତି । ଅସ୍ତକାଳୀନ ସୂର୍ଯ୍ୟ ଉଚ୍ଚ ଆସନରେ ବସି ହସୁଥା'ନ୍ତି । ପ୍ରାଚୀ ଦିଗରେ ସେହି ମୁହୂର୍ତ୍ତି ଶୁଭ ସୁନ୍ଦର ଦେଖାଯାଉଥାଏ । ଚାରିଆଡ଼େ ସ୍ନେହ ଆଦରରେ ଛୁଟି ଖେଳାଇ ସୂର୍ଯ୍ୟ ପୃଥିବୀବାସୀଙ୍କୁ କହିଯାନ୍ତି ଅଚିରେ ଫେରିବ ଧନ ନୁହଁ କାତର । ସୂର୍ଯ୍ୟ ଓ ପୃଥିବୀର ପ୍ରେମ ଅତ୍ୟନ୍ତ ନିବିଡ଼ । ସୂର୍ଯ୍ୟଙ୍କ ବିଦାୟ ପରେ ବିରହ ପାପ ପୃଥିବୀର ମନୋଭାବକୁ ଗୋପବନ୍ଧୁ ମାନବୀୟ ଦୃଷ୍ଟିକୋଣରୁ ଉପସ୍ଥାପନ କରିଛନ୍ତି । ପ୍ରାଚୀର କପାଳ ସ୍ନେହରେ ଭରି ଯାଇଥାଏ । କିନ୍ତୁ ତା' ମଧ୍ୟରେ ବିରହର ଦୁଃଖ କାନ୍ଦିବା ପ୍ରସ୍ଫୁଟିତ ହୋଇ ଉଠିଥାଏ । କବିଙ୍କ ଭାଷାରେ –

"ଅନୁରାଗ ରଙ୍ଗ ପ୍ରକାଶେ କ୍ଷଣେ ପ୍ରାଚୀ କପୋଳେ
ତା' ମଧ୍ୟରେ କିନ୍ତୁ ବିରହ-ଦୁଃଖ-କାଳିମା ଦୋଳେ ।"

ରବିଙ୍କର ଲୀଳାୟିତ ଗତିରେ ଗୁରୁ ବିଷାଦ ରେଖା ଭରି ରହିଥିଲା ତାହା ବେଳେ ଅନୁଭବୀ ହିଁ ଅନୁଭବ କରିପାରିଥାଏ । ଏହି ଜଗତ ପ୍ରୀତିର ପାଶରେ ବନ୍ଧାଯାଇଥାଏ । ପ୍ରିୟଜନର ଦୁଃଖରେ କେବେ ଯେ ଦୁଃଖ ଭୋଗିବାକୁ ହୁଏ ତାହା କଳନା ବାହାରେ । କବି ମଧ୍ୟ ସେହି ଦୁଃଖରେ ମ୍ରିୟମାଣ ହୋଇପଡ଼ିଛନ୍ତି । ପ୍ରିୟଜନମାନଙ୍କୁ ଛାଡ଼ି କବି ବହୁତ ଦୂରରେ ଅଛନ୍ତି । ପଲକେ ପଲକେ ତାଙ୍କ କଥା ମନେ ପଡ଼ିଯାଇଛି ।

କବିଙ୍କ ଭାଷାରେ–

"ଏ ବିରହ ଦୃଶ୍ୟ ଦିଅଇ ବନ୍ଦୀ-ପରାଣେ ବ୍ୟଥା
ପଲକେ ପଲକେ ପଡ଼ଇ ମନେ କେତେ କି କଥା",

କବି କାରାଗାରରେ ବନ୍ଦୀ ହୋଇଛନ୍ତି । ପ୍ରକୃତିର ଦୁଃଖ ସହିତ କବିଙ୍କ ଦୁଃଖ ସମାନ ହୋଇଛି । ସେ ସିପାହିଙ୍କୁ କହିଛନ୍ତି । ରହିଯାଅ ସିପାହି । ତମେ ଚାବି ଦିଅନାହିଁ, କିଛି ସମୟ ବାହାରେ ରହି ମୁଁ ପ୍ରଣୟ ପ୍ରଭାବକୁ ଦେଖିବାକୁ ଚାହୁଁଛି । ପ୍ରଣୟ ପୀୟୂଷରେ ଭରିରହିଛି ବିରହ ରୂପକ ବିଷ । ଏହା ହେଉଛି ବିଶ୍ୱବାସୀଙ୍କ ପ୍ରତି ବିବ୍ରତ ବିଧି ର ଆଶୀର୍ବାଦ । ସରୋଜର ପ୍ରେମ ସହିତ ଜଡ଼ିତ ଥାଏ ପୃଥିବୀ, କିନ୍ତୁ ତା'ର ବିପରୀତ ରହସ୍ୟକୁ କେହି କହିପାରିବେ ନାହିଁ । କବି ପ୍ରିୟଜନ ଓ ପ୍ରିୟସ୍ଥାନକୁ ଛାଡ଼ି ହଜାରୀବାଗ୍ ଜେଲ୍‌ରେ ବନ୍ଦୀ ହୋଇଥାନ୍ତି । ତାଙ୍କ ମନ ବିରହ ରୂପକ ବିଷମ ବିଷରେ ତାଙ୍କ ପ୍ରାଣ ଘାରି ହୋଇଥାଏ । ବିଶ୍ୱପ୍ରକୃତି ସହିତ ତାଙ୍କର ଦୁଃଖ ଜଡ଼ିତ । ତେଣୁ ତାପିତ ଅନ୍ତରେ କ୍ଷଣ ସାନ୍ତ୍ୱନା ହିଁ ଉପୁଜିଥାଏ । କବିଙ୍କ ଭାଷାରେ–

"ବିଶ୍ୱ ପ୍ରକୃତିରେ ଦେଖିଲେ ସମହୃଦ-ବେଦନା
ତାପିତ ଅନ୍ତରେ ଆସିବ ଅବା କ୍ଷଣେ ସାନ୍ତ୍ୱନା"

କବି ସିପାହି ଜୁଲମ କରିବାପାଇଁ ମନା କରିଛନ୍ତି । କିଛି ସମୟ ରହିଯିବାପାଇଁ କହିଛନ୍ତି । ଗୋଧୂଳି ସମୟର ପ୍ରାକୃତିକ ବିଭାକୁ ସେ ଅନୁଭବ କରିବାପାଇଁ ଚାହିଁଛନ୍ତି । ରତରତ ହୋଇ ଅସ୍ତାଚଳ ପଶ୍ଚିମ ଆକାଶରେ ବୁଡ଼ି ଯାଇଛନ୍ତି । କବି ଆଉ କିଛି ସମୟ ବୁଲି ପ୍ରାଙ୍ଗଣରେ ଏଭଳି ଅପରୂପ ସୌନ୍ଦର୍ଯ୍ୟକୁ ଦେଖିବା ପାଇଁ ମନ ବଳାଇଛନ୍ତି । କିନ୍ତୁ ସିପାହି ହେଉଛି ଯମ ଦୂତ, ତା'ର ମନରେ ହୃଦୟରେ କରୁଣା ନାହିଁ । ସେ ମଧ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟ ବିଭା ବୁଝିପାରିବ ନାହିଁ ।

କବିଙ୍କ ଭାଷାରେ–

"ଯମଦୂତ ହୃଦେ କରୁଣା କାହୁଁ ବସିବ ତିଳେ ?
ଅଧିକ ନକହି ମର୍ଯ୍ୟାଦା ଜମି ପଶିବି ବିଳେ ।"

କବି ଉତ୍କଳମଣି ଗୋପବନ୍ଧୁ ଦାସ ବ୍ୟକ୍ତିଗତ ବିରହ ସହିତ ପ୍ରକୃତିର ବିରହ ଉକ୍ତ କବିତାରେ ଉପସ୍ଥାପିତ କରିଛନ୍ତି ।

**ପ୍ର.୨. ପ୍ରକୃତିର ବିରହ ମଧ୍ୟରେ କବି କିପରି ଆପଣାର ବିରହକୁ ଉପଲବ୍ଧି କରିଛନ୍ତି ଆଲୋଚନା କର ।**

**ଉ.** ପ୍ରକୃତିର ଅପରୂପ ଲାବଣ୍ୟକାନ୍ତିରେ କବି ମନ ପ୍ରଲୁବ୍ଧ ହୁଏ । ଚିତ୍ତମନ ଉଲ୍ଲସିତ ହୁଏ । ତାହା ସର୍ବଦା ଚିରସୁନ୍ଦର ଓ ଶାଶ୍ୱତମୟ । କବି ଜଡ଼ ପ୍ରକୃତିରେ ଭରିଦିଏ ସ୍ୱର୍ଗୀୟ ସୁଷମା । ଜଡ଼ ପ୍ରାଣରେ ଶକ୍ତି ସଞ୍ଚାର କରେ । ପ୍ରତୀତିକୁ ଜୀବନ୍ୟାସ ଦେଇ କବି ହୁଏ କାଳଜୟୀ । ପ୍ରକୃତିର ବିଭିନ୍ନ ରୂପରାଜିକୁ ସନ୍ଦର୍ଶନ କରି କବିହୁଏ ଆତ୍ମହରା । ପ୍ରକୃତି ସହିତ ମନୁଷ୍ୟ ସଖ୍ୟଭାବ ସ୍ଥାପନ କରେ । ପ୍ରକୃତି ସହିତ ଦୁଃଖରେ ତଥା ବିରହରେ ନିମଜ୍ଜିତ ହୁଏ । ପ୍ରକୃତିର ଏହି ହାସ୍ୟମୟୀ ରୂପକୁ ସତ୍ୟବାଦୀ ଯୁଗର ସାଧକ ଗୋପବନ୍ଧୁ କରିଛନ୍ତି ଆହୁରି ଚଳଚଞ୍ଚଳ ତଥା ଚିରସୁନ୍ଦର । ବିଶ୍ୱବାସୀଙ୍କ ପାଇଁ ତାଙ୍କ ଅମର ଆତ୍ମା ବିଳପି ଉଠିଛି । ନିଜ ସ୍ୱାର୍ଥକୁ ପରିହାର କରି ନିଜର ପ୍ରତି ରକ୍ତବିନ୍ଦୁ ଦେଇ ବିଶ୍ୱହିତରେ ପ୍ରତିବଦ୍ଧତା ସ୍ୱୀକାର କରିଛନ୍ତି ।

'ବନ୍ଦୀର ବିରହ ବ୍ୟଥା' କବିଙ୍କର 'କାରାକବିତା'ରୁ ଆସିଅଛି । କବି ଗୋପବନ୍ଧୁ ଅସହଯୋଗ ଆନ୍ଦୋଳନ ସମୟରେ ସେ ହଜାରିବାଗ୍ ଜେଲରେ ଜାନୁୟାରୀ ୧୯୨୩ ମସିହାରୁ ୧୯୨୪ ଦୁଇ ମାସ ପର୍ଯ୍ୟନ୍ତ ବନ୍ଦୀ ହୋଇ ରହିଥିଲେ । ସେହି ସମୟରେ ସେ ଅନେକ ଛୋଟ ଛୋଟ କବିତା ରଚନା କରିଥିଲେ । ସେଥିମଧ୍ୟରୁ 'ବନ୍ଦୀର ବିରହ

ବ୍ୟଥା' ଅନ୍ୟତମ । କବି ପ୍ରିୟଜନଙ୍କୁ ଛାଡ଼ି ଦୂରରେ ରହିଛନ୍ତି । ଅସ୍ତାଚଳ ସୂର୍ଯ୍ୟ ରଶ୍ମି ପୃଥିବୀ ରାଣୀର ବକ୍ଷଦେଶରେ ବିଛାଡ଼ି ହୋଇପଡ଼ିଛି । ଚତୁର୍ଦ୍ଦିଗରେ ବିଦାୟକାଳୀନସଭାର ଆୟୋଜନ ଚାଲିଥାଏ । ପକ୍ଷୀମାନେ ସୁମଧୁର ଲଳିତ ସ୍ୱରରେ ଐକ୍ୟ ତାନରେ ସ୍ୱଗୃହକୁ ପ୍ରତ୍ୟାଗମନ କରୁଛନ୍ତି । ସୂର୍ଯ୍ୟ ହସି ହସି ପଶ୍ଚିମାକାଶରେ ରଥ ସଜ କରି ସାରିଲଣି ତା'ର କୋଳରେ ବୁଡ଼ିଯିବା ପାଇଁ । କବିଙ୍କର ତାପିତ ମନ ବିରହ ଓ ବିଷାଦରେ ଭାଙ୍ଗି ପଡ଼ିଛି । କନକ କିରଣରେ ପ୍ରାଚୀସୁନ୍ଦରୀକୁ ରସୋତ୍ତୀର୍ଣ୍ଣ କରିପାରିଛି । ସ୍ନେହ ଆଦରରେ ସମସ୍ତଙ୍କୁ ବାନ୍ଧି ରଖିଛନ୍ତି । ସୂର୍ଯ୍ୟ, ସମୀରଣର ଅସ୍ପଷ୍ଟ ସ୍ୱରରେ ପ୍ରାଣୀ ଜଗତକୁ କହିଯାଇଛନ୍ତି ।

"ପ୍ରାଚୀ ଅଭିମୁଖେ ଲମ୍ବାଇ ସ୍ନିଗ୍ଧ କନକ କର
କୋମଳ ଆଶ୍ୱାସେ ଦେଖାନ୍ତି ନିଜ ସ୍ନେହ ଆଦର ।
ସମୀରଣ ମୃଦୁ ମର୍ମରେ ପ୍ରେମ ଅସ୍ପଷ୍ଟ ଗିର
କହନ୍ତି 'ଅଚିରେ ଫେରିବି ଧନି! ନୁହ କାତର ।"

ସୂର୍ଯ୍ୟ ପଶ୍ଚିମ ଦିଗରେ ବୁଡ଼ିଗଲାବେଳେ ବିରହର ଛାୟା ଚାରିଆଡ଼େ ବିଚ୍ଛୁରିତ ହୋଇଯାଇଛି । ଦୁଃଖର କାଳିମାରେ ଧରଣୀ ରାଣୀ ଭାଙ୍ଗି ପଡ଼ିଥାଏ । କବିଙ୍କର ମନେ ପଡ଼ିଯାଇଛି ପ୍ରିୟ, ପରିଜନ ଓ ଆତ୍ମୀୟସ୍ୱଜନଙ୍କ କଥା । ସେ ଯେପରି ଗୃହ ଛାଡ଼ି ଆସିଛନ୍ତି, ମାଟି ମା'ର ଲୋଲୁପତା ତାକୁ ତ୍ୟକ୍ତ କରିଆସିଛି ରୁଦ୍ଧ କୋଠରିକୁ । ଜନନୀ ଏବଂ ଜନ୍ମଭୂମିର ତୀବ୍ର ଆକର୍ଷଣ କବିଙ୍କୁ ଦୁଃଖାଭିଭୂତ କରିଅଛି । କବିଙ୍କ ପ୍ରକୃତି ପ୍ରେମ ଦେଖାଦେଇଛି କବିତାଟିରେ । ଅସ୍ତାଚଳ ସୂର୍ଯ୍ୟ ଯେପରି ସମସ୍ତଙ୍କ ମନରେ ବିରହର ଛାୟା ଖେଳିଯାଇଛି । କବିଙ୍କ ମନରେ ମଧ୍ୟ ବିଷାଦର ଛାୟା ଖେଳି ଯାଇଛି । ପୀୟୂଷ ମଧ୍ୟରେ ଭରି ଦେଇଛି ବିରହର ହଳାହଳ ବିଷ । ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ଦେଖି କବି ଲେଖନୀ ଶତଜିହ୍ୱା ହୋଇ ଉଠିଛି । କବିଙ୍କ ଭାଷାରେ–

"ସୁନ୍ଦର ସରୋଜ ଚରଣେ କିମ୍ବା ଜଡ଼ିତ ଅହି ।
ବିପରୀତ ସ୍ଥିତି ରହସ୍ୟ କିଏ ପାରିବ କହି ।"

ବାସନ୍ତିକ ପ୍ରଦୋଷରେ ବସନ୍ତ ଋତୁର ପ୍ରକୃତି ଅସ୍ତାଚଳ ସୂର୍ଯ୍ୟକିରଣରେ ବ୍ୟଥିତ ତଥା ଯନ୍ତ୍ରଣା ପାଇଛି । କବି ବର୍ଣ୍ଣନାରେ ପ୍ରକୃତିର ହାସ୍ୟମୟୀ ରୂପଟି ବେଶ୍ ପ୍ରଣିଧାନଯୋଗ୍ୟ ହୋଇପାରିଛି । କବିଙ୍କ ଭାଷାରେ –

"ବିଶ୍ୱ ପ୍ରକୃତିରେ ଦେଖିଲେ
ସମହୃଦ ବେଦନା"
"ତାପିତ ଅନ୍ତରେ ଆସିବ
ଅବା କ୍ଷଣେ ସାନ୍ତ୍ୱନା ।"

ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ଦେଖି କବିଙ୍କ ନୟନ ଲାଖିରହିଛି । ସେ ପ୍ରକୃତିର ରୂପରେ ହଜିଯାଇଛି । ଏହି ସମୟରେ ସନ୍ଧ୍ୟା ଉପଗତ ହେବାରୁ ବାରମ୍ବାର ସିପାହିର ଡାକରାର ମର୍ଯ୍ୟାଦାକୁ ଜାଣି ଭିତରକୁ ଯାଇଛନ୍ତି ।
ଜୀବନ୍ତ ପ୍ରକୃତିର ଅପରୂପ ସୁଷମା 'ବନ୍ଦୀର ବିରହ ବ୍ୟଥା' କବିତାରେ ସ୍ପଷ୍ଟ ପ୍ରତିଫଳିତ ହୋଇଛି ।

**ପ୍ର.୩. ପଠିତ କବିତା ଅନୁସରଣରେ କବି ଗୋପବନ୍ଧୁଙ୍କ ପ୍ରକୃତିପ୍ରୀତି ଓ ସ୍ୱଦେଶପ୍ରୀତିର ପରିଚୟ ଦିଅ ।**

**ଉ.** କବିତା କବି ହୃଦୟର ଅଭିବ୍ୟକ୍ତି । ସତ୍ୟବାଦୀ ସାହିତ୍ୟର ଅନ୍ୟତମ ସତାର୍ଥ ହେଉଚନ୍ତି ଉତ୍କଳମଣି ଗୋପବନ୍ଧୁ ଦାସ । ମାନବିକତାର ସେ ମହାଦ୍ୟୁତି । ହୃଦୟ ତାଙ୍କର ନବନୀତ କୋମଳ [illegible] ଓ ଦୁଃଖୀର ଦୁଃଖରେ ସର୍ବଦା ବିଚଳିତ । ସ୍ୱଦେଶ ପ୍ରେମ ତାଙ୍କ [illegible] ପାଆନ୍ତି । ଭାରତ ଏବଂ ସମଗ୍ର ବିଶ୍ୱ ତାଙ୍କ

ପାଇଁ ଥିଲା ଏକ ପରିବାର । ଏ ବିଶ୍ୱକୁ ସେ ଏକ ପ୍ରେମର ପସରା ଭାବେ ଗ୍ରହଣ କରୁଥିଲେ । ତାଙ୍କ ସାହିତ୍ୟ ଜୀବନ ଜୀବିକା ପାଇଁ ଏକାତ୍ମଥିଲା । ତାଙ୍କ ସାହିତ୍ୟରେ ଅଛି ଉତ୍କଳୀୟତା ବୋଧ, ଅଛି ମଧ୍ୟ ଭାରତୀୟ ଜାତୀୟତା ବୋଧ ଓ ବିଶ୍ୱବୋଧ । ତାଙ୍କ ଦେଶପ୍ରେମର ପଟାନ୍ତର ନାହିଁ । ଗୋପବନ୍ଧୁଙ୍କ ସାହିତ୍ୟ ଏହି ହୃଦୟଦୀପ୍ତ ମନୀଷାର ଅନ୍ତର୍ବାଣୀ । 'ବନ୍ଦୀର ବିରହବ୍ୟଥା' କବିତାଟି କବି ଗୋପବନ୍ଧୁ ଦାସଙ୍କ ଦ୍ୱାରା ରଚିତ । ପୁଣ୍ୟାତ୍ମା ଗୋପବନ୍ଧୁ ଅସହଯୋଗ ଆନ୍ଦୋଳନରେ ଯୋଗଦେଇ ବ୍ରିଟିଶ ସରକାରଙ୍କ ଦ୍ୱାରା ହଜାରିବାଗ୍ ଜେଲରେ ୧୯୨୩ ମସିହା ଜାନୁୟାରୀ ମାସରୁ ୧୯୨୪ ମସିହା ଜୁନ୍‌ମାସ ପର୍ଯ୍ୟନ୍ତ କାରାରୁଦ୍ଧ ହୋଇଥିଲେ । ସେହି ଜେଲରେ ରହିବା ସମୟରେ କବି ଅନେକ ଛୋଟ ଛୋଟ କବିତା ରଚନା କରିଥିଲେ । ତନ୍ମଧ୍ୟରୁ ବନ୍ଦୀର ବିରହ ବ୍ୟଥା ଅନ୍ୟତମ । କବି ବନ୍ଦୀ ହୋଇଥିବା ସମୟରେ ସେ ସ୍ୱଦେଶକୁ ଛାଡ଼ି ଅନେକ ଦୂରରେ ରହିଛନ୍ତି । ତାଙ୍କ ପ୍ରତି ମୁହୂର୍ତ୍ତରେ ମାଟି ମାଆ ଓ ପ୍ରିୟ ପରିଜନଙ୍କ କଥା ମନେପଡ଼ିଯାଇଛି । କବି ଦୁଃଖାଭିଭୂତ ନୟନରେ ବସନ୍ତ ପ୍ରକୃତିର ଅପରୂପ ଦୃଶ୍ୟ ଦେଖିଛନ୍ତି । ପ୍ରକୃତି ସହିତ ମାନବର ସଂପର୍କ ନିହିତ ଅଛି । ପ୍ରକୃତି ଜଡ଼; କିନ୍ତୁ କବି ଲେଖନୀରେ ସେ ମାନବୀୟ ଗୁଣରେ ଆରୋପିତ ହୋଇଛି । ଅସ୍ତ ବସନ୍ତ ଋତୁର ଅସ୍ତାଚଳ ସୂର୍ଯ୍ୟ ପଶ୍ଚିମ ଦିଗରେ ବୁଡ଼ି ଯାଇଥାନ୍ତି । କବି ଅପଲକ ନୟନରେ ପ୍ରକୃତିର ଶୋଭା ସନ୍ଦର୍ଶନ କରିଛନ୍ତି । ଦିନ ଶେଷ ହୋଇ ଆସୁଥାଏ । ଅସ୍ତାଚଳ ସୂର୍ଯ୍ୟ ତାଙ୍କର ଉଚ୍ଚାସନରେ ବସି ପ୍ରାଚୀରାଣୀଙ୍କୁ ତାଙ୍କର ରକ୍ତିମ କନକ କିରଣରେ ରଞ୍ଜିତ କରିଛନ୍ତି । ପକ୍ଷୀମାନେ ଦଳଦଳ ହୋଇ ରାବ କରି ନୀଡ଼ ଅଭିମୁଖେ ଉଡ଼ିଯାଉଛନ୍ତି । ସମସ୍ତେ ବିଦାୟକାଳୀନ ଶୋଭାକୁ ସନ୍ଦର୍ଶନ କରୁଛନ୍ତି । କେବଳ ଅନୁଭବୀ ମନ ହିଁ ବ୍ୟଥିତ ହୋଇପଡ଼େ । ସମସ୍ତେ ଅସ୍ତକାଳୀନ ସୂର୍ଯ୍ୟଙ୍କୁ ବିଦାୟ ଦେବା ସମୟରେ ତାଙ୍କ ହୃଦୟରେ ଦୁଃଖର କାଳିମା ଖେଳିଯାଇଛି । କିନ୍ତୁ ସୂର୍ଯ୍ୟ ସ୍ନେହ ଆନନ୍ଦର ଘୋଷଣ ବଜାଇ କହି ଚାଲିଛନ୍ତି– "ଅଚିରେ ଫେରିବି ମୁହିଁ ଧନି! ନୁହେଁ କାତର ।" ବିଷାଦର ରେଖା ଧରଣୀ କୋଳରେ ଟାଣିହୋଇ ଯାଇଥାଏ । କବିଙ୍କର ପଲକରେ କେତେକଥା ସ୍ମୃତିକୁ ଆସିଯାଇଥାଏ । ପ୍ରକୃତି ସହିତ ମଣିଷ ସମାଜ ଓତପ୍ରୋତ ଭାବରେ ଜଡ଼ିତ । ମନୁଷ୍ୟର ଦୁଃଖରେ ସୁଖରେ ମଧ୍ୟ ପ୍ରକୃତି ଜଡ଼ିତ । ଅସ୍ତାଚଳ ସୂର୍ଯ୍ୟଙ୍କ କିରଣ ଯେପରି ଚତୁର୍ଦ୍ଦିଗରେ ବିରହର ଛାୟା ସୃଷ୍ଟି କରିଛି ଅନୁରୂପ ଭାବରେ କବି ଆତ୍ମୀୟସ୍ୱଜନଙ୍କୁ ଛାଡ଼ି ବିରହରେ ଭାଙ୍ଗି ପଡ଼ିଛନ୍ତି । ପ୍ରକୃତି ସହିତ ମନୁଷ୍ୟର ସଂପର୍କ କେବଳ ଅନୁଭବୀ ବୁଝି ପାରିବ । ଆଉ କେହି ବୁଝିପାରିବ ନାହିଁ । କବିଙ୍କ ଭାଷାରେ–

"ରବି ଲାସ୍ୟ ହାସେ ପ୍ରକଟେ ଗୁରୁବିଷାଦ ରେଖା
ଅନୁଭବୀ ନେତ୍ରେ କେବଳ ସିନା ଯାଏ ସେ ଦେଖା"

ପ୍ରୀତି ପାଶରେ ଏ ଜଡ଼ ଜଗତ ବନ୍ଧା ହୋଇଥାଏ । ସନ୍ଧ୍ୟା ରତରତ ହୋଇ ଚାଲି ଆସୁଥାଏ । କବି ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖିବାର ନିମଗ୍ନ ହୋଇଛନ୍ତି । ତାହାରି ମଧ୍ୟରେ କବି ଅବଲୋକନ କରିଛନ୍ତି ବହୁଦୂରରେ ରହି ବନ୍ଧୁ ପରିଜନଙ୍କୁ । କାରାଗାର କକ୍ଷକୁ ବନ୍ଦ କରିବା ପାଇଁ ସିପାହି ଆଗୁସାର ହେବାବେଳେ କବି ତାହାକୁ ଯମଦୂତର ନିଷ୍ଠୁର ଆଚରଣ ସହିତ ତୁଳନା କରି ବେଳ ଆହୁରି ଥିବାର ସୂଚନା ଦେଇଛି । ଇଚ୍ଛା ଥିଲେ ମଧ୍ୟ ପ୍ରକୃତି ସହିତ କିଛି ସମୟ ଏକାତ୍ମ ହେବାକୁ ତାହା ପ୍ରତିବନ୍ଧକ ସାଜିଛି କାରାକକ୍ଷର ସିପାହି ।

ଉକ୍ତ କବିତାରୁ କବିଙ୍କର ସ୍ୱଦେଶ ପ୍ରୀତି ଓ ପ୍ରକୃତି ପ୍ରୀତିର ନଗ୍ନ ପରିଚୟ ମିଳିଥାଏ ।

**ପ୍ର.୪. ବହିଃ ପ୍ରକୃତି ସହିତ ଅନ୍ତଃପ୍ରକୃତିର ମଧୁର ସମନ୍ୱୟ 'ବନ୍ଦୀର ବିରହ ବ୍ୟଥା' କବିତାକୁ ହୃଦୟଗ୍ରାହୀ କରିପାରିଛି – ଆଲୋଚନା କର ।**

**ଉ.** ସୃଷ୍ଟିର ଆଦିମ ସମୟରୁ ଆଦିରୂପ ପ୍ରକୃତି ସହ ମନୁଷ୍ୟର ସମ୍ବନ୍ଧ ଅତି ଘନିଷ୍ଠ ଅତି ଏକାନ୍ତ । ଏଇ ପ୍ରକୃତିର କୋଳରେ ପାଳିତ ଲାଳିତ ହୋଇ ତାରି ଉରସର ରସରେ ପୁଷ୍ଟ ହୋଇ ସେ ବଢ଼ି ଆସିଛି । ଏଇ ସଫଳ କେବଳ ବାହ୍ୟ ଶାରୀରିକ ନୁହେଁ । ଅଧିକନ୍ତୁ ତାହା ତା'ର ଭାବ ଓ ମନୋଜଗତ ପର୍ଯ୍ୟନ୍ତ ପ୍ରସାରିତ ଓ ବ୍ୟାପ୍ତ । ପ୍ରାଣ ଧାରଣ ସକାଶେ

ପ୍ରକୃତି ସହିତ ମଣିଷର ଯେଉଁ ସଂପର୍କ ତାକୁ ସ୍ଥୂଳ ବା ଗୌଣସଂପର୍କ କୁହାଯାଇଥାଏ । ମାତ୍ର ଜୀବନକୁ ତା'ର ଭାବନା କଳ୍ପନା ସାମ୍ରାଜ୍ୟକୁ ବର୍ଣ୍ଣମୟ କରିବା, ସୃଷ୍ଟିକୁ ସୌନ୍ଦର୍ଯ୍ୟପ୍ରିୟ କରି ବିକଶିତ କରିବା ଦିଗରେ ପ୍ରକୃତିର ସ୍ନେହ ମିଶ୍ରିତ କୋଳ ସାନିଧ ଏକାନ୍ତ ଆବଶ୍ୟକ । ସୃଷ୍ଟିର ପ୍ରାକ୍ କାଳରୁ ମନୁଷ୍ୟ ପ୍ରକୃତିର ଆଶା ଉଲ୍ଲାସ ଭୟ ଏବଂ ଜିଜ୍ଞାସାର ଦୃଷ୍ଟିରେ ଦେଖି ଆସିଛି । ମଣିଷର ଏହି ଜିଜ୍ଞାସା ହିଁ ଉପଲବ୍ଧିର ନବ ନବ ଦ୍ୱାର ଉନ୍ମୁକ୍ତ କରି ଦେଇଛି । ଆମ ହୃଦୟ ଭିନ୍ନ ଭିନ୍ନ ପରିବେଶରେ ଭିନ୍ନ ଭାବ ଓ ଭାବନାରେ ଭାରାକ୍ରାନ୍ତ ହୋଇଥାଏ । ତିକ୍ତ ମଧୁର ଅନୁଭୂତି ହିଁ ବ୍ୟକ୍ତି ସତ୍ତାକୁ ନିୟନ୍ତ୍ରଣ କରିଥାଏ । ଅନ୍ତ ପ୍ରକୃତି ଓ ବାହ୍ୟପ୍ରକୃତି ତା'ର ଉପଜୀବ୍ୟ ଅଟେ ।

ସତ୍ୟବାଦୀ ସାହିତ୍ୟର ଦୀପ୍ତିମନ୍ତ କବି ପ୍ରତିଭା ଗୋପବନ୍ଧୁ ଦାସ ହଜାରିବାଗ୍ ଜେଲରେ ଥିବା ସମୟରେ ଯେଉଁ ମାର୍ମିକ ଯନ୍ତ୍ରଣା ଅନୁଭବ କରିଥିଲେ ତାହାର ଫଳପ୍ରସୂ ସ୍ୱରୂପ ଆତ୍ମ ପ୍ରକାଶ କରିଛି 'କାରାକବିତା' । 'କାରା କବିତା'ର କିୟଦଂଶ ହେଉଛି ବନ୍ଦୀର ବିରହ ବ୍ୟଥା । ୧୯୨୩-୧୯୨୪ରେ ସେ ବନ୍ଦୀ ଥିବା ଅବସ୍ଥାରେ ଜେଲର ପ୍ରାଙ୍ଗଣ ତାଙ୍କ ପାଇଁ ଆଣି ଦେଇଥିଲା ଦିବ୍ୟ ଅନୁଭବ । ଅସ୍ତଗାମୀ ସୂର୍ଯ୍ୟଙ୍କର ବର୍ଣ୍ଣବୈଭବ ମଧ୍ୟରେ, ସ୍ୱଗୃହକୁ ପ୍ରତ୍ୟାଗମନ କରୁଥିବା ପକ୍ଷୀର ସୁମଧୁର କାକଳୀର ସ୍ୱର ମଧ୍ୟରେ, ସୂର୍ଯ୍ୟଙ୍କୁ ବିଦାୟକାଳୀନ ପୃଥିବୀର ଅବସ୍ଥାକୁ କବି ଲେଖନୀ ଚମତ୍କାର ରୂପେ ବର୍ଣ୍ଣନା କରିଛି ।

କବି ବର୍ଣ୍ଣନାରେ –

"ବିଦାୟର ତେଣୁ ଲାଗିଛି ଆୟୋଜନ ବିସ୍ତାର
ନାନାରଙ୍ଗ ଚନ୍ଦ୍ର ଆତପେ ଆଚ୍ଛାଦିତ ଅମ୍ବର
ଦଳେ ଦଳେ ପକ୍ଷୀ ଗାଆନ୍ତି ଉଚ୍ଚେ କରୁଣ ଗାନ
ତରୁ ଗିରିଛାୟା ବିସ୍ତାରି ପାଦ କରେ  ପ୍ରଣାମ" ।

ସଂଧ୍ୟା ଆସିବା ଅବ୍ୟବହିତ ପୂର୍ବରୁ ସିପାହି ଜେଲର କୋଠରି ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ସମୟରେ କବି ବ୍ୟକ୍ତିଗ ବିରହ ବୋଧ କରିଛନ୍ତି । ତାଙ୍କ ଦୁଃଖର ମାତ୍ରା ବହୁଗୁଣିତ ହୋଇଛି । ସେ ସିପାହିକୁ କିଛି ମୁହୂର୍ତ୍ତ ଅପେକ୍ଷା କରିବାକୁ ବିନମ୍ର ନିବେଦନ କରିଛନ୍ତି କାରଣ ବହିଃ ପ୍ରକୃତି ସହିତ କବି ଏକାତ୍ମ ହୋଇଯାଇଛନ୍ତି । ନିଜକୁ ବାହ୍ୟ ପରିବେଶର ଦୁଃଖ ସହିତ ସଖ୍ୟ ସ୍ଥାପନ କରିଛନ୍ତି । ଆତ୍ମୀୟସ୍ୱଜନଙ୍କ ଦୁଃଖରେ ମ୍ରିୟମାଣ କବିଚେତନା ଗଭୀର ଦୁଃଖାଭିଭୂତ ହୋଇଛନ୍ତି ।

କବି ଚେତନାରେ ତାହା ସ୍ପଷ୍ଟ ଓ ଅନୁରଣିତ । କବିଙ୍କ ଭାଷାରେ–

"ପ୍ରିୟଜନ ପ୍ରିୟ ସ୍ଥାନ ମୁଁ ଛାଡ଼ି ବନ୍ଦୀ ଏଠାରେ,
ବିରହ-ବିଷମ ବିଷେ ମୋ ମନ ପରାଣ ଘାରେ ।
ବିଶ୍ୱପ୍ରକୃତିରେ ଦେଖିଲେ ସମ ହୃଦବେଦନା
ତାପିତ ଅନ୍ତରେ ଆସିବ ଅବା କ୍ଷଣେ ସାନ୍ତ୍ୱନା ।"

କବି ବିଶ୍ୱପ୍ରୀତି ଠାରେ ମାନବୀୟ ପ୍ରକୃତିର ସଂଯୋଗ କରିଛନ୍ତି । ସନ୍ଧ୍ୟାର ଅପରୂପ ସୌନ୍ଦର୍ଯ୍ୟ ଓ ପକ୍ଷୀମାନେ ଯେଉଁ ବିରହ ସ୍ୱରରେ ଗାନକରି ବସାକୁ ଫେରିଛନ୍ତି ତାହାର ଦୃଶ୍ୟରେ କବି ହୃଦୟ ଦୁଃଖରେ ଦ୍ରବୀଭୂତ । ତରୁ ଗିରିଛାୟା ବଢ଼ି ବଢ଼ି ଯାଇଛି । ସତେଯେପରି ସେମାନେ ଅସ୍ତକାଳୀନ ସୂର୍ଯ୍ୟଙ୍କୁ ପ୍ରଣାମ ଜଣାଇଛନ୍ତି । ସୂର୍ଯ୍ୟ ମଧ୍ୟ ତାଙ୍କ ମସ୍ତକର ଅସ୍ତକାଳୀନ ସୁନେଲୀ କିରଣକୁ ଢାଳି ଦେଇଛନ୍ତି । ତାହା ଯେପରି କବି ଦୃଷ୍ଟିରେ ଦେବବରଣୀ ପାଟ ପରି ଦେଖାଦେଇଛି । ଅନୁଗତ ଭୃତ୍ୟ ମସ୍ତକରେ ଯେପରି ସମ୍ରାଟ ମୁକୁଟଟିଏ ପିନ୍ଧାଇ ଦେଇଛି । ଅନୁରୂପ ଭାବରେ ସୂର୍ଯ୍ୟ ଅସ୍ତକାଳୀନ ରଶ୍ମିକୁ

ବୃକ୍ଷମାନଙ୍କ ଉପରେ ଢାଳି ଦେଇଛନ୍ତି । ସମୀରଣ ମୃଦୁ୍ୟହିଲ୍ଲୋଳରେ ପରିବେଶକୁ ଭାବବିହ୍ୱଳ କରିଛି । ସିପାହି ବାରମ୍ବାର ରୁଦ୍ଧକୋଠରି ଭିତରକୁ ଯିବାକୁ ନିର୍ଦ୍ଦେଶ ଦେବାବେଳେ କବିଙ୍କର ପ୍ରିୟଜନଙ୍କ ମୁଖମଣ୍ଡଳ ସ୍ମୃତିକୁ ଆସି ଅଶ୍ରୁ ସଜଳ ହୋଇଉଠିଛନ୍ତି । ସଂସାର ପ୍ରୀତିର ଫାଶରେ ବନ୍ଧନ ଯୁକ୍ତ । ପ୍ରୀତି ରୂପକ ଦାରୁଣ ଦୁଃଖକୁ କବି ଅନୁଭବ କରିଛନ୍ତି । ସୂର୍ଯ୍ୟ ପୃଥିବୀରାଣୀକୁ ଛାଡ଼ିଯିବାପରି କବି ଅନୁଭବ କରିଛନ୍ତି । ସେ ଯେପରି ତାଙ୍କ ପ୍ରିୟ ପରିଜନମାନଙ୍କୁ ଛାଡ଼ିଆସିଛନ୍ତି । ତାଙ୍କ ଭାବ ଓ ଭାବନାରେ କବି ମନ ମନ୍ଥିତ ହୋଇ ଉଠିଛି ।

କବି କିଛି ସମୟ ବାହାରେ ରହି ପ୍ରକୃତିର ପ୍ରଣୟ ବିରହ ଦୁଃଖ ଦେଖିବା ପାଇଁ ପ୍ରୟାସୀ । କିନ୍ତୁ ଯମଦୂତ ପରି ଜଗିଥିବା ସିପାହି ତାଙ୍କୁ ଛାଡ଼ିନାହିଁ । ସେ ଚାବି ଦେବାପାଇଁ ବ୍ୟସ୍ତ ଓ କଟାଳ କରିଛି । ତେଣୁ କବି ଦୁଃଖ ଓ ହତାଶା ବୋଧକୁ ଚାପିରଖି ରୁଦ୍ଧ ଓ କୋଠରିକୁ ପ୍ରବେଶ କରିଛନ୍ତି ।

ବହିଃ ପ୍ରକୃତି ସହ ଅନ୍ତଃ ପ୍ରକୃତିର ଯଥାର୍ଥ ସମନ୍ୱୟ ହୋଇଛି । କବି ଏହାରି ମଧ୍ୟରେ ନିଜର କବି ପ୍ରତିଭାକୁ ହୃଦୟସ୍ପର୍ଶୀ କରିପାରିଛନ୍ତି ।

**ପ୍ର.୫. ପ୍ରକୃତି ମଧ୍ୟରେ ମାନବୀୟ ଭାବ ସଂବେଦନାର ଉପସ୍ଥାପନ କବି ଗୋପବନ୍ଧୁଙ୍କ କବିତ୍ୱକୁ କାଳଜୟୀ କରାଇଛି । – ପଠିତ କବିତା ଅବଲମ୍ବନରେ ଉକ୍ତିଟିର ସତ୍ୟତା ଦର୍ଶାଅ ।**

**ଉ.** ୪ ନମ୍ବର ପ୍ରଶ୍ନୋତ୍ତର ଦ୍ରଷ୍ଟବ୍ୟ ।

❑❑❑

# ପିଙ୍ଗଳାର ଅଭିସାର

ରାଧାମୋହନ ଗଡ଼ନାୟକ

**କବି ପରିଚୟ :**

ଓଡ଼ିଆ ସାହିତ୍ୟର ସୁଯୋଗ୍ୟ ସାରସ୍ୱତ ସ୍ରଷ୍ଟା କବି ରାଧାମୋହନ ଗଡ଼ନାୟକ ୧୯୧୧ ମସିହାରେ ଅନୁଗୁଳର କଲଣ୍ଡାପାଳ ଠାରେ ଜନ୍ମଗ୍ରହଣ କରି ୨୦୦୦ ମସିହାରେ ଇହଧାମ ପରିତ୍ୟାଗ କରିଥିଲେ । ଛନ୍ଦକବି ଭାବେ ଗାଥା କବିତାର ପ୍ରତିଭାଧର ସ୍ରଷ୍ଟାରୂପେ ସେ ଓଡ଼ିଆ ସାହିତ୍ୟରେ ସାରସ୍ୱତ ଯୋଗ୍ୟ ଅଟନ୍ତି । ସବୁଜ ଯୁଗର ସମସାମୟିକ କବି ରୂପେ ସେ ସାରସ୍ୱତ ଯୋଗ୍ୟ ଅଟନ୍ତି। ସବୁଜ ଯୁଗର ସମସାମୟିକ କବି ରୂପେ ସେ ପରିଚିତ ଥିଲେ ମଧ୍ୟ ଜଣେ ସ୍ୱାଧୀନଚେତା ରୋମାଣ୍ଟିକ୍ ସ୍ରଷ୍ଟାରୂପେ ସେ ଚିରସ୍ମରଣୀୟ; ତେବେ ଗାଥାକବିତା ରଚନା କ୍ଷେତ୍ରରେ ଗଡ଼ନାୟକ ଜଣେ ଅପ୍ରତିଦ୍ୱନ୍ଦୀ ସ୍ରଷ୍ଟା ଥିଲେ କହିଲେ ଅତ୍ୟୁକ୍ତି ହେବ ନାହିଁ । ଓଡ଼ିଆ ସାହିତ୍ୟରେ ଛନ୍ଦର ନୂତନତ୍ୱ ସୃଷ୍ଟି କରିବାରେ ସେ ଅଦ୍ୱିତୀୟ ସ୍ରଷ୍ଟା ଥିଲେ । ତାଙ୍କ କବିତାର ଭାଷା, ଭାବ ଓ ସାଙ୍ଗୀତିକତାର ଅପୂର୍ବ ସମନ୍ୱୟ ଥିଲା । ଜଣେ ବାସ୍ତବବାଦୀ ସ୍ରଷ୍ଟାରୂପେ ସ୍ୱଦେଶପ୍ରେମ, ଜାତୀୟ ଚେତନା ମାନବିକତା ପ୍ରଭୃତି ତାଙ୍କ ସ୍ରଷ୍ଟା ମାନସର ଅନ୍ୟତମ ଉପାଦାନ ଥିଲା।

କବି ଗଡ଼ନାୟକଙ୍କ ସାହିତ୍ୟ ସୃଷ୍ଟି ମଧ୍ୟରେ ଶାମୁକାର ସ୍ୱପ୍ନ, ସ୍ମରଣିକା, ଉତ୍କଳିକା, କାବ୍ୟନାୟିକା, ଧୂସର ଭୂମିକା ପଶୁପକ୍ଷୀର କାବ୍ୟ, ସୂର୍ଯ୍ୟ ଓ ଅନ୍ଧକାର ପ୍ରଭୃତି ଅନ୍ୟତମ ଅଟେ । କବି ତାଙ୍କର ସୂର୍ଯ୍ୟ ଓ ଅନ୍ଧକାର ସଙ୍କଳନ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ହୋଇଥିଲେ । ପାରମ୍ପରିକ ରୀତିରେ ସୁରୁଚିପୂର୍ଣ୍ଣ ସରସ ଛନ୍ଦର ସାହିତ୍ୟ ରଚନା ପାଇଁ ଗଡ଼ନାୟକ ସୁପ୍ରସିଦ୍ଧ ଥିଲେ ।

(ଘ) **ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ୩୦ଟି ଶବ୍ଦରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଠିକ୍ ଉତ୍ତର ପାଇଁ ୨ ନମ୍ବର।**

**ପ୍ର.୧. ପିଙ୍ଗଳାର ମନରେ କାହିଁକି ବୈରାଗ୍ୟ ଭାବ ଜାତ ହେଲା ?**

**ଉ.** କବି – ରାଧାମୋହନ ଗଡ଼ନାୟକ

କବିତା – ପିଙ୍ଗଳାର ଅଭିସାର

ପିଙ୍ଗଳା ବେଶ୍ୟା ଅପରୂପ ସୌନ୍ଦର୍ଯ୍ୟଶାଳିନୀ । ସେ ତା'ର ରୂପ ମାଧୁରୀରେ ପରପୁରୁଷଙ୍କୁ ଆକର୍ଷିତ କରେ । ଦିନେ ସଂଧ୍ୟା ସମୟରେ ଜଣେ ସମ୍ଭ୍ରାନ୍ତ ଧନୀ ଯୁବକ ତାକୁ ସଙ୍କେତ ଦେଇ ଆସିବାର ନିର୍ଭର ପ୍ରତିଶ୍ରୁତି ରଖିଛନ୍ତି। କିନ୍ତୁ ସେଦିନ ରାତିରେ ଆସି ନାହାନ୍ତି । ଅପେକ୍ଷାମାଣା ବାସକସଜ୍ଜା ସାଜି ପିଙ୍ଗଳା ପ୍ରତୀକ୍ଷା କରିଛି । ପହର ପରେ ପହର ଅତିକ୍ରାନ୍ତ ହୋଇଛି । ଶେଷରେ ତୃତୀୟ ପ୍ରହରରେ ତା'ର ଚେତନା ଜାଗ୍ରତ ହୋଇଛି । କାମନାର ଅନଳ ଲିଭିଯାଇଛି ଏବଂ ମନର ବୈରାଗ୍ୟ ଜାତ ହୋଇଛି ।

**ପ୍ର.୨. ମରତ ପଥର ଅମର ବନ୍ଧୁଙ୍କୁ ଲାଭ କରିବା ପରେ ପିଙ୍ଗଳାର ଜୀବନରେ କ'ଣ ସବୁ କରିବ ନାହିଁ ବୋଲି କହିଛି ?**

**ଉ.** କବି – ରାଧାମୋହନ ଗଡ଼ନାୟକ

କବିତା – ପିଙ୍ଗଳାର ଅଭିସାର

ମରତ ପଥର ଅମର ବନ୍ଧୁଙ୍କୁ ଲାଭ କରିବାରେ ବାରବଧୂ ପିଙ୍ଗଳା ତୂଳୀତଳ୍ପ ଫୁଲର ଶଯ୍ୟା ସଜାଇବ ନାହିଁ, ରାତିସାରା ଉଜାଗର ରହି କେଳୀଦୀପ ଦେଦୀପ୍ୟମାନ କରିବ ନାହିଁ ଏବଂ ପୀରତିର ଅଭିନୟ କାହା ଆଗରେ ଦେଖାଇପାରିବ ନାହିଁ ବୋଲି ଆଶା ରଖିଛନ୍ତି ।

**ପ୍ର.୩. ପିଙ୍ଗଳାର ବିଫଳ ଜୀବନ ସଫଳ ହେଲା ବୋଲି ସେ କିପରି ମନେ କରୁଛି ?**

**ଉ.** କବି – ରାଧାମୋହନ ଗଡ଼ନାୟକ

କବିତା – ପିଙ୍ଗଳାର ଅଭିସାର

ପିଙ୍ଗଳା ତା'ର ପ୍ରାଣରେ ପ୍ରାଣେଶ୍ୱର ଓ ପରମେଶ୍ୱରଙ୍କର ସତ୍ତାକୁ ଉପଲବ୍ଧି କରିଛି । ମର୍ତ୍ତ୍ୟ ପଥର ଅମର ବନ୍ଧୁଙ୍କୁ ପାଇ ଅନ୍ତରତାର ବିମୁଗ୍ଧ ହୋଇଛି । ସେ ଅତୀତକୁ ଅସାର ସ୍ୱପ୍ନପରି ଭୁଲିଯାଇଛି । ନୂତନ ଜୀବନ ଓ ନୂତନ ସତ୍ତା ନିଜ ହୃଦୟ ମଧ୍ୟରେ ଉପଲବ୍ଧି କରିଛି । ତେଣୁ ପିଙ୍ଗଳାର ବିଫଳ ଜୀବନ ସଫଳ ହେଲା ବୋଲି କୁହାଯାଇଛି ।

**ପ୍ର.୪. ପରିବର୍ତ୍ତିତ ପିଙ୍ଗଳା ପ୍ରକୃତିକୁ କିପରି ଅନୁଭବ କରିଛି ?**

**ଉ.** କବି – ରାଧାମୋହନ ଗଡ଼ନାୟକ

କବିତା – ପିଙ୍ଗଳାର ଅଭିସାର

ଆକାଶରେ ଚାନ୍ଦ ହସି ହସି ଧରଣୀକୁ ଶୁଭ୍ର ଚାନ୍ଦିନୀ ବିକିରଣ କରୁଛି । ଚନ୍ଦ୍ରମା ସହିତ ତାରକାରାଣୀ ମଧ୍ୟ ହସର ଧାରା ଛୁଟାଇ ଚାଲିଛନ୍ତି ଚନ୍ଦ୍ରମାର ଶୁଭ୍ର ଜ୍ୟୋସ୍ନାଶିରୀ ଚତୁର୍ଦ୍ଦିଗରେ ଉଛୁଳି ପଡୁଛି । ସ୍ନିଗ୍ଧ ସମୀର ଧୀରେ ଧୀରେ ପରିବେଶକୁ ହିଲ୍ଲୋଳିତ କରୁଛି। ସେହି ସମୟରେ ପିଙ୍ଗଳା ପରମପୁରୁଷଙ୍କ ସାନ୍ନିଧ ଉପଲବ୍ଧି କରିଛି ବୋଲି ଭାବି ନେଇଛି ଓ ପରିବର୍ତ୍ତିତ ପିଙ୍ଗଳା ପ୍ରକୃତିକୁ ଅନୁଭବ କରିଛି ।

**ପ୍ର.୫. 'ଯାଉଅଛି ଆଜି ଜୀବନର ମମ ପ୍ରିୟତମ ଅଭିସାରେ' କେଉଁ ପ୍ରସଙ୍ଗରେ କୁହାଯାଇଛି ?**

ଉ. କବି – ରାଧାମୋହନ ଗଡ଼ନାୟକ

କବିତା – ପିଙ୍ଗଳାର ଅଭିସାର

ପରମପୁରୁଷ ଓ ପରମେଶ୍ୱରଙ୍କୁ ପାଇବା ଆଶାରେ କବି ଏ ଆଶା ରଖି ଜୀବନର ପ୍ରିୟତମ ଅଭିସାର କଥା କହିଛନ୍ତି ।

**ପ୍ର.୬. ସଚେତନ ପିଙ୍ଗଳା ତା'ର ପ୍ରିୟ ପରମଙ୍କର କିପରି ପୂଜା ଆରତି କରିବ ବୋଲି କବି ବର୍ଣ୍ଣନା କରିଛନ୍ତି ?**

ଉ. କବି – ରାଧାମୋହନ ଗଡ଼ନାୟକ

କବିତା – ପିଙ୍ଗଳାର ଅଭିସାର

ପରମପୁରୁଷ ପରମେଶ୍ୱରଙ୍କୁ ପାଇବା ଆଶରେ ପିଙ୍ଗଳା ଧନ, ଜୀବନ ଯଉବନ ଓ ରୂପକୁ କରିନେଇଛି । ସେ ପ୍ରୀତି ରୂପକ ଆନନ୍ଦ ଜାଳି ବାସକସଜ୍ଜା ରୂପେ ପ୍ରିୟ ପୁରୁଷଙ୍କୁ ଆମନ୍ତ୍ରିତ ପୂର୍ବକ ପୂଜା ଆରତି କଥା କହିଛି ।

**ପ୍ର.୭. ଆପଣରେ ଘୃଣ୍ୟ ଜୀବନରୁ ମୁକ୍ତି ପାଇଥିବା ପିଙ୍ଗଳାର ଅନୁଭୂତିକୁ କିପରି କବି ବର୍ଣ୍ଣନା କରିଛନ୍ତି ?**

ଉ. କବି – ରାଧାମୋହନ ଗଡ଼ନାୟକ

କବିତା – ପିଙ୍ଗଳାର ଅଭିସାର

କବି ଜଣେ ସଚେତନ ଶିଳ୍ପୀ । ଦିନ ଥିଲା ପିଙ୍ଗଳାର ହୃଦୟ କାମନା କରି ରହିଥିଲା । ସମୟ ଆସିଛି ପିଙ୍ଗଳାର ହୃଦୟରୁ ସେହି ପ୍ରେମ ଜହର ଉଡ଼ିଯାଇଛି । ଧନ ଜୀବନ ଯଉବନ ପିଙ୍ଗଳା ବେଶ୍ୟା, ଆଦି କବିଙ୍କର ଜୀବନ ଦେଖାଯାଉ ନାହିଁ । ଧନ, ଜୀବନ, ଯଉବନ ତା' ପାଖରୁ ଦୂରେଇ ଦେଇଛି । ଘୃଣ୍ୟ ଜୀବନରୁ ଜୀବ ମୁକ୍ତି ପାଇଥିବା ପିଙ୍ଗଳାର ସମସ୍ତ ଧନ ସଂପତ୍ତି, ପ୍ରାଚୁର୍ଯ୍ୟ ରୂପ ଆଦି ନିଷ୍ପ୍ରଭ ହୋଇଛି । ଘୃଣ୍ୟ ଜୀବନରୁ ମୁକ୍ତି ପାଇଥିବା ପିଙ୍ଗଳାର ଅନୁଭୂତିକୁ ପଦ୍ମାର ଅନୁଭୂତିକ କବି ଜୀବନ୍ତ ଭାବରେ ପ୍ରକାଶ କରିଛନ୍ତି ।

## (ଡ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ । ପ୍ରଶ୍ନର ମୂଲ୍ୟ ୫ ନମ୍ବର ।

**ପ୍ର.୧. 'ପିଙ୍ଗଳାର ଅଭିସାର' କବିତାର ମର୍ମ ନିଜ ଭାଷାରେ ଲେଖ ।**

ଉ. ସବୁଜର ସମସାମୟିକ କବି ଥିଲେ ଗୀତି କବି ରାଧାମୋହନ ଗଡ଼ନାୟକ । ସେ ପ୍ରଣୟର ଉଦ୍ଦାମ ଚିନ୍ତାଧାରାକୁ ପରିହାର କରି ଏକ ଭିନ୍ନ କାବ୍ୟଧାରାକୁ ଅନୁସରଣ କରିଥିଲେ । ତାଙ୍କ ପ୍ରାରମ୍ଭିକ କାବ୍ୟଧାରାରେ ସତ୍ୟବାଦୀ ସୁଲଭ ଜାତୀୟ ଚେତନା, ନନ୍ଦକିଶୋରଙ୍କ ପଲ୍ଲୀ ଜୀବନ ରେଖା ଓ ରବୀନ୍ଦ୍ରନାଥଙ୍କ ଭାଗବତ ଭାବଧାରାର ସମନ୍ୱୟ ସଂଘଟିତ ହୋଇଥାଏ । କବିଙ୍କର କାବ୍ୟସାଧନା କାବ୍ୟନାୟିକା ୧୯୪୫ ରଚିତ ହୋଇଥିଲା । କାବ୍ୟନାୟିକାର ପ୍ରାକ୍ତନୀ ପର୍ଯ୍ୟାୟରେ ସେ ପୁରାଣକୁ ହିଁ ଅବଲମ୍ବନ କରି ଏକ କାବ୍ୟମାନସର ନିର୍ମାଣ କରିଛନ୍ତି । ପୁରାଣର ଉପେକ୍ଷିତ ଚରିତ୍ର ତାଙ୍କ କାବ୍ୟ ଚେତନାରେ ଜୀବନ୍ତ ହୋଇ ଏକ ନୂତନ ରୂପଶ୍ରୀ ଧାରଣ କରିଛନ୍ତି । ଆଲୋଚ୍ୟ କବିତା 'ପିଙ୍ଗଳାର ଅଭିସାର' କବିତାଟି ଭାଗବତ ଛନ୍ଦ ଆଧାରିତ ଏକ ଗାଥା କବିତା । ଭାଗବତ ଏକାଦଶ ସ୍କନ୍ଧ ନବମ ଅଧ୍ୟାୟରେ ପିଙ୍ଗଳା ବେଶ୍ୟା ଉପାଖ୍ୟାନଟି ସ୍ଥାନ ପାଇଛି । ଅବଧୂତ ଯଦୁ ରାଜାଙ୍କ ନିକଟରେ ପହଞ୍ଚି ଆପଣା ଜୀବନର ରହସ୍ୟ ଓ କେଉଁ ଗୁରୁଙ୍କ ଠାରୁ କି ଶିକ୍ଷା ଲାଭ କରି ସେ ଜୀବକୁ ନିର୍ଦ୍ଦିଷ୍ଟ ମାର୍ଗରେ ପରିଚାଳିତ କରିଛନ୍ତି ତା'ର ସୂଚନା ଦେଇଛନ୍ତି ।

ଚବିଶଜଣ ଗୁରୁ ହେଲେ ପବନ, ଆକାଶ, ଜଳ, ଅଗ୍ନି ଚନ୍ଦ୍ର, ସୂର୍ଯ୍ୟ, କପୋତ, ଅଜଗର, ସମୁଦ୍ରପତଙ୍ଗ, ହାତୀ, ମଧୁମକ୍ଷୀକା, ମୃଗ, ମୀନ, ବ୍ରାହ୍ମଣ, ଶରସନ୍ଧାନକାରୀ ।

ସେମାନଙ୍କ ମଧ୍ୟରୁ ପିଙ୍ଗଳା ଅନ୍ୟତମ । ପିଙ୍ଗଳା ଏକ ବେଶ୍ୟା। ସେ ବିଦେହର ନାରୀ । ବାର ବିଳାସିନୀ ମଧ୍ୟ ରାତି ରାତି ସେ ପୁରୁଷର ସାନ୍ନିଧ୍ୟ ଲାଭ କରିବା ପାଇଁ ଉଜାଗର ରହିଥାଏ । ଯିଏ ଯେତେ ଅଧିକ ଧନରତ୍ନ ଦେଲା ସେ ପିଙ୍ଗଳାର ସାନ୍ନିଧ୍ୟ ଲାଭ କରିଥାଏ । ସେ କେତେ ରସିକ ନାଗରଙ୍କ ଦେହ ଓ ମନ କିଣି ନେଇ ଅସୁମାରି ଅର୍ଥ ଅର୍ଜନ କରିଥିଲା। ଦେହକୁ ସେ ବିଭିନ୍ନ ରୂପରେ ସଜାଇ ପୁରୁଷମାନଙ୍କୁ ଆକର୍ଷଣୀୟ କରିଥାଏ । ଏକଦା ସଂଧ୍ୟା ସମୟରେ ଜଣେ ସମ୍ଭ୍ରାନ୍ତ ଧନୀ ଯୁବକ ତାଙ୍କୁ ଆସିବାପାଇଁ ସଂକେତ ଦେଇଛନ୍ତି । କିନ୍ତୁ ସେଦିନ ରାତିରେ ଆସିନାହାନ୍ତି । ଅପେକ୍ଷାମାଣ ବାସକସଜ୍ଜା ସଜରେ ସାଜି ହୋଇ ପିଙ୍ଗଳା ଅପେକ୍ଷା କରିଛି । ପ୍ରହର ପରେ ପ୍ରହର ବିତି ଯାଇଛି । ଧନୀପୁରୁଷ ଆଉ ଦେଖା ନାହିଁ । ସମୟ ଗଡ଼ି ଚାଲିଛି । ରାତ୍ରି ଶେଷ ପ୍ରହରକୁ ପିଙ୍ଗଳାର ଚେତନା ଜାଗ୍ରତ ହୋଇଛି । ତା' ହୃଦୟରୁ କାମନାର ଜହର ଓହରି ଯାଇଛି । ସେ କାମନାର ବିଷକୁ ଆଉ ପିଇବାକୁ ମନା କରିନାହିଁ । ତା'ର ମନରେ ବୈରାଗ୍ୟ ଭାବ ଜାତ ହୋଇଛି। ଶରୀର ଧରି ସେ ସଂସାର ରୂପକକୁ ପାର ହୋଇ ଭିନ୍ନ ପଥର ଯାତ୍ରୀ ହୋଇଛି। ସେ ସେହି ପରମେଶ୍ୱର ସାନ୍ନିଧ୍ୟ ଲାଭ କରିବା ପାଇଁ ଆଶା ବାନ୍ଧିଛି । ସେ ଆଉ ଫୁଲ ଶେଯରେ ସଜାଉ ନାହିଁ । ବତି ଆଉ ଜଳୁନାହିଁ । ପୀରତିର ଅଭିନୟ ମଧ୍ୟ ଆଉ ଦେଖାଉନାହିଁ । ସେହି ଦିବ୍ୟ ପରମଧନ ପାଇବା ଆଶାରେ ଅନ୍ତର ତା'ର ବିମୋହନ ହୋଇଉଠିଛି । ତା'ର ଜୀବନର ପଙ୍କିଳ ବିକଶିତ ଶତଦଳ ପ୍ରସ୍ଫୁଟିତ ହୋଇଛି । ଯେପରି ଶାମୁକା ଗର୍ଭରେ ମୁକ୍ତାର ସନ୍ଧାନ ସେ ପାଇଛି। ତା'ର ପ୍ରାଣନାଥ ପ୍ରାଣରେ ରହିଛି । ସେ ଏପରି ବିମୋହିତ ହୋଇଥିଲା ଯେ ତାଙ୍କୁ ଦେଖିପାରୁ ନଥିଲା । ଏବେ ସେ ସେହି ଚେତନାକୁ ଅନୁଭବ କରିପାରିଛି । ତେଣୁ ସେ କହିଛି –

ନ ଆସିବ ଆଉ ରସିକନାଗର, ନ ଆସିବ ମୋର ପୁରେ
ବାରବଧୂ ମୁହିଁ ପିଙ୍ଗଳା ଆଜି ଚାଲିଯାଉ ଅଛି ଦୂରେ ।

ଆକାଶରେ ଚନ୍ଦ୍ରମା ତାଙ୍କର ଜୋଛନା ଡାକୁଥିବାବେଳେ, ଧୀର ସମୀର ବହି ଯାଉଥିବା ସମୟରେ ପିଙ୍ଗଳା ସେହି ପରମ ପୁରୁଷଙ୍କର ସାନ୍ନିଧ୍ୟ ଲାଭ କରିଛି ବୋଲି ଆଶା କରିଛି । ସେ ତା'ର ହୃଦୟରେ କେବଳ ମଧୁର ମୁରଲୀ ଧ୍ୱନି ଶୁଣି ପାରିଛି । ତା'ର ଅଙ୍ଗ ବରଷାର କଦମ୍ବ ତୁଲ୍ୟ ପୁଲକି ଉଠୁଛି । ଯମୁନା ପୁରି ଉଠିଛି । ପିଙ୍ଗଳା ଆଉ ପାଷାଣ କାରାରେ ବନ୍ଦୀ ହୋଇନାହିଁ । ପ୍ରିୟତମକୁ ପାଇବା ପାଇଁ ପିଙ୍ଗଳା ଅଭିସାରିକା ସାଜିଛି। ସେ କୌଣସି ବାଧା ବନ୍ଧନ ମାନି ନାହିଁ । ସକଳ ତୁଟି ଯାଇଛି। ସେ ଏବେ ମୁକ୍ତଚାରିଣୀ ତଟିନୀ ପରି ପରମେଶ୍ୱରଙ୍କୁ ପାଇବା ପାଇଁ ଛୁଟି ଚାଲିଯାଇଛି । ସେହି ପ୍ରେମବନ୍ଧୁଙ୍କ ଚରଣରେ ତା'ର ଜୀବନକୁ ଢ଼ାଳି ଦେବାପାଇଁ ଚାହିଁଛି । ସେ ଆଜି ପ୍ରେମର ସନ୍ୟାସିନୀ । ସେ ଦେହର ସମସ୍ତ କଳୁଷ ପାପ କାଳିମାତିକ୍ତ ଲୋତକ ଜଳରେ ଧୋଇ ଦେବା ପାଇଁ ଚାହିଁଛି । ଏ ଧନ ଯୌବନ ଓ ରୂପକୁ ତୁଚ୍ଛ କରି ପ୍ରୀତିର ଅନଳ ଜାଳି ପିୟତମଙ୍କୁ ପାଇବା ପାଇଁ ଆରତି ଧୂପ କରିବାକୁ ପିଙ୍ଗଳା ଚାହିଁଛି । ସେ ଗଗନପବନ କେବଳ ମୁରଲୀର ଗୀତ ଶୁଣିପାରିଛି । ଜ୍ୟୋତ୍ସ୍ନା ରାତିରେ ଅନଳ ବନ୍ଧୁର ହସ ସୁଧା ପାନ କରିବାକୁ ଚାହିଁଛି । ସେ ବନ୍ଧୁର ହାସ ସୁଧା ପାନ କରି ପ୍ରାଣର କ୍ଷୁଧାକୁ ଭୁଲିଯିବ ବୋଲି ଭାବୁଛି। ଧରଣୀର ତୃଣ ତୁଲ୍ୟ ଉରସେ ଆନନ୍ଦରେ ଶୋଇ ପଡ଼ିବ । ଆକାଶକୁ ମୁଗ୍ଧ ନୟନରେ ଚାହିଁ ପ୍ରିୟତମଙ୍କ ସାନ୍ନିଧ୍ୟ ଲାଭ କରିବ । କବିଙ୍କ ଭାଷାରେ

ଧରଣୀର ତୃଣ ତୁଲ୍ୟ ଉରସେ ଶୋଇଛ ହରଷେ ଭୋଳେ ।
ଉର୍ଦ୍ଧ୍ୱେ ନୀଳିମ ଗଗନ ବିତାନେ ଅନାଇଁ ମୁଗଧ ଡ଼ୋଳେ ।
ବନ୍ଧୁ-ସପନ ଦେଖୁ ଦେଖୁ ମୁହିଁ ବୁଜିଦିଏ ମୋର ଆଖି ।

ଚନ୍ଦ୍ର ତପନ ସାକ୍ଷୀ ରହିଥିବେ, ଗଗନ ଭୁବନ ସାକ୍ଷୀ ପିଙ୍ଗଳା ସର୍ପିଣୀ ପରି ଚାରିଆଡ଼େ ବିଷମ ବିଷ ସୃଷ୍ଟି କରିଥିଲା । ସେ ବିଷର ତା' ପରେ ଜଗତକୁ ଜାଳି ଦେଉଥିଲା । ପୁଣ୍ୟ ଜୀବନ ଓ ପୁଣ୍ୟ ଭୁବନରେ ଚତୁର୍ଦ୍ଦିଗରେ ପାପ

ଭରି ଦେଉଥିଲା । ହୃଦୟରେ ପ୍ରିୟତମକୁ ପାଇ ସେ କଳୁଷଗତିକୁ ତ୍ୟାଗ କରିଛି । ମଧୁର ମୁରଲୀ ଧ୍ୱନି ଶୁଣି ସେ ଆନନ୍ଦିତ ହୋଇଯାଇଛି । ପତିତପାବନ ବନ୍ଧୁଙ୍କର ସ୍ପର୍ଶ ପାଇ ତା'ର ଅଙ୍ଗରୁ କଳୁଷ କାଳିମା ଧୋଇଯିବ । ତା'ର ଦେହ ପବିତ୍ର ହୋଇଯିବ ବୋଲି ପିଙ୍ଗଳା ଆଶା ବାନ୍ଧିଛି । ଜୀବନରେ ସେ ପରମପୁରୁଷଙ୍କୁ ପାଇବା ଆଶାରେ କଲ୍ଲୋଳିତ ହୋଇଯାଇଛି ।

ବାସ୍ତବିକ ପିଙ୍ଗଳା ଚବିଶଗୁରୁ ମଧ୍ୟରୁ ଅନ୍ୟତମ । କବି ଲେଖନୀରେ ଉପେକ୍ଷିତ ପିଙ୍ଗଳା ଜୀବନ୍ତ ଶ୍ରୀ ଲାଭ କରିଛି ।

**ପ୍ର.୨. କାମନା ବାସନାର ପଙ୍କିଳ ଜୀବନରୁ ଚେତନାର ଉର୍ଦ୍ଧ୍ୱାୟନ - 'ପିଙ୍ଗଳାର ଅଭିସାର' - ଆଲୋଚନା କର ।**

**ଉ.** କବି ସଚେତନ ଶିଳ୍ପୀଟିଏ । ସେ ସମାଜରୁ ପାପ କଳୁଷକୁ ଏଡ଼ାଇ ଦେଇ ଗୋଟିଏ ସୁସ୍ଥ ସମାଜ ଗଠନ କରିବାକୁ ଆଶା କରିଥାଏ । ସେ ସାଧାରଣ ଜନତା ମନରେ ଭରିଦିଏ ଅଶେଷ ଆନନ୍ଦର ରୂପଚିତ୍ର । ବିଭିନ୍ନ ଉଦାହରଣକୁ ଜୀବନ୍ତ କରି ତା'ର ଲେଖନୀକୁ ମଧ୍ୟ ଜୀବନ୍ତ କରିଥାଏ । ମନୁଷ୍ୟ ସମାଜରେ ବାସ କରେ । କାମନା ବାସନା ମଧ୍ୟରେ ସେ ବୁଡ଼ିଯାଏ । ଅର୍ଥ ପାଇବା ପାଇଁ ସେ ସବୁକିଛି କରିପାରେ । ବାରମ୍ବାର ପୁରାଣର ପ୍ରତିଷ୍ଠାତାମାନେ ପାପପଙ୍କିଳ ପଥରୁ ଦୂରେଇ ଆସି ନୂତନ ପଥର ବାଟୋଇ ହେବାକୁ ପ୍ରବର୍ତ୍ତାଇଛନ୍ତି । ସେହି ନୂତନ ପଥର ଯାତ୍ରୀ ହେଲେ ଭଗବାନଙ୍କ ସତ୍ତା ଉପଲବ୍ଧି କରିହେବ ।

ପିଙ୍ଗଳା ବେଶ୍ୟା ସଂପର୍କରେ ଭାଗବତର ଏକାଦଶ ସ୍କନ୍ଧର ନବମ ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି । ପିଙ୍ଗଳା ଥିଲା ବିଦେହର ନାରୀ । ବାର ବିଳାସିନୀ, ବେଶ୍ୟା । ତା'ର ପରପୁରୁଷ ଉପରେ ସଦାସର୍ବଦା ଆଖିଥାଏ । ସେ ପରପୁରୁଷମାନଙ୍କୁ ବଶୀଭୂତ କରି ଅର୍ଥ ଉପାର୍ଜନରେ ଲାଗି ରହିଥାଏ । ସେ କେତେବେଳେ ପିଙ୍ଗଳା ଅଭିସାର ସାଜିଥାଏତ ପୁଣି କେତେବେଳେ ବାସକସଜ୍ଜା ସାଜି ଥାଏ । ତା'ର ହୃଦୟରେ କାମନାର ଜହର । ଜୀବନଯାକ ସେ କେତେ ରସିକ ନାଗରଙ୍କୁ ଦେହ ଦାନ କରିଛି । ଏକଦା ସଂଧ୍ୟା ସମୟରେ ଜଣେ ସଂଭ୍ରାନ୍ତ ଧନୀ ଯୁବକ ତାଙ୍କୁ ସଙ୍କେତ ଦେଇ ଯାଇଛନ୍ତି । ଆଉ ଯେତେ ରସିକନଗର ଆସିଛନ୍ତି ସମସ୍ତଙ୍କୁ ସେ ଫେରାଇ ଦେଇଛି । ଧନୀ ଯୁବକ ଆସିବ ବୋଲି ପିଙ୍ଗଳା ରାତିସାରା ଉଜାଗର ରହିଛି । ରାତିସାରା ଉଜାଗର ରହି ରହି ସେ ଧନୀ ଯୁବକ ଆସିନାହିଁ । ସେହିଦିନଠାରୁ ପିଙ୍ଗଳା ମନରେ ବୈରାଗ୍ୟ ଭାବ ଜାତ ହୋଇଛି । ସେ ପରିବର୍ତ୍ତନ ହୋଇଯାଇଛି । ଧନ, ଜୀବନ, ଯୌବନ ସବୁ ଅସାର ବୋଲି ଭାବିଛି । ଏହି ସଂସାରରେ କେବଳ ସାରବସ୍ତୁ ପରମେଶ୍ୱର ପରଂବ୍ରହ୍ମ ଭଗବାନ । ପିଙ୍ଗଳା ସେତିକି ସମୟ ଭଗବାନଙ୍କୁ ଡାକିଥିଲେ ତା'ର ଜୀବନର ଗତି ଭିନ୍ନ ହୋଇଥାନ୍ତା । ଏହି ସଂସାର ଜଞ୍ଜାଳରୁ ମୁକ୍ତି ପାଇପାରିବ ବୋଲି ଭାବିଛି । କାମନା ରୂପକ ବିଷକୁ ସେ ଘୃଣା କରିଛି । ସେଥିରୁ ମୁକ୍ତ ହେବା ପାଇଁ ତୃଣ ତଳପରେ ଶୋଇଛି । ଉର୍ଦ୍ଧ୍ୱକୁ ଚାହିଁ ସେ ମୁଗ୍ଧନୟନରେ ଭଗବାନଙ୍କ ସାନ୍ନିଧ ଲାଭ କରିବା ପାଇଁ ଆଶା ବାନ୍ଧିଛି । ସେହି ପରମେଶ୍ୱରଙ୍କ ସ୍ୱପ୍ନ ଦେଖି ଆଖି ବୁଜିବ ବୋଲି ପିଙ୍ଗଳା ଆଶା କରିଛି । କବିଙ୍କ ଭାଷାରେ -

ଧରଣୀର ତୃଣ ତଳପ ଉରସେ ଶୋଇକି ହରଷ ଭାଳେ
ଊର୍ଦ୍ଧ୍ୱେ ନୀଳିମ ଗଗନ ବିତାନେ ଅନାଇଁ ମୁଗ୍ଧ ଡ଼ୋଳେ ।
ବନ୍ଧୁ- ସପନ ଦେଖୁ ଦେଖୁ ମୁହିଁ ବୁଜିବି ଏ ମୋର ଆଖି,
ଚନ୍ଦ୍ର, ତପନ ସାକ୍ଷୀ ରହିଥିବେ, ଗଗନ ଭୁବନ ସାକ୍ଷୀ ।
ପିଙ୍ଗଳା ତପନ ସାକ୍ଷୀ ରହିଥିବେ, ଗଗନ ଭୁବନ ସାକ୍ଷୀ ।

ପିଙ୍ଗଳା ଖାଲି ତା'ର ହୃଦୟରେ ମୁରଲୀ ଧ୍ୱନି ଶୁଣିପାରିଛି । ପ୍ରିୟତମକୁ ପାଇବା ଆଶାରେ ସେ ସବୁକିଛି ତ୍ୟାଗ କରିଛି । ପ୍ରିୟତମକୁ ପାଇଲେ ତା'ର ସବୁ କଳୁଷ ଧୋଇ ହୋଇଯିବ । ତେଣୁ ପିଙ୍ଗଳା କହିଛି –

ସରଗର ମୁହିଁ ଅମର କନ୍ୟା; ମୁହିଁ ନାର; ମୁହିଁ ବେଶ
ପୁଣ୍ୟ ମରତେ ପତିତା ସାଜିଲି ଘୃଣ୍ୟଜୀବନ ସେବି ।
ବିଦାୟ ନେଉଛି ବିଦେହ ନଗର, ବିଦାୟ ନେଉଛି ଆଜି
ଭୁଲିଯାଅ ମତେ, ଭୁଲିଯାଅ ମୋର ଘୃଣ୍ୟ କଳୁଷରାଜି ।

ସର୍ପିଣୀ ସମ ବିଷ ପିଙ୍ଗଳା ଚତୁର୍ଦ୍ଦିଗରେ ଖେଳାଇ ଦେଇଥିଲା। ସେହି ବିଷରୁ ନିସ୍ତାର ହେବାପାଇଁ ସେ ସତତ ଚେଷ୍ଟା କରିଛି। ପିଙ୍ଗଳାର ଜୀବନରେ ସଧୂତ୍ରୀ ପରିବର୍ତ୍ତନ ହୋଇଯାଇଛି । ତା'ର ପ୍ରାଣରେ ପ୍ରାଣେଶ୍ୱର ଅବତରିତ ବୋଲି ସେ ଉପଲବ୍ଧ କରିଛି । ପଙ୍କିଳ କାମନା ବାସନାର ଜଟିଳ ଜଞ୍ଜାଳରୁ ମୁକ୍ତ ପାଇବା ପାଇଁ ତା'ର ଅନ୍ତରରେ ଆହ୍ୱାନ ଆସିଛି । ସେ ମଧୁର ମୁରଲୀ ଧ୍ୱନି ଶୁଣିଛି। ତା'ର ଆଉ ତୁଳି ତଳ୍ପ ଫୁଲ ଶେଯ ଓ କେଳି ଦୀପ ଆବଶ୍ୟକ ନାହିଁ । ପ୍ରୀତିର ଅଭିନୟକୁ ସେ ସ୍ୱପ୍ନ ପରି ଭୁଲି ଯାଇଛି । କବିଙ୍କ ଭାଷାରେ-

କାହା ଆଗେ ଆଉ ଦେଖାଇବି ନାହିଁ ପୀରତିର ଅଭିନୟ
ନିଶାର ଅସାର ସ୍ୱପ୍ନ ସମାନ ସକଳ ଭଜିଛି ଲୟ ।
ମରମେ, ମୋହର ଲଭିଅଛି ଆଜି ଦିବ୍ୟ ପରମ ଧନ,
ମରତ-ପଥର ଅମର ବନ୍ଧୁ ଅନ୍ତର- ବିମୋହନ

ସେ ମର୍ତ୍ତ୍ୟରେ ଅମରବନ୍ଧୁଙ୍କୁ ଯାଇଛନ୍ତି । ତାଙ୍କର ଅନ୍ତରାତ୍ମା । ପରମେଶ୍ୱରଙ୍କୁ ଭେଟିବା ପାଇଁ ଜାଗ୍ରତ ହୋଇ ଉଠିଛି । ଶାମୁକା ଗର୍ଭରେ ମୁକ୍ତା ବାହାରିଲା ପରି ପଙ୍କରୁ ପଦ୍ମଜାତ ହେଲା ପରି ପିଙ୍ଗଳାର ଦେହରୁ ସମସ୍ତ ପାପ ଧୋଇ ହୋଇଯାଇଛି । ସେ କଳୁଷିତ ଜୀବନ ତ୍ୟାଗ କରି ଏକ ନୂତନ ଜୀବନଯାପନ କରିଛି ।

ବାସ୍ତବିକ କବିଙ୍କର ବର୍ଣ୍ଣନା ହୃଦୟସ୍ପର୍ଶୀ ।

**ପ୍ର.୩. ଅନ୍ତରର ଆହ୍ୱାନ ଆସିଲେ ବ୍ୟକ୍ତି ପାର୍ଥିବ କାମନା ବାସନାର ଜଟିଳ ଜଞ୍ଜାଳରୁ -ମୁକ୍ତ ହୋଇଯାଏ - ପଠିତ ପିଙ୍ଗଳାର ଅଭିସାର କବିତାରୁ ଏହାର ସତ୍ୟତା ବିଚାର କର ।**

**ଉ.** କବିତା ଏକ ସୁକୁମାର କଳାସୃଷ୍ଟି। ପାଠକର ଭାବାବେଗକୁ ଉଦ୍ଦୀପିତ କରି କବିତାର ବକ୍ତବ୍ୟ ପ୍ରତି ତା'ର ହୃଦୟକୁ ଆଲୋକିତ କରିବା ହିଁ କବିତାର ଲକ୍ଷ୍ୟ । ପ୍ରେମର ଆବେଗ ଓ ବିଦ୍ରୋହ କବିତାର ଅଭିବ୍ୟକ୍ତ । ତେଣୁ କେତେ କେତେ ପୁଷ୍ପକମଳ କେତେବେଳେ ବର୍ଣ୍ଣବିଭା କବିତା ପ୍ରେମର ଆବେଗରେ ମୁଗ୍ଧ କରିଦେଇପାରେ । ପୁଣି ରଣ ହୁଙ୍କାରରେ ମଣିଷର ଅନ୍ତରକୁ ଜାଗ୍ରତ କରିପାରେ। ଯେଉଁ ଉଦ୍ଦେଶ୍ୟରେ କବି କବିତାରେ ପରିକଳ୍ପନା କରିଥାଏ, ପାଠକ ଅନ୍ତର ଯଦି ସେହି ପ୍ରଭାବରେ ପ୍ରଭାବିତ ହୋଇପାରିଲା ତେବେ ସେଠି କାବ୍ୟ ସୃଷ୍ଟିର ସାର୍ଥକତା ପ୍ରତିପାଦିତ ହୋଇଥାଏ।

ଓଡ଼ିଆ କାବ୍ୟ ସାହିତ୍ୟ କ୍ଷେତ୍ରରେ ସବୁଜ ସାହିତ୍ୟର ସମସାମୟିକ ବେଶ୍ ପରିଚିତ । କବି ହେଲେ ଗୀତି କବି ରାଧା ମୋହନ ଗଡ଼ନାୟକ । ସେ ଅନେକ କାବ୍ୟ କବିତା ରଚନା କରିଛନ୍ତି । ଯଥା ଉତ୍କଳିକା,ସ୍ମରଣିକା, କାବ୍ୟନାୟିକା, କାବ୍ୟ ଇତ୍ୟାଦି । ପୁରାଣର ଉପେକ୍ଷିତ ଚରିତ୍ରଗୁଡ଼ିକୁ ଜୀବନ୍ତ କରି କବି ସିଦ୍ଧହସ୍ତ, ତାଙ୍କ ଲେଖନୀ ଜୀବନ୍ତ । ପିଙ୍ଗଳାର ଅଭିସାର କବିତାଟି କବିଙ୍କର କାବ୍ୟନାୟିକା ଗ୍ରନ୍ଥର ପ୍ରାକ୍ତନୀ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ । ପୁରାଣର ଚରିତ୍ରଗୁଡ଼ିକୁ ନୂତନ ରୂପ ଦେବାର କବି ସିଦ୍ଧହସ୍ତ । ଭାଗବତର ଏକାଦଶ ସ୍କନ୍ଧ ନବମ ଅଧ୍ୟାୟରେ ପିଙ୍ଗଳାର ପ୍ରସଙ୍ଗ ବର୍ଣ୍ଣିତ । ପିଙ୍ଗଳା ଏକ ବେଶ୍ୟା, ବାର ବିଳାସିନୀ ଓ ନଟୀ । ସେ ବିଦେହ ନଗରରେ ବାସ କରିଥାଏ । ପୁରୁଷମାନଙ୍କୁ କାମନାରୂପକ ମଦଖୁଆଇ ବଶ କରିବାରେ ସେ ଥିଲା ସିଦ୍ଧହସ୍ତ । ସେଥିରୁ ଅସୁମାରୀ ଅର୍ଥ ରୋଜଗାର କରିଥାଏ । ପିଙ୍ଗଳା ସଦାସର୍ବଦା ସମସ୍ତ ପୁରୁଷଙ୍କୁ ବଶ କରି ଫୁଲ ଶେଯ ବିଛାଇ କେଳୀଦୀପ ଜାଳି ଅପେକ୍ଷାରତା ଥାଏ । ଏକଦା ଏକ ଧନୀ ପୁରୁଷ ସଂଧ୍ୟାରେ ଆସିବ ବୋଲି କଥା ଦେଇ ଆସିନାହିଁ । ପିଙ୍ଗଳା ସାରା ରାତ୍ରି ଉଜାଗର ରହିଛି । ରାତ୍ରିର ତୃତୀୟ ପ୍ରହର ପର୍ଯ୍ୟନ୍ତ ଅପେକ୍ଷା

କଲେ ମଧ୍ୟ ସେ ଆଉ ଆସି ନାହିଁ । ପିଙ୍ଗଳାର ବିତୃଷ୍ଣାଭାବ ଜାତ ହୋଇଛି । ସେ ତା'ର ଶରୀରରେ ପରିବର୍ତ୍ତନ ଲକ୍ଷ୍ୟ କରିଛି । ଅନ୍ତରରେ ଆହ୍ୱାନ ଆସିଛି । ତା'ର ପ୍ରାଣେଶ୍ୱର ଯେପରି ତା'ର ହୃଦୟରେ ଉଭା ହୋଇଛନ୍ତି । ତେଣୁ ସେ ଆଉ କେଳୀଦୀପ ଜାଳିବ ନାହିଁ କିମ୍ବା ଫୁଲ ଶେଯ ସଜାଇବ ନାହିଁ ବୋଲି କହିଛି । ତା'ର କର୍ଣ୍ଣରେ କେବଳ ମଧୁର ମୁରଲୀ ଧ୍ୱନି ଶୁଣିପାରିଛି । ତୂଳି ତୃଣ ବିଛାଇ ସେ ଅପେକ୍ଷା କରିଛି । ସେହି ପରମେଶ୍ୱରଙ୍କୁ ସକଳ ବନ୍ଧନ ତୁଟି ଯାଇଛି । ମୁକ୍ତ ଚାରିଣୀ ତଟିନୀ ପରି ସେ ଛୁଟି ଯାଇଛି ।

ନାହିଁ ଆଉ ମୋର ବାଧା ବନ୍ଧନ ସକଳ ଯାଇଛି ତୁଟି,
ମୁକ୍ତ- ଚାରିଣୀ ତଟନୀର ସମ ଯିବି ମୁହିଁ ଆଜି ଛୁଟି ।
ଶତ ବନଗିରି କାନ୍ତାରେ ବୁଲି ଭେଟିବି ପ୍ରେମର ଧନ
ବନ୍ଧୁ ମୋ ପ୍ରେମ-ସିନ୍ଧୁ-ଚରଣେ ଢ଼ାଳିଦେବି ଏ ଜୀବନ ।

ପିଙ୍ଗଳା ସେହି ପରମେଶ୍ୱରଙ୍କ ପଦାରବିନ୍ଦରେ ନିଜକୁ ସମର୍ପଣ କରିଦେବ । ତା'ର ଜୀବନର କଳସାଟିକୁ ସେହିଠାରେ ଢ଼ାଳିଦେବ । କବିଙ୍କ ଭାଷାରେ ପବନର ସ୍ୱରରେ ସେ ମୁରଲୀ ଧ୍ୱନି ଶୁଣିଛନ୍ତି । ଜ୍ୟୋତ୍ସ୍ନା ରାତିରେ ସେ ବନ୍ଧୁର ହାସ ସୁଧାପାନ କରିବ ବୋଲି କହିଛନ୍ତି । ଧରଣୀର ତୃଣ ତଳପ ପାରି ସେ ଆନନ୍ଦରେ ଊର୍ଦ୍ଧ୍ୱକୁ ଅନାଇ ଗଗନକୁ ମୁଗ୍ଧ ଓ ଆନନ୍ଦରେ ଅନାଇ ରହିବ ବୋଲି ପିଙ୍ଗଳା କହିଛି । ବନ୍ଧୁଙ୍କ ସ୍ୱପ୍ନ ଦେଖୁ ଦେଖୁ ସେ ଆନନ୍ଦରେ ଆଖି ବୁଜିବ ଓ ତା'ର ଚନ୍ଦ୍ର ତପନ ସାକ୍ଷୀ ରହିଥିବେ ବୋଲି ପିଙ୍ଗଳା କହିଛି ।

ବିଦାୟ ନେଉଛି ବିଦେହି ନଗର,
ବିଦାୟ ନେଉଛି ଆଜି,
ଭୁଲିଯାଅ ମତେ, ଭୁଲିଯାଅ ମୋର
ଘୃଣ୍ୟ କଲୁଷରାଜି ।
ସାଗରର ମୁହିଁ ଅମର କନ୍ୟା, ମୁହିଁ ନାରୀ
ମୁହିଁ ଦେବୀ ପୁଣ୍ୟ ମରତେ ପତିତା ସାଜିଲି
ଘୃଣ୍ୟ ଜବନ ସେବି ।

ସର୍ପିଣୀ ସମ ସେ ଚତୁର୍ଦ୍ଦିଗରେ ବିଷ ଖେଳାଇ ଦେଉଥିଲା । ସେହି ବିଷର ତାପରେ ସେ ଜଗତକୁ ଜାଳି ଦେଉଥିଲା । ପୁଣ୍ୟ ଜୀବନ ଓ ପୁଣ୍ୟ ଭୁବନରେ ସେ ଖାଲି ପାପ ଭରି ଦେଉଥିଲା । କିନ୍ତୁ ସେ ଆଶା ବାନ୍ଧିଛି ପ୍ରିୟତମ ଓହ୍ଲାଇ ଆସି ତା'ର କଳୁଷ ରୂପକୁ ଧୋଇ ଦେବେ । ସେ ପତିତ ପାବନ ଓ ପିଙ୍ଗଳାର ବନ୍ଧୁ ପରଶମଣି, ତାଙ୍କର ପୁଣ୍ୟ ସ୍ୱର୍ଗ ପାଇଁ ପିଙ୍ଗଳାର ଶରୀର ପବିତ୍ର ହୋଇଯିବା ପିଙ୍ଗଳାର ଅନ୍ତରରେ ଆହ୍ୱାନ ଆସିଛି । ସେ ପାର୍ଥିବ କାମନା ବାସନାର ଜଟିଳ ଜଞ୍ଜାଳରୁ ମୁକ୍ତ ହୋଇଯାଇଛି । ପାପ କଳୁଷ ପଙ୍କରୁ ଧୋଇ ଯାଇ ଏକ ସୁନ୍ଦର ଜୀବନ ଅତିବାହିତ କରିବା ପାଇଁ ଚାହିଁଛି । ପୁରାଣରେ ପିଙ୍ଗଳା ଉପେକ୍ଷିତା । କିନ୍ତୁ ଅବଧୂତଙ୍କର ରଚିତ ଗୁରୁ ମଧ୍ୟରୁ ପିଙ୍ଗଳା ମଧ୍ୟ ଜଣେ ଗୁରୁ । ତା' ଠାରୁ ମଧ୍ୟ ଅବଧୂତ ଶିକ୍ଷା ପାଇଛନ୍ତି । ପୁରାଣରେ ଉପେକ୍ଷିତ ହେଲେ ମଧ୍ୟ କବି ଶ୍ରୀଯୁକ୍ତ ଗଡ଼ନାୟକଙ୍କ ଲେଖନୀରେ ସେ ଜୀବନ୍ତ ଶ୍ରୀ ରୂପଧାରଣ କରିଛି। ତା'ର ପରିବର୍ତ୍ତନ ସାରା ସଂସାରକୁ ଏକ ଶିକ୍ଷା ଦେଇଛି । ଅବକାଶ ନ ଥାଇ କୁହାଯାଇପାରେ କବି ଶ୍ରୀ ଗଡ଼ନାୟକଙ୍କ ଲେଖନୀ ଜୀବନ୍ତଶ୍ରୀ ରୂପଧାରଣ କରିଛି ।

**ପ୍ର.୪. ଭାଗବତର ମିଥ୍ ଆଧାରରେ 'ପିଙ୍ଗଳା ଅଭିସାର' କବିତା ରଚିତ ହୋଇଥିଲେ ହେଁ ଏକ ସର୍ବକାଳୀନ ମୂଲ୍ୟ ରହିଛି । - ଆଲୋଚନା କର ।**

**ଉ.** ଆଧୁନିକ ଓଡ଼ିଆ କବିତାରେ ମିଥ୍‌ର ପ୍ରୟୋଗ ଏକାନ୍ତ ଅପରିହାର୍ଯ୍ୟ । ଏହି ମିଥ୍‌ର ଓଡ଼ିଆ ପରିକଳ୍ପନା ହେଉଛି ପରାଣ କଳ୍ପନା, ଲୋକଗୀତି, ଲୋକକଥା, କାଳ୍ପନିକ କାହାଣୀ ଓ ପରୀକଥା ଆଦିକୁ ବହୁ ସ୍ଥଳରେ ମିଥ୍ ବୋଲି

କୁହାଯାଇଥାଏ । ଆଧୁନିକ କବିତାରେ ମିଥ୍ ମୁଖ୍ୟତଃ ପୁରାଣ ପ୍ରସଙ୍ଗ ଓ ମନୁଷ୍ୟ ବ୍ୟବହୃତ । ମିଥ୍ ମଧ୍ୟରେ ଏକ କାହାଣୀ ବିଦ୍ୟମାନ । ଏହା ମାନବ ଜାତିର ଏକ ଅକ୍ଷୟ ସମ୍ବଳ । ଏଥିରେ ମାନବୀୟ ସ୍ୱଭାବ ସୁନ୍ଦର ରହିଛି । ସଭ୍ୟତାର କ୍ରମ ବିକାଶ ସହିତ ମିଥ୍‌ର ଉଦ୍‌ଭବ ଘଟିଛି । ଆଧୁନିକ କଳ୍ପନା ହିଁ ମିଥ ସୃଷ୍ଟିର ଗର୍ଭାଘର । ଅତୀତରେ ସେହି ପୁରାଣକୁ ଆଣି କବିତାରେ ବ୍ୟବହାର କରାଯାଇଛି । ଏହି ଜିଜ୍ଞାସା ଓ ଭାବ ଭଙ୍ଗୀକୁ ରସସିକ୍ତ କରିବା ପାଇଁ ଏକ ପ୍ରଧାନ ମାଧ୍ୟମ ହୋଇଉଠିଛି । ଅତୀତରେ ମିଥ୍ ଆମମାନଙ୍କର ନୀତି କଥା ପୁରାଣ କଥା ଆଦି ବ୍ୟର୍ଥରେ ବ୍ୟବହୃତ ହୋଇଥିଲା । ଅଧୁନା କାବ୍ୟ ଅଭିବ୍ୟକ୍ତ କରିବା ପାଇଁ ମିଥ୍‌ର ପ୍ରୟୋଗ ଏକ କାବ୍ୟ କୋମଳ, ପ୍ରାଚୀନ କାଳର ରାମାୟଣ, ମହାଭାରତ ଇତ୍ୟାଦିକୁ ତଥା ହୋମରଙ୍କର ଇଲିୟାଡ୍, ଓଡେଶୀକୁ ନେଇ କାବ୍ୟ କବିତା ରଚନା କରାଯାଇଛି । ଭାଗବତକାର ଅତିବଡ଼ି ଜଗନ୍ନାଥ ଦାସ ତାଙ୍କ ରଚିତ ଭାଗବତର ଏକାଦଶ ସ୍କନ୍ଧ ନବମ ଅଧ୍ୟାୟରେ ପିଙ୍ଗଳା ବେଶ୍ୟା ପ୍ରସଙ୍ଗ ବର୍ଣ୍ଣନା କରିଛନ୍ତି । ଅବଧୂତ ଯଦୁଙ୍କୁ କାବ୍ୟରେ ପିଙ୍ଗଳା ପ୍ରସଙ୍ଗ ବୁଝାଇ କହିଛନ୍ତି –

ଧନୀପୁରୁଷ ସୁତ ମେଳେ
ସଙ୍କେତ କଲା କାମ ଭୋଳେ
ସଲ୍ଲଜେ ବସି ତାର ପାଶ
ବୋଲଇ ମୋର ଘରେ ଆସ ।

ପିଙ୍ଗଳା ଏକଦା ସନ୍ଧ୍ୟାର ଧନୀପୁରୁଷ ଜଣକୁ ତା'ର ଘରକୁ ଆମନ୍ତ୍ରଣ କରିଛି । ତା' ପାଖକୁ ଆଉ ଯେତେ କାମନା ବାସନା ପୂରଣ କରିବାକୁ ଆସିଛନ୍ତି ସେ ସମସ୍ତଙ୍କୁ ଫେରାଇ ଦେଇଛି । ଧନୀ ପୁରୁଷଠାରୁ ଅଧିକ ଅର୍ଥ ପାଇବା ପାଇଁ ଫୁଲରେ ଶେଯ ସଜାଇ କେଳି ଦୀପ ଜାଳି ସାରା ରାତି ଉଜାଗର ରହିଛି । ରାତିର ତୃତୀୟ ପ୍ରହର ଉପଗତ ହେଲେ ସେ ଦେଖିଛି ଧନୀ ପୁରୁଷ ଆଉ ଆସିନାହିଁ । ପିଙ୍ଗଳା ଜୀବନରେ ଏକ ମସ୍ତବଡ଼ ଭୁଲ କରିଚାଲିଛି ବୋଲି ହୃଦୟରେ ଅନୁଭବ କରିଛି । ସେହି ପାପ କଳୁଷ ପଙ୍କରୁ ଓହରି ଆସି ଗୋଟିଏ ନୂତନ ଜୀବନ ଆରମ୍ଭ କରିବାକୁ ଇଚ୍ଛା କରିଛି ।

ସେ ଆଉ କାମନା ବାସନାର ଜହରରେ ସାରା ସଂସାରକୁ ପାପର ଜୁଆର ବୁହାଇବ ବୋଲି ଚାହିଁନାହିଁ । ସର୍ପିଣୀ ପରି ସାରା ରାଜ୍ୟରେ ବିଷ ବୋଳିଦେବ ବୋଲି ଆଶା ପୋଷଣ କରିନାହିଁ । ସେ ସେହି ପରମେଶ୍ୱରଙ୍କ ପାଖରେ ନିଜକୁ ସମର୍ପି ଦେଇଛି । ତାଙ୍କରି ପଦାରବିନ୍ଦରେ ନିଜକୁ ସଂପୂର୍ଣ୍ଣ ରୂପରେ ସମର୍ପଣ କରିଦେଇଛି । ବିଦେହୀର ନଟୀ କି ବାରବିଳାସିନୀ ବେଶ୍ୟା, ପିଙ୍ଗଳା ସେ ଆଜି ଆଉ ନାହିଁ । ସେ ନୂତନ ପଥର ପ୍ରାଣୀ ହୋଇଯାଇଛି । କବିଙ୍କ ଭାଷାରେ –

ବିଦାୟ ନେଉଛି ବିଦେହ ନଗର, ବିଦାୟ ନେଉଛି ଆଜି,
ଭୁଲି ଯାଅ ମତେ, ଭୁଲିଯାଅ ମୋର ଘୃଣ୍ୟ କଳୁଷ ରାଜି।
ସରଗର ମୁହିଁ ଅମର କନ୍ୟା ମୁହିଁ ନାରୀ ମୁହିଁ ଦେବୀ
ପୁଣ୍ୟ ମରତେ ପତିତା ସାଜିଲି ପୁଣ୍ୟ ଜୀବନ ସେବି।

ସେ ପରମେଶ୍ୱରଙ୍କ ସାନ୍ନିଧ ଲାଭକରିବା ପାଇଁ ବ୍ୟାକୁଳ ହୋଇପଡ଼ିଛି । ରସିକ ନାଗରମାନଙ୍କୁ ତା' ପାଖକୁ ଆସିବା ପାଇଁ ମନା କରିଦେଇଛି। ସେ ପ୍ରେମର ସନ୍ନ୍ୟାସିନୀ ହୋଇଯାଇଛି । ସେ ମୁକ୍ତଚାରିଣୀ ତଟିନୀ ପରି ବହିଚାଲିଛି ସାଗରରେ ମିଶିବା ପାଇଁ । ପରମେଶ୍ୱର ପ୍ରିୟତମଙ୍କୁ ପାଇବା ପାଇଁ ସେ ଶତବନ ଗିରି କାନ୍ତାରରେ ବୁଲିବା ପାଇଁ ଆଶା କରିଛି। ସେହି ପରମେଶ୍ୱରଙ୍କ ପଦାରବିନ୍ଦରେ ତା'ର ଜୀବନକୁ ସମର୍ପଣ କରିଦେବ ବୋଲି କହିଛି। ସେଥିରେ ହିଁ ତା'ର ଜୀବନ ସାର୍ଥକ ହେବ। ସେ ସ୍ୱର୍ଗବାସୀ ହେବ । ନର୍କ ଯନ୍ତ୍ରଣା ଆଉ ଭୋଗ କରିବ ନାହିଁ । ସେ କହିଛି –

ଊଷା ଉଷସୀର ଗଗନେ ଦେଖିବି ବନ୍ଧୁର ରୂପବୀଥି ।
ଗଗନେ ଭୁବନେ ପବନେ ପବନେ ଶୁଣିବି ମୂରଲୀ ଗୀତି ।
ଜ୍ୟୋତ୍ସ୍ନାନିଶିର ପୁଲକେ ପିଇବି ହାସ ସୁଧା
ଭୁଲିବି ପ୍ରାଣର ଆକୁଳ ପିଆସା ଭୁଲିବି ପ୍ରାଣର କ୍ଷୁଧା ।

ସେ ଧରଣୀରେ ତୁଳିତଳ୍ପ ବିଛାଇ ଊର୍ଦ୍ଧ୍ୱେ ଗଗନକୁ ଚାହିଁଛି ପ୍ରିୟତମକୁ ପାଇବା ଆଶାରେ, ବନ୍ଧୁର ସ୍ୱପ୍ନ ଦେଖି ଦେଖି ସେ ସବୁଦିନ ପାଇଁ ଆଖି ବୁଜିବ ବୋଲି କହିଛି। ଏହା ପାଇଁ କେବଳ ସାକ୍ଷୀ ରହିବେ ଚନ୍ଦ୍ର ତପନ ଓ ଗଗନ ଭୁବନ । ଜୀବନରେ ପ୍ରିୟତମଙ୍କୁ ପାଇଲେ ତା'ର ସକଳ ପାପ ଦୂରୀଭୂତ ହେବ । ତାଙ୍କର ସ୍ୱର୍ଗରେ ପିଙ୍ଗଳାର ଶରୀର ସୂତ୍ରି ପାଲଟି ଯିବ । ପିଙ୍ଗଳା ବେଶ୍ୟା ହେଲେ ମଧ୍ୟ ଅବଧୂତଙ୍କର ଚବିଶ ଗୁରୁ ମଧ୍ୟରୁ ସେ ଅନ୍ୟତମ ଗୁରୁ । ପିଙ୍ଗଳାର ଅଭିସାର କବିତାର ସାର୍ବକାଳୀକ ମୂଲ୍ୟ ରହିଛି । ସେତେବେଳେ ପିଙ୍ଗଳା ଅନୁଭବ କରିଛି ତା'ର ପ୍ରାଣରେ ପରମେଶ୍ୱର ବିରାଜମାନ ସେତେବେଳେ ସେ ପରିବର୍ତ୍ତନ ହୋଇଛି ।

ବାସ୍ତବିକ କବିଙ୍କ କବିତାଟି ବେଶ୍ ହୃଦୟସ୍ପର୍ଶୀ ।

**ପ୍ର.୫. ଦୈହିକ ଭୋଗଲାଳସା ନୁହେଁ, ବରଂ ଆତ୍ମାର ଆହ୍ୱାନ ହିଁ 'ପିଙ୍ଗଳାର ଅଭିସାର' କବିତାର ମୁଖ୍ୟସ୍ୱର- ପ୍ରମାଣ କର ।**

**ଉ.** ସବୁଜର ସମସାମୟିକ ଓ ଛନ୍ଦ ରସିକ କବି ଥିଲେ ରାଧାମୋହନ ଗଡ଼ନାୟକ । ସେ ଗାଥା କବି । ସେ ଗାଥା କବି ଭାବରେ ଅଦ୍ୱିତୀୟ ସିଦ୍ଧିର ଅଧିକାରୀ । ରଚନା ଦୃଷ୍ଟିରୁ ସେ ରୋମାଞ୍ଚିତ । ତାଙ୍କର ପ୍ରାରମ୍ଭିକ କାବ୍ୟଧାରାରେ ସତ୍ୟବାଦୀ ସୁଲଭ ଜାତୀୟ ଚେତନା, ନନ୍ଦକିଶୋରଙ୍କ ପଲ୍ଲୀଜୀବନ ରେଖା ଓ ରବୀନ୍ଦ୍ରନାଥଙ୍କ ଭାଗବତ ଭାବଧାରା ସମନ୍ୱୟ ସଂଘଟିତ ହୋଇ କାବ୍ୟ ଚେତନାର କ୍ରମିକ ଅଭିବୃଦ୍ଧି ଏକ ନୂତନ ରୂପ ଗ୍ରହଣ କରିଛି ।

କବିଙ୍କର ପିଙ୍ଗଳାର ଅଭିସାର କବିତାଟି ଭାଗବତର ଏକାଦଶ ସ୍କନ୍ଧର ନବମ ଅଧ୍ୟାୟରୁ ଆସିଛି । ଅବଧୂତ ଯଦୁରାଜାଙ୍କ ନିକଟରେ ପହଞ୍ଚି ଆପଣାର ଆଦର୍ଶ ଜୀବନର ରହସ୍ୟ ଓ କେଉଁ ଗୁରୁଠାରୁ କି ଶିକ୍ଷା ଲାଭ କରିଛନ୍ତି । ସେହି ଚବିଶ ଗୁରୁମଧ୍ୟରୁ ପିଙ୍ଗଳା ହେଉଛି ଅନ୍ୟତମ ଗୁରୁ । ପିଙ୍ଗଳା ବିଦେହ ନାରୀ ଓ ବାର ବିଳାସିନୀ । ଜୀବନସାରା ସେ କେଳି ଦୀପ ଜାଳି ଫୁଲ ଶେଯ ସଜାଇ ରସିକ ପୁରୁଷମାନଙ୍କୁ ଚାହିଁ ରହିଥାଏ ।

ରସିକନାଗରଙ୍କୁ ଦେହ ଦାନ କରି ସେ ଅସୁମାରୀ ଧନ ପାଇଥାଏ। ଧନୀକ ପୁରୁଷମାନଙ୍କୁ ବିଶେଷ ଆକର୍ଷଣ କରିବା ପାଇଁ ସେ ନିଜକୁ ସଜାଇ ଥାଏ । ଏକଦା ଧନୀ ଯୁବକ ତାକୁ ସଂଧ୍ୟା ସମୟକୁ ଆସିବା ପାଇଁ ସଂକେତ ଦେଇଛି । ପିଙ୍ଗଳା ଅଧିକ ଧନ ପାଇବାର ଆଶା ବାନ୍ଧିଛି । ଅପେକ୍ଷାରତା ବାସକସଜ୍ଜା ସାଜି ପିଙ୍ଗଳା ବସିଯାଇଛି। ପିୟତମ ପୁରୁଷ ଓ ତା' ସହିତ ଅନେକ ଧନ ପାଇବ ବୋଲି ଆଶା କରିଛି। ସମୟ ପରେ ସମୟ ବିତି ଯାଇଛି ହେଲେ ପ୍ରିୟତମ ପୁରୁଷ ଆସିନାହିଁ । ପ୍ରହରକ ପରେ ପ୍ରହର ବିତିଯାଇଛି । ଶେଷରେ ପ୍ରହରକୁ ପିଙ୍ଗଳାର ଚେତନା ଜାଗ୍ରତ ହୋଇଛି । ତା'ର ହୃଦୟରୁ କାମନାର ଜହର ଓହରିଯାଇଛି । ପିଙ୍ଗଳାର ବିତୃଷ୍ଣା ଭାବ ଚାଲି ଆସିଛି । ସେ ନିଜର ଭୁଲ୍ ବୁଝିପାରିଛି । ତା'ର ଅନ୍ତରରେ ପ୍ରାଣନାଥଙ୍କୁ ଉପଲବ୍ଧି କରିପାରିଛି । ସେ ଆଉ କାମନାର ପଙ୍କିଳ ପୁଷ୍କରିଣୀରେ ପାଦ ଦେଉନାହିଁ । ଭଗବାନ ପରମପୁରୁଷଙ୍କ ସାନ୍ନିଧ୍ୟ ଲାଭ କରିବା ପାଇଁ ଆଶା ବାନ୍ଧିଛି । ମନେ ମନେ ସମୀରର ତାଳେତାଳେ ମୁରଲୀର ଧ୍ୱନି ଶୁଣି ପାରିଛି । ଦେହରେ କଦମ୍ବ ଫୁଲର ବାସ୍ନା ବାରି ପାରିଛି । ତୁଳି ତଳ୍ପରେ ଶୟନ କରି ପରମ ପୁରୁଷଙ୍କୁ ପାଇବ ବୋଲି ଆଶା କରିଛି । ଦିନ ଥିଲା ସେ ଚତୁର୍ଦ୍ଦିଗରେ ସର୍ପିଣୀ ପରି ବିଷ ଖେଳାଇ ଦେଉଥିଲା । କାମନାର ଦହନରେ ପୋଡ଼ି ହୋଇଯାଉଥିଲା । ଆଜି ପିଙ୍ଗଳା ଆଉ ନଟୀ ନୁହେଁ । ବାରବିଳାସିନୀ ନୁହେଁ । ବେଶ୍ୟା ନୁହେଁ । ସେ ବିଦେହର ରାଜପୁରବାସୀଙ୍କୁ ଜଣାଇ ଦେଇଛି ।

ନ ଆସିବ ଆଉ ରସିକ ନାଗର ନ ଆସିବ ଆଉ ପୁରେ,
ବାରବଧୂ ମୁ ହିଁ ପିଙ୍ଗଳା ଆଜି ଚାଲିଯାଉଅଛି ଦୂରେ ।
ଫୁଲଶେଯ ଆଉ ଶେଯାଇବି ନାହିଁ ନିତି ରାତିସାରା ବସି
କେଳି-ଦୀପ ଆଉ ଜାଳିବି ନାହିଁ ମୁଁ ଶୂନ୍ୟ ସୁଆଗେ ରସି ।
ସକଳ ବାଧାବନ୍ଧନ ସବୁ ଏଡ଼ାଇ ଉଜାଣି

ତାର ଆଖିରେ ଆଉ ପର ପୁରୁଷର ସ୍ୱପ୍ନ ନାହିଁ । ଭଗବାନଙ୍କୁ ପାଇବାର ଆଶା ଓ ତାଙ୍କର ସାନ୍ନିଧ୍ୟ ଲାଭ କରିବାର ଆଶା ବାନ୍ଧିଛି । ତାର ଆଉ ଧନ ସମ୍ପଦ, ମଣି କାଞ୍ଚନ ଲୋଡ଼ା ନାହିଁ ।

ସଂସାର ପ୍ରତି ତାର ବୈରାଗ୍ୟ ଭାବ୍ ଜାତ ହୋଇଛି । ସେ ସଂସାରର ଲୋକଙ୍କୁ ଭିନ୍ନ ଦୃଷ୍ଟିରେ ଦେଖୁଛି । ତା'ର ଆତ୍ମା ପରମପୁରୁଷଙ୍କୁ ଲାଭ କରିବା ପାଇଁ ଚାହିଁଛି । ତେଣୁ କାହା ଦ୍ୱାରା ସେ ପରିବର୍ତ୍ତନ ହୋଇନାହିଁ । ପ୍ରିୟତମଙ୍କୁ ପାଇବା ପାଇଁ ଅଭିସାରିକା ସାଜିଛି ।

କବିଙ୍କ ଭାଷାରେ –

ଉଷା ଉଷସୀର ଗଗନେ ଦେଖିବି ବନ୍ଧୁର ରୂପବୀଥି
ଗଗନେ ଭୁବନେ ପବନେ ପବନେ ଶୁଣିବି ମୁରଲୀ-ଗୀତି ।
ଜ୍ୟୋସ୍ନା ଶିଶିର ପୁଲକେ ପିଇବି ବନ୍ଧୁର ହାସ ସୁଧା
ଭୁଲିବି ପ୍ରାଣର ଆକୁଳ ପିଆସା ଭୁଲିବି ପ୍ରାଣର କ୍ଷୁଧା ।

ଜୀବନର ପ୍ରିୟତମଙ୍କୁ ଲାଭ କଲେ ତା'ର ଶରୀରରୁ କଳୁଷ ରୂପକ ଦାଗ ଧୋଇ ହୋଇଯିବ । ପତିତ ପାବନ ବନ୍ଧୁଙ୍କୁ ପାଇ ସେ ଆନନ୍ଦିତ ହୋଇ ଉଠିବ । ତାଙ୍କରି ସ୍ପର୍ଶରେ ପିଙ୍ଗଳାର ଅଙ୍ଗ ମଧ୍ୟ ପବିତ୍ର ହୋଇଯିବ । ଦିନ ଥିଲା ପିଙ୍ଗଳା ଚତୁର୍ଦ୍ଦିଗରେ ପାପର କାଳିମା ଖେଳାଇ ଦେଉଥିଲା । ଆଜି ପୁଣ୍ୟାତ୍ମା ବିରାଜମାନ ହୋଇଛନ୍ତି । ସେ ଭଗବାନଙ୍କ ସତ୍ତାକୁ ନିଜ ଶରୀରରେ ଉପଲବ୍ଧି କରିଛି । କାହାର କଥାରେ ସେ ଭାସି ଯାଇନାହିଁ । ନିଜେ ନିଜର ପରିବର୍ତ୍ତନ କରିଛି । ସେତେବେଳେ ତାହାର ପଥ କେହି ରୋକି ପାରି ନାହାନ୍ତି । ସେ କହିଛି –

ବିଦାୟ ନେଉଛି ବିଦେହ ନଗର, ବିଦାୟ ନେଉଛି ଆଜି
ଭୁଲି ଯାଅମତେ, ଭୁଲିଯାଅ ମୋର ଘୃଣ୍ୟ କଳୁଷ ରାଜି ।।

❑❑❑

# ବାର୍ତ୍ତା

– ସଚ୍ଚିଦାନନ୍ଦ ରାଉତରାୟ

## କବି ପରିଚିତି (୧୯୧୬-୨୦୦୪) :

କବି ସଚ୍ଚିଦାନନ୍ଦ ରାଉତରାୟ ଅତ୍ୟାଧୁନିକ ଓଡ଼ିଆ କାବ୍ୟ ସାହିତ୍ୟରେ ଜଣେ ଅଗ୍ରଗାମୀ ସ୍ରଷ୍ଟି ଭାବେ ପରିଚିତ ଓ ସମ୍ମାନିତ । ସବୁଜ ସାହିତ୍ୟ ଠାରୁ ଓଡ଼ିଆ କାବ୍ୟ- କବିତାରେ ଗଢ଼ି ଆସିଥିବା ରୋମାଣ୍ଟିକ୍ ଓ ଭାବପ୍ରବଣତାର ଭାବଧାରା, ଯେଉଁ ଭାବଧାରା ସହିତ କାବ୍ୟ ଜୀବନର ପ୍ରଥମ ପର୍ଯ୍ୟାୟରେ ଶ୍ରୀ ରାଉତରାୟ ତାଙ୍କ ଆଧୁନିକ କାବ୍ୟ କବିତା ଧାରାରେ ଆଂଶିକ ଓ ଆତ୍ମିକ ଉଭୟ ଦିଗରେ ଚେତନା ଓ ନୂତନ ଦିଗ୍‌ଦର୍ଶନ ସଫଳ ଭାବେ ଦେବାରେ ଯଶସ୍ୱୀ ହୋଇଛନ୍ତି । ଏଣୁ ଯଥାର୍ଥରେ କବି ରାଉତରାୟ ଆଧୁନିକ ଓଡ଼ିଆ କବିତାରେ ଏକ ନୂତନ ଯୁଗ ଓ ନୂତନ ଆସ୍ୱାଦନା ଆଣିବାରେ ପ୍ରଶଂସାର ପାତ୍ର । ଶ୍ରୀ ରାଉତ ରାୟଙ୍କ ଲେଖକ ଜୀବନ କଲିକତାରେ କଲେଜରେ ଅଧ୍ୟୟନ କରୁଥିବାବେଳେ ଆରମ୍ଭ ହୁଏ । ଅଧ୍ୟୟନ କାଳରେ ସେ 'ଚିତ୍ରଗ୍ରୀବ' ନାମକ ଏକ ଉପନ୍ୟାସ ରଚୟିତାଭାବେ ଜଣାଶୁଣା । ଏହି ଉପନ୍ୟାସରେ ତତ୍କାଳୀନ କଲିକତାରେ ଅଧ୍ୟୟନ କରୁଥିବା ଯୁବ ଜନସୁଲଭ ଭାବପ୍ରବଣତା, ବିପ୍ଳବ ମନୋଭାବର ଚିତ୍ର ଦେଖିବାକୁ ମିଳେ । ଏହାପରେ ରାଉତରାୟ ଆଉ ଉପନ୍ୟାସ ଲେଖି ନାହାଁନ୍ତି । ଓଡ଼ିଆ ସାହିତ୍ୟରେ ଶ୍ରୀ ରାଉତରାୟ ବିଶେଷଭାବେ ଜଣେ

ପ୍ର.୯. ଆଜିର ମଣିଷ ଭସ୍ମ ମଧ୍ୟରୁ କେଉଁ ଦୀକ୍ଷା ଗ୍ରହଣ କରିବ ବୋଲି କବି ପରାମର୍ଶ ଦେଇଛନ୍ତି ?

ଉ. କବି - ସଚ୍ଚିଦାନନ୍ଦ ରାଉତରାୟ

କବିତା - ବାର୍ତ୍ତା

ଶ୍ରେଣୀ ହୀନ ସାମ୍ୟବାଦ ସମାଜ ପ୍ରତିଷ୍ଠା ପାଇଁ ଜଙ୍ଗାଲ ସଂଗ୍ରାମରେ ମୃତ୍ୟୁବରଣ କଲେ, ଶରୀରର ଭସ୍ମ ମଧ୍ୟରୁ ନୂତନ ଦୀକ୍ଷା ସୃଷ୍ଟି ହେବ ତାହା ପରବର୍ତ୍ତୀ ବା ଭବିଷ୍ୟତ ମଣିଷ ପାଇଁ ମୁକ୍ତିର ପାଥେୟ ହେବ । ଏହା ଶୋଷିତ ଜନତା ପ୍ରତି କବିଙ୍କ ପରାମର୍ଶ ଥିଲା ।

ପ୍ର.୧୦. କବି କ୍ରୁଶର ସାଧନାକୁ ଜୟକାର କରିବାର ଅର୍ଥ କ'ଣ ?

ଉ. କବି - ସଚ୍ଚିଦାନନ୍ଦ ରାଉତରାୟ

କବିତା - ବାର୍ତ୍ତା

ଯିଶୁଖ୍ରୀଷ୍ଟ ଯେପରି ଅତ୍ୟାଚାରକୁ ସହ୍ୟ କରି କ୍ରୁଶବିଦ୍ଧ ହୋଇ ପ୍ରାଣପାତ କରିଥିଲେ ସେହିପରି ଆତ୍ମୋତ୍ସର୍ଗ ଜନିତ ସାଧନା ଭବିଷ୍ୟତ ବିଶ୍ୱକୁ, ଅତ୍ୟାଚାର ମୁକ୍ତି କରିବା ପରେ ଯଥେଷ୍ଟ ସହାୟକ ହୋଇପାରିବ । ଯାହା ଫଳରେ ଶ୍ରେଣୀହୀନ ସମାଜର ପରିକଳ୍ପନା ସମ୍ଭବ ହେବ ।

**(ଘ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ୩୦ଟି ଶବ୍ଦରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଠିକ୍ ଉତ୍ତର ପାଇଁ ୨ ନମ୍ବର ରହିବ ।**

ପ୍ର.୧. ଶତାବ୍ଦୀର ସିଂହଦ୍ୱାରରୁ କିଏ, କ'ଣ ବାର୍ତ୍ତା ନେଇ ଆସିଛି ?

ଉ. କବି - ସଚ୍ଚିଦାନନ୍ଦ ରାଉତରାୟ

କବିତା - ବାର୍ତ୍ତା

ଶତାବ୍ଦୀର ସିଂହଦ୍ୱାରରୁ ସମୟ ରୂପକ ଦୂତ ମଣିଷ ସମାଜକୁ ଭବିଷ୍ୟତର ବାର୍ତ୍ତା ନେଇ ଆସିଛି । ବଞ୍ଚିବାର ସମ୍ଭାବନାକୁ ଶୋଷିତ ମଣିଷ ଠାରେ ଶକ୍ତି ସଞ୍ଚାର କରିଛି ।

ପ୍ର.୨. କେଉଁ ବିଷୟରେ ପଚାରିବା ପାଇଁ ଆଜି ସମୟ ଆସିଛି ?

ଉ. କବି - ସଚ୍ଚିଦାନନ୍ଦ ରାଉତରାୟ

କବିତା - ବାର୍ତ୍ତା

ଆଜି ଶୋଷିତ ମଣିଷ ମନରେ, ହୃଦୟରେ ସାହସ ଭରି ଦେଇଛି ସମୟରୂପୀ ଦୂତର ନୂତନ ସନ୍ଦେହ ସଭା ଯେଉଁ ସାହସ ନେଇ ମଣିଷ ଅତ୍ୟାଚାରୀ ଶୋଷକ ଗୋଷ୍ଠୀକୁ ପଚାରିବ ଯେ ଦୀର୍ଘ ଦିନ ଧରି ରହିଥିବା ଶୃଙ୍ଖଳା ଓ ଲୌହ କାରାଗାର କାହିଁକି ରହିଥିଲା । କ'ଣ ପାଇଁ ଆଜି ଅବହେଳିତ, ଲାଞ୍ଛିତ ସେ ପ୍ରଶ୍ନ ବାଣରେ ସୁସଜ୍ଜିତ ।

ପ୍ର.୩. କେଉଁ ବିଷୟରେ କୈଫିୟତ ମାଗିବାର ଆଜି ବେଳ ଆସିଛି ?

ଉ. କବି - ସଚ୍ଚିଦାନନ୍ଦ ରାଉତରାୟ

କବିତା - ବାର୍ତ୍ତା

ଯେଉଁ ଶୋଷକ ଶ୍ରେଣୀ (ଧନୀ, ମାଲିକ, ଜମିଦାର) ଶୋଷିତମାନଙ୍କ ଉପରେ ନିରବଚ୍ଛିନ୍ନ ଅତ୍ୟାଚାର ଚଳାଇ ଆସୁଥିଲେ ଏବେ ସମୟ ଆସିଛି, ସେମାନଙ୍କୁ କୈଫିୟତ ମାଗିବା ପାଇଁ । ସାଧାରଣ ଜନତାର ହକ୍ ଦାବି ସେମାନଙ୍କ ଠାରୁ ଛିନ୍ନ କରି ଅଣାଯିବାକୁ କବି ପରାମର୍ଶ ଦେଇଛନ୍ତି ।

ପ୍ର.୪. କବି ମନୁଷ୍ୟପୁତ୍ରକୁ ଦଗ୍ଧ ହେବାକୁ କାହିଁକି କହିଛନ୍ତି ?

ଉ. କବି - ସଚ୍ଚିଦାନନ୍ଦ ରାଉତରାୟ

କବିତା - ବାର୍ତ୍ତା

ଶୋଷକ ଗୋଷ୍ଠୀ ବିରୁଦ୍ଧରେ ରକ୍ତାକ୍ତ ସଂଗ୍ରାମ ଆବଶ୍ୟକ । ଉଚିତ୍ ଶାସ୍ତି ଦେବା ପାଇଁ ଆବଶ୍ୟକ ହେଲେ ସଂଗ୍ରାମର ମଇଦାନ୍‌ରେ ପ୍ରାଣ ପାତ (ଦଗ୍ଧ) ହେବାକୁ ପରାମର୍ଶ ଦେଇଛି । ନିଜର ହକ୍ ପାଇଁ ସଂଗ୍ରାମ ହିଁ ଅନିବାର୍ଯ୍ୟ ।

ପ୍ର.୫. କବି ଭସ୍ମ ମଧ୍ୟରୁ କି ଦୀକ୍ଷା ଗ୍ରହଣ କରିବାକୁ କହିଛନ୍ତି ?

ଉ. କବି - ସଚ୍ଚିଦାନନ୍ଦ ରାଉତରାୟ

କବିତା - ବାର୍ତ୍ତା

ପ୍ରାଣର ଗଡ୍ଡାଳିକା ମଧ୍ୟରୁ ଓ ସାଧାରଣ ଜନତାର ମୃତଭସ୍ମ ନିକଟରୁ ଭବିଷ୍ୟତ ବଂଶଧର ଉଚିତ୍ ଜ୍ଞାନଶକ୍ତି ଅନୁଭବକରି ସେହି ଉଦ୍ଧତ ଧନୀକ ଗୋଷ୍ଠୀମାନଙ୍କୁ ମୂଳୋତ୍ପାଟନ କରିବାକୁ କହିଛନ୍ତି ।

ପ୍ର.୬. ଉତ୍ପୀଡ଼ନର ଜୟ ହେଉ କହିବା ପଛରେ କବିଙ୍କ ଉଦ୍ଦେଶ୍ୟ କ'ଣ ?

ଉ. କବି - ସଚ୍ଚିଦାନନ୍ଦ ରାଉତରାୟ

କବିତା - ବାର୍ତ୍ତା

ଶ୍ରେଣୀ ଚେତନାକୁ ଧ୍ୱଂସ କରି ସାମ୍ୟବାଦୀ ଶାସନ ପ୍ରତିଷ୍ଠା କଲେ ଅବହେଳିତ, ଲାଞ୍ଛିତ ଦୁର୍ବଳ, ଦରିଦ୍ର ଜନତାର ଜୟକୁ ଉତ୍ପୀଡ଼ନର ଜୟ ଭାବେ ଆଲୋଚ୍ୟ କବିତାରେ ସୂଚନା ଦେଇଛନ୍ତି ।

ପ୍ର.୭. 'ଜୟ ହେଉ ପୀଡ଼ନର' କହିବାର ତାତ୍ପର୍ଯ୍ୟ କ'ଣ ?

ଉ. କବି - ସଚ୍ଚିଦାନନ୍ଦ ରାଉତରାୟ

କବିତା - ବାର୍ତ୍ତା

ଅତ୍ୟାଚାରିତ ମଣିଷର ଶାନ୍ତି ଉଦ୍ଦେଶ୍ୟରେ କୁହାଯାଇଛି । ଯିଶୁଖ୍ରୀଷ୍ଟ ଯେଉଁ ନିଷ୍ଠୁର ଅତ୍ୟାଚାରର ସମ୍ମୁଖୀନ ହୋଇ (କ୍ରୁଶ) ମୃତ୍ୟୁବରଣ କରିଥିଲେ ସେହି ଯିଶୁଙ୍କର ସାଧନା କେବେ ବି ବ୍ୟର୍ଥ ନ ହେଉ । ଅର୍ଥାତ୍ ଉତ୍ପୀଡ଼ନ ମାନବ ଜାତିର ପୀଡ଼ାର ଉଦ୍ଭବ ଶ୍ରେଣୀହୀନର ଜୟ ହେବା କଥା ବର୍ଣ୍ଣିତ ।

ପ୍ର.୮. ଶ୍ୟେନର ପ୍ରତିଶୋଧକୁ କବି ମହାଧର୍ମ ଆଖ୍ୟା କାହିଁକି ଦେଇଛନ୍ତି ?

ଉ. କବି - ସଚ୍ଚିଦାନନ୍ଦ ରାଉତରାୟ

କବିତା - ବାର୍ତ୍ତା

ଆବଶ୍ୟକ ପଡ଼ିଲେ ଶୋଷିତ, ଲାଞ୍ଛିତ ପ୍ରଜାମାନେ ଛଞ୍ଚାଣ ପରି ଆକ୍ରମଣ କରି ସମାଜରୁ ଶ୍ରେଣୀ ଚେତନା ହଟାଇବା ଦରକାର । ଏହି ଦୁର୍ଭେଦ୍ୟ ପ୍ରାଚୀର ହଟିଲେ ସାମ୍ୟବାଦର ସୁବିଧା ସମସ୍ତେ ଉପଲବ୍ଧି କରିବେ । ଏହି ମହାଧର୍ମକୁ ଗ୍ରହଣ କରିବା ପାଇଁ କବି ସମାଜକୁ ନିଜର ସୃଜନଶୀଳ ମନୋଭାବ ଜରିଆରେ ଆହ୍ୱାନ ଦେଇଛନ୍ତି ।

## (ଙ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ । ପ୍ରଶ୍ନର ମୂଲ୍ୟ ୫ ନମ୍ବର ।

**ପ୍ର.୧. ବାର୍ତ୍ତା କବିତାରେ କବି ଆଧୁନିକ ଜୀବନ ସଂପର୍କରେ ଯେଉଁ ବାର୍ତ୍ତା ଦେଇଛନ୍ତି – ଆଲୋଚନା କର ।**

ଉ. କବି ସଚ୍ଚିଦାନନ୍ଦ ରାଉତରାୟ ଆଧୁନିକ ଓଡ଼ିଆ ସାହିତ୍ୟରେ ଏକ ନୂତନ କାବ୍ୟ ଚେତନାର ବାର୍ତ୍ତାବହ ଭାବେ ପ୍ରତିଷ୍ଠିତ ଓ ସମ୍ମାନିତ । କେବଳ ଜଣେ ସଫଳ କବି ଭାବେ ନୁହେଁ ପରନ୍ତୁ ଜଣେ ସଫଳ ଗାଳ୍ପିକ ଔପନ୍ୟାସିକ ଓ

ସମାଲୋଚକ ଭାବେ ସେ ଅଶେଷ ସିଦ୍ଧି ଓ ସଫଳତାର ଅଧିକାରୀ ଅଟନ୍ତି । ତାଙ୍କର କାବ୍ୟଜଗତ ବିଚିତ୍ର ଓ ବର୍ଣ୍ଣାଢ୍ୟ । କବି ଜୀବନର ଆଦି ପର୍ବରେ ରୋମାଣ୍ଟିକ୍ ଚେତନାକୁ ଆଧାରକରି ତାଙ୍କର ସୃଷ୍ଟି ଆତ୍ମପ୍ରକାଶ କରିଥିଲେ ହେଁ ସାଧନା ଓ ବ୍ୟକ୍ତିତ୍ୱର ବିକାଶ ସହିତ ନିଜ କାବ୍ୟଶାଳାରେ ସେ ପ୍ରଗତିବାଦୀ କାବ୍ୟ ଚେତନା, ପ୍ରୟୋଗଧର୍ମୀ କାବ୍ୟ ଶୈଳୀ ଏବଂ ଆଧାତ୍ମିକ ଉତ୍ତରଣର ଅନୁଭୂତିକୁ ରସୋତ୍ତୀର୍ଣ୍ଣ କାବ୍ୟ ରୂପେ ଦେବାରେ ସମର୍ଥ ହୋଇପାରିଛନ୍ତି । ପଲ୍ଲୀ ପ୍ରକୃତି, ପ୍ରଣୟ ଓ ଐଶୀ ଚେତନାଠୁ ଆରମ୍ଭ କରି ସମାଜବାଦ ପର୍ଯ୍ୟନ୍ତ ତାଙ୍କ କାବ୍ୟିକ ଉପାଦାନରେ ପରିସର ପରିବ୍ୟାପ୍ତ ଏବଂ କବିତାରେ ବିଭିନ୍ନ ଆଙ୍ଗିକର ପରୀକ୍ଷା, ନିରୀକ୍ଷା ତାଙ୍କ ସୃଷ୍ଟିର ଅନ୍ୟତମ ବୈଶିଷ୍ଟ୍ୟ ।

ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟକୁ କବି ରାଉତରାୟଙ୍କ ମହାନ ଅବଦାନ ମଧ୍ୟରେ – ବାଜିରାଉତ, ଭାନୁମତୀର ଦେଶ, କବିତା ୧୯୬୨, ପଲ୍ଲୀଶ୍ରୀ, ପାଣ୍ଡୁଲିପି, ମାଶଣିର ଫୁଲ, ଚିତ୍ରଗ୍ରୀବ, ଗୋଟିଏ ଗୋଟିଏ ଅପୂର୍ବ ସୃଷ୍ଟି ।

ଆଲୋଚ୍ୟ 'ବାର୍ତ୍ତା' କବିତାଟି ସଚ୍ଚିଦାନନ୍ଦ ରାଉତରାୟ 'ପାଣ୍ଡୁଲିପି' କବିତା ଗ୍ରନ୍ଥରୁ ସଂଗୃହୀତ । ଶୋଷଣ, ପେଷଣ କଷଣରେ ଜର୍ଜରିତ ମୁକ୍ତିକାମୀ ମଣିଷକୁ କବିଙ୍କର ସନ୍ଦେଶ ଉକ୍ତ କବିତାରେ ପ୍ରତିଫଳିତ । ଆଲୋଚ୍ୟ କବିତା 'ବାର୍ତ୍ତା' ଉତ୍କଳ ସାହିତ୍ୟ ପତ୍ରିକାର ୧୯୩୬ ମସିହାରେ ପ୍ରକାଶ ପାଇଥିଲା । ସେତେବେଳେ ଭାରତ ବର୍ଷରେ ସାମ୍ୟବାଦୀ ଚେତନାର ସ୍ରୋତ ପ୍ରବେଶ କରି ସାରିଥାଏ । କବି ରାଉତରାୟ ସେହି ସମୟର ବାର୍ତ୍ତାକୁ ଏଥିରେ ପ୍ରଚାର କରିଛନ୍ତି । ମନୁଷ୍ୟ ଜୀବନ ସଂପର୍କିତ ବାର୍ତ୍ତାରେ କବିତାର ମୂଲ୍ୟବୋଧ ଯଥେଷ୍ଟ ଉର୍ଦ୍ଧ୍ୱରେ । ଅତୀତରେ ମଣିଷ ଉପରେ ମଣିଷର ଜୁଲମ ଅକଥନୀୟ ଥିଲା । ନିରନ୍ନ, ଖଟିଖିଆ ଭୋକିଲା ମଣିଷ ପାଦ ତଳର ଘାସ ପରି ସହି ଯାଉଥିଲା । ସେହିମାନଙ୍କୁ ଶୋଷକ ଧନୀ ଶ୍ରେଣୀର ବ୍ୟକ୍ତିମାନେ ନିରବଚ୍ଛିନ୍ନ ଶୋଷଣ କରି ଚାଲୁଥିଲେ । ଥିଲାବାଲା ଓ ନଥିଲାବାଲା ମଧ୍ୟରେ ସୁଦୀର୍ଘ ପ୍ରାଚୀର ରହିଥିଲା । ତଥାକଥିତ ଜମିଦାର ଓ ଶାସକର ବେତ୍ରାଘାତ ଓ କୋରଡ଼ା ମାଡ଼ରେ ସାଧାରଣ ମଣିଷ ଭୟଙ୍କର ଯନ୍ତ୍ରଣା ଦେଇ ଗତି କରୁଥିଲା । ଧନାଢ୍ୟ ବ୍ୟକ୍ତିମାନଙ୍କର ପ୍ରାଦୁର୍ଭାବ ପରାଭବ ତଥା ଅତ୍ୟାଚାରରୁ ସାଧାରଣ ବୁଭୁକ୍ଷୁ ମଣିଷଙ୍କୁ ରକ୍ଷା କରିବାପାଇଁ ସମାଜରେ ଅର୍ଥନୈତିକ ବୈଷମ୍ୟକୁ ଲୋପକରିବା ପାଇଁ ତଥା ଧନୀ ଦରିଦ୍ର ମଧ୍ୟରେ ଥିବା ପ୍ରାଚୀରକୁ ଉଚ୍ଛେଦ କରିବା ପାଇଁ କବି ଆଲୋଚ୍ୟ 'ବାର୍ତ୍ତା'ରେ ପ୍ରକାଶ କରିଛନ୍ତି । ଏହି ଅତ୍ୟାଚାରର ଅନ୍ତ ଘଟାଇବାପାଇଁ କବି ମନୁଷ୍ୟ ସମାଜକୁ ଉଗ୍ର ଆହ୍ୱାନ ଦେଇଛନ୍ତି । ଯୁଗ ଯୁଗ ବ୍ୟାପି ରହିଥିବା ଦାସତ୍ୱ ପ୍ରଥା, ଗୋତି ପ୍ରଥା, ବେଠି ଭଳି ଜଦର୍ଯ୍ୟ ଶବ୍ଦର ଅନ୍ତଘଟୁ କବି ଏହାହିଁ ଚାହିଁଛନ୍ତି । କବି ଏଥିପାଇଁ ମଣିଷ ସମାଜକୁ ସେ ବଳିଷ୍ଠ ଆୟୁଧ ଭାବେ ଗ୍ରହଣ କରିଛନ୍ତି । ଶତାବ୍ଦୀର ସିଂହଦ୍ୱାରରୁ ସମୟ ରୂପକ ଦୂତ ମନୁଷ୍ୟମାନଙ୍କ ମଧ୍ୟରେ ଏହି ଚେତନା ଖେଳାଇ ଦେଇଛି । ମଣିଷଙ୍କୁ କବି ଆହ୍ୱାନ ଦେଇଛି ଶରୀରରେ ମନରେ ଅମାପ ଶକ୍ତି ସାମର୍ଥ୍ୟ । ଅସୀମ ଧୈର୍ଯ୍ୟ ତଥା ଭରସା ଓ ସାହସ । ଯେଉଁ ସାହସ ନେଇ ମଣିଷ ଅତ୍ୟାଚାରୀ ଶୋଷକ ଗୋଷ୍ଠୀକୁ ପଚାରିବ ତା'ର ଅତୀତ ଦିନର ହିସାବ ନିକାଶ । କାହିଁକି ଓ କ'ଣ ଭଳି ପ୍ରଶ୍ନରେ ଛନ୍ଦିବ ଶୋଷିତ ବ୍ୟକ୍ତିବିଶେଷଙ୍କୁ ଦୀର୍ଘଦିନ ଧରି ଲୌହ କାରାଗାରର ନିରନ୍ଧ୍ର କୋଠରୀ ଭିତରେ ସେ କାହିଁକି ରହିଥିଲା । ଯେଉଁ ଧନୀକ ଶ୍ରେଣୀ ସେମାନଙ୍କ ଉପରେ ପ୍ରଚଣ୍ଡ ଅତ୍ୟାଚାର କରିଥିଲା ସେହି ଧନୀକ ଶ୍ରେଣୀକୁ ଏଥିପାଇଁ ସେ କୈଫିୟତ ତଲବ କରିବ । ସେହି ସମୟ ଉପଗତ ବୋଲି ସ୍ପଷ୍ଟ କବିତାରେ ଉଲ୍ଲେଖ କରିଛନ୍ତି–

କବି ଯଥାର୍ଥରେ କହନ୍ତି –

"ସମୟ ଆସିଛି ଆଜି ପଚାରିବାପାଇଁ
ଦୀପ୍ତ କଣ୍ଠେ, ହେ ମାନବପୁତ୍ର
ଏତେଦିନ ଶୃଙ୍ଖଳାଟା ଥିଲା କାହିଁପାଇଁ
କିମ୍ବା ଥିଲା ଲୌହ କାରାଗାର ।"

ଧନୀକ ଶ୍ରେଣୀ ଓ ଉଚ୍ଚଜାତିର ଲୋକମାନଙ୍କ ଅତ୍ୟାଚାରରେ ଯେଉଁମାନେ ଦଗ୍ଧୀଭୂତ, ଭସ୍ମୀଭୂତ ହୋଇ ମୃତ୍ୟୁବରଣ କରିଛନ୍ତି ସେହିମାନଙ୍କ ଉଦାହରଣରୁ ଭାବୀ ବଂଶଧର କିଛି ଜ୍ଞାନ ହାସଲ କରି ଏପରି ପୀଡ଼ନ ପ୍ରଦାନକାରୀମାନଙ୍କୁ

ସଂସାରରୁ ମୂଳୋତ୍ପାଟନ କରିବା ନିମନ୍ତେ କବି ମନୁଷ୍ୟ ସମାଜକୁ ଯଥେଷ୍ଟ ସାହସ ଦେଇଛନ୍ତି । ଏପରିକି ସେହି ଅତ୍ୟାଚାରୀ ଲୋକମାନଙ୍କୁ ଛଞ୍ଚାଣ ପରି ଆକ୍ରମଣ କରି ପୀଡ଼ନରେ ଅନ୍ତ ଘଟାଇବାକୁ ପଡ଼ିବ ବୋଲି କବି ଯଥାର୍ଥରେ କହନ୍ତି–

"ଲଭ ତହୁ ଜ୍ଞାନ–ରଶ୍ମି
ବୁଝି ଆଜି ମୂଢ଼
କାରଣ କେ ସହି ପୀଡ଼ନର
ତାହାରି ଉଚ୍ଛେଦ କର
କରରେ ନିର୍ମୂଳ
ଶ୍ୟେନପରି ନିଅ ପ୍ରତିଶୋଧ ।"

ସମାଜରେ ରହିଥିବା ଶ୍ରେଣୀ ଚେତନାକୁ ମାଟିରେ ମିଶାଇବାକୁ ପଡ଼ିବ । ଏହି ଦୀକ୍ଷା ଗ୍ରହଣ ପୂର୍ବକ ଆଜି ମନୁଷ୍ୟ ଦୁର୍ବାର ଶପଥରେ ଆବଶ୍ୟକ ପଡ଼ିଲେ ରକ୍ତାକ୍ତ ବିପ୍ଳବ ସୃଷ୍ଟି ସହ ଚତୁର୍ଦ୍ଦିଗ ପ୍ରକମ୍ପିତ କରି ନୂତନବାର୍ତ୍ତା ଗାଇ ବୁଲିବ ।

କବି ଶ୍ରୀଯୁକ୍ତ ରାଉତ ରାୟ ଆଲୋଚ୍ୟ କବିତାରେ ଜୀବନ ସଂପର୍କୀତ ନୂତନ ବାର୍ତ୍ତା ପ୍ରଦାନ କରି କବିତାକୁ ରସୋତ୍ତୀର୍ଣ୍ଣ କରିଛନ୍ତି ।

**(ଖ) 'ବାର୍ତ୍ତା' କବିତାରୁ କବିଙ୍କ କାବ୍ୟ ଆଭିମୁଖ୍ୟ ଉପସ୍ଥାପନ କର ।**

**ଉ :** ସମାଜବାଦୀ ଚିନ୍ତାଧାରା ଓଡ଼ିଆ ଆଧୁନିକ କବିତାରେ ପ୍ରବଳଭାବେ ସ୍ୱରର ଲହର ସୃଷ୍ଟି କରିଥିଲା । ମାର୍କସୀୟ ଚିନ୍ତାଧାରାରେ ମାନବବାଦ ପ୍ରତି ସମ୍ମାନ ପ୍ରଦର୍ଶନ କରିବାପାଇଁ ଆଧୁନିକ କବିମାନେ ସେମାନଙ୍କ ଲେଖନୀକୁ ରୋମାଣ୍ଟିକ୍ ଓ ଭାବପ୍ରବଣତାର ଧାରାରୁ ମୁକ୍ତ ହୋଇ ବାସ୍ତବବାଦୀ ହେବାକୁ ଚେଷ୍ଟା କରୁଥିଲେ ତନ୍ମଧ୍ୟରୁ କବି ରାଉତରାୟ ସର୍ବଶ୍ରେଷ୍ଠ ତଥା ସର୍ବାଗ୍ରେ ସ୍ମରଣୀୟ । ଆକାଶର ଚନ୍ଦ୍ର ଅପେକ୍ଷା ଧୂସର ଧରଣୀ, ଗୋଲାପ, କମଳ ଅପେକ୍ଷା ସବୁଜକ୍ଷେତ, ପ୍ରେମିକାର ସ୍ୱପ୍ନ ଅପେକ୍ଷା, ଦୀନ ଦୁଃଖୀର ଆର୍ତ୍ତ ଚିତ୍କାର କବି ମାନସକୁ ଆନ୍ଦୋଳିତ କରିଥିଲା । ସେ ହେଲେ ବାସ୍ତବ ଜୀବନର ସାଥୀ । ଚନ୍ଦ୍ର ଠାରୁ ରୁଟିର ମାଧୁର୍ଯ୍ୟ କବି ଅନ୍ତରକୁ ମୁଗ୍ଧ କରିଥିଲା । ତେଣୁ କବିମାନସ ସୃଷ୍ଟିକରିଛି ଅମୂଲ୍ୟ ସୃଷ୍ଟି ସଂପଦ । ଏହି ସୃଷ୍ଟି ସଂପଦ ମଧ୍ୟରେ 'ପଲ୍ଲିଶ୍ରୀ', ବାଜିରାଉତ, ପାଣ୍ଡୁଲିପି, ଭାନୁମତୀର ଦେଶ, ହସନ୍ତ, ପୂର୍ଣ୍ଣିମା, ପାଥେୟ, ସ୍ୱଗତ, କବିତା ୧୯୬୨ ଗୋଟିଏ ଗୋଟିଏ ସ୍ମୃତି ଅର୍ଘ୍ୟରୂପେ ବିବେଚିତ । ମାର୍କସ୍‌ଙ୍କ ପ୍ରବର୍ତ୍ତିତ ଶାସନ ବ୍ୟବସ୍ଥାରୁ ପ୍ରଗତିବାଦୀ କାବ୍ୟ ଚେତନାର ଆଭାସ ମିଳିଥାଏ । ସମାଜରେ ସାଧାରଣ ବର୍ଗଙ୍କୁ ଏହି ଆନ୍ଦୋଳନରେ ସାମିଲ୍ କରିବା ପାଇଁ ରୁଷ ଦେଶରେ ଅନେକ ସାହିତ୍ୟିକ କାବ୍ୟ, କବିତା, ନାଟକ ଓ ଗଳ୍ପମାନଙ୍କରେ ଏହି ଚେତନାକୁ ଆରୋପଣ କରିଥିଲେ । ଲୋକମାନଙ୍କ ଉପରେ ପ୍ରଭାବ ପକାଇଥିଲେ ଯାହା ଫଳରେ ସମଗ୍ର ଋଷରେ ଶ୍ରେଣୀହୀନ ସମାଜ ବ୍ୟବସ୍ଥା ସ୍ୱରୂପ ସାମ୍ୟବାଦ ଶାସନ ପ୍ରବର୍ତ୍ତିତ ହୋଇପାରିଥିଲା । ଓଡ଼ିଶାରେ ମଧ୍ୟ ଭଗବତୀ ଚରଣ ପାଣିଗ୍ରାହୀଙ୍କ ନେତୃତ୍ୱରେ ୧୯୩୫ ମସିହାରେ ନବଯୁଗ ସାହିତ୍ୟ ସଂସଦ ଗଠିତ ହୋଇଥିଲା । ମାର୍କସ୍ ଓ ଲେନିନ୍‌ଙ୍କ ଦର୍ଶନକୁ ଏହି ସଂସଦ ସାହିତ୍ୟର ପ୍ରତିଧ୍ୱନିତ କରାଇଥିଲା । କବି ସଚ୍ଚିଦାନନ୍ଦ ରାଉତରାୟ ଏହି ସଂସଦର ଜଣେ ସକ୍ରିୟ ସଦସ୍ୟ ଭାବେ କ୍ରିୟାଶୀଳ ଥିଲେ । ୧୯୩୬ ମସିହାରେ କବି ସଚ୍ଚିଦାନନ୍ଦ ରାଉତରାୟ ଏହି ଚେତନାକୁ ପାଥେୟ କରି 'ବାର୍ତ୍ତା' କବିତା ରଚନା କରିଥିଲେ ଯାହା 'ପାଣ୍ଡୁଲିପି' କବିତା ସଂକଳନରେ ସ୍ଥାନିତ 'ବାର୍ତ୍ତା' କବିତାରେ କବି ନିଷ୍ପେସିତ ମଣିଷମାନଙ୍କ ମୁକ୍ତିର ନବ ବାର୍ତ୍ତା ପ୍ରଦାନ କରିଛନ୍ତି । ଏ ମଣିଷ ପାଇଁ ଖାଦ୍ୟ ଲୋଡ଼ା, ସ୍ୱାସ୍ଥ୍ୟ ଲୋଡ଼ା, ବାସ ଲୋଡ଼ା କିନ୍ତୁ ଗୋଟିଏ ନ୍ୟସ୍ତ ସ୍ୱାର୍ଥ ଶ୍ରେଣୀର ତା'ର ସମସ୍ତ ସୁଖସ୍ୱପ୍ନକୁ ବିପର୍ଯ୍ୟସ୍ତ କରି ଦେଉଛି । ଫଳରେ ଦାରିଦ୍ର୍ୟ ମଧ୍ୟରେ ଏଇ ଶ୍ରମଜୀବୀ ଶ୍ରେଣୀ ଯୁଗେ ଯୁଗେ ଅବହେଳିତ ଭାବେ ପଡ଼ିଛି । ତେଣୁ ଯୁଗେ ଯୁଗେ ଯେତେ ଅତ୍ୟାଚାର ମାନବଆତ୍ମାକୁ ପୀଡ଼ିତ କରିଛି ତା'ର କୈଫିୟତ ମାଗିବାକୁ ଆଜି ବେଳ ଆସିଛି ବୋଲି କବିତାର କବି ସୂଚନା ଦେଇଛନ୍ତି । ଏଇ ନିଷ୍ପେସିତ ନିରନ୍ନ

ମଣିଷ ଗୋଷ୍ଠୀର ଅନ୍ତିମ ବିଜୟ ସୁନଶ୍ଚିତ ବୋଲି କବିଙ୍କ ମତ ସ୍ପଷ୍ଟ । ଏହିପରି ବୈପ୍ଳବିକ ଭାବନାରେ ତାଙ୍କର ଉପର କଥିତ କବିତାଗୁଡ଼ିକ ସିଧାସଳଖ ଭାବେ ସମାଜର ବୈଷମ୍ୟକୁ ପ୍ରକଟିତ କରି ସଂଗ୍ରାମର ଆହ୍ୱାନ ଦେଇଛି ଏ ନିମ୍ନଜାତି, ଶ୍ରମିକ ଶ୍ରେଣୀ ଓ ଦରିଦ୍ର ଜନସାଧାରଣଙ୍କ ଉପରେ ଚାଲିଥିବା ନିରବଚ୍ଛିନ୍ନ ଅତ୍ୟାଚାରକୁ ପ୍ରତିରୋଧ କରିବା ପାଇଁ ଧନୀକ ଗୋଷ୍ଠୀ ଓ ଶାସକ ଶ୍ରେଣୀ ତଥା ଅତ୍ୟାଚାରୀ ଜମିଦାରୀମାନଙ୍କୁ ତଳିତଳାନ୍ତ କରିଦେବା ପାଇଁ କବି ସଚ୍ଚିଦାନନ୍ଦ ରାଉତ ରାୟ ଆଲୋଚ୍ୟ ବାର୍ତ୍ତା କବିତାରେ ଏହି ଚେତନାକୁ ପ୍ରାଧାନ୍ୟ ଦେଇଛନ୍ତି । କବିଙ୍କ ଭାଷାରେ-

"ଶତାବ୍ଦୀର ସିଂହଦ୍ୱାରୁ ଆସିଅଛି ଦୂତ
ଆଣିଅଛି ବାର୍ତ୍ତା ଭବିଷ୍ୟର–
ଜୀବନର ସଂଭାବନା ଯହିଁ ମୂର୍ତ୍ତିମାନ
ନାଇ ଯହିଁ ପ୍ରାଚୀର ପ୍ରାନ୍ତର ।
ଜାଗ ହେ ମାନବ ଶିଶୁ !
ଜାଗ ନରବ୍ରହ୍ମ !
ଜାଗ ଧରି ଲୌକିକର ଜ୍ଞାନ ।"

କବିଙ୍କ ପ୍ରଗତିବାଦୀ କାବ୍ୟ ଚେତନା ଏଠାରେ ସମୟର ଦୂତ ଭାବେ ଦଣ୍ଡାୟମାନ । ଦୂତ ରୂପକ ସମୟ ବା ମହାକାଳ ଏହି ନୂତନ ବାର୍ତ୍ତା ସାଧାରଣ ମନୁଷ୍ୟଙ୍କ ପାଇଁ ଆଣିଛି । ଦୂତର ବାର୍ତ୍ତା ମଣିଷ ସମାଜ ପାଇଁ ଉଦ୍ଦିଷ୍ଟ । ଧନୀ ନିର୍ଦ୍ଧନ, ଉଚ୍ଚନୀଚ ଜାତି ଓ ଥିଲାବାଲା ଏବଂ ନଥିଲା ବାଲା ମଧ୍ୟରେ ଗଢ଼ିଉଠିଥିବା ବିରାଟପ୍ରାଚୀର ଆଜି ଭାଙ୍ଗିବାକୁ ପଡ଼ିବ । ଏହା ଭାଙ୍ଗିଲେ ନୂତନ ସାମ୍ୟବାଦୀ ଶାସନ ପ୍ରତିଷ୍ଠା ହୋଇପାରିବ । କୈଫିୟତ ତଲବ ସହ ସାଧାରଣ ଜନତା ତା'ର ହକ୍ ଦାବୀ ସେମାନଙ୍କ ଠାରୁ ଜବରଦସ୍ତ ଛଡ଼ାଇ ଆଣିବାକୁ କବି କବିତାରେ ପରାମର୍ଶ ଦେଇଛନ୍ତି। ଯେଉଁ ଲୌହର କାରଗାର ଦିନେ ଶୋଷିତର ବାସ ଥିଲା ତାହା ଉନ୍ମୁକ୍ତ ରହିଛି ଆଜି ଶୋଷକ ଗୋଷ୍ଠୀ ପାଇଁ । ବିପ୍ଳବର ଆହ୍ୱାନରେ ରକ୍ତାକ୍ତ ହୋଇ ଶୋଷିତ କୁଳ ମୃତ ହେଲେ ମଧ୍ୟ ମୃତ ଭସ୍ମ ନିକଟରେ ଭବିଷ୍ୟତର ବଂଶଧର ଉଚିତ୍ ଜ୍ଞାନ ଶକ୍ତି ଅନୁଭବ କରି ସେହି ଉଦ୍ଧତ ଧନୀ ଗୋଷ୍ଠୀମାନଙ୍କୁ ମୂଳୋତ୍ପାଟନ କରିବାକୁ ସମର୍ଥ ହୋଇପାରିବେ । କବିଙ୍କ ଭାଷାରେ -

"ହେ ମନୁଷ୍ୟ ପୁତ୍ର !
କୀଟ ସମ ହୁଅ ନିଷ୍ପେସିତ
ଲଭ ତହୁଁ ଜ୍ଞାନ-ରଶ୍ମି
ବୁଝ ଆଜି ମୂଢ଼
କାରଣ କେ ସହି ପୀଡ଼ନର
ତାହାରି ଉଚ୍ଛେଦକଲେ
କରରେ ନିର୍ମୂଳ
ଶ୍ୟେନ ପରି ନିଅ ପ୍ରତିଶୋଧ ।"

ସମାଜରେ ଏକ ଶ୍ରେଣୀହୀନ ସମାଜ ସୁପ୍ରତିଷ୍ଠିତ କରିବାପାଇଁ ଏହାକୁ ମହାଧର୍ମ ବୋଲି ମନେ କରି ବଜ୍ର ଶପଥ ନେବା ଉଚିତ୍ ବୋଲି କବି କହିଛନ୍ତି । ଶ୍ରେଣୀ ଚେତନାକୁ ଧ୍ୱଂସ କରି ସାମ୍ୟବାଦୀ ଶାସନ ପ୍ରତିଷ୍ଠା କଲେ ଦଳିତ ଅବହେଳିତ, ଲାଞ୍ଛିତ ଅସହାୟ, ଦୁର୍ବଳ ଓ ଦରିଦ୍ର ଜନତାର ସ୍ୱାର୍ଥ ସଂରକ୍ଷଣ ହୋଇପାରିବ । କବିତାର ଅୟମାରମ୍ଭରୁ ଶେଷ ପର୍ଯ୍ୟନ୍ତ ସାମ୍ୟବାଦର ନବ ବାର୍ତ୍ତାକୁ ସ୍ପଷ୍ଟ ଉଲ୍ଲେଖ ସହ ପ୍ରଗତିବାଦୀ କବିର ବାହାଦୂର ନେବାରେ ସମର୍ଥ ହୋଇପାରିଛନ୍ତି ।

ବାସ୍ତବିକ୍ କବିଙ୍କ ନବ୍ୟଚେତନା ସମାଜପାଇଁ ପଥ ପ୍ରଦର୍ଶକ ରୂପେ ସହାୟକ ହୋଇପାରିଛି ।

**(ଗ) 'ବାର୍ତ୍ତା' କବିତାରେ କବି ଯେଉଁ ନୂତନ ପୃଥିବୀର ପରିକଳ୍ପନା କରିଛନ୍ତି ତାହାର ରୂପଚିତ୍ର ପ୍ରଦାନ କର ।**

**ଉ:** ଯୁଗ ଚେତନାର ଏକ ବିଶ୍ୱସ୍ତ ବାର୍ତ୍ତା ବହୁରୂପେ କବି ରାଉତରାୟଙ୍କ ଦାୟିତ୍ୱ ସୁଦୂରପ୍ରସାରୀ ଏବଂ ଦୃଷ୍ଟିଭଙ୍ଗୀ ଶାଣିତ ତଥା ତୀକ୍ଷ୍ଣ । ଚେତନଶୀଳ ଓ ବୌଦ୍ଧିକ ଭାଷାରୀତି ଆଧୁନିକ ଜୀବନ ପ୍ରତି ବ୍ୟଙ୍ଗାତ୍ମକ ଦୃଷ୍ଟିଭଙ୍ଗୀ ନାନାବିଧ ପ୍ରତୀକ ଓ ଚିତ୍ରକଳ୍ପର ପ୍ରୟୋଗ ଦ୍ୱାରା ବ୍ୟକ୍ତିଗତ ଆବେଗ ଓ ଅସନ୍ତୋଷକୁ ଶିଳ୍ପସଙ୍ଗତ ଓ ନିୟନ୍ତ୍ରିତ ରୂପ ପ୍ରଦାନ କରିବାରେ ରାଉତରାୟଙ୍କ କାବ୍ୟ ସାଧନା ଆଧୁନିକ କାଳରେ ମଧ୍ୟ ପ୍ରଭାବଶାଳୀ ହୋଇଉଠିଛି । ତାଙ୍କର ସ୍ୱାଧୀନତା ପରବର୍ତ୍ତୀ ରଚନାବଳୀରେ ଦୁର୍ବୋଧତା ଯେ ନାହିଁ ନୁହେଁ, କିନ୍ତୁ ବ୍ୟାପକ ଦୃଷ୍ଟିକୋଣ, ଗଭୀର ସମାଜ ଚେତନା, ବୌଦ୍ଧିକ ଅନ୍ତର୍ଦୃଷ୍ଟି ଏକ ସର୍ବୋପରି କାବ୍ୟିକ ଅନୁଭୂତିର ବିଶାଳ ପରିସର ସହିତ ବ୍ୟକ୍ତି ସ୍ୱାତନ୍ତ୍ର୍ୟରେ ପ୍ରତିଷ୍ଠାର ଗୌରବ ପ୍ରତି ଦୃଷ୍ଟି ଦେଇ ଅନେକ ଅଭାବ - ଅଭିଯୋଗ କେତେକ ପରିମାଣରେ ଅପସାରିତ ହୋଇଥାଏ । କବି ରାଉତରାୟଙ୍କ କାବ୍ୟ ତପସ୍ୟା ଆଧୁନିକ ଯୁଗର ଓଡ଼ିଆ କାବ୍ୟ ଚେତନାକୁ ନିଶ୍ଚିତ ଭାବରେ ଆପଣାର ପ୍ରଭାବରେ ଏକ ନିର୍ଦ୍ଦିଷ୍ଟ ଗତି-ବେଗ ପ୍ରଦାନ କରିଅଛି ବୋଲିବାକୁ ହୁଏ । ଜଣେ ବୌଦ୍ଧିକ ଗଦ୍ୟ ଲେଖକ, କବି ସମାଲୋଚକ ଓ ଗଳ୍ପକାର ଭାବେ ଆଧୁନିକ ଓଡ଼ିଆ ସାହିତ୍ୟକୁ ପ୍ରଭାବିତ କରିଛି । 'ପାଣ୍ଡୁଲିପି' 'କବିତା ୧୯୬୨' ପଲ୍ଲିଶ୍ରୀ, ବାଜିରାଉତ ଆଦି ତାଙ୍କ ଅମଳିନ ବ୍ୟକ୍ତିତ୍ୱର ଉଜ୍ଜ୍ୱଳ ପ୍ରମାଣ । 'ବାର୍ତ୍ତା' କବିତାଟି ସଚ୍ଚିଦାନନ୍ଦ ରାଉତରାୟଙ୍କ 'ପାଣ୍ଡୁଲିପି' କବିତା ସଂକଳନରୁ ସଂଗୃହୀତ । ଆଲୋଚ୍ୟ କବିତାରେ କବି ଦାସତ୍ୱ ବନ୍ଧନରେ ନିଷ୍ପେଷିତ ମଣିଷମାନଙ୍କୁ ମୁକ୍ତିର ସ୍ୱପ୍ନ ଦେଖାଇଛନ୍ତି ।

କବିତାଟିରେ କବିଙ୍କର ଅବହେଳିତ, ନିଷ୍ପେଷିତ, ଶୋଷିତ ଜନତାଙ୍କ ପ୍ରତି ସମ୍ମାନ ଓ ସହାନୁଭୂତି ଜାତ ହୋଇଛି । ଯୁଗଯୁଗ ଧରି ସମାଜର ଧନୀକ ଶ୍ରେଣୀ, ମାଲିକ ଏବଂ ଶିଳ୍ପପତି ଜମିଦାରମାନଙ୍କ ଦ୍ୱାରା ଶୋଷିତ ଏବଂ ଲାଞ୍ଛିତ । ସେମାନେ ନାର୍ଯ୍ୟ ଅଧିକାରରୁ ବଞ୍ଚିତ । ଉଚ୍ଚ ଓ ନୀଚ ମଧ୍ୟରେ ତାରତମ୍ୟ ଦୁର୍ଭେଦୀ ପ୍ରାଚୀର ରୂପେ ସମାଜରେ ଛିଡ଼ା ହୋଇଛି ।

ପ୍ରତିବାଦ କଲେ ନିସ୍ତାର ନାହିଁ । ନାଲିଆଖି ଏବଂ ଚାବୁକ୍‌ର କ୍ରୁର ପ୍ରହାରରେ ଶୋଷିତ ବର୍ଗ ସ୍ଥାଣୁ ଓ ଅଥର୍ବ । ଏହି ଶ୍ରେଣୀହୀନ ସଂଘର୍ଷର ସମାପ୍ତି ପାଇଁ କବି ନୂତନ ବାର୍ତ୍ତା ନେଇଆସିଛନ୍ତି । ସମୟରୂପୀ ଦୂତ ଏକ ନୂତନ ବାର୍ତ୍ତା ମନୁଷ୍ୟ ସମାଜରେ ପ୍ରଚାର କରିଅଛି । ମଣିଷମାନେ କେବଳ ଅତ୍ୟାଚାର ସହିବା ପାଇଁ ଜନ୍ମ ହୋଇନାହାନ୍ତି । ବରଂ ଏହାର ପ୍ରତିବାଦ କରିବା ପାଇଁ ଦୂତ ମଣିଷମାନଙ୍କୁ ରୁକ୍ଷ, ଦୃଢ଼ ଓ ନିର୍ମମ ହେବାପାଇଁ ଚେତାବନୀ ଦେଇଛି । ସେମାନଙ୍କୁ ଯେଉଁମାନେ ଅତ୍ୟାଚାର କରିଛନ୍ତି ସେମାନଙ୍କୁ ଅତ୍ୟାଚାରିତ ମଣିଷ କୈଫିୟତ୍ ତଲବ କରିବା ଉଚିତ୍ । ଆବଶ୍ୟକ ପଡ଼ିଲେ ସମାଜରୁ ସେହି ଅତ୍ୟାଚାରୀ ଗୋଷ୍ଠୀଙ୍କୁ ମୂଳୋତ୍ପାଟନ କରିବା ପାଇଁ ରକ୍ତାକ୍ତ ସଂଗ୍ରାମ କରିବା ଉଚିତ୍ । ଏଥିପାଇଁ ମୃତ୍ୟୁବରଣ କଲେ ମଧ୍ୟ ସେହି ମୃତଭସ୍ମ ସ୍ତୂପରୁ ଜ୍ଞାନରଶ୍ମି ଦିବ୍ୟ ଅନୁଭବ ପାଇଁ ରାସ୍ତା ଉନ୍ମୋଚନ କରିବ । ଅତ୍ୟାଚାରୀର ସମୂଳେ ବିନାଶ ପାଇଁ ଛଞ୍ଚାଣ ଭୂମିକାରେ ଅବତୀର୍ଣ୍ଣ ହେବାକୁ କବିଙ୍କ ଆହ୍ୱାନ । ଫଳରେ ସମାଜରେ ଧନୀ ନିର୍ଦ୍ଧନ ରହିବେ ନାହିଁ । ସମସ୍ତେ ସମାଜରେ ସମାନ ହେବେ । ଉଚ୍ଚ ନୀଚର ପାଚେରୀ ଉଠିଯିବ । ସମତାର ରାଜତ୍ୱ ସମସ୍ତଙ୍କ ମୁହଁରେ ହସର ଝଲକ ସୃଷ୍ଟି କରିବ । ବାସୁଧୈବ କୁଟୁମ୍ବକମ୍ ପରିକଳ୍ପନା ବାସ୍ତବ ରୂପରେଖ ନେବ ।

ଭିନ୍ନ ଦୁନିଆର ପରିକଳ୍ପନା ବେଶ୍ କବି ଦୃଷ୍ଟିରେ ସ୍ୱାଗତଯୋଗ୍ୟ ତଥା ଚିର ବନ୍ଦନୀୟ ।

**(ଘ) 'ବାର୍ତ୍ତା' କବିତାରୁ କବିଙ୍କ ସର୍ଜନଶୀଳତାର ବୈଶିଷ୍ଟ୍ୟ ଉପସ୍ଥାପନ କର ।**

**ଉ:** ସଚ୍ଚିଦାନନ୍ଦ ରାଉତରାୟ ଜଣେ ସୁସାହିତ୍ୟିକ ସମାଲୋଚକ, କାବ୍ୟିକ ସାହିତ୍ୟ ସଂଗଠକ ଓ ଯୁଗସ୍ରଷ୍ଟା କବିଭାବେ ତାଙ୍କର ଖ୍ୟାତି ସମଗ୍ର ଉତ୍କଳ ସାହିତ୍ୟକୁ ଆଧୁନିକ ଯୁଗରେ ପ୍ରଭାବିତ କରିଛି । କବି ରାଉତରାୟ ଓଡ଼ିଆ ସାହିତ୍ୟର ଜଣେ ନିରଳସ ସାହିତ୍ୟ ସାଧକ ଭାବେ ବହୁଚର୍ଚ୍ଚିତ । ଆଲୋଚ୍ୟ 'ବାର୍ତ୍ତା' କବିତାଟି ସଚ୍ଚିବାବୁଙ୍କ 'ପାଣ୍ଡୁଲିପି' କବିତା ସଂକଳନରୁ ସଂଗୃହୀତ । ଏଥିରେ କବି ସାମ୍ୟବାଦର ଚେତନାକୁ ଖଟିଖିଆ ମେହନତ ମଣିଷ ଜରିଆରେ ପ୍ରତିଷ୍ଠା

(ଙ) "ଜୟଲଭୁ କ୍ରୁଶର ସାଧନା"–ପଂକ୍ତିରେ ସମଗ୍ର କବିତାର ଭାବାଦର୍ଶ କିପରି ପ୍ରତିଫଳିତ– ଆଲୋଚନା କର ।

ଉ: ସଚ୍ଚିଦାନନ୍ଦ ରାଉତରାୟ ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟର ଏକ ସଫଳ କାବ୍ୟ ପ୍ରତିଭା । ଆଲୋଚ୍ୟ କବିତା 'ବାର୍ତ୍ତା' କବିଙ୍କର 'ପାଣ୍ଡୁଲିପି' କବିତା ସଂକଳନରୁ ଆନୀତ । ଆଲୋଚ୍ୟ କବିତାରେ କବି ଶତାବ୍ଦୀ ଶତାବ୍ଦୀ ଧରି ମଣିଷ ମଣିଷ ମଧ୍ୟରେ ଥିବା ପ୍ରାଚୀର ଓ ବିଭେଦକୁ ଦୂର କରିବାପାଇଁ ଆହ୍ୱାନ ଦେଇଛନ୍ତି । ପ୍ରାଚୀନ ସମୟରେ ପାରମ୍ପରିକ ପ୍ରକ୍ରିୟା କ୍ରମେ ଜମିଦାର ଗୋଷ୍ଠୀ, ଧନୀକ ଶ୍ରେଣୀ, ବ୍ରାହ୍ମଣ, ମନ୍ଦିର ପୂଜକ ପ୍ରଭୃତି ସାଧାରଣ ଲୋକମାନଙ୍କ ଉପରେ ନିରବଚ୍ଛିନ୍ନ ଅତ୍ୟାଚାର ଚଳାଇ ଆସୁଥିଲେ ମଣିଷ ପଶୁଠାରୁ ମଧ୍ୟ ଏହି ସମୟରେ ଅତ୍ୟନ୍ତ ହୀନ ଓ ନଗଣ୍ୟ ଭାବେ ଜୀବନଯାପନ କରୁଥିଲା । ଆଜୀବନ ଶ୍ରମଦାନ କରି ମଧ୍ୟ ନିଜ ବାଟ ଚାଖଣ୍ଡକୁ ପୁରାଇପାରୁନଥିଲା ।

ରକ୍ତାକ୍ତ ବିପ୍ଳବ ଦରକାର । ଭେଦଭାବର ପାଚେରୀ ଭାଙ୍ଗିବାକୁ ହେଲେ ଅମାପ ଶକ୍ତି ମାଧ୍ୟମରେ ପ୍ରତିରୋଧ କରି ବଞ୍ଚିବାର ସ୍ୱପ୍ନ ଦେଖିବା ଦରକାର । ପ୍ରଗତିବାଦୀ ଚେତନାଯୁକ୍ତ ଭାବାଦର୍ଶ ସହିତ ଯିଶୁ ଖ୍ରୀଷ୍ଟଙ୍କ ଜୀବନଦାନ ସଂପର୍କରେ ଆଲୋକପାତ କରିବା ଉଚିତ୍ ।

ଯିଶୁ ଥିଲେ ମହାମାନବ । ନିଜର ତପସ୍ୟାରେ ସିଦ୍ଧିଲାଭ କରି ସେ ଈଶ୍ୱରଙ୍କ ବାଣୀକୁ ସେଠାରେ ପ୍ରଚାର କରି ଯଥେଷ୍ଟ ପ୍ରସିଦ୍ଧ ହାସଲ କରିଛି । ରୋମର ଶାସକଙ୍କ ନିର୍ଦ୍ଦେଶକ୍ରମେ ଯିଶୁଙ୍କୁ କ୍ରୁଶବିଦ୍ଧ କରାଯାଉଥିଲା । ଯିଶୁ ମୃତ୍ୟୁବରଣ କରିଥିଲେ ମଧ୍ୟ ତାଙ୍କ ପ୍ରଦର୍ଶିତ ମାର୍ଗ ଓ ଧର୍ମଧାରା । ଏବେ ମଧ୍ୟ ବିଶ୍ୱରେ ଅନୁସୃତ । ଯିଶୁଙ୍କ ଆତ୍ମବଳୀରୁ ଏହା ହିଁ ସ୍ପଷ୍ଟ । କବିଙ୍କ ଭାଷାରେ–

"ସେହି ତୋର ମହାଧର୍ମ
ତୋ ଶ୍ରେଣୀ-ଚେତନା
ଭସ୍ମ ମଧ୍ୟ ଘେନ ଏହି ଦୀକ୍ଷା,
ଧନ୍ୟହେଉ ଉତ୍ପୀଡ଼ନ
ଜୟ ହେଉ ପୀଡ଼ନର
ଜୟ ଲଭୁ କ୍ରୁଶର ସାଧନା ।"

ଅର୍ଥାତ୍ ଯିଶୁଖ୍ରୀଷ୍ଟ ଯେଉଁ ନିଷ୍ଠୁର ଅତ୍ୟାଚାରର ସମ୍ମୁଖୀନ ହୋଇ ମୃତ୍ୟୁବରଣ କରିଥିଲେ ସେହି ଯିଶୁଙ୍କର ସାଧନା କେବେ ବି ବ୍ୟର୍ଥ ନହେଉ ।

ଏହି ଦୃଷ୍ଟିକୋଣରୁ ଆମ ସମାଜରେ ନିରୀହ ଜନସାଧାରଣଙ୍କ ଉପରେ ଚାଲିଥିବା ନିଷ୍ଠୁର ଅତ୍ୟାଚାରକୁ କବି ପ୍ରତିରୋଧ କରିବାକୁ ଚେଷ୍ଟା କରିଛନ୍ତି । ଏହି ଅତ୍ୟାଚାର କେବଳ ଶାରୀରିକ ନୁହେଁ । ସାମାଜିକ, ରାଜନୈତିକ, ଧାର୍ମିକ ଓ ଅର୍ଥନୈତିକ । ଏଥିପାଇଁ ଶତାବ୍ଦୀର ସିଂହଦ୍ୱାରରୁ ଆସିଥିବା ଦୂତ ଏକ ନୂତନ ବାର୍ତ୍ତା ମନୁଷ୍ୟର ସମାଜରେ ପ୍ରଚାର କରିଅଛି । ମଣିଷମାନେ ଅତ୍ୟାଚାର ସହିବା ପାଇଁ ଜନ୍ମ ହୋଇନାହାନ୍ତି । ବରଂ ଏହାର ପ୍ରତିବାଦ କରିବା ପାଇଁ ଦୂତ ମଣିଷମାନଙ୍କୁ ରୁକ୍ଷ ଦୃଢ଼ ଓ ନିର୍ମମ ହେବାପାଇଁ ଚେତାବନୀ ଦେଇଛି । ଶୋଷକ ଶ୍ରେଣୀକୁ କୈଫିୟତ ତଲବ କରିଛି । ଆବଶ୍ୟକ ପଡ଼ିଲେ ସମାଜରୁ ସେହି ଅତ୍ୟାଚାରୀ ଗୋଷ୍ଠୀକୁ ମୂଳୋତ୍ପାଟନ କରିବା ପାଇଁ ରକ୍ତାକ୍ତ ସଂଗ୍ରାମ କରିବା ଉଚିତ୍ । ଯେଉଁମାନେ ଅତ୍ୟାଚାରକୁ ସହ୍ୟ କରି ନପାରି ମୃତ୍ୟୁବରଣ କରିଛନ୍ତି, ମୃତ ବ୍ୟକ୍ତିଙ୍କ ଭସ୍ମସ୍ତୁପ ମଧ୍ୟରୁ ସେମାନେ ଜ୍ଞାନ ରଶ୍ମି ଲାଭକରି ଅନ୍ତତଃ ଅନୁଭବ କରନ୍ତୁ ଯେ ସେମାନଙ୍କ ଉପରେ କେଉଁମାନେ କେଉଁ କାରଣରୁ ନିର୍ଯାତନା ଦେଇଛନ୍ତି । ଏହାକୁ ବୁଝିସାରିବା ପରେ ସେହି ଅତ୍ୟାଚାରୀ ଶୋଷଣକାରୀମାନଙ୍କୁ ନିର୍ମୂଳକରିବା ପାଇଁ ସେମାନେ ଛଆଣ ଭୂମିକାରେ ଅବତୀର୍ଣ୍ଣ ହୁଅନ୍ତୁ କବି ଏହାହିଁ କାମନା କରିଛନ୍ତି । ଏହି ଉଦ୍ଦେଶ୍ୟରେ ଜୟଲଭୁ କ୍ରୁଶର ସାଧନା ବୋଲି କବି ଯଥାର୍ଥରେ କହିଛନ୍ତି ।

□□□

# ତୃତୀୟ ଏକକ

# ଗଳ୍ପ

## ସଭ୍ୟ ଜମିଦାର

✍ ଫକୀରମୋହନ ସେନାପତି

**ଗାଳ୍ପିକ ପରିଚୟ :**

ଆଧୁନିକ ଓଡ଼ିଶାର ବରପୁତ୍ର ହେଉଛନ୍ତି ବ୍ୟାସକବି ଫକୀରମୋହନ ସେନାପତି । ସେ ସରସ୍ୱତୀ ଫକୀରମୋହନ ଭାବରେ ପରିଚିତ । ଆଧୁନିକ ଓଡ଼ିଆ ସାହିତ୍ୟର ନବନିର୍ମାତା ଫକୀରମୋହନ ବହୁ ଗୌରବର ଅଧିକାରୀ । ସେ ଏକାଧାରରେ ଥିଲେ ଅନୁବାଦକ, ପାଠ୍ୟପୁସ୍ତକ ପ୍ରଣେତା, ଭ୍ରମଣବୃତ୍ତାନ୍ତର ଲେଖକ, ପ୍ରାବନ୍ଧିକ, ଆତ୍ମଜୀବନୀ ଲେଖକ, କବି ଓ କଥାକାର । ସେ ଉଭୟ ଉପନ୍ୟାସ ଓ ଗଳ୍ପ କ୍ଷେତ୍ରରେ ପ୍ରସିଦ୍ଧି ଅର୍ଜନ କରିଛନ୍ତି । ଓଡ଼ିଆ ସାହିତ୍ୟର ପ୍ରଥମ ଗଳ୍ପ 'ରେବତୀ' (୧୯୯୮)ର ସେ ସ୍ରଷ୍ଟା । ସେହିପରି ଆଧୁନିକ ଓଡ଼ିଆ କଥାସାହିତ୍ୟର ପ୍ରଥମ ବାସ୍ତବଧର୍ମୀ ଉପନ୍ୟାସ 'ଛ'ମାଣ ଆଠଗୁଣ୍ଠ'ର ସେ ଔପନ୍ୟାସିକ । ଓଡ଼ିଶାର ସାମାଜିକ ଜୀବନକୁ ନେଇ ତାଙ୍କ କ୍ଷୁଦ୍ରଗଳ୍ପ ଏବଂ ଉପନ୍ୟାସ ଗଢ଼ିଉଠିଛି । ନାରୀଶିକ୍ଷା, ବାଲ୍ୟବିବାହ, କନ୍ୟାସୁନା ଓ ଧାର୍ମିକ ଶଠତା ତଥା ମହାଜନୀ ଶୋଷଣକୁ ଭିତ୍ତିକରି ତାଙ୍କ ଗଳ୍ପର ବସ୍ତୁବିନ୍ୟାସ ଘଟିଛି । ଏହାବ୍ୟତୀତ ଇଂରାଜୀ ଶିକ୍ଷାପ୍ରାପ୍ତ ଯୁବକ ଯୁବତୀଙ୍କ ସ୍ୱେଚ୍ଛାଚାରିତା ପ୍ରତି ସେ ବ୍ୟଙ୍ଗ ଓ ବିଦ୍ରୁପ କରିଛନ୍ତି । ବସ୍ତୁବିନ୍ୟାସରେ ବୈଚିତ୍ର୍ୟ ସୃଷ୍ଟି ତାଙ୍କ ଅପୂର୍ବ ଗଳ୍ପ ରଚନାର ଦକ୍ଷତାର ପରିଚୟ ।

୬(ଘ) ପ୍ରାୟ ତିରିଶ ଗୋଟି ଶବ୍ଦରେ ଉତ୍ତର ଦିଅ । ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଉତ୍ତର ପାଇଁ ୨ ନମ୍ବର ।

ପ୍ର.୧. କଲିକତି ଧୂଆଁପତ୍ରର ନାମ ବାଲେଶ୍ୱରୀ ବୋଲି କାହିଁକି କୁହାଯାଉଥିଲା ?

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ବାବୁ ବଳରାମ ବଳଙ୍କର କଲିକତା ବଡ଼ବଜାରରେ ମହାଜନୀ କାରବାର ହୁଏ । ସେଠାକୁ ଉତ୍କଳର ସମସ୍ତ ବେପାରୀ ଆସନ୍ତି । ଲକ୍ଷ ଲକ୍ଷ ଟଙ୍କାର କାରବାର ହୁଏ । ବାଲେଶ୍ୱର ଜାହାଜରେ ମାଲ୍ ଆମଦାନୀ ହୁଏ । କଲିକତାକୁ ଆମଦାନୀ ମାଲ୍ ମଧ୍ୟରେ ଧୂଆଁପତ୍ର ପ୍ରଧାନ; ହେଲେ ବାଲେଶ୍ୱରୀ ଲୋକେ ଧୂଆଁପତ୍ର ଗଛ କେବେ ଦେଖିନାହାନ୍ତି ।

ପ୍ର.୨. ଗୋପାଳ କିପରି ମହାଜନ ବଳରାମଙ୍କ କଲିକତା ଗଦିରେ ପହଞ୍ଚିଥିଲା ?

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ବାବୁ ବଳରାମ ବଳଙ୍କ ଘର ଯାଜପୁର ଅଞ୍ଚଳରେ । ମହାଜନ ଥରେ ଗ୍ରାମକୁ ଆସିଥିଲେ । ଦଶ-ବାରବର୍ଷର ଛେଉଣ୍ଡ ପିଲା ଗୋପାଳିଆ ଗ୍ରାମରେ ବୁଲୁଥିଲା । ଗୋପାଳିଆ ବିଶ୍ୱସ୍ତ, ସଚ୍ଚୋଟ, କର୍ମଠ, ଧୀର ଓ ଜାତିପୁଅ । ତେଣୁ ଶ୍ରଦ୍ଧାରେ ଗୋପାଳକୁ ଜମିଦାର କଲିକତା ନେଇଯାଇଥିଲେ ।

ପ୍ର.୩. କେଉଁ କଥାକୁ ହେଜ ନ ଥାଇ ବାବୁ ବଳରାମ ଗଦି ବନ୍ଦକରି ଉଠିଯାଇଥିଲେ ?

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ବାବୁ ବଳରାମ ବଳଙ୍କ ଗଦିରେ ଯେଉଁଦିନ ଠାରୁ ଗୋପାଳ ଯୋଗଦେଲା ତତ୍‌ପୂର୍ବରୁ କଲିକତାରେ ଗଦି ବୁଝିବା ବିଶ୍ୱସ୍ତ ଲୋକ ନ ଥିବାରୁ ଗଦି ବନ୍ଦ କରି ବଳରାମବାବୁ ଉଠିଯାଉଥିଲେ ।

**ପ୍ର.୪. କେଉଁକଥା କଲିକତାର ସବୁ ଗଦିର ଦସ୍ତୁର ବୋଲି କୁହାଯାଇଛି ?**

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ଦଣ୍ଡିମରା, ଠକେଇ ଆଦି ଥିବାରୁ କଲିକତାର ସବୁ ଗଦିର ଦସ୍ତୁର ସେୟା ବୋଲି କୁହାଯାଇଛି ।

**ପ୍ର.୫. ବାବୁ ବଳରାମ କାହିଁକି ଗୋପାଳକୁ ଦଣ୍ଡେ ଯାଏ ଅନାଇଥିଲେ ?**

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ବାବୁ ବଳରାମ ଗୋପାଳର ବିଶ୍ୱସ୍ତ ଚେହେରାକୁ ଦେଖି ଦଣ୍ଡେଯାଏଁ ଅନାଇ ରହିଥିଲେ । ଗୋପାଳ ବଳରାମବାବୁଙ୍କ ଗ୍ରାମର ଏକ ଛେଉଣ୍ଡ ପିଲା ହୋଇଥିବାରୁ ବାବୁ ବଳରାମଙ୍କ ହୃଦୟରେ ଦୟାଭାବ ସୃଷ୍ଟି ହୋଇଥିଲା ।

**ପ୍ର.୬. ଗୋପାଳ ପ୍ରତି ବାବୁ ବଳରାମଙ୍କ ଶ୍ରଦ୍ଧା ସଂପର୍କରେ କ'ଣ କୁହାଯାଇଛି ?**

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ଗୋପାଳପ୍ରତି ବାବୁ ବଳରାମଙ୍କ ଶ୍ରଦ୍ଧା ବହୁଗୁଣିତ ହୋଇଯାଇଥିଲା କାରଣ ଗୋପାଳ ନିଜ ଗ୍ରାମର ଓ ଜାତିର ପିଲା ଥିଲା । ଗୋପାଳ ନିରୀହ, ବିଶ୍ୱସ୍ତ ଏବଂ ସଚ୍ଚୋଟ ଥିଲା ସେଥିପାଇଁ ଗୋପାଳ ପ୍ରତି ବଳରାମବାବୁଙ୍କର ଶ୍ରଦ୍ଧା ବଢ଼ିଯାଇଥିଲା । ଏପରିକି ସୁନାମୋହର ପ୍ରତି ଲୋଭ ଗୋପାଳର ନ ଥିଲା ।

**ପ୍ର.୭. କେଉଁ ପରିସ୍ଥିତିରେ ଗୋପାଳ ରନ୍ଧାବଢ଼ା ଦାୟିତ୍ୱ ନେଇଥିଲା ?**

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ମହାଜନ ବାବୁ ବଳରାମ ବଙ୍ଗାଳୀଙ୍କ ହାତରୁ ଖାଦ୍ୟ ଖାଆନ୍ତି ନାହିଁ । ଗ୍ରାମରେ ଥଳି ହଜିଯାଇଥିବାରୁ ମନରେ ବିଷାଦ ଥିଲା । ରୋଷେୟା ମଧ୍ୟ ପାଖରେ ନଥିଲେ । ଏହି ପରିସ୍ଥିତିରେ ରୋଷେଇ ସଂପର୍କରେ ସାଧାରଣ ଜ୍ଞାନ ଥିବା ଗୋପାଳ ରନ୍ଧାବଢ଼ା ଦାୟିତ୍ୱ ନେଇଥିଲା ।

**ପ୍ର.୮. ବେପାରରେ ଗୋପାଳ କିପରି, ବାବୁ ବଳରାମଙ୍କ ଡାହାଣ ହାତ ହୋଇଥିଲା ?**

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ବେପାରରେ ଗୋପାଳ ବାବୁ ବଳରାମଙ୍କର ବିଶ୍ୱାସଭାଜନ ହୋଇପାରିଥିଲା । ମାଲ୍ କିଣାବିକା ସଂପର୍କରେ ଗୋପାଳ ବେଶ୍ ଚତୁର ହୋଇଯାଇଥିଲା । ବେପାରରେ ଗୋପାଳ ବାବୁଙ୍କଠାରୁ ବଳିପଡ଼ିଥିଲା । ବେଶୀ ଦି'ପଇସା କିପରି ଲାଭ ହେବ ସେଥିପାଇଁ ଚିନ୍ତା କରୁଥିଲା । ତେଣୁ ବେପାରରେ ବାବୁ ବଳରାମଙ୍କର ଡାହାଣ ହାତ ହୋଇଥିଲା ।

**ପ୍ର.୯. ବାବୁ ଗୋପାଳଚନ୍ଦ୍ର ମହାପାତ୍ର କେଉଁ କଥାସବୁ ସନ୍ଧାନ କରି ବୁଝିଥିଲେ ?**

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ବାବୁ ଗୋପାଳଚନ୍ଦ୍ର ମହାପାତ୍ର କେଉଁଠାରୁ କେଉଁ ଜିନିଷ କିଣିଲେ ଶସ୍ତା ହେବ ଏବଂ ବ୍ୟବସାୟରେ ଲାଭ ହେବ

ସେ କଥା ସବୁ ସନ୍ଧାନ କରି ବୁଝୁଥିଲା ।

**ପ୍ର.୧୦. ମହାଜନଙ୍କ ଅନୁମତି ଘେନି ସାନବାବୁ ଗୋପାଳଚନ୍ଦ୍ର କ'ଣ କରିଥିଲେ ?**

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ମହାଜନଙ୍କ ଅନୁମତି ଘେନି ସାନବାବୁ ଗୋପାଳଚନ୍ଦ୍ର ମହାପାତ୍ର ସଳଖେ ସଳଖେ ଠିକଣା ଜାଗାକୁ ଚାଲିଯାଉଥିଲେ ମଝିରେ ଆଉ କାହାରିକୁ ନଗା ନ ରଖି ଚାଷମୁଣ୍ଡରେ ଚାଷୀମାନଙ୍କ ଠାରୁ ସଉଦା କରୁଥିଲେ । ଦୁଇବର୍ଷ ଏହିପରି କାମ କରିବାରୁ ପୂର୍ବଠାରୁ ଦୁଇଗୁଣ ଲାଭ ବଢ଼ିଥିଲା ।

**ପ୍ର.୧୧. "ବଳେ ଏବେ ତୁନି ହୋଇ ଗଦିରେ ମାଳା ଗଡ଼ାଉଥାନ୍ତି" -ଏହା କେଉଁ ପ୍ରସଙ୍ଗରେ କୁହାଯାଇଛି ?**

ଉ. ଗାଳ୍ପିକ – ଫକୀରମୋହନ ସେନାପତି

ଗଳ୍ପ – ସଭ୍ୟ ଜମିଦାର

'ବଳେ ଏବେ ତୁନି ହୋଇ ଗଦିରେ ମାଳା ଗଡ଼ାଉଥାନ୍ତି' -ଏହାର ତାତ୍ପର୍ଯ୍ୟ ହେଲା, ଗୋପାଳ ମହାପାତ୍ର ଜମିଦାର ବଳଙ୍କର ଡାହାଣ ହାତ ହୋଇସାରିଥିଲା । ବିଶ୍ୱାସରେ ବ୍ୟବସାୟକୁ ପରିଚାଳନା କରୁଥିଲା । ବ୍ୟବସାୟରେ ଲାଭ ଅଧିକ ହେବାପାଇଁ ଚାଷୀମାନଙ୍କଠାରୁ ସଉଦା କରୁଥିଲା । ଏହା ଦେଖି ଜମିଦାର ବଳଙ୍କର ବିଶ୍ୱାସ ବଢ଼ିଯାଇଥିଲା । ତେଣୁ ସେ ଗଦିରେ ବସି ମାଳା ଗଡ଼ାଉଥିଲେ ।

**ପ୍ର.୧୨. ରାଜୀବଙ୍କ ସଂପର୍କରେ ଅସଲ କଥାଟା କ'ଣ ଥିଲା ?**

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ରାଜୀବ ସଂପର୍କରେ ଅସଲ କଥାଟି ହେଲା- ରାଜୀବ ପାଠପଢ଼ିବା ପାଇଁ ଚାହୁଁ ନଥିଲା । ଖେଳ, ମଜା ମଜଲିସ୍ ଚାହୁଁଥିଲା । ଠିକ୍ ରାସ୍ତାକୁ ଆସିବାପାଇଁ ଅଭିଭାବକ ନ ଥିଲେ । ସେ ଯାହା ଚାହୁଁଥିଲା ତାହା କରିଯାଉଥିଲା ।

**ପ୍ର.୧୩. ବାପ-ପୁଅ ଦୁହିଁଙ୍କ ମନ କାହିଁକି ଖୁସି ହୋଇଥିଲା ?**

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ବାପପୁଅ ଦୁହିଁଙ୍କ ମନ ଖୁସି ହେବାର କାରଣ ହେଲା, ପାଠରେ ରାଜୀବ ମିଛ କହି ଢେର ପଢ଼ିଗଲିଣି ବୋଲି ବାପା ଆଗରେ ସଫେଇ ଦେଇଥିଲା । ଫଳରେ ବାପ ପୁଅ ଦୁହିଁଙ୍କ ମନ ଖୁସି ।

**ପ୍ର.୧୪. ବାବୁ ରାଜୀବଙ୍କ ଇଂରାଜୀ ପାଠପଢ଼ାର ପରବର୍ତ୍ତୀ ଘଟଣା କ'ଣ ଥିଲା ?**

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ବାବୁ ରାଜୀବଙ୍କ ଇଂରାଜୀ ପାଠପଢ଼ାର ପରବର୍ତ୍ତୀ ଘଟଣାରେ ସେ ବିପଥଗାମୀ ହୋଇଥିଲା । କଲିକତା ସହରର ସୁବିଧାବାଦୀ ଲୋକ ଫାଇଦା ଉଠାଉଥିଲେ । ରାଜୀବ ସଭ୍ୟତା ନାମରେ ସଭ୍ୟ ଜମିଦାର ହେବାକୁ ଚାହୁଁଥିଲେ ।

**ପ୍ର.୧୫. ପିତାଙ୍କ ମୃତ୍ୟୁପରେ ରାଜୀବଲୋଚନ କ'ଣ କହିଥିଲେ ?**

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ପିତାଙ୍କ ମୃତ୍ୟୁରେ ରାଜୀବଲୋଚନ ବାପାଙ୍କର ବ୍ରାହ୍ମଣ ଡାକି ଶ୍ରାଦ୍ଧ କରିବାଟା କୁସଂସ୍କାର ବୋଲି କହିଥିଲା । ବରଂ

ସଭାଗୃହରେ ଭୋଜ ଆଉ ଦରଦ୍ର ଅର୍ଥ ବିତରଣ, ଡାକ୍ତରଖାନାମାନଙ୍କୁ ଚାନ୍ଦା ଦିଆଯିବା ବୋଲି ପ୍ରସ୍ତାବ ଦିଆଯାଇଥିଲା ।

**ପ୍ର.୧୬. ମହାଜନ ବଳବାବୁ ରାଜୀବଙ୍କ ଭବିଷ୍ୟତ ପାଇଁ କ'ଣ ଚିନ୍ତା କରିଥିଲେ ?**

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ମହାଜନ ବଳବାବୁ ରାଜୀବଙ୍କ ଭବିଷ୍ୟତପାଇଁ ପିଲାଟି ଦିନରୁ ଅନେକ ଯତ୍ନ କରିଥିଲେ । ସେ ଇଚ୍ଛା କରିଥିଲେ ପିତୃ କାର୍ଯ୍ୟରେ ଉତ୍ତରାଧିକାରୀ ହେଉ । ସେ ଆଶା କରିଥିଲେ କାମରେ ବାପାଠାରୁ ବଳିପଡ଼ିବ ।

**ପ୍ର.୧୭. ବାବୁ ରାଜୀବ ଗଦିରେ ବସିବାର ପରିଣତି କ'ଣ ହୋଇଥିଲା ?**

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ବାବୁ ରାଜୀବ ଗଦିରେ ବସିବା ପରେ ବ୍ୟବସାୟ କରିବା ପ୍ରତି ମନ ନଥିଲା । କିନ୍ତୁ ମହାଜନ ଧରାଧରି କରି ବସାଇଥିଲେ । ମଙ୍ଗଳବାର ଓ ଶନିବାର ରାତିରେ କୁଆଡ଼େ ଚାଲିଯାଏ । ଯେଉଁ କାମ ଦେଲେ ଲାଭ ଥାଉ, ମୂଳରୁ ତୁଟି ଯାଉଥିଲା ।

**ପ୍ର.୧୮. ବାବୁ ରାଜୀବଙ୍କ ମନରେ କେଉଁ କଥାଟା ଲାଖି ଯାଇଥିଲା ?**

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ବାବୁ ରାଜୀବଙ୍କ ମନରେ ସଭା, ସମିତି, କୁସ୍ଥାନ ଗମନ, ମଜା ମଜଲିସ୍, ବକ୍ତୃତା ଦେବା, କବିତା ପାଠ କରିବା ପ୍ରତି ମନ ଲାଖି ଯାଇଥିଲା ।

**ପ୍ର.୧୯. ଗଙ୍ଗାଧର ମହାନ୍ତିଙ୍କ ସଂପର୍କରେ କ'ଣ କୁହାଯାଇଛି ?**

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ପୁରୁଣା ବୁଢ଼ା ପାଞ୍ଜିଆ ଗଙ୍ଗାଧର ମହାନ୍ତି ଜମିଦାରଙ୍କୁ ଗଦିରେ ବସାଇଦେଲେ । ତାଲୁକ କିଣାଦିନ ଠାରୁ ମହାନ୍ତି ସେଠ ପାଞ୍ଜିଆ କାମରେ ଥିଲେ । ସେ ବଡ଼ ବିଶ୍ୱାସୀ କାମଦାର ଲୋକ, ସାଆନ୍ତାଣୀଙ୍କ ଡାହାଣ ହାତ । ତାଙ୍କ ଯତ୍ନରେ ଜମିଦାରୀର ଆୟ ଖୁବ୍ ବଢ଼ିଯାଇଥିଲା ।

**ପ୍ର.୨୦. ନୂଆ ଜମିଦାରଙ୍କ ଆହ୍ୱାନରେ ଶାମପୁର ଗ୍ରାମରେ କ'ଣ ଘଟିଥିଲା ?**

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ନୂଆ ଜମିଦାରଙ୍କ ଆହ୍ୱାନରେ ଶ୍ୟାମପୁର ଗ୍ରାମରେ ଶିକ୍ଷିତ କୁସଂସ୍କାର ବର୍ଜିତ ଲୋକ ଅଛନ୍ତି କି ନାହିଁ ଖୋଜିବସିଲେ । ପ୍ରାଇମେରୀ, ଅପର୍ ପ୍ରାଇମେରୀ ପାଶ୍ ଏବଂ ଛାତ୍ରବୃତ୍ତି ଫେଲ୍ ଢେର୍ ଶିକ୍ଷିତ ସ୍ୱାଧୀନମନା ଲୋକ ଗ୍ରାମରେ ବୁଲୁଥିଲେ । ଜମିଦାରଙ୍କ ଆହ୍ୱାନରେ ତୁରନ୍ତ ହାଜର ହୋଇଗଲେ ।

**ପ୍ର.୨୧. ନୂଆ ଜମିଦାରଙ୍କ ଆଦ୍ୟ ବକ୍ତୃତାର ସାରମର୍ମ କ'ଣ ଥିଲା ?**

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ନୂଆ ଜମିଦାରଙ୍କ ଆଦ୍ୟ ବକ୍ତୃତାର ସାରମର୍ମ ହେଲା- ହେ ସଭ୍ୟ ମହୋଦୟଗଣ ! ଏ ଦେଶର ଦୁଃଖଦୁର୍ଦ୍ଦଶାର

କାରଣ ଲୋଡ଼ିଲେ ଦିନ ଆଲୁଅ ପରି ଜଣାଯିବ । ମୂର୍ଖତା, କୁସଂସ୍କାର ଲୋପ ପାଇଯିବ ।

**ପ୍ର.୨୨. ବାବୁ ହରିବୋଲ କାହିଁକି ଚାକିରି ଛାଡ଼ି ଦେଇଥିଲେ ?**

**ଉ.** ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ବାବୁ ହରିବୋଲ ପଟ୍ଟନାୟକ ଶ୍ୟାମପୁର ଗ୍ରାମର ଇଂରାଜୀ ମାଇନର୍ ପାଶ୍ ବ୍ୟକ୍ତି । ସେ ବିଦୁପୁର ପୋଷ୍ଟଅଫିସ୍‌ର ସବ୍-ପୋଷ୍ଟମାଷ୍ଟର ଥିଲେ । ସେ ଅଯୋଗ୍ୟ ଲୋକ ହେଲେ ମଧ୍ୟ ଚାଟୁକାର ଥିଲେ । ନୂଆ ଜମିଦାରଙ୍କ ଆଦେଶରେ ସେ ଚାକିରୀ ଛାଡ଼ି ଦେଇଥିଲେ ।

**ପ୍ର.୨୩. ହରିବୋଲ ବାବୁ କାହାର ସଂପାଦକ ହୋଇଥିଲେ ଓ ତାଙ୍କ ଦାୟିତ୍ୱରେ ସଭାକାର୍ଯ୍ୟ କିପରି ଚାଲିଥିଲା ?**

**ଉ.** ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ହରିବୋଲ ବାବୁ ଜ୍ଞାନବର୍ଦ୍ଧିନୀ ଓ ସ୍ତ୍ରୀ ସ୍ୱାଧିନତା ବିବର୍ଦ୍ଧିନୀ ଯୋଡ଼ିଏ ସଭାର ସମ୍ପାଦକ ହୋଇଥିଲେ । ତାଙ୍କ ଦାୟିତ୍ୱରେ ସଭାକାର୍ଯ୍ୟ ଚାଲୁଥିଲା ।

**ପ୍ର.୨୪. ପଟ୍ଟନାୟକଙ୍କୁ ମା'ସାଆନ୍ତାଣୀ ନୂଆ ଜମିଦାରଙ୍କ ସମ୍ପର୍କରେ କ'ଣ କହିଥିଲେ ?**

**ଉ.** ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ପଟ୍ଟନାୟକଙ୍କୁ ମା'ସାଆନ୍ତାଣୀ ନୂଆ ଜମିଦାରଙ୍କ ସଂପର୍କରେ କେତେକ କଥା କହିଥିଲେ । ରୋଜ ରୋଜ ଟଙ୍କା ଦାଖଲ କରି ବୁଢ଼ା ପଟ୍ଟନାୟକ ହଇରାଣ । ମା'ସାଆନ୍ତାଣୀ କହିଥିଲେ- "ନିଜେ ମୂର୍ଖ, କିଛି ବୁଝିବାର ନାହିଁ । ମୂଳକର ଚୋର ରୁଣ୍ଡ, ଟିକିଏ ଧର୍ମଭାବ ଭଲା ଥା'ନ୍ତା ।"

**ପ୍ର.୨୫. ହରିବୋଲବାବୁ ଉଭୟ ସଭା ଓ ଜମିଦାରୀ କାର୍ଯ୍ୟ କିପରି ତୁଲାଇଥିଲେ ?**

**ଉ.** ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ହରିବୋଲି ବାବୁ ଉଭୟ ଜ୍ଞାନବର୍ଦ୍ଧିନୀ ଓ ସ୍ତ୍ରୀ ସ୍ୱାଧୀନତା ବିବର୍ଦ୍ଧିନୀ ସଭା ଓ ଜମିଦାରୀ କାର୍ଯ୍ୟ ବୁଝୁଥିଲେ । ଏଥିରେ ତାଙ୍କର ସ୍ୱାର୍ଥ ନିହିତ ଥିଲା ।

**ପ୍ର.୨୬. ମା'ସାଆନ୍ତାଣୀଙ୍କ ଦିନ କିପରି କଟୁଥିଲା ?**

**ଉ.** ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ମାଆ ସାଆନ୍ତାଣୀ ଘରୁ ବାହାରିଯାଇ ରାଧାକୃଷ୍ଣ ମନ୍ଦିରରେ ଦିନ କାଟୁଥିଲେ । ପ୍ରତିଦିନ ସନ୍ଧ୍ୟା ସମୟରେ ଠାକୁର ପ୍ରସାଦ ହବିଷ୍ୟାନ୍ନ କରୁଥିଲେ ।

**ପ୍ର.୨୭. 'ଦେଶୀକନ୍ୟା'ଙ୍କ ସମ୍ପର୍କରେ ରାଜୀବଲୋଚନ ପଟ୍ଟନାୟକଙ୍କୁ କ'ଣ କହିଥିଲେ ?**

**ଉ.** ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ଦେଶୀ କନ୍ୟା ଅଶିକ୍ଷିତା, ଗାଉଁଲି ବୋଲି ରାଜୀବଲୋଚନ ପଟ୍ଟନାୟକଙ୍କୁ କହିଥିଲେ ।

**ପ୍ର.୨୮. ବରଯାତ୍ରୀ ଓ ରୋଶନି ସଂପର୍କରେ ନୂଆ ଜମିଦାର ପଟ୍ଟନାୟକଙ୍କୁ କି ଉତ୍ତର ଦେଇଥିଲେ ?**

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ବରଯାତ୍ରୀ ଓ ରୋଶନୀ ସଂପର୍କରେ ନୂଆ ଜମିଦାର ପଟ୍ଟନାୟକଙ୍କୁ କହିଥିଲେ ଯେ, ଜମିଦାରୀ ବନ୍ଧାଦେଇ ମହାଜନଠାରୁ ଦଶହଜାର ଟଙ୍କା ଆଣି ରୋଶନୀ କରିବାପାଇଁ ।

**ପ୍ର.୨୯. ଖିଦିରପୁର ଗାର୍ଡ଼ନ ରିଚ୍‌ରେ ବିଭାଘରର ପ୍ରସ୍ତୁତି କିପରି ଥିଲା ?**

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ଖିଦିରପୁର ଗର୍ଡ଼ନ ବିଚ୍‌ରେ ବିଭାଘର ଆୟୋଜନ ହୋଇଥିଲା । ବଡ଼ ଯାକଜମକରେ ଏହି କାର୍ଯ୍ୟ ସମ୍ପନ୍ନ ହୋଇଥିଲା ।

**ପ୍ର.୩୦. କେଉଁ କଥାରେ କନ୍ୟାର ବାପା ମା' କିଛି କରିପାରୁ ନଥିଲେ ?**

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

କନ୍ୟାର ବାପା, ମାଆ ଗରିବ ଥିଲେ । ସେମାନଙ୍କ ଗ୍ରାମ, ଘର, ଜାତି, କୁଳ କିଛି ଜଣା ନଥିଲା । ଦରବୁଢ଼ା ବୟସରେ କନ୍ୟାଟିଏ ଜାତ ହୋଇଥିଲା । ଜନ୍ମ ହୋଇଥିବା କନ୍ୟାଟି ବହୁବର୍ଷଧରି ବାହା ହୋଇ ପାରିନଥିଲା । ବହୁବର୍ଷ ପରେ ଖୋଜାଖୋଜି କରି ଦଲାଲ ମାଧ୍ୟମରେ ରାଜୀବଲୋଚନ ସହିତ ବିବାହ ଦେଇଥିଲେ ।

**ପ୍ର.୩୧. କନ୍ୟାର ବାପା ମା'ଙ୍କ ସଂପର୍କରେ ଲେଖକ କି ପରିଚୟ ପାଇଥିଲେ ?**

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

କନ୍ୟାର ବାପାର ନାମ ମକରା ମଳିକ । ଆସାମ ଚା' ବଗିଚା ମେନେଜର ସାହେବ ଯେଉଁ କୁଲି ଟୋକାଟିକୁ ବବୁର୍ଚ୍ଚି କାମରେ ଲଗାଇଥିଲେ, ତା'ର ନାମ ମକରା । ସେମାନେ ଆସାମର ଚା' ବଗିଚାରେ ତିରିଶି ଚାଳିଶ ବର୍ଷ ହେଲା ସାହେବମାନଙ୍କ ପାଖରେ ଅଛନ୍ତି । ମକରା ଗୋଟିଏ କୁଲିଆଣୀକୁ ବିବାହ କରିଥିଲା ।

**ପ୍ର.୩୨. କନ୍ୟାଟିର ପାଠପଢ଼ା ସମ୍ପର୍କରେ କ'ଣ କୁହାଯାଇଛି ?**

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

କନ୍ୟାଟିର ପାଠପଢ଼ା ଚା'ବଗିଚା ପାଖରେ ଗୋଟିଏ ସ୍କଟିଶ୍ ବ୍ୟାପ୍‌ଟିଷ୍ଟ ଅର୍ଫେନ ବାଳିକା ସ୍କୁଲରେ ହୋଇଥିଲା । ମିସ୍ ଡଗଲସ୍ ମିଷ୍ଟ୍ରେସ୍ । ମା' ବାପା ଭାରି ଶ୍ରଦ୍ଧା, ଭାରି ଖୁସିରେ କନ୍ୟାଟିକୁ ମୋଜା, ଜୋତା ସେମିଜ୍, ଜାକେଟ୍ ପିନ୍ଧାଇ ସ୍କୁଲ ଛାଡୁଥିଲେ ।

**ପ୍ର.୩୩. ମେନେଜର ହରିବୋଲବାବୁ ଖର୍ଚ୍ଚ ଟଙ୍କାର ହିସାବ ଦେଇପାରିନଥିଲେ କାହିଁକି ?**

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ମେନେଜର ହରିବୋଲ ବାବୁ ଖର୍ଚ୍ଚ କରୁଥିବା ଟଙ୍କା ହିସାବ ଦେଇପାରୁ ନଥିଲେ କାରଣ ସେ ଯେତିକି ଖର୍ଚ୍ଚ କରୁଥିଲେ, ତା'ଠାରୁ ଅଧିକ ଆତ୍ମସାତ୍ କରୁଥିଲେ ।

**ପ୍ର.୩୪. ଶାଶୁ-ବୋହୂଙ୍କର ପ୍ରଥମ ଦେଖା କିପରି ଥିଲା ?**

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ଶାଶୁ ବୋହୂଙ୍କର ପ୍ରଥମ ଦେଖା ଠାକୁରଘରେ ହୋଇଥିଲା । ପୁଅ ରାଜୀବଲୋଚନ ଆଉ ବୋହୂ ନୟନତାରା ହାତ ଧରାଧରି ହୋଇ ମାଆ ସାଆନ୍ତାଣୀଙ୍କ ସହିତ ସାକ୍ଷାତ କରିଥିଲେ । ବୋହୂର ଗୋଡ଼ରେ ଥିଲା ଲେଡ଼ି ଜୋତା ।

**ପ୍ର.୩୫. ମିସେସ୍ ମହାପାତ୍ରଙ୍କ କେଉଁ କଥାରେ ଦାସୀ ପଦୀ ଏକାମୁହାଁ ହୋଇ ଚାଲିଯାଇଥିଲା ?**

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ମିସେସ୍ ମହାପାତ୍ରଙ୍କ ଭର୍ତ୍ସନା ଓ ଖରାପ ବ୍ୟବହାର ଯୋଗୁଁ ଦାସୀ ପଦୀ ଏକମୁହାଁ ହୋଇ ଚାଲିଯାଇଥିଲା ।

**ପ୍ର.୩୬. ମିସେସ୍ ମହାପାତ୍ର ବବୁର୍ଚ୍ଚିଖାନାରେ କ'ଣସବୁ କରିଥିଲେ ?**

ଉ. ଗଳ୍ପ – ସଭ୍ୟ ଜମିଦାର

ଗାଳ୍ପିକ – ଫକୀରମୋହନ ସେନାପତି

ମିସେସ୍ ମହାପାତ୍ର ଓ ମିଷ୍ଟର ରାଜୀବଲୋଚନ ମହାପାତ୍ରଙ୍କ ଶେଷଜୀବନ ଆସାମର ବବୁର୍ଚିଖାନାରେ କଟିଥିଲା ସେମାନେ ସେଠି ଖାନସମାଗିରି କାମ କରୁଥିଲେ ।

**(ଢ) ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ – ପ୍ରଶ୍ନର ମୂଲ୍ୟ ୦୫ ନମ୍ବର । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୧୫୦ ଶବ୍ଦ ମଧ୍ୟରେ ଦେବାକୁ ହେବ ।**

**ପ୍ର.୧. ପଠିତ ଗଳ୍ପରୁ ବାବୁ ବଳରାମଙ୍କର ଧୂଆଁପତ୍ର ବ୍ୟବସାୟ ସଂପର୍କରେ ଉଲ୍ଲେଖ କର ।**

ଉ. ସଭ୍ୟ ଜମିଦାର ଗଳ୍ପର ଗାଳ୍ପିକ ଫକୀରମୋହନ ସେନାପତି ଆଧୁନିକ କଥାସାହିତ୍ୟର ଜଣେ ଖ୍ୟାତନାମା ଗାଳ୍ପିକ । ସେ ଆଧୁନିକ ଓଡ଼ିଆ ସାହିତ୍ୟର ନବନିର୍ମାତା । ସେ ଏକାଧାରରେ ଅନୁବାଦକ, ପାଠ୍ୟପୁସ୍ତକ ପ୍ରଣେତା, କବି ଓ କଥାକାର । ଗଳ୍ପ ଭିତରେ 'ରେବତୀ' ତାଙ୍କର ପ୍ରଥମ ଗଳ୍ପ ଏବଂ ଉପନ୍ୟାସ ଭିତରେ 'ଛ' ମାଣ ଆଠଗୁଣ୍ଠ' ତାଙ୍କର ପ୍ରଥମ ଉପନ୍ୟାସ ।

ଫକୀରମୋହନଙ୍କ 'ସଭ୍ୟ ଜମିଦାର' ଗଳ୍ପ ଇଂରାଜୀ ଶିକ୍ଷାପ୍ରାପ୍ତ ନବ୍ୟ ଶିକ୍ଷିତଙ୍କ ପ୍ରତି ଏକ ଅନାସ୍ଥାଭାବ ପ୍ରକାଶ ପାଇଥିବା ଗଳ୍ପ । ଗଳ୍ପର ପ୍ରାରମ୍ଭରୁ ବାବୁ ବଳରାମ ବଳଙ୍କ ସଂପର୍କରେ ବ୍ୟାଖ୍ୟା କରିଛନ୍ତି ।

ବାବୁ ବଳରାମ ବଳ କଲିକତା ବଡ଼ ବଜାରର ଜଣେ ଗଦିଆନ ମହାଜନ । ଉତ୍କଳର ସମସ୍ତ ବେପାରୀଙ୍କର ଦଣ୍ଡିଦାର । ସମସ୍ତ ମାଲ ଆମଦାନି ରପ୍ତାନି ତାଙ୍କ ମାଧ୍ୟମରେ ହୋଇଥାଏ । ଲକ୍ଷ ଲକ୍ଷ ଟଙ୍କାର କାରବାର ହୁଏ ।

ବାବୁବଳରାମ ବଳଙ୍କର ଧୂଆଁପତ୍ର ବ୍ୟବସାୟ ଚାଲେ । କଲିକତା ଆମଦାନି ମାଲ ମଧ୍ୟରେ ଧୂଆଁପତ୍ର ପ୍ରଧାନ । ବାଲେଶ୍ୱର ଜାହାଜରେ ମାଲ ଆମଦାନି ରପ୍ତାନି ହୁଏ । କଲିକତାରୁ ମାଲ ଆସି ବାଲେଶ୍ୱର ବନ୍ଦରରେ ଜାହାଜରୁ ଘାଟ ଭିଡ଼େ । ସେ ସ୍ଥାନରୁ ଶଗଡ଼ରେ ଉତ୍କଳର ସମସ୍ତ ସ୍ଥାନକୁ ଚାଲାଣ ହୁଏ । ସେଥିପାଇଁ ଉତ୍କଳର ଚାରିଆଡ଼େ କଲିକତି ଧୂଆଁପତ୍ରର ନାମ ବାଲେଶ୍ୱରୀ ଧୂଆପତ୍ର ରହିଛି । ଯଦିଓ ବାଲେଶ୍ୱରରେ ଧୂଆଁପତ୍ର ଚାଷ ହୁଏନାହିଁ । ଲୋକେ ଧୂଆଁପତ୍ରଗଛ କେବେ ମଧ୍ୟ ଦେଖିନାହାନ୍ତି ବୋଲି ଗାଳ୍ପିକ ବିଦ୍ରୂପକରି କହିଛନ୍ତି ।

ଧୂଆଁପତ୍ର କାରବାର ଏକ କଠିନ କାରବାର ବୋଲି କୁହାଯାଇଛି । ମହାଜନେ କହନ୍ତି 'ଦୋକ୍ତା' କାରବାର ଆଉ ଗୋଖର ସାପ ଖେଳାଇବା ଏକା କଥା । ବାସନାରେ, ରଙ୍ଗରେ ଧୂଆଁପତ୍ର ଦେଖିବାକୁ ଓ ଶୁଙ୍ଘିବାକୁ ସମାନ । ତେବେ ସେହି ମାଲ ମହଣ କୋଡ଼ିଏ ଟଙ୍କା ତ ସେହିମାଲ୍ ମହଣ ଚାଳିଶ ଟଙ୍କାରେ ବିକ୍ରି ହୁଏ । ଅର୍ଥାତ୍ ଗାଳ୍ପିକ କଲିକତାର ଏହି ଧୂଆଁପତ୍ର କିପରି ଭେଜାଲ କରାଯାଇ ଠକେଇ କରାଯାଏ ସେହିକଥା ବ୍ୟଙ୍ଗକରି କହିଛନ୍ତି । ସେଥିପାଇଁ ଚିହ୍ନରା ଦଣ୍ଡିଦାର

ଏଥିରି ଲୋକେ ଧୂଆଁପତ୍ର କିଣିବାକୁ ଡରସନ୍ତି ନାହିଁ। ତେବେ ବଳରାମ ବାବୁ ଜଣେ ଚିହ୍ନରା ବ୍ୟବସାୟୀ ହୋଇଥିବାରୁ ତାଙ୍କୁ କେହି ଠକିପାରନ୍ତି ନାହିଁ ବୋଲି ଓଡ଼ିଶାରେ ତାଙ୍କ ନାମ ଡାକ। ସେ ଏଥିରେ ସୁନାମ ଅର୍ଜନ କରିଛନ୍ତି ।

**ପ୍ର.୨ 'ସଭ୍ୟଜମିଦାର' ଗଳ୍ପ ଆଧାରରେ ଗୋପାଳର ଚରିତ୍ର ଚିତ୍ରଣ କର ।**

ଉ. 'ସଭ୍ୟଜମିଦାର' ଗଳ୍ପର ଗାଳ୍ପିକ ଫକୀରମୋହନ ସେନାପତି ଆଧୁନିକ ଓଡ଼ିଆ ସାହିତ୍ୟର ଜଣେ କୃତିବିଦ୍ୟ କଥାକାର । ସେ ଉନବିଂଶ ଶତାବ୍ଦୀର ସାମାଜିକ ଜୀବନକୁ ନେଇ କ୍ଷୁଦ୍ରଗଳ୍ପ ରଚନା କରିଛନ୍ତି। ଏଗୁଡ଼ିକ 'ଗଳ୍ପସ୍ୱଳ୍ପ' ନାମରେ ଦୁଇଖଣ୍ଡ ଗ୍ରନ୍ଥରେ ସଙ୍କଳିତ ହୋଇରହିଛି । ତାଙ୍କ କ୍ଷୁଦ୍ରଗଳ୍ପ ଗୁଡ଼ିକ ନାରୀଶିକ୍ଷା, ବାଲ୍ୟବିବାହ, ଜନ୍ମାସୁନା–ଧାର୍ମିକ ଶଠତା, ମହାଜନ ଜମିଦାରଙ୍କ ଶୋଷଣ ଓ ଇଂରେଜୀ ଶିକ୍ଷାପ୍ରାପ୍ତ ଯୁବକ ଯୁବତୀଙ୍କ ତ୍ରୁଟି ବିଚ୍ୟୁତି ପ୍ରତି ଗାଳ୍ପିକ ବ୍ୟଙ୍ଗ, ବିଦ୍ରୂପ କରିଛନ୍ତି । କଥାବସ୍ତୁ ରଚନାରେ ଅପୂର୍ବ ବୈଚିତ୍ର୍ୟ ଓ ଚରିତ୍ର ଚିତ୍ରଣରେ ତାଙ୍କର ଦକ୍ଷତା ପ୍ରକାଶ ପାଇଛି ।

'ସଭ୍ୟଜମିଦାର' ଗଳ୍ପରେ ସମକାଳୀନ ସମାଜର ଜମିଦାରୀ ଓ ଇଂରାଜୀ ଶିକ୍ଷାପ୍ରାପ୍ତ ନବ୍ୟଶିକ୍ଷିତଙ୍କ ତ୍ରୁଟି ବିଚ୍ୟୁତିକୁ ଦର୍ଶାଇ ଦିଆଯାଇଛି।

'ସଭ୍ୟଜମିଦାର' ଗଳ୍ପରେ 'ଗୋପାଳ' ଚରିତ୍ର ଏକ ଆଦର୍ଶନିଷ୍ଠ ଚରିତ୍ର। ସେ ଜଣେ ବିଶ୍ୱସ୍ତ, କର୍ମଠ, ଆଦର୍ଶନିଷ୍ଠ ଚରିତ୍ର। ବାବୁ ବଳରାମ ବଳଙ୍କ କଲିକତାର ବଡ଼ ବଜାରରେ ଥିବା ମହାଜନୀ କାରବାରର ସେ ପ୍ରଥମେ ଗୁମାସ୍ତା ଓ ପରେ ମହାଜନ ଭାବେ ପରିଚିତ ।

ମହାଜନ ବଳରାମ ବଳଙ୍କ ଘର ଯାଜପୁର ଅଞ୍ଚଳରେ । ଏହି ଗ୍ରାମରେ ଗୋପାଳର ଘର । ଗୋପାଳ ଦଶ ବାର ବର୍ଷର ଛୋଟଏ ପିଲା । ଗାଁରେ ସେ ବୁଲୁଥିଲା । ଗାଁରେ ଅନାସ୍ଥା ହେବ କାହିଁକି, ସେଥିପାଇଁ ଦୟାକରି ବଳରାମ ବାବୁ ସାଙ୍ଗରେ କଲିକତା ଘେନି ଯାଇଥିଲେ ।

ଗୋଟିଏ ଘଟଣା ଘଟିଲା। ମହାଜନ ବଳରାମ ବାବୁ ଜଣେ ସଉଦାଗର ପାଖରୁ ପାଞ୍ଚଟା ଆକବରୀ ମୋହର କିଣିଥିଲେ । ତାହାଥିଲା ସେକାଳର ଦୁର୍ମୂଲ୍ୟ । ମହାଜନୀ କାରବାର ବୁଝୁ ବୁଝୁ ରାତି ହୋଇଗଲା । କେଉଁଠି ଥୋଇଦେଲେ ଜାଣିପାରିଲେ ନାହିଁ । ତା'ପର ଦିନ ସକାଳୁ ମୋହର ପୋଟଳା ଉପରେ ଗୋପାଳର ନଜର ପଡ଼ିଲା, ହାତରେ ଧରି ବାବୁଙ୍କ ପାଖକୁ ଧାଇଁଲା । ମହାଜନ ଗଙ୍ଗାସ୍ନାନକୁ ଯାଇଥିଲେ । ବାବୁଙ୍କୁ ନପାଇ ଗୋପାଳ ମୋହର ପୋଟଳାକୁ ବାବୁଙ୍କ ପଲଙ୍କ ତକିଆ ତଳେ ଥୋଇଦେଇଥିଲା । ବାବୁ ଗଙ୍ଗା ସ୍ନାନ ସାରି ଘରେ ହୁକା ଟାଣୁଥିଲେ ହଠାତ୍ ତାଙ୍କର ମୋହର କଥା ମନେପଡ଼ିଲା । ଗୁମ୍‌ମାରି ବସିଲେ । ଗୋପାଳ ରୋଷେଇଘରେ ବସିଥିଲା । ମୋହର ଖୋଜା ଶୁଣି ଧାଇଁଆସିଲା ଓ ବାବୁଙ୍କୁ ପୋଟଳାଟି ବଢ଼ାଇଦେଲା ।

ବଳରାମବାବୁ ଗୋପାଳଙ୍କୁ କୁଣ୍ଢେଇ ପକାଇଲେ । ସେହିଦିନୁ ଗୋପାଳ ଉପରେ ବଳରାମ ବାବୁଙ୍କର ଖୁବ୍‌ବିଶ୍ୱାସ । ପ୍ରତିକଥାରେ ସେ ଗୋପାଳଙ୍କୁ ଖୋଜନ୍ତି । ଗୋପାଳ ମଧ୍ୟ ବାବୁଙ୍କୁ ରୋଷେଇ କରିଦେବା, ଖାଦ୍ୟ ପରଷିବା, ପାଣି ପିଇବାକୁ ଦେବା ସବୁ କାମରେ ଗୋପାଳ । ଶେଯ ପାରିବାଟା ମଧ୍ୟ ଗୋପାଳ ଜିମା । ବାବୁଙ୍କ ଶ୍ରଦ୍ଧା ଦେଖି ଗଦିର ଆଉ ପାଞ୍ଚଜଣ ମଧ୍ୟ ଗୋପାଳଙ୍କୁ ମାନନ୍ତି।

ଧୀରେ ଧୀରେ ଗୋପାଳ ବଳରାମବାବୁଙ୍କ ମହାଜନୀ କାରବାରର ବୁଝିବାକୁ ଲାଗିଲା । ବାବୁ ଏଣିକି ଗୋପାଳ ହାତଛଡ଼ା ଆଉ କାହା ହାତରୁ ଜଳ ଛୁଅନ୍ତିନାହିଁ। ବଜାର ସଉଦା, ପରିବା କିଣା, ରନ୍ଧାବଢ଼ା ସବୁ କାମ ଗୋପାଳ କରେ । ବାବୁଙ୍କ ମନଜାଣି ଗୋପାଳ ରନ୍ଧାବଢ଼ାରେ ଲାଗିଯାଏ ।

ପ୍ରଥମ ଦଫାରେ ବଳରାମ ବାବୁ ଗାଁକୁଯାଇ ଗୋପାଳ ପାଇଁ ଘର ବନାଇଦେଇ ବିବାହ କରାଇଦେଲେ । କନ୍ୟାଟି ଯେମିତି ଢଉଳ ଢାଉଳ । ଗୋପାଳର ସେଥିଲା ଗୃହଲକ୍ଷ୍ମୀ ।

ଗୋପାଳ କ୍ରମଶଃ ନିଜେ ମାଲକିଣାବିକା କାମରେ ଧୁରନ୍ଧର । ମାଲିକ ବଳରାମବାବୁ ମଧ୍ୟ ବହୁଥର ପରୀକ୍ଷା କଲେଣି । ସବୁ ପରୀକ୍ଷାରେ ଗୋପାଳର ସାଧୁତା, ବିଶ୍ୱାସ ଓ କର୍ମନିଷ୍ଠାରେ ଉତ୍ତୀର୍ଣ୍ଣ । ସବୁ କର୍ମଚାରୀଠାରୁ ସେ ଆଗରେ । ବାବୁଙ୍କର ପ୍ରିୟପାତ୍ର । ବେଶି ପଇସା କିପରି ଲାଭ ହେବ ସେଥିରେ ସେ ଅହରହ ଲାଗି ପଡ଼ିଥାଏ ।

ଗୋପାଳ କ୍ରମଶଃ ଆଉ ରୋଷେଇଆ ନୁହେଁ, ଏବେ ସେ ବେପାରରେ ବାବୁଙ୍କର ଡାହାଣହାତ । ବାବୁ ବୟସ ହେତୁ କାମକୁ ଯାଇପାରନ୍ତିନାହିଁ । ଫଳରେ ପ୍ରତ୍ୟେକ କାମ ଗୋପାଳ ଦେଖେ । ସେ ଆଉ ଗୋପାଳ ନୁହେଁ। ଗଦିରେ ତାର ନାମ 'ସାନବାବୁ' । କାଗଜପତ୍ରରେ ଗୁମାସ୍ତା ଲେଖନ୍ତି–ବାବୁ ଗୋପାଳଚନ୍ଦ୍ର ମହାପାତ୍ର ।

ଗୋପାଳବାବୁ ବୁଦ୍ଧି ଖଟାଇ ବେପାର କରନ୍ତି । ସେ ବେପାରୀଙ୍କ ଠାରୁ ଜିନିଷ ନକିଣି ସିଧା ଉତ୍ପାଦନ ସ୍ଥାନରୁ କିଣେ । ସେ କହେ "ଆଜ୍ଞା ବେପାରର ଲାଭ ବିକା ଜାଗାରେ ନୁହେଁ, କିଣା ଯାଗାରେ । ଠିକଣା ଜାଗାରୁ କିଣିବା ଫଳରେ ଲଭ ଅଧିକ ହୁଏ । ପାଞ୍ଚ ସାତ ବର୍ଷରେ ମହାପାତ୍ର କ୍ରମଶଃ ଲକ୍ଷପତି । ସେ ମନା କରୁଥିଲେ ମଧ୍ୟ ଜମିଦାର ବାବୁ ତା'ନାମରେ ବଡ଼ ଦୋମହଲା ଘର ତୋଳାଇ ଦେଲେ । ଏକ ଜମିଦାରୀ ତାଲୁକ ମଧ୍ୟ କିଣିଦେଲେ । ମହାଜନଙ୍କର ଇଚ୍ଛା ଗୋପାଳ ଖୁବ୍ ବଡ଼ ଲୋକହେଉ । ହେଲେ ଗୋପାଳର ବଡ଼ଲୋକି ଚାଲିଚଳଣ ନାହିଁ, ଦିନରାତି କାମରେ ଲାଗିଥାଏ । ସେଥିରେ ତାର ଆନନ୍ଦ । ଗଦିର ସବୁ ମାମଲତ ତହବିଲ ଚାବି ଗୋପାଳ ହାତରେ ।

ଗୋପାଳ କାମ ବୁଝିଲା ଦିନଠାରୁ ମହାଜନେ କେବଳ ଗଦିରେ ମାଳିଗଡ଼ାଉଛନ୍ତି ।

ଗୋପାଳ ମହାପାତ୍ରଙ୍କର ଗୋଟିଏ ବୋଲି ପୁଅ । ତାର ନାମ ରାଜିବଲୋଚନ। ସେ ପିଲାଦିନେ ଦୁଷ୍ଟ ଓ ପରବର୍ତ୍ତୀ କାଳରେ ଥିଏଟର ଦେଖା, କୁସ୍ଥାନ ଗମନ, ଭୋଜିଭାତ, ସଭାସମିତିରେ ଦିନ କଟାଏ ।

ହଠାତ୍ ସନ୍ନିପାତ ରୋଗରେ ଗୋପାଳବାବୁ ମରିଯିବା ପରେ ରାଜୀବଲୋଚନ ହେଲେ ଜମିଦାର । ରାଜୀବଲୋଚନର ଖଳବୁଦ୍ଧି ଦେଖି ବଳରାମବାବୁ ଗଦିରୁ ବାହାର କରିଦେଲେ । ଗାଁରେ ଥିବା ସବୁସଂପତ୍ତି ରାଜୀବଲୋଚନ ବନ୍ଧାପକାଇ ମଉଜ ମଜଲିସରେ ହରେଇ ବସିଲେ । ଗୋପାଳ ମହାପାତ୍ରଙ୍କ ସବୁ ସ୍ୱପ୍ନ, କର୍ମନିଷ୍ଠା, ବିଶ୍ୱାସ ଶିକ୍ଷିତପୁଅ ରାଜୀବଲୋଚନ ଧୂଳିସାତ କରିଥିଲା ।

ଆଲୋଚ୍ୟ ଗଳ୍ପରେ ଗୋପାଳ ମହାପାତ୍ରଙ୍କ ଚରିତ୍ରଙ୍କ ଜୀବନ୍ତ ହୋଇଛି ।

**ପ୍ର.୩. ପଠିତ ଗଳ୍ପ ଅବଲମ୍ବନରେ ରାଜୀବଲୋଚନଙ୍କ ଉତ୍‌ଥାନ ଓ ପତନର ଚିତ୍ର ଦିଅ ?**

**ଉ.** ସଭ୍ୟଜମିଦାର ଗଳ୍ପର ଗାଳ୍ପିକ ଫକୀରମୋହନ ସେନାପତି ଜଣେ ସମାଜ ସଚେତନଶୀଳ ବାସ୍ତବ ଧର୍ମୀ କଥାକାର । ସେ ସମକାଳର ସାମାଜିକ ସମସ୍ୟା, ନାରୀଶିକ୍ଷା, ବାଲ୍ୟବିବାହ, କନ୍ୟାସୁନା, ଧାର୍ମିକ ଶଠତା, ମହାଜନ ଜମିଦାରଙ୍କ ଶୋଷଣ ଏବଂ ଇଂରାଜୀ ଶିକ୍ଷାପ୍ରାପ୍ତ ଯୁବକଯୁବତୀଙ୍କ ସ୍ୱେଚ୍ଛାଚାରୀ ମନୋବୃତ୍ତି ଓ ଆଚାରବିଚାର ପ୍ରତି ବ୍ୟଙ୍ଗବିଦ୍ରୂପ କରିଛନ୍ତି । କଥାବସ୍ତୁ ରଚନାରେ ସୃଷ୍ଟି ହୋଇଛି ବିବିଧ ବୈଚିତ୍ର୍ୟ ଏବଂ ଚରିତ୍ର ଚିତ୍ରଣରେ ତାଙ୍କର ଅପୂର୍ବ ଦକ୍ଷତା ପ୍ରମାଣିତ ହୋଇଛି । ରଚନା ଗୁଡ଼ିକ ଚାରିତ୍ରିକ ଜୀବନ୍ତ ଚିତ୍ରଣରେ ହୃଦୟସ୍ପର୍ଶୀ ହୋଇଛି ।

ଆଲୋଚ୍ୟ ଗଳ୍ପ 'ସଭ୍ୟଜମିଦାର' ଏକ କୁସଂସ୍କାରକୁ ସଂସ୍କାରିତ କରିବାର ଅଭିପ୍ରାୟରେ ରଚିତ ବ୍ୟଙ୍ଗାତ୍ମକ ପରିପ୍ରକାଶ । ଏହି ବ୍ୟଙ୍ଗାତ୍ମକ ପରିପ୍ରକାଶ ରାଜୀବଲୋଚନ ଚରିତ୍ର ମାଧ୍ୟମରେ ଗାଳ୍ପିକ ପ୍ରୟାସ କରିଛନ୍ତି । ଆଧୁନିକ ଶିକ୍ଷା ନାମରେ ଶିକ୍ଷାଗ୍ରହଣ କରିବାର ଶଠତା ରାଜୀବଲୋଚନ ଚରିତ୍ର ମାଧ୍ୟମରେ ଦେଖାଇଦିଆଯାଇଛି ।

ରାଜୀବଲୋଚନ ଜଣେ ତଥାକଥିତ ଇଂରାଜୀ ଶିକ୍ଷିତ ଯୁବକ । ସେ କୁସ୍ଥାନ ଗମନ, ସଭାସମିତି, ଥିଏଟର ଦେଖା, ମଜାମଜଲିସ୍, ବକ୍ତୃତା ଦେବା, ହାତରୁ ଖର୍ଚ୍ଚ କରି ଗୁଡ଼ାଏ ଠକଙ୍କୁ ପୋଷିବା ମନୋବୃତ୍ତିର ଚରିତ୍ର । ଏହି ଚରିତ୍ର ମାଧ୍ୟମରେ ଗାଳ୍ପିକ ସମକାଳର ନବ୍ୟଶିକ୍ଷିତ ଯୁବକମାନଙ୍କର ଠକାମୀ ଓ ଭାଣ୍ଡାମୀକୁ ବ୍ୟଙ୍ଗ କରିଛନ୍ତି ।

ରାଜୀବଲୋଚନ ଜଣେ ବିଶ୍ୱସ୍ତ ପିତାର ଅବିଶ୍ୱସ୍ତ ପୁତ୍ର । ରାଜୀବଲୋଚନଙ୍କ ପିତାଙ୍କ ନାମ ଗୋପାଳ ମହାପାତ୍ର । ଗୋପାଳ ମହାପାତ୍ରଙ୍କ ଘର ଯାଜପୁରରେ । ସେ ଜମିଦାର ବଳରାମବାବୁଙ୍କ ପ୍ରିୟପାତ୍ର ହୋଇ ତାଙ୍କର କଲିକତାରେ

ମହାଜନୀ କାରବାରରେ ଜଣେ ବିଶ୍ୱସ୍ତ ଗୁମାସ୍ତା । ସେ କର୍ମଠ, ବିଶ୍ୱସ୍ତ ଏବଂ ସଚ୍ଚରିତ୍ରର ମଣିଷ । ପିଲାଟିଦିନରୁ ବାପମା' ଛେଉଣ୍ଡ ହେଲେ ମଧ୍ୟ ଜମିଦାର ବଳରାମ ବାବୁଙ୍କ ସହାୟତାରେ କୋଠାଘର ଏବଂ ଏକ ତାଲୁକର ଜମିଦାର ହୋଇପାରିଥିଲେ । ଗୋପାଳ ମହାପାତ୍ରଙ୍କ ମୃତ୍ୟୁ ପରେ ରାଜୀବଲୋଚନ ସେହି ଜମିଦାରୀର ଜମିଦାର ହୋଇଥିଲେ । ରାଜୀବଲୋଚନ ଚାହୁଁ ନଥିଲେ କଲିକତାରେ ବଳରାମବାବୁଙ୍କ ଜମିଦାରୀର ଗଦି ଉପରେ ବସି କାହାର ଆଦେଶ ଏବଂ ବ୍ୟବସାୟ କରିବାପାଇଁ । ସେ ଜଣେ ମୁକ୍ତ ଭାବନାର ମଣିଷ । ସ୍ୱାଧୀନତାରେ ବିଚରଣ କରିବା ତାଙ୍କର ସଉକ । ସେ ଗୋପାଳ ମହାପାତ୍ରଙ୍କର ଏକମାତ୍ର ପୁଅ ହୋଇଥିବାରୁ ଗେହ୍ଲାରେ ବଢ଼ିଥିଲେ । ବାପା ଗୋପାଳ ମହାପାତ୍ର ପୁଅ ରାଜୀବଲୋଚନଙ୍କୁ କଷ୍ଟ ଦେଇ ନଥିଲେ । ଗ୍ରାମ୍ୟଶିକ୍ଷା ପରେ ରାଜୀବଲୋଚନ କଲିକତାରେ ଏଣ୍ଟ୍ରି ଏକାଡ଼େମୀରେ ଅଧ୍ୟୟନ କଲେ । ଇଂରାଜୀ ଅଧ୍ୟୟନର ସୁଯୋଗ ମିଳିଥିଲେ ମଧ୍ୟ ଇଂରାଜୀ ଅକ୍ଷର ଶିକ୍ଷା କରିପାରି ନଥିଲେ । ଥିଏଟର ଦେଖିବା, ସଭାସମିତି କରିବା, କୁସ୍ଥାନ ଭ୍ରମଣ କରିବାରେ ସମୟ ଅତିବାହିତ ହେଉଥିଲା । ସେ ଦୁଇଟି ଅନୁଷ୍ଠାନ ଗଢ଼ିଥିଲେ । ମଙ୍ଗଳବାରଦିନ ଆୟୋଜିତ ହେଉଥିବା 'କୁସଂସ୍କାର ବିମର୍ଦ୍ଦିନୀ' ଏବଂ ଶନିବାରଦିନ ଆୟୋଜିତ 'ନାରୀ ସ୍ୱାଧୀନତା ବିବର୍ଦ୍ଧିନୀ' ସଭାର ସେ ସମ୍ପାଦକ ଥିଲେ । ସଭାରେ ବକ୍ତୃତା ଦେବା ତାଙ୍କର ଥିଲା ଧର୍ମ । ବନ୍ଧୁମିଳନ ଏବଂ ଭୋଜିଭାତରେ ସମୟ ଅତିବାହିତ ହୋଇଥିଲା । ଏହିପରି ଏକ ସମୟରେ ତାଙ୍କର ପିତୃବିୟୋଗ ଘଟିଲା । ସଭ୍ୟତାର ଦୁହାଇ ଦେଇ ବ୍ରାହ୍ମଣ ଡାକି ଶ୍ରାଦ୍ଧ କରିବାଟା କୁସଂସ୍କାର ବୋଲି କହି ସଭାସମିତି କରିବା ଏବଂ ସଭାଗୃହରେ ଭୋଜି ଦେବା ଉଚିତ ବୋଲି ସେ କହିଥିଲେ ।

ରାଜୀବଲୋଚନ ଜଣେ ଭିନ୍ନ ଖିଆଲିର ମଣିଷ । ଏହି ଖିଆଲ ତାଙ୍କୁ ସର୍ବନାଶ ଦିଗକୁ ଟାଣି ନେଇଥିଲା । ନିଜ ଗ୍ରାମରେ ଜମିଦାର ହେବା ପରେ ସେ ପ୍ରଥମେ ଶିକ୍ଷିତ, କୁସଂସ୍କାରବର୍ଜିତ ଲୋକଙ୍କୁ ଖୋଜିଥିଲେ । ଏହି ଅନ୍ୱେଷଣରେ ସେ ପାଇଥିଲେ ବାବୁ ହରିବୋଲ ପଟ୍ଟନାୟକଙ୍କୁ । ଯିଏକି ଜଣେ ଇଂରାଜୀ ମାଇନର ପାସ୍ ଶିକ୍ଷିତ ବ୍ୟକ୍ତି । ସେ ବିଦୁପୁର ପୋଷ୍ଟଅଫିସ୍‌ରେ ସବ୍-ପୋଷ୍ଟମାଷ୍ଟର ଥିଲେ । ତାଙ୍କ ନାମରେ ସରକାର ତହବିଲରୁ ଟ. ୧୬୨.୫ ଅର୍ଥ ତୋଷରପାତରେ ଜେଲ୍ ଯିବା ଦୁର୍ନାମ ରହିଥିଲା । ହରିବୋଲବାବୁଙ୍କୁ ପାଇ ଜମିଦାର ରାଜୀବଲୋଚନ ଖୁବ୍ ଖୁସି । ତାଙ୍କଦ୍ୱାରା 'ଜ୍ଞାନବର୍ଦ୍ଧିନୀ' ଓ 'ସ୍ତ୍ରୀ ସ୍ୱାଧୀନତା ବିବର୍ଦ୍ଧିନୀ' ଦୁଇଟି ସଭା ଗଠନ କରିଥିଲେ । ଏହି ସଭାର ସମ୍ପାଦକ ଥିଲେ ହରିବୋଲବାବୁ ।

ରାଜୀବଲୋଚନଙ୍କ ବାହାଘରପାଇଁ କଲିକତାରେ କନ୍ୟାଟିଏ ଯୋଗାଡ଼ କରାହୋଇଥିଲା । ଏହା ଶୁଣି ମା'ସାଆନ୍ତାଣୀ ଦୁଃଖପ୍ରକାଶ କରିଥିଲେ । ସେ ଚାହୁଁଥିଲେ ମଫସଲର ଝିଅଟିଏ ବାହା ଦେବାପାଇଁ । ଶେଷରେ କଲିକତାର ଜଣେ ଅନାମଧେୟ ବ୍ୟକ୍ତିର କନ୍ୟାକୁ ବିବାହ କରିବାପାଇଁ ନିଷ୍ପତ୍ତି ହେଲା । କନ୍ୟାର ନାମ ନୟନତାରା ଦୁଃଖପାଶୋରା । କନ୍ୟାର ପିତା ମକରା ମଳିକ । ସେ ବବୁର୍ଚ୍ଚି କାମରେ ନିଯୁକ୍ତ । ପଦୋନ୍ନତି ପାଇ ସେ ଖାନ୍‌ସମା ହୋଇଥିଲେ । ଜାତି, ଗୋତ୍ର, କୁଳ କିଛି ଜଣାନାହିଁ । ସେଥିପାଇଁ କନ୍ୟାଟିର ବରପାତ୍ର ଯୋଗାଡ଼ ହୋଇପାରୁ ନଥିଲା । ଶେଷରେ ହରିବୋଲବାବୁ ରାଜୀବଲୋଚନଙ୍କ ପାଇଁ ଏହି ପ୍ରସ୍ତାବଟି ସ୍ଥିର କଲେ । କଲିକତାରେ ବାହାଘର ହେଲା । ଭୋଜିଭାତ, ରୋଷଣୀରେ ପ୍ରଚୁର ଅର୍ଥବ୍ୟୟ ଘଟିଲା । ବାବୁ ହେଲେ ଋଣଗ୍ରସ୍ତ । ଜମିଦାରୀ ଲେଖିଦେଇ ଦଶହଜାର ଟଙ୍କା ନେଇ ଭୋଜିଭାତ କରାଗଲା । ଶେଷରେ କଲିକତା ମହାଜନଦ୍ୱାରା ରାଜୀବଲୋଚନଙ୍କ ଜମିଦାରୀ ନିଲାମ ହେଲା । ସେ ସର୍ବହରା ହେଲେ ଏବଂ ଶ୍ୱଶୁରଙ୍କ କାମରେ ଆସାମରେ ଖାନ୍‌ସମାଗିରି କଲେ ।

ବାବୁ ରାଜୀବଲୋଚନ ହେଉଛନ୍ତି ସଭ୍ୟ ଜମିଦାର । ଗାଳ୍ପିକ ଫକୀରମୋହନଙ୍କ ଜୀବନ୍ତ ବର୍ଣ୍ଣନା ଶୈଳୀରେ ରାଜୀବଲୋଚନ ଚରିତ୍ରଟି ବାସ୍ତବଧର୍ମୀ ହୋଇଛି ।

**ପ୍ର.୪. ସଭ୍ୟ ଜମିଦାର ଗଳ୍ପର ହରିବୋଲ ବାବୁଙ୍କ ଚରିତ୍ର ଚିତ୍ରଣ କର ।**

**ଉ.** ସଭ୍ୟ ଜମିଦାର ଗଳ୍ପରେ ଗାଳ୍ପିକ ଫକୀରମୋହନ ସେନାପତି ହରିବୋଲ ଚରିତ୍ରର ଅବତାରଣା କରିଛନ୍ତି । ଏହି ଚରିତ୍ର ପଛରେ ସମକାଳୀନ ସମାଜରେ ଗଢ଼ିଉଠୁଥିବା ପରାନ୍ନଭୋଜୀ ଏବଂ ପରସ୍ୱାପହରଣକାରୀ ମନୋବୃତ୍ତିର ବ୍ୟକ୍ତି ଚରିତ୍ର ପ୍ରତି ଗାଳ୍ପିକ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି ।

ହରିବୋଲ ବାବୁଙ୍କ ପ୍ରକୃତ ନାମ ହରିବୋଲ ପଟ୍ଟନାୟକ । ସେ ଜଣେ ଶିକ୍ଷିତ ବ୍ୟକ୍ତି । ଜମିଦାର ରାଜୀବଲୋଚନଙ୍କ ଗ୍ରାମରେ ତାଙ୍କ ଘର । ସେ ଇଂରାଜୀ ମାଇନର ପାଶ୍ । ବିଦୁପୁର ପୋଷ୍ଟଅଫିସ୍‌ରେ ସବ୍-ପୋଷ୍ଟମାଷ୍ଟର ଥିଲେ । ଟ. ୧୬୨.୪ ଅର୍ଥ ତୋଷରପାତ ଅଭିଯୋଗରେ ତାଙ୍କୁ ଜେଲ୍ ଯିବାକୁ ପଡ଼ିଥିଲା । ବାବୁ ରାଜୀବଲୋଚନଙ୍କ ଏକ ସଭାର ପ୍ରସ୍ତାବକୁ ସମର୍ଥନ କରି ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବାବୁ ରାଜୀବଲୋଚନ ଜଣେ ଶିକ୍ଷିତ ବ୍ୟକ୍ତି ପାଇଗଲେ ବୋଲି ଆତ୍ମସନ୍ତୋଷ କରିଥିଲେ । ତାଙ୍କଦ୍ୱାରା 'ଜ୍ଞାନବର୍ଦ୍ଧିନୀ' ଓ 'ସ୍ତ୍ରୀ ସ୍ୱାଧୀନତା ବିବର୍ଦ୍ଧିନୀ' ଯୋଡ଼ିଏ ସଭା ବସିବାର ସ୍ଥିର ହେଲା । ଦୁଇ ସଭାର ସମ୍ପାଦକ ହେଲେ ହରିବୋଲବାବୁ । ପ୍ରତିଦିନ ନିୟମିତ ଭାବେ ସଭାକାର୍ଯ୍ୟ ଚାଲିଲା । ସଭାକାର୍ଯ୍ୟ ଶେଷ ହେବାକୁ ଅଧିକ ରାତ୍ରି ହୋଇଗଲେ କଚେରୀରେ ଭୋଜନପାନର ବନ୍ଦୋବସ୍ତ କରାଗଲା । ପୁଣି ବାଳିକା ବିଦ୍ୟାଳୟ ଓ ଜନାନା ସ୍କୁଲ ବସିବାର ବନ୍ଦୋବସ୍ତ ହେଲା । ଟଙ୍କା ନଦୀର ସୁଅପରି ଖର୍ଚ୍ଚ ହେଲା । ଏହିସବୁ ଅନୁଷ୍ଠାନ ଆୟୋଜନ କରି ହରିବୋଲିବାବୁ ଅର୍ଥ ତୋଷରପାତ କରୁଥିଲେ । ଯେତେ ସବୁ ଅନୁଷ୍ଠାନ ହୁଏ ସେହିସବୁ ଅନୁଷ୍ଠାନର ଖର୍ଚ୍ଚର ହିସାବ ନଥାଏ । ବାବୁ ରାଜୀବଲୋଚନ ମଧ୍ୟ ମାଗନ୍ତି ନାହିଁ । ଯାହାଫଳରେ ହରିବୋଲବାବୁଙ୍କର ଅର୍ଥ ତୋଷରପାତ କରିବାର ଉଦ୍ଦେଶ୍ୟ ଚରିତାର୍ଥ ହୁଏ ।

ବାବୁ ରାଜୀବଲୋଚନଙ୍କ ପାଇଁ କଲିକତାରେ କନ୍ୟାଟିଏ ଠିକ୍ କଲେ ହରିବୋଲବାବୁ । କନ୍ୟାଟିର କୁଳଗୋତ୍ର ଜଣା ନଥିଲା । ଏହି କନ୍ୟାଟିକୁ ଦେଖି ବାବୁ ରାଜୀବଲୋଚନ ଆତ୍ମହରା ହୋଇପଡ଼ିଥିଲେ । ହରିବୋଲବାବୁଙ୍କୁ ବହୁ ପ୍ରଶଂସା କରିଥିଲେ । ବାବୁ ରାଜୀବଲୋଚନ ମନେ କରିଥିଲେ କନ୍ୟାଟି ସ୍ୱର୍ଗରୁ ଯେପରି ଓହ୍ଲାଇ ଆସିଛି । କନ୍ୟାଟି ସୁନ୍ଦରୀ, ସଭ୍ୟା, ସ୍ୱାଧୀନା ଓ ଶିକ୍ଷିତା; ସେଥିପାଇଁ ବାବୁ ରାଜୀବଲୋଚନ ଖୁସି । କନ୍ୟାଟିକୁ ବିବାହ କରାଇବାର ଆୟୋଜନ କରାଇଦେଇ ବାବୁ ହରିବୋଲ ଅର୍ଥ ତୋଷରପାତ କରିଥିଲେ । କଲିକତାରୁ ମହାଜନ୍ ଠିକ୍ କରାଇ କାୟଦା କଟକଣାରେ ଜମିଦାରୀ ଲେଖିନେଇ ବାବୁ ରାଜୀବଲୋଚନଙ୍କୁ ସର୍ବସ୍ୱାନ୍ତ କରାଇବାରେ ହରିବୋଲ ବାବୁଙ୍କର ପ୍ରଧାନ ଭୂମିକା ଥିଲା ।

ବାସ୍ତବରେ ଗାଳ୍ପିକ ଫକୀରମୋହନ ସେନାପତିଙ୍କ ଗୌଣ ଚରିତ୍ର 'ହରିବୋଲବାବୁ' ବେଶ୍ ନାଟକଧର୍ମୀ ଥିଲା । ସମକାଳୀନ ସମାଜର ଏକ ଟାଇପ୍ ଚରିତ୍ର ଭାବରେ ଏହା ଚିତ୍ରିତ ।

**ପ୍ର. ୫. ନୂଆ ଜମିଦାରଙ୍କ ବିବାହ ସଂପର୍କରେ କ'ଣ କୁହାଯାଇଛି ଉଲ୍ଲେଖ କର ।**

**ଉ.** ରାଜୀବଲୋଚନବାବୁ ଯେଉଁ କନ୍ୟାଟିକୁ ବିବାହ କଲେ ତା'ର ନାମ ନୟନତାରା ଦୁଃଖପାଶୋରା । ବାବୁଙ୍କ ମତରେ କନ୍ୟାଟି ସୁନ୍ଦରୀ, ସଭ୍ୟା, ସ୍ୱାଧୀନା ଓ ଶିକ୍ଷିତା । କନ୍ୟାଟିକୁ ଦେଖି ଜମିଦାରବାବୁ ବିମୋହିତ ହୋଇପଡ଼ିଥିଲେ । ତାଙ୍କର ମନେ ହୋଇଥିଲା ସ୍ୱର୍ଗରୁ ଦେବକନ୍ୟା ଯେମିତି ଓହ୍ଲାଇ ଆସିଛି । ଉଭୟ ବରକନ୍ୟା ପୂର୍ବାଳାପ, ବଗି ଚଢ଼ି ସହର ପରିକ୍ରମା, ପାନଭୋଜନ ଆଦିରେ ଦିନ ବ୍ୟୟିତ କରିଛନ୍ତି । ଏହା କନ୍ୟା ପିତାମାତାଙ୍କୁ ଭଲ ନ ଲାଗିଲେ ମଧ୍ୟ କନ୍ୟାର ଜାତି, କୁଳ, ଘର ବିଷୟ ଠିକ୍ ନ ଥିବାରୁ ଏବଂ କେହି ବିବାହ କରିବାକୁ ରାଜି ନ ହେଉଥିବାରୁ ପିତାମାତା ଚୁପ୍ ରହୁଥିଲେ ।

କନ୍ୟାର ପିତା ମକରା ମଳିକ । ସେ ଆସାମ ଚା' ବଗିଚାର ମ୍ୟାନେଜରଙ୍କର ଜଣେ କୁଲି । ସେ ପଦୋନ୍ନତି ପାଇ ଖାନ୍‌ସମା ହୋଇଥିଲେ । କୁଲିଆଣୀଟିକୁ ବିବାହ କରିଥିଲେ । ଅନେକଦିନ ଯାଏ ସେମାନଙ୍କର ପୁତ୍ର କନ୍ୟା ନଥିଲା । ବହୁ ବ୍ରତ, ପୂଜା ପରେ ଦରବୁଢ଼ାବୁଢ଼ୀ ବୟସରେ କନ୍ୟାଟିଏ ଜନ୍ମ ହୋଇଥିଲା । ଝିଅର ନାମ ମାଆ ଦେଇଥିଲେ ନୟନତାରା ଏବଂ ବାପା ଡାକୁଥିଲେ ଦୁଃଖପାଶୋରା, ପୁରାନାମଟି ହୋଇଥିଲା ନୟନତାରା ଦୁଃଖପାଶୋରା । ଝିଅଟି ସ୍କଟିସ୍ ବ୍ୟାପଟିଷ୍ଟ ଅର୍ଫେନ୍ ବାଳିକା ସ୍କୁଲରେ ପଢୁଥିଲା । ଝିଅଟି ପାଠ ପଢ଼ିଥିବାରୁ ବାବୁ ରାଜୀବଲୋଚନ ଖୁବ୍ ଖୁସି । ବାହାଘର ଧୁମ୍‌ଧାମ୍‌ରେ କରିବାପାଇଁ ଆଦେଶ ଦେଇଥିଲେ । ତହବିଲରେ ଟଙ୍କା ନଥିବା ଜାଣିବାରୁ ଜମିଦାରୀ ଲେଖିଦେଇ ଦଶହଜାର ଟଙ୍କା ବ୍ୟବସ୍ଥା କରାଯାଇଥିଲା । ଖିଦିରପୁର ବଜାରର ଦୋକାନୀମାନେ ନିମନ୍ତ୍ରିତ ହୋଇଥିଲେ । ନାନାପ୍ରକାର ମିଷ୍ଟାନ୍ନ, ପେୟ,

ଆସନ, ବାଡଖୁଣ୍ଟା ପର୍ଯ୍ୟନ୍ତ କିଣାଯାଇଥିଲା । ବାହାଘରର ତିନିଦିନଯାଏ ନାଚ, ତାମ୍ସା ଓ ପିଇବାର ଖୁବ୍ ଧୁମ୍ଧାମ୍ ଚାଲିଥିଲା ।

ବାବୁ ରାଜୀବଲୋଚନଙ୍କ ବାହାଘରଟି ଗାଳ୍ପିକ ଫକୀରମୋହନଙ୍କ ବର୍ଣ୍ଣନାରେ ବେଶ୍ ବ୍ୟଙ୍ଗାତ୍ମକ ହୋଇଛି ।

**ପ୍ର. ୬. ନୟନତାରା ଦୁଃଖପାଶୋରାଙ୍କ ଭୂମିକା ସଭ୍ୟ ଜମିଦାର ଗଳ୍ପଟିକୁ କିପରି ବ୍ୟଙ୍ଗାତ୍ମକ କରିଛି ଉଲ୍ଲେଖ କର ।**

ଉ. ପ୍ରଶ୍ନ ନଂ ୫ ର ଉତ୍ତର ଦ୍ରଷ୍ଟବ୍ୟ ।

**ପ୍ର. ୭. ସଭ୍ୟ ଜମିଦାର ଗଳ୍ପ ଅବଲମ୍ବନରେ ମା'ସାଆନ୍ତାଣୀଙ୍କ ଚାରିତ୍ରିକ ବୈଶିଷ୍ଟ୍ୟ ଦର୍ଶାଅ ।**

ଉ. ସଭ୍ୟ ଜମିଦାର ଗଳ୍ପରେ ମା'ସାଆନ୍ତାଣୀ ଚରିତ୍ରଟି ଫକୀରମୋହନଙ୍କ ଛ'ମାଣ ଆଠଗୁଣ୍ଠରେ ମା'ସାଆନ୍ତାଣୀ ଚରିତ୍ର ପରି । ମା'ସାଆନ୍ତାଣୀ ଚରିତ୍ରଟି ସରଳ ଓ ଅମାୟିକ । ଜମିଦାର ବାବୁ ବଳରାମ ଗୋପାଳପାଇଁ ଯେଉଁ ଗାଉଁଲି ଗୃହଲକ୍ଷ୍ମୀ କନ୍ୟାଟିଏ ବାଛିଥିଲେ ସେହି କନ୍ୟାଟି ହେଉଛନ୍ତି 'ମା'ସାଆନ୍ତାଣୀ' । ଦେଖିବାକୁ ଯେପରି ସୁନ୍ଦରୀ, ଗୁଣରେ ସେହିପରି ଗୁଣବତୀ । ଗୋପାଳ ମହାପାତ୍ରଙ୍କ ଘରକୁ ସେ ଦିନକୁ ଦିନ ସମୃଦ୍ଧିର କାରଣ ହୋଇଛନ୍ତି । ଆକସ୍ମିକ ସନ୍ନିପାତ ରୋଗରେ ଗୋପାଳ ମହାପାତ୍ର ଗଙ୍ଗାଲାଭ ପୂର୍ବରୁ ନିଜ ଜମିଦାରୀରେ ତିଆରି କରିଥିଲେ ରାଧାକୃଷ୍ଣ ମନ୍ଦିର । ଏହି ରାଧାକୃଷ୍ଣ ମନ୍ଦିରଟି ହୋଇଥିଲା ମା'ସାଆନ୍ତାଣୀଙ୍କର ବଞ୍ଚିବାର ଏକମାତ୍ର ଅବଲମ୍ବନ । ସେଠି ସନ୍ଧ୍ୟାଠାରୁ ଅର୍ଦ୍ଧରାତ୍ର ଯାଏ ଭାଗବତ ପାଠ ହୁଏ । ମାଆ'ସାଆନ୍ତାଣୀ ଦିନଯାକ ଠାକୁରଙ୍କ ଆଗରେ ଆଖିବୁଜି ବସି ମାଳି ଗଡ଼ାଉଥାନ୍ତି ।

ଯେଉଁଦିନ ଏକମାତ୍ର ପୁତ୍ର ରାଜୀବଲୋଚନର ବାହାଘର କଲିକତାର ଅଜ୍ଞାତ କୁଳଶୀଳ କନ୍ୟାଟି ସହିତ ବିବାହର ପ୍ରସ୍ତାବ ଶୁଣିଲେ, ସେହିଦିନ ସେ ବୁଝିଗଲେ ଯେ ଏହା ସର୍ବନାଶର ଆଗମନ । 'ରାଧେକୃଷ୍ଣ, ରାଧେକୃଷ୍ଣ' କହି ସେ ଘର ଛାଡ଼ିଥିଲେ । ରାଧାକୃଷ୍ଣ ମନ୍ଦିରରୁ ସେ ଆଉ ଘରକୁ ଫେରି ନଥିଲେ । ବାହାଘର ପରେ ଜମିଦାର ଓ ଜମିଦାରାଣୀ ମା'ସାଆନ୍ତାଣୀଙ୍କୁ ଦେଖାକରିବାପାଇଁ ମନ୍ଦିରକୁ ଆସିବା ଦିନ ମା'ସାଆନ୍ତାଣୀ ବୁଝିଯାଇଥିଲେ ପରିବାରକୁ ଧର୍ମର ଗ୍ଲାନି ଆସିଗଲା । ସେ ରାଧାକୃଷ୍ଣ ମନ୍ଦିର ଛାଡ଼ି ପୁରୀ ବାହାରିଲେ । ତାଙ୍କ ଶେଷଜୀବନ ପୁରୀରେ ମାଡାମଠରେ କଟିଥିଲା ।

ବାସ୍ତବରେ ମା'ସାଆନ୍ତାଣୀ ଚରିତ୍ର ଗାଳ୍ପିକ ଫକୀରମୋହନ ସେନାପତିଙ୍କ ସମ୍ବେଦନଶୀଳ ଲେଖନୀରେ ଜୀବନ୍ତ ହୋଇଉଠିଛି । ସମକାଳୀନ ସମାଜର ନିରୀହ ଓ ସରଳ ଗ୍ରାମ୍ୟଜୀବନର ନିଛକ ଚିତ୍ର ମା'ସାଆନ୍ତାଣୀ ଚରିତ୍ର ମାଧ୍ୟମରେ ଉଦ୍ଭାସିତ ହୋଇଉଠିଛି ।

**ପ୍ର. ୮. ଏକ ବ୍ୟଙ୍ଗାତ୍ମକ ଗଳ୍ପ ଭାବରେ 'ସଭ୍ୟ ଜମିଦାର' ଗଳ୍ପର ମୂଲ୍ୟାଙ୍କନ କର ।**

ଉ. ସଭ୍ୟ ଜମିଦାର ଗଳ୍ପର ଗାଳ୍ପିକ ଫକୀରମୋହନ ସେନାପତି ଜଣେ ହାସ୍ୟ ଓ ବ୍ୟଙ୍ଗସ୍ରଷ୍ଟା । ଫକୀରମୋହନଙ୍କ କଥାସାହିତ୍ୟରେ ସମ୍ବେଦନଶୀଳତା ଓ ମାନବବାଦିତା ଯେପରି ପ୍ରକାଶ ପାଇଛି ତାହା ହାସ୍ୟ ଓ ବ୍ୟଙ୍ଗ ଶୈଳୀଦ୍ୱାରା ଅଧିକ ଉଚ୍ଚାଙ୍ଗ ହୋଇଛି । ଫକୀରମୋହନଙ୍କ ଗଳ୍ପରେ ଏହି ହାସ୍ୟ ବ୍ୟଙ୍ଗାତ୍ମକ ଶୈଳୀଟି ଗଳ୍ପକୁ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛି । ଭାରତବର୍ଷରେ ଫକୀରମୋହନ ଏକମାତ୍ର ଗାଳ୍ପିକ ଯାହାଙ୍କ ଗଳ୍ପଶୈଳୀ ପାଠକ ପ୍ରାଣରେ ସମ୍ବେଦନା ସୃଷ୍ଟି କରିପାରିଛି । ଫକୀରମୋହନଙ୍କ ଗଳ୍ପ ମାଧ୍ୟମରେ ସମକାଳର ସମାଜ ଚିତ୍ର ହାସ୍ୟ ଓ ବ୍ୟଙ୍ଗ ଶୈଳୀରେ ପାଠକ ପ୍ରାଣକୁ ପ୍ରଚୋଦିତ କରିଛି ।

ଫକୀରମୋହନ ପ୍ରଥମେ ଇଂରାଜୀ ଶିକ୍ଷାପ୍ରାପ୍ତ ନବ୍ୟ ଶିକ୍ଷିତଙ୍କ ପ୍ରତି ଅନାସ୍ଥାଭାବ ପ୍ରକାଶ କରିଛନ୍ତି । ଏହି ଅନାସ୍ଥାଭାବ ବ୍ୟଙ୍ଗରୂପ ନେଇଛି । ଫକୀରମୋହନ ବାବୁ ରାଜୀବଲୋଚନ ଚରିତ୍ର ମାଧ୍ୟମରେ ବ୍ୟଙ୍ଗାତ୍ମକ ଶୈଳୀକୁ ବ୍ୟକ୍ତ କରିଛନ୍ତି । ତାହାର କେତୋଟି ଦୃଷ୍ଟାନ୍ତକୁ ଲକ୍ଷ୍ୟ କରାଯାଇପାରେ ।

(୧) ଅବଧାନେ ଦେବୀ ଓଝା ଆସି କହିଲେ, 'ସାନବାବୁ ଖୁବ୍ ବୁଦ୍ଧିଆ, ଭାରୀ ପାଠୁଆ । ଖଡ଼ିପାଠ, ପୋଥିପାଠ ସବୁ ଛିଡ଼ିଲାଣି । ଆଉ ତାଙ୍କୁ ପଢ଼ାଇବାକୁ ପାଠ ନାହିଁ ।'

ଅସଲ କଥା ହେଉଛି, ରାଜୀବବାବୁ ଭାରି ଦୁଷ୍ଟ । ଚାଟଶାଳୀରେ ଉତ୍ପାତ କରନ୍ତି । ଅବଧାନଙ୍କ ସହିତ ଦୁଷ୍ଟାମୀ କରନ୍ତି । ବଡ଼ଲୋକର ପୁଅ, ଜମିଦାର ପୁଅ ବୋଲି ଅବଧାନ ଶଙ୍କି ଯାଆନ୍ତି କିଛି କହିପାରନ୍ତି ନାହିଁ । ନିଜ ରକ୍ଷଣ ପାଇଁ ତୋଷାମଦ କରନ୍ତି । ରାଜୀବଲୋଚନଙ୍କ ପିତା ଗୋପାଳବାବୁ ପୁଅର ପ୍ରଶଂସା ଶୁଣି ଖୁବ୍ ଖୁସି ହୁଅନ୍ତି । ଅବଧାନଙ୍କୁ ପାଞ୍ଚଟଙ୍କା ପୁରସ୍କାର ଦିଅନ୍ତି । ପୁରସ୍କାର ପାଇ ଅବଧାନେ ଦଣ୍ଡବତଟାଏ କରି ମେଲାଣି ନିଅନ୍ତି । ରାଜୀବଲୋଚନଙ୍କ ପାଠଘର ଶୂନ ।

(୨) ଧୂଆଁପତ୍ର ସଂପର୍କରେ ଗାଳ୍ପିକ ଫକୀରମୋହନ ସେନାପତି ଲେଖିଛନ୍ତି ଯେ, "କଲିକତା ଆମଦାନୀ ମାଲ୍ ମଧ୍ୟରେ ଧୂଆଁପତ୍ର ପ୍ରଧାନ । କଲିକତାରୁ ମାଲ୍ ଆସି ବାଲେଶ୍ୱର ବନ୍ଦରରେ ଜାହାଜରୁ ଘାଟ ଭିଡ଼େ । ସେ ସ୍ଥାନରୁ ଶଗଡ଼ରେ ସମସ୍ତ ଉତ୍କଳକୁ ଚାଲାଣ ହୁଏ । ସେଥିପାଇଁ ସମସ୍ତ ଉତ୍କଳରେ କଲିକତି ଧୂଆଁପତ୍ରର ନାମ ବାଲେଶ୍ୱରୀ । ହେଲେ ବାଲେଶ୍ୱର ଲୋକେ ଧୂଆଁପତ୍ର ଗଛ କେବେ ଦେଖିନାହାନ୍ତି ।

କହିବାର ତାତ୍ପର୍ଯ୍ୟ ହେଲା, ବାଲେଶ୍ୱରରେ ଧୂଆଁପାତ୍ର ହୁଏନାହିଁ । ଧୂଆଁପତ୍ର ବାହାରୁ ଆମଦାନୀ ହୁଏ । ଲୋକେ ସେହି ଧୂଆଁପତ୍ରକୁ ବାଲେଶ୍ୱରୀ ଧୂଆଁପତ୍ର ବୋଲି କହନ୍ତି ।

(୩) ଚାଟୁତା ପ୍ରତି ବ୍ୟଙ୍ଗ । 'ଶିକ୍ଷିତ ଜମିଦାର ସନ୍ତାନ ପକ୍ଷରେ ପର ଅଧୀନରେ ଚାକିରୀ କରିବା ଉଚିତ ନୁହେଁ ।'

ଯାହାର ଅଛି ଧନଜ୍ଞାନ ଅଧିକ<br>
ଚାକିରି କଲେ ତା' ଜୀବନ ଧିକ ଧିକ ।

ଅର୍ଥାତ୍ ଜମିଦାର ପୁଅ ଚାକିରି କରିବା ଉଚିତ୍ ନୁହେଁ । ଏହା ଚାଟୁକାରମାନଙ୍କର ଜମିଦାର ପୁଅଠାରୁ ଲୁଟି ନେବା ଉଦ୍ଦେଶ୍ୟରେ ବକ୍ରୋକ୍ତି ।

(୪) କନ୍ୟାଟିର ନାମ ନୟନତାରା ଦୁଃଖପାଶୋରା । ବାବୁ ଶୁଣିଥିଲେ ମଧ୍ୟ ପ୍ରତ୍ୟକ୍ଷ ଦେଖିଲେ କନ୍ୟା ସୁନ୍ଦରୀ, ସଭ୍ୟା, ସ୍ୱାଧୀନା, ଶିକ୍ଷିତା । ଜମିଦାରବାବୁ ବିମୋହିତ ହୋଇଗଲେ । ମନେକଲେ ସ୍ୱର୍ଗରୁ ଦେବକନ୍ୟାଟିଏ ଓହ୍ଲାଇ ଆସିଛି ।

ଫକୀରମୋହନଙ୍କର ଏହା ବ୍ୟଙ୍ଗାତ୍ମକ ପରିପ୍ରକାଶ । କନ୍ୟାଟି ସୁନ୍ଦରୀ ହେଉ ବା ନହେଉ, ଗୁଣବତୀ ନୁହେଁ । ଗାଳ୍ପିକ ବ୍ୟଙ୍ଗାତ୍ମକ ନୟନତାରାର ସୌନ୍ଦର୍ଯ୍ୟ ଓ ଗୁଣକୁ ପ୍ରକାଶ କରିଛନ୍ତି ।

(୫) କେହି 'ବୋହୂ ସାଆନ୍ତାଣୀ' ବୋଲି କହିଲେ ଜମିଦାରବାବୁ ଭାରି ଖପ୍ପା ହୋଇଯା'ନ୍ତି । ନାମ ହୋଇଛି ମିସେସ୍ ମହାପାତ୍ର । ମାତ୍ର ପୋଇଲିମାନେ ଆଉ ମୂର୍ଖ ଚାକରଗୁଡ଼ାକ ଠିକ୍ ନାମଧରି ଡାକିପାରନ୍ତି ନାହିଁ । କେହି କେହି କିସ୍‌ମିସ୍ ମହାପାତ୍ର, କେହି କେହି କହେ ମିସ୍ତ୍ରୀ ମହାପାତ୍ର, କେହି ଡାକେ ଫିସ୍ ଫିସ୍ ମହାପାତ୍ର; କିନ୍ତୁ ସେଥିରେ ମନା ନାହିଁ, ବରଂଚ ମିସେସ୍ ମହାପାତ୍ର ହସିପକାଇ ବଡ଼ ଖୁସି ହୁଅନ୍ତି ।

ଫକୀରମୋହନଙ୍କର ଏହା ନୟନତାରା ଚରିତ୍ରପ୍ରତି ଏକ ବ୍ୟଙ୍ଗାତ୍ମକ ଦୃଷ୍ଟିଭଙ୍ଗୀ ।

**ପ୍ର. ୯. ସଭ୍ୟ ଜମିଦାର ଗଳ୍ପର ଇଂରାଜୀ ଶିକ୍ଷାର କୁପ୍ରଭାବ ଉପରେ ଆଲୋକପାତ କର ।**

ଉ. ସାରକଥା ଦ୍ରଷ୍ଟବ୍ୟ ।

# ପତାକା ଉତ୍ତୋଳନ

**– ସୁରେନ୍ଦ୍ର ମହାନ୍ତି**

ସୁରେନ୍ଦ୍ର ମହାନ୍ତି

**ଲେଖକ ପରିଚିତି :**

ଆଧୁନିକ ଓଡ଼ିଆ ସାହିତ୍ୟରେ ସୁରେନ୍ଦ୍ର ମହାନ୍ତି ଜଣେ ପ୍ରସିଦ୍ଧ କଥାକାର । ସେ ଏକାଧାରରେ ଜଣେ ଔପନ୍ୟାସିକ, ଗାଳ୍ପିକ, ସମାଲୋଚକ ଓ ବିଶିଷ୍ଟ କଥାଶିଳ୍ପୀ । ସେ ବିଶେଷ କରି କଥା ସାହିତ୍ୟରେ ଜଣେ ଖ୍ୟାତନାମା ସ୍ରଷ୍ଟା । ତାଙ୍କର କୃତି ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଏବଂ ସାରଳା ପୁରସ୍କାର ଲାଭ କରିଥିଲେ । ତାଙ୍କ କ୍ଷୁଦ୍ର ଗଳ୍ପଗୁଡ଼ିକ ମଧ୍ୟରେ ମହାନଗରୀର ରାତ୍ରି, କୃଷ୍ଣଚୂଡ଼ା, ରୁଟି ଓ ଚନ୍ଦ୍ର, ଶେଷ କବିତା, ସବୁଜ ପତ୍ର ଓ ଧୂସର ଗୋଲାପ, ମରାଳର ମୃତ୍ୟୁ, ଦୁଇ ସୀମାନ୍ତ, ମହା ନିର୍ବାଣ, ଓଃ କାଲ୍‌କାଟା, ମାଂସର କୋଣାର୍କ, ଯଦୁବଂଶ ଓ ଅନ୍ୟାନ୍ୟ ଗଳ୍ପ, ରାଜଧାନୀ ଓ ଅନ୍ୟାନ୍ୟ ଗଳ୍ପ ପ୍ରଭୃତି ପ୍ରଧାନ । ସେ ଜଣେ ବିଶିଷ୍ଟ ଔପନ୍ୟାସିକ । ନୀଳଶୈଳ,

(ଗ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ। ପ୍ରଶ୍ନର ମୂଲ୍ୟ ୨ ନମ୍ବର ।

ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଠିକ୍ ଉତ୍ତର ପାଇଁ ୧ ନମ୍ବର ରହିବ ।

ପ୍ର.୧. ବାହାରର ଜୟଧ୍ୱନି ଶୁଣି ରାୟବାହାଦୂର କ'ଣ କରିଥିଲେ ।

ଉ : ଗଳ୍ପ – ପତାକା ଉତ୍ତୋଳନ   ଗଳ୍ପ - ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି   ଗାଳ୍ପିକ - ସୁରେନ୍ଦ୍ର ମହାନ୍ତି

ବାହାରର ଜୟ ଧ୍ୱନି ଶୁଣି ରାୟବାହାଦୂର ଝରକା କବାଟ ସବୁ ବନ୍ଦ କରିଦେଇଥିଲେ ।

ପ୍ର.୨. କେଉଁ କଥା ରାୟବାହାଦୂରଙ୍କ ଚରମ ପରାଜୟ ଘୋଷଣା କରୁଥିଲା ?

ଉ : ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ବାହାରର ଜୟନାଦ ରାୟ ବାହାଦୂରଙ୍କୁ ଚରମ ପରାଜୟ ଘୋଷଣା କରୁଥିଲା ।

ପ୍ର.୩. ରାୟବାହାଦୂର କ୍ଷିପ୍ତ ପରି କ'ଣ କରିଥିଲେ ଓ ଘର ଭିତରେ କ'ଣ ଅନୁଭବ କରିଥିଲେ ?

ଉ : ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ରାୟ ବାହାଦୂର କ୍ଷିପ୍ତ ପରି ଝରକା କବାଟ ସବୁ ଖୋଲିଦେଲେ ଓ ଅସହ୍ୟ ଅନୁଭବ କରୁଥିଲେ ।

ପ୍ର.୪. ରାୟବାହାଦୂର ତଳର ରାସ୍ତାକୁ ଚାହିଁ କ'ଣ ଦେଖିଲେ ?

ଉ : ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ରାୟବାହାଦୂର ତଳର ରାସ୍ତାରେ ଜୟଧ୍ୱନି କରି ବିରାଟ ପଟୁଆର ଦେଖିଲେ ।

ପ୍ର.୫. ରାୟବାହାଦୂର ଡ୍ରୟର ଭିତରୁ କ'ଣ କାଢ଼ିଥିଲେ ?

ଉ : ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ରାୟବାହାଦୂର ଡ୍ରୟର ଭିତରୁ ଅରୁଣର ଏକ ଫଟୋ କାଢ଼ିଲେ ।

ପ୍ର.୬. ଅରୁଣର ଚେହେରା ଓ ପରିଚ୍ଛଦ ସମ୍ପର୍କରେ କ'ଣ କୁହାଯାଇଛି ?

ଉ : ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ଅରୁଣର ଚେହେରା ପ୍ରତିଭାଦୀପ୍ତ ଓ ପରିଚ୍ଛଦ ସତ୍ୟାଗ୍ରହୀ ପରି ।

ପ୍ର.୭. ଅରୁଣ ଫଟୋଖଣ୍ଡିକ ଦେଖି ରାୟବାହାଦୂରଙ୍କୁ କ'ଣ ମନେ ହୋଇଥିଲା ?

ଉ : ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ହଠାତ୍ ମନେହେଲା ବିଦ୍ୟୁତର ଆଘାତରେ ରାୟବାହାଦୂର ଯେପରି ଟଳିପଡ଼ିବେ ।

ପ୍ର.୮. ପ୍ରକୃତିସ୍ଥ ହେବା ପରେ ରାୟବାହଲଦର କ'ଣ କହିଥିଲେ ?

ଉ : ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ପ୍ରକୃତିସ୍ଥ ହେବାପରେ ରାୟବାହାଦୂର ଫଟୋଟି ପୁଣି ବାକ୍ସ ଭିତରେ ରଖିଦେଲେ ।

ପ୍ର.୯. ରାୟବାହାଦୂର କାହିଁକି ଚମକି ପଡ଼ିଥିଲେ ?

ଉ : ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ରାୟବାହାଦୂର ଅରୁଣଙ୍କୁ ଗୁଳିକରି ହତ୍ୟା କରିଥିଲେ ?

**ପ୍ର.୧୦. ଅରୁଣ କଣ୍ଠରେ 'ବନ୍ଦେ ମାତରମ୍' ଶୁଣି ରାୟବାହାଦୂର ତାଙ୍କୁ କ'ଣ କହିଥିଲେ ?**

ଉ : ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ଅରୁ କଣ୍ଠରେ 'ବନ୍ଦେ ମାତରମ୍' ଶୁଣି ରାୟ ବାହାଦୂର ତାଙ୍କୁ ଏହା ଅନ୍ୟାୟ ବୋଲି କହିଥିଲେ ।

**ପ୍ର.୧୧. "ଏ କ'ଣ କରୁଚ ତମେ" -ଏହା କେଉଁ ପ୍ରସଙ୍ଗରେ କୁହାଯାଇଛି ?**

ଉ : ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ଅରୁଣଙ୍କୁ ରାୟବାହାଦୂର ଚାବୁକରେ ପ୍ରହାର କରୁଥିବାବେଳେ ହେମମାଳୀ ରାୟବାହାଦୂରଙ୍କୁ କହିଛନ୍ତି ।

**ପ୍ର.୧୨. ରାୟବାହାଦୂର ଅରୁଣଙ୍କୁ କ'ଣ ଆଦେଶ ଦେଇଥିଲେ ?**

ଉ : ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ଏଇ ମୁହୂର୍ତ୍ତରେ ତମେ ଘରୁ ଚାଲିଯାଅ । ଅରୁଣଙ୍କୁ ରାୟବାହାଦୂର ଆଦେଶ କରିଥିଲେ ।

**ପ୍ର.୧୩. ରାୟବାହାଦୂରଙ୍କ ଆଦେଶ ସତ୍ତ୍ୱେ ଅରୁଣ କ'ଣ କରିଥିଲା ?**

ଉ : ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ରାୟବାହାଦୂରଙ୍କ ଆଦେଶ ସତ୍ତ୍ୱେ ଅରୁଣ ଆନ୍ଦୋଳନରୁ ହଟି ନଥିଲା ।

**ପ୍ର.୧୪. ପୁଲିସ୍‌ଥାନା ଆଗରେ କ'ଣ ଦେଖାଯାଇଥିଲା ?**

ଉ : ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ପୁଲିସ୍‌ଥାନା ଆଗରେ ବିରାଟ ଜନତା ଦେଖାଯାଇଥିଲା ।

**ପ୍ର.୧୫. ରାୟବାହାଦୂରଙ୍କ ଚିତ୍କାର ଶୁଣି ଜନତା କେଉଁପରି କୁହାଟୁଥିଲା ?**

ଉ : ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ରାୟବାହାଦୂରଙ୍କ ଚିତ୍କାର ଶୁଣି ଜନତା 'ବନ୍ଦେ ମାତରମ୍' କହି କୁହାଟୁଥିଲେ ।

**ପ୍ର.୧୬. କେଉଁ ପରିସ୍ଥିତିରେ ଜନତା ପୃଷ୍ଠଭଙ୍ଗ ଦେଇ ନଥିଲେ ?**

ଉ : ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ଲାଠି ଚାର୍ଜର ହୁକୁମ ସତ୍ତ୍ୱେ, ଜନତା ପୃଷ୍ଠଭଙ୍ଗ ଦେଇ ନଥିଲେ ।

ପ୍ର.୧୭. ବିଶୃଙ୍ଖଳ ଜନତା ଭିତରୁ ଅରୁଣ କ'ଣ କହିଥିଲା ?

ଉ : ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ଏ ଲାଠିମାଡ଼ ଅନ୍ୟାୟ କିନ୍ତୁ ଆତ୍ମରକ୍ଷା ଅନ୍ୟାୟ ନୁହେଁ । 'ବନ୍ଦେ ମାତରମ୍' ।

ପ୍ର.୧୮. ଅରୁଣ ଅବିଚଳିତ କଣ୍ଠରେ ଜନତାଙ୍କୁ କ'ଣ ନିର୍ଦ୍ଦେଶ ଦେଇଥିଲା ?

ଉ : ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ଅରୁଣ ଅବିଚଳିତ କଣ୍ଠରେ ଜନତାଙ୍କୁ 'ଭୟ ନାହିଁ, ଭୟ ନାହିଁ ଭାଇମାନେ' ନିର୍ଦ୍ଦେଶ ଦେଇଥିଲା ।

ପ୍ର.୧୯. ପଚିଶବର୍ଷ ଧରି ରାୟବାହାଦୂର ନିଜକୁ କ'ଣ ସାନ୍ତ୍ୱନା ଦେଇଆସିଛନ୍ତି ?

ଉ : ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ଏ ପୁତ୍ରହତ୍ୟା କର୍ତ୍ତବ୍ୟ ସାଧନା । ଏହା ନିର୍ମମ ହୋଇପାରେ ମାତ୍ର ଅନ୍ୟାୟ ନୁହେଁ ।

ପ୍ର.୨୦. ରାୟବାହାଦୂର ପାଗଳ ପରି ଧାଇଁଯାଇ କ'ଣ କରିଥିଲେ ?

ଉ : ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ରାୟ ବାହାଦୂର ପାଗଳପରି ଧାଇଁଯାଇ ହେମାମାଳିଙ୍କ ହାତରୁ ଶଙ୍ଖା ଛଡ଼ାଇ ନେଇଥିଲେ ?

ପ୍ର.୨୧. ଗତ ପଚିଶ ବର୍ଷ ଧରି ହେମାମାଳୀ କ'ଣ କେବେ କରି ନଥିଲେ ?

ଉ : ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ଗତ ପଚିଶବର୍ଷ ଧରି ହେମାମାଳୀ ଏମିତି କାନ୍ଦ କେବେ କାନ୍ଦି ନଥିଲେ ।

ପ୍ର.୨୨. ହେମମାଳୀ ଦର୍ପିତାର କଣ୍ଠରେ କ'ଣ କହିଥିଲେ ?

ଉ : ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ହେମମାଳୀ ଦର୍ପିତ କଣ୍ଠରେ ଯେଉଁ ପତାକା ପାଇଁ ଅରୁ ପ୍ରାଣବଳୀ ଦେଇଛି ସେ ପତାକା ଯୁଗେ ଯୁଗେ ରହିବ ।

ପ୍ର.୨୩. ରାୟବାହାଦୂର ଘର ଭିତରକୁ ଯାଇ କ'ଣ କରିଥିଲେ ?

ଉ : ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ରାୟବାହାଦୂର ଘର ଭିତରକୁ ଯାଇ ଅନେକଦିନରୁ ସାଇତା ୟୁନିୟନ ଜାକ ପତାକା ଉଡ଼ାଇଲେ ।

ପ୍ର.୨୪. ପତାକାଟିକୁ ଝାମ୍ପିନେଇ ବିଜୟ କ'ଣ କରିଥିଲା ?

ଉ : ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ଏ ପତାକା ଉଠିପାରିବ ନାହିଁ କେବେ ।

**ପ୍ର.୨୫. "ଅଥଚ ଭାବୁଚି ଏ ପତାକା କ'ଣ" ? ଏଠାରେ ପତାକା କ'ଣ ବୋଲି କୁହାଯାଇଛି ?**

ଉ : ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ଜାତୀୟତା, ଦେଶସେବା, ମହାନତା ।

**(ଘ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ୩୦ଟି ଶବ୍ଦରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଠିକ୍ ଉତ୍ତର ପାଇଁ ୨ ନମ୍ବର ରହିବ ।**

**ପ୍ର.୧. ରାୟବାହାଦୂରଙ୍କ ନିଦ କାହିଁକି ଭାଙ୍ଗିଯାଇଥିଲା ?**

ଉ. ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ରାୟବାହାଦୂର ଶ୍ରୀ ସୋମନାଥ ମହାପାତ୍ର ଜଣେ ବ୍ରିଟିଶ ସରକାରଙ୍କର ଆ.ଇ. ପି. ଅଫିସର । ସେ ବ୍ରିଟିଶ କମ୍ପାନୀର ଗୋଲାମ । ଏଥିପାଇଁ ସେ ତା'ର ପୁଅ ଅରୁଣକୁ ଗୁଳି କରି ହତ୍ୟା କରିଛି । ରାତି ବାରଟାରେ 'ଜୟ ସ୍ୱାଧୀନ ଭାରତ କି ଜୟ' ଧ୍ୱନିରେ ତାଙ୍କର ନିଦ ଭାଙ୍ଗିଗଲା ।

**ପ୍ର.୨. କେଉଁ କଥା ରାୟବାହାଦୂରଙ୍କ ଚରମ ପରାଜୟ ଘୋଷଣା କରୁଥିଲା ?**

ଉ. ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ହଠାତ୍ ରାତିବାରଟାରେ 'ଜୟ ସ୍ୱାଧୀନ ଭାରତ କି ଜୟ' ଧ୍ୱନି ରାୟ ବାହାଦୂରଙ୍କ ପରାଜୟ ଘୋଷଣା କରୁଥିଲା । ତାଙ୍କର ପୂର୍ବ ଘଟଣା ତାଙ୍କୁ ଦେଇଥିଲା ଉପାଧି । ସେଥିପାଇଁ ସେ ନିଜର ପରାଜୟ ବୋଲି ଭାବୁଥିଲେ ।

**ପ୍ର.୩. ଝରକା କବାଟ ବନ୍ଦ କରି ମଧ୍ୟ ରାୟବାହାଦୂରଙ୍କ ଅବସ୍ଥା କିପରି ଥିଲା ?**

ଉ. ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ଜୟ ଭାରତ ମାତାକି ଜୟ ଧ୍ୱନି ତାଙ୍କ ଝରକା କବାଟ ଦେଇ ଘର ଭିତରକୁ ପଶି ଆସୁଥିଲା । ରାୟ ବାହାଦୂର ତାଙ୍କର କାନରେ ପ୍ରଥମେ ଆଙ୍ଗୁଠି ଚାପି ଧରିଲେ । ତା'ପରେ ଝରକା କବାଟ ବନ୍ଦ କଲେ । ଏହି ଜୟ ଧ୍ୱନି ତାଙ୍କର ଜୀର୍ଣ୍ଣ ଅସ୍ଥି ଚୂର୍ଣ୍ଣ ଯେପରି କରି ଦେଉଥିଲା ।

**ପ୍ର.୪. ରାୟବାହାଦୂର ଝରକା କବାଟ ଖୋଲି କ'ଣ ଦେଖିଥିଲେ ?**

ଉ. ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ରାୟବାହାଦୂର ଝଟକା କବାଟ ଖୋଲି ଦେଲେ । ଦେଖିଲେ ଜୟ ଧ୍ୱନି କରି ଚାଲିଥିଲା ଏକ ବିରାଟ ପଟୁଆର । ସେମାନେ ସ୍ୱାଧୀନ ଭାରତର ତ୍ରିରଙ୍ଗା ପତାକା ଧରିଥିଲେ । ଶୋଭାଯାତ୍ରାର ନେତୃତ୍ୱ ନେଉଥିଲା ବିଜୟ । ବିଜୟ ହେଉଛି ଅରୁଣର ପୁଅ । ଅର୍ଥାତ୍ ତାଙ୍କ ନାତି ।

# ପତାକା ଉତ୍ତୋଳନ

– ସୁରେନ୍ଦ୍ର ମହାନ୍ତି

ସୁରେନ୍ଦ୍ର ମହାନ୍ତି

**ଲେଖକ ପରିଚିତି :**

ଆଧୁନିକ ଓଡ଼ିଆ ସାହିତ୍ୟରେ ସୁରେନ୍ଦ୍ର ମହାନ୍ତି ଜଣେ ପ୍ରସିଦ୍ଧ କଥାକାର । ସେ ଏକାଧାରରେ ଜଣେ ଔପନ୍ୟାସିକ, ଗାଳ୍ପିକ, ସମାଲୋଚକ ଓ ବିଶିଷ୍ଟ କଥାଶିଳ୍ପୀ । ସେ ବିଶେଷ କରି କଥା ସାହିତ୍ୟରେ ଜଣେ ଖ୍ୟାତନାମା ସ୍ରଷ୍ଟା । ତାଙ୍କର କୃତି ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଏବଂ ସାରଳା ପୁରସ୍କାର ଲାଭ କରିଥିଲେ । ତାଙ୍କ କ୍ଷୁଦ୍ର ଗଳ୍ପଗୁଡ଼ିକ ମଧ୍ୟରେ ମହାନଗରୀର ରାତ୍ରି, କୃଷ୍ଣଚୂଡ଼ା, ରୁଟି ଓ ଚନ୍ଦ୍ର, ଶେଷ କବିତା, ସବୁଜ ପତ୍ର ଓ ଧୂସର ଗୋଲାପ, ମରାଳର ମୃତ୍ୟୁ, ଦୁଇ ସୀମାନ୍ତ, ମହା ନିର୍ବାଣ, ଓଃ କାଲ୍‌କାଟା, ମାଂସର କୋଣାର୍କ, ଯଦୁବଂଶ ଓ ଅନ୍ୟାନ୍ୟ ଗଳ୍ପ, ରାଜଧାନୀ ଓ ଅନ୍ୟାନ୍ୟ ଗଳ୍ପ ପ୍ରଭୃତି ପ୍ରଧାନ । ସେ ଜଣେ ବିଶିଷ୍ଟ ଔପନ୍ୟାସିକ । ନୀଳଶୈଳ, ଶତାବ୍ଦୀର ସୂର୍ଯ୍ୟ, ହଂସ ଗୀତି, କୁଳବୃଦ୍ଧ, ନୀଳାଦ୍ରିବିଜୟ, ଅଚଳାୟତନ, କାଳାନ୍ତର, ନେତିନେତି, କୃଷ୍ଣାବେଣୀରେ ସନ୍ଧ୍ୟା, ଆଜୀବନର ଅଳଙ୍କାର ପ୍ରଭୃତି ତାଙ୍କର ଉପନ୍ୟାସ । ସାହିତ୍ୟ ସମୀକ୍ଷା, ଓଡ଼ିଆ ସାହିତ୍ୟର ଆଦିପର୍ବ, ଓଡ଼ିଆ

**(ଘ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ୩୦ଟି ଶବ୍ଦରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଠିକ୍ ଉତ୍ତର ପାଇଁ ୨ ନମ୍ବର ରହିବ ।**

**ପ୍ର.୧. ରାୟବାହାଦୂରଙ୍କ ନିଦ କାହିଁକି ଭାଙ୍ଗିଯାଇଥିଲା ?**

ଉ. ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ରାୟବାହାଦୂର ଶ୍ରୀ ସୋମନାଥ ମହାପାତ୍ର ଜଣେ ବ୍ରିଟିଶ ସରକାରଙ୍କର ଆ.ଇ. ପି. ଅଫିସର । ସେ ବ୍ରିଟିଶ୍ କମ୍ପାନୀର ଗୋଲାମ । ଏଥିପାଇଁ ସେ ତା'ର ପୁଅ ଅରୁଣକୁ ଗୁଳି କରି ହତ୍ୟା କରିଛି । ରାତି ବାରଟାରେ 'ଜୟ ସ୍ୱାଧୀନ ଭାରତ କି ଜୟ' ଧ୍ୱନିରେ ତାଙ୍କର ନିଦ ଭାଙ୍ଗିଗଲା ।

**ପ୍ର.୨. କେଉଁ କଥା ରାୟବାହାଦୂରଙ୍କ ଚରମ ପରାଜୟ ଘୋଷଣା କରୁଥିଲା ?**

ଉ. ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ହଠାତ୍ ରାତିବାରଟାରେ 'ଜୟ ସ୍ୱାଧୀନ ଭାରତ କି ଜୟ' ଧ୍ୱନି ରାୟ ବାହାଦୂରଙ୍କ ପରାଜୟ ଘୋଷଣା କରୁଥିଲା । ତାଙ୍କର ପୂର୍ବ ଘଟଣା ତାଙ୍କୁ ଦେଇଥିଲା ଉପାଧି । ସେଥିପାଇଁ ସେ ନିଜର ପରାଜୟ ବୋଲି ଭାବୁଥିଲେ ।

**ପ୍ର.୩. ଝରକା କବାଟ ବନ୍ଦ କରି ମଧ୍ୟ ରାୟବାହାଦୂରଙ୍କ ଅବସ୍ଥା କିପରି ଥିଲା ?**

ଉ. ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ଜୟ ଭାରତ ମାତାକି ଜୟ ଧ୍ୱନି ତାଙ୍କ ଝରକା କବାଟ ଦେଇ ଘର ଭିତରକୁ ପଶି ଆସୁଥିଲା । ରାୟ ବାହାଦୂର ତାଙ୍କର କାନରେ ପ୍ରଥମେ ଆଙ୍ଗୁଠି ଚାପି ଧରିଲେ । ତା'ପରେ ଝରକା କବାଟ ବନ୍ଦ କଲେ । ଏହି ଜୟ ଧ୍ୱନି ତାଙ୍କର ଜୀର୍ଣ୍ଣ ଅସ୍ଥି ଚୂର୍ଣ୍ଣ ଯେପରି କରି ଦେଉଥିଲା ।

**ପ୍ର.୪. ରାୟବାହାଦୂର ଝରକା କବାଟ ଖୋଲି କ'ଣ ଦେଖିଥିଲେ ?**

ଉ. ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ରାୟବାହାଦୁର ଝଟକା କବାଟ ଖୋଲି ଦେଲେ । ଦେଖିଲେ ଜୟ ଧ୍ୱନି କରି ଚାଲିଥିଲା ଏକ ବିରାଟ ପଟୁଆର । ସେମାନେ ସ୍ୱାଧୀନ ଭାରତର ତ୍ରିରଙ୍ଗା ପତାକା ଧରିଥିଲେ । ଶୋଭାଯାତ୍ରାର ନେତୃତ୍ୱ ନେଉଥିଲା ବିଜୟ । ବିଜୟ ହେଉଛି ଅରୁଣର ପୁଅ । ଅର୍ଥାତ୍ ତାଙ୍କ ନାତି ।

**ପ୍ର.୫. ଝରକା ପାଖରୁ ଚାଲିଆସି ରାୟବାହାଦୂର କ'ଣ କରିଥିଲେ ?**

**ଉ.** ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ଝରକା ପାଖରୁ ଆସି ରାୟ ବାହାଦୂର ଘରର ଆଲୁଅ ଜାଳିଲେ । ଚାବି ନେଇ ଡ୍ରୟରଚେଷ୍ଟ ଖୋଲିଲେ । ସେଥିରେ ଥିଲା ଆନ୍ଦୋଳନର ମୃତ ପୁତ୍ର ଅରୁଣର ଫଟୋ । ଭେଲଭେଟ ବାକ୍ସରେ ଅତି ଯତ୍ନରେ ସୁରକ୍ଷିତ ଥିଲା ।

**ପ୍ର.୬. ବିଦ୍ୟୁତ୍‌ର ଆଘାତରେ ଟଳିପଡ଼ିବା ପରି ରାୟବାହାଦୂରଙ୍କୁ କାହିଁକି ମନେ ହୋଇଥିଲା ?**

**ଉ.** ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ରାୟ ବାହାଦୂର ଡ୍ରୟର ଚେଷ୍ଟ ଖୋଲି ଅରୁଣର ଫଟୋଗ୍ରାଫଟି ଦେଖିଲେ । ଅରୁଣର ଫଟୋ ସେମିତି ପ୍ରତିଭାଦୀପ୍ତ, ଆଦର୍ଶୋଜ୍ଜ୍ୱଳ ଚେହେରା ଦେଖାଯାଉଥିଲା । ପରିଧାନରେ ଅସହଯୋଗକାରୀ ସତ୍ୟାଗ୍ରହୀର ପରିଚ୍ଛଦ ଦେଖି ସେ କରେଣ୍ଟ ଲାଗିଲା ପରି ଚମକି ପଡ଼ିଲେ ।

**ପ୍ର.୭. ଡ୍ରୟର ଭିତରୁ ରାୟବାହାଦୂର କ'ଣ ସବୁ କାଢ଼ିଥିଲେ ?**

**ଉ.** ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ଡ୍ରୟର ଭିତରୁ ରାୟବାହାଦୂର ପ୍ରଥମେ ଅରୁଣର ଫଟୋ ଓ ତା' ପରେ କାଢ଼ିଲେ ମେଡ଼ାଲ ଆଉ ସନନ୍ଦପତ୍ର । ସନନ୍ଦପତ୍ରଗୁଡ଼ିକରେ ହଳଦିଆ ଆସ୍ତରଣ ମାଡ଼ି ଯାଇଥିଲା ।

**ପ୍ର.୮. ବ୍ରିଟିଶ୍ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସନନ୍ଦଟିରେ କ'ଣ ଲେଖାଯାଇଥିଲା ?**

**ଉ.** ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

"ବ୍ରିଟିଶ ସିଂହାସନ ପ୍ରତି ଆପଣଙ୍କର ନିଷ୍ଠା ଏବଂ ଅନୁରକ୍ତି ମହା ମହିମ ବ୍ରିଟିଶ ସମ୍ରାଟଙ୍କୁ ମୁଗ୍ଧ କରିଛି । ବ୍ରିଟିଶ ସିଂହାସନ ପ୍ରତି ଏ ଅତୁଳନୀୟ ଅନୁରକ୍ତି ପାଇଁ ଆପଣ ନିଜର ......."

**ପ୍ର.୯. ଚଉରୀ ଚଉରା ବିପ୍ଳବ ସଂପର୍କରେ କ'ଣ କୁହାଯାଇଛି ?**

**ଉ.** ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ଚଉରୀ ଚଉରା ବିପ୍ଳବ ପରେ ଭାରତରେ ମନ୍ଥର ଜାତୀୟ ଆନ୍ଦୋଳନର ଜଡ଼ ନାଡିକାରେ ଜାଗିଥିଲା ଏକ ନୂତନ ସ୍ପନ୍ଦନ । ସନ୍ତ୍ରାସବାଦ ସେଦିନ ଭାରତର ଜାତୀୟ ଆନ୍ଦୋଳନରେ ଆଣି ଦେଇଥିଲା ଏକ ନୂତନ ଆଭିମୁଖ୍ୟ ।

**ପ୍ର.୧୦.କେଉଁ ଗାନ କ୍ରମେ ଅସ୍ପଷ୍ଟରୁ ଅସ୍ପଷ୍ଟତର ହେଉଥିଲା ?**

**ଉ.** ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ବନ୍ଦେ ମାତରଂ । ସୁଜଳାଂ ସୁଫଳାଂ ମଳୟଦ ଶୀତଳମ୍ । ଗାନ ଅସ୍ପଷ୍ଟରୁ ସ୍ପଷ୍ଟତର ହୋଇ ଆସୁଥିଲା ।

**ପ୍ର.୧୧.ଅରୁଣ, ତା' ବାପାଙ୍କୁ କାହିଁକି ବ୍ରିଟିଶ ସରକାରଙ୍କ ଗୋଲାମୀ ବୋଲି କହିଥିଲା ?**

**ଉ.** ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ଅରୁଣ ଥିଲା ସତ୍ୟାଗ୍ରହୀ । ରାୟ ବାହାଦୂର ଥିଲେ ବ୍ରିଟିଶ୍ ସରକାରଙ୍କର ପୋଲିସ୍ ଅଫିସର । ସେ ସ୍ୱାଧୀନତା ଆନ୍ଦୋଳନକୁ ବିରୋଧ କରୁଥିଲେ । ତେଣୁ ଅରୁଣ ତା' ବାପା ରାୟ ବାହାଦୂରଙ୍କୁ ଗୋଲାମ ବୋଲି କହୁଥିଲା ।

**ପ୍ର.୧୨. "ଆପଣ ଅନ୍ୟାୟ କରୁଛନ୍ତି ବାପା" – ଏହା କିଏ କାହାକୁ କାହିଁକି କହିଥିଲା ?**

**ଉ.** ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

"ଆପଣ ଅନ୍ୟାୟ କରୁଛନ୍ତି ବାପା" – ବୋଲି ଏହି କଥା ଅରୁଣ ତା ବାପା ରାୟବାହାଦୂରଙ୍କୁ କହିଛି । କାରଣ ରାୟ ବାହାଦୂର ଥିଲେ ବ୍ରିଟିଶ ସରକାରଙ୍କର ପୋଲିସ୍ ଗୋଲାମ ।

**ପ୍ର.୧୩. ହେମମାଳୀ ଅନୁଯୋଗ ସ୍ୱରରେ କ'ଣ କହିଥିଲେ ଓ ରାୟବାହାଦୂରଙ୍କ ଉତ୍ତର କ'ଣ ଥିଲା ?**

**ଉ.** ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ରାୟବାହାଦୂର ଓ ଅରୁଣ ମଧ୍ୟରେ ସ୍ୱାଧୀନତା ନେଇ ବିତର୍କ ଲାଗିଥିଲା । ସେଥିରେ ରାୟବାହାଦୂର ଉତକ୍ଷିପ୍ତ ହୋଇ ଅରୁଣକୁ ଚାବୁକ୍ ପ୍ରହାର କରିଥିଲେ । ସେତିକିବେଳେ ଅରୁଣର ମା' ହେମମାଳୀ ମଝିରେ ଠିଆ ହୋଇ ରାୟ ବାହାଦୂରଙ୍କୁ ଅନୁଯୋଗ ସ୍ୱରରେ କହିଥିଲେ – ଏ କ'ଣ କରୁଚ ତମେ ?

**ପ୍ର.୧୪. ରାୟବାହାଦୂରଙ୍କୁ ଅରୁଣ କ'ଣ ପଚାରିଥିଲା ଓ କାହିଁକି ?**

**ଉ.** ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ରାୟବାହାଦୂରଙ୍କୁ ଅରୁଣ ପଚାରିଲା "ମୋତେ କ୍ଷମା କରନ୍ତୁ । ସ୍ୱାଧୀନତା ମନୁଷ୍ୟର ଜନ୍ମଗତ ଦାବି । ଭାରତର ପବିତ୍ରତମ ଦାବି । ଆପଣ କ'ଣ ଭାରତୀୟ ନୁହନ୍ତି ବାପା ?" ଅରୁଣ ପଚାରିଲା – କାହାର ଦାନା, କାହାର ପାଣି ପବନରେ ମଣିଷ ହୋଇଛନ୍ତି ଆପଣ ? ଭାରତର, ଏଇ ଗୋଲାମ – ଭାରତର, ସ୍ୱାଧୀନତା ଯାହାର ଦାବି !

**ପ୍ର.୧୫. ରାୟବାହାଦୂର କ'ଣ ଉତ୍କର୍ଣ୍ଣ ହୋଇ ଶୁଣୁଥିଲେ ?**

**ଉ.** ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ରାୟ ବାହାଦୁର ରାତିର ଲକ୍ଷ ଝିଙ୍କାରୀ କଣ୍ଠରେ ସେଇ ଝିଁ ଝିଁ ସୁରରେ ରାତିରେ ନୀରବ ମୁହୂର୍ତ୍ତଗୁଡ଼ିକ ଅନୁରଣିତ ହୋଇ ଉଠିଥିଲା । ତାହା ରାୟ ବାହାଦୂର ଉତ୍କର୍ଣ୍ଣ ହୋଇ ଶୁଣୁଥିଲେ ।

**ପ୍ର.୧୬. ପୁଲିସ ସାହେବଙ୍କର କ'ଣ ହୁକୁମ ଥିଲା ?**

**ଉ.** ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ପୁଲିସ୍ ସାହେବ ଲାଠି ଚାର୍ଜର ହୁକୁମ ଦେଲେ ।

**ପ୍ର.୧୭. ପୁଲିସ ଥାନା ଆଗରେ କେଉଁସବୁ ଘଟଣା ଘଟୁଥିଲା ?**

**ଉ.** ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ପୁଲିସ୍ ଥାନା ଆଗରେ ଝଞ୍ଜା କ୍ରାନ୍ତ ସମୁଦ୍ର ପରି ମୁହୂର୍ତ୍ତକ ଭିତରେ ଜନତା ଭୀଷଣ ଓ ଭୟଙ୍କର ହୋଇ ଉଠିଲା ।

**ପ୍ର.୧୮. ସୋମନାଥ ହାତରୁ ପିସ୍ତଲ ଉଠାଇଥିଲେ କାହିଁକି ?**

**ଉ.** ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ସୋମନାଥ ହାତରୁ ପିସ୍ତଲ୍ ଉଠାଇଥିଲେ ଜନତାକୁ ଘଉଡ଼ାଇବା ପାଇଁ । କିନ୍ତୁ ପିସ୍ତଲ ଗୁଳିରେ ସୋମନାଥଙ୍କ ଆନ୍ଦୋଳନରତ ପୁତ୍ର ଅରୁଣ ନିହତ ହୋଇଥିଲା ।

**ପ୍ର.୧୯. ଅରୁଣର ନିର୍ଦ୍ଦେଶ ପାଇ ଜନତା କ'ଣ କରିଥିଲେ ?**

**ଉ.** ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ଅରୁଣର ନିର୍ଦ୍ଦେଶ ପାଇ ଜନତା ସମୁଦ୍ରପରି ମୁହୂର୍ତ୍ତକ ମଧ୍ୟରେ ଭୀଷଣ ଓ ଭୟଙ୍କର ହୋଇ ଉଠିଥିଲା । ଜନତାର କୁହାଟରେ ଶତସିଂହ ଯେପରି ଗର୍ଜନ କରି ଉଠିଲା । କେତେକ ୟୁନିୟନ ଜାକ୍ ପତାକା ଚିରି ପକାଇଲେ ।

**ପ୍ର.୨୦. ସୋମନାଥଙ୍କ ପିସ୍ତଲ ଫୁଟିଲା ପରେ କ'ଣ ଘଟିଥିଲା ?**

**ଉ.** ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ସୋମନାଥଙ୍କ ପିସ୍ତଲ ଫୁଟିଲା ପରେ ଅରୁଣର ରକ୍ତାକ୍ତ ଶବ ତଳେ ଖସି ପଡ଼ିଲା ।

**ପ୍ର.୨୧. ରାୟବାହାଦୂର ହଠାତ୍ ଚମକି ଉଠିଥିଲେ କାହିଁକି ?**

**ଉ.** ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ରାୟ ବାହାଦୂର ହଠାତ୍ ଚମକି ଉଠିବାର କାରଣ ହେଲା – ସତ୍ୟାଗ୍ରହୀ ଅରୁଣ ସହିଦ ହେବାପରେ । ଘର ଭିତରେ ପୁଣି ଶଙ୍ଖ ଧ୍ୱନି ଶୁଣିବାକୁ ପାଇଲେ । ତାଙ୍କ ପତ୍ନୀ ହେମମାଳୀ ତ୍ରିରଙ୍ଗା ପତାକା ଉଡ଼ାଇ ଚାଲେ । ପାଦତଳେ ଦୀପ ଜାଳି ଶଙ୍ଖ ଧ୍ୱନି କରୁଥିଲେ ।

**ପ୍ର.୨୨. ହେମମାଳୀ ଭୋ ଭୋ ହୋଇ କାନ୍ଦି ଉଠିଥିଲେ କାହିଁକି ?**

**ଉ.** ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ହେମମାଳୀ ଭୋ ଭୋ କାନ୍ଦି ଉଠିବାର କାରଣ ହେଲା – ଏମିତି କାନ୍ଦ ସେ କାନ୍ଦି ନ ଥିଲେ ଗତ ପଚିଶ ବର୍ଷ ଭିତରେ । ଅରୁଣ ସତ୍ୟାଗ୍ରହୀ ହୋଇ ସହିଦ ହେଲା । ଅରୁଣର ପୁଅ ବିଜୟ ଜନ୍ମ ନେଇଛି ଅରୁଣ ପରି ।

**ପ୍ର.୨୩. କେଉଁ ପତାକାର ପତନ ଅସମ୍ଭବ ବୋଲି ରାୟବାହାଦୂର କହିଥିଲେ ଓ କାହିଁକି ?**

**ଉ.** ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ଯେଉଁ ୟୁନିୟନ ଜାକ୍ ପାଇଁ ଅରୁଣକୁ ଖୁନ୍ କରିଛି, ସେ ପତାକାର ପତନ ଅସମ୍ଭବ ।

**ପ୍ର.୨୪. ହେମମାଳୀ କ'ଣ କହି ମୂର୍ଚ୍ଛିତା ହୋଇ ପଡ଼ିଯାଇଥିଲେ ?**

**ଉ.** ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ହେମମାଳୀ ଆବେଗ ଓ ଉତ୍ତେଜନାରେ ତଳେ ମୂର୍ଚ୍ଛିତା ହୋଇ ପଡ଼ିଗଲେ । କାରଣ ତାଙ୍କ ସ୍ୱାମୀ ତଥାପି ଗୋଲାମ ।

**ପ୍ର.୨୫. ସାରାରାତି ସୋମନାଥ କ'ଣ କରୁଥିଲେ ?**

**ଉ.** ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ସାରା ରାତି ସୋମନାଥଙ୍କର ଆଖିରେ ନିଦ ନାହିଁ । ଅତି ସତର୍କ ପ୍ରହରୀ ପରି ସେ ରାତିସାରା ଚେଇଁ ବସିଥିଲେ ସେଇ ୟୁନିୟନ ଜାକ୍ ପତାକା ପାଖରେ ।

**ପ୍ର.୨୬. "ବ୍ରିଟିଶ୍‌ର ଗୋଲାମ୍ ପାଇଁ ସ୍ଥାନ ନାହିଁ ଏଠି" – ଏହା କେଉଁ ପ୍ରସଙ୍ଗରେ କୁହାଯାଇଛି ।**

**ଉ.** ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ଅରୁଣଙ୍କ ପୁଅ ବିଜୟ ମଧ୍ୟ ସତ୍ୟାଗ୍ରହୀ ହୋଇଛି । ରାୟବାହାଦୂର ବିଜୟକୁ ଜାକ୍ ପାଖରେ ନିମକହାରାମି ହୋଇପାରିବେନି ବୋଲି କହିବା ପରେ ବିଜୟ ସେହି ଜାକ୍ ପାତାକାକୁ ଝାମ୍ପିନେଲା ଓ କହିଲା – ଏ ଦେଶ ଆମର, ବ୍ରିଟିଶର ଗୋଲାମ ପାଇଁ ସ୍ଥାନ ନାହିଁ ଏଠି ।

**ପ୍ର.୨୭. ସୋମନାଥଙ୍କ ମୁଣ୍ଡ ଓ ନାକ ଫାଟିଯିବାର କାରଣ କ'ଣ ?**

**ଉ.** ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ସୋମନାଥ ବିଜୟ ହାତରୁ ୟୁନିୟନ ଜାକ୍‌କୁ ଛଡ଼ାଇବାକୁ ଲାଗିଲେ । ବିଜୟ ଦୁଇ ହାତରେ ଠେଲି ଦେଲା ତାଙ୍କୁ । ସୋନନାଥ ସିଡ଼ିରେ ଗଡ଼ି ଗଡ଼ି ତଳ ମହଲଲା ଚଟାଣରେ ପଡ଼ିଲେ । ତାଙ୍କୁ ମୁଣ୍ଡ ଓ ନାକ ଫାଟି ତଳେ ରକ୍ତର ସୁଅ ଛୁଟିଲା ।

**ପ୍ର.୨୮. ସୋମନାଥ କ୍ଷୀଣକଣ୍ଠରେ ବିଜୟକୁ କ'ଣ କହିଥିଲେ ?**

**ଉ.** ଗଳ୍ପ – ପତାକା ଉତ୍ତୋଳନ

ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ସୋମନାଥ କ୍ଷୀଣ କଣ୍ଠରେ ବିଜୟକୁ କହିଲେ – ତୋତେ ଆଶୀର୍ବାଦ କରୁଛି ବିଜୁ ! ମୁଁ ଅନ୍ତତଃ ଶାନ୍ତିରେ ମରିପାରି ଏଥର, ଏଇ ପତାକା ପାଇଁ କେତେ ରାଜ୍ୟ ଉଚ୍ଛନ୍ନ ହୋଇଛି, କେତେ ଯୁଦ୍ଧ ରକ୍ତପାତ ବା ନ ଘଟିଛି । ଏଇ ପତାକା ପାଇଁ ନିଜ ହାତରେ ମୁଁ ଗୁଳି କରି ମାରିଛି ଅରୁଣକୁ । ଏଇ ପତାକା ପାଇଁ ତୁ ତୋର ବୁଢ଼ା ଜେଜେକୁ ମଧ୍ୟ ଆଘାତ କରିଛୁ । ଅଥଚ ଭାବୁଛି ଏ ପତାକା କ'ଣ ? ଖଣ୍ଡେ ରଙ୍ଗିନ୍ କନା ମାତ୍ର ! ରଙ୍ଗ ଛାଡ଼ିଯିବ ତାର ! ତଥାପି ତୋର ପତାକାର ଜୟ ହେଉ !

(ଡ) ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ – ପ୍ରଶ୍ନର ମୂଲ୍ୟ ୦୫ ନମ୍ବର । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୧୫୦ ଶବ୍ଦ ମଧ୍ୟରେ ଦେବାକୁ ହେବ ।

**ପ୍ର.୧. ପତାକା ଉତ୍ତୋଳନ ଗଳ୍ପରୁ ରାୟବାହାଦୂରଙ୍କ ଚରିତ୍ର ଚିତ୍ରଣ କର ।**

ଉ : ପତାକା ଉତ୍ତୋଳନ ଗଳ୍ପର ଗାଳ୍ପିକ ହେଉଛନ୍ତି ସୁରେନ୍ଦ୍ର ମହାନ୍ତି । ସେ ଜଣେ ବିଶିଷ୍ଟ କଥାକାର । ସେ ଗଳ୍ପ ଉପନ୍ୟାସ ରଚନା କରି ଓଡ଼ିଶା ଓ କେନ୍ଦ୍ରସାହିତ୍ୟ ଏକାଡେମୀ ପୁରସ୍କାର ହାସଲ କରିଛନ୍ତି । ଗଳ୍ପରେ ମାନବବାଦୀ ଚିନ୍ତାଧାରା ଏବଂ ସମ୍ବେଦନଶୀଳତା ପାଇଁ ସେ ପାଠକର ଶ୍ରଦ୍ଧା ଅର୍ଜନ କରିଛନ୍ତି । ଆଲୋଚ୍ୟ ଗଳ୍ପ ପତାକା ଉତ୍ତୋଳନ ତାଙ୍କର ଏହିପରି ଏକ ସମ୍ବେଦନଶୀଳ ଗଳ୍ପ ।

ପତାକା ଉତ୍ତୋଳନ ଗଳ୍ପର ପ୍ରଥମ ଚରିତ୍ର ହେଉଛନ୍ତି ରାୟବାହାଦୂର ସୋମନାଥ ମହାପାତ୍ର । ସେ ବ୍ରିଟିଶ ସରକାରଙ୍କ ଜଣେ ଅନୁଗତ ପୋଲିସ୍ ଅଫିସର । ବ୍ରିଟିଶ ସରକାରଙ୍କଠାରୁ ପ୍ରଶଂସା, ସନନ୍ଦ, ତମ୍ବାପଟା ପ୍ରାପ୍ତି ଆଶାରେ ସେ ଭାରତବର୍ଷର ବହୁବାଞ୍ଛିତ ସ୍ୱାଧୀନତା ଆନ୍ଦୋଳନକୁ ପ୍ରତିହତ କରିବାରେ ଜଣେ ପ୍ରତୀକାତ୍ମକ ଗଳ୍ପନାୟକ । ଏଥିପାଇଁ ସେ ସତ୍ୟାଗ୍ରହୀ ଅରୁଣକୁ ଗୁଳିକରିବାରେ ପଛାଇନାହାଁନ୍ତି । ନିଜର ପୁତ୍ରବଧୂକୁ ବିଧବା ସଜାଇବାରେ ପଶ୍ଚାତପଦ ହୋଇନାହାନ୍ତି ।

ଏହି ଘଟଣା ସ୍ୱାଧୀନତା ପୂର୍ବ ରାତି ଅର୍ଥାତ୍ ଅଗଷ୍ଟ ୧୪ ତାରିଖ ୧୯୪୭ ରାତିର କଥା । ରାୟବାହାଦୂର ଶ୍ରୀ ସୋମନାଥ ମହାପାତ୍ର ଜଣେ ଆଇ.ପି. ରିଟାୟାର୍ଡ ଅଫିସର । ତାଙ୍କ ଆଖିରେ ସ୍ୱାଧୀନତା ଆନ୍ଦୋଳନ ଘୃଣ୍ୟ । ସେ 'ଜୟ ସ୍ୱାଧୀନ ଭାରତକୀ ଜୟ' ଧ୍ୱନି ଶୁଣିବାରେ କ୍ଷୁବ୍ଧ । ଝରକା କବାଟ ଦେଇ ଏହି ଜୟଧ୍ୱନି ଘରଭିତରକୁ ପଶି ଆସୁଥିବାରୁ ତାଙ୍କର ଶାନ୍ତ ନିଦ୍ରାରେ ବ୍ୟାଘାତ ଘଟିଛି । ସୁତୀକ୍ଷ୍ଣ ଶଳାକାରୂପେ ତାଙ୍କୁ ବିଦ୍ଧ କରିଛି ଜୟଧ୍ୱନି । କିନ୍ତୁ ଏହି ସ୍ପର୍ଦ୍ଧିତ ଜୟନାଦ ତାଙ୍କୁ ବିବ୍ରତ କରିଛି । ଏଥିରୁ ନିଷ୍କୃତିପାଇଁ ସେ କାନରେ ଆଙ୍ଗୁଠି ଚାପିଛନ୍ତି । ତଥାପି ନିସ୍ତାର ନାହିଁ ।

ରାୟବାହାଦୂରଙ୍କର ମନେପଡ଼ିଛି ବିଗତ ଦିନର କଥା । ଏମିତି ଏକ ସଂଗ୍ରାମୀ ପଟୁଆରରେ ଆସୁଥାଏ ତାଙ୍କର ପ୍ରିୟ ପୁତ୍ର ଅରୁଣ । ବାରଣ ସତ୍ତ୍ୱେ ଅରୁଣ ସତ୍ୟାଗ୍ରହୀ ହୋଇଥିଲା । ସେହି ମୃତ ପୁତ୍ର ଅରୁଣର ଫଟୋଗ୍ରାଫି ତଥାପି ସେ ସାଇତି ରଖିଥିଲେ ଡ୍ରୟର୍ ଚେଷ୍ଟ୍ ଭିତରେ । ସଯତ୍ନରେ ତାକୁ ଖୋଲି ଦେଖିଲେ ଏବଂ ପୁଣି ଦେଖିଲେ ସେ ପାଇଥିବା ସନନ୍ଦ ଓ ପୁରସ୍କାର । ପୁତ୍ର ମୃତ୍ୟୁପାଇଁ ସେ ଦୁଃଖିତ ହେଲେ ମଧ୍ୟ ବ୍ରିଟିଶ ସରକାରଙ୍କ ପାଖରେ ଗୋଲାମୀ କରିବାରେ ଅଭ୍ୟସ୍ତ ହୋଇପଡ଼ିଥିଲେ । ସେଦିନର ଚଉରୀଚଉରା ବିପ୍ଳବର ମହାନାୟକ ହୋଇଥିଲେ ରାୟବାହାଦୂର । ଏଥିପାଇଁ ତାଙ୍କୁ ୧୯୨୩ ସାଲରେ ଖୋଦ୍ ବ୍ରିଟିଶ ସମ୍ରାଟ ଦେଇଥିଲେ ସନନ୍ଦ ପତ୍ର । ସେ ଜଣାଇଥିଲେ କମ୍ପାନୀକୁ ନିଜର କୃତଜ୍ଞତା ଫଳରେ ସେ ଅସ୍ଥାୟୀ ସବ୍‌ଇନିସ୍‌ପେକ୍ଟରରୁ ପୁଲିସ୍ ସାହେବକୁ ଉତ୍ତୀର୍ଣ୍ଣ ହୋଇଥିଲେ ।

ସୋମନାଥ ରାୟବାହାଦୂରଙ୍କ ଅନ୍ୟାୟ ଆଦେଶକୁ ଅରୁଣ ଅବମାନନା କରିଥିଲା । ସେ କହିଥିଲା 'ମୋତେ କ୍ଷମା କରନ୍ତୁ ବାପା । ସ୍ୱାଧୀନତା ମନୁଷ୍ୟର ଜନ୍ମଗତ ଦାବି । ଭାରତର ପବିତ୍ରତମ ଦାବି । ଆପଣ କ'ଣ ଭାରତୀୟ ନୁହଁନ୍ତି ବାପା ?' ଏଥିପାଇଁ ତାଙ୍କୁ ଚାବୁକ୍ ଆଘାତ କରିଥିଲେ ରାୟବାହାଦୂର । ତେଜ୍ୟପୁତ୍ର ହେବାକୁ ପଡ଼ିଥିଲା । ନିଜର ପ୍ରିୟପତ୍ନୀ ଅପର୍ଣ୍ଣାକୁ ବିଧବା ହେବାକୁ ପଡ଼ିଥିଲା । ତାହାର ପୁତ୍ର ବିଜୟ । ଏହି ଆନ୍ଦୋଳନର ପୁଣି ନେତୃତ୍ୱ ନେଇ ଜାତୀୟ ପତାକା ଧରି ପଟୁଆରରେ ଦଣ୍ଡାୟମାନ ।

ସୋମନାଥ ରାୟବାହାଦୂର ତ୍ରିରଙ୍ଗା ପତାକାକୁ ବହୁଭାବରେ ଘୃଣା କରନ୍ତି । ୟୁନିୟନ୍ ଜାକ୍ ପତାକାକୁ ନିଜ ଘରେ ଉଡ଼ାଇଛନ୍ତି । କିନ୍ତୁ ତାଙ୍କର ପତ୍ନୀ ହେମମାଳୀ ଜାକ୍ ପତାକା ବଦଳରେ ତ୍ରିରଙ୍ଗା ପତାକା ପୁତ୍ର ଆଦର୍ଶରେ ଅନୁପ୍ରାଣୀତ ହୋଇ ଉଡ଼ାଇଛନ୍ତି । ଆଶ୍ଚର୍ଯ୍ୟ ହୋଇଛନ୍ତି ସୋମନାଥ ରାୟବାହାଦୂର । ୟୁନିୟନ୍ ଜାକ୍ ପତାକାକୁ

ଫିଙ୍ଗିଦେଇଛି ବିଜୟ । ଜେଜେ ଓ ନାତିଙ୍କ ମଧ୍ୟରେ ବିତର୍କ ଘଟିଛି । ପତାକା ଝାମ୍ପିନେଲା ବେଳେ ରାୟବାହାଦୂର ତଳେ ପଡ଼ିଯାଇଛନ୍ତି । ତାଙ୍କ ମୁଣ୍ଡ ଓ ନାକ ଫାଟି ଯାଇଛି । ରକ୍ତର ସୁଅ ଛୁଟିଛି । ଜେଜେଙ୍କ ଅବସ୍ଥା ଦେଖି ବିଜୟ ଅପରାଧି ଭଳି ଠିଆ ହୋଇଛି । କିନ୍ତୁ ଉତ୍ତରରେ ସୋମନାଥ ରାୟବାହାଦୂର କ୍ଷୀଣ କଣ୍ଠରେ କହିଛନ୍ତି– 'ତୋତେ ଆଶୀର୍ବାଦ କରୁଛି ବିଜୁ! ମୁଁ ଅନ୍ତତଃ ଶାନ୍ତିରେ ମରିପାରିବି ଏଥର! ଏହି ପତାକା ପାଇଁ କେତେ ରାଜ୍ୟ ଉଚ୍ଛନ୍ନ ହୋଇଛି, କେତେ ଯୁଦ୍ଧ ରକ୍ତପାତ ବା ଘଟିଛି । ଏହି ପତାକା ପାଇଁ ନିଜ ହାତରେ ମୁଁ ଗୁଳିକରି ମାରିଛି ଅରୁଣକୁ । ଏହି ପତାକା ପାଇଁ ତୁ ତୋର ବୁଢ଼ା ଜେଜେକୁ ଆଘାତ କରିଛୁ । ଅଥଚ ଭାବୁଛି ଏ ପତାକା କ'ଣ ? ଖଣ୍ଡେ ରଙ୍ଗିନ୍ କନା ମାତ୍ର! ରଙ୍ଗ ଛାଡ଼ିଯିବ ତାର! ତଥାପି ତୋର ପତାକାର ଜୟ ହେଉ ।'

ପତାକା ଉତ୍ତୋଳନ ଗଳ୍ପରେ ରାୟବାହାଦୂର ଜଣେ ନିଷ୍ଠୁର ପିତା ହେଲେ ମଧ୍ୟ ବ୍ରିଟିଶ ସରକାରର ଜଣେ ବିଶ୍ୱସ୍ତ କର୍ମଚାରୀ ଭାବରେ ଚିତ୍ରିତ । ଅପର ପକ୍ଷରେ ଅରୁଣର ଫଟୋଗ୍ରାଫ୍ ସାଇତି ରଖିବା ପଛରେ  ପୁତ୍ର ସ୍ନେହ ତଥାପି ଉଜ୍ଜୀବିତ ଏହା ସ୍ୱୀକାର କରିବାକୁ ହେବ ।

**ପ୍ର.୨. ପଠିତ ଗଳ୍ପ ଆଧାରରେ ସ୍ୱାଧୀନତା ଆନ୍ଦୋଳନରେ ଅରୁଣର ଭୂମିକା ନିର୍ଣ୍ଣୟ କର ।**

ଉ : 'ପତାକା ଉତ୍ତୋଳନ' ଗଳ୍ପର ନାୟକ ଅରୁଣ । ସେ ସତ୍ୟାଗ୍ରହୀ । ସ୍ୱାଧୀନତା ସଂଗ୍ରାମ ପାଇଁ ଜୀବନକୁ ଉତ୍ସର୍ଗ କରିଥିବା ସଂଗ୍ରାମୀମାନଙ୍କର ସେ ଜଣେ ପ୍ରତୀକାତ୍ମକ ଚରିତ୍ର । ଅରୁଣ ଚରିତ୍ର ବିନ୍ୟାସରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ସମକାଳୀନ ସ୍ୱାଧୀନତା ସଂଗ୍ରାମର ଯୁବସୁଲଭ ସ୍ଫୁଲିଙ୍ଗକୁ ଚିତ୍ରିତ କରିବାରେ ପଛେଇ ନାହାଁନ୍ତି । ଅରୁଣ ଯେପରି ସୁରେନ୍ଦ୍ର ମହାନ୍ତିଙ୍କ ଗଳ୍ପ ହୃଦୟର ପ୍ରତିଭୂ । ଅରୁଣ ଚରିତ୍ର ମାଧ୍ୟମରେ ଗାଳ୍ପିକ ସ୍ୱାଧୀନତା ସମକାଳର ଯୁବସତ୍ୟାଗ୍ରହୀମାନଙ୍କର ପ୍ରତିରୂପ ପ୍ରଦାନ କରିଛନ୍ତି ।

ପତାକା ଉତ୍ତୋଳନ ଗଳ୍ପରେ ଅରୁଣ ବ୍ରିଟିଶ ସରକାରଙ୍କ ପୁଲିସ୍ ବିଭାଗର ଇନିସ୍‌ପେକ୍ଟର୍ ସୋମନାଥ ରାୟବାହାଦୂରଙ୍କ ପୁତ୍ର । ରାୟବାହାଦୂର ଜଣେ ନିଷ୍ପାପର ବ୍ରିଟିଶ ପୁଲିସ ଅଫିସର୍ । ବ୍ରିଟିଶ ସରକାରଙ୍କ ହୁକୁମ୍ ତାଲିମ କରିବାରେ ଜଣେ ବିଶ୍ୱସ୍ତ କର୍ମଚାରୀ । ତାଙ୍କ କର୍ମ ସାମ୍ନାରେ ସେ ପତ୍ନୀ, ପୁତ୍ର, ପୁତ୍ରବଧୂ ଓ ନାତି କାହାଙ୍କ ପ୍ରତି ମମତା ରଖିନାହାନ୍ତି । ସେ ତାଙ୍କ ଆଖି ଆଗରେ ଦେଖିଛନ୍ତି ବ୍ରିଟିଶ ସରକାରର ଶାସନ । ବ୍ରିଟିଶ ସରକାରର ବିଜୟ । କମ୍ପାନୀର ଝଣ୍ଡାସାମ୍ନାରେ ତ୍ରିରଙ୍ଗା ପତାକା ତୁଚ୍ଛ । କିନ୍ତୁ ଅରୁଣ ଜଣେ ନିଷ୍ପାପର ଯୁବକ । ସେ ଗାନ୍ଧୀ ଆଦର୍ଶରେ ଅନୁପ୍ରାଣିତ । ଭାରତର ସ୍ୱାଧୀନତା ପାଇଁ ଜୀବନ ଉତ୍ସର୍ଗ କରିବାରେ ସେ ପଶ୍ଚାତ୍‌ପଦ ନୁହେଁ । ସ୍ୱାଧୀନତା ସମକାଳର ସହିଦମାନଙ୍କର ପ୍ରତିରୂପ ଭାବରେ ଅରୁଣ ଚରିତ୍ରର ଅବତାରଣା ଗାଳ୍ପିକ କରିଛନ୍ତି ।

ଅରୁଣ ସ୍ୱଳ୍ପ ସମୟପାଇଁ ଗଳ୍ପରେ ଆସିଥିଲେ ମଧ୍ୟ ସେହି ଇଙ୍ଗିତ ଗଳ୍ପର କଥାବସ୍ତୁକୁ ତ୍ୱରାନ୍ୱିତ କରିଛି । ଅରୁଣ ହୋଇଯାଇଛି ଏକ କେନ୍ଦ୍ରୀୟ ଚରିତ୍ର । ଅରୁଣର ପତ୍ନୀ ଅପର୍ଣ୍ଣା ନାମକୁମାତ୍ର ଉଲ୍ଲେଖିତ ହେଲେ ମଧ୍ୟ ତାର ବୈଧବ୍ୟ ଏବଂ ଅଶ୍ରୁ ଗଳ୍ପକୁ ଅଶ୍ରୁସିକ୍ତ କରିଛି । ଅରୁଣର ପୁଅ ବିଜୟ ବାପର ଆଦର୍ଶକୁ ଉଜ୍ଜୀବିତ କରିବାପାଇଁ ସତ୍ୟାଗ୍ରହୀ ହୋଇଛି ଏହାହିଁ ଗାଳ୍ପିକଙ୍କର ସ୍ୱାଧୀନତା ସଂଗ୍ରାମୀ ଓ ସଂଗ୍ରାମକୁ ବାର୍ତ୍ତା । ଏହି ବାର୍ତ୍ତା ରାୟବାହାଦୂରଙ୍କୁ ଉଚିତ୍ ଶିକ୍ଷା ଦେଇଛି ଚିରଦିନ ପାଇଁ ବ୍ରିଟିଶ ଶାସନ ଭାରତରୁ ଅବସାନ ଘଟିଛି । ତ୍ରିରଙ୍ଗା ପତାକା ଫରଫର ହୋଇ ଭାରତ ମାଟିରେ ଉଡ଼ିଛି ଏହି ସମ୍ଭାବନା ଅରୁଣ ଚରିତ୍ର ମଧ୍ୟମରେ ଗାଳ୍ପିକ ଉପସ୍ଥାପନ କରିଛନ୍ତି ।

**ପ୍ର.୩. ସୋମନାଥ ମହାପାତ୍ର କିପରି ସବ୍‌ଇନିସ୍‌ପେକ୍ଟରରୁ ଇନିସ୍‌ପେକ୍ଟର ହୋଇପାରିଥିଲେ ।**

ଉ : ପ୍ରଶ୍ନ ନମ୍ବର ୧ର ଉତ୍ତର ଦେଖ ।

**ପ୍ର.୪. ହେମମାଳୀ ଓ ସୋମନାଥଙ୍କ ପାରିବାରିକ ଜୀବନରେ ଘଟିଥିବା ଘଟଣାବଳୀର ସୂଚନା ଦିଅ ।**

ଉ : ହେମମାଳୀ ଓ ସୋମନାଥଙ୍କ ପରିବାର 'ପତାକା ଉତ୍ତୋଳନ' ଗଳ୍ପର କେନ୍ଦ୍ରବିନ୍ଦୁ । ସୋମନାଥ ରାୟବାହାଦୂର ଜଣେ ବିଶ୍ୱସ୍ତ ପୁଲିସ୍ ଅଫିସର । ସେ ବ୍ରିଟିଶ ସରକାରଙ୍କ ଉନ୍ନତି ଏବଂ ରାଜ୍ୟଶାସନର ଚିରକାଳିକ ଜୀବନ ଦେଖିବାକୁ ଚାହାଁନ୍ତି । ବ୍ରିଟିଶ୍ ସରକାର ଅବଲୁଣ୍ଠିତ ହେଉ ସେ ଚାହାଁନ୍ତି ନାହିଁ । ବ୍ରିଟିଶ ସରକାରଙ୍କ ଗ୍ଲାନି ତାଙ୍କୁ ହୃଦୟରେ ଆଘାତ ସୃଷ୍ଟି କରେ । କମ୍ପାନୀର ଝଣ୍ଡା ଚିରଦିନ ପାଇଁ ଉଡୁଥାଉ ଏହା ସେ ଚାହାନ୍ତି ।

ସୋମନାଥ ରାୟବାହାଦୂରଙ୍କ ଆଭିମୁଖ୍ୟ ଓ ବିଶ୍ୱାସ ଚିରଦିନ ପାଇଁ ସ୍ଥାୟୀହୋଇ ରହିପାରିନାହିଁ । ବ୍ରିଟିଶ ସରକାର ଭାରତର ଶାସନ ଗାଦିରୁ ହଟିଯାଉ ଏଥିପାଇଁ ମହାତ୍ମାଗାନ୍ଧିଙ୍କ ଡାକରାରେ ସତ୍ୟାଗ୍ରହ ୧୯୨୧ ମସିହାରୁ ପ୍ରତିଷ୍ଠା ପାଇ ଆସିଛି । ଅସହଯୋଗ ଆନ୍ଦୋଳନ, ଲବଣସତ୍ୟାଗ୍ରହ ଆନ୍ଦୋଳନ, ଭାରତଛାଡ଼ ଆନ୍ଦୋଳନ ମାଧ୍ୟମରେ ଭାରତର ସ୍ୱାଧୀନତା ପାଇଁ ସଂଗ୍ରାମ ଜାରି ରହିଛି । ଏହା ସୋମାନାଥ ରାୟବାହାଦୂର ବୁଝିପାରିନାହାନ୍ତି କିନ୍ତୁ ସେହି ପରିବାରର ତାଙ୍କ ପତ୍ନୀ ହେମମାଳୀ, ପୁତ୍ର ଅରୁଣ ଏବଂ ପୁତ୍ରବଧୂ ଅପର୍ଣ୍ଣା ବୁଝିପାରିଛନ୍ତି । ଗୋଟିଏ ଦିଗରେ ରହିଯାଇଛନ୍ତି ସୋମନାଥ ରାୟବାହାଦୂର ଏବଂ ଅନ୍ୟ ଦିଗରେ ରହିଯାଇଛନ୍ତି ସତ୍ୟାଗ୍ରହୀ ଅରୁଣ ପ୍ରମୁଖ ।

ସ୍ୱାଧୀନତାର ସମୟ । ରାତିପାହିଲେ ଭାରତ ସ୍ୱାଧୀନ ହେବ । ଏଥିପାଇଁ ରାୟବାହାଦୂର ପରିବାରର ନାତି ବିଜୟ ଅର୍ଥାତ୍ ଅରୁଣର ପ୍ରିୟ ପୁତ୍ର ନେଇଛି ନେତୃତ୍ୱ । ଭାରତମାତାକି ଜୟ, ଜୟ ସ୍ୱାଧୀନ ଭାରତ । ଏହି ଧ୍ୱନି ରାୟବାହାଦୂରଙ୍କ ଶ୍ରୁତିକଟୁ ହୋଇଛି । ସେ ସହ୍ୟ କରିପାରିନାହାଁନ୍ତି ଜୟ ଧ୍ୱନି । ସେଥିପାଇଁ କାନରେ ଆଙ୍ଗୁଠିଦେଇ ବନ୍ଦ କରିଛନ୍ତି । କବାଟ ଝରକା ଆବଦ୍ଧ କରିଛନ୍ତି । ତଥାପି ଘରଭିତରକୁ ଧସେଇ ପଶିଛି ଜୟଧ୍ୱନି । ଅସ୍ଥିର ହୋଇପଡ଼ିଛନ୍ତି ରାୟବାହାଦୂର । ବହୁ ପୁରୁଣାଦିନରୁ ସାଇତି ରଖିଥିବା ମୃତପୁତ୍ର ଅରୁଣର ଫଟୋଗ୍ରାଫ୍‌କୁ ଡ୍ରୟରଚେଷ୍ଟ୍ ଖୋଲି ଆଣିଛନ୍ତି । ନିକଟରୁ ଦେଖିଛନ୍ତି ଅରୁଣର ପ୍ରତିଭାଦୀପ୍ତ, ଆଦର୍ଶୋଜ୍ଜ୍ୱଳ ଚେହେରା । ହାତରୁ ତାଙ୍କର ଖସିପଡ଼ିଛି ଅରୁଣର ଫଟୋ । ତଳୁ ଉଠାଇ ନେଇ ଭେଲ୍‌ଭେଟ୍ ବାକ୍ସଭିତରେ ରଖିଦେଇଛନ୍ତି । ଡ୍ରୟର ଭିତରୁ ସେ ପୁଣି କାଢ଼ିଛନ୍ତି ମେଡ଼ାଲ୍ ଆଉ ସନନ୍ଦପତ୍ର । ସନନ୍ଦପତ୍ରଗୁଡ଼ିକ ଇତି ମଧ୍ୟରେ ହଳଦିଆ ଆସ୍ତରଣ ପଡ଼ିଯାଇଥିଲେ ମଧ୍ୟ ତାହା ଦେଖି ସେ ଖୁସିହୋଇଛନ୍ତି । ବ୍ରିଟିଶ ସରକାରଙ୍କ ଦାୟିତ୍ୱ ଠିକ୍ ଭାବରେ ତୁଲାଇ ଥିବାରୁ ସେ ମୁଗ୍ଧ ହୋଇଛନ୍ତି । ତାଙ୍କର ମନେପଡ଼ିଛି ସତ୍ୟାଗ୍ରହୀମାନଙ୍କର ଆନ୍ଦୋଳନକୁ ଭଣ୍ଡୁର କରିବାରେ ତାଙ୍କର ଭୂମିକା । ଏହି ଭୂମିକାରେ ସେ ଅରୁଣ ସହିତ ବାକ୍‌ବିତଣ୍ଡା କରିଛନ୍ତି । ଶେଷରେ ଅରୁଣକୁ ଚାବୁକ୍ ପ୍ରହାର କରିବା ସହିତ ଗୁଳି କରିଛନ୍ତି । ଘରଭିତରୁ ହେମମାଳୀ ଏବଂ ଅପର୍ଣ୍ଣାର କ୍ରନ୍ଦନର ରୋଳ ସୃଷ୍ଟି ହୋଇଛି । ଅପର୍ଣ୍ଣା ହୋଇଛି ବିଧବା । ହେଲେ ସେ ଜନ୍ମଦେଇଛି ଅରୁଣର ସ୍ମୃତି ଓ ସନ୍ତକ ବିଜୟକୁ ଏହି ବିଜୟ ସ୍ୱାଧୀନତାର ବିଜୟ ପତାକା ଧରି ଠିଆହୋଇଛି ଅବସରପ୍ରାପ୍ତ ପୁଲିସ୍ ଅଫିସର ସୋମନାଥ ରାୟବାହାଦୂରଙ୍କ ସାମନାରେ ।

ବିଜୟର ବିଜୟଧ୍ୱନି ରାୟବାହାଦୂରଙ୍କ ଶ୍ରୁତି କଟୁ ଘଟାଇଥିଲେ ମଧ୍ୟ ଏହା ଚିରନ୍ତନ ସତ୍ୟ । ଭାରତ ସ୍ୱାଧୀନ ହୋଇସାରିଛି । ବ୍ରିଟିଶ ସରକାର ଶାସନଗାଦିରୁ ହଟିସାରିଛି । ତଥାପି ବ୍ରିଟିଶ ସରକାର ଅଧିନରେ କାମ କରିଥିବା ଗୋଲାମର ବ୍ରିଟିଶ ପ୍ରିତି ସରି ନାହିଁ । ତେବେ ଗଳ୍ପର ପରିସମାପ୍ତିରେ ସତ୍ୟାଗ୍ରହର ବିଜୟ ଘଟିଛି ଏବଂ ସୋମନାଥ ରାୟବାହାଦୂରଙ୍କର ବ୍ରିଟିଶ ପ୍ରତି ବିଳୟ ଘଟିଛି । ଏହାହିଁ ପତାକା ଉତ୍ତୋଳନ ଗଳ୍ପରେ ହେମମାଳୀ ଓ ସୋମନାଥ ପରିବାରର ଜୀବନ୍ତ ଚିତ୍ର ।

**ପ୍ର.୫. "ତଥାପି ତୋର ପତାକାର ଜୟ ହେଉ" ଏହା କେଉଁ ପ୍ରସଙ୍ଗରେ କୁହାଯାଇଛି ?**

ଉ : ୧ ନମ୍ବରର ଉତ୍ତର ଦ୍ରଷ୍ଟବ୍ୟ ।

# ରୂପନାରାୟଣ ସାହା

ଙ୍କ ଅଖିଳମୋହନ ପଟ୍ଟନାୟକ

**ଗାଳ୍ପିକ ପରିଚୟ:**

ଅଖିଳ ମୋହନ ପଟ୍ଟନାୟକ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପ ସାହିତ୍ୟରେ ଜଣେ ଖ୍ୟାତନାମା ଗାଳ୍ପିକ । ସେ ମନୁଷ୍ୟ ଜୀବନର ସଙ୍ଘର୍ଷମୟ ବାସ୍ତବତାକୁ ଏବଂ ସାମ୍ୟବାଦୀ ଚିନ୍ତାଧାରାକୁ ଗଳ୍ପରୂପ ଦେଇଛନ୍ତି । ତାଙ୍କ କାହାଣୀ ରହସ୍ୟମୟ ଏବଂ ଦାର୍ଶନିକ । କଥାର ଚାତୁରୀରେ ରହିଛି ନାଟକୀୟତା ଏବଂ ଗୀତିମୟତା । ଜଣେ ରୁଚିପୂର୍ଣ୍ଣ ସମ୍ଭ୍ରାନ୍ତଗାଳ୍ପୀକ ହେଉଛନ୍ତି ଅଖିଳମୋହନ ପଟ୍ଟନାୟକ । ସେ ଏକାଧାରରେ ଜଣେ ଆଇନଜୀବୀ ଏବଂ କଥାକାର । ୧୯୨୭ମସିହାରେ ତାଙ୍କର ଜନ୍ମ ଏବଂ ୧୯୮୨ ମସିହାରେ ମାତ୍ର ୫୫ ବୟସରେ ଇହଲୀଳା ସମ୍ବରଣ କରିଥିଲେ । ତାଙ୍କର ଗଳ୍ପ ପ୍ରତିନିଧି ଶ୍ରେଣୀୟ । ଝଡ଼ର ଇଗଲ୍ ଓ ଧରଣୀର କୃଷ୍ଣସାର, ଓ ଅନ୍ଧଗଳି, ନଦୀର ନାମ ଗଣତନ୍ତ୍ର ପ୍ରଥମ ଓ ଶେଷପ୍ରଭୃତି ତାଙ୍କର ଉଲ୍ଲେଖଯୋଗ୍ୟ ଗଳ୍ପଗ୍ରନ୍ଥ । 'ଭ୍ରମଣକାହାଣୀ' ଭାବରେ 'ଅନ୍ୟଦେଶ' ଓଡ଼ିଆ ସାହିତ୍ୟାରେ ଏକ ସ୍ମରଣୀୟ ଭ୍ରମଣ ବୃତ୍ତାନ୍ତ । ଆଲୋଚିତ ଗଳ୍ପ 'ରୂପନାରାୟଣ ସାହା' ତାଙ୍କର 'ଝଡ଼ର ଇଗଲ ଓ ଧରଣୀର କୃଷ୍ଣସାର' ଗଳ୍ପ ଗ୍ରନ୍ଥରୁ ଆନୀତ ।

**(ଘ) ପ୍ରାୟ ତିରିଶ ଗୋଟି ଶବ୍ଦରେ ଉତ୍ତର ଦିଅ । ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଉତ୍ତର ପାଇଁ ୨ ନମ୍ବର ।**

**ପ୍ର.୧. ବନାରସର ରାସ୍ତା ସଂପର୍କରେ କ'ଣ ବର୍ଣ୍ଣନା କରାଯାଇଛି ?**

**ଉ.** ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ବନାରସର ରାସ୍ତା ନାତିଦୀର୍ଘ ଏବଂ ଗଳିରେ ଗଳିରେ ଉପରାସ୍ତା ରହିଛି । ତାହା ସଂକୀର୍ଣ୍ଣ ଏବଂ ଦୀର୍ଘ ।

**ପ୍ର.୨. ଡାଲ୍‌ମଣ୍ଡିକୁ ଏକ ହତଶ୍ରୀ ସଭ୍ୟତାର ଡଷ୍ଟବିନ୍ ବୋଲି କାହିଁକି କୁହାଯାଇଛି ?**

**ଉ.** ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ଡାଲ୍‌ମଣ୍ଡିକୁ ଏକ ହତଶ୍ରୀ ସଭ୍ୟତାର ଡଷ୍ଟବିନ୍ ବୋଲି କୁହାଯିବାର କାରଣ ହେଉଛି, ଏହା ସହସ୍ରାଧିକ ବାରଙ୍ଗନାର

ଆଶ୍ରୟସ୍ଥଳ । ଲକ୍ଷ ଲକ୍ଷ ରୂପପିପାସୀ ନାଗରିକଙ୍କ ପଦରଜରେ ସିକ୍ତ ହୋଇଛି ଡାଲ୍‌ମଣ୍ଡି । ନାୟିକାର ଆଖିର ବର୍ଣ୍ଣାରେ ସେଠି ସନ୍ଧ୍ୟାତ୍ରସ୍ତା ମଦନ ଅର୍ଚ୍ଚନାର କୋଳାହଳରେ ପରିପୂର୍ଣ୍ଣ ।

**ପ୍ର.୩. ବନାରସରେ କାହିଁକି ସନ୍ଧ୍ୟା ହୁଏନା ବୋଲି କୁହାଯାଇଛି ?**

**ଉ.** ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ବନାରସରେ ସନ୍ଧ୍ୟା ହୁଏନା ବୋଲି କୁହାଯିବାର ତାତ୍ପର୍ଯ୍ୟ ହେଉଛି ଏଠି ଲୋକଗହଳି ଲାଗି ରହିଥାଏ । ଦିନରେ ଲୋକଙ୍କ ଭିଡ଼ ଏବଂ ସନ୍ଧ୍ୟା ପରେ କୋଳାହଳ ମଧ୍ୟ କମେ ନାହିଁ । ସେଥିପାଇଁ ବନାରସରେ ସନ୍ଧ୍ୟା ହୁଏନା ବୋଲି କୁହାଯାଇଛି ।

**ପ୍ର.୪. ଗଙ୍ଗାର କେଉଁ ଦୃଶ୍ୟ ମୁକ୍ତକେଶୀ ଦ୍ରୌପଦୀର ବେଣୀବନ୍ଧନ ପରି ମନେହୋଇଛି ?**

**ଉ.** ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ଗଙ୍ଗାର ଗହମ ରଙ୍ଗର ପାଣି ଲାଲେଲାଲ୍ । ଅସ୍ତସୂର୍ଯ୍ୟର ସୁନାକିରଣ ଝଲ୍‌ମଲ୍ ହୁଏ । ଏହା ଯେପରି ମୁକ୍ତକେଶୀ ଦ୍ରୌପଦୀର ବେଣୀବନ୍ଧନ ସଦୃଶ ।

**ପ୍ର.୫. ବେଣୀବନ୍ଧନର ଲଗ୍ନ ଅତିକ୍ରମ କରିବାର ଦୃଶ୍ୟକ କିପରି ବର୍ଣ୍ଣନା କରାଯାଇଛି ?**

**ଉ.** ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ବେଣୀବନ୍ଧନର ଲଗ୍ନ ଅତିକ୍ରମ କରିବାର ଦୃଶ୍ୟ ଅତୀବ ମନୋରମ । ସନ୍ଧ୍ୟାର ଦିଗହରା ପବନରେ ଗଙ୍ଗାର କୃଷ୍ଣନୀଳ ପାଣି ଅସଂଖ୍ୟ ଢେଉରେ ଭାଙ୍ଗିପଡୁଥାଏ । ପ୍ରତିଟି ଢେଉରେ ନୀଳଗାତ୍ରରେ ଅଙ୍କକିଛି ଧୂସର ଅନ୍ଧାର ଲାଖି ରହିଛି ।

**ପ୍ର.୬. ଗଙ୍ଗା ବକ୍ଷରେ ବିଦ୍ୟୁତ୍ ଆଲୋକର ପ୍ରତିବିମ୍ବ କିପରି ମନେହୋଇଛି ?**

**ଉ.** ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ଗଙ୍ଗାବକ୍ଷରେ ବିଦ୍ୟୁତ୍ ଆଲୋକର ପ୍ରତିବିମ୍ବ କେଶରୀ ମଧ୍ୟମା କଟି ଆବୃତ୍ତ ସୁବର୍ଣ୍ଣମେଖଳା ପରି ପ୍ରତୀୟମାନ ହେଉଛି ।

**ପ୍ର.୭. "ନୌକା ଉଠିବ ଦଶାଶ୍ୱମେଧ ଘାଟରେ"- ନୌକାର ଗତିପଥ ସଂପର୍କରେ ଏଠାରେ କ'ଣ କୁହାଯାଇଛି ?**

**ଉ.** ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ନୌକା ଉଠିବ ଦଶାଶ୍ୱମେଧ ଘାଟରେ । ହରିଶ୍ଚନ୍ଦ୍ର ଘାଟ ପରେ ଏହି ଦଶାଶ୍ୱମେଧ ଘାଟ । ପବନର ପ୍ରତିକୂଳରେ ମାଝି ଆହୁଲା ଟାଣୁଛି ଜୋରରେ ।

**ପ୍ର.୮. "ରାମ୍‌ନଗର କା ନାମ୍ ମତ ଲିଜିୟେ ବାବୁଜୀ"- ମାଝିଜଣକ ଏ କଥା କାହିଁକି କହିଛି ?**

**ଉ.** ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ରାମ୍‌ନଗର କା ନାମ୍ ମତ୍ ଲିଜିୟେ ବାବୁଜୀ - ମାଝିର ଏ ଉକ୍ତି ପଛରେ ଏକରୂପେୟା ଟାକ୍ସ ରହସ୍ୟ ରହିଛି ।

**ପ୍ର.୯. "ସର୍ବନାଶ ! କାହାରି ମୁହଁରେ ଭାଷା ନାହିଁ"- ଏହାର ପ୍ରସଙ୍ଗଟି କ'ଣ ?**

**ଉ.** ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ସର୍ବନାଶ ! କାହାରି ମୁହଁରେ ଭାଷା ନାହିଁ -ଏ ପ୍ରସଙ୍ଗର ତାତ୍ପର୍ଯ୍ୟ ହେଲା, ରାମନଗର ପରିଭ୍ରମଣରେ ଯାଇଥିବା ଖବର କର୍ପୋରେସନ୍‌ର ଲୋକ ଯେପରି ଜାଣି ନପାରୁ । କର୍ପୋରେସନ୍ ଲୋକ ଜାଣିପାରିଲେ ଅଧିକ ଏକଟଙ୍କା ଟାକ୍ସ ଦେବାକୁ ପଡ଼ିବ । ଏଥିରେ ଅଶୋକ ସତକଥାଟି ପ୍ରକାଶ କରିଥିଲା ।

**ପ୍ର.୧୦. କେଉଁ ମୁହୂର୍ତ୍ତକୁ ତାଙ୍କର ବିପନ୍ନ ମୁହୂର୍ତ୍ତ ବୋଲି ଅଶୋକ କହିଛନ୍ତି ?**

**ଉ.** ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ସମସ୍ତେ ଚୁପଚାପ୍, କାହାର ପାଟିରୁ କଥା ବାହାରୁନାହିଁ । ବିରକ୍ତି ଆଉ ରାଗରେ ପରିବାର ଲୋକେ ଚିନ୍ତିତ । ଏହି ମୁହୂର୍ତ୍ତକୁ ଅଶୋକ ବିପନ୍ନ ମୁହୂର୍ତ୍ତ ବୋଲି କହିଛନ୍ତି ।

**ପ୍ର.୧୧. ମାଷ୍ଟରଜୀ କିପରି ଅଶୋକର ମଦତ୍ କରିଥିଲେ ?**

**ଉ.** ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ସତକଥା କହିଥିବାରୁ ମାଷ୍ଟରଜୀ ଅଶୋକର ମଦତ୍ କରିଥିଲେ । ପରିବାର ଲୋକେ ମିଛ କହିବାପାଇଁ ଚାହୁଁଥିଲେ କିନ୍ତୁ ମାଷ୍ଟରଜୀ ଅଶୋକ ସତ କହୁ ବୋଲି ଇଚ୍ଛା କରିଥିଲେ ।

**ପ୍ର.୧୨. "ତା' ବୁଝିବାର କ୍ଷମତା ଆପଣମାନଙ୍କର ନାହିଁ"- ଏହା କେଉଁ ପ୍ରସଙ୍ଗରେ କୁହାଯାଇଛି ?**

**ଉ.** ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ଅଶୋକ ସତ କହିଥିବାରୁ ମାଷ୍ଟରଜୀ ଯେଉଁ ମଦତ୍ କରିଥିଲେ ତା' ଉତ୍ତରରେ ମାଷ୍ଟରଜୀ ବୁଝାଇଥିଲେ ଯେ 'ତା ବୁଝିବାର କ୍ଷମତା ଆପଣମାନଙ୍କର ନାହିଁ' ।

**ପ୍ର.୧୩. ମାଷ୍ଟରଜୀଙ୍କ ସମଗ୍ର ସତ୍ତାରେ ଅଶୋକ ପ୍ରଥମ ଥର ପାଇଁ କ'ଣ ଅନୁଭବ କରିଥିଲେ ?**

**ଉ.** ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ମାଷ୍ଟରଜୀଙ୍କ ସମଗ୍ର ସତ୍ତାରେ ଅଶୋକ ପ୍ରଥମଥର ପାଇଁ ଅନୁଭବ କରିଥିଲା ମାଷ୍ଟରଜୀ ହେଉଛନ୍ତି ନିଜ ଲୋକ ।

**ପ୍ର.୧୪. ମାଷ୍ଟରଜୀଙ୍କ ଶାରୀରିକ ଗଠନ କିପରି ଥିଲା ?**

**ଉ.** ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ମାଷ୍ଟରଜୀ ପ୍ରୌଢ଼, ଚିନ୍ତାଜୀର୍ଣ୍ଣ ଓ ଦରିଦ୍ର ଶିକ୍ଷକ ଜଣେ । ସେ ଥିଲେ ପରାନ୍ନଭୋଜୀ । ଚିର ଅବହେଳିତ ଶୀର୍ଣ୍ଣ ଦେହ ଏବଂ ଭିକ୍ଷୁକ ବ୍ରାହ୍ମଣ ।

**ପ୍ର.୧୫. ମାଷ୍ଟରଜୀଙ୍କୁ ଥରେ ଯାଇ ଦେଖି ଆସିବାକୁ ଅଶୋକ କାହିଁକି ମନ ବଳାଇଥିଲେ ?**

**ଉ.** ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ମାଷ୍ଟରଜୀ ଅଶୋକଙ୍କର ଗୃହଶିକ୍ଷକ ଥିଲେ । ତାଙ୍କର ଘର ବନାରସରେ । ଅଶୋକ ବନାରସ ଆସିଥିବାରୁ ତାଙ୍କୁ ଦେଖାକଲେ ସେ ଖୁସୀ ହେବେ ବୋଲି ଚିନ୍ତାକରି ଦେଖାକରିବାକୁ ମନ ବଳାଇଥିଲେ ।

**ପ୍ର.୧୬. କେଉଁ ଘଟଣାରେ ମାଷ୍ଟରଜୀ ଡରି ଅସ୍ଥିର ହୋଇ ଯାଇଥିଲେ ?**

ଉ. ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ମନ୍ନୁ (ମାଙ୍କଡ଼) ପାଖକୁ ଆସିଲେ ମାଷ୍ଟରଜୀ ଡରି ଅସ୍ଥିର ହୋଇଯାଉଥିଲେ । ବିପନ୍ନ ମୁହୂର୍ତ୍ତରେ ମାଷ୍ଟରଜୀ କିଛି କରି ନ ପାରି ଗମ୍ଭୀର ହୋଇ ସ୍ଥିର ଭାବରେ ବସିରହନ୍ତି ।

**ପ୍ର.୧୭. କେଉଁ ଅବସ୍ଥାକୁ ଅଶୋକଙ୍କ ବିପନ୍ନ ମୁହୂର୍ତ୍ତ ବୋଲି କୁହାଯାଇଛି ?**

ଉ. ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

**ପ୍ର.୧୮. "ଓଃ ଦୁଇ ଦୁଇଟା ମାଙ୍କଡ଼ଙ୍କୁ ମଣିଷ କାହାଁତକ କରେ ମୁଁ" - ଏହା କେଉଁ ପ୍ରସଙ୍ଗରେ କୁହାଯାଇଛି ?**

ଉ. ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

'ଓଃ, ଦୁଇ ଦୁଇଟା ମାଙ୍କଡ଼ଙ୍କୁ ମଣିଷ କାହାଁତକ୍ କରେ ମୁଁ' ଏକଥାର ତାତ୍ପର୍ଯ୍ୟ ହେଲା- ମୁନ୍ନା ହେଉଛି ଅଶୋକ ଏବଂ ମନ୍ନୁ ହେଉଛି ମାଙ୍କଡ଼ । ଦୁଇଟି ଚରିତ୍ର ଅବୋଧ ଏବଂ ଛାତ୍ର ।

**ପ୍ର.୧୯. ରିକ୍ସା ଆସି କେଉଁଠି ପହଞ୍ଚି ଯାଇଥିଲା ଓ ଅଶୋକ ସେଠାରେ କ'ଣ ଖୋଜୁଥିଲେ ?**

ଉ. ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ରିକ୍ସା ଆସି ସଦର ବଜାର ପୋଷ୍ଟଅଫିସ୍ ପାଖରେ ପହଞ୍ଚିଲା । ସାମ୍ନାରେ ଦୁଇଟି ରାସ୍ତା ଦୁଇଆଡ଼କୁ ବାଙ୍କିଯାଇଛି । ଏକ ଯୂପକାଷ୍ଠପରି ଦେଖାଯାଉଛି । ସେଠାରେ ଅଶୋକ ମାଷ୍ଟରଜୀଙ୍କୁ ଖୋଜୁଥିଲା ।

**ପ୍ର.୨୦. ନାଲି କିରାସିନିର ଲଣ୍ଠନ ଆଲୁଅରେ ମାଷ୍ଟରଜୀ କ'ଣ କହୁଥିବେ ବୋଲି ଅଶୋକ କଳ୍ପନା କରିଛନ୍ତି ।**

ଉ. ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ନାଲି କିରାସିନୀର ଲଣ୍ଠନ ଆଲୁଅରେ ମାଷ୍ଟରଜୀ ପିଲାଙ୍କୁ ପାଠ ପଢ଼ାଉଥିବେ ବୋଲି ଅଶୋକ କଳ୍ପନା କରିଛି ।

**ପ୍ର.୨୧. ସ୍ନେହ-ଦୁର୍ବଳ ଶିକ୍ଷକର ଦୁଇଆଖି କାହିଁକି ଆନନ୍ଦର ଅଶ୍ରୁରେ ଭାସିଯିବ ବୋଲି କୁହାଯାଇଛି ?**

ଉ. ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ଅଶୋକକୁ ମାଷ୍ଟରଜୀ ଦେଖିଲା ପରେ ତାଙ୍କର ସ୍ନେହ ଦୁର୍ବଳ ଦୁଇ ଆଖି ଆନନ୍ଦାଶ୍ରୁରେ ଭରିଯିବ ।

**ପ୍ର.୨୨. ପ୍ରତ୍ୟେକ ଶିକ୍ଷକ କେଉଁଦିନକୁ ଅପେକ୍ଷା କରି ରହିଥାଏ ?**

ଉ. ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

**ପ୍ର.୨୯. ମାଷ୍ଟରଜୀଙ୍କ ଝାଙ୍କ-କାଶ ସଂପର୍କରେ କ'ଣ କୁହାଯାଇଛି ?**

ଉ. ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ମାଷ୍ଟରଜୀଙ୍କ ଝାଙ୍କ କାଶ ବଢ଼ିଯାଉଥିଲା । ସେ କାଶରେ ଯେମିତି ଦୋହଲି ଯାଉଥିଲେ । ତାଙ୍କର ଜୀର୍ଣ୍ଣ କଙ୍କାଳ ଦୋହଲି ଉଠୁଥିଲା । ଏହା ଥିଲା ପ୍ଳୁରେସୀ ରୋଗ ।

**ପ୍ର.୩୦. 'ରାମସରନ୍' ସମ୍ପର୍କରେ କ'ଣ କୁହାଯାଇଛି ?**

ଉ. ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ରାମସରନ୍ ମାଷ୍ଟରଜୀଙ୍କର ବଡ଼ପୁଅ । ପରିବାରର ବୋଝ ଉଠେଇବାପାଇଁ ସେ ଅନେକ ଦାୟିତ୍ୱ ନେଇଥିଲା । ରିକ୍ସା ଚଲାଇ ପରିବାର ପୋଷୁଥିଲା ।

**ପ୍ର.୩୧. ମାଷ୍ଟରଜୀଙ୍କ କାହାଣୀରେ କେଉଁ ଚରିତ୍ର ସବୁ ଜୀବନ୍ତ ହୋଇ ଉଠୁଥିଲେ ?**

ଉ. ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ମାଷ୍ଟର୍‌ଜୀଙ୍କ କାହାଣୀରେ ମାଷ୍ଟର୍‌ଜୀ ସ୍ୱୟଂ ଜୀବନ୍ତ ଚରିତ୍ର ଥିଲେ । ତାଙ୍କ ପତ୍ନୀଙ୍କ ନାମ ରୂପା । ଏହାବ୍ୟତୀତ ମାତାଜୀ ଥିଲେ ଏକ ଜୀବନ୍ତ ଚରିତ୍ର । ସେ ସମସ୍ତଙ୍କୁ ଭଲପାଉଥିଲେ । ସୁଜି ହାଲଓ୍ୱା କରି ପିଲାଙ୍କୁ ବାଣ୍ଟୁଥିଲେ ।

**ପ୍ର.୩୨. ମାଷ୍ଟରଜୀଙ୍କ ଆତ୍ମକାହାଣୀ ଶୁଣିବା ପରେ ଅଶୋକଙ୍କୁ ହଠାତ୍ କ'ଣ ମନେ ହୋଇଥିଲା ।**

ଉ. ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ମାଷ୍ଟର୍‌ଜୀଙ୍କ ଆତ୍ମକାହାଣୀ ଶୁଣିବାପରେ ଅଶୋକ ସ୍ତମ୍ଭୀତ ହୋଇଯାଇଥିଲା । ତାଙ୍କ ଆଖିରୁ ଲୁହ ବୋହିଆସିଥିଲା ଏବଂ ସେ କହିଥିଲେ- ହାୟ ରୂପନାରାୟଣ !

**ପ୍ର.୩୩. ମାଷ୍ଟରଜୀଙ୍କ କେଉଁ କଥାର ଉତ୍ତର ଦେବାର କିଛି ନଥିଲା ବୋଲି ଅଶୋକ କହିଛନ୍ତି ?**

ଉ. ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ମାଷ୍ଟରଜୀଙ୍କ କୌଣସି ପ୍ରଶ୍ନର ଉତ୍ତର ଦେବାକୁ କିଛି ନଥିଲା ବୋଲି ଅଶୋକ କହିଛନ୍ତି । କାରଣ ମାଷ୍ଟରଜୀ ଥିଲେ ବାସ୍ତବବାଦୀ ଏବଂ ଅବହେଳିତ ସମାଜ ପାଇଁ ସେ ନିଜକୁ ତିଳ ତିଳ କରି ଦଗ୍ଧ କରିଥିଲେ । ସେ ଥିଲେ ଶିକ୍ଷକ ଜାତିର ନମସ୍ୟ ।

**ପ୍ର.୩୪. ସତୁରିରୁ ଅଧିକ ବୟସ ହୋଇଥିବା ମାତାଜୀ କ'ଣ କରୁଥିବାର ଅଶୋକ ଦେଖିଥିଲେ ?**

ଉ. ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

୭୦ରୁ ଅଧିକ ବୟସ ହୋଇଥିବା ମାତାଜୀ ତଥାପି କାନକୁ ଶୁଭୁନଥିଲେ ମଧ୍ୟ କର୍ମରେ ତତ୍ପର ଥିଲେ । ମାତାଜୀଙ୍କ ଲୋଳିତ ଚର୍ମ ଶିଥିଳ ହୋଇଯାଇଥିବା ମସ୍ତିଷ୍କକୁ ନେଇ ତଥାପି ସେ ଅନାସକ୍ତ କର୍ମରେ ବ୍ୟାପୃତ ଥିଲେ ।

**ପ୍ର.୩୫. "ୟେ କ୍ୟା ହୋଗୟା ହେ ମାତାଜୀ କେ ?"- ଏ କଥା ଅଶୋକ ମାଷ୍ଟରଜୀଙ୍କୁ କାହିଁକି ପଚାରିଛନ୍ତି ?**

ଉ. ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ଏ କ୍ୟା ହୋଗେୟା ହେ ମାତାଜୀକେ କଥାଟିକୁ ଅଶୋକ ମାଷ୍ଟରଜୀଙ୍କୁ ପଚାରିଛନ୍ତି । ଅର୍ଥାତ୍ ମାତାଜୀଙ୍କର ପୂର୍ବ ସ୍ୱଭାବ ବଦଳି ଯାଇଥିଲା । ତାଙ୍କର ଦିମାକ୍ ବିଗିଡ଼ିଯାଇଥିଲା । ସେ ପୂର୍ବପରି ପ୍ରବଣତା ପୂର୍ଣ୍ଣ ନଥିଲେ ।

**ପ୍ର.୩୬. ମାତାଜୀ ସେଦିନ ଦୃପ୍ତକଣ୍ଠରେ ପଦାକୁ ବାହାରି ଆସି କ'ଣ କହୁଥିଲେ ବୋଲି ଅଶୋକ ମନେ ପକାଇଛନ୍ତି ?**

ଉ. ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ମାତାଜୀ ସେଦିନ ଦୃପ୍ତ କଣ୍ଠରେ ପଦାକୁ ବାହାରି ଆସି ବିଳିବିଳଉଥିଲେ । ତଥାପି ଅଶୋକ ମାତାଜୀଙ୍କର ପୂର୍ବ ସ୍ନେହ ଓ ମାତୃତ୍ୱର ବାତ୍ସଲ୍ୟ ମମତାକୁ ମନେ ପକାଉଥିଲେ ।

**ପ୍ର.୩୭. "ଜଣେ ହତ୍ୟାକାରୀର ଭୀରୁ ସଙ୍କୁଚିତ ବିବେକ ନେଇ ଚାଲିଛି ମୁଁ"- ଏହା କେଉଁ ପ୍ରସଙ୍ଗରେ କୁହାଯାଇଛି ?**

ଉ. ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ଜଣେ ହତ୍ୟାକାରୀର ଭିରୁ ସଙ୍କୁଚିତ ବିବେକ୍ ନେଇ ଅଶୋକ ସେଦିନ ମାଷ୍ଟରଜୀଙ୍କ ପାଖରୁ ହୋଟେଲ୍‌କୁ ଫେରିଥିଲେ । ସେ ଜଣେ ଶିକ୍ଷାବିଭାଗର ଉଚ୍ଚପଦସ୍ଥ କର୍ମଚାରୀ ବୋଲି ପରିଚୟ ଦେଇନଥିଲେ । ମାଷ୍ଟରଜୀଙ୍କୁ ଅଧିକ ପ୍ରବୋଧନା ଦେବାର ଅବକାଶ ପାଉନଥିଲେ ।

**ପ୍ର.୩୮. ଅଶୋକଙ୍କ କାନ ପାଖରେ କିଏ ଜଣେ କ'ଣ ଫିସ୍ ଫିସ୍ କରି କହୁଛି ବୋଲି ତାଙ୍କର ମନେ ହୋଇଛି ?**

ଉ. ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ଅଶୋକ ମାଷ୍ଟରଜୀଙ୍କ ରିକ୍ସାଚଲାଇବା ବୃତ୍ତି ଦେଖି ବିବ୍ରତ ହୋଇପଡ଼ିଥିଲେ । ଆଦର୍ଶ ଶିକ୍ଷକରୁ ଭିକ୍ଷାବୃତ୍ତିକୁ ଓହ୍ଲେଇ ଯାଇଥିବା ମାଷ୍ଟରଜୀଙ୍କ ଦୈନ୍ୟ ଜୀବନ ତାଙ୍କୁ କବଳିତ କରିଥିଲା । ସେ ନିରୂପାୟ ଓ ଅସହାୟ ମନେ କରୁଥିଲେ । ଏହି କଥା ତାଙ୍କ କାନରେ ଫିସ୍‌ଫିସ୍ କରି କହୁଛି ବୋଲି ମନେ ହେଉଥିଲା ।

**ପ୍ର.୩୯. ରୂପନାରାୟଣ ଏ ଜାତି ପାଇଁ କ'ଣ କରିବା ଉଚିତ୍ ବୋଲି ଅଶୋକ କହିଛନ୍ତି ?**

ଉ. ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ରୂପନାରାୟଣ ଏ ଜାତିପାଇଁ ଜଣେ ଆଦର୍ଶ । ସେ ଚାବୁକ୍‌ଧରି ଏ ଜାତିକୁ ପିଟିବା ଉଚିତ୍ ।

**ପ୍ର.୪୦. ଏ ଜାତିକୁ ଜାଗ୍ରତ କରିବାକୁ ହେବ ବୋଲି ଅଶୋକ ମାଷ୍ଟରଜୀଙ୍କୁ କାହିଁକି କହିଛନ୍ତି ?**

ଉ. ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ଏ ଜାତିକୁ ଜାଗ୍ରତ କରିବାକୁ ହେବ ବୋଲି ଅଶୋକ ମାଷ୍ଟରଜୀଙ୍କୁ କହିଛନ୍ତି । ଏ ଜାତିର ଶୈଶବ ଏବେବି ବାକି ଅଛି । ନୂଆକରି ଏମାନଙ୍କୁ ପ୍ରାଥମିକ ଶିକ୍ଷା ଦେବାକୁ ହେବ ବୋଲି ଅଶୋକ କହିଛନ୍ତି ।

**ପ୍ର.୪୧. ମାଷ୍ଟରଜୀ କ'ଣ କଲେ ଏ ଅଚେତନ ଜାତିର ମସ୍ତିଷ୍କରେ ଚେତନା ସଞ୍ଚାରିତ ହେବ ବୋଲି ଅଶୋକ କହିଛନ୍ତି ?**

ଉ. ଗଳ୍ପ – ରୂପନାରାୟଣ ସାହା

ଗାଳ୍ପିକ – ଅଖିଳମୋହନ ପଟ୍ଟନାୟକ

ଏ ଜାତିକୁ ଲମ୍ବା ଚାବୁକ୍ ଧରି ପିଟନ୍ତୁ, ଖୁବ୍ ଜୋରରେ ପିଟନ୍ତୁ- ବିଟ୍ ଦେମ୍ ରାଇଟ୍ ଆଣ୍ଡ ଲେଫ୍ଟ ବ୍ଲାକ୍ ଆଣ୍ଡ ବ୍ଲୁ ଦେଖିବେ ମାଷ୍ଟରଜୀ ଏ ଅଚେତନ ଜାତିର ମସ୍ତିଷ୍କରେ ଧିରେ ଧିରେ ଚେତନା ସଞ୍ଚାଳିତ ହେବ । ଏ ଜାତି ଧିରେ ଧିରେ ଅହିରାଜ କୁଣ୍ଡଳୀର ଶୀତଳ ଶଯ୍ୟାରୁ ଚଞ୍ଚଳ ହୋଇଉଠିବ ।

**(ଡ) ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ – ପ୍ରଶ୍ନର ମୂଲ୍ୟ ୫ ନମ୍ବର ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୧୫୦ ଶବ୍ଦ ମଧ୍ୟରେ ଦେବାକୁ ହେବ ।**

**ପ୍ର.୧. ପଠିତ ଗଳ୍ପରେ ବନାରସର ବର୍ଣ୍ଣନା କିପରି ରହିଛି ଉଲ୍ଲେଖ କର ।**

ଉ. ରୂପନାରାୟଣ ସାହା ଗଳ୍ପର ଗାଳ୍ପିକ ହେଉଛନ୍ତି ଅଖିଳମୋହନ ପଟ୍ଟନାୟକ । ସେ ଜଣେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟରେ କୃତବିଦ୍ୟ କଥାକାର । ତାଙ୍କର ଗଳ୍ପ ଚେତନାଧର୍ମୀ ଏବଂ ସମସ୍ୟା ସଂସ୍କାରମୂଳକ । ବିଦ୍ରୋହ ତାଙ୍କ ଗଳ୍ପର ଭାବବିନ୍ଦୁ । ଆଲୋଚ୍ୟ ଗଳ୍ପ ରୂପନାରାୟଣ ସାହା ଏକ ଚେତନାଭିତ୍ତିକ ଗଳ୍ପ । ପ୍ରଚଳିତ ଆମ ଶିକ୍ଷା ବ୍ୟବସ୍ଥା ପ୍ରତି ଏକ ଶାଣିତ ଦୃଷ୍ଟି ନିକ୍ଷେପ କରିଛନ୍ତି ଗାଳ୍ପିକ ।

ଏହି ଗଳ୍ପରେ ବନାରସ ସହରକୁ ନେଇ କଥାବସ୍ତୁ ଗଢ଼ିଉଠିଛି । ବନାରସ ସହରର ନିଛକ ବର୍ଣ୍ଣନା ଗାଳ୍ପିକ ପ୍ରଦାନ କରିଛନ୍ତି । ପିଲାଦିନେ ଖ୍ରୀଷ୍ଟମାସ ଛୁଟିରେ ସେ ଏହି ବନାରସକୁ ପରିବାର ସହ ଯାଇଥିଲେ । ସେହି ସ୍ମୃତି ଏହି ଗଳ୍ପରେ ଉଦ୍‌ଭାସିତ ହୋଇଛି । ସେତେବେଳର ବନାରସ ରାସ୍ତାଘାଟ ଏବଂ ଜନଗହଳି ଗାଳ୍ପିକଙ୍କ ମନରେ ଚେଇଁ ଉଠିଛି । ବନାରସକୁ ଗାଳ୍ପିକ ଯେଉଁ ରୂପ ଦେଇଛନ୍ତି ତାହାର ଗୋଟିଏ କାନ୍‌ଭାସ୍ ଅଙ୍କନ କରିଛନ୍ତି । ଗାଳ୍ପିକଙ୍କ ଭାଷାରେ "ବନାରସ ରାସ୍ତାରେ ରାସ୍ତାରେ ଅସମ୍ଭବ ଲୋକ ଭିଡ଼ ବନାରସ ଭାରତଭୂମିର ଅସଂଖ୍ୟ ପୂଣ୍ୟ କାଙ୍ଗାଳ ଜନତାର ଚିର ଇପ୍‌ସିତ ବନାରସ । ରାସ୍ତାରେ ସିଆର ସିଆର ହୋଇ ଲୋକର ଧାଡ଼ି, ଯେମିତି ଜମାଟ ବାନ୍ଧିଯାଇଛି ବରଫପରି ।"

ବନାରସରେ ରହିଛି କାଶୀବିଶ୍ୱନାଥ ମନ୍ଦିର । ଏହି ମନ୍ଦିରପାଇଁ ଲୋକଙ୍କର ହୁଏ ଭିଡ଼ । ବନାରସ ମଧ୍ୟ ଭାରତବର୍ଷର ଏକ ପ୍ରାଚୀନତମ ନଗରୀ । ଏହି ନଗରୀରେ ଲୋକମାନଙ୍କର ଦିନ ଏବଂ ରାତିରେ ପ୍ରବଳ ଭିଡ଼ ଜମେ । ସେହି ସ୍ମୃତିକୁ ମନେ ପକାଇ ଗାଳ୍ପିକ ବନାରସର ବର୍ଣ୍ଣନା କରିଛନ୍ତି ।

**ପ୍ର.୨. କଥାକାରଙ୍କ ବର୍ଣ୍ଣନାଚାତୁରୀ କିପରି ସନ୍ଧ୍ୟା ଓ ରାତ୍ରିକାଳୀନ ଗଙ୍ଗାର ଦୃଶ୍ୟକୁ ଚିତ୍ରାୟିତ କରିଛି ଦର୍ଶାଅ ।**

ଉ. ରୂପନାରାୟଣ ସାହା ଗଳ୍ପରେ ଗାଳ୍ପିକ ଅଖିଳମୋହନ ପଟ୍ଟନାୟକ ବନାରସ ସହରର ସନ୍ଧ୍ୟା ଓ ରାତ୍ରିକାଳୀନ ଗଙ୍ଗାର ଦୃଶ୍ୟକୁ ଚିତ୍ରାୟିତ କରିଛନ୍ତି । ଗଙ୍ଗା ଏକ ପବିତ୍ର ଓ ପ୍ରାଚୀନ ନଦୀ । ବନାରସ ସହରରେ ଗଙ୍ଗା ବହୁବର୍ଣ୍ଣା । କାଶୀବିଶ୍ୱନାଥ ମନ୍ଦିରର ସ୍ୱର୍ଣ୍ଣଚୂଡ଼ା ଆସନ୍ନ ସନ୍ଧ୍ୟାର ମଳିନ ଆଲୁଅରେ ଚକ୍‌ଚକ୍ କରୁଛି । ମନ୍ଦିରର ରାସ୍ତା ନାତିପ୍ରଶସ୍ତ । ସେହି ନାତିଦୀର୍ଘ ରାସ୍ତାରୁ ସଂକୀର୍ଣ୍ଣ ଉପପଥ ବାହାରିଛି । ସେହି ଉପପଥର ସନ୍ନିକଟରେ ରହିଛି ଡାଲ୍‌ମଣ୍ଡି । ଏହା ସହସ୍ରାଧିକ ବାରଙ୍ଗନାର ଆଶ୍ରୟଦାତ୍ରୀ । ଏହା ଲକ୍ଷ ରୂପପିପାସୀ ନାଗରିକ ପଦରଜରେ ସିକ୍ତ । ମଦନ ଅର୍ଚ୍ଚନାର କୋଳାହଳରେ ରାତ୍ରି ନିର୍ବାସିତା । ସେଠିବି ସନ୍ଧ୍ୟା ଆସେ । ଆତୁରା ନାୟିକାର ନିମନ୍ତ୍ରଣ, ଭୀରୁ ଆଖିର ଇଙ୍ଗିତରେ ରାତ୍ରି ଆସେ ରତିକ୍ଳାନ୍ତ ହୋଇ । କାମୁକୀ ନାରୀର ସ୍ୱେଦସିକ୍ତ ଆଖିର ପତାରେ ପତାରେ ସନ୍ଧ୍ୟା ନଇଁଆସେ ।

ଏହି ଗଙ୍ଗା ଗୋଧୂଳି ଓ ସନ୍ଧ୍ୟାର ରଙ୍ଗୀନ ଆଭାରେ ରହସ୍ୟମୟୀ ହୋଇଉଠେ । ବିଦ୍ୟୁତ୍ ଆଲୋକରେ ବନାରସର ଫୁଟପାଥ୍ ଲୋକଭିଡ଼ରେ ଉଛୁଳିପଡ଼େ । ବନାରସର ଧାଡ଼ି ଧାଡ଼ି ତୁଙ୍ଗ ସୌଧ ବିଚିତ୍ର ଦୃଶ୍ୟ ସୃଷ୍ଟି କରେ । ଗଙ୍ଗାର ବିପୁଳ ଦେହ ଅସ୍ତସୂର୍ଯ୍ୟର ସୁନା କିରଣରେ ଝଲମଲ୍ ହୋଇଉଠେ । ଗଙ୍ଗାର ଗହମ ରଙ୍ଗର ପାଣି ଲାଲେଲାଲ୍ ହୋଇଉଠେ । ଠିକ୍ ଯେମିତି ମୁକ୍ତକେଶୀ ଦ୍ରୌପଦୀର ବେଣୀବନ୍ଧନ ପରି । ସନ୍ଧ୍ୟାର ଦିଗହରା ପବନରେ ଗଙ୍ଗାର କୃଷ୍ଣନୀଳ ପାଣି ଅସଂଖ୍ୟ ଢେଉରେ ଭାଙ୍ଗିପଡ଼େ । ପ୍ରତିଟି ଢେଉରେ ନୀଳଗାତ୍ରରେ ଧୂସର ଅନ୍ଧାର ଲେସି ହୋଇଥାଏ । ଏହି ଦୃଶ୍ୟ ପ୍ରତିନିୟତ ।

ବିଦ୍ୟୁତ୍ ଆଲୋକର ପ୍ରତିବିମ୍ବ ପଡ଼ିଛି ଗଙ୍ଗାବକ୍ଷରେ । କେଶରୀମଧ୍ୟମା ଗଙ୍ଗାର କଟି ଆବୃତ କରିଛି ସୁବର୍ଣ୍ଣ ମେଖଳା । ଏହି ଗଙ୍ଗାର ଦେହରେ ଗଭୀର ନୀଳରଙ୍ଗର ବନାରସୀ ଶାଢ଼ୀ ଛଟ୍ରେ ଛଟ୍ରେ ରୂପେଲି ଜରି ତାରାପରି ଫୁଟିଛି । ଉଜ୍ଜ୍ୱଳ ଚକ୍ରବାଳର ପଟ୍ଟଭୂମିରେ ସିଲିହଟ୍ ଛବିପରି ପ୍ରତୀୟମାନ ହେଉଛି ।

ବାସ୍ତବରେ ଗଙ୍ଗା ଓ ବନାରସରେ ସୂର୍ଯ୍ୟାସ୍ତର ବର୍ଣ୍ଣନାଚାତୁରୀ ଗାଳ୍ପିକଙ୍କ ଲେଖନୀରେ ଜୀବନ୍ତ ହୋଇଉଠିଛି ।

**ପ୍ର.୩. ରୂପନାରାୟଣ ସାହା ଗଳ୍ପ ଅବଲମ୍ବନରେ ଗଙ୍ଗାରେ ଅଶୋକର ଶୈଶବକାଳୀନ ସ୍ମୃତି ସଂପର୍କରେ ଉଲ୍ଲେଖ କର ।**

**ଉ.** ରୂପନାରାୟଣ ସାହା ଗଳ୍ପ ଏକ ପ୍ରତୀକାତ୍ମକ ଗଳ୍ପ । ଏହି ଗଳ୍ପର ଗାଳ୍ପିକ ଅଖିଳମୋହନ ପଟ୍ଟନାୟକ ଜଣେ ପ୍ରତୀକଧର୍ମୀ ଓ ଚେତନାପ୍ରବାହୀ ଗାଳ୍ପିକ । ଅସହାୟ ଏବଂ ନିପୀଡ଼ିତ ମଣିଷ ଓ ସମସ୍ୟାର ସେ ଜଣେ ଭାଷ୍ୟକାର । ଆଲୋଚ୍ୟ ଗଳ୍ପ ରୂପନାରାୟଣ ସାହାରେ ଶିକ୍ଷକ ଓ ଶିକ୍ଷା ବ୍ୟବସ୍ଥା ପ୍ରତି ସେ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ରୂପନାରାୟଣ ସାହାଙ୍କ ପରି ଜଣେ ଆଦର୍ଶ, ସତ୍ୟନିଷ୍ଠ ଓ ପ୍ରତୀକାତ୍ମକ ଶିକ୍ଷକ କିପରି ଏକ ଅସହାୟ ଜୀବନ ବିତାଇଛନ୍ତି ତାହାର ଏକ ମାର୍ମିକ ଚିତ୍ର ଗାଳ୍ପିକ ପ୍ରଦାନ କରିଛନ୍ତି ।

ଗଙ୍ଗାରେ ଅଶୋକଙ୍କର ଶୈଶବକାଳୀନ ସ୍ମୃତିରୁ ଗଳ୍ପର ଘଟିଛି ପ୍ରାରମ୍ଭ । କୈଶୋରରେ ସେ ଦେଖିଥିଲେ ଗଙ୍ଗାର ଓ ବନାରସର ଚିତ୍ର । ଏହା ତାଙ୍କର ଶୈଶବର କଥା । ତାଙ୍କ ବାପା ବନାରସରେ ମିଲିଟାରୀ ଡାକ୍ତର ଥା'ନ୍ତି । ସେହିପରି ଏକ ସନ୍ଧ୍ୟା । କ୍ଷୁଦ୍ର ପରିବାର ସହିତ ନୌକାରେ ଗଙ୍ଗା ଆରପାରିରୁ ରାମନଗର ଦେଖିସାରି ଫେରୁଥା'ନ୍ତି । ହରିଶ୍ଚନ୍ଦ୍ର ଘାଟ ନିକଟ ହୋଇ ଆସିଥିଲା । ତା'ପରେ ନୌକା ଆସିବ ଦଶାଶ୍ୱମେଧ ଘାଟକୁ । ନୌକାର ଗତି କ୍ରମଶଃ ଶିଥିଳ ହୋଇଆସିଲା । ମାଝି ହିନ୍ଦି, ମୈଥିଳୀ ଓ ଭୋଜପୁରୀ ମିଶା ଭାଷାରେ କହିଲା- ରାମନଗରକା ନାମ୍ ମତ୍ ଲିଜିୟେ ବାବୁଜୀ । ହର୍ ଆଦ୍‌ମୀ କୋ ଏକ୍ ଏକ୍ ରୂପିୟା ଟ୍ୟାକ୍ସ ଲଗାଯାଏଗା କର୍ପୋରେସନକା । ନୌକାରେ ଆସୀନ ପରିବାରର ସମସ୍ତେ ସାବଧାନ ହୋଇପଡ଼ିଲେ କିନ୍ତୁ ଘାଟକୂଳରେ ସେଦିନ କିଶୋର ଅଶୋକ ଚିଲେଇଉଠିଥିଲେ- ରାମନଗର ଗୟେ ଥେ ହାମ୍‌ଲୋଗ୍ । ସମସ୍ତେ ଚମକି ପଡ଼ିଥିଲେ । ଜଣକୁ ଏକଟଙ୍କା କରି ନଗଦ ଦଶଟଙ୍କା ଟାକ୍ସ ଗଣିବାକୁ ପଡ଼ିଲା । ବାପା ବିରକ୍ତ ହେଲେ । ଏହି ଟାକ୍ସଟି ତାଙ୍କୁ ଖୁବ୍ ବାଧିଥିଲା । ଦାଦା ମଧ୍ୟ ଇଡ଼ିୟଟ୍ କହି ଗାଳି ଦେଇଥିଲେ । ସୁବିଧାବାଦୀ ସାନଭଉଣୀ ଖନେଇ ଖନେଇ କହିଥିଲା ଭାଇର ଆଉ ପ୍ୟାଣ୍ଟ କିଣାହେବନି । ଶେଷକୁ ଜେଜେମା' ମିଥ୍ୟା ଆରୋପ କରିଥିଲେ । କିନ୍ତୁ ମାଷ୍ଟରଜୀ ରୂପନାରାୟଣ ସାହା ମୋର ପିଠି ସାଉଁଳେଇ ଦେଇ ସମସ୍ତଙ୍କୁ କହିଥିଲେ "ପରିସାନ୍ ନ ହୋ ଅଶୋକ, ରୋ ମତ୍ ବେଟା" । ଏହି ଆଶ୍ୱାସନା ପାଇ ଅଶୋକ ସେଦିନ ତୁହାଇ ତୁହାଇ କାନ୍ଦିଥିଲା । ତାଙ୍କ କଣ୍ଠର ସହାନୁଭୂତି ମର୍ମସ୍ଥଳକୁ ଭେଦ କରିଥିଲା । ସାମାନ୍ୟ କେତୋଟି ଟିଉସନ୍ ଦରମାରେ ବଞ୍ଚୁଥିବା ମାଷ୍ଟରଜୀଙ୍କୁ ଅଶୋକ ନିକଟରୁ ତାଙ୍କର ସ୍ୱରୂପ ଦେଖିବାକୁ ପାଇଥିଲା ।

ଏହା ଥିଲା ଅଶୋକଙ୍କର ଶୈଶବକାଳୀନ ଜୀବନ୍ତ ସ୍ମୃତି ।

**ପ୍ର.୪. ଅଶୋକର ନୌକାଯାତ୍ରା ସମୟରେ ଉପୁଜିଥିବା ବିପନ୍ନ ମୁହୂର୍ତ୍ତରେ ମାଷ୍ଟରଜୀଙ୍କ ଭୂମିକା ନିର୍ଣ୍ଣୟ କର ।**

**ଉ.** ରୂପନାରାୟଣ ସାହା ଗଳ୍ପରେ ରୂପନାରାୟଣ ହେଉଛନ୍ତି କେନ୍ଦ୍ରୀୟ ଚରିତ୍ର । ସେ ମାଷ୍ଟରଜୀ ଭାବରେ ପରିଚିତ । ଏହି ଚରିତ୍ରର ବିଚାରବୋଧ ହୃଦୟସ୍ପର୍ଶୀ । ଜଣେ ସାମାନ୍ୟ ପରାନ୍ନଭୋଜୀ ଟ୍ୟୁସନ୍ ଶିକ୍ଷକ ଏତେବଡ଼ ମହତ୍ତ୍ୱପୂର୍ଣ୍ଣ ବିଚାରର ଏବଂ ଜୀବନ ବଞ୍ଚିବାର କୌଶଳକୁ ତଥା ବିଚାରବୋଧକୁ ଆପଣେଇ ନେଇଥିଲେ ତାହା ପାଠକର ପ୍ରାଣକୁ ଶୋକାପ୍ଲୁତ କରେ ।

ମାଷ୍ଟରଜୀ ଦେଖିବାକୁ କ୍ଷୀଣ ଏବଂ ଚିନ୍ତାଜୀର୍ଣ୍ଣ । ଅଶୋକର ପିଲାଦିନର ସ୍ମୃତିରେ ସେ ଜଣେ ଜୀବନ୍ତ ଦେବତା । ଅଶୋକ ମନ ଭିତରେ ଅଙ୍କୁରିତ ହୋଇଥିବା ସତ୍ୟନିଷ୍ଠତାର ସେ ଥିଲେ ପ୍ରଶଂସକ । ବାସ୍ତବରେ ଶିକ୍ଷକ ହିଁ ଛାତ୍ରର ଗତିପଥ

ରୋଧ କରି ନଥାଏ ବରଂ ଛାତ୍ରର ଅଭିଳାଷ ଓ ଆୟାସକୁ ଉତ୍ତେଜିତ କରିଥାଏ । ଏହିପରି ଏକ ଉଚ୍ଚାଙ୍ଗ ଭାବନାକୁ ପାଥେୟ କରି ଗାଳ୍ପିକ ଅଖିଳମୋହନ ପଟ୍ଟନାୟକ ରୂପନାରାୟଣ ସାହା ମାଷ୍ଟରଜୀ ଚରିତ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।

ପରିବାରର ସମସ୍ତ ବିପରୀତମୁଖୀ ଭାବନାରେ ଗ୍ଲାନି ଓ ନୈରାଶ୍ୟରେ ଭାଙ୍ଗି ପଡ଼ିଥିବା ଅଶୋକ ପାଇଁ ଏହି ମାଷ୍ଟରଜୀ ଚରିତ୍ର ଏକ ସାହାରା ଏବଂ ପ୍ରଚୋଦନାର ପ୍ରମାଣ ଭାବରେ ଦଣ୍ଡାୟମାନ । ମାଷ୍ଟରଜୀ ଏକ ମୁକ୍ତ ଚରିତ୍ର । ଆମ ସମାଜରେ ଏହିପରି ଶିକ୍ଷକ ଓ ଶିକ୍ଷକତାର ପ୍ରମାଣ ରହିଛି । ଗୋପବନ୍ଧୁ, ନୀଳକଣ୍ଠ, ଗୋଦାବରୀଶଙ୍କ ପରି ଉଚ୍ଚଶିକ୍ଷିତ ବ୍ୟକ୍ତିମାନେ ଶିକ୍ଷକତାକୁ ଆପଣେଇ ନେଇ ମଣିଷ ତିଆରି କାରଖାନା ପ୍ରସ୍ତୁତ କରିଥିଲେ । ଛାତ୍ରର ଚରିତ୍ର ଗଠନରେ ସେମାନେ ହୋଇଥିଲେ ଗୁରୁ ଓ ଅଭିଭାବକ ।

ବାପା, ଜେଜେମା', ଦାଦା ଏବଂ ସାନଭଉଣୀ ସମସ୍ତଙ୍କର ଟିକା ଟିପ୍ପଣୀ ଶୁଣିବାପରେ ମନ ଭିତରେ ଯେଉଁ ଗ୍ଲାନି ସୃଷ୍ଟି ହୋଇଥିଲା ସେହି ଗ୍ଲାନି ନୌଯାତ୍ରାର ସମସ୍ତ ସରସତାକୁ ମଳିନ କରିଦେଇଥିଲା । ଏହିପରି ଅବସ୍ଥାରେ ମାଷ୍ଟରଜୀଙ୍କ ଭୂମିକା ଅଶୋକଙ୍କ ପାଇଁ ଥିଲା ଗୁରୁତ୍ୱପୂର୍ଣ୍ଣ । ସେ ଅଶୋକର ସତ୍ୟନିଷ୍ଠତା ପଛରେ ଠିଆହୋଇଥିଲେ । ଶିକ୍ଷକଙ୍କର ନିର୍ଭୀକ ବାଣୀ ଅଶୋକଙ୍କୁ ବଡ଼ ମଣିଷ ହେବାରେ ସହାୟକ ହୋଇଥିଲା ।

ଶାସ୍ତ୍ରରେ ଅଛି, ଗୁରୁ ହେଉଛନ୍ତି ଛାତ୍ରର ସନ୍ତାପକାରକ ଏବଂ ସନ୍ତାପହାରକ । ମାଷ୍ଟରଜୀ ଥିଲେ ଅଶୋକ ଜୀବନରେ ସନ୍ତାପହାରକ । ବାସ୍ତବରେ ମାଷ୍ଟରଜୀଙ୍କ ଭୂମିକା ଅଶୋକପାଇଁ ନିର୍ଣ୍ଣାୟକ ହୋଇଥିଲା ।

**ପ୍ର.୫. ଅଶୋକର ଶୈଶବକାଳୀନ ସ୍ମୃତି ତା' ମନ ଭିତରେ ମାଷ୍ଟରଜୀଙ୍କ ସମ୍ବନ୍ଧରେ ଯେଉଁସବୁ କଥା ମନେ ପକାଇଥିଲା ତା'ର ଏକ ଚିତ୍ର ଦିଅ ।**

**ଉ.** ୪ ନଂ ଉତ୍ତର ଦ୍ରଷ୍ଟବ୍ୟ ।

**ପ୍ର.୬. ମାଷ୍ଟରଜୀଙ୍କ ସହ ଅଶୋକଙ୍କ ସାକ୍ଷାତର ଏକ ବିବରଣୀ ଦିଅ ।**

**ଉ.** ରୂପନାରାୟଣ ସାହା ଗଳ୍ପର ମୁଖ୍ୟ ଚରିତ୍ର ମାଷ୍ଟରଜୀ । ମାଷ୍ଟରଜୀଙ୍କୁ ନେଇ ଗଳ୍ପର ମଞ୍ଜି ପରୀକ୍ଷା ହୋଇଛି । ଗାଳ୍ପିକ ଅଖିଳମୋହନ ପଟ୍ଟନାୟକ ଅଶୋକ ଚରିତ୍ରକୁ ଏକ ପାର୍ଶ୍ୱ ଚରିତ୍ର ଭାବରେ ଗ୍ରହଣ କରିଛନ୍ତି । ପିଲାଦିନେ ଅଶୋକ ଜୀବନରେ ମାଷ୍ଟରଜୀ ଚରିତ୍ର ଆସିଥିଲେ । ଅତି ନିକଟରୁ ଅଶୋକ ମାଷ୍ଟରଜୀଙ୍କୁ ଦେଖିଛି ଓ ସ୍ମୃତି ବିଜଡ଼ିତ ଜୀବନ କଟାଇଛି । ଏହା ଥିଲା ଯେତେବେଳେ ଅଶୋକର ବୟସ ଦଶବର୍ଷ ।

ଏହା ଭିତରେ କଟିଯାଇଛି ଅନେକ ବର୍ଷ । ଅଶୋକ କିଶୋରରୁ ଯୌବନରେ ପଦାର୍ପଣ କରିଛନ୍ତି । ସେ ଶିକ୍ଷାବିଭାଗର ଉଚ୍ଚପଦସ୍ଥ ଶିକ୍ଷାବିତ୍ ଭାବରେ ପରିଚିତ ହୋଇଛନ୍ତି । ଯେଉଁ ବନାରସରେ ତାଙ୍କର ବାଲ୍ୟଜୀବନ କଟିଥିଲା, ସେହି ବନାରସକୁ ସେ ପୁଣି ପରିଭ୍ରମଣରେ ଆସିଛନ୍ତି । ପୂର୍ବର ବନାରସ ତାଙ୍କ ଭିତରେ ପୁଣି ଚେଇଁଉଠିଛି । ବନାରସ ସହର, ବନାରସର ଗଳିକନ୍ଦି, ଗଳି ଉପଗଳି, ଡାଲ୍‌ମଣ୍ଡି, ଗଙ୍ଗା, କାଶୀବିଶ୍ୱନାଥ ମନେପଡ଼ିଛନ୍ତି । ମନେପଡ଼ିଛନ୍ତି ମଧ୍ୟ ପ୍ରିୟ ଶିକ୍ଷକ ମାଷ୍ଟରଜୀ ରୂପନାରାୟଣ ସାହା । କିଶୋର ଜୀବନର ସାଇତା ସମ୍ପତ୍ତି ମାଷ୍ଟରଜୀଙ୍କୁ ଆବିଷ୍କାର କରିବାରେ ସେ ଆବିଷ୍ଟ ହୋଇଛନ୍ତି । ଖୋଜିଛନ୍ତି ଗଳିକନ୍ଦି । ରିକ୍ସାରେ ସେ ଅନେକ ବାଟ ଘୁରିଛନ୍ତି । ତାଙ୍କର ମନେପଡ଼ିଛି ଉଜ୍ଜ୍ୱଳ ଗୌରବର୍ଣ୍ଣ, ଈଷତ୍ ଦୀର୍ଘ ଜୀର୍ଣ୍ଣ ଶରୀର, ଉନ୍ନତ ନାସିକା, ବଡ଼ ବଡ଼ ଦୁଇଟା କାନ, ବିପର୍ଯ୍ୟସ୍ତ ମୁଣ୍ଡର କେଶ, ସାମାନ୍ୟ ଭିତରକୁ ପଶିଯାଇଥିବା ଦୁଇଟି ବୁଦ୍ଧିଦୀପ୍ତ ଆଖି । ଏହି ହେଉଛନ୍ତି ସେହି ମାଷ୍ଟରଜୀ । ଯାହାଙ୍କ ପାଇଁ ତାଙ୍କର ପଢ଼ିଥିଲା ପାଠର ମୂଳଦୁଆ । ଏବେ ସେ ମାଟ୍ରିକୁଲେସନ, ଆଇ.ଏ., ବି.ଏ., ଏମ୍.ଏ. ।

ଛକ ପରେ ଛକ ସେ ଅତିକ୍ରମ କରିଚାଲିଛନ୍ତି । ସଦର ବଜାର ପୋଷ୍ଟଅଫିସ୍ ସାମ୍ନାରେ ସେ ପହଞ୍ଚିଛନ୍ତି । ସେଇଠି ବୋଧହୁଏ ମାଷ୍ଟରଜୀଙ୍କ ଦରିଦ୍ର କୁଟୀର । କେମିତି ପାଇବେ ମାଷ୍ଟରଜୀଙ୍କ ଦେଖା ବଡ଼ ଆବେଗ ଭରି ଉଠୁଥାଏ ଅଶୋକଙ୍କ ମନରେ । ଦେଖାହେଲେ ସେ କ'ଣ ଚିହ୍ନିବେ ? ନାଲି କିରାସିନୀର ମୁମୂର୍ଷୁ ଲଣ୍ଠନ ଆଲୁଅରେ ତାଙ୍କର

ପାଠପଢ଼ା ସବୁକିଛି ଉଦ୍‌ଭାସିତ ହୋଇଛି ଅଶୋକଙ୍କ ମନରେ । ବଡ଼ ବ୍ୟାକୁଳ ହୋଇଉଠିଛି ମନ ଓ ହୃଦୟ । ଚିର ଇପ୍‌ସିତ ଶିକ୍ଷକଙ୍କୁ ଭେଟିବାର ପ୍ରବଳ ଆକାଂକ୍ଷା ଅଶୋକଙ୍କୁ ବ୍ୟାକୁଳିତ କରିଛି ।

ଯେଉଁଠି ସଦର ବଜାର ପୋଷ୍ଟଅଫିସ ଛକ, ସେଇଠି ଅଟକିଯାଇଛି ରିକ୍ସା । ପିଣ୍ଡା ଠିଆ ହୋଇଥିବା ଦୁଇଜଣ ଲୋକଙ୍କୁ ରୂପନାରାୟଣଜୀଙ୍କ ସନ୍ଧାନ ଅଶୋକ ପଚାରିଛନ୍ତି । ସନ୍ଧାନ ନ ପାଇ ସେ ନିରାଶ ହୋଇ ଫେରିଛନ୍ତି । ରିକ୍ସାବାଲା ପଚାରିଛି ତମେ କାହାକୁ ଖୋଜୁଛ ? ଅଶୋକ କହିଛନ୍ତି ମୁଁ ଖୋଜୁଛି ମାଷ୍ଟରଜୀ ରୂପନାରାୟଣ ସାହାଙ୍କୁ । ପେଜୁଆ ପେଜୁଆ ଆଖିରେ ରିକ୍ସାବାଲା ମାଷ୍ଟରଜୀ ରୂପନାରାୟଣ ସାହା କମ୍ପିତ ଓଠରେ କହିଲେ- 'ଅଶୋକ ! ମୁଁ ସେଇ ରୂପନାରାୟଣ ସାହା ।' ମେରୁଦଣ୍ଡ ନଇଁଆସିଛି ଅଶୋକଙ୍କର ମାଷ୍ଟରଜୀଙ୍କ ପାଦ ପାଖକୁ । ବଡ଼ ବିପର୍ଯ୍ୟସ୍ତ, ଜରାକ୍ଳାନ୍ତ, ଦୀନ ରିକ୍ସାବାଲା ତା'ର ମାଷ୍ଟରଜୀ । ସେଦିନର ଚେହେରା ଆଉ ନାହିଁ । ସେଦିନର ଜ୍ୟୋତି ହଜିଯାଇଛି । ତେବେ ଆବେଗ ହଜିନି । ମାଷ୍ଟରଜୀ ରୂପନାରାୟଣ ସାହା କୋଳେଇ ନେଇଛନ୍ତି ଅଶୋକଙ୍କୁ । ସେ କହିଛନ୍ତି "ଦୀର୍ଘଜୀବୀ ହୁଅ ତୁ ଅଶୋକ । ମନେଥିଲା ତୋର ଏଇ ବୁଢ଼ା ରୂପନାରାୟଣର କଥା ?" ଆନନ୍ଦାଶ୍ରୁ ବହିଯାଇଥିଲା, କଣ୍ଠ ବାଷ୍ପରୁଦ୍ଧ ହୋଇଆସୁଥିଲା । ସେ ଭାବି ନଥିଲେ ଏପରି ଦୃଶ୍ୟ ଦେଖିବେ ବୋଲି । ବଡ଼ ଆନନ୍ଦରେ ମାଷ୍ଟରଜୀ ପ୍ରଗଳ୍‌ଭ ହୋଇଉଠିଥିଲେ ।

ଶିକ୍ଷକତାରୁ ତେରଟଙ୍କା ଦରମା ପାଉଥିବା ଆଉ ସେଥିରେ ପରିବାର ଚଳାଉଥିବା ମାଷ୍ଟରଜୀ ରୂପନାରାୟଣ ସାହା ଶିକ୍ଷକ ଧର୍ମଘଟରେ ଯୋଗଦେଇ କାରାବରଣ କରିଥିଲେ । କାରାଗାରରୁ ଫେରିବାପରେ ତାଙ୍କ ପ୍ରିୟପତ୍ନୀ ରୂପା ଆରପାରିକୁ ଚାଲିଯାଇଥିଲା । ସେ ଜଞ୍ଜାଳମୁକ୍ତ ହୋଇଥିଲେ । ଅବଶିଷ୍ଟ କିଛି ଦ୍ରବ୍ୟ ବିକ୍ରିକରି ରିକ୍ସାଟିଏ କିଣିଥିଲେ । ସେହି ରିକ୍ସା ହୋଇଥିଲା ତାଙ୍କ ଜୀବନ ଓ ଜୀବିକା ।

**ପ୍ର.୭. ପଠିତ ଗଳ୍ପରୁ ମାଷ୍ଟରଜୀଙ୍କ ଜୀବନର କ୍ଷୁଦ୍ର ଇତିହାସ ସମ୍ପର୍କରେ ସୂଚନା ଦିଅ ।**

ଉ. ୬ ନଂ ଉତ୍ତର ଦ୍ରଷ୍ଟବ୍ୟ ।

**ପ୍ର.୮. ମାତାଜୀଙ୍କ ସହ ଅଶୋକଙ୍କ ଶେଷ ସାକ୍ଷାତ ଉପରେ ଆଲୋକପାତ କର ।**

ଉ. ସାରକଥା ଦ୍ରଷ୍ଟବ୍ୟ ।

**ପ୍ର.୯. ମାଷ୍ଟରଜୀଙ୍କ ଠାରୁ ବିଦାୟ ନେବାପରେ ଅଶୋକଙ୍କ ମନରେ ଯେଉଁସବୁ ପ୍ରତିକ୍ରିୟା ଦେଖାଦେଇଛି ସେଗୁଡ଼ିକର ବିଶ୍ଳେଷଣ କର ।**

ଉ. ୬ ନଂ ଉତ୍ତର ଦ୍ରଷ୍ଟବ୍ୟ ।

**ପ୍ର.୧୦. ପଠିତ ଗଳ୍ପକୁ ଆଧାର କରି ମାଷ୍ଟରଜୀଙ୍କ ଚରିତ୍ର ଚିତ୍ରଣ କର ।**

ଉ. ୬ ନଂ ଉତ୍ତର ଦ୍ରଷ୍ଟବ୍ୟ ।

❑❑❑

# ଆକାଶ କଇଁଚ

ମନୋଜ ଦାସ
ମନୋଜ ଦାସ

**ଗାଳ୍ପିକଙ୍କ ପରିଚୟ:**

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପ–ସାହିତ୍ୟରେ ଗାଳ୍ପିକ ମନୋଜ ଦାସ ଜଣେ ଉଚ୍ଚକୋଟୀର କଥାକାର । ତାଙ୍କର ଅଧିକାଂଶ ଗଳ୍ପରେ ସେ ଆତ୍ମସଚେତନ । ଅନୁଭୂତି ପ୍ରବଣ ବ୍ୟକ୍ତି ମାନସରେ ଅବଚେତନ ସ୍ତରକୁ ସେ ଅତ୍ୟନ୍ତ ନିପୁଣତାର ସହିତ ଅଙ୍କନ କରିଅଛନ୍ତି । ଭାରତୀୟ ତଥା ଆନ୍ତର୍ଜାତିକ ଗଳ୍ପ-ସାହିତ୍ୟ କ୍ଷେତ୍ରରେ ଅଦ୍ୟାପି ପରିସ୍ଫୁଟ ହୋଇଥିବା ସମସ୍ତ ବିକାଶକୁ ଗାଳ୍ପିକ ମନୋଜ ଦାସ ତାଙ୍କର ପ୍ରାୟ ସମସ୍ତ ଗଳ୍ପରେ ଅତ୍ୟନ୍ତ ଦକ୍ଷତା ଓ କୁଶଳତାର ସହିତ ଫୁଟାଇପାରିଛନ୍ତି । ତାଙ୍କର ପ୍ରତ୍ୟେକ ଗଳ୍ପ ପୂର୍ବବର୍ତ୍ତୀ ସମସ୍ତ ଗଳ୍ପଠାରୁ ଅଧିକ ପ୍ରାବଣ୍ୟ ଓ ପ୍ରୌଢ଼ତାର ସଙ୍କେତ ବହନ କରିଥାଏ । ଓଡ଼ିଆ ଗଳ୍ପରେ ନୂତନ ଚିନ୍ତାଧାରା ଓ ନବୀନ ରୁଚିର ଆସ୍ୱାଦ ପରିବେଷଣରେ ତାଙ୍କର ଶିଳ୍ପ ଗୌରବ ସର୍ବାଧିକ ବୋଲି

**(ଘ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର। ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଠିକ୍ ଉତ୍ତର ପାଇଁ ୧ ନମ୍ବର ରହିବ।**

**ପ୍ର.୧. ଦିଗନ୍ତ ପ୍ରତି ଦୃଷ୍ଟିପାତ କରି କମ୍ବୁଗ୍ରୀବ କ'ଣ ଭାବୁଥିଲା ?**

**ଉ.** ଗଳ୍ପ – ଆକାଶ କଇଁଛ

ଗାଳ୍ପିକ – ମନୋଜ ଦାସ

କମ୍ବୁଗ୍ରୀବ ଏକ କଚ୍ଛପ ହୋଇଥିବାରୁ ସରୋବର ସ୍ୱଚ୍ଛ ଜଳ ଓ ସବୁଜ ଉପତ୍ୟକା ଥିଲା ତା'ର ଚିର ସହଚର । ଉଚ୍ଚାଭିଳାଷୀ କମ୍ବୁଗ୍ରୀବ ସେହି ପରିବେଶରେ ସନ୍ତୁଷ୍ଟ ନଥିଲା। ସେ ଦିଗନ୍ତ ପ୍ରତି ଦୃଷ୍ଟିପାତ କରି ଦୂର ପର୍ବତଶ୍ରେଣୀ ଏବଂ ସେପାରିର ସରୋବର ଯେ କେତେ ସ୍ୱଚ୍ଛରେ ତା'ସହ ଉପତ୍ୟକାମାନେ କେତେ ସବୁଜିମାରେ ଭରପୂର ହୋଇଥିବ ସେହି କଥାଟି କମ୍ବୁଗ୍ରୀବ ଭାବୁଥିଲା।

**ପ୍ର.୨. କମ୍ବୁଗ୍ରୀବ ଦୂରାନ୍ତରର ଅଜଣାକୁ ଜାଣିବାର ପିପାସା ସମ୍ପର୍କରେ କ'ଣ କୁହାଯାଇଛି ?**

**ଉ.** ଗଳ୍ପ – ଆକାଶ କଇଁଛ

ଗାଳ୍ପିକ – ମନୋଜ ଦାସ

କମ୍ବୁଗ୍ରୀବ ଏକ ଉଚ୍ଚାଭିଳାଷୀ କଇଁଚ ହୋଇଥିବାରୁ ସର୍ବଦା ଦୂର ପର୍ବତଶ୍ରେଣୀ ସେପାରିସ୍ଥ ସରୋବରର ସୁନ୍ଦରତାକୁ ଉପଭୋଗ କରିବାପାଇଁ ମନ ବିକଳ ହୋଇଉଠେ। ନିଜେ ଗୋଟିଏ ସ୍ଥାନରେ ରହିବାକୁ ଭଲ ଲାଗୁନଥିବାରୁ ଅଜଣା ସବୁଜତର ସ୍ଥାନକୁ ଯିବାକୁ ମନବଳାଇଛି ।

**ପ୍ର.୩. ବିମୁଗ୍ଧ କଳ୍ପନା ଲୋକରେ କମ୍ବୁଗ୍ରୀବ କ'ଣ ଦେଖୁଥାଏ ?**

ଉ. ଗଳ୍ପ – ଆକାଶ କଇଁଛ

ଗାଳ୍ପିକ – ମନୋଜ ଦାସ

ସ୍ୱାଧୀନଚିନ୍ତାରେ ବିଚରଣ କରୁଥିବା କମ୍ବୁଗ୍ରୀବକୁ ନିଜ ପରିବେଶରେ ଥିବା ସରୋବର କି ସବୁଜ ଉପତ୍ୟକା କିଛି ଭଲ ଲାଗୁନାହିଁ । ତେଣୁ ମନ ଚାହୁଁଛି ଦୂରଦୂରାନ୍ତରେ ଥିବା ପର୍ବତ ସେପାରିର ସରୋବରରେ ଟିକେ ବୁଲିଆସିବାକୁ, ତେଣୁ କଚ୍ଛପ ହୋଇଥିବାରୁ ନିଜକୁ ଧିକ୍‌କାର କରେ। ବେଳେବେଳେ କଳ୍ପନାଲୋକରେ ଦେଖେ ଅଜବ ଦୃଶ୍ୟ ଯେପରିକି ଗୀତବୋଲିପାରୁଥିବା ଗଛଲତା, ମେଘମାଳା ଭିତରୁ ଝରିଆସୁଥିବା ସାତରଙ୍ଗାନଦୀ, ପ୍ରଶସ୍ତ ସଦନରେ ଏକତ୍ରିତ ନର ଓ ବାନର ବର୍ଗ ମଧ୍ୟରେ ଲାଙ୍ଗୁଳର ଉପଯୋଗିତା ସମ୍ପର୍କରେ ତର୍କସଭା ।

**ପ୍ର.୪. ବର୍ଷାଋତୁ ହେଲେ କମ୍ବୁଗ୍ରୀବ କାହାର ଆଗମନକୁ ଅପେକ୍ଷା କରିଥାଏ ?**

ଉ. ଗଳ୍ପ – ଆକାଶ କଇଁଛ

ଗାଳ୍ପିକ – ମନୋଜ ଦାସ

ବର୍ଷାଋତୁ ହେଲେ କମ୍ବୁଗ୍ରୀବ ସଙ୍କଟ ଓ ବିକଟ ନାମକ ଦୁଇଗୋଟି ହଂସର ଆଗମନକୁ ଅପେକ୍ଷା କରିଥାଏ । କମ୍ବୁଗ୍ରୀବ ରହୁଥିବା ସରୋବରରେ ସେମାନେ ଉପନୀତ ହେଉଥିଲେ । ହଂସଦ୍ୱୟ ପର୍ବତଶ୍ରେଣୀ ସେପାରିସ୍ଥ ଏକ ବୃହତ୍ତର ସରୋବରକୁ ଯିବା ମାର୍ଗରେ ସେମାନେ ସେଠାରେ ସପ୍ତାହେ ବିଶ୍ରାମ କରୁଥିଲେ, ତେଣୁ ଗଭୀର ଆଗ୍ରହ ସହକାରେ କମ୍ବୁଗ୍ରୀବ ସେମାନଙ୍କ ଆଗମନକୁ ଅପେକ୍ଷା କରିଥାଏ।

**ପ୍ର.୫. କେଉଁ ପରୀକ୍ଷାମୂଳକ ପଦକ୍ଷେପ ନେବା ସମ୍ପର୍କରେ ହଂସଯୁଗଳ ରାଜି ହୋଇଥିଲେ ?**

ଉ. ଗଳ୍ପ – ଆକାଶ କଇଁଛ

ଗାଳ୍ପିକ – ମନୋଜ ଦାସ

କମ୍ବୁଗ୍ରୀବର ଦୂର ପର୍ବତଶ୍ରେଣୀ ସେପାରିସ୍ଥ ସରୋବରକୁ ଯିବାର ଇଚ୍ଛା ହେବାରୁ, ହଂସଯୁଗଳଦ୍ୱୟ ବିକଟ ଓ ସଙ୍କଟ ଏହି ପ୍ରସ୍ତାବରେ ଯଥେଷ୍ଟ ସନ୍ଦେହ ଥିବା ସତ୍ତ୍ୱେ ଏକ ପରୀକ୍ଷାମୂଳକ ପଦକ୍ଷେପ ନେବା ନିମନ୍ତେ ପ୍ରଥମେ ଅର୍ଦ୍ଧକ୍ରୋଶ ପଥଯାଏ କମ୍ବୁଗ୍ରୀବ ପାଇଁ ଖଣ୍ଡିଏ କାଠିର ଦୁଇପ୍ରାନ୍ତକୁ ସେମାନେ କାମୁଡ଼ି ଧରିଲେ ଏବଂ ମଧ୍ୟଭାଗଟିକୁ ନିଜେ କମ୍ବୁଗ୍ରୀବ କାମୁଡ଼ି ଧରିଲା ।

**ପ୍ର.୬. ହଂସମାନେ କମ୍ବୁଗ୍ରୀବକୁ କେଉଁ ଭାଷା ମନେପକାଇ ଦେଇଥିଲେ ଓ କାହିଁକି ?**

ଉ. ଗଳ୍ପ – ଆକାଶ କଇଁଛ

ଗାଳ୍ପିକ – ମନୋଜ ଦାସ

ବିକଟ ଓ ସଙ୍କଟ ହଂସଦ୍ୱୟଙ୍କ ଦ୍ୱାରା କରାଯାଇଥିବା ପରୀକ୍ଷା ସଫଳ ହୋଇଥିଲା । ତେଣୁ କମ୍ବୁଗ୍ରୀବକୁ ନେଇ ଏଥର ବନ-ପର୍ବତ, ନଗର-ଜନପଦ ଉପର ଦେଇ ନିରବଚ୍ଛିନ୍ନ ଗତିରେ ସେମାନଙ୍କୁ ଉଡ଼ିଯିବାକୁ ହେବ, ମାତ୍ର ଶୂନ୍ୟରେ ଥାଇ ଯେପରି କମ୍ବୁଗ୍ରୀବ ମୁହଁ ଖୋଲିବ ନାହିଁ– ସେହିଭାଷାଟି ହଂସମାନେ ମନେପକାଇ ଦେଲେ ଏ ହେଲେ ଅବସ୍ଥା ଶୋଚନୀୟ ହୋଇପଡ଼ିବ ।

**ପ୍ର.୭. ମହାକାଶରେ କଚ୍ଛପ ଉଡ଼ିଚାଲିଯିବାର ଦେଖି ପକ୍ଷୀମାନେ କି କି ପ୍ରତିକ୍ରିୟା ପ୍ରକାଶ କରିଥିଲେ ?**

ଉ. ଗଳ୍ପ – ଆକାଶ କଇଁଛ

ଗାଳ୍ପିକ – ମନୋଜ ଦାସ

ମହାକାଶରେ କଚ୍ଛପ ଉଡ଼ିଚାଲିଯିବାର ଦେଖି ଘରଚଟିଆ ଓ ବତାସୀ ଭଳି ସାଧାରଣ ପକ୍ଷୀମାନେ ସେହି ଅକଳ୍ପନୀୟ ଦୃଶ୍ୟରେ ବିମୂଢ଼ ପାଲଟିଯିବା ସ୍ଥଳେ ପାରା ଓ ଚିଲ ଜାତୀୟ ସମ୍ଭ୍ରାନ୍ତ ପକ୍ଷୀମାନେ ଉଦ୍‌ବେଗ ପ୍ରକାଶ କରିବାର

ଶୁଣାଯାଇଥାଏ । ସେହିପରି ନିରାଶାବାଦୀ କାଉ ମଧ୍ୟ ଆକାଶର ଭାବିଷ୍ୟତ ଅନ୍ଧକାର ବୋଲି ସିଏ ଯେଉଁ ଭବିଷ୍ୟତ ବାଣୀ କରିଆସିଥିଲା ତାହା ଏବେ କଚ୍ଛପ ଦ୍ୱାରା ସମ୍ଭବରେ ପରିଣତ ହେଉଯିବାକୁ ଯାଉଛି ବୋଲି କହିଛି ।

**ପ୍ର.୮. ଆକାଶ ମାର୍ଗୀୟ ଅଭିନବ ଘଟଣାଟିକୁ ଦେଖି ଗାଈଆଳଟୋକାମାନେ କ'ଣ କରିଥିଲେ ?**

ଉ. ଗଳ୍ପ – ଆକାଶ କଇଁଛ

ଗାଳ୍ପିକ – ମନୋଜ ଦାସ

ଆକାଶ ମାର୍ଗରେ ହଂସଯୁଗଳ ଦ୍ୱୟ କମ୍ବୁଗ୍ରୀବକୁ ନେଇ ଉଡୁଥିବାବେଳେ କେତେଜଣ ଗାଈଆଳ ଟୋକାଙ୍କ ଏହି ଅଭିନବ ଘଟଣାଟି ଦୃଷ୍ଟିଗୋଚର ହେଲା । ସେମାନେ ଯଥାଶକ୍ତି ହାତତାଳି ଦେଇ କଚ୍ଛପବାହୀ ହଂସମାନଙ୍କ ସହ ତାଳ ରଖି ଦୌଡ଼ିଲେ । ଆକାଶମାର୍ଗୀୟ ଏହି ଅଭିନବ ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହୋଇଥିଲେ ଏହି ଗାଈଆଳ ଟୋକାମାନେ ।

**ପ୍ର.୯. ନୌକାରେ ଫେରୁଥିବା ବୃଦ୍ଧ ଓ ତାଙ୍କ ତରୁଣୀ ଭାର୍ଯ୍ୟାଙ୍କ ସମ୍ପର୍କରେ କ'ଣ କୁହାଯାଇଛି ?**

ଉ. ଗଳ୍ପ – ଆକାଶ କଇଁଛ

ଗାଳ୍ପିକ – ମନୋଜ ଦାସ

କମ୍ବୁଗ୍ରୀବକୁ ହଂସଯୁଗଳଦ୍ୱୟ ନେଇ ଉଡୁଥିବାବେଳେ ବେଶି ଉପରକୁ ଉଠିପାରୁନଥିଲେ କାରଣ ତା'ର ଓଜନ ଅଧିକ ଥିଲା । ତଳେ ନଦୀବନ୍ଧଠାରେ ଜଣେ ବୃଦ୍ଧ, ତରୁଣୀ ଭାର୍ଯ୍ୟାକୁ ସାଙ୍ଗରେ ନେଇ ନୌକାରେ ଫେରୁଥିଲେ । ଦୀର୍ଘ ଓଢ଼ଣାରେ ନିଜ ମୁହଁ ଆବୃତ ରଖିଥିବାରୁ ଆକାଶର ଏପରି ଅଭାବନୀୟ ଘଟଣା ବିଷୟରେ ସହଯାତ୍ରୀଙ୍କୁ ଶୁଣି କ୍ଷୀପ୍ରଗତିରେ ଓଢ଼ଣ ଅପସାରଣ କରି ସ୍ୱାମୀକୁ ସେଇଟି ଆଣିକି ଦେବାପାଇଁ କହିଛି ।

**ପ୍ର.୧୦. ଆକାଶରେ ଏକ ଅପୂର୍ବ ଦୃଶ୍ୟର ଖବର ପାଇ ରାଜା କ'ଣ କରିଥିଲେ ।**

ଉ. ଗଳ୍ପ – ଆକାଶ କଇଁଛ

ଗାଳ୍ପିକ – ମନୋଜ ଦାସ

ଉଡ୍ଡୀୟମାନ କଚ୍ଛପ ଓ ହଂସଯୁଗଳଦ୍ୱୟ ରାଜନଅରର ଶିଖର ଦେଇ ଉଡ଼ିଯାଉଥିବାବେଳେ ଲୋକେ ଏହି ଦୃଶ୍ୟ ଦେଖି ଦୌଡ଼ିଯାଇ ରାଜାଙ୍କୁ ଏହି ଅପୂର୍ବ ଦୃଶ୍ୟ ବିଷୟରେ ଜଣାଇଛନ୍ତି । ରାଜା ଏ ଖବର ପାଇ ସମଗ୍ର ଦରବାର ସହ ଛାତ ଉପରକୁ ଉଠିଯାଇଛନ୍ତି ।

**ପ୍ର.୧୧. ଘୁଷୁରିମାନେ ଉଡ଼ିବା ସମ୍ପର୍କରେ ବିଦେଶୀ ରାଜଦୂତ କ'ଣ କହିଛନ୍ତି ?**

ଉ. ଗଳ୍ପ – ଆକାଶ କଇଁଛ

ଗାଳ୍ପିକ – ମନୋଜ ଦାସ

ରାଜାଙ୍କ ସମସ୍ତ କର୍ମଚାରୀ କମ୍ବୁଗ୍ରୀବ ଓ ହଂସଯୁଗଳ ଉଡୁଥିବା ଦେଖି ରାଜନଅରର ଛାତ ଉପରେ ଏକାଠି ଏହାର ଏହି ଦୃଶ୍ୟ ଉପଭୋଗ କରିବା ପାଇଁ ଏକାଠି ହୋଇଛନ୍ତି । ବିଦେଶୀ ରାଜଦୂତ ମଧ୍ୟ ସେଠାରେ ଉପସ୍ଥିତ ହେଲେ ସେ ଏହି ଘଟଣାଟିକୁ ଦେଖି, ଏହା କୌଣସି ବିଚିତ୍ର ଘଟଣା ନୁହେଁ ବରଂ ତାଙ୍କ ରାଜ୍ୟରେ ଘୁଷୁରି ଉଡୁଥିବାର ଦେଖାଯାଏ ଏକଥା କହିଛନ୍ତି ।

**ପ୍ର.୧୨. କମ୍ବୁଗ୍ରୀବର ସଶବ୍ଦ ପତନ ସମ୍ପର୍କରେ କ'ଣ କୁହାଯାଇଛି ।**

ଉ. ଗଳ୍ପ – ଆକାଶ କଇଁଛ

ଗାଳ୍ପିକ – ମନୋଜ ଦାସ

ରାଜନଅରର ଛାତରେ ରାଜା, ରାଜକର୍ମଚାରୀ ଓ ବିଦେଶୀ ରାଜଦୂତଙ୍କ ଆଲୋଚନା କମ୍ବୁଗ୍ରୀବ ସବୁ ଶୁଣିଛି । ବିଦେଶୀ ରାଜଦୂତ କଚ୍ଛପ ଉଡୁଥିବାର ଦୃଶ୍ୟ ଏକ ମାମୁଲି ଘଟଣା ବୋଲି କହିଛି କାରଣ ତାଙ୍କ ରାଜ୍ୟରେ ଘୁଷୁରିକୁ ମଇଁଷି ଭଳି ବୃହଦକାର ବିହଙ୍ଗମାନ ଉଡ଼ାଇନିଅନ୍ତି । ଏହି ଘଟଣା କଥା ଶୁଣି ରାଜା 'ବିଚିତ୍ର' ବୋଲି କହିବାରୁ କମ୍ବୁଗ୍ରୀବ ଏହି

କଥାରେ "ବୁଦ୍ଧୁ" ଶବ୍ଦ ପ୍ରୟୋଗ କରିଦେବାରୁ ସଶବ୍ଦ ଆସି ଚକ୍ରବତ୍ ବୁଲି ବୁଲି ରାଜନଅର ଛାତ ଉପରେ ପଡ଼ିଲା ।

**ପ୍ର.୧୩. କବିରାଜ ଜ୍ୟୋତିଷୀ କ'ଣ ଘୋଷଣା କରିଥିଲେ ?**

ଉ. ଗଳ୍ପ – ଆକାଶ କଇଁଛ

ଗାଳ୍ପିକ – ମନୋଜ ଦାସ

ରାଜନବର ଉପରେ କଚ୍ଛପଟିଏ ପଡ଼ିଯିବାରୁ ସମସ୍ତ ସଭାସଦ୍‌ବର୍ଗ ଚମତ୍କୃତ ହୋଇରହିଲେ । ଦରବାରର କବିରାଜ ଜ୍ୟୋତିଷ ଏହି ଦୃଶ୍ୟ ଦେଖି କହିଛନ୍ତି "ସହସ୍ର ବର୍ଷରେ ଥରେ ଯାଇ ଶୂନ୍ୟରୁ କଚ୍ଛପ ବୃଷ୍ଟିହୁଏ । ଆଉ ସେ କଚ୍ଛପମାଂସ ସହସ୍ର ଧରଣର ରୋଗବ୍ୟାଧି ଓ ଦୋଷ ଦୁର୍ବଳତାର ପ୍ରତିଷେଧକ ହୋଇଥାଏ ।

**ପ୍ର.୧୪. ମହାପଣ୍ଡିତେ କଚ୍ଛପର ପତନ ଭଳି ଘଟଣାକୁ ଉଲ୍ଲେଖଯୋଗ୍ୟ ବିଚାରି ନଥିଲେ କାହିଁକି ?**

ଉ. ଗଳ୍ପ – ଆକାଶ କଇଁଛ

ଗାଳ୍ପିକ – ମନୋଜ ଦାସ

ରାଜମଣୋହିର ଅଯୋଗ୍ୟ ହେତୁ କଚ୍ଛପମାଂସ ଉଲ୍ଲେଖଯୋଗ୍ୟ ବୋଲି ମହାପଣ୍ଡିତେ ବିଚାର କରିନଥିଲେ । ଏହି କଚ୍ଛପଟି ଆକାଶମାର୍ଗରୁ ତଳକୁ ପଡ଼ିବାପରେ ମହାପଣ୍ଡିତେ ଗଣନା କରି କହିଛନ୍ତି– ନଅ ଦିବସ ଓ ନଅ ଘଣ୍ଟାପରେ ଏହିପରି ଆଉ ଏକ କଚ୍ଛପ ଶୂନ୍ୟରୁ ଖସିବ ବୋଲି ମୁଁ ଏକ୍ଷଣି ଭବିଷ୍ୟତବାଣୀ କରୁଛ ।"

**ପ୍ର.୧୫. ଚଳନ୍ତି ସିଂହାସନ ଉପରେ ଉପବେଶନ କରି କଚ୍ଛପ ସମ୍ପର୍କରେ ରାଜା କ'ଣ କହିଥିଲେ ?**

ଉ. ଗଳ୍ପ – ଆକାଶ କଇଁଛ

ଗାଳ୍ପିକ – ମନୋଜ ଦାସ

କଚ୍ଛପ ମାଂସ ଭକ୍ଷଣ ଦ୍ୱାରା ସମସ୍ତ ରୋଗ ଓ ଦୋଷ ଦୁର୍ବଳତାର ଶେଷ ହୋଇଯିବ ବୋଲି ସେନାପତି, ମହାପଣ୍ଡିତେ, ବିଦେଶୀ ରାଜଦୂତ ଏବଂ ପରିଶେଷରେ ରାଜା ମଧ ମାନି ନେଇଛନ୍ତି । ଏହି ସମୟ ମଧ୍ୟରେ ରାଜାଙ୍କ ନିମନ୍ତେ ଚଳନ୍ତି ସିଂହାସନଟିଏ ଛାତ ଉପରକୁ ଅଣାଯାଇଥିଲା । ସେ ତହିଁରେ ଉପବେଶନ କରନ୍ତେ "ଯାହାର ସର୍ବାଧିକ ପ୍ରୟୋଜନ, କଚ୍ଛପ ତାକୁ ହିଁ ମିଳିବ ।" ଏହି ଘୋଷଣା ରାଜା କରିଛନ୍ତି ।

**ପ୍ର.୧୬. ରାଜା କେଉଁ କଥାରେ ବିସ୍ମୟ ପ୍ରକାଶ କରିଥିଲେ ?**

ଉ. ଗଳ୍ପ – ଆକାଶ କଇଁଛ

ଗାଳ୍ପିକ – ମନୋଜ ଦାସ

କମ୍ବୁଗ୍ରୀବ ତଳକୁ ଖସିପଡ଼ିଥିବା ବେଳେ 'ବୁଦ୍ଧୁ' ବୋଲି ଶବ୍ଦ ପ୍ରୟୋଗ କରିଛି । ଏକଥା ଶୁଣି ସମସ୍ତେ ସମସ୍ତଙ୍କୁ ବୁଦ୍ଧୁବୋଲି ଭାବିଛନ୍ତି ହେଲେ ରାଜା ଏଥିରେ ବିସ୍ମୟ ପ୍ରକାଶ କଲେ । କାରଣ କଚ୍ଛପଟି କେଉଁ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ 'ବୁଦ୍ଧୁ' ଶବ୍ଦଟି ପ୍ରୟୋଗ କରିଛି । ସେଥିପାଇଁ ରାଜା ବିସ୍ମୟ ହୋଇଛି ।

**ପ୍ର.୧୭. ରାଜାଙ୍କ କେଉଁ ବକ୍ତବ୍ୟ ପ୍ରତି ବିଦେଶୀ ରାଜଦୂତ ସମର୍ଥନ ଜଣାଇଥିଲେ ?**

ଉ. ଗଳ୍ପ – ଆକାଶ କଇଁଛ

ଗାଳ୍ପିକ – ମନୋଜ ଦାସ

କଚ୍ଛପ କମ୍ବୁଗ୍ରୀବ କାହା ଉଦ୍ଦେଶ୍ୟରେ 'ବୁଦ୍ଧୁ' ଶବ୍ଦ ପ୍ରୟୋଗ କଲା ସେ କଥାରେ ତର୍ଜମା ପଡ଼ିଛି । ବିଦେଶୀ ରାଜଦୂତ ମହୋଦୟ ତାଙ୍କ କୂଟନୈତିକ ବୈଶିଷ୍ଟ୍ୟ ହେତୁ ବୁଦ୍ଧୁ ପଦବାଚ୍ୟ ଯୋଗ୍ୟ ହେବେନାହିଁ । ଏକଥା ରାଜା ପ୍ରକାଶ କରନ୍ତେ ବିଦେଶୀ ରାଜଦୂତ ଲଜ୍ଜା ସହକାରେ ମୁଣ୍ଡ ହଲାଇ ରାଜାଙ୍କ ବକ୍ତବ୍ୟ ପ୍ରତି ସମର୍ଥନ ଜଣାଇଲେ ।

**ପ୍ର.୧୮. ସେନାପତି କାହିଁକି ବିକଳ ହସ ହସି ସମସ୍ତଙ୍କ ମୁହଁକୁ ଅନାଇଥିଲେ ?**

ଉ. ଗଳ୍ପ – ଆକାଶ କଇଁଛ

ଗାଳ୍ପିକ – ମନୋଜ ଦାସ

କମ୍ବୁଗ୍ରୀବର 'ବୁଦ୍ଧୁ' ଶବ୍ଦଟି ଯେ ବୈଦେଶିକ ରାଜଦୂତଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ ତେବେ ଶବ୍ଦଟି ସେନାପତିଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ ନୁହେଁ ବୋଲି ରାଜା ବିଚାର କରି କହିଛନ୍ତି– "ଆମ ସେନାପତି, ଯିଏକି ସର୍ବସମକ୍ଷରେ, ଏପରିକି ଜଣେ ବିଦେଶୀ ଦୂତଙ୍କ ଉପସ୍ଥିତି ସତ୍ତ୍ୱେ, ନିଜ ଗଣ୍ଠିବାତର ରହସ୍ୟ ପ୍ରକାଶ କରିଦେଲେ, ସେ ନିଶ୍ଚୟ ତାଙ୍କ ଚେହେରାରୁ ଯେତିକି ଜଣାପଡ଼େ ତା' ତୁଳନାରେ ଅଧିକ ବିଜ୍ଞ ।" ରାଜାଙ୍କର ଏପରି ମନ୍ତବ୍ୟ ଶୁଣି ସେନାପତି ବିକଳ ହସ ହସି ସମସ୍ତଙ୍କ ମୁହଁକୁ ଅନାଇଥିଲେ ।

**ପ୍ର.୧୯. "କିନ୍ତୁ ରାଜାଟିଏ ବୁଦ୍ଧୁ ହେଲେ ଚଳିବ କି ?"–ଏ ପ୍ରସଙ୍ଗରେ କ'ଣ କୁହାଯାଇଛି ?**

**ଉ.** ଗଳ୍ପ – ଆକାଶ କଇଁଛ

ଗାଳ୍ପିକ – ମନୋଜ ଦାସ

ରାଜକର୍ମଚାରୀ ସମସ୍ତେ ଧୀରେ ଧୀରେ 'ବୁଦ୍ଧୁ' ଶବ୍ଦ ପାଇଁ ପ୍ରଯୁଜ୍ୟ ନୁହେଁ ତେଣୁ ଜଣ ଜଣ ହୋଇ ସମସ୍ତ ସଭାସଦ୍ ବୁଦ୍ଧୁ ହୋଇଥିବାର ସମ୍ଭାବନାରୁ ମୁକ୍ତ ହେଲେ । ତେବେ ଶେଷରେ ରାଜା ନିଜକୁ 'ବୁଦ୍ଧୁ' ବୋଲି ମନେକରିଛନ୍ତି । ତେଣୁ ରାଜପରିବାରର ପବିତ୍ର ପରମ୍ପରା ଭଙ୍ଗକରି ଏଇ ଅସାଧାରଣ କଚ୍ଛପଟି ଖାଇଦେଇ ବୁଦ୍ଧୁ ବ୍ୟାଧିରୁ ମୁକ୍ତିଦେବା ଜରୁରୀ ବୋଲି ରାଜା କହିଛନ୍ତି । ରାଜାଟିଏ ଦେଶରେ ବୁଦ୍ଧୁ ହେଲେ ଚଳିବ ନାହିଁ ବୋଲି ରାଜା ନିଜେ ମନେକରିଛନ୍ତି ।

**ପ୍ର.୨୦. ବିଦେଶୀ ରାଜଦୂତଙ୍କୁ ରାଜା କେଉଁଥି ପାଇଁ ମାସେଟିଏ ସମୟ ଦେଇଥିଲେ ?**

**ଉ.** ଗଳ୍ପ – ଆକାଶ କଇଁଛ

ଗାଳ୍ପିକ – ମନୋଜ ଦାସ

ରାଜା ସମସ୍ତ ରାଜକର୍ମଚାରୀଙ୍କ କାନ୍ଦ ବନ୍ଦକରିବା ପାଇଁ 'ଚୁପ୍‌କର' କହିଛନ୍ତି ଏବଂ ରାଜଦୂତଙ୍କୁ କହିଛନ୍ତି । ତାଙ୍କୁ ମାସେ ସମୟ ଦିଆଗଲା । ସେ ସେହି ସମୟ ମଧ୍ୟରେ ତାଙ୍କ ରାଜ୍ୟରୁ ସୁଲଭ ଥିବା ମଇଁଷି ଆକାରର ବିହଙ୍ଗରୁ ହଳେ ନେଇଆସିବା ପାଇଁ କହିଛନ୍ତି ନ ହେଲେ ତାଙ୍କ ରାଜ୍ୟ ରାଜାଙ୍କ ତାଲିକାରେ ପରିଣତ ହେବ ।

**ପ୍ର.୨୧. "ଯୁଦ୍ଧଟିଏ ଅଭାବରୁ ଏ ଦୁର୍ଦ୍ଦଶା ସିନା"– ଏହା କାହିଁକି କୁହାଯାଇଛି ।**

**ଉ.** ଗଳ୍ପ – ଆକାଶ କଇଁଛ

ଗାଳ୍ପିକ – ମନୋଜ ଦାସ

ଦୀର୍ଘଦିନ ହେବ ରାଜା ଓ ରାଜକର୍ମଚାରୀ କୌଣସି ମହତ କାର୍ଯ୍ୟରେ ହାତ ଦେଇନାହାଁନ୍ତି । ଫଳରେ ଅନ୍ୟ ସୈନ୍ୟମାନେ ମୋଟେଇ ଯାଉଛନ୍ତି । ସେମାନଙ୍କର ଗଣ୍ଠିବାତ ଭୋଗୁଛନ୍ତି । କେବଳ ଯୁଦ୍ଧଟିଏ ଅଭାବରୁ ଏ ଦୁର୍ଦ୍ଦଶାସିନା ସମସ୍ତ ରାଜକର୍ମଚାରୀ ଭୋଗୁଛନ୍ତି ବୋଲି ରାଜା କହିଛନ୍ତି ।

**(ଙ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ଶବ୍ଦରେ ଦେବାକୁ ହେବ । ପ୍ରଶ୍ନର ମୂଲ୍ୟ ୫ ନମ୍ବର ।**

**୧। ପଠିତ ଗଳ୍ପରୁ କମ୍ବୁଗ୍ରୀବର ପରିବେଶ ଓ ତା'ର ମାନସିକ ସ୍ଥିତି ଉପରେ ଦୃଷ୍ଟିପାତ କର ।**

**ଉ.** ଓଡ଼ିଆ ଗଳ୍ପ ସାହିତ୍ୟରେ ଗାଳ୍ପିକ ମନୋଜ ଦାସ ଜଣେ ଉଚ୍ଚକୋଟୀର କଥାକାର । ଗଳ୍ପ ମାଧ୍ୟମରେ ସେ ମାନବସମାଜକୁ ଆତ୍ମ-ସଚେତନ କରାଇଥାନ୍ତି । ଅନୁଭୂତି– ପ୍ରବଣ ବ୍ୟକ୍ତି-ମାନସର ଅବଚେତନ ସ୍ତରକୁ ସେ ଅତ୍ୟନ୍ତ ନିପୁଣତାର ସହିତ ଅଙ୍କନ କରିଅଛନ୍ତି । ଆମ ସାମାଜିକ, ରାଜନୀତିକ, ସାଂସ୍କୃତିକ ଓ ମାନବୀୟ ଗତିପ୍ରବାହରେ ଥିବା ବିଡ଼ମ୍ବନାକୁ ଚିହ୍ନି ଚିହ୍ନାଇବାରେ ତାଙ୍କର ଏକ ଅସାଧାରଣ ବୈଶିଷ୍ଟ୍ୟ ରହିଛି ।

ଗାଳ୍ପିକ ନିଜ ଗଳ୍ପ ମାଧ୍ୟମରେ ମଣିଷର ଦମ୍ଭ ଓ ଅହଂକାରକୁ ବ୍ୟଙ୍ଗ ମାଧ୍ୟମରେ ସଜାଡ଼ିଦେବା ସହ ଅସହାୟତାକୁ ଆତ୍ମୀୟତାର ସ୍ୱରରେ ବେଶ୍ ସମ୍ବେଦନଶୀଳ କରି ପ୍ରକାଶ କରିଛନ୍ତି । 'ଆକାଶ କଇଁଛ' ଗଳ୍ପରେ କଇଁଛର ଆକାଶ

ଅଭିଯାନର କଥା ବିଶେଷ ଭାବରେ ବର୍ଣ୍ଣନା କରାଯାଇଛି । କମ୍ବୁଗ୍ରୀବ ନାମକ କଇଁଛ ଅତ୍ୟନ୍ତ ଉଚ୍ଚାଭିଳାଷୀ । ସେ ଯେଉଁ ସରୋବରରେ ବାସ କରୁଥିଲା ତାହା ସ୍ୱଚ୍ଛ ଏବଂ ଉପତ୍ୟକା ସବୁଜିମାରେ ଭରପୂର ଥିଲା । କିନ୍ତୁ ସର୍ବଦା ଅସନ୍ତୁଷ୍ଟ ହୋଇ କମ୍ବୁଗ୍ରୀବ ଦିନ ଅତିବାହିତ କରେ । ଦୂରଦୂରାନ୍ତ ଦିଗନ୍ତ ପ୍ରତି ଦୃଷ୍ଟିପାତ କରି କେବଳ ଦୀର୍ଘଶ୍ୱାସ ଛାଡ଼େ । ସରୋବରରେ ବାସକରି ମଧ୍ୟ ଦୂର ପର୍ବତଶ୍ରେଣୀ ସେପାରିସ୍ଥ ସରୋବରମାନ କେତେ ସ୍ୱଚ୍ଛତର ଓ ଉପତ୍ୟକାମାନ କେତେ ସବୁଜିମାରେ ପରିପୂର୍ଣ୍ଣ ହୋଇଥିବ ତାହା ମନେ ମନେ ସର୍ବଦା କମ୍ବୁଗ୍ରୀବ କଳ୍ପନା କରେ । କିପରି ସ୍ୱାଧୀନ ଭାବରେ ସେ ସେଠାକୁ ଯାଇ, ସେଠାର ପ୍ରକୃତିକୁ ମନଭରି ଉପଲବ୍ଧି କରିବ ତାହା ସର୍ବଦା ଚିନ୍ତା କରୁଥାଏ ।

କମ୍ବୁଗ୍ରୀବ କଚ୍ଛପ ହୋଇଥିବାରୁ ନିଜ ଭାଗ୍ୟକୁ ଧିକ୍କାର କରେ । ସେ ଯଦି ବିହଙ୍ଗଟିଏ ହୋଇଥାନ୍ତା ତେବେ ମନ ଆନନ୍ଦରେ ଏ ପର୍ବତଶ୍ରେଣୀରୁ ସେ ପର୍ବତଶ୍ରେଣୀ ପର୍ଯ୍ୟନ୍ତ ଉଡ଼ିପାରୁଥାଆନ୍ତା । ପ୍ରକୃତିର ସୌନ୍ଦର୍ଯ୍ୟରେ ଟିକେ ବିଭୋର ହୋଇଯିବା ପାଇଁ କମ୍ବୁଗ୍ରୀବ ସମୟେ ସମୟେ କୂଳକୁ ଉଠିଆସି ମୃଦୁ ସମୀରଣରେ ବିଚରଣ କରୁଥାଏ । ଚଞ୍ଚଳମନା କମ୍ବୁଗ୍ରୀବ କେତେବେଳେ ଲତାପତ୍ର ଦେହରୁ ଶିଶିର ବିନ୍ଦୁଟିଏ ଚାଟିଦିଏ ତ କେତେବେଳେ ଘାସ ଫୁଲଟିଏ ଚୋବାଇ ପକାଏ, କିନ୍ତୁ ମନେ ମନେ ସେଇ ଅଜଣା ଦୂରାନ୍ତରର ଜାଣିବାର ପିପାସା ତା'ର ଧୀରେ ଧୀରେ ବଢ଼ିଚାଲେ କିନ୍ତୁ କେବେ କମେ ନାହିଁ ।

କମ୍ବୁଗ୍ରୀବ କେତେକ ସୁନେଲୀ ସ୍ୱପ୍ନ ଦେଖିଥାଏ । ଥରେ ଥରେ ଆଖି ବୁଜି ବିମୁଗ୍ଧ କଳ୍ପନାଲୋକରେ ଅନେକ ଭଳିକିଭଳି ଅଜବ ଦୃଶ୍ୟ ଦେଖିଥାଏ । ଯେପରିକି ଗୀତ ବୋଲି ପାରୁଥିବା ଗଛଲତା, ମେଘମାଳା ଭିତରୁ ସିଧାସଳଖ ଝରି ଆସୁଥିବା ସାତରଙ୍ଗୀ ନଦୀ, ପ୍ରଶସ୍ତ ସଦନରେ ଏକତ୍ରିତ ସ୍ୱନାମଧନ୍ୟ ନର ଓ ବାନରବର୍ଗ ମଧ୍ୟରେ ଲାଙ୍ଗୁଳର ଉପଯୋଗିତା ସମ୍ପର୍କରେ ତର୍କସଭା ଚାଲିଥାଏ ଇତ୍ୟାଦି ।

କମ୍ବୁଗ୍ରୀବର କଳ୍ପନା ବେଶ୍ ଆନନ୍ଦପ୍ରଦାନ କରୁଛି ।

୨ । "ପରୀକ୍ଷା ସଫଳ"– ପଠିତ ଗଳ୍ପରୁ ଉକ୍ତିଟିର ତାତ୍ପର୍ଯ୍ୟ ବୁଝାଅ ।

ଉ. ଓଡ଼ିଆ ଗଳ୍ପରେ ନୂତନ ଚିନ୍ତାଧାରା ଓ ନବୀନ ରୁଚିର ଆସ୍ୱାଦ ପରିବେଷଣରେ ଗାଳ୍ପିକ ମନୋଜ ଦାସ ଶିଳ୍ପ-ଗୌରବର ସର୍ବାଧିକ ବୋଲି ମନେହୁଏ । ସ୍ୱାଧୀନତା ପରବର୍ତ୍ତୀ ସମୟର ଜଣେ ଶକ୍ତିଶାଳୀ ଗଳ୍ପ-ଲେଖକରୂପେ କେବଳ ଓଡ଼ିଶାରେ ନୁହେଁ, ସର୍ବଭାରତୀୟ ସ୍ତରରେ ସୁଦ୍ଧ ତାଙ୍କର ଯଶସ୍ୱୀତାର ପ୍ରମାଣ ମିଳିଅଛି ।

ମନୋଜ ଦାସଙ୍କ ଗଳ୍ପର ବୈଶିଷ୍ଟ୍ୟ ହେଉଛି ପ୍ରାଚୀନ କାହାଣୀକୁ ନୂତନ ଭାବରେ ଉପସ୍ଥାପନା କରିବା । ଗୋଟିଏ କଇଁଚର ଆକାଶ ଅଭିଯାନ କଥା ହେଉଛି ଏହି ଗଳ୍ପର ମୁଖ୍ୟ ବିଷୟ । କମ୍ବୁଗ୍ରୀବ ନାମକ କଇଁଛ ସର୍ବଦା ଉଚ୍ଚାଭିଳାଷୀ । ନିଜେ ଏକ ସ୍ୱଚ୍ଛ ସରୋବର ଏବଂ ସବୁଜିମା ଉପତ୍ୟକାରେ ବାସକରୁଥିଲେ ବି ସିଏ ଖୁସି ନଥିଲା । ତା'ର ମନ ନୂତନ ସ୍ଥାନ ପରିଦର୍ଶନ କରିବା, ପାହାଡ଼, ପର୍ବତ ଡେଇଁ ଦୂରଦୂରାନ୍ତରେ ଥିବା ସରୋବରର ସ୍ୱଚ୍ଛତା ଓ ସବୁଜ ଉପତ୍ୟକାରେ ମନ ଥାଏ । ତେଣୁ ସେ ନିଜ ସରୋବରରେ ବେଶି ସମୟ ଅତିବାହିତ ନକରି କୂଳରେ ମୃଦୁ ସମୀରଣରେ ବିଚରଣ କରୁଥାଏ ଏବଂ ନିଜେ ବିହଙ୍ଗଟିଏ ନହୋଇ କଚ୍ଛପଟିଏ ହୋଇଥିବାରୁ ଧିକ୍କାର କରିଛି ।

ବର୍ଷାଋତୁ ସମାଗତ ହେଲେ ସଙ୍କଟ ଓ ବିକଟ ନାମକ ଦୁଇଟି ହଂସ କମ୍ବୁଗ୍ରୀବ ରହୁଥିବା ସରୋବରରେ ଉପନୀତ ହେଉଥିଲେ । ସେମାନେ ପର୍ବତଶ୍ରେଣୀ ସେପାରିକୁ ଯିବାକୁ ହେଲାବେଳେ ସେହି ସରୋବରରେ ସପ୍ତାହେ ବିଶ୍ରାମ କରୁଥିଲେ । କମ୍ବୁଗ୍ରୀବ ସେମାନଙ୍କ ଆଗମନକୁ ବଡ଼ ଆଗ୍ରହ ସହକାରେ ଅପେକ୍ଷା କରେ । କଚ୍ଛପର ଏହି ପ୍ରକୃତିର ସୌନ୍ଦର୍ଯ୍ୟ ଉପଭୋଗ କରିବାର ମନୋବୃତ୍ତି ସହ ହଂସଯୁଗଳଦ୍ୱୟ ବେଶ୍ ପରିଚିତ ଥିଲେ । ତେଣୁ ଦୂରଦୂରାନ୍ତର ଅନେକ କାହାଣୀ ମନୋରଞ୍ଜନ ପାଇଁ ପ୍ରାୟ ଘଣ୍ଟାଏ ଦୁଇଘଣ୍ଟା ସମୟ ଦେଇଥାଆନ୍ତି । ଧୀରେ ଧୀରେ ସେମାନଙ୍କର ବନ୍ଧୁତା ଘନିଷ୍ଠ ହେବାରୁ କମ୍ବୁଗ୍ରୀବ ସେମାନଙ୍କ ସହିତ ପର୍ବତଶ୍ରେଣୀ ସେପାରିସ୍ଥ ସରୋବରକୁ ଯିବାକୁ ଇଚ୍ଛା ପ୍ରକଟ କଲା । ଏହି

ପ୍ରସ୍ତାବରେ ମନରେ ଟିକେ ସନ୍ଦେହ ହେବାରୁ ହଂସଦ୍ୱୟ ପ୍ରଥମେ ଅର୍ଦ୍ଧକ୍ରୋଶ ପଥଯାଏ ଏକ ପରୀକ୍ଷାମୂଳକ ପଦକ୍ଷେପ ନେବାପାଇଁ ନିଧାର୍ଯ୍ୟ କରିଛନ୍ତି ।

ପରିଶେଷରେ ବିକଟ ଓ ସଙ୍କଟ ଏକ କାଠିର ଦୁଇ ପ୍ରାନ୍ତକୁ କାମୁଡ଼ି ଧରିଲେ ଏବଂ କାଠିର ମଧ୍ୟଭାଗକୁ କାମୁଡ଼ି ଧରିଲା କମ୍ବୁଗ୍ରୀବ । ତା'ପରେ ସେମାନେ ଶୂନ୍ୟକୁ ଉଠିଲେ । ଏହିପରି ଭାବେ ଅର୍ଦ୍ଧକ୍ରୋଶ ଅତିକ୍ରମ କରି ଏକ ଛୋଟପାହାଡ଼ ଉପରେ ଅବତରଣ କରିଛନ୍ତି । ସେମାନଙ୍କର 'ପରୀକ୍ଷା ସଫଳ' ହେଲା ବୋଲି କହି ମୃଦୁହାସ୍ୟ ଫୁଟାଇଛନ୍ତି ।

ଗାଳ୍ପିକର ରଚନାଶୈଳୀ ବେଶ୍ ମନମୁଗ୍ଧକର ଓ ରୁଚିକର ହୋଇଛି ।

**୩। ମହାକାଶଚାରୀ କଚ୍ଛପ ବିଷୟରେ ପକ୍ଷୀମାନେ ଦେଇଥିବା ମନ୍ତବ୍ୟର ବିଶ୍ଳେଷଣ କର ।**

**ଉ.** ପ୍ରାଚୀନ କାହାଣୀରୁ ଉପାଦାନ ସଂଗ୍ରହ କରି ତହିଁରେ ଅନ୍ତର୍ନିହିତ ଥିବା ଜୀବନର ସତ୍ୟକୁ ଉଦ୍‌ଘାଟନ କରିବା ହେଉଛି ମନୋଜ ଦାସଙ୍କ ଅନ୍ୟତମ ବିଶେଷତ୍ୱ । ସହଜ ସରଳ ଭାଷା ସହ ଲଘୁ ହାସ୍ୟରସର ଛଟା ତାଙ୍କ ଗଳ୍ପଗୁଡ଼ିକୁ ଅତ୍ୟନ୍ତ ସଫଳ କରିପାରିଛି । ଓଡ଼ିଆ ଗଳ୍ପରେ ନୂତନ ଚିନ୍ତାଧାରା ଓ ନବୀନ ରୁଚିର ଆସ୍ୱାଦ ପରିବେଷଣରେ ତାଙ୍କର ଶିଳ୍ପ-ଗୌରବ ସର୍ବାଧିକ ବୋଲି ମନେହୁଏ ।

'ଆକାଶ କଇଁଛ' ଗଳ୍ପଟି ମନୋଜ ଦାସଙ୍କ 'ଧୂମ୍ରାଭ ଦିଗନ୍ତ ଓ ଅନ୍ୟାନ୍ୟ କାହାଣୀ' ଗଳ୍ପଗ୍ରନ୍ଥରୁ ଆସିଅଛି । ପ୍ରାଚୀନ କାହାଣୀକୁ ନୂତନ ଭାବରେ ଉପସ୍ଥାପନା କରିବା ହେଉଛି ମନୋଜ ଦାସଙ୍କ ଗଳ୍ପ ରଚନାର ବୈଶିଷ୍ଟ୍ୟ । ଗୋଟିଏ କଇଁଛର ଆକାଶ ଅଭିଯାନ କଥା ହେଉଛି ଏହି ଗଳ୍ପର ମୁଖ୍ୟ । ଉଚ୍ଚାଭିଳାଷୀ କଚ୍ଛପ କମ୍ବୁଗ୍ରୀବ ସର୍ବଦା ନିଜସ୍ୱଚ୍ଛସରୋବର, ସବୁଜ ଉପତ୍ୟକାରେ ସନ୍ତୁଷ୍ଟ ହୋଇପାରୁନଥିଲା । ତେଣୁ ଦୂରଦୂରାନ୍ତ ପର୍ବତଶ୍ରେଣୀ ସେପାରିରେ ଥିବା ସରୋବରର ଦୃଶ୍ୟ କେତେ ଆଶ୍ଚର୍ଯ୍ୟମୟ ଓ ସୁନ୍ଦରତାରେ ଭରପୂର ହୋଇଥିବ ସେକଥା ମନେ ମନେ ଭାବି ଅନେକ ସ୍ୱପ୍ନ ଦେଖିଥାଏ । ପ୍ରତିବର୍ଷ ବର୍ଷାଋତୁ ଆଗମନରେ ସଙ୍କଟ ଓ ବିକଟ ନାମକ ଦୁଇଟି ହଂସ କମ୍ବୁଗ୍ରୀବ ରହୁଥିବା ସରୋବରକୁ ଆସନ୍ତି । କମ୍ବୁଗ୍ରୀବର ମନକଥା ଜାଣିପାରି ପ୍ରକୃତିର ସୌନ୍ଦର୍ଯ୍ୟ କଥା ଘଣ୍ଟା ଘଣ୍ଟା ଧରି କହନ୍ତି । ବନ୍ଧୁତା ଉଭୟଙ୍କ ମଧ୍ୟରେ ନିବିଡ଼ତା ହେବାରୁ କମ୍ବୁଗ୍ରୀବ ସେମାନଙ୍କ ସହ ଦୂର ପର୍ବତକୁ ଉଡ଼ିବାକୁ ଚାହିଁଛନ୍ତି । ସଙ୍କଟ ଓ ବିକଟ ବନ୍ଧୁର ଏପରି ନିବେଦନ ଶୁଣି ଶେଷରେ ଗୋଟିଏ ପରୀକ୍ଷାମୂଳକ ପଦକ୍ଷେପରେ ସଫଳ ହୋଇଛନ୍ତି । ଖଣ୍ଡିଏ କାଠିର ମଧ୍ୟଭାଗକୁ କାମୁଡ଼ିଧରି, କାଠିର ଦୁଇପ୍ରାନ୍ତକୁ କାମୁଡ଼ି ଧରିଥିବା ହଂସ ଦୁଇଟିଙ୍କ ସହାୟତାରେ କଇଁଛଟି ଆକାଶରେ ଉଡ଼ିଚାଲିଛି ।

ହଂସଦ୍ୱୟଙ୍କ ସହାୟତାରେ କଇଁଚଟି ଆକାଶରେ ଉଡ଼ିଚାଲିବା ବେଳେ ପବନ ଥିଲା ଅନୁକୂଳ, ଆକାଶ ମେଘମୁକ୍ତ । ତେବେ ସୂର୍ଯ୍ୟାସ୍ତ ସମୟ ହେବା ହେତୁ ଆକାଶବ୍ୟାପୀ ପକ୍ଷୀମାନେ ବି ଧରି ହୋଇ ରହିଥିଲେ । ଘରଚଟିଆ ବଗ, ଭଳି ସାଧାରଣ ପକ୍ଷୀମାନେ ସେ ଅକଳ୍ପନୀୟ ଦୃଶ୍ୟରେ ବିମୂଢ଼ ପାଲଟିଯିବା ସ୍ଥଳେ ପାରା ଓ ଚିଲ ଜାତୀୟ ସମ୍ଭ୍ରାନ୍ତ ପକ୍ଷୀମାନେ ଉଦ୍‌ବେଗ ପ୍ରକାଶ କରିବାର ଶୁଣାଯାଉଥିଲା । ଗୋଟିଏ କାଉ ନିରାଶାବାଦୀ ଢଙ୍ଗରେ କହିଛି 'ଆକାଶର ଭବିଷ୍ୟତ ଅନ୍ଧାର' ବୋଲି ଆଗରୁ କେତେଥର ଭବିଷ୍ୟତ ବାଣୀ କରିଆସିଛି; ହେଲେ ଆଜି କଚ୍ଛପଦ୍ୱାରା ସେହି ଭବିଷ୍ୟତ ବାଣୀ ସତରେ ପରିଣତ ହେବାକୁ ଯାଉଛି ।

ଗାଳ୍ପିକ ଉକ୍ତ ଗଳ୍ପରେ ଘଟଣାକୁ ସରସ ଓ ବ୍ୟଙ୍ଗାତ୍ମକ କରି ଗଢ଼ିତୋଳିଛନ୍ତି ଯାହାକି ପାଠକର ଅତି ଆଦରଣୀୟ ଓ ମନୋରଞ୍ଜନ ହୋଇପାରିଛି ।

**ପ୍ର.୪. ଆକାଶ ମାର୍ଗୀୟ ଅଭିନବ ଘଟଣା ଦେଖି ମଣିଷଙ୍କ ଭିତରୁ କିଏ କିପରି ପ୍ରତିକ୍ରିୟା ପ୍ରକାଶ କରିଥିଲେ ବର୍ଣ୍ଣନା କର ।**

**ଉ.** ସ୍ୱାଧୀନତା ପରଠାରୁ ଓଡ଼ିଆ କ୍ଷୁଦ୍ରଗଳ୍ପର ରୂପ ଏବଂ ରଙ୍ଗ ବଦଳି ଯାଇଛି । ଆନ୍ତର୍ଜାତିକ ଭାବଧାରାର ବହୁ ସାମଞ୍ଜସ୍ୟ ଏହି ଗଳ୍ପଗୁଡ଼ିକରେ ଦେଖିବାକୁ ମିଳେ । ଜାତୀୟ ସ୍ତରର ବିବିଧ ସମସ୍ୟା ଏହି ପର୍ଯ୍ୟାୟରେ ଦେଖାଯାଏ । ଓଡ଼ିଆ କ୍ଷୁଦ୍ରଗଳ୍ପର ପ୍ରକୃତି ଓ ପ୍ରବୃତ୍ତି ନେଇ ନାନା ପ୍ରକାର ପରୀକ୍ଷା ନିରୀକ୍ଷା ଏଇ ସମୟ ମଧ୍ୟରେ ଘଟିଛି । ଓଡ଼ିଆ କ୍ଷୁଦ୍ରଗଳ୍ପ

ଆଦର୍ଶ ଏବଂ ଆଙ୍ଗିକ ପାଇଁ ପାଶ୍ଚାତ୍ୟ ଚେତନା ଉପରେ ନିର୍ଭର କରିଛି । ଏହି ପର୍ଯ୍ୟାୟର ଶେଷ ଗାଳ୍ପିକ ହେଉଛନ୍ତି ମନୋଜ ଦାସ। ବ୍ୟଙ୍ଗ ଗଳ୍ପର କିଛିଟା ଧ୍ୱମେଇ ଆସୁଥିବାବେଳେ ମନୋଜ ଦାସ ବ୍ୟଙ୍ଗ ଗଳ୍ପର ମାଧ୍ୟମରେ ବ୍ୟଙ୍ଗର ଶୈଳୀରେ ସମାଜକୁ ଏକ ନୂତନ ଦିଗ ପ୍ରତି ଦିଗ୍‌ଦର୍ଶନ କରାଇଛନ୍ତି ।

'ଆକାଶ କଇଁଛ' ଗଳ୍ପଟି ମନୋଜ ଦାସଙ୍କ ଏକ ବ୍ୟଙ୍ଗାତ୍ମକ ଗଳ୍ପ। ଗାଳ୍ପିକ ମଣିଷର ଦମ୍ଭ ଓ ଅହଂକାରକୁ ସ୍ନେହାଶୀଳ ବ୍ୟଙ୍ଗ ମାଧ୍ୟମରେ ସଜାଡ଼ି ନେବାରେ ପ୍ରଯତ୍ନ କରିଛନ୍ତି ଏବଂ ମଣିଷର ଅସହାୟତାକୁ ଆତ୍ମୀୟ ସ୍ୱରରେ ବେଶ ସମ୍ବେଦନଶୀଳ କରି ପ୍ରକାଶ କରିଛନ୍ତି । ଉକ୍ତ ଗଳ୍ପରେ ଉଚ୍ଚାଭିଳାଷୀ କଇଁଛ କମ୍ବୁଗ୍ରୀବ ନିଜ ବାସସ୍ଥାନ ସରୋବରରେ ସନ୍ତୁଷ୍ଟ ରହୁ ନଥିବାରୁ ଦୂରରେ ପର୍ବତ ସେପାରି ସରୋବରର ସ୍ୱଚ୍ଛତା ଓ ସବୁଜ ଉପତ୍ୟକାର ମଜା ନେବାକୁ ମନ କରିଥାଏ । ତେଣୁ ତା'ର ମନକଥା ନିଜର ବନ୍ଧୁ ହଂସଦ୍ୱୟ ସଙ୍କଟ ଓ ବିକଳାଙ୍ଗ ଆଗରେ ପ୍ରକାଶ କରନ୍ତେ ପରୀକ୍ଷଣ ମୂଳକ ଭାବେ ଗୋଟିଏ ବ୍ୟବସ୍ଥା କରି ସେଥିରେ ସଫଳତା ପାଇଲେ ।

ବନ୍ଧୁ କମ୍ବୁଗ୍ରୀବକୁ ଦୂରକୁ ନେବାପାଇଁ ଗୋଟିଏ କାଠିର ସାହାଯ୍ୟରେ ଦୁଇ ପ୍ରାନ୍ତକୁ ହଂସଦ୍ୱୟ କାମୁଡ଼ି ଧରିଲେ ଏବଂ ମଧ୍ୟଭାଗକୁ କଚ୍ଛପ କମ୍ବୁଗ୍ରୀବ କାମୁଡ଼ି- ଧରିଲା । ଆକାଶମାର୍ଗକୁ ତିନିହେଁ ଉଠିଲେ । ଅତ୍ୟନ୍ତ ଖୁସି ଓ ଉନ୍ମାଦନାରେ କମ୍ବୁଗ୍ରୀବ ଯେ ଇତିହାସର ପ୍ରଥମ କଇଁଛ, ଯିଏକି ଆକାଶମାର୍ଗରେ ପ୍ରଥମେ ଉଡ଼ିଛି ତାହ ମନେ ମନେ ଚିନ୍ତା କରି ଖୁସି ଅନୁଭବ କରିଛି । କଇଁଛଟି ଆକାଶରେ ଏପରି ହଂସଦ୍ୱୟଙ୍କ ସହାୟତା ଉଡୁଥିବା ଦୃଶ୍ୟ ପ୍ରଥମେ କେତେକ ପିଲା ତଳେ ଖେଳୁଥିବା ବେଳେ ଦେଖିଲେ । ସେମାନେ ଏଭଳି ଦୃଶ୍ୟ ଦେଖି ପିଲାମାନେ ହାତତାଳି ମାରି କଚ୍ଛପବାହୀ ହଂସମାନଙ୍କ ସହ ତା' ରଖି ଦୌଡ଼ିଲେ । କମ୍ବୁଗ୍ରୀବର ଅସୁବିଧା ସତ୍ତ୍ୱେ ଆଖିପିତୁଳା ତଳକୁ ବୁଲାଇ ପିଲାମାନଙ୍କର କୋଳାହଳ ଦେଖିଲା । ନଈ ତୀର ଯାଏ ଆସି ସେହି ପିଲାମାନେ ଅଟକିଯିବାକୁ ବାଧ ହେଲେ ଫଳରେ କମ୍ବୁଗ୍ରୀବର ସେମାନଙ୍କୁ ଦେଖି ହାତ ତାଳି ମାରିବାକୁ ଇଚ୍ଛା ହେଉଥାଏ; ମାତ୍ର ନିଜର ହାତ ଓ ଗୋଡ଼ ଅତ୍ୟନ୍ତ କ୍ଷୁଦ୍ରାକୃତି ହୋଇଥିବାରୁ ତାହା କରିବା ସମ୍ଭବ ହୋଇନାହିଁ । ସେହିପରି ତଳେ ନଦୀବକ୍ଷରେ ଜଣେ ବୃଦ୍ଧ ନିଜର ତରଣୀ ଭାର୍ଯ୍ୟାକୁ ନେଇ ନୌକାରେ ଫେରୁଥିବାବେଳେ ଏହି ଆଶ୍ଚର୍ଯ୍ୟ ଘଟଣା ଦେଖି ଯେତେବେଳେ ନୌକାଯାତ୍ରା ପାଟିଗୋଳ କରିଛନ୍ତି ତରୁଣୀ ଭାର୍ଯ୍ୟାଟି ଓଢ଼ଣା ଟେକି ସ୍ୱାମୀକୁ ଏଇଟି ଆଣି ଦେବାକୁ କହିଛି । ଏହି ସମୟରେ ବୃଦ୍ଧଜଣକ ନିଜର ଭାରସାମ୍ୟ ହରାଇ ଦେଇଛି । କଇଁଛ ଉଡ୍ଡୀୟମାନ, ଏକଥା ଭାବି କମ୍ବୁଗ୍ରୀବ ଅତ୍ୟନ୍ତ ଖୁସି ହୋଇଛି ।

ବାସ୍ତବିକ ଗାଳ୍ପିକଙ୍କ ପରିକଳ୍ପନା ଗଳ୍ପକୁ ହାସ୍ୟରସ ଯୋଗାଇଛି ।

**ପ୍ର.୫. ରାଜା କାହିଁକି "ବିଚିତ୍ର" ! ଶବ୍ଦ ଉଚ୍ଚାରଣ କରିଥିଲେ ଉଲ୍ଲେଖ କର ।**

**ଉ.** ଓଡ଼ିଆ ସାହିତ୍ୟର ଜଣେ ଅଗ୍ରଗଣ୍ୟ କଥାକାର ଭାବେ ମନୋଜ ଦାସଙ୍କ ଖ୍ୟାତି ସୁଦୂରପ୍ରସାରୀ । ଗାଳ୍ପିକଙ୍କ ଗଳ୍ପଗୁଡ଼ିକ କାହାଣୀଧର୍ମୀ । ଗାଳ୍ପିକ ଆମ ରାଜନୀତିକ, ସାମାଜିକ, ସାଂସ୍କୃତିକ ଓ ମାନବୀୟ ଗତି ପ୍ରବାହରେ ଥିବା ବିଡ଼ମ୍ବନାକୁ ଚିହ୍ନି ଚିହ୍ନାଇବାରେ ତାଙ୍କର ଏକ ଅସାଧାରଣ ବୈଶିଷ୍ଟ୍ୟ ରହିଛି । ମଣିଷର ଦମ୍ଭ ଓ ଅହଂକାରକୁ ସ୍ନେହାଶୀଳ ବ୍ୟଙ୍ଗ ମାଧ୍ୟମରେ ସେ ସଜାଡିନେବାର ପ୍ରଯତ୍ନ କରିଛନ୍ତି ଏବଂ ତା'ର ଅସହାୟତାକୁ ଆତ୍ମୀୟତାର ଉପାଦାନ ସଂଗ୍ରହ କରି ତହିଁରେ ଅନ୍ତର୍ନିହିତ ଥିବା ଜୀବନର ସତ୍ୟକୁ ଉଦ୍‌ଘାଟନ କରିବା ହେଉଛି ମନୋଜଙ୍କ ଅନ୍ୟତମ ବିଶେଷତ୍ୱ । ସହଜ ସରଳ ଭାଷା ସହ ଲଘୁ ହାସ୍ୟରସର ଛଟା ତାଙ୍କ ଗଳ୍ପଗୁଡ଼ିକୁ ଅତ୍ୟନ୍ତ ସଫଳ କରିପାରିଛି ।

ବିକଟ ଓ ସଙ୍କଟ ହଂସଦ୍ୱୟ ବନ୍ଧୁ କମ୍ବୁଗ୍ରୀବର ପର୍ବତଶ୍ରେଣୀ ସେ ପାରିସ୍ଥିତ ସରୋବରକୁ ଯିବାର ଇଚ୍ଛାକୁ ପୂର୍ଣ୍ଣ କରିବାପାଇଁ ପ୍ରୟାସ କରି ଏକ କାଠି ମାଧ୍ୟମରେ ତାକୁ ଦୁହେଁ ଦୁଇ ପ୍ରାନ୍ତକୁ କାମୁଡ଼ି ଧରି ମଝିଭାଗକୁ କଇଁଛକୁ କାମୁଡ଼ି ଧରିବା ପାଇଁ କହି କାର୍ଯ୍ୟଟିକୁ ସଫଳ କରିପାରିଥିଲେ । ଫଳରେ ବନ୍ଧୁ କମ୍ବୁଗ୍ରୀବର ଅନେକ ଦିନର ଆଶା ପୂର୍ଣ୍ଣ ହେଲା । ଆକାଶମାର୍ଗରେ ପ୍ରଥମ କଚ୍ଛପ -ମହାକାଶଚାରୀ ଭାବେ କମ୍ବୁଗ୍ରୀବର ନାମ ଅମର ହୋଇ ରହିବ ଏହି ସୁନେଲୀ ସ୍ୱପ୍ନଟି ଦେଖି ଅତି ଆନନ୍ଦ ମନରେ କମ୍ବୁଗ୍ରୀବ ଉଡ଼ି ଚାଲିଲା । କିଛି ଗାଈଆଳ ଟୋକା ପ୍ରଥମେ ଆକାଶମାର୍ଗୀୟ ଏ ଘଟଣା ଦେଖି

ଆଶ୍ଚର୍ଯ୍ୟ ହେଲେ, ପରେ ଏକ ବୃଦ୍ଧ ଓ ତାର ତରୁଣୀ ଭାର୍ଯ୍ୟା ମଧ୍ୟ ଏ ଦୃଶ୍ୟ ଦେଖିଲେ । ଇତି ମଧ୍ୟରେ ରାଜନଅରର ଶିଖର ଦେଇ ସେମାନେ ଅତିକ୍ରମ କରୁଥିବା ବେଳେ ଲୋକେ ଦୌଡ଼ିଯାଇ ରାଜାଙ୍କୁ ଏ ଅପୂର୍ବ ଦୃଶ୍ୟ କଥା ଜଣାଇଲେ । ରାଜା ତାଙ୍କର ସମଗ୍ର ଦରବାର ସହ ଛାତ ଉପରକୁ ଆସିଲେ, ତାଙ୍କ ସହ ବିଦେଶୀ ରାଜଦୂତ ଥିଲେ । ରାଜା ଏ ଦୃଶ୍ୟ "ବିଚିତ୍ର" କହିଲେ । କିନ୍ତୁ କଚ୍ଛପର ଆକାଶରେ ଉଡ଼ିବା ଘଟଣା କିଛି ବିଚିତ୍ର ନୁହେଁ ବୋଲି ବିଦେଶୀ ରାଜଦୂତ କହିଛନ୍ତି କାରଣ ତାଙ୍କ ରାଜ୍ୟରେ ଗୋଟିଏ ଗୋଟିଏ ଘୁଷୁରି ଉଡ଼ିଯିବାର ଦେଖାଯାଏ । ରାଜା ଏସବୁ ଶୁଣି ଆଶ୍ଚର୍ଯ୍ୟ ହୋଇ ପଚାରିଛନ୍ତି ଘୁଷୁରିମାନଙ୍କୁ କିଏ ଉଡ଼ାଇନିଏ ? ତାହା ଶୁଣି ବିଦେଶୀ ରାଜଦୂତ କହିଲେ, ତାଙ୍କ ରାଜ୍ୟରେ ମଇଁଷି ଭଳି ବୃହଦ୍‌କାର ବିହଙ୍ଗମାନ ଅଛନ୍ତି, ଘୁଷୁରି ଉଡ଼ାଇନେବା ସେହିମାନଙ୍କର ସଉକ୍ । ଏସବୁ କଥା ଶୁଣି କମ୍ବୁଗ୍ରୀବ ଭାବାବେଗ ସମ୍ଭାଳି ନ ପାରି କିଛି କହିବାକୁ ଉଦ୍ୟମ କରିଛି ।

ଗାଳ୍ପିକଙ୍କର ବର୍ଣ୍ଣନାଶୈଳୀ ଅତ୍ୟନ୍ତ ହୃଦୟସ୍ପର୍ଶୀ ।

**ପ୍ର.୬. କଚ୍ଛପ ମାଂସ ଭକ୍ଷଣ କରିବାକୁ କିଏ କିପରି ଆଗ୍ରହ ପ୍ରକାଶ କରିଥିଲେ, ଦର୍ଶାଅ ।**

**ଉ.** ଓଡ଼ିଆ ଗଳ୍ପରେ ନୂତନ ଚିନ୍ତାଧାରା ଓ ନବୀନ ରୁଚିର ଆସ୍ୱାଦ ପରିବେଷଣରେ ଗାଳ୍ପିକ ମନୋଜ ଦାସ ଶିଳ୍ପ- ଗୌରବର ସର୍ବାଧିକ ବୋଲି ମନେହୁଏ । ସ୍ୱାଧୀନତା ପରବର୍ତ୍ତୀ ସମୟର ଜଣେ ଶକ୍ତିଶାଳୀ ଗଳ୍ପ- ଲେଖକରୂପେ କେବଳ ଓଡ଼ିଶାରେ ନୁହେଁ, ସର୍ବଭାରତୀୟ ସ୍ତରରେ ସୁଦ୍ଧା ତାଙ୍କର ଯଶସ୍ୱୀତାର ପ୍ରମାଣ ମିଳିଅଛି । ଓଡ଼ିଆ ସାହିତ୍ୟର ଜଣେ ଅଗ୍ରଗଣ୍ୟ କଥାକାର ଭାବେ ଗାଳ୍ପିକଙ୍କ ଖ୍ୟାତି ସୁଦୂରପ୍ରସାରୀ।

"ଆକାଶ କଇଁଛ" ଗଳ୍ପ ମାଧ୍ୟମରେ ଗାଳ୍ପିକ ମଣିଷର ଦମ୍ଭ ଓ ଅହଂକାରକୁ ବ୍ୟଙ୍ଗ ମାଧ୍ୟମରେ ସଜାଡ଼ିନେବା ପାଇଁ ଏକ ପ୍ରୟାସ ଜାରି ରଖିଛନ୍ତି । ଏହି ଗଳ୍ପରେ ମୁଖ୍ୟ 'କମ୍ବୁଗ୍ରୀବ' ନାମକ କଇଁଛର ଆକାଶ ଅଭିଯାନ କଥା ବିଶେଷ ଭାବରେ ବର୍ଣ୍ଣନା କରାଯାଇଛି । ଉଚ୍ଚାଭିଳାଷୀ କମ୍ବୁଗ୍ରୀବ କଚ୍ଛପକୁ ବିକଟ ଓ ସଙ୍କଟ ନାମରେ ହଂସଦ୍ୱୟ ବନ୍ଧୁ କମ୍ବୁଗ୍ରୀବର ସ୍ୱପ୍ନକୁ ସାକାର କରିବା ପାଇଁ ଉପାୟ ପାଞ୍ଚୁଛନ୍ତି । ଦୂର ପର୍ବତଶ୍ରେଣୀ ସେପାରିସ୍ଥ ସରୋବରକୁ ନେବାପାଇଁ ହଂସଦ୍ୱୟ ଏକ କାଠି ମାଧ୍ୟମରେ ଦୁଇପଟ କାମୁଡ଼ି ଧରି , କମ୍ବୁଗ୍ରୀବକୁ ମଝିଅଂଶ କାମୁଡ଼ିବାକୁ କହିଛନ୍ତି। ଫଳରେ ସେମାନଙ୍କର ପରୀକ୍ଷା ସଫଳ ହୋଇଛି । କମ୍ବୁଗ୍ରୀବର ବହୁ ଦିନର ଆଶା ସଫଳ ହେବାକୁ ଯାଉଥିବାରୁ ମନ ଅତ୍ୟନ୍ତ ଆହ୍ଲାଦିତ ହୋଇଯାଇଛି । ଆକାଶମାର୍ଗରେ ସେ ଉଡୁଥିବାରୁ ତଳେ ସମସ୍ତ ଲୋକଙ୍କୁ ଦେଖି ବ୍ୟଙ୍ଗ କରୁଛି ପୁଣି କିଛି ନା କିଛି କହିଦେବାକୁ ଚାହୁଁଛି ମାତ୍ର ତଳେ ପଡ଼ିଯିବାର ଭୟ ଥିବାରୁ ପ୍ରକୃତିସ୍ଥ ହୋଇଯାଉଛି। ରାଜନବର ଉପରେ ଅତିକ୍ରମ କଲାବେଳେ ରାଜା ଓ ବିଦେଶୀ ରାଜଦୂତଙ୍କ ଆଲୋଚନା ଶୁଣି ନିଜ ଅକ୍ତିଆରରେ ନ ରହି "ବୁଦ୍ଧୁ" ବୋଲି ପାଟିଖୋଲି କହିଦେଇଛି। ଫଳରେ ରାଜନଅର ଉପରେ କମ୍ବୁଗ୍ରୀବ ଖସିପଡ଼ିଛି ।

କଚ୍ଛପକୁ ଦେଖି ଦରବାର ପ୍ରଧାନ ବିଶେଷଜ୍ଞ କହିଛନ୍ତି - "ଏଇଟି ଦୁର୍ଲଭ ଧରଣର ସୁସ୍ୱାଦୁ କଚ୍ଛପ । କଚ୍ଛପ ମାଂସ ରାଜକୀୟ ଖାଦ୍ୟ ତାଲିକାରେ ବହିର୍ଭୂତ ହୋଇ ନ ଥିଲେ ଏହା ରାଜଭୋଗର ମର୍ଯ୍ୟାଦା ପାଇବାକୁ ହକ୍‌ଦାର ଥିଲା ।" ସେହିପରି ଦରବାରର କବିରାଜ ଜ୍ୟୋତିଷ କହିଛନ୍ତି "ସହସ୍ର ବର୍ଷରେ ଥରେ ଯାଇ ଶୂନ୍ୟରୁ କଚ୍ଛପ ବୃଷ୍ଟି ହୁଏ। ଆଉ ସେ କଚ୍ଛପମାଂସ ସହସ୍ର ଧରଣର ରୋଗବ୍ୟାଧି ଓ ଦୋଷ-ଦୁର୍ବଳତାର ପ୍ରତିଷେଧକ ହୋଇଥାଏ । " ଏସବୁ ମନ୍ତବ୍ୟ ଶୁଣି ରାଜା କଚ୍ଛପ ଆଡ଼େ ଦୃଷ୍ଟିପାତ କରି କହିଛନ୍ତି - " ଏହା ଯେ ସ୍ଥଳେ ବହୁ ରୋଗ ଓ ଦୋଷ-ଦୁର୍ବଳତାର ମହୌଷଧି " ଏହାକୁ ରନ୍ଧନ କରି ପୀଡ଼ିତମାନଙ୍କୁ ଦେବାର ବ୍ୟବସ୍ଥା କରିବା ।" ସେହିପରି ସେନାପତି କହିଲେ- "ଯଦିଓ ଛାମୁଙ୍କ ଭଳି ମୁଁ ବି ଛାର କଚ୍ଛପମାଂସ ଖାଇବାକୁ ପସନ୍ଦ କରେ ନାହିଁ, ଏଇଟିରୁ ବରଂ ଫାଳେ ଖାଇବି । ଅଧିକ ଦକ୍ଷତା ସହ ରାଜସେବା କରିବା ନିମନ୍ତେ ମୁଁ ଗଣ୍ଠିବାତରୁ ସହଳ ମୁକ୍ତି ପାଇବା ଆବଶ୍ୟକ। ବିଦେଶୀ ରାଜଦୂତ ଘୋଷଣା କଲେ- "ଆମ ଦୁଇ ମହାନ୍ ଦେଶ ମଧ୍ୟରେ ମୈତ୍ରୀ ଗାଢ଼ତର କରିବାର ଆବଶ୍ୟକତା ଦୃଷ୍ଟିରୁ ମୁଁ ମଧ୍ୟ କିଞ୍ଚିତ କଚ୍ଛପମାଂସ ଭକ୍ଷଣ ପାଇଁ ପ୍ରସ୍ତୁତ।" ଏହିପରିଭାବେ କଚ୍ଛପ ମାଂସ ଭକ୍ଷଣ କରିବାକୁ ସମସ୍ତେ ଆଗ୍ରହ ପ୍ରକାଶ କରିଥିଲେ ।

ଗାଳ୍ପିକଙ୍କର ରଚନା ବେଶ୍ ବ୍ୟଙ୍ଗାତ୍ମକ ଶୈଳୀରେ ବର୍ଣ୍ଣିତ ହୋଇଛି ।

**ପ୍ର.୭. "ବୁଦ୍ଧୁ ସ୍ୱୟଂ ମାନି ନ ଗଲେ ଆମ୍ଭକୁ ବାତିଲ ରୀତି ଦ୍ୱାରା ତାକୁ ଆବିଷ୍କାର କରିବାକୁ ହେବ" - ଉକ୍ତିଟିର ତାତ୍ପର୍ଯ୍ୟ ବୁଝାଅ ।**

**ଉ.** ୧୯୩୪ରେ ଜନ୍ମଗ୍ରହଣ କରିଥିବା କଥାଶିଳ୍ପୀ ମନୋଜ ଦାସଙ୍କ ଦୃଷ୍ଟି ଓ ଦିଗନ୍ତ ବେଶ୍ ବ୍ୟାପକ । ସେ ଗାଳ୍ପିକ, ରମ୍ୟ-ରଚନାକାର ଏବଂ ସମ୍ପାଦକ । ବ୍ୟଙ୍ଗାତ୍ମକ ଶୈଳୀରେ ସେ ତାଙ୍କର କଥାସାହିତ୍ୟକୁ ପରିବେକ୍ଷଣ କରିଛନ୍ତି । ଓଡ଼ିଆ ସାହିତ୍ୟରେ ତାଙ୍କର କଥା ଏକକ ଏବଂ ମୌଳିକ ।

ଆଲୋଚ୍ୟ 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମାନବ ସମାଜକୁ ଦିଗ୍‌ଦର୍ଶନ ଦେଖାଇବା ପାଇଁ ଏକ ଛୋଟ ପ୍ରୟାସ କହିଲେ ଅତ୍ୟୁକ୍ତି ହେବ ନାହିଁ । କମ୍ବୁଗ୍ରୀବ ନାମରେ ଏକ କଇଁଛ ନିଜେ ବାସକରୁଥିବା ସରୋବର ଓ ଉପତ୍ୟକାରେ ସନ୍ତୁଷ୍ଟ ହୋଇନାହିଁ । ତେଣୁ ସ୍ୱାଧୀନ ଭାବରେ ଦୂରପାହାଡ଼ ଆରପଟେ ଥିବା ସରୋବରକୁ ଯିବା ପାଇଁ ମନ କରିଛି ହେଲେ ସେ ନିରୂପାୟ । ଶେଷରେ କଚ୍ଛପର ବନ୍ଧୁ ହଂସଦ୍ୱୟ ବିକଟ ଓ ସକଟ କଚ୍ଛପ ଦେଖିଥିବା ସ୍ୱପ୍ନକୁ ବାସ୍ତବରେ ପରିଣତ ପାଇଁ ପ୍ରୟାସ କରିଛନ୍ତି । ଶେଷରେ ତାଙ୍କ ଉଦ୍ୟମ ସଫଳ ହୋଇଛି । ନିଜ ବନ୍ଧୁଙ୍କୁ ଏକ କାଠି ସାହାଯ୍ୟରେ ଦୁଇ ମୁଣ୍ଡକୁ ଧରି କଚ୍ଛପକୁ ମଝିଭାଗକୁ କାମୁଡି ଧରିବାକୁ କହିଛନ୍ତି । ହେଲେ ସତର୍କ କରାଇଛନ୍ତି ଯେମିତି ବାଡ଼ିରୁ ମୁହଁ ନ ଖସାଇବା ପାଇଁ । ଏହି ସମୟରେ ଅନେକ କୌତୂହଳିଆ କଥାର ସାମନା ହେଲେ ମଧ୍ୟ କମ୍ବୁଗ୍ରୀବ ନିଜ ପାଟିକୁ ବନ୍ଦ ରଖିଛି । କିନ୍ତୁ ଯେତେବେଳେ ରାଜା ଏବଂ ବିଦେଶୀ ରାଜଦୂତଙ୍କ ଭିତରେ 'ଘୁଷୁରି' ଆକାଶରେ ଉଡ଼ିବା କିଛି ବିଚିତ୍ର କଥା ନୁହେଁ, ଏବଂ ତାଙ୍କ ରାଜାଙ୍କର ଲାଞ୍ଜ ନାହିଁ କେବଳ ମଇଁଷି ଆକାରର ବିହଙ୍ଗ ସେମାନଙ୍କୁ ଆକାଶମାର୍ଗକୁ ଟେକି ନେଇ ଯାଉଛନ୍ତି ବୋଲି କହିଛନ୍ତି ।

କଚ୍ଛପ ମାଂସକୁ ଭକ୍ଷଣ-କଲେ ସମସ୍ତ ପ୍ରକାର ରୋଗ ବ୍ୟାଧି ଦୂର ହେବ, ତେଣୁ ରାଜକର୍ମଚାରୀର ଭିତରୁ କବିରାଜ ଜ୍ୟୋତିଷ, ମହାପଣ୍ଡିତେ, ସେନାପତି, ବିଦେଶୀ ରାଜଦୂତ ଖାଇବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । କିନ୍ତୁ ରାଜା କହିଛନ୍ତି "ଯାହାର ସର୍ବାଧିକ ପ୍ରୟୋଜନ, କଚ୍ଛପ ତାକୁ ହିଁ ମିଳିବ" ରାଜା ବିସ୍ମୟ ପ୍ରକାଶ କରିଛନ୍ତି । 'ବୁଦ୍ଧୁ' ଏପରି ଏକ ଶବ୍ଦ ଯାହାକୁ ଆକାଶମାର୍ଗରେ ଥାଇ କମ୍ବୁଗ୍ରୀବ ପ୍ରୟୋଗ କରିଛି ଏବଂ କଥା କହିବା ପ୍ରସଙ୍ଗରେ ବାଡ଼ିରୁ ମୁହଁ ଛାଡ଼ି ହୋଇଛି । ଫଳରେ ଭୂପୃଷ୍ଠରେ ଯାଇଁ ପଡ଼ିଛି । କଚ୍ଛପ ଏହି 'ବୁଦ୍ଧୁ' ଶବ୍ଦଟି କାହାପାଇଁ ପ୍ରୟୋଗ କଲା ଏବଂ ଏ କଥାର ସତ୍ୟତା ନ ଜଣାଯିବା ଯାଏ ରାଜା ବିଭିନ୍ନ ବାତିଲ ରୀତି ପ୍ରୟୋଗକରି ସେଥିରେ 'ବୁଦ୍ଧୁ' କିଏ ନିଜେ ନିଜେ କହିବାକୁ ରାଜା ପ୍ରବର୍ତ୍ତାଇଛନ୍ତି; ହେଲେ 'ବୁଦ୍ଧୁ' କିଏ ଯଦି କେହି ମାନିବେ ନାହିଁ ତେବେ ରାଜାଙ୍କୁ ବାତିଲ ରୀତି ଦ୍ୱାରା ଅସଲ ବୁଦ୍ଧୁ କିଏ ଆବିଷ୍କାର କରିବା ପଡ଼ିବ । ଏହିପରି ଭାବରେ ରାଜା ଟିକେ ଅପେକ୍ଷା କରାଇ 'ବୁଦ୍ଧୁ' ଖୋଜିବାର ପ୍ରୟାସ ଜାରି ରଖିଲେ ।

ଗାଳ୍ପିକଙ୍କର ରଚନା କୌଶଳ ସମସ୍ତ ଶ୍ରେଣୀରେ ଏକ ନୂତନ ଦିଗନ୍ତ ପାଇଥାଏ ।

❑❑❑